PK 2575
.S8

Vol. 3

FT MEADE
ASIAN

THE LIBRARY OF CONGRESS

THE LIBRARY OF CONGRESS

# TRACTS

IN THE

# ORIYA LANGUAGE.

CONTROVERSIAL SERIES;

OR,

*A GUIDE FOR INQUIRERS.*

ସତ୍ୟ ଧର୍ମ୍ମାକାଂକ୍ଷିମାନଙ୍କର ଉପଦେଶକ ।

[Amos Sutton]

PROSE SERIES.–VOL. III.

CUTTACK:

PRINTED AT THE ORISSA MISSION PRESS.

1844.

PK2515
.S8
vol. 3
Orien
Ori

# ନିର୍ଘଣ୍ଟ ପତ୍ର ।


ପତ୍ରାଙ୍କ ।

ହିନ୍ଦୁଖ୍ରୀଷ୍ଟିୟାନମାନଙ୍କର ନିବେଦନ ପତ୍ର . . . . . ୧
ଖ୍ରୀଷ୍ଟିୟାନ ମତ ସଂକ୍ଷେପ . . . . . . . . . . ୧୧
ସତ୍ୟ ଆଶ୍ରୟ . . . . . . , . . . . . . ୩୨
ଈଶ୍ୱର ଆତ୍ମସ୍ୱରୂପ . . . . . . . . . . . ୫୬
ଧର୍ମ ବ୍ୟବସ୍ଥା . . . . . . . . . . . . . ୬୬
ଈଶ୍ୱରଙ୍କର ଦତ୍ତ ଶାସ୍ତ୍ର କି . . . . . . . . . ୭୧
ସତ୍ ସତ୍ ଜଗନ୍ନାଥର ବୃତ୍ତାନ୍ତ . . . . . . . . ୯୨
ଶ୍ରୀଶ୍ରୀ ଗୁଣ୍ଡିଚା ଯାତ୍ରାର ମହାଶ୍ଚାର୍ଯ୍ୟ ଫଳ . . . . . ୧୦୫
ଯୀଶୁ ଖ୍ରୀଷ୍ଟର ନିମନ୍ତ୍ରଣ ବଚନ . . . . . . . ୧୧୨
ପନ୍ଦର ଆପତ୍ତି . . . . . . . . . . . . ୧୧୯
ବ୍ରାହ୍ମଣତ୍ୱ ଯେ ସେ କି . . . . . . . . . . ୧୨୪
ଖ୍ରୀଷ୍ଟର ବିବରଣ ସାର . . . . . . . . . ୧୨୯
ଶାସ୍ତ୍ର ପରଶୋଧାକ୍ଷେପଣ . . . . . . . . ୧୪୬
ବିବାଦ ଭଞ୍ଜନ . . . . . . . . . . . ୧୬୬
ଅନ୍ଧାରର ସହିତ ଆଲୁଅର କି ମିଳଣ . . . . . . ୧୭୬
ପୀତାମ୍ବର ସିଂହର ଚରିତ୍ର . . . . . . . . ୧୮୫
ଘାଟ ଛାଡ଼ ହେଲା . . . . . . . . . . ୧୯୩
ଧର୍ମାନ୍ୱେଷିମାନଙ୍କୁ ଉପଦେଶ . . . . . . . ୨୦୫

*⁎* The expense of publishing these Volumes is chiefly furnished by the LONDON and AMERICAN TRACT SOCIETIES.

No. 1.

# AN ADDRESS

*From Hindoo Christians to their Heathen Brethren.*

ଓଡ଼ିଆ ଦେଶସ୍ଥ ହିନ୍ଦୁ ଓ ମୁସଲମାନ ମତାବଲମ୍ବିମାନଙ୍କଠାରେ ହିନ୍ଦୁଖ୍ରୀଷ୍ଟିୟାନମାନଙ୍କର ବିନୟ କରି ନିବେଦନ ପତ୍ର ।

---

ହେ ଅବଧାନମାନେ ଆମ୍ଭେମାନେ ପୂର୍ବରେ ତୁମ୍ଭମାନଙ୍କର ମତାବଲମ୍ବୀ ଥିଲୁଁ ପୁଣି ଏବେ ପ୍ରଭୁ ଯୀଶୁଖ୍ରୀଷ୍ଟର ମତାବଲମ୍ବୀ ହୋଇଅଛୁଁ । ଏହାର ହେତୁ କି ଓ କିନିମନ୍ତେ ଅବା ଆମ୍ଭେମାନେ ଏହି ମତ ଗ୍ରହଣ କରିଅଛୁଁ ଏହି ସବୁ ବିବରଣ ସଂକ୍ଷେପରେ ଆପଣମାନଙ୍କଠାରେ ଜଣାଇବାକୁ ବାଞ୍ଛା କରି । ଏହା ଜଣାଇବାର କାରଣ ଏହି ଯେ କେହିଁ ୨ ଅନୁମାନ କରି କହନ୍ତି ଏମାନେ ଧନଲୋଭେ କି ଅବା ଜାତ୍ୟଂଶରେ ନ୍ୟୂନ ହେବାରୁ କି ଅବା କୌଣସି ଫାନ୍ଦରେ ପଡ଼ି ଖ୍ରୀଷ୍ଟିୟାନ ହୋଇ ଅଛନ୍ତି । ଏନିମନ୍ତେ ଆମ୍ଭମାନଙ୍କର ଈତସାର ବିବରଣ ଅର୍ଥାତ୍ ଯେ ନିମନ୍ତେ ପୂର୍ବ ମତ ତ୍ୟାଗ କରି ଖ୍ରୀଷ୍ଟିୟାନ ହୋଇଅଛୁଁ ତାହା ବିଶେଷରୂପେ ଏହି ପତ୍ରରେ ଅବଧାନମାନଙ୍କଠାରେ ଜଣାଇ । ଅନୁଗ୍ରହ କରି ପଢିଲେ ବିଶେଷ ଅବଗତ ହୋଇ ପାରିବେ ।

ପ୍ରଥମରେ ସତ୍ୟ ଦର୍ଶନ ବିଷୟରେ କିଞ୍ଚିତ ଲେଖି ପଶ୍ଚାତ୍ ଆନ୍ୟ

ବିଷୟରେ ଲେଖିବା । ହେ ପ୍ରିୟ ଅବଧାନମାନେ ଦେଖ ଯେମନ୍ତ ଏହି ଅନ୍ଧାରରେ ଅକ୍ରାନ୍ତ ଜଗତରେ ଲୌକିକ ଦୀପ୍ତିର ପ୍ରୟୋଜନ ତେମନ୍ତ ପରମାର୍ଥ ଦର୍ଶନ ନିମନ୍ତେ ଦିବ୍ୟ ଜ୍ଞାନର ପ୍ରୟୋଜନ । ଆଉ ଯେମନ୍ତ ସୂର୍ଯ୍ୟ ଅସ୍ତଗତ ହୋଇ ପୁନଶ୍ଚ ଉଦିତ ନୋହିଲେ ଏହି ଜଗତର ଲୋକ ଘୋର ଅନ୍ଧାରରେ ମଗ୍ନ ହୋଇ ନିତାନ୍ତ ଦୁର୍ଦ୍ଦଶାସ୍ଥ ହୁଅନ୍ତି ତେମନ୍ତ ଦୀପ୍ତିସ୍ୱରୂପ ପରମେଶ୍ୱର ସତ୍ୟ ଜ୍ଞାନ ଦ୍ୱାରା ଅମ୍ଭମାନଙ୍କ ମନର ଅନ୍ଧକାର ନାଶ ନ କଲେ ଅମ୍ଭେମାନେ ଅଜ୍ଞାନାନ୍ଧାରରେ ନିମଗ୍ନ ହୋଇ ନିତାନ୍ତ ଦୁରବସ୍ଥା ଗ୍ରସ୍ତ ହୋଇ । ଯେହେତୁ ଶରୀରଠାରୁ ମନ ଅତ୍ୟୁତ୍ତମ ଏଣୁ ଶରୀରର ଅନ୍ଧାରରୁ ମନର ଅନ୍ଧକାର ଅତ୍ୟନ୍ତ ଦୁଃଖ ଦାୟକ ପୁଣି ଶରୀର ଓ ଶରୀରର ଉପଯୁକ୍ତ ଯେ ଆଲୁଅ ତାହା ଅଳ୍ପ କାଳ ସ୍ଥାୟୀ ମାତ୍ର ମନ ଅନନ୍ତ କାଳ ସ୍ଥାୟୀ । ଆବର ଯେମନ୍ତ କୌଣସି ବିଦେଶୀ ପଥିକ ରାତ୍ରକାଳରେ ଘୋରାନ୍ଧାର ସକାଶରୁ ଯଥାର୍ଥ ବାଟ ହୁଡି ଆନ କୌଣସି ଦୁର୍ଗମ ବାଟରେ ଯାଇ ସିଂହ ବାଘ ଇତ୍ୟାଦି ହିଂସ୍ରକ ଜନ୍ତୁରେ କଣ୍ଟାବଣରେ ବେଷ୍ଟିତ ଓ ଅତି ଭୟଙ୍କର ଅରଣ୍ୟରେ ପ୍ରବେଶି ଅତି କାତର ଓ ବ୍ୟସ୍ତ ହୋଇ ପଶ୍ଚାତ୍ ପ୍ରାତରେ ସୂର୍ଯ୍ୟ ଦର୍ଶନ କରି ହଠାତ୍ ପରମାନନ୍ଦ ପାଏ ଯେହେତୁ ସୂର୍ଯ୍ୟୋଦୟରେ ତାହାର ସବୁ ସନ୍ଦେହ ଦୂର ହୋଏ ଓ ସେ ଜନ ଯଥାର୍ଥ ବାଟ ଦେଖିବାକୁ ପାଏ ସେହି ମତେ ଅଜ୍ଞାନରୂପେ ଘୋରାନ୍ଧକାରରେ ଅକ୍ରାନ୍ତ ହୋଇ ଭ୍ରମଣ କରୁଛନ୍ତି ଯେ ସମସ୍ତ ଲୋକେ ସେମାନଙ୍କ ଅନ୍ତଃକରଣରେ ପରମାର୍ଥ ଜ୍ଞାନରୂପ ସୂର୍ଯ୍ୟୋଦୟରେ ପରମ ଅହ୍ଲାଦିତ ହେବାର ଉଚିତ ଯେହେତୁ ସେମାନଙ୍କର ପରମାର୍ଥରୂପ ସୂର୍ଯ୍ୟର ଉଦୟରେ ସେମାନଙ୍କର ପାପାନ୍ଧକାର ନଷ୍ଟ ହୁଅଇ । ମାତ୍ର ଯେବେ କୌଣସି ଜଣ ସୂର୍ଯ୍ୟୋଦୟ ହୁଅନ୍ତେ ସ୍ୱୟଂ ଅକ୍ଷି ମୁଦ କରଇ ସୂର୍ଯ୍ୟୋଦୟ ନୁହଇ ତେବେ ସେଥିରେ ସେ ଜ

ନର କଥା ପ୍ରମାଣେ ସୂର୍ଯ୍ୟୋଦୟର ଅସିଦ୍ଧ ନ ହୁଅଇ । ସେହି ରୂପେ ଈଶ୍ୱର କର୍ତ୍ତୃକ ପ୍ରକାଶିତ ଧର୍ମଶାସ୍ତ୍ରରୂପେ ସୂର୍ଯ୍ୟୋଦୟ ହେଲେହେଁ ଯେବେ ତୁମ୍ଭେମାନେ ମନସ୍ୱରୂପ ଅକ୍ଷି ମୁଦି କରି ଇଶ୍ୱ ରୋକ୍ତ ଧର୍ମଶାସ୍ତ୍ରରୂପ ସୂର୍ଯ୍ୟୋଦୟ ନୁହନ୍ତ ଏଥିରେ ଏହି ଧର୍ମଶାସ୍ତ୍ରର ଅପ୍ରମାଣ୍ୟ ନୋହିବ । ହେ ପ୍ରିୟ ଅବଧାନମାନେ ଆମ୍ଭେମାନେ ସେହିରୂପ ଘୋର ଅନ୍ଧକାରାକ୍ରାନ୍ତ ହୋଇ ଭ୍ରମଣ କରି ଥିଲୁଁ ପୁଣି ଅକସ୍ମାତ୍ ପରମେଶ୍ୱର ଦତ୍ତ ପରମାର୍ଥ ଜ୍ଞାନରୂପ ସୂର୍ଯ୍ୟୋଦୟରେ ପରମାନନ୍ଦିତ ହୋଇ ଯଥାର୍ଥ ମତାବଲମ୍ବୀ ହୋଇଅଛୁଁ ।

ଦ୍ୱିତୀୟରେ । ହେ ପ୍ରିୟ ଅବଧାନମାନେ ପ୍ରଥମ ଆମ୍ଭେମାନେ ଧର୍ମ ଗ୍ରନ୍ଥରେ ଦୃଷ୍ଟି କରି ଦେଖିଲୁଁ ଯେ ଆମ୍ଭମାନଙ୍କ ଆଦି ପିତା ମାତାର ପାପରେ ଆମ୍ଭେମାନେ ପାପୀ ଯେହେତୁ ସେ ବଂଶରେ ଆମ୍ଭମାନଙ୍କର ଉତ୍ପତ୍ତି ଏଣୁ ଏ ପାପ ଯେ ବିମୋଚନ ହୁଅଇ ଏମନ୍ତ କୌଣସି ଉପାୟ ନାହିଁ ପୁଣି ଉପଯୁକ୍ତ ପ୍ରାୟଶ୍ଚିତ୍ତ ବିନୁ ପାପର ଖଣ୍ଡନ କୌଣସି ମତେ ନୁହଇ । ପ୍ରଭୁ ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ପାପ ମୋଚନ କରିବା ପାଇଁ ସ୍ୱର୍ଗର ଅଧିକାରୀ ହୋଇ ସ୍ୱର୍ଗର ବିଭବ ତ୍ୟାଗ କରି ନରରୂପ ଧାରଣ କରି ନରପୁରେ ଆସି ନରମେଧସ୍ୱରୂପ ପ୍ରାୟଶ୍ଚିତ୍ତ ସିଦ୍ଧ କରିଛନ୍ତି ଆଉ ସେ ଅଙ୍ଗୀକାର କରିଛନ୍ତି ଯେ ଯେଉଂ ଜନ ଆମ୍ଭ ଏହି ପ୍ରାୟଶ୍ଚିତ୍ତରୂପ ମରଣରେ ଦୃଢବିଶ୍ୱାସୀ ହେବ ସେ ଅନନ୍ତ ପରମାୟୁ ପାଇବ । ଏଣୁ ଏହି ସବୁ ବିବେଚନା କରି ପୁଣି ପାପରେ ଭୟଯୁକ୍ତ ହୋଇ ପରିତ୍ରାଣ ପାଇବା ପାଇଁ ତାହାଙ୍କ ମରଣରେ ବିଶ୍ୱାସ କରି ଖ୍ରୀଷ୍ଟିୟାନ ହୋଇଅଛୁଁ ।

ତୃତୀୟରେ । ଯେବେ କୌଣସି ଅବଧାନ ଏମନ୍ତ ବୋଲନ୍ତି ଯେ ଆମ୍ଭମାନଙ୍କ ଶାସ୍ତ୍ରମତ ଯେ ନବ ଅବତାର ହୋଇଛନ୍ତି ତାହାଙ୍କଠାରେ ବିଶ୍ୱାସ କଲେ ପୁଣି ଦାନ ଧ୍ୟାନ ଗୁରୁ ସେବା ଇତ୍ୟାଦି କଲେ କି ତୁମ୍ଭମାନଙ୍କର ପରିତ୍ରାଣ ହୋଇ ନ ପାରନ୍ତା ତେବେ ଆ

ମ୍ଭେମାନେ ଏହି ବିବେଚନା କରି ଯେ ପ୍ରଥମ ନଅ ଅବତାରର ବିବରଣ ସଂକ୍ଷେପରେ ଲେଖି ଜଣା ହେବ ।

ପ୍ରଥମରେ ମୀନରୂପେ ହେଲେ ନାରାୟଣ ।
ସତ୍ୟବ୍ରତ ରକ୍ଷା ମାତ୍ର ତାହାର କାରଣ ।
ଦ୍ୱିତୀୟରେ କୂର୍ମ୍ମ ପୃଷ୍ଠେ ଧରଣୀ ତୋଳିଲେ ।
ତୃତୀୟେ ବରାହ ଦନ୍ତେ ତାହାକୁ ଧଇଲେ ।
ଚତୁର୍ଥରେ ନର ସିଂହ ହିରଣ୍ୟ ବିଦାରି ।
ପଞ୍ଚମେ ବାମନ ବଳୀ ଚୃପି ଛଳ ପୁରି ।
ଷଷ୍ଠେ ପରଶୁରାମ କ୍ଷତ୍ରି ବଂଶ ସଂହାରଣ ।
ସପ୍ତମରେ ରାମ ଚନ୍ଦ୍ର ମାଇଲେ ରାବଣ ।
ଅଷ୍ଟମରେ ଗୋପୀନାଥ ନାଶିଲେ କଂସକୁ ।
ନବମରେ ବୁଦ୍ଧ ହେଲେ ଦୂଷିଲେ ବେଦକୁ ।

ହେ ଅବଧାନମାନେ ବିବେଚନା କରି ଦେଖ ଏହି ନଅ ଅବତାର ମଧ୍ୟରେ ପାପିର ପାପ ମୋଚନ କରିବା ପାଇଁ କେହିଂ କୌଣସି ଉପାୟ କରି ନାହିଁ ସମସ୍ତେ ଅନ୍ୟ ପ୍ରୟୋଜନରେ ଅବତୀର୍ଣ୍ଣ ହୋଇଛନ୍ତି ଏଣୁ ଏମାନଙ୍କଠାରେ ବିଶ୍ୱାସ କଲେ ତ୍ରାଣର କୌଣସି ଭରସା ନ ଥାଏ ଏନିମନ୍ତେ ତାହା ଛାଡନ୍ତୁ । ଅବଧାନମାନେ ତାହା ବିବେଚନା କରି ଦେଖିଲେ ବୁଝି ପାରିବେ ।

ଚତୁର୍ଥରେ ଅବଧାନମାନେ ଭରସା କରୁଛନ୍ତି ଯେ ଗୁରୁଚରଣ ସେବା କଲେ ପରିତ୍ରାଣର ବାଟ ପ୍ରାପ୍ତ ହୋଏ । ଏକଥା ପ୍ରମାଣ ମାତ୍ର ଗୁରୁ ବ୍ରହ୍ମ ଏମନ୍ତ ପ୍ରମାଣ ଅଛି ଅହୁରି ଏକ ପ୍ରମାଣ ଦେଖା ଯାଏ ଯଥା । ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଲାକୟା ଚକ୍ଷୁର୍ନ୍ମୀଲିତଂ ଯେନତସ୍ମୈ ଶ୍ରୀଗୁରବେ ନମଃ । ଅର୍ଥ ଜ୍ଞାନରୂପ ଅଞ୍ଜନର ଶଲାକାର ଦ୍ୱାରା ଅଜ୍ଞାନସ୍ୱରୂପ ଅନ୍ଧକାରକୁ ନାଶ କରି ଯେ ଚକ୍ଷୁର

ପ୍ରକାଶ କରନ୍ତି ସେ ଗୁରୁ ଅଟନ୍ତି । ଏରୂପ ହେଲେ ମନୁଷ୍ୟଙ୍କ ରୂପେ ମନୁଷ୍ୟର ତ୍ରାଣଗୁରୁ ହୋଇ ପାରଇ ଏଥିପାଇଁ ବ୍ରହ୍ମ ଯେ ସେ ସତ୍ୟ ଗୁରୁ । ମାହାତ୍ମ୍ୟବନ୍ତ ପ୍ରଭୁ ଯୀଶୁଖ୍ରୀଷ୍ଟ ପାପିମାନଙ୍କର ଗୁରୁ ଓ ତ୍ରାଣକର୍ତ୍ତା ଯେହେତୁ ସେ ଧର୍ମୋପଦେଶ ଦିଅନ୍ତି ଓ ଧର୍ମଆତ୍ମା ଦାନ କରନ୍ତି ଓ ଜ୍ଞାନାଞ୍ଜନ ଦେଇ ପାପ ଦର୍ଶାଇ ମନର ପରିବର୍ତ୍ତନ କରନ୍ତି ସେ ପାପି ମନ ହରଣ କରି ଧର୍ମମନ ଦିଅନ୍ତି ଓ ପାପର ଭାର ଆପଣା ଅଙ୍ଗରେ ଧାରଣ କରି ପାପିଙ୍କ ବିଶ୍ରାମ ଦିଅନ୍ତି ସେ ଧର୍ମଆତ୍ମା ଦେଇ ପାପିଷ୍ଠ ମନ ଦୂର କରନ୍ତେ ମନୁଷ୍ୟର ଆତ୍ମା ଶୁଦ୍ଧ ଓ କାର୍ଯ୍ୟ ଶୋଧନ ହୁଅଇ । ଆଦି ପିତା ମାତାର କଲାରି ଦୋଷରେ ସମସ୍ତ ମନୁଷ୍ୟ ପାପରୁଣଗ୍ରସ୍ତ ହୋଇ ମୃତ୍ୟୁର ଅଧୀନ ଥିଲେ ପୁଣି ଯୀଶୁଖ୍ରୀଷ୍ଟ ଆପଣା ପ୍ରାଣ ବ୍ୟୟ ସେ ଦାବି ଓ ଋଣ ଶୁଝିଲେ ତେଣୁ ସେ ପାପିମାନଙ୍କର ଜାମିନ । ଯେମନ୍ତ କୌଣସି ଦୟାବନ୍ତ ଦୋଷି ଜନଙ୍କୁ କାରାଗାରରୁ ହାତଧରି ଆଣଇ ସେରୂପେ ସେ ପାପି ଲୋକଙ୍କୁ ପାପରୂପ କାରାଗାରରୁ ମୁକୁଳାଇ ଦିଅନ୍ତି ଏଣୁ ସେ ବନ୍ଦନୀୟ ଗୁରୁ ଯେ ତାହାଙ୍କ ଶରଣାଗତ ନ ହୁଅଇ ସେ ଗୁରୁତ୍ୟାଗୀ ପୁଣି ସବୁ ମନୁଷ୍ୟର ତୁଲ୍ୟ ସ୍ୱଭାବ ଏଥିରେ ମନୁଷ୍ୟ ମନୁଷ୍ୟର ଗୁରୁ ନୁହଇ । ଯଥା ଧର୍ମଗ୍ରନ୍ଥ ତୁମ୍ଭେମାନେ ଗୁରୁ ବିଖ୍ୟାତ ନ ହୁଅ ଯେହେତୁ ତୁମ୍ଭମାନଙ୍କର ଏକ ଗୁରୁ ଓ ଏକ ପ୍ରଭୁ ସେ ଖ୍ରୀଷ୍ଟ ପୁଣି ତୁମ୍ଭେମାନେ ସମସ୍ତେ ଭାଇ । ଅନ୍ଧ କେମନ୍ତ କରି ଅନ୍ଧଙ୍କୁ ବାଟ ଦେଖାଇବ । ଯେ ଆପେ ବନ୍ଦୀ ସେ ପରଙ୍କୁ କିରୂପେ ମୁକୁଳାଇବ । ଯେ ଆପେ ଋଣୀ ସେ ପର ପାଇଁ ଜାମିନ କିରୂପେ ହୋଇ ପାରିବ ଯେ ଶତ୍ରୁର ବାଧ୍ୟ ସେ କିପ୍ରକାରେ ଶତ୍ରୁ ଛଡାଇବ ଯେ ଆପେ ମୃତ ସେ କେମନ୍ତେ ପରଙ୍କୁ ବଞ୍ଚାଇବ । ଯେ ପାପ ବଶୀଭୂତ ସେ କଦାପି ଧର୍ମୋପଦେଶକ ନୋହେ । ଏଣୁ ପ୍ରଭୁ ଯୀଶୁଖ୍ରୀଷ୍ଟ ଜଗତର ଗୁରୁ ଓ ଯେଉଂମାନେ ଅଜ୍ଞାନରୂପ ଅନ୍ଧକା

ରରେ ଭ୍ରମଣ କରନ୍ତି ସେମାନଙ୍କୁ ଫଳୁଅ ଦଅନ୍ତି ପୁଣି ତାହାଙ୍କ ଆ ଶ୍ରୟରେ ସବୁ ପ୍ରକାର ପାପିମାନେ ଧର୍ମି ମନ ପାଅନ୍ତି । ଧନ ଲୋଭୀ ପ୍ରତାରକ ଲୋକ ସ୍ୱାର୍ଥର ନିମନ୍ତେ ବିପରୀତ ଶିକ୍ଷା ଦେଇ ମନର ଭ୍ରାନ୍ତି ଓ ଅନ୍ଧକାର ଜନ୍ମାଏ୍ୃ ତହିଁରେ ଲୋକଙ୍କର ରକ୍ଷା ନୋହି ପୁଣି ବିନାଶ ହୁଅଇ । ଯଥା ଧର୍ମଗ୍ରନ୍ଥ । ଯେଉଂଜନ ବର୍ତ୍ତନ ଜୀବୀ ଓ ପଲର ସ୍ୱାମୀ ନୁହଇ ମେଷ ଯାହାର ନୀଜର ନୁହଇ ସେ ବା ଘର ଆସିବାର ଦେଖି ମେଷମାନଙ୍କୁ ଛାଡ ପଳାଏ୍ୃ ତେଣୁ ବାଘ ସେମାନଙ୍କୁ ଛିନ୍ନଭିନ୍ନ କରଇ । ଏନିମନ୍ତେ ହେ ପ୍ରିୟ୍ୃ ଅବଧାନ ମାନେ ଯୀଶୁଖ୍ରୀଷ୍ଟ ଯେ ସେ ଜଗତର ଗୁରୁ ସେ ଆପେ ଶିଷ୍ୟମାନ ଙ୍କର ଗୋଡ ଧୋଇ ନମ୍ର ସ୍ୱଭାବ ପ୍ରକାଶ କରି ଗୁରୁପଣ ନେଇ ସ ଭୁରି ଉପରେ ସ୍ଥିତ ହୋଇଛନ୍ତି । ଯେଉଂମାନେ ବର୍ତ୍ତନ ନେଇ ନିରର୍ଥକ ମିଥ୍ୟା କଥା ଗୁପ୍ତରେ ଶିକ୍ଷା କରାନ୍ତି ଓ ତାହା କାହାର ପାଖରେ କହିବାକୁ ନିଷେଧ କରନ୍ତି ସେମାନେ କେବଳ ଜାତିର ପ୍ରାଧାନ୍ୟ ଜଣାଇ ଓ ଗୁରୁରୂପେ ମାନ୍ୟ ହୋଇ ଧନୋପାର୍ଜ୍ଜନର ମାର୍ଗ କରିଛନ୍ତି । ମାଏ ଯୀଶୁଖ୍ରୀଷ୍ଟ ତାରକ ବ୍ରହ୍ମ ଗୁରୁ ସେ ପାପିର କାରଣ ପ୍ରାଣ ଦେଇଛନ୍ତି ତାହାଙ୍କ ସେବା ଓ ତାହାଙ୍କ ଅର୍ଚ୍ଚନା କରିବାର ସବୁ ମନୁଷ୍ୟର କର୍ତ୍ତବ୍ୟ ଯେହେତୁ ତହିଁରେ ଅନନ୍ତ ଜୀ ବନ ଅର୍ଥାତ୍ ପରିତ୍ରାଣ ପ୍ରାପ୍ତ ହୁଅଇ ।

ଏକ ଗୁରୁ ବ୍ରହ୍ମ ଯେବେ ଶାସ୍ତ୍ରର ପ୍ରମାଣ ।
ମନୁଷ୍ୟକୁ ଗୁରୁ ବୋଲେ କିରୂପରେ ଜାଣ ।
ଏକମତେ ଜନ୍ମ ପାନ୍ତି ସର୍ବ ନରଗଣ ।
ଗୁରୁ ସମ୍ବୋଧନ ନରେ ନୋହେ କଦାଚନ ।
ଏଜଗତେ ଦେଖ ଭାଇ ବହୁ ବହୁ ଜନ ।
ଗୁରୁରୂପେ ଖ୍ୟାତ ଛନ୍ତି ଯେନବାରେ ଧନ ।

କେବଳ ଗୁରୁଙ୍କୁ ଜାଣି ଯେଉଂ ମହାଜନ ।
ଧର୍ମଆଗ୍ନ ଦେଇ କରେ ମନର ଶୋଧନ ।
ଶିଷ୍ୟଙ୍କର ପାପ ଦଣ୍ଡ ଧରେ କଲେବରେ ।
ଯୀଶୁ ଛଡା ସତ୍ୟ ଗୁରୁ ନାହିଁ ଏ ସଂସାରେ ।
ଏନିମନ୍ତେ ବୋଲି ଭାଇ ଶୁଣ ସର୍ବଜନ ।
ଯୀଶୁ ଗୁରୁଙ୍କ ଚରଣ ସେବ ଦେଇ ମନ ।
ତେଣୁ ମୁକ୍ତିପଦ ଅନାୟାସେ ପ୍ରାପ୍ତ ହେବ ।
ମରଣାନ୍ତେ ସ୍ୱର୍ଗ ସୁଖ ଅକ୍ଷୟ ପାଇବ ।
ଯଦ୍ୟପି ନ ଧର ଯୀଶୁଖ୍ରୀଷ୍ଟଙ୍କ ଚରଣ ।
ତେବେତ ହୋଇବ ଘୋର ନରକେ ଗମନ ।
ନରକେ ପଡଲେ ଭାଇ ରକ୍ଷା ନାହି ଆର ।
କରିବ ଅନନ୍ତ ଦୁଃଖେ ଘୋର ହାହାକାର ।

ଅବର ହେ ଆବଧାନମାନେ ବିବେଚନା କରି ଦେଖ ତୁମ୍ଭମାନଙ୍କ ମଧ୍ୟରେ ଯେଉଂମାନେ ଉପଦେଶକରୂପରେ ଖ୍ୟାତ ସେମାନେ ଦେବାର୍ଚ୍ଚନା ବିନୁ ଈଶ୍ୱରାର୍ଚ୍ଚନା ଆପଣମାନେ ନ କରନ୍ତି ଅନ୍ୟଙ୍କୁ ହିଂ କରିବାକୁ ନ ଦିଅନ୍ତି । ଯେବେ କରଇ ତେବେ ତାହାକୁ ମନା କରନ୍ତି । ସେମାନେ ଆପଣା ଶରଣାଗତ ଲୋକଙ୍କର ଧନ ନେବା ପାଇଁ କହନ୍ତି ଯେ ସର୍ବସ୍ୱଂ ଗୁରୁ ବେଦ୍ୟାତ୍ ଏଥିରେ ଦୁଷ୍ଟ ଲୋକଙ୍କର ମନ ଅଧିକ ଦୁଷ୍ଟ ହୋଇବ ଯେହେତୁ ସେମାନେ ଭାଳନ୍ତି ଯେ ଗୁରୁଙ୍କୁ ଅର୍ଥ ଦେଲେ ଆମ୍ଭମାନଙ୍କର ପରିତ୍ରାଣ ହେବ ଏ ଅତିଶୟ ଭ୍ରାନ୍ତି । ଈଶ୍ୱରଙ୍କ ଜ୍ଞାନ ଓ ଈଶ୍ୱରୀୟ ଶିକ୍ଷା ଓ ଧର୍ମୋପଦେଶ କେବଳ ଧର୍ମଗ୍ରନ୍ଥରେ ଅଛି । ଯଥା ଅଭିମାନ ଶୂନ୍ୟ ଲୋକେ ଧନ୍ୟ ଯେହେତୁ ସ୍ୱର୍ଗ ସେମାନଙ୍କର । ଶୋକାନ୍ୱିତ ଲୋକେ ଧନ୍ୟ ଯେହେତୁ ସେମାନେ ସାନ୍ତ୍ୱନା ପାଇବେ । ନମ୍ରଶୀଳ ଲୋକେ

ଧନ୍ୟ ଯେହେତୁ ସେମାନେ ପୃଥିବୀରେ ଅଧିକାର ପାଇବେ । ଦୟାଳୁ ଲୋକେ ଧନ୍ୟ ଯେହେତୁ ସେମାନେ ଦୟା ପାଇବେ । ନିର୍ମଳାନ୍ତଃକରଣ ଲୋକେ ଧନ୍ୟ ଯେହେତୁ ସେମାନେ ଈଶ୍ୱରଙ୍କ ଦର୍ଶନ ପାଇବେ । ମିଳଣ କାରୀମାନେ ଧନ୍ୟ ଯେହେତୁ ସେମାନେ ସ୍ୱର୍ଗରାଜ୍ୟର ଅଧିକାରୀ ହେବେ । ଧର୍ମର ନିମନ୍ତେ ତାଡ଼ିତ ଲୋକେ ଧନ୍ୟ ଯେହେତୁ ସ୍ୱର୍ଗରେ ସେମାନଙ୍କର ମହାଫଳ । ହେ ଅବଧାନମାନେ ଏହି ଶିକ୍ଷା ସର୍ବ ମନୁଷ୍ୟଠାରେ ଓ ସର୍ବ ମନୁଷ୍ୟଠାରେ ସୁଗ୍ରାହ୍ୟ ଓ ହିତଦାୟକ । ଏପ୍ରକାର ଅନେକ ଉପଦେଶ ଧର୍ମ ପୁସ୍ତକରେ ଅଛି ।

ପଞ୍ଚମ । ଅବଧାନମାନେ ଭରସା କରନ୍ତି ଯେ ଦାନ ଧ୍ୟାନ ଇତ୍ୟାଦି କ୍ରିୟା କରିବାରେ ଆମ୍ଭମାନଙ୍କର ପୁଣ୍ୟ ଜନ୍ମିବ ସେହି ପୁଣ୍ୟ ବଳରେ ପରିତ୍ରାଣ ପ୍ରାପ୍ତ ହେବ । ଏହା କି ପ୍ରକାର ହୋଇ ପାରିବ । ଦେଖ ସ୍ୱର୍ଗ ଓ ପୃଥିବୀ ଈଶ୍ୱରଙ୍କର ପୁଣି ସେ ସମସ୍ତଙ୍କୁ ସମସ୍ତ ଭଲ ପଦାର୍ଥ ଦିଅନ୍ତି ସେ ବିନା ମୂଲ୍ୟରେ ଜୀବନ ନିଶ୍ୱାସ ଆଦି ଦିଅନ୍ତି ତାହାଙ୍କର କୌଣସି ବସ୍ତୁର ଅଭାବ ନାହିଁ ତେବେ ଆମ୍ଭେମାନେ କି ଦେଇ ତାହାଙ୍କୁ ତୁଷ୍ଟି କରିବା । ଦୂର୍ବା ଘାସ ଫଳ ଫୁଲ ସୁନା ରୂପା ଇତ୍ୟାଦି ଦ୍ରବ୍ୟରେ ତାହାଙ୍କ ସେବା ସିଦ୍ଧ ନୁହଇ ମାତ୍ର ଏହି ସବୁ ଦ୍ରବ୍ୟ ତାହାଙ୍କଠାରେ ଉତ୍ସର୍ଗ କଲେ ଉପହାସର ନ୍ୟାୟ ଯେଣୁ ତାହାଙ୍କ ପୂଜା ସେବାଦି ଆତ୍ମାରେ ଓ ସତ୍ୟରେ କରିବାକୁ ଉଚିତ । ଈଶ୍ୱର ଯେ ସେ ଆତ୍ମସ୍ୱରୂପ ତେଣୁ ଆତ୍ମାରେ ଓ ସରଳ ମନରେ ତାହାଙ୍କ ଭଜନାଦି ହୁଅଇ । ମନୁଷ୍ୟର ସ୍ୱଭାବ ପାପିଷ୍ଠ ଓ ତାହାର କ୍ରିୟା ପାପମୂଳକ ଏଥିପାଇଁ ମନୁଷ୍ୟର କ୍ରିୟାରେ ପରିତ୍ରାଣ ନାହିଁ ମାତ୍ର ସ୍ୱପାପ ଜ୍ଞାନରେ ଭଗ୍ନକ୍ରାନ୍ତ ହୋଇ ଯୀଶୁଖ୍ରୀଷ୍ଟଠାରେ ଆଶ୍ରୟ ନେବାରେ ତ୍ରାଣ ହୁଅଇ । ଏଣୁ ହେ ପ୍ରିୟ ଅବଧାନମାନେ ତୁମ୍ଭମାନଙ୍କୁ ବିନୟ କରି ଏହି ସମସ୍ତ ଅଗାଡ଼ କ୍ରିୟା ଛାଡ଼ି

ପିତା ଈଶ୍ୱରଙ୍କ ସେବକ ହେଉନ୍ତୁ ତାହାଙ୍କଠାରେ ତନୁ ମନ ପ୍ରାଣ ସମର୍ପି ଦେଉନ୍ତୁ ପୁଣି ନଜକୃତ କ୍ରିୟାରେ କେହ ବିଶ୍ୱାସ ନ ରଖନ୍ତୁ । ଷଷ୍ଠ । ଯେବେ କୌଣସି ଅବଧାନ ଏମନ୍ତ ଅନୁମାନ କରନ୍ତି ଯେ ଆମ୍ଭେମାନେ କୌଣସି ଧନ ଅବ ଲୋଭରେ ଜାତ କୁଳ ଜ୍ଞାତ ବନ୍ଧୁ ପରତ୍ୟାଗ କରଅଛୁଁ ତାହାର ଉତ୍ତର ଏହ ଅମ୍ଭେମାନେ ଏକ ପ୍ରକାର ଲୋଭରେ ଏହ ସବୁ ଛାଡଲୁ ପ୍ରମାଣ ପୁଣି ଶାଶ୍ୱତିକ ଲାଭ ପାଁଇ ନାହିଁ ମାତ୍ର ପରମାର୍ଥ ଲାଭ ଓ ପରକାଳ ଲାଭ ପାଁଇ ଆଉ ଅମ୍ଭେମାନେ ଖ୍ରୀଷ୍ଟିୟାନ ହୋଇ ଯେ ସ୍ୱଦେଶୀୟ ବଶିଷ୍ଟ ଗୃହସ୍ଥର ବ୍ୟବହାର ତ୍ୟାଗ କରଅଛୁଁ ତାହା ନୋହେ କେବଳ ଅକାରଣ ଓ ଦୁଷ୍ଟ ବ୍ୟବହାର ତ୍ୟାଗ କରଅଛୁଁ । ଏଥିରେ ଅମ୍ଭମାନଙ୍କୁ ଫିରଙ୍ଗୀ ଅବ ନାନା ନାମ ବୋଲି ଲୋକେ ଯେ ଅଖ୍ୟାତ କରନ୍ତି ସେ ଅଯଥାର୍ଥ । ପୁଣି ଅମ୍ଭେମାନେ ଈଶ୍ୱରଙ୍କ ଜ୍ଞାନ ଓ ବାକ୍ୟ ପ୍ରାପ୍ତ ହୋଇ ତାହା ନଷେଧ ବିଷୟ ମାତ୍ର ତ୍ୟାଗୀ ଓ ସ୍ୱଦେଶର ଧର୍ମରେ ମନୁଷ୍ୟମାନଙ୍କର ଉଦ୍ଧାରର ବାଟ ନ ଦେଖି ପ୍ରଭୁ ଯୀଶୁଖ୍ରୀଷ୍ଟଠାରେ ଅଶ୍ରୟ ନେଇଅଛୁଁ । ଏହ ବାଟ ଯେ ଅନ୍ୟ ଦେଶୀୟଠାରୁ ଅମ୍ଭେମାନେ ପାଇଅଛୁଁ ଏହା ଜ୍ଞାନ ଲୋକଙ୍କଠାରେ ନଷେଧ ନୁହଇ ପୁଣି ସମସ୍ତେ ଏଥିରେ ସ୍ୱୀକାର ହୁଅନ୍ତି ଯେ ପରମେଶ୍ୱର ସେ ଅନ୍ୟ ଦେଶୀୟ ଲୋକଙ୍କଠାରୁ ରାଜ୍ୟ ଶାସନ ବିଷୟରେ ଅମ୍ଭମାନଙ୍କର ଅତଶୟ ମଙ୍ଗଳ କରୁଛନ୍ତି । ଆହୁର ଦେଖ ଏହ ସାଂସାରକ ସମ୍ଭ୍ରମ ଗୌରବ ଧନ ସବୁ କ୍ଷୟଣୀୟ ବସ୍ତୁ ପରକାଳରେ ଏଥିରେ କୌଣସି ଫଳ ଜନ୍ମୁବାକୁ ନ ପାରଇ ଏଣୁ ଏହ କ୍ଷୟଣୀୟ ବସ୍ତୁର ନମନ୍ତେ ଯେବେ ଅକ୍ଷୟ ପ୍ରାଣ ନରକରେ ଯାଆନ୍ତା ତେବେ ଅମ୍ଭମାନଙ୍କର କ ଲାଭ । ହେ ପ୍ରିୟ ଅବଧାନମାନେ ଅଳ୍ପ କାଳର ଜାତ କୁଳ ଧନ ସମ୍ପଦର ନମନ୍ତେ ଅକ୍ଷୟ ଆତ୍ମା ନ ହରାଅ ଅଉ ଅନ୍ଧକାରର ମଧ୍ୟରେ ନ ରହ ପୁଣି ବେଗେ ଆଲୁଅର ମଧ୍ୟରେ ଅସ । ଅମ୍ଭମାନଙ୍କର ବଡ

ବାଞ୍ଛା ଯେଉଂ ଅମୂଲ୍ୟ ତ୍ରାଣ ଅମ୍ଭେମାନେ ବିନା ମୂଲ୍ୟରେ ପ୍ରାପ୍ତ ହୋଇଅଛୁଁ ତାହା ସମସ୍ତଙ୍କୁଂ ବିନା ମୂଲ୍ୟରେ ଦାନ କରି ପୁଣି ପରମେଶ୍ୱରଙ୍କଠାରେ ଅମ୍ଭମାନଙ୍କର ଏହି ପ୍ରାର୍ଥନା ଯେ ସମସ୍ତ ଓଷ୍ଠାଧରରେ ପ୍ରଭୁ ଯୀଶୁଖ୍ରୀଷ୍ଟର ନାମ ଉଚ୍ଚାରଣ ହୁଅନ୍ତୁ ଓ ପ୍ରତି ଜିହ୍ୱା ତାହାଙ୍କୁ ସ୍ୱୀକାର କରି ତାହାଙ୍କଠାରେ ପ୍ରତି ଅଣ୍ଠୁ ବଙ୍କା ହୁଅଇ ।

ଏଥି ନିମନ୍ତେ ହେ ପ୍ରିୟ ଅବଧାନମାନେ ଦେଖ ପରମେଶ୍ୱରର ଯେଉଂ ମଙ୍ଗଳ ସମାଚାର ତୁମ୍ଭମାନଙ୍କର ଉଦ୍ଧାରର ପାଇଁ ପ୍ରକାଶ କରିଅଛନ୍ତି ଯେବେ ତୁମ୍ଭେମାନେ ତାହାର ତତ୍ୱବୋଧ କରି ପ୍ରଭୁ ଯୀଶୁଖ୍ରୀଷ୍ଟର ଶରଣାଗତ ହୁଅ ଓ ତାହାଙ୍କଠାରେ ପ୍ରତ୍ୟୟ କର ତେବେ ତୁମ୍ଭମାନଙ୍କର ଚିତ୍ତରେ କଦାପି ଯେ ଅହ୍ଲାଦ ନ ହୋଇ ଅଛି ଏମନ୍ତ ଅନିର୍ବ୍ୱଚନୀୟ ଅହ୍ଲାଦ ହୋଇବ ।

ଇତି

---

No. 2.

A BRIEF VIEW

# OF THE CHRISTIAN RELIGION.

## ଖ୍ରୀଷ୍ଟିୟାନ ମତ ସଂକ୍ଷେପ ।

ଏହି ମତ କେବଳ ଧର୍ମପୁସ୍ତକ ଅନୁଯାୟୀ ପୁଣି ଧର୍ମପୁସ୍ତକର ପ୍ରମାଣ ସିଦ୍ଧ ଛଡା ଏହି ଧର୍ମର କୌଣସି କଥା ନାହିଁ । ଧର୍ମପୁସ୍ତକର ଦୁଇ ଭାଗ ପ୍ରଥମ ଭାଗରେ ଜଗତର ସୃଷ୍ଟି । ମନୁଷ୍ୟର ପାପରେ ପଡିବାର । ଜଳପ୍ଲାବନ । ସବୁ ଜାତିୟମାନଙ୍କର ଆଦି ପୁରୁଷଗଣର ବଂଶାବଳି । ଈଶ୍ୱରଙ୍କ ସତ୍ୟ ଧର୍ମର ଚଳଣ । ତ୍ରାଣ କର୍ତ୍ତାର ବିଷୟରେ ଭବିଷ୍ୟତବାକ୍ୟ । ଯିହୁଦୀୟମାନଙ୍କର ବୃତ୍ତାନ୍ତ ଅର୍ଥାତ ଯେଉଂ ବଂଶରୁ ପ୍ରଭୁ ଯୀଶୁର ଦେହାନୁସାରେ ଜନ୍ମ ହୁଅନ୍ତି । ପୁଣି ନାନା ଦେଶର ବିଷୟରେ ଭବିଷ୍ୟତବାକ୍ୟ ଇତ୍ୟାଦି ନାନା କଥା ସେହି ପ୍ରଥମ ଭାଗରେ ଅଛି । ଦ୍ୱିତୀୟ ଭାଗରେ ଚାରି ମଙ୍ଗଳ ସମାଚାର ଅର୍ଥାତ ଖ୍ରୀଷ୍ଟର ଜନ୍ମ ଉପଦେଶ ଆଶ୍ଚର୍ଯ୍ୟ କ୍ରିୟା ମରଣ ପୁନରୁତ୍ଥାନ ଆଦି ଇହଂଉତ୍ତରେ ତାହାଙ୍କ ଧର୍ମର ସ୍ଥାପିବାର ଓ ନାନା ମଣ୍ଡଳୀମାନଙ୍କଠାରେ ଉପଦେଶ ଓ ଭବିଷ୍ୟତବାକ୍ୟ ।

### ଧର୍ମପୁସ୍ତକରେ ଈଶ୍ୱରଙ୍କ ବିଷୟରେ ଏହି ବାକ୍ୟ ।

ଈଶ୍ୱର ଅଦ୍ୱିତୀୟ । ସ୍ୱୟମ୍ଭୁ । ନିରାକାର । ଅଗ୍ନିସ୍ୱରୂପ । ପ୍ରେମସ୍ୱରୂପ । ଜ୍ୟୋତସ୍ୱରୂପ । ସର୍ବଜ୍ଞ । ନ୍ୟାୟବନ୍ତ । ଦୟାଳୁ । ଚିର

ସହଷ୍ଟ । ସତ୍ୟ । ଅମୋଘ । ସର୍ବଜ୍ଞ । ସର୍ବଶକ୍ତିମାନ । ସର୍ବ ବ୍ୟାପୀ । ପାପ ବରୋଧୀ । ନତ୍ୟ । ଏକାଧିପତ । ଜଗତାଦର ସୃଷ୍ଟି ସ୍ଥିତ ପ୍ରତପାଳଣ ଶାସନ କର୍ତ୍ତା ଯାହାଙ୍କର ନାମ ଯିହୁହା ସଚ୍ଚିଦା ନନ୍ଦ ସଦା ସର୍ବଦା ଧନ୍ୟ ।

ଈଶ୍ୱର ତ୍ରିବିଧସ୍ୱରୂପ ହୋଇ ଜଗତରେ ପ୍ରକାଶ ହୋଇଅଛନ୍ତ ଯଥା ପିତା ବାକ୍ୟ ଧର୍ମଆତ୍ମା । ପିତା ଈଶ୍ୱର ଯେ ସେ ଅଦୃଶ ତେ ଜୋମୟବାସୀ ଯାହାଙ୍କୁ କେହ ଚର୍ମ ଚକ୍ଷୁରେ ଦେଖି ନାହ ଓ ଦେଖି ପାରଇ ନାହ । ବାକ୍ୟ ଅବା ପୁତ୍ର ଯେ ସେ ପିତାଙ୍କର ମ ହମାର ତେଜ ଓ ସାରର ପ୍ରତମୂର୍ତ୍ତି ଅର୍ଥାତ ପ୍ରକାଶମାନ ଈଶ୍ୱର ତାହାଙ୍କ ଦ୍ୱାରା ଜଗତର ସୃଷ୍ଟି ତ୍ରାଣ ଅଦ ହୋଇଅଛନ୍ତ । ଧର୍ମଅତ୍ମା ଯେ ସେ ଜ୍ଞାନମୟ ସର୍ବ ସାଧନ କର୍ତ୍ତା ପୁଣି ପବିତ୍ର ଲୋକଙ୍କର ଅନ୍ତଃକ ରଣରେ ବାସକାରୀ । ଏହ ତନରେ ଏକ ଓ ଏକରେ ତନ ।

## ସୃଷ୍ଟି ବବରଣ ବାକ୍ୟ ।

ଅଦ୍ୟରେ ଈଶ୍ୱର ଅପଣା ଆଜ୍ଞା ଦ୍ୱାରା ସ୍ୱର୍ଗ ପୃଥିବୀ ସ୍ଥାବର ଜ ଙ୍ଗମ କୀଟ ପତଙ୍ଗ ସବୁ ସୃଷ୍ଟି କଲେ । ସେ ଦୁଇ ପ୍ରକାର ବୁଦ୍ଧିମନ୍ତ ପ୍ରାଣୀର ସୃଷ୍ଟି କଲେ ଅର୍ଥାତ ଦୂତ ଓ ମନୁଷ୍ୟ ।

ଦୂତଗଣ କେବଳ ଆତ୍ମସ୍ୱରୂପ ଅର୍ଥାତ ମନୁଷ୍ୟର ତୁଲ୍ୟ ରକ୍ତ ମାଂସମୟ ଦେହବନ୍ତ ନୁହନ୍ତ । ଈଶ୍ୱର ସେମାନଙ୍କୁ ଅପଣା ନକ ଟରେ ରଖିଲେ ପୁଣି ସେମାନଙ୍କର କେହ୨ ଅଣାଜ୍ଞା କାରୀ ହୋଇ ନରକରେ ପଡ଼ିଲେ । ଏମାନଙ୍କର ରାଜା ଶୟତାନ ପୁଣି ଏହାଙ୍କ ଦ୍ୱାରା ପାପ ଏହ ଜଗତରେ ଉତ୍ପନ୍ନ ହେଲା ।

ପରମେଶ୍ୱର ମନୁଷ୍ୟମାନଙ୍କୁ ପୃଥିବୀରେ ରଖିଲେ । ଈଶ୍ୱ ଅଦ ପିତା ମାତାଙ୍କୁ ଆପଣଙ୍କର ପ୍ରତମୂର୍ତ୍ତିରେ ଓ ସାଦୃଶ୍ୟରେ ସୃଷ୍ଟି କର ଅଶୀର୍ବାଦ ଦେଇ କହିଲେ ତୁମ୍ଭେମାନେ ପ୍ରଜାବନ୍ତ ଓ

ବହୁବଂଶ ହୁଅ ପୃଥିବୀକି ପରିପୂର୍ଣ୍ଣ କର ବଶୀଭୂତ କର ଆଉ ଜଳଚର ମତ୍ସ୍ୟଗଣ ଓ ଖେଚର ପକ୍ଷିଗଣ ଓ ସ୍ଥଳସ୍ଥ ଉରୋଗାମି ଜୀବଜନ୍ତୁ ସବୁର ଉପରେ ରାଜ୍ୟ କର ।

ଧର୍ମାଧର୍ମ ବିଷୟରେ ଈଶ୍ୱରଙ୍କ ଆଜ୍ଞା ।

୧ ଆମ୍ଭ ବିନୁ ଅଉ କାହାକୁ ଈଶ୍ୱର ବୋଲି ନ ମାନ ।
୨ କାହାର କୌଣସି ପ୍ରତିମା ପୂଜା ନ କର ।
୩ ଈଶ୍ୱରଙ୍କ ନାମ ବ୍ୟର୍ଥ କରି ନ ଘେନ ।
୪ ବିଶ୍ରାମ ଦିନକୁ ପୁଣ୍ୟରୂପେ ପ୍ରତିପାଳନ କର ।
୫ ପିତା ମାତାକୁ ସମାଦର କର ।
୬ ମନୁଷ୍ୟର ପ୍ରାଣ [ ରାଜାଜ୍ଞା ବିନୁ ] ବଧ ନ କର ।
୭ ପରଦାର ନ କର ।
୮ ଚୋରି ନ କର ।
୯ ମିଥ୍ୟା ସାକ୍ଷ୍ୟ ନ ଦିଅ ।
୧୦ ପରର ଦ୍ରବ୍ୟରେ ଲୋଭ ନ କର ।

ସବୁ ବ୍ୟବସ୍ଥା ଓ ଶାସ୍ତ୍ରର ସାର ଏହି ଯଥା । ତୁମ୍ଭେ ସମସ୍ତ ମନ ସମସ୍ତ ଅନ୍ତଃକରଣ ସମସ୍ତ ବଳ ସମସ୍ତ ଜୀବନ ଦେଇ ଈଶ୍ୱରଙ୍କୁ ପ୍ରେମ କର ପୁଣି ଆତ୍ମତୁଲ୍ୟ ପରକୁ ପ୍ରେମ କର ।

ଜଗତରେ ପାପ ପ୍ରବେଶିବାର ବିଷୟ ।

ପରମେଶ୍ୱର ଆଦି ନର ନାରୀ ଏଦନ ନାମରେ ବଗିଚାରେ ରଖି ସବୁ ପ୍ରକାର ଫଳ ଶସ୍ୟ ଆଦି ସେମାନଙ୍କ ପ୍ରତିପୋଷଣ ନିମନ୍ତେ ଦେଇ ଥିଲେ । ମାତ୍ର ସେମାନେ ଆଜ୍ଞାକାରୀ ହେବେ କି ନାହିଁ ଏହା ପ୍ରକାଶ କରିବା ପାଇଁ ଉଦ୍ୟାନର ମଧ୍ୟସ୍ଥିତ ସଦସତ୍ ଜ୍ଞାନ ଦାୟକ ବୃକ୍ଷର ଫଳ ମନା କଲେ । ଶୟତାନ ନାରୀକି ଭୁଲାନ୍ତେ ସେ ଆପେ ସେ ଫଳ ତୋଳି ଖାଇଲା ଓ ସଙ୍ଗସ୍ଥ ସ୍ୱାମିକି ଦେଲେ ସେ ଖା

ଇଲା । ଏହି ପ୍ରଥମ ପାପ ଦ୍ୱାରା ଦୁଃଖ ଓ ମୃତ୍ୟୁ ଜଗତରେ ପ୍ରବେଶିଲେ ପୁଣି ଅଦି ପିତା ମାତା ପାପିଷ୍ଠ ହେବାରୁଂ ସେମାନଙ୍କ ବଂଶ ଅର୍ଥାତ ସବୁ ନରଗଣ ସବୁ ଯୁଗରେ ସବୁଠାରେ ପାପୀ ଓ ମୃତ୍ୟୁର ଅଧୀନ । ତାଙ୍କ ସ୍ୱଭାବ ପାପିଷ୍ଠ ହେବାରୁଂ ତହିଁରୁ କାମ କ୍ରୋଧ ଲୋଭ ହିଂସା ସବୁ ପାପ ଉତ୍ପନ୍ନ ହୁଅଇ । ଏହି ପାପର ଫଳ ମୃତ୍ୟୁ ଅର୍ଥାତ ଦେହ ଓ ଆତ୍ମାର ନାଶ ।

ମନୁଷ୍ୟର ନିଜ କର୍ମିକ ପୁଣ୍ୟରେ ପରିତ୍ରାଣ ନାହିଁ ॥

ଯାବତ ମନୁଷ୍ୟର ପାପି ସ୍ୱଭାବ ଥାଏ ତାବତ ସେ ଅହୁର ପାପ କରିବ ପୁଣି ଅପଣା ସ୍ୱଭାବ ସେ ଆପେ ନୂତନ କରି ନ ପାରଇ ଏଣୁ ସେ ଯେତେ କର୍ମ କରଇ ତହିଁରେ ପାପ ମିଶ୍ରିତ ଓ ଈଶ୍ୱରଙ୍କଠାରେ ଅଗ୍ରାହ୍ୟ । ନିଜ କୃତ କର୍ମରେ କାହାର ପରିତ୍ରାଣ ହୋଇ ନ ପାରିବ । ଈଶ୍ୱର କହନ୍ତି ଯେ ପ୍ରାଣୀ ପାପ କରଇ ସେ ମରିବ । ଏଣୁ ସମସ୍ତେ ପାପକାରୀ ହୋଇ ସମସ୍ତେ ନରକ ଯୋଗ୍ୟ ।

ତ୍ରାଣୋପାୟ ବିଷୟରେ ।

ପରମେଶ୍ୱର ଦେଖିଲେ ଯେ ସବୁ ପ୍ରାଣୀ ପାପ ହେତୁରୁଂ ନରକ ଯିବାକୁ ଯୋଗ୍ୟ ଓ ଅପଣାମାନଙ୍କର ତ୍ରାଣ ସାଧିବାକୁ ନ ପାରନ୍ତି ଏଣୁ ସେ ଆପେଁ ଦୟା ବହି ଉପାୟ ପ୍ରକାଶ କଲେ । ଯଥା ॥ ଈଶ୍ୱର ଜଗତକୁ ଅତି ଦୟା କରି ଅପଣା ଅଦ୍ୱିତୀୟ ଆତ୍ମଜ ଦାନକଲେ ତେଣୁ ଯେ କେହି ତାହାଙ୍କଠାରେ ବିଶ୍ୱାସ କରଇ ତାହାର ସର୍ବନାଶ ନ ହୋଇ ଅନନ୍ତ ପରମାୟୁର ଭୋଗ ହୋଇବ । ଯୋହନର ମଙ୍ଗଳ ସମାଚାର ୩ ପର୍ବ ୧୪ ପଦ ।

ମନୁଷ୍ୟର ପରିତ୍ରାଣ ସିଦ୍ଧ କରିବାର ନିମନ୍ତେ ଦୁଇ ମହତ କାର୍ଯ୍ୟର ପ୍ରୟୋଜନ ଅଛି ପ୍ରଥମ ତାହାର ପାପ ମୋଚନ ଦ୍ୱିତୀୟ ତାହାର ମନ ପବିତ୍ର କରିବାର । ପାପ ମୋଚନ ନୋହିଲେ ତା

ହାକୁ ଆପଣା ପାପର ସବୁ ଫଳ ଭୋଗିବାକୁ ହେବ ଓ ପବିତ୍ର ମନ ନୋହିଲେ ସେ ପବିତ୍ର କର୍ମ କରି ନ ପାରିବ ଓ ପବିତ୍ର ଈଶ୍ୱରଙ୍କର ଦର୍ଶନ ପାଇ ନ ପାରିବ ଓ ପବିତ୍ର ସ୍ୱର୍ଗରେ ବାସ କରି ସୁଖ ପାଇ ନ ପାରିବ । ଏହି ଦୁଇ ଉପାୟ ଧର୍ମପୁସ୍ତକରେ ପ୍ରକାଶ ଯଥା ॥

୧ ଈଶ୍ୱରଙ୍କ ସହିତ ଆମ୍ଭମାନଙ୍କର ମିଳଣ କରାଇବାର ପାଇଁ ଖ୍ରୀଷ୍ଟ ଆପେ ଧାର୍ମିକ ହୋଇ ଅଧାର୍ମିକମାନଙ୍କର ବଦଳେ ଦୁଃଖ ଭୋଗ କଲେ ସେ ଦେହରେ ହତ ହୋଇ ଆତ୍ମାରେ ସଜୀବ ହୋଇଲେ । ୧ ପିତର ୩ ପର୍ବ ୧୮ ପଦ ।

ଯୀଶୁ ଖ୍ରୀଷ୍ଟ ଧାର୍ମିକ ଈଶ୍ୱରଙ୍କ ସମ୍ମୁଖରେ ଆମ୍ଭମାନଙ୍କର ପକ୍ଷବାଦୀ ଅଛନ୍ତି ପୁଣି ସମୁଦାୟ ଜଗତର ପାପ ନିମନ୍ତେ ପ୍ରାୟଶ୍ଚିତ୍ତ ଅଟନ୍ତି । ୧ ଯୋହନ ୨ ପର୍ବ ୧ ପଦ ।

ସେ ଆମ୍ଭମାନଙ୍କର ଦୁର୍ବଳତା ସବୁ ଧରିଲା ଓ ଆମ୍ଭମାନଙ୍କର ବ୍ୟାଧି ସବୁ ସହିଲା ସେ ଆମ୍ଭମାନଙ୍କର ଆଜ୍ଞାଲଙ୍ଘନର ନିମନ୍ତେ ଘାଉଆ ଓ ଆମ୍ଭମାନଙ୍କର ଅପରାଧର ନିମନ୍ତେ କ୍ଷତଯୁକ୍ତ ହେଲା ଆମ୍ଭମାନଙ୍କର ମଙ୍ଗଳ ଜନକ ଶାସ୍ତି ତାହାଙ୍କ ଉପରେ ବର୍ତ୍ତିଲା ପୁଣି ତାହାଙ୍କ ମାଡ ଖାଇବାରେ ଆମ୍ଭମାନଙ୍କର ସ୍ୱାସ୍ଥ୍ୟ ହୁଅଇ । ଯିଶାଇୟ ୫୩ ପର୍ବ ୪ ୫ ପଦ ।

ଏମନ୍ତ ଖ୍ରୀଷ୍ଟ ପାପିମାନଙ୍କ ପାଇ ପ୍ରାୟଶ୍ଚିତ୍ତ କଲେ ତାହାଙ୍କ ନାମରେ ଯେଉଂମାନେ ପାପମୋଚନ ମାଗନ୍ତି ସେମାନଙ୍କୁ ପରମେଶ୍ୱର ନ୍ୟାୟବନ୍ତ ଓ ପରମ ଦୟାଳୁ ହୋଇ ସେହି ପାପମୋଚନ ଦେବାକୁ ଉଦ୍ୟତ ଅଛନ୍ତି ।

୨ ଆବର ମନୁଷ୍ୟ ପାପାଧୀନ ହୋଇ କୌଣସି ପୁଣ୍ୟ କର୍ମ କରି ନ ପାରଇ ଏଣୁ ତାହାର ମନ ନୂତନ କରିବାକୁ ଓ ଜ୍ଞାନ ସାନ୍ତ୍ୱନା ଦେବାକୁ ପ୍ରଭୁ ଯୀଶୁ ଖ୍ରୀଷ୍ଟର ସକାଶେ ପିତା ଈଶ୍ୱର ମନରେ ଧର୍ମାତ୍ମା ଦାନ କରନ୍ତି । ଯଥା ॥ ଆମ୍ଭେମାନେ ଈଶ୍ୱରଙ୍କ ଅନୁଗ୍ର

ହରେ ପୁଣ୍ୟବନ୍ତ ଗଣିତ ହୋଇ ଅନନ୍ତ ପରମାୟୁର ଭରସା ପ୍ରମାଣରେ ଉତ୍ତରାଧିକାରୀ ହୋଇ । ମନୁଷ୍ୟ ପ୍ରତି ତ୍ରାଣକର୍ତ୍ତା ଈଶ୍ୱରଙ୍କ ପ୍ରେମ ଓ କୃପା ପ୍ରକାଶ ହୁଅନ୍ତେ ସେ ଆମ୍ଭମାନଙ୍କ ସ୍ୱକୃତ ପୁଣ୍ୟରେ ନୋହେ ମାତ୍ର ପୁନର୍ଜନ୍ମରୂପ ସ୍ନାନରେ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟରେ କରି ଆମ୍ଭମାନଙ୍କର ଉପରେ ବାହୁଲ୍ୟରୂପ ଢାଳିଲା ଯେ ଧର୍ମଆତ୍ମାରେ ନୂତନ କୃତ ହେବା ଦ୍ୱାରା ଆପଣା ଦୟାନୁସାରେ ଆମ୍ଭମାନଙ୍କୁ ପରିତ୍ରାଣ କରନ୍ତୁ । ତିତସ ୩ ପର୍ବ ୬ ପଦ ।

ଯୀଶୁ କହିଲେ । ସତ୍ୟ୨ ଆମ୍ଭେ କହୁ ଜଳ ଓ ଆତ୍ମାରୁ ମନୁଷ୍ୟର ପୁନର୍ଜନ୍ମ ନ ହେଲେ ସେ ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶିବାକୁ ନ ପାରିବେ । ଯୋହନ ୩ ପର୍ବ ୫ ପଦ ।

ଯେ କେହି ମାଗଇ ତାହାକୁ ଈଶ୍ୱର ଆପଣା ଧର୍ମଆତ୍ମା ଦେବେ । ଲୂକ ୧୧ ପର୍ବ ୧୩ ପଦ ।

## ପରିତ୍ରାଣର ଉପାୟ ପ୍ରକାଶ କରିବାର ବିଷୟ ।

ପରମେଶ୍ୱର କାହାର ବିନାଶରେ ସନ୍ତୋଷ ନୋହି ସବୁର ପରିତ୍ରାଣରେ ସନ୍ତୋଷ ଅଛନ୍ତି ଏଣୁ ଏହି ଉପାୟ ସବୁ ଜଗତରେ ପ୍ରକାଶ କରିବାକୁ ଆଜ୍ଞା ଦେଇଅଛନ୍ତି । ପୁଣି ଏହି ଆଜ୍ଞା ପ୍ରମାଣେ ତାହାଙ୍କ ସେବକ ଲୋକ ଆସି ହିନ୍ଦୁମାନଙ୍କ କତିରେ ଏହି ସତ୍ୟଧର୍ମ ଓ ମହା ମଙ୍ଗଳ ସମାଚାର ଜଣାଇବାକୁ ଉଦ୍ୟମ କରନ୍ତି ଯଥା ।

ଖ୍ରୀଷ୍ଟର ଏହିରୂପ ମୃତ୍ୟୁ ଯନ୍ତ୍ରଣା ଭୋଗ କରି ତୃତୀୟ ଦିବସରେ କବରରୁ ଉଠିବେ ପୁଣି ତାହାଙ୍କ ନାମରେ ଯିରୂଶାଲମ ଆଦି କରି ସମସ୍ତ ଦେଶରେ ମନ ଫେରଣର ଓ ପାପମୋଚନର ମଙ୍ଗଳ ସମାଚାର ଘୋଷଣା କରିବାକୁ ହେବ ଏହା ଲେଖା ଅଛି ।

ଆବର ଅନ୍ୟସ୍ଥାନେ ଲେଖିତ । ସମସ୍ତ ଜଗତରେ ଯାଇ ପ୍ରତ୍ୟେକ ଲୋକଙ୍କର ନିକଟରେ ମଙ୍ଗଳ ସମାଚାର ଘୋଷଣା କର

ତହିଁରେ ଯେଉଂଜନ ବିଶ୍ୱାସ କରି ଉତ୍ତ୍ତ ହୁଅଇ ସେ ପରିତ୍ରାଣ ପାଇବ ପୁଣି ଯେ ବିଶ୍ୱାସ ନ କରଇ ତାହାର ଦଣ୍ଡ ହେବ ।

ଯିହୂହା ଈଶ୍ୱର ଏହା କହନ୍ତି ସେମାନଙ୍କୁ ବୋଲ ଆମ୍ଭର ଥିବାର ପ୍ରମାଣେ ଅମ୍ଭେ ଦୁଷ୍ଟମାନଙ୍କର ମରଣରେ କିଛି ତୁଷ୍ଟ ନାହି ପୁଣି ଦୁଷ୍ଟମାନେ ଆପଣା୨ କୁପଥ ଛାଡ଼ି ଯେ ବଁଚନ୍ତି ଏଥିରେ ସନ୍ତୋଷ ତୁମ୍ଭେମାନେ ଫେର ଆପଣା୨ କୁପଥରୁ ଫେର କି ହେତୁରୁ ମରିବ ॥

## ମହା ବିଗ୍ଭର ଓ ଜଗତର ପ୍ରଲୟ ବିଷୟ ।

ଈଶ୍ୱର ସର୍ବତ୍ର ସମସ୍ତଙ୍କୁ ମନ ଫେରାଇବାକୁ ଏତେବେଳେ ଆଜ୍ଞା କରନ୍ତି ଯେହେତୁ ଯେ ଦିନରେ ସେ ସମସ୍ତଙ୍କୁ ନ୍ୟାୟରୂପେ ପ୍ରଭୁ ଯୀଶୁଖ୍ରୀଷ୍ଟ ଦ୍ୱାରା ବିଗ୍ଭର କରିବେ ଏମନ୍ତ ଏକ ଦିନ ସେ ନିରୂପଣ କରିଛନ୍ତି ॥ ପ୍ରେରିତମାନଙ୍କର ବିବରଣ ୧୭ ପର୍ବ ୩୧ ପଦ ॥

ମନୁଷ୍ୟ ପୁତ୍ର ଯେତେବେଳେ ଧର୍ମ ଦୂତଗଣଙ୍କୁ ସଙ୍ଗେ କରି ଐଶ୍ୱର୍ଯ୍ୟବନ୍ତ ହୋଇ ଆସି ଆପଣା ତେଜୋମୟ ସିଂହାସନରେ ବସିବେ ତେତେବେଳେ ତାହାଙ୍କ ସମ୍ମୁଖରେ ସର୍ବ ଦେଶୀୟ ଲୋକ ଏକତ୍ର ହୋଇବେ । ପୁଣି ରଖୁଆଲ ଯେମନ୍ତ ଛେଳିଠାରୁ ମେଷ ସମସ୍ତ ଭିନ୍ନ୨ କରଇ ତେମନ୍ତ ସେ ସେମାନଙ୍କୁ ପୃଥକ କରି ମେଷଗଣଙ୍କୁ ଦକ୍ଷିଣ ପାଖରେ ଓ ଛେଳିଗଣଙ୍କୁ ବାମ ପାଖରେ ରଖିବେ । ତହୁଁ ରାଜା ଦକ୍ଷିଣ ପାଖସ୍ଥ ସମସ୍ତଙ୍କୁ କହିବେ ହେ ଆମ୍ଭର ପିତାର ଅନୁଗ୍ରହ ପାତ୍ରମାନେ ଆସ ତୁମ୍ଭମାନଙ୍କର ନିମନ୍ତେ ଜଗତର ପତ୍ତନାବଧି ଯେଉଂ ରାଜ୍ୟ ପ୍ରସ୍ତୁତ କରା ଯାଇଅଛି ତାହାର ଅଧିକାରୀ ହୁଅ । ପୁଣି ବାମ ପାଖସ୍ଥ ସମସ୍ତଙ୍କୁ ସେ କହିବେ ଆରେ ଶାପଗ୍ରସ୍ତ ସମସ୍ତେ ଶୟତାନ ଓ ତାହାର ଦୂତମାନଙ୍କର ନିମନ୍ତେ ଯେଉଂ ଅନନ୍ତ ଅଗ୍ନି ପ୍ରସ୍ତୁତ ଅଛି ଆମ୍ଭ ନିକଟରୁ ସେଠାରେ ଗ୍ଭଲିଯାଅ ।

ଏମାନେ ଅନନ୍ତ ଶାସ୍ତି ପୁଣି ଧାର୍ମିକଗଣ ଅନନ୍ତ ପରମାୟୁ ଭୋଗ କରିବାକୁ ଯିବେ ।

ରାତ୍ର କାଳର ଚୋରର ତୁଲ୍ୟ ପ୍ରଭୁର ଦିନ ଅସିବ ସେହି କାଳରେ ଘୋର ଶବ୍ଦରେ ଆକାଶ ମଣ୍ଡଳ ଲୋପ ହେବ ଓ ମହା ତାପରେ ମୂଳ ବସ୍ତୁ ସବୁ ମିଳାଇ ଯିବ ପୁଣି ପୃଥିବୀ ଓ ତାହାର ମଧ୍ୟସ୍ଥ ବସ୍ତୁ ସବୁ ଦଗ୍ଧ ହୋଇବ ଏଣୁ ସେହି ଈଶ୍ୱରଙ୍କ ଅଗାମି ଦିନର ଅପେକ୍ଷା କରି ସବୁ ପବିତ୍ର ଆଚରଣରେ ଓ ଈଶ୍ୱରଙ୍କ ସେବାରେ କି ପ୍ରକାର ମନଷ ହେବାର ଅମ୍ଭମାନଙ୍କର ଉଚିତ । ୨ ପିତର ୩ ପର୍ବ ୧୧ ପଦ ।

ଏହି ମଙ୍ଗଳ ସମାଚାର ସମସ୍ତ ଦେଶରେ ସାକ୍ଷ୍ୟ ନିମନ୍ତେ ସବୁ ଜଗତରେ ଘୋଷଣା କରିବାକୁ ହେବ ତହିଁ ଉତ୍ତାରୁ ଜଗତର ଶେଷ ହୋଇବ । ମାଥିଉ ୨୪ ପର୍ବ ୧୪ ପଦ ।

## ଧର୍ମାଚରଣ ବିଷୟରେ ।

ଏହାର ବିଷୟରେ ଧର୍ମପୁସ୍ତକରେ ଅନେକ ଉପଦେଶ ଅଛି ଏହି ସାନ ପୋଥିରେ କେବଳ ଏକ ଅଧ୍ୟାୟ ବାଛି ଲେଖି ଯଥା ରୋମୀୟ ମଣ୍ଡଳୀର ପ୍ରତି ୧୨ ପର୍ବ ।

ହେ ଭାଇମାନେ ଅମ୍ଭେ ଈଶ୍ୱରଙ୍କର ଦୟାରେ ତୁମ୍ଭମାନଙ୍କର ପ୍ରତି ଏହି ମିନତି କରି । ତୁମ୍ଭେମାନେ ଆପଣା୨ ଶରୀରକୁ ସଜୀବ ଓ ପବିତ୍ର ଓ ଗ୍ରାହ୍ୟ ବଳିରୂପେ ଈଶ୍ୱରର ଉଦ୍ଦେଶରେ ଉତ୍ସର୍ଗ କର ଏହି ତୁମ୍ଭମାନଙ୍କର ଉପଯୁକ୍ତ ସେବା । ପୁଣି ତୁମ୍ଭେମାନେ ଏହି ସଂସାରିକ ଆଚାର ନ ହୋଇ ଅପଣା୨ ସ୍ୱଭାବ ଫେରାଇବାରେ ନୂତନ ଆଚାରୀ ହୁଅ । ତହିଁରେ ଈଶ୍ୱରର ଯେ ଅଜ୍ଞା କେମନ୍ତ ଉତ୍ତମ ଓ ଗ୍ରାହ୍ୟ ଓ ସଂପୂର୍ଣ୍ଣ ଏହା ଜାଣିବାକୁ ପାଇବ । କୌଣସି ଜନ ଅଣୁପଯୁକ୍ତରୂପେ ଅପଣାକୁ ଶ୍ରେଷ୍ଠ କରି ନ ମଣି ଈଶ୍ୱର ଯା

ହାକୁ ଯେମନ୍ତ ପରିମାଣରେ ବିଶ୍ୱାସ ଦେଇ ଅଛନ୍ତି ସେ ତାହା ଅନୁସାରେ ଉପଯୁକ୍ତରୂପେ ଆପଣାକୁ ମଣୁ ଅମ୍ଭକୁ ଅନୁଗ୍ରହ ଦତ୍ତ ହେବାରୁଂ ତୁମ୍ଭମାନଙ୍କର ପ୍ରତ୍ୟେକ ଜଣକୁ ଏହି ଆଜ୍ଞା ଦେଇ । ଯେହେତୁ ଅମ୍ଭମାନଙ୍କର ଏକ ଦେହରେ ଯେମନ୍ତ ଅନେକ ଅଙ୍ଗ ଅଛି ପୁଣି ସମସ୍ତ ଅଙ୍ଗର ସମାନ କାର୍ଯ୍ୟ ନୋହେ ତେମନ୍ତ ଅମ୍ଭେମାନେ ଅନେକ ହୋଇଲେ ପ୍ରତ୍ୟେକ ଜଣ ଅଙ୍ଗ ପ୍ରତ୍ୟଙ୍ଗରୂପେ ଖ୍ରୀଷ୍ଟରେ ଏକ ଶରୀର ହେଉଅଛୁ । ଏନିମନ୍ତେ ଅନୁଗ୍ରହରେ ଅମ୍ଭେମାନେ ବିଶେଷ୨ ଅନୁଗ୍ରହ ଦାନ ପ୍ରାପ୍ତ ହେଲେ କେହି ଯେବେ ଭବିଷ୍ୟତ୍‌ବାକ୍ୟ କହଇ ତେବେ ବିଶ୍ୱାସର ପରିମାଣ ଅନୁସାରେ ସେ ଭବିଷ୍ୟତ୍‌ବାକ୍ୟ କହୁ । କିଅବା କେହି ଯେବେ ସେବାକାରୀ ହୁଅଇ ତେବେ ସେ ସେବା କରୁ ଅବା କେହି ଯେବେ ଅଧ୍ୟାପକ ହୁଅଇ ତେବେ ସେ ଅଧ୍ୟୟନ କରାଉ । ଅବା ଉପଦେଶକ ହୋଇଲେ ଉପଦେଶ ଦେଉ । ଯେ ଦାତା ସେ ସରଳ ଭାବରେ ଦାନ କରୁ । ଯେ ଜନ କର୍ତ୍ତା ହୁଅଇ ସେ ଯତ୍ନରେ ତାହା କରୁ । ଯେ ଜନ ଦୟାକାରୀ ହୁଅଇ ହୃଷ୍ଟ ମନରେ ଦୟାକରୁ ।

ଆଉ ତୁମ୍ଭମାନଙ୍କର ପ୍ରେମ ନିଷ୍କପଟ ହେଉ । ମନ୍ଦ ବିଷୟରେ ବିରକ୍ତ ହୋଇ ଉତ୍ତମ ବିଷୟରେ ଅନୁରକ୍ତ ଭ୍ରାତୃ ଭାବର ପ୍ରେମରେ ଏକକୁଆରେକ ପ୍ରେମକର ସମାଦର ଦେଇ ଏକ ଜଣ ଆରେକକୁ ଶ୍ରେଷ୍ଠ ଜ୍ଞାନ କର । କାର୍ଯ୍ୟରେ ନିରାଳସ୍ୟ ଓ ମନରେ ଉଦ୍ଯୋଗି ହୋଇ ପ୍ରଭୁର ସେବା କର । ଭରସାଯୁକ୍ତ ହୋଇ ଆନନ୍ଦ କର ଦୁର୍ଦ୍ଦଶାରେ ଧୈର୍ଯ୍ୟଶୀଳ ହୁଅ ପ୍ରାର୍ଥନାରେ ସଦା ପ୍ରବୃତ୍ତ ହୁଅ । ସାଧୁମାନଙ୍କର ଦୀନତା ଦୂର କର ଅତିଥି ସେବାରେ ରତ ହୁଅ । ତୁମ୍ଭମାନଙ୍କର ନିଗ୍ରହକାରୀମାନଙ୍କୁ ଆଶୀର୍ବାଦ କର । ଅଭିଶାପ ନ ଦେଇ ଆଶୀର୍ବାଦ କର । ଯେଉଂମାନେ ଆନନ୍ଦ କରନ୍ତି ସେମାନଙ୍କର ସହିତ ଆନନ୍ଦ କର । ଯେଉଂମାନେ କ୍ରନ୍ଦନ କରନ୍ତି ସେମା

ନଙ୍କର ସହିତ କ୍ରନ୍ଦନ କର । ଏକକୁଆରେକର ପ୍ରତି ଐକ୍ୟ ଭାବ ବହ । ଉଚ୍ଚ ପଦ ଅଭିମାନୀ ନ ହୋଇ ଇତର ଲୋକମାନଙ୍କର ସହିତ ମିଳାପ କର । ଆପଣାମାନଙ୍କୁ ଜ୍ଞାନବନ୍ତ କରି ନ ବୁଝ । କାହାରଠାରୁ ମନ୍ଦ ପାଇଲେ ପୁନର୍ବାର ମନ୍ଦ ନ କର । ସମସ୍ତଙ୍କର ଦୃଷ୍ଟିରେ ଯେଉଁକର୍ମ ଉପଯୁକ୍ତ ତାହା କର । ଯେବେ ହେବାକୁ ପାରଇ ତେବେ ସମସ୍ତର ସଙ୍ଗରେ ଯଥାସାଧ୍ୟ ନିର୍ବିରୋଧ ଆଚରଣ କର । ହେ ପ୍ରିୟମାନେ କାହାର ଅପକାର ନ କର ପରର କ୍ରୋଧକୁ ସ୍ଥାନ ଦିଅ ଯେହେତୁ ଲେଖାଅଛି ପରମେଶ୍ୱର କହନ୍ତି ସମୁଚିତ ଦଣ୍ଡ ଦେବାକୁ ଆମ୍ଭର ଅଧିକାର ଅମ୍ଭେଇ ପ୍ରତି ଫଳ ଦେବା । ଏଥିପାଇଁ ତୁମ୍ଭର ଶତ୍ରୁ କ୍ଷୁଧିତ ହୋଇଲେ ତାହାକୁ ଭୋଜନ କରାଅ ସେ ତୃଷ୍ଣାଯୁକ୍ତ ହୋଇଲେ ଜଳ ପାନ କରାଅ ତାହା କଲରେ ତାହାର ମୁଣ୍ଡରେ ଜ୍ୱଳଦଙ୍ଗାର ରାଶି କରି ଥୋଇବ । କୁକ୍ରିୟାରେ ପରାଜିତ ନ ହୋଇ ସୁକ୍ରିୟାରେ କୁକ୍ରିୟାକୁ ପରାଜୟ କର ।

## ମଣ୍ଡଳୀ ବିଷୟରେ ।

୧ । ଖ୍ରୀଷ୍ଟ ଆପଣା ଶରଣାଗତ ଲୋକଙ୍କ ଧର୍ମ ବାଟରେ ନିଷ୍ଠା ରଖିବା ପାଇଁ ଆଜ୍ଞା କରିଛନ୍ତି ଯେ ଏକ ଗ୍ରାମସ୍ଥ ଖ୍ରୀଷ୍ଟିୟାନ ଲୋକେ ଏକ ମଣ୍ଡଳୀ ହୁଅନ୍ତି ପୁଣି ସେ ମଣ୍ଡଳୀରେ ଧର୍ମପୁସ୍ତକର ପାଠ ପ୍ରାର୍ଥନା ଧର୍ମଗାୟନ ଆଦି ହେବାର ଓ ସପ୍ତାହର ପ୍ରଥମ ଦିନ ପବିତ୍ର କରି ମାନିବାର ଓ ଅନ୍ୟ ଧର୍ମସ୍ଥାପନର ପାଳିବାର ହୁଅଇ ।

୨ । ପ୍ରତି ମଣ୍ଡଳୀର ଶିକ୍ଷା ଓ ଶାସନ କରିବା ପାଇଁ ଜଣେ ଗୁର୍ଜନ ମଣ୍ଡଳୀର ରକ୍ଷକ ନିଯୁକ୍ତ ହୁଅଇ । ସେ ଜନ କେମନ୍ତ ଧାର୍ମିକ ସଦାଗ୍ରହୀ ଉପଦେଶ ଦେବାରେ ନିପୁଣ ଇତ୍ୟାଦି ଉପଯୁକ୍ତ ଗୁଣ ବିଷୟରେ ତିମଥିର ପ୍ରତି ଓ ତୀତର ପ୍ରତି ଯେଉଁ ଚିଠାଉ ତହିଁରେ ବିସ୍ତରରୂପେ ଲେଖାଅଛି ।

୩ । ମଣ୍ଡଳୀର ଲୌକିକ ବିଷୟ ସମ୍ପାଦିବା ପାଁଇ ଦରିଦ୍ର ଓ ପୀଡିତ ଲୋକଙ୍କ ଉପକାର ଓ ସଙ୍ଘୋଳିବା ପାଁଇ ଓ ମଣ୍ଡଳୀର ରକ୍ଷକଙ୍କୁ ଉପକାର କରିବା ପାଁଇ ପ୍ରତ୍ୟେକ ମଣ୍ଡଳୀରେ ପ୍ରାଚୀନ ଭାଇମାନଙ୍କୁ ଧାର୍ମିକ ପଦରେ ନିଯୁକ୍ତ ହୁଅଇ । ଏମାନଙ୍କର କାର୍ଯ୍ୟ ଉପଯୁକ୍ତ ଗୁଣ ଆଚରଣାଦି ସେହି ସେ ଦୁଇ ଚିଠାଉରେ ଲେଖା ଅଛି ।

୪ । ମଣ୍ଡଳୀସ୍ଥ ଲୋକ ପରସ୍ପରର ମଙ୍ଗଳ ଲୋଡିବାକୁ ଉଚିତ ଯଥା । ହେ ଭାଇମାନେ ସାବଧାନ ଅମର ଈଶ୍ୱରଙ୍କଠାରୁ ବିମୁଖ କରଇ ଯେ ଅବିଶ୍ୱାସ ତାହା ଦ୍ୱାରା ଯେମନ୍ତ ତୁମ୍ଭମାନଙ୍କର କାହାର ଅନ୍ତଃକରଣ ଦୁଷ୍ଟ ନୁହଇ ଏଥିନିମନ୍ତେ ଦିନ ଥାଉଁ ଏକୁଂଆରେକ ଦିନକୁଦିନ ଉପଦେଶ କର । ଏବ୍ରୀୟ ୩ ପର୍ବ ୧୩ ପଦ ।

୫ । ମଣ୍ଡଳୀରେ ପ୍ରବେଶିବାର ନିୟମ ଏହି । ମାଥିଉ ଲେଖିତ ୨୮ ପର୍ବ ୧୯ ୨୦ ପଦ । ଯୀଶୁ ସେମାନଙ୍କଠାରେ ଆସି କହିଲେ ତୁମ୍ଭେମାନେ ଯାଇ ସର୍ବ ଦେଶୀୟ ଲୋକମାନଙ୍କୁ ଶିଷ୍ୟ କରି ପିତାର ଓ ପୁତ୍ର ଓ ଧର୍ମଆତ୍ମାର ନାମରେ ସେମାନଙ୍କୁ ଡୁବାଅ ଅଉ ଆମ୍ଭେ ଯେ ସମସ୍ତ ଆଜ୍ଞା ଦେଇଅଛୁଁ ତାହା ସେମାନଙ୍କୁ ପାଳଣ କରିବାକୁ ଶିକ୍ଷା ଦିଅ ଦେଖ ଜଗତର ଶେଷ ପର୍ଯ୍ୟନ୍ତେ ସର୍ବଦା ଆମ୍ଭେ ତୁମ୍ଭମାନଙ୍କର ସଙ୍ଗୀ ଅଛୁଁ ।

୬ । ପ୍ରଭୁ ଯୀଶୁର ଆଶ୍ଚର୍ଯ୍ୟ ପ୍ରେମ ସ୍ମରଣ କରିବା ପାଁଇ ପ୍ରଭୁର ଭୋଜନ ବୋଲି ଆଉ ଏକ ସ୍ଥାପନ ଅଛି ଯଥା ୧ କରିନ୍ଥୀ ୧୧ ପର୍ବ ।

ପ୍ରଭୁଠାରୁ ଯାହା ଅମ୍ଭେ ପାଇ ଥିଲୁଁ ତାହାଇ ତୁମ୍ଭମାନଙ୍କଠାରେ କହି ଦେଲୁଁ ଯଥା । ପରହସ୍ତଗତ ହେବାର ରାତ୍ରିରେ ପ୍ରଭୁ ଯୀଶୁ ରୁଟୀ ନେଇ ଈଶ୍ୱରର ଧନ୍ୟବାଦ କରି ତାହା ଭାଙ୍ଗି କହିଲେ ଏହା ନେଇ ଭୋଜନ କର ଏହି ତୁମ୍ଭମାନଙ୍କର ନିମନ୍ତେ ଅମ୍ଭର ଭଗ୍ନ ଦେହସ୍ୱରୂପ ଅମ୍ଭକୁ ସ୍ମରଣ କରିବା ପାଁଇ ଏହା କର । ପୁଣି ରାତ୍ର ଭୋଜନ କଲା ଉତ୍ତାରେ ତେମନ୍ତ ସେ ପାନ ପାତ୍ର ନେଇ କ

ହିଲେ ଏହି ପାତ୍ର ଆମ୍ଭର ରକ୍ତରେ ସ୍ଥାପିତ ନୂତନ ନିୟମ ସ୍ୱରୂପ ଅଟଇ ତୁମ୍ଭେମାନେ ଯେତେ ଥର ଏଥିଁରୁ ପାନ କର ତେତେ ଥର ଆମ୍ଭକୁ ସ୍ମରଣ କରିବା ପାଇଁ ତାହା କର । ଏନିମନ୍ତେ ତୁମ୍ଭେମାନେ ଯେତେ ଥର ଏହି ରୋଟୀ ଖାଅ ପୁଣି ଏହି ପାତ୍ରରୁ ପାନ କର ତେତେ ଥର ପ୍ରଭୁର ଆଗମନ ପର୍ଯ୍ୟନ୍ତେ ତୁମ୍ଭେମାନେ ତାହାଙ୍କର ମରଣ ପ୍ରକାଶ କରୁଅଛ । ଆଉ ଯେ କେହି ଅଯୋଗ୍ୟ ହୋଇ ପ୍ରଭୁର ଏହି ରୁଟୀ ଖାଏ ଅବା ଏହି ପାତ୍ରରୁ ପାନ କରଇ ସେ ପ୍ରଭୁର ଦେହର ଓ ରକ୍ତର ଦାୟୀ ହେବ । ଏଥିପାଇଁ ମନୁଷ୍ୟ ଆଗରେ ଆପଣାର ପରଖ କରି ପଛେ ଏହି ରୁଟୀ ଖାଉ ପୁଣି ଏହି ପାତ୍ରରୁ ପାନ କରୁ । ଯେ ଜନ ଅଯୋଗ୍ୟ ହୋଇ ଭୋଜନ ପାନ କରଇ ସେ ପ୍ରଭୁର ଦେହର ବିଷୟ ବିବେଚନା ନ କରି କେବଳ ଆପଣାର ଦଣ୍ଡର ନିମନ୍ତେ ଭୋଜନ ପାନ କରଇ । ଏଥିପାଇଁ ତୁମ୍ଭମାନଙ୍କର ଅନେକ ଲୋକ ଦୁର୍ବଳ ଓ ପୀଡିତ ଓ ଅନେକ ମହା ନିଦ୍ରା ପ୍ରାପ୍ତ ହୁଅଇ ।

## ଖ୍ରୀଷ୍ଟିୟାନମାନଙ୍କର ନିତ୍ୟ କର୍ମ ।

୧ । ଇନ୍ଦ୍ରିୟଦମନ । ଯେଉଂ ଜନ ଆପଣା ଆତ୍ମାକୁ ଶାସନ ନ କରଇ ସେ ଜନ ଭଙ୍ଗା ଓ ପାଚେରି ରହିତ ନଗର ତୁଲ୍ୟ । ଯେବେ ଶାରୀର କୁଅଭିଳାଷ ଅନୁସାରେ ଆଚରଣ କର ତେବେ ମରିବ ପୁଣି ଆତ୍ମା ଦ୍ୱାରା ଶରୀରର କର୍ମକୁ ନିପାତ କଲେ ଜୀବନ ପାଇବ । ଏଣୁ ପ୍ରଭୁ କହିଛନ୍ତି କେହି ଯେବେ ଅମ୍ଭର ଶିଷ୍ୟ ହେବାକୁ ଇଚ୍ଛା କରଇ ତେବେ ସେ ଆପଣାକୁ ଦମନ କରୁ ଓ ଦିନେ୨ କ୍ରୁଶତୋଳି ନେଇ ଆମ୍ଭର ପଛେ୨ ଆସୁ ।

୨ । ନିର୍ଜ୍ଜନରେ ଓ ପରିଜନ ସଙ୍ଗରେ ଓ ମଣ୍ଡଳୀରେ ଈଶ୍ୱର ଙ୍କଠାରେ ପ୍ରାର୍ଥନା କରିବାର । ଏହାର ବିଷୟରେ ଧର୍ମପୁସ୍ତକର

ବହୁତ ଉପଦେଶ ଯେହେତୁ ପ୍ରାର୍ଥନା ବିନୁ କୌଣସି ପାରମାର୍ଥିକ
ଖ୍ରୀଷ୍ଟିୟାନ ବଚି ନ ପାରଇ । ଅତଏବ ସମୟର ପ୍ରାର୍ଥନା ଛଡ଼ା
ସଂନ୍ଧ୍ୟାବେଳେ ଓ ସକାଳବେଳେ ଅବଶ୍ୟ ପ୍ରାର୍ଥନା କରଇ ପୁଣି
ତାହାର ଭୋଜନ ବେଳେ ପ୍ରଭୁଙ୍କୁ ଅନ୍ନଦାତା ମଣି ତାହାଙ୍କ ଆ
ଶୀର୍ବାଦ ମାଗଇ ।

୩ । ଧର୍ମ ଗାୟନ କରିବାର । ଯଥା ॥ ଖ୍ରୀଷ୍ଟର ବାକ୍ୟ ସମ୍ପୂର୍ଣ
ରୂପେ ତୁମ୍ଭମାନଙ୍କ ମନରେ ଥାଉଂ ଗୀତ ଓ ଧନ୍ୟବାଦ ଗାୟନ
ଓ ପରମାର୍ଥିକ ସଂକୀର୍ତ୍ତନରେ ପରସ୍ପର ସମସ୍ତ ଜ୍ଞାନର ଉପଦେଶ
ଓ ପରାମର୍ଶ କର ମନର ଭକ୍ତିରେ ପ୍ରଭୁଠାରେ ଗାୟନ କର ।

୪ । ଧର୍ମପୁସ୍ତକର ପାଠ । ଏକାକୀ ହୋଇ କିଅବା ପରିବାରର
ସଙ୍ଗରେ କିଅବା ଧର୍ମାଲୟରେ ଖ୍ରୀଷ୍ଟିୟାନମାନେ ଧର୍ମପୁସ୍ତକ ପଢନ୍ତୁ
କିଅବା ଶୁଣନ୍ତୁ ଓ ତହିଁରେ ଧ୍ୟାନ କରନ୍ତୁ ଯେମନ୍ତ ଦାଉଦର
୧ ଗୀତରେ ଲେଖା । ଯେଉଁଜନ ପରମେଶ୍ୱରଙ୍କ ଶାସ୍ତ୍ରରେ ସ
ନ୍ତୋଷ ପାଇ ତହିଁରେ ଦିବା ରାତ୍ରି ଧ୍ୟାନ କରଇ ସେ ଧନ୍ୟ । ସେ
ଜଣ ଯଥା କାଳରେ ଫଳନ୍ତା ଓ ଅମଳିଣ ପତ୍ରଯୁକ୍ତ ଏମନ୍ତ ଜଳ
ସ୍ରୋତ ପାଖରେ ପୋତଲା ବୃକ୍ଷର ତୁଲ୍ୟ ସେ ଯାହା କରଇ ତାହ
ସଫଳ ହୁଅଇ ।

୫ । ଉପବାସ । ଉପବାସର ବିଶେଷ ଦିନ ଧର୍ମପୁସ୍ତକରେ ନି
ରୂପିତ ନାହିଁ ପୁଣି ନିରାହାର ମାତ୍ର ଥିବାର ଉପବାସ ନ ଜାଣି ।
ଯେତେବେଳେ ପରମେଶ୍ୱରଙ୍କ ଅଗରେ ଅତି ବିନୟରୂପେ ପାପ
ସ୍ୱୀକାର କରିବାକୁ ଅବା ପ୍ରାର୍ଥନା କରିବାକୁ ଇଚ୍ଛା କର ତେତେ
ବେଳେ ଉପବାସ କରିବାର ଉଚିତ ଓ ତାହା ବିଷୟରେ ଧର୍ମପୁ
ସ୍ତକର ଅନେକ ଦୃଷ୍ଟାନ୍ତ ଓ ଉପଦେଶ ଅଛି ।

୬ । ପରର ଉପକାର କରିବାର । କେବଳ ଆପଣା ସୁଖ
ଭୋଗ ଦିନ ପାତ କରିବାକୁ ବିହିତ ନୁହଇ ଦରିଦ୍ରଙ୍କୁ ଦାନ କରି

ବାର ଓ ଅଜ୍ଞାନକୁ ଶିକ୍ଷା ଦେବାର ଓ ପାପିମାନଙ୍କର ଉଦ୍ଧାର ଖୋଜିବାର ଓ ନାନାରୂପରେ ପରର ମଙ୍ଗଳ ଚେଷ୍ଟା କରିବାର ଆଜ୍ଞା ଅଛୁ ଯେମନ୍ତ ପ୍ରଭୁ ଯୀଶୁ ପରର ହିତ କରି ଏଣେ ତେଣେ ଗମନ କଲେ ତେମନ୍ତ ତାହାଙ୍କର ଅନୁକାରି ହେବାକୁ ଉଚିତ । ଯଥା ଫିଲିପିୟ ୨ ପର୍ବ ୪ ପଦ ।

୭ । ପରିବାରର ପାଳଣ । କେହି ଯେବେ ଆପଣା ପରିବାର ନିମନ୍ତେ ବିଶେଷରେ ଆପଣା ଗୃହସ୍ଥମାନଙ୍କର ନିମନ୍ତେ ଅୟୋଜନ ନ କରଇ ସେ ଜନ ଧର୍ମଚ୍ୟୁତ ହୋଇ ଅବିଶ୍ୱାସିଠାରୁ ଅଧର୍ମ ହୁଅଇ ୨ ତିମଥିର ୫ ପର୍ବ ୮ ପଦ ।

ଏମନ୍ତ କାର୍ଯ୍ୟରେ ନିରାଳସ୍ୟ ଓ ମନରେ ଉଦ୍ଯୋଗୀ ପ୍ରଭୁର ସେବା କରିବାକୁ ଉଚିତ ରୋମାନୀୟ ୧୨ ପର୍ବ ୧୨ ପଦ ।

## ପିତା ମାତାର କର୍ତ୍ତବ୍ୟ କ୍ରିୟା ।

ହେ ପିତା ସମସ୍ତେ ତୁମ୍ଭେମାନେ ଆପଣା ସନ୍ତାନମାନଙ୍କୁ କ୍ରୋଧ ନ କରି ପୁଣି ପ୍ରଭୁର ଶିକ୍ଷା ଓ ଉପଦେଶ ଦେଇ ସେମାନଙ୍କୁ ପ୍ରତିପାଳଣ କର । ଏଫିଶୀୟ ୬ ପର୍ବ ୪ ପଦ ।

ଯେ ଆପଣା ପୁତ୍ରକୁ ବାଡ଼ ନ ମାରଇ ସେ ତାହାକୁ ଘୃଣା କରଇ ପୁଣି ଯେ ତାହାକୁ ପ୍ରେମ କରଇ ସେ ଯଥାକାଳରେ ଶାସ୍ତି ଦିଅଇ । ହିତୋପଦେଶର ୧୩ ପର୍ବ ୨୪ ପଦ ।

## ପିଲାମାନଙ୍କର କର୍ତ୍ତବ୍ୟ କ୍ରିୟା ।

ହେ ବାଳକଗଣ ପରମେଶ୍ୱରଙ୍କ ବାକ୍ୟାନୁସାରେ ତୁମ୍ଭେମାନେ ପିତା ମାତାର ଆଜ୍ଞାକାରୀ ହୁଅ ଯେହେତୁ ଏହା ଉପଯୁକ୍ତ । ଆପଣା ପିତା ମାତାକୁ ସମାଦର କର ତାହା କଲେ କଲ୍ୟାଣ ହେବାରୁ ତୁମ୍ଭେ ଦେଶରେ ଦୀର୍ଘାୟୁ ଭୋଗ କରିବାକୁ ପାରିବ ।

## ମୁନବର ନୀତ କ୍ରିୟା ।

ହେ କର୍ତ୍ତା ସମସ୍ତେ ଯେ କାହାର ମୁଖ ଉପରୋଧ ନ କରନ୍ତି ସ୍ୱର୍ଗରେ ତୁମ୍ଭମାନଙ୍କର ଏମନ୍ତ ଜଣେ କର୍ତ୍ତା ଅଛନ୍ତି ଏହା ଜାଣି ଆପଣା୨ ଦାସଗଣଙ୍କୁ ଭର୍ତ୍ସନା ନ କରି ତୁମ୍ଭେମାନେହେଁ ସେହି ଅନୁସାରେ ବ୍ୟବହାର କର ।

## ଦାସମାନଙ୍କର ନୀତ କର୍ମ ।

ହେ ଦାସ ସମସ୍ତେ ତୁମ୍ଭେମାନେ ଖ୍ରୀଷ୍ଟରେ ଯେମନ୍ତ ତେମନ୍ତ ଭୟଯୁକ୍ତ ଓ ସଙ୍କୁଚିତ ହୋଇ ସରଳ ମନରେ ଆପଣା୨ ପ୍ରଭୁମାନଙ୍କର ଆଜ୍ଞାକାରୀ ହୁଅ ଯେହେତୁ ସ୍ୱାଧୀନ ହେଉ କଅବା ପରାଧୀନ ଯେ କେହି କୌଣସି ସତ୍‌କର୍ମ କରଇ ସେ ପ୍ରଭୁର ନିକଟରେ ସେ କର୍ମର ଫଳ ପାଇବ । ଏହା ଜାଣି ମନୁଷ୍ୟର କର୍ମ ଜ୍ଞାନ ନ କରି ପ୍ରଭୁର କର୍ମ ବୁଝି ସ୍ୱଚ୍ଛନ୍ଦରେ ମନୁଷ୍ୟ ସନ୍ତୋଷର ନିମନ୍ତେ ଦୃଷ୍ଟି ସେବା ନ କରି ଆପଣାମାନଙ୍କୁ ପ୍ରଭୁର ସେବକ ଜ୍ଞାନ କରି ମନ ଦେଇ ଈଶ୍ୱରଙ୍କର ଅଭିମତ କର୍ମ ସାଧନ ହୋଇ କର ।

## ସ୍ୱାମିର ନୀତ କ୍ରିୟା ।

ଆପଣା୨ ଦେହର ପ୍ରତି ଯେମନ୍ତ ପ୍ରେମ ହୋଏ ସ୍ତ୍ରୀର ପ୍ରତିହେଁ ସ୍ୱାମିର ସେରୂପେ ପ୍ରେମ କରିବାର ଉଚିତ ଯେହେତୁ ଯେଉଂଜନ ଭାର୍ଯ୍ୟାରେ ପ୍ରେମ କରଇ ସେ ଆପଣାରେ ପ୍ରେମ କରଇ । ଏଣୁକରି ପୁରୁଷ ଆପଣା ପିତା ମାତାଠାରୁ ପୃଥକ ହୋଇ ନିଜ ସ୍ତ୍ରୀରେ ଆସକ୍ତ ହୋଇ ଦୁହେଁ ଏକାଙ୍ଗ ହୋଇବେ ।

## ଭାର୍ଯ୍ୟାର ନୀତ କ୍ରିୟା ।

ହେ ନାରୀଗଣ ତୁମ୍ଭେମାନେ ଯେମନ୍ତ ପ୍ରଭୁର ବଶୀଭୂତା ତେମନ୍ତ ଆପଣା୨ ସ୍ୱାମିର ବଶୀଭୂତା ହୁଅ ଯେହେତୁ ମଣ୍ଡଳୀରୂପ ଶରୀର ସମ୍ବନ୍ଧରେ ଖ୍ରୀଷ୍ଟ ଯେମନ୍ତ ମସ୍ତକସ୍ୱରୂପ ଶରୀର ରକ୍ଷା କର୍ତ୍ତା

ହୋଇଛନ୍ତି ତେମନ୍ତ ସ୍ୱାମିହିଂ ସ୍ତ୍ରୀର ମସ୍ତକସ୍ୱରୂପ । ଏହି ସବୁ ଏ ଫିଶୀ ମଣ୍ଡଳୀର ପ୍ରତି ୫ ଓ ୬ ପର୍ବରେ ଲେଖା ଅଛି ।

## କର୍ତ୍ତାମାନଙ୍କ ବିଷୟରେ କର୍ତ୍ତବ୍ୟ ।

ତୁମ୍ଭେମାନେ ପ୍ରତ୍ୟେକ ଜଣ ପ୍ରଧାନ ପଦର ଅଧୀନ ହୁଅ ଯେହେତୁ ଯେ ସବୁ ଶାସନ ପଦ ଅଛି ସେ ସମସ୍ତ ଈଶ୍ୱରର ସ୍ଥାପିତ ଈଶ୍ୱର ବିନୁ ପଦ ସ୍ଥାପନ ନ ହୁଏଇ । ଏଥିପାଇଁ ଶାସନ ପଦର ବିରୁଦ୍ଧ ଆଚରଣ କଲେ ଈଶ୍ୱରର ନିରୂପଣର ବିରୁଦ୍ଧ କର୍ମ କରିବାର ହୁଅଇ ପୁଣି ଯେଉଂମାନେ ତାହା କରନ୍ତି ସେମାନେ ଆପଣାମାନଙ୍କର ସମୁଚିତ ଦଣ୍ଡ ଆପଣାମାନେ ଘଟାନ୍ତି । ଶାସନ କର୍ତ୍ତାଗଣ ସଦାଚାରର ପ୍ରତି ଭୟଜନକ ନୁହନ୍ତି ପୁଣି ଅସଦାଚାରର ପ୍ରତି ଭୟଜନକ ହୁଅନ୍ତି । ତାହାଠାରେ ତୁମ୍ଭେ କି ନିର୍ଭୟ ହେବାକୁ ଚାହଁ ତେବେ ସତ୍କର୍ମ କର ତହିଂରେ ସୁଖ୍ୟାତି ପାଇବ ଯେହେତୁ ତୁମ୍ଭର ମଙ୍ଗଳ ନିମନ୍ତେ ସେ ଈଶ୍ୱରଠାରୁ ପଦ ପାଇଅଛନ୍ତି । ପୁଣି ମନ୍ଦ ଆଚରଣ କଲେ ତୁମ୍ଭର ଶଙ୍କା କରିବାକୁ ଉଚିତ ଯେହେତୁ ସେ ନିରର୍ଥକ ଖଡ୍ଗଧାରୀ ନ ହୁଅଇ ଯେ ଲୋକ କୁକର୍ମ କରନ୍ତି ସେମାନଙ୍କର ସମୁଚିତ ଦଣ୍ଡ ଦେବା ପାଇଁ ଈଶ୍ୱରର ସେବକ ଦଣ୍ଡଦାତା ହୋଇ ଅଛି । ଏନିମନ୍ତେ ଦଣ୍ଡର ଭୟ ହେତୁ ତାହାର ବଶୀଭୂତ ହେବାକୁ ହୁଅଇ । କେବଳ ତାହା ନୋହେ ପୁଣି ସ୍ୱଜ୍ଞାନର ସକାଶୁଂ ବଶୀଭୂତ ହେବାକୁ ହୁଅଇ । ଆଉ ସେ ସକାଶୁ ତୁମ୍ଭମାନଙ୍କର ରାଜକର ଦେବାକୁ ହୁଅଇ ଯେହେତୁ ସେମାନେ ଏକାର୍ଥରେ ନିତ୍ୟ ପ୍ରବୃତ୍ତ ହେବା ପାଇଁ ଈଶ୍ୱରର ସେବକ ହୁଅନ୍ତି । ଏମନ୍ତରେ ରାଜାକୁ ରାଜସ୍ୱ ଦିଅ ଘାଟିୟାମାନଙ୍କୁ ଘାଟଦିଅ ଭୟାନକମାନଙ୍କୁ ଭୟ କର ଆଦରଣୀୟ ଲୋକଙ୍କୁ ଆଦର କର । ଏହିରୂପେ ଯେ ଯାହାର ପ୍ରାପ୍ତବ୍ୟ ତାହା ତାହାଙ୍କୁ ଦିଅ ।

## ମଣ୍ଡଳୀସ୍ଥ ଖ୍ରୀଷ୍ଟିୟାନମାନଙ୍କର କର୍ତ୍ତବ୍ୟ ।

ତୁମ୍ଭେମାନେ ଧର୍ମ ନେବର୍ତ୍ତମାନଙ୍କୁ ମାନ୍ୟ କର ସେମାନଙ୍କର ଆଜ୍ଞାର ବଶୀଭୂତ ହୁଅ ଯେହେତୁ ଯେଉଂମାନଙ୍କର ନିକାଶ ଦେବାକୁ ହୁଅଇ ଏମନ୍ତ ଲୋକଙ୍କର ନ୍ୟାୟ ସେମାନେ ତୁମ୍ଭମାନଙ୍କର ଆତ୍ମାର ରକ୍ଷଣାର୍ଥିରେ ସର୍ବଦା ସଚେତନ ଥାନ୍ତି ତେଣୁ ସେମାନେ ଆନନ୍ଦରେ ସେ କର୍ମ ସମ୍ପୂର୍ଣ୍ଣ କରିବେ ଓ ଯେ ଦୁଃଖରେ ତୁମ୍ଭମାନଙ୍କର କିଛି ଲାଭ ନାହିଁ ଏମନ୍ତ ଦୁଃଖ ନ ପାଇବେ । ପୁଣି ସେମାନଙ୍କର ପାଁଇ ପ୍ରାର୍ଥନା କର ଯେମନ୍ତ ସେମାନେ ଉତ୍ତମ ମନ ରଖି ସବୁ ବିଷୟରେ ସଦାଚରଣ କରିବାକୁ ପ୍ରୟାସ କରିବେ । ଏବ୍ରୀୟ ୧୩ ପର୍ବ ୧୭ ୧୮ ପଦ ।

## ନିଷେଧ ପ୍ରକରଣ

### ଏହି ଧର୍ମରେ ଭିନ୍ନୀକାଚ ନିଷେଧ ।

ଯଥା ମାଥିଉ ୨୩ ପର୍ବ ୮ ପଦ । ତୁମ୍ଭମାନଙ୍କର ଏକ ପ୍ରଭୁ ଅଛନ୍ତି ସେ ଖ୍ରୀଷ୍ଟ ଓ ତୁମ୍ଭେମାନେ ପରସ୍ପର ଭାଇ । ଆଉ ପ୍ରେରିତ କ୍ରିୟାର ୧୦ ପର୍ବ ୨୮ ପଦ । କୌଣସି କାହାକୁ ସାମାନ୍ୟ କିଅବା ଅପବିତ୍ର ଜ୍ଞାନ ନ କରିବାକୁ ଈଶ୍ୱର ଆମ୍ଭମାନଙ୍କଠାରେ ଏହା ପ୍ରକାଶ କରିଛନ୍ତି । ପୁଣି ୧୭ ପର୍ବ ୨୬ ପଦରେ ଲେଖାଅଛି । ଈଶ୍ୱର ଭୂମଣ୍ଡଳରେ ବାସ କରିବାର ନିମନ୍ତେ ଏକ ରକ୍ତରୁ ସକଳ ଜାତୀୟ ମନୁଷ୍ୟଙ୍କୁ ସୃଷ୍ଟି କରି ବସତିର ସୀମାର ନିଶ୍ଚୟ କରିଛନ୍ତି ।

### ଏହି ଧର୍ମରେ ଦେବତା ପୂଜାର ନିଷେଧ ।

ପରମେଶ୍ୱର କହନ୍ତି ଆମ୍ଭ ମାହାତ୍ମ୍ୟ ଅନ୍ୟକୁ କିଅବା ଆମ୍ଭ ପ୍ରଶଂସା ଖୋଳା ପ୍ରତିମାମାନଙ୍କୁ ଆମ୍ଭେ ନ ଦେବା ।

ଅମ୍ଭେମାନେ ଈଶ୍ୱରଙ୍କ ବଂଶ ଏଣୁ ମନୁଷ୍ୟର ବଦ୍ୟାରେ ଓ କୌଶଳରେ ଖୋଦିତ ଯେ ସୁନା ରୂପା ପଥର ଏଆଦିମାନଙ୍କୁ ଈଶ୍ୱର ଜ୍ଞାନ କରିବାକୁ କର୍ତ୍ତବ୍ୟ ନୁହଇ । ସମୁଦାୟ ଜଗତର ସୃଷ୍ଟିକର୍ତ୍ତା ଯେ ଈଶ୍ୱର ସେ ସ୍ୱର୍ଗ ଓ ପୃଥିବୀର ଏକାଧିପତି ହୋଇ ହସ୍ତ କୃତ ମନ୍ଦିରରେ ବାସ ନ କରନ୍ତି । ଆଉ ସେ ସମସ୍ତଙ୍କୁ ଜୀବନ ପ୍ରାଣବାୟୁ ଆଦି ସବୁ ସାମଗ୍ରୀ ଦିଅନ୍ତି ଏଣୁ ସେ ଯେ କୌଣସି ସାମଗ୍ରୀର ଅଭାବ ସକାଶେ ମନୁଷ୍ୟମାନଙ୍କର ହାତରୁ ସେବା ପାନ୍ତି ଏମନ୍ତ ନୋହେ ।

ଦେବ ପୂଜାର ବିଷୟରେ ଅନେକ କଥା ଅଛି । ତାହା ଈଶ୍ୱରଙ୍କଠାରୁ ତାହାଙ୍କର ପ୍ରେମ ସେବା ପ୍ରଶଂସା ଆଦି ଚୋରି କରଇ । ତାହାନିହାତି ଭୁଲନ ଓ ଅଜ୍ଞାନ କର୍ମ । ତହିଁରୁଂ ମନିଷମାନଙ୍କର ଅତିଶୟ ଦୁଃଖ ଜନ୍ମଇ । ତାହା ସବୁ ପ୍ରକାର ପାପର ମୂଳ । ପୁଣି କୌଣସି ଦେବ ପୂଜକ ଏହା ଜାଣି ଶୁଣି ସ୍ୱର୍ଗରେ ଯାଇ ନ ପାରଇ । ଈଶ୍ୱର ଏହି ଅଜ୍ଞାନପଣ ପ୍ରତି ଅତି ସହିଷ୍ଣୁତା କରି ଏବେ ବେଳେ ସର୍ବଏ ସମସ୍ତଙ୍କ ମନ ଫେରାଇବାକୁ ଆଜ୍ଞା କରନ୍ତି । ପେରିତର କ୍ରିୟା ୧୭ ପର୍ବ ॥

## ଏଧର୍ମରେ ତୀର୍ଥ ଯାତ୍ରାଦି ନିଷେଧ ।

ଯୀଶୁ କହିଲେ ଏହି ପର୍ବତରେ ଅବା ଯିରୂଶାଲମରେ ଅର୍ଥାତ୍ ସ୍ଥାନ ବିଶେଷରେ ପିତାର ଭଜନା ନ କରିବ । ଈଶ୍ୱର ଆତ୍ମାସ୍ୱରୂପ ଆଉ ତାହାଙ୍କର ଭଜନା ଯେଉଂମାନେ କରନ୍ତି ସେମାନଙ୍କୁ ଆତ୍ମା ଦେଇ ସତ୍ୟରୂପେ ତାହାଙ୍କର ଭଜନା କରିବାକୁ ହେବ ।

## ଏହି ଧର୍ମରେ ଜପର ନିଷେଧ ।

ତୁମ୍ଭେମାନେ କିପାଇଁ ଆମ୍ଭକୁ ପ୍ରଭୁ ପ୍ରଭୁ ବୋଲି ଡାକ ପୁଣି

ଅମୃର ଆଜ୍ଞା ନ ମାନ ॥ ଆଉ ପ୍ରାର୍ଥନା କାଳରେ ଦେବପୂଜକମାନଙ୍କର ମତେ ବ୍ୟର୍ଥ ପୁନରୁକ୍ତି ନ କର ଯେହେତୁ ଅନେକ କଥା କହିବାରେ ଆପଣା୨ ପ୍ରାର୍ଥନା ଗ୍ରାହ୍ୟ ହେବ ସେମାନେ ଏହା ବୋଧ କରନ୍ତି । ମାଥିଉ ୬ ପର୍ବ ।

### ଏହି ଧର୍ମରେ ବଳିଦାନ ନିଷେଧ ।

ପଶୁ କିଅବା ପାପି ମନୁଷ୍ୟର ରକ୍ତ କେତେବେଲେ ପାପ ମୋଚନ କରି ନ ପାରଇ ଏଣୁ ଖ୍ରୀଷ୍ଟ ନିଷ୍ପାପି ଶରୀର ଧେନ ସମସ୍ତଙ୍କର ପରିବର୍ତ୍ତେ ଥରେ ଆପଣାକୁ ବଳି ଦେଲେ । ଏବ୍ରୀର ୧୦ ପର୍ବ ॥

### ଏହି ଧର୍ମରେ ସ୍ନାନାଦି କେବଳ ଲୌକିକ କ୍ରିୟା ବୁଝାଯାଏ ।

ହେ ଅନ୍ଧ ଓ କପଟୀ ତୁମ୍ଭେମାନେ ଗାଠିୟା ଓ ଥାଳିର ବାହାର ପରିଷ୍କାର କରୁଅଛ ପୁଣି ଦୌରାତ୍ମରେ ଓ ଅଧର୍ମରେ ଭିତର ପରିପୂର୍ଣ୍ଣ ଥାଏ । ଆଗେ ଗାଠିୟା ଓ ଥାଳିର ଭିତର ପରିଷ୍କାର କର ତେଣୁ ତାହାରଇ ବାହାର ପରିଷ୍କୃତ ହେବ ॥

ତେମନ୍ତ ଶୌଚାଶୌଚର ବିଷୟରେ ଲେଖା ଅଛି । ଯୀଶୁ ଲୋକ ସମୂହକୁ ଡାକି କହିଲେ ତୁମ୍ଭେମାନେ ଶୁଣି ବୁଝ ମୁହଁରେ ଯାହା ପ୍ରବେଶ ହୁଅଇ ତାହି ମନୁଷ୍ୟକୁ ଅପବିତ୍ର ନ କରଇ ପୁଣି ମୁଖଠାରୁ ଯାହା ବାହାର ହୁଅଇ ତାହା ମନୁଷ୍ୟକୁ ଅପବିତ୍ର କରଇ । ଯେହେତୁ ଅନ୍ତଃକରଣରୁ କୁଚିନ୍ତା ବଧ ପରଦାର ବେଶ୍ୟାଗମନ ଚୋର ମିଥ୍ୟାସାକ୍ଷ୍ୟ ଈଶ୍ୱରନିନ୍ଦା ଏହି ସମସ୍ତ ବାହାର ହୁଅନ୍ତି ପୁଣି ଏହି ସମସ୍ତ ମନୁଷ୍ୟକୁ ଅପବିତ୍ର କରନ୍ତି । ମାଥିଉ ୧୫ ପର୍ବ ॥

### ଏହି ଧର୍ମରେ ସବୁ ଜନ୍ତୁର ପ୍ରତି ନିର୍ଦ୍ଦୟ ବ୍ୟବହାର ନିଷେଧ ।

ଧାର୍ମିକ ମନୁଷ୍ୟ ଆପଣା ପଶୁର ପ୍ରାଣ ମଣଇ ପୁଣି ଦୁଷ୍ଟମାନଙ୍କର ଯେ ସ୍ନେହ ଅଛି ନିଷ୍ଠୁର । ହିତୋପଦେଶର ୧୨ ପର୍ବ ୧୦

ପଦ । ପୁଣି ଏହି ଧର୍ମରେ ଭକ୍ଷଣୀୟ ଜନ୍ତୁ ମାରିବାରେ ନିଷେଧ ନାହିଁ ଯେହେତୁ ମନୁଷ୍ୟ ଛଡ଼ା ଆଉ କୌଣସି ପଶୁର ଅମର ପ୍ରାଣ ନାହିଁ ସେମାନେ କେବଳ ମନୁଷ୍ୟର ଉପକାର ନିମନ୍ତେ ସୃଷ୍ଟ ହୋଇ ଅଛନ୍ତି । ଯଥା ॥ ଈଶ୍ୱର କହନ୍ତି ଆମ୍ଭେ ତୁମ୍ଭମାନଙ୍କର ଭକ୍ଷ୍ୟ ନିମନ୍ତେ ଯେମନ୍ତ ଶାଗାଦି ଦେଇଅଛୁଁ ତେସନ ସକଳ ଗତିକାରି ପ୍ରାଣୀ ଅର୍ଥାତ ପକ୍ଷୀ ପଶୁ ମାଛଆଦି ସମର୍ପିତ ଅଛୁ । ଆଦି ପୁସ୍ତକର ୯ ପର୍ବ ୩ ପଦ ।

ଏହି ଧର୍ମରେ ମନୁଷ୍ୟର ପୁନରପି ଜନ୍ମ ମରଣ ନାହିଁ ।

ମନୁଷ୍ୟର ଥରେ ମୃତ୍ୟୁ ତହିଁ ଉତ୍ତାରୁ ବିଚାର ନିରୂପିତ । ସେହି ବିଚାର ଉତ୍ତାରେ ସ୍ୱର୍ଗରେ କି ନରକରେ ଯାଇ ଅନନ୍ତ ସୁଖ କି ଅବା ଦୁଃଖ ଭୋଗିବାକୁ ହେବ । ଏବ୍ରୀ ୯ ପର୍ବ ୨୭ ପଦ ମାଥିଉ ୨୫ ପର୍ବ ୪୬ ପଦ ଏଣୁ ଶ୍ରାଦ୍ଧାଦି କ୍ରିୟା ମରଣ ଉତ୍ତାରେ ନିଷ୍ଫଳ । ତୁମ୍ଭେ ଯେ ଯେ କର୍ମରେ ଉଦ୍ୟମ କରୁଅଛ ତାହା ଯତ୍ନରେ କର ଯେହେତୁ ଯେଉଁ କବର ସ୍ଥାନକୁ ତୁମ୍ଭେ ଯାଉଅଛ ସେଠାବରେ କୌଣସି କାର୍ଯ୍ୟ କି ଉପାୟ କି ବୁଦ୍ଧି କି ଜ୍ଞାନ ନାହିଁ । ଉପଦେଶର ୯ ପର୍ବ ୧୦ ପଦ ॥

ଏହି ଧର୍ମରେ ଗୁରୁ ଆଦିର ସେବା ନିଷେଧ ।

ଯୀଶୁ କହିଲେ । ତୁମ୍ଭେମାନେ ସେରୂପେ ଗୁରୁ କରି ସମ୍ଭାଷିତ ନ ହୁଅ ଯେହେତୁ ତୁମ୍ଭମାନଙ୍କର ଏକ ଗୁରୁ ସେହି ଖ୍ରୀଷ୍ଟ ପୁଣି ତୁମ୍ଭେମାନେ ସମସ୍ତେ ଭାଇମାନେ । ଆଉ ପୃଥିବୀର ମଧ୍ୟରେ କାହାକୁଇ ପିତା ବୋଲି ନ କହ ଯେହେତୁ ତୁମ୍ଭମାନଙ୍କର ଏକ ସ୍ୱର୍ଗସ୍ଥ ପିତା । ଅହୁରି ତୁମ୍ଭେମାନେ ଆପଣାମାନଙ୍କୁ ପ୍ରଭୁ କରି ସମ୍ଭାଷିତ ନ ହୁଅ ଯେହେତୁ ତୁମ୍ଭମାନଙ୍କର ଏକ ପ୍ରଭୁ ଖ୍ରୀଷ୍ଟ । ତୁମ୍ଭମାନଙ୍କର ମଧ୍ୟରେ ଯେ ଜଣ ଶ୍ରେଷ୍ଠ ସେ ତୁମ୍ଭମାନଙ୍କର ସେବକ ହେବ ଯେହେତୁ ଯେ କେହି ଆପଣାକୁ ବଡ଼ କରଇ ତାହାକୁ ସାନ କରା

ଯିବ ପୁଣି ଯେ କେହି ଆପଣାକୁ ସାନ କରଇ ତାହାକୁ ବଡ କରା ଯିବ । ମାଥିଉର ୨୩ ପର୍ବ ॥ ଯୀଶୁ ଆପଣା ଶିଷ୍ୟମାନଙ୍କର ପାଦ ପ୍ରକ୍ଷାଳଣ କରି ବସ୍ତ୍ର ପରିଧାନ କରି ପୁନର୍ବାର ଆସନରେ ବସନ୍ତେ କହିଲେ ଆମ୍ଭେ କି ନିମନ୍ତେ ଏହି କର୍ମ କଲୁଁ ତାହା ଜାଣ । ତୁମ୍ଭେମାନେ ଆମ୍ଭକୁ ଗୁରୁ ଓ ପ୍ରଭୁ କରି ବୋଲ ତାହି ସତ୍ୟ ବୋଲ ଯେହେତୁ ଆମ୍ଭେ ତାହି ଅଛୁଁ । ପୁଣି ପ୍ରଭୁ ଓ ଗୁରୁ ହୋଇ ଆମ୍ଭେ ଯେବେ ତୁମ୍ଭମାନଙ୍କର ପାଦ ପ୍ରକ୍ଷାଳଣ କଲୁଁ ତେବେ ତୁମ୍ଭମାନଙ୍କର ଏକୁ ଆରକର ପାଦ ପ୍ରକ୍ଷାଳଣ କରିବା ଉଚିତ ଏଥିପାଁଇ ତୁମ୍ଭମାନଙ୍କୁ ଏକ ଦୃଷ୍ଟାନ୍ତ ଦେଖାଇଲୁଁ । ସତ୍ୟ ସତ୍ୟ ଆମ୍ଭେ ବୋଲୁ କର୍ତ୍ତାରୁ ଦାସ ବଡ ନୋହେ ପୁଣି ପେଶକରୁ ପେଶିତ ଜନ ବଡ ନୋହେ । ଏହି କଥା ବୁଝି ଯେବେ କର୍ମ କର ତେବେ ତୁମ୍ଭେମାନେ ଧନ୍ୟ ହେବ । ଯୋହନର ୧୩ ପର୍ବ ୧୬ ପଦ ।

## ସମାପ୍ତି ।

ଏଣୁ ଖ୍ରୀଷ୍ଟାବତାରର ମଙ୍ଗଲ ସମାଚ୍ୟର ଯେ ଶୁଣଇ ତାହା ଲାଗି ସବୁ ପ୍ରକାର ହାନି ସ୍ୱୀକାର କରି ଗ୍ରହଣ କରିବାର ତାହାର ଉଚିତ ॥ ଯଥା ପେଶିତର କ୍ରିୟା ୪ ପର୍ବ ୧୨ ପଦ ॥ ଆଉ କାହିଁରେ ହେଁ ତ୍ରାଣ ନାହି ଯେହେତୁ ସ୍ୱର୍ଗର ତଳେ ମନୁଷ୍ୟମାନଙ୍କର ମଧ୍ୟରେ ଯହିଁରେ ତ୍ରାଣ ହୁଅଇ ଏମନ୍ତ ଆଉ କୌଣସି ନାମ ଦିୟା ଯାଯେ ନାହିଁ । ହେ ପଢୁଆ ମିଥ୍ୟା ଭଙ୍ଗା ଆଶ୍ରୟ ସବୁ ଛାଡ଼ ଦେଇ ସତ୍ୟ ଆଶ୍ରୟ ଧର । ପାପର ବରତନ ମୃତ୍ୟୁ ପୁଣି ପ୍ରଭୁ ଯୀଶୁଖ୍ରୀଷ୍ଟ ଦ୍ୱାରା ଇଶ୍ୱରଙ୍କ ଅନୁଗ୍ରହ ଦାନ ଅନନ୍ତ ପରମାୟୁ ଅଟଇ ।

ଇତି

---

No. 3.

# THE TRUE REFUGE.

## ସତ୍ୟ ଆଶ୍ରୟ ।

ଜଣେ ବୃଦ୍ଧ ଆଉ ଜଣେ ଯୁବା ଏହି ଦୁଇ ପୁରୁଷ ପଥିକ ହୋଇ ବାଟରେ ଯାଉଁ ଏହି ପ୍ରକାରେ କଥାବାର୍ତ୍ତା କଲେ । ଯଥା । ବୃଦ୍ଧ ଯୁବାକୁ ପଚାରିଲା ହେ ଭାଇ ଦୁଇ ଜଣ ସଙ୍ଗେ ଗଲେ କିଛି କଥା କହିଲେ ଭଲ ହେବ କି ନାହିଁ । ଯୁବା ଉତ୍ତର କଲା ଯେ ଆଜ୍ଞା ଅବଧାନ ଯାହା କହିବାକୁ ଇଚ୍ଛା ହୁଅଇ ତାହା କହନ୍ତୁ ।

ବୃଦ୍ଧ । ହେ ଭାଇ ଆଗେ କଥା ଗୋଟାଏ ପଚାରିବି ଆପଣାର ପରିତ୍ରାଣ ଭରସା କି ପ୍ରକାର ତାହା ତୁମ୍ଭେ ଜାଣ କିଛି ।

ଯୁବା । ଅବଧାନ ନିବେଦନ କରୁ ଆଉ ଦଶ ଜଣଙ୍କର ଯେ ଗତି ମୋହୋର ସେହି ଗତି ହେବ ।

ବୃଦ୍ଧ । ଭଲା ଭାଇ ସେମାନଙ୍କର ଗତି କି ତାହା କହ ଶୁଣି ।

ଯୁବା । ଅବଧାନ ତାହାର ବିଶେଷ ମୁହିଁ କିଛି କହି ନ ପାରଇଁ । ଆଉ ତହିଁରେ ମୋର ବହୁତ ଚେଷ୍ଟା ନାହିଁ ହେତୁ କି ଆମ୍ଭେତ କିଛି ପଣ୍ଡିତ ନୋହି । ପଣ୍ଡିତମାନେ ଯେଉଁ ମାର୍ଗରେ ଚାଲିବାକୁ କହନ୍ତି ସେ ମାର୍ଗରେ ଚାଲି ।

ବୃଦ୍ଧ । ଭଲା ସେ ମାର୍ଗ କି ପୁଣି ତୋତେ ପରିତ୍ରାଣର ଉପଦେଶ କି ଦିଅନ୍ତି ।

ଯୁବା । ସେମାନେ ଗୋଟିଏ ପ୍ରକାର କହନ୍ତି ନାହିଁ ଅବ ଧାନ । ସମସ୍ତଙ୍କର ମତ ଭିନ୍ନ୨ । ପୁଣି ଅନେକେ କହନ୍ତି ଯେ ଶ୍ରୀ କୃଷ୍ଣଙ୍କୁ ଆରାଧନା କଲେ ଉଦ୍ଧାର ହେବ ।

ବୃଦ୍ଧ । ନା ଭାଇ ତାହା କେମନ୍ତ କରି ହେବ । ଯେ କୃଷ୍ଣ ସେ କଂସ ରାଜାକୁ ନଷ୍ଟ କରିବାର ପାଁଇ ପୁଣି ତାଙ୍କର ରାଜ ସିଂହା ସନ ନେବା ପାଁଇ ଅସି ଥିଲା । ମନୁଷ୍ୟ ଉଦ୍ଧାରର ପାଁଇ କୌ ଣସି କର୍ମ କରି ନାହାନ୍ତି । ତେବେ କୃଷ୍ଣଠାରୁ ପରିତ୍ରାଣ କିପ୍ରେ ହେବାକୁ ପାରଇ । ଦେଖ ରାଜା ଯୁଧିଷ୍ଠିର ତାହାର ଅତ୍ମୀୟ ଓ ନିଜ ସେବକ ଅନ୍ୟ କେହି ନ ଥିଲା ତେବେହେଁ ସେ ଏକ ମିଥ୍ୟା କ ଥାର ପାପରେ ନରକ ଦର୍ଶନ କଲା । କୃଷ୍ଣ ଯେବେ ପରିତ୍ରାଣ କରିବାକୁ ପାରନ୍ତି ତେବେ ଯୁଧିଷ୍ଠିରକୁ ନରକ ଦର୍ଶନ କରିବାକୁ ଦେଲା କିପାଁଇ ।

ଯୁବା । କୃଷ୍ଣ ଯେବେ ଉଦ୍ଧାର କରିବାକୁ ନ ପାରନ୍ତି ତେବେ ଜଗନ୍ନାଥର ଦର୍ଶନ କରିବାର ନିମନ୍ତେ ଏତେ ଲୋକ କାହିଂକି ଧାଇଁ ଅସନ୍ତି ।

ବୃଦ୍ଧ । ଶୁଣ ଭାଇ ଏହି କଥାର ଆଉ ଭାବ ଅଛି । ଜଗନ୍ନାଥ ଶବ୍ଦ ଜଗତର ନାଥ ଅର୍ଥାତ୍ ଜଗତର ସୃଷ୍ଟି ପାଳଣ ଶାସନକର୍ତ୍ତା । ପୁଣି ଲୋକ ସମସ୍ତେ ଯାହାକୁ ଦର୍ଶନ କରିବାର ପାଁଇ ଧାଇଁ୨ ଅସୁ ଅଛନ୍ତି ସେତ ସେ ନୋହେ । ମାଏ ଖଣ୍ଡେ କାଷ୍ଠର ପିତୁଳୀ ତାହା ଦେଖିଲେ କି କାର୍ଯ୍ୟ । ଅବୁରି ଦେଖ ଏହି ପିତୁଳୀର ସ ଲୁଖେ ରଥ ଯାଏା ସମୟରେ ପୁଣି ଅନ ନାନା ସମୟରେ ଅ ଶୁଚି ଗୀତର ଗାନ ହୁଅଇ ଓ କେତେ ଲମ୍ପଟର ଅଙ୍ଗ ଭଙ୍ଗାଦ କ୍ରିୟା ହୁଅଇ । ଏହି ସବୁ ଦେଖିଲେ ଓ ଶୁଣିଲେ କାହାର ମ ନର ଶୁଦ୍ଧ ନ ହୋଇ ଅଧିକ ପାପର ବୃଦ୍ଧି ହୁଅଇ ଆଉ ନରକ ଯୋଗ୍ୟ ହୁଅଇ ।

ଯୁବା । ଏହି କଥା ସତ୍ୟ ତେବେହେଁ ମହାପ୍ରସାଦ ଖାଇଲେ ଆଉ ନାନା ସ୍ନାନାଦ କଲେ କିଛି ମୋଚନ ହେବ କି ନାହିଁ ।

ବୃଦ୍ଧ । ତାହା ନୋହେ ଦେଖ ମହା ପ୍ରସାଦ କିଅବା ଆଉ କୌଣସି ପ୍ରକାରେ ଭାତ ଖାଇଲେ ଉଦର ପୋଷଣ ହେବ ପୁଣି ତହିଁରେ ଅଗୁର ଗନ୍ଧ କିଛି ନ ହୁଅଇ । ଆଉ ସ୍ନାନାଦ ଯେ ସେ ଲୌକିକ କର୍ମ ସିନା ତହିଁରେ କିଛି ପାରମାର୍ଥିକ ଗୁଣ ନାହିଁ । ଶାସ୍ତ୍ରରେ ଲେଖା ଅଛି ଯେଉଁ ଜନ ବାର ୨ ପାପ କରଇ ଗଙ୍ଗା ଜଳ ତାହାକୁ ପବିତ୍ର ନ କରିବେ ତହିଁରେ ଶୂଳପାଣିର ବଚନ ଏହି ଯଥା ।

କୁର୍ଯ୍ୟାତ୍ ପୁନଃ ୨ ପାପଂ ନତ ଗଙ୍ଗା ପୁନାତି ତଂ ।

ଯୁବା । ଏହିତ ବଡ ଆଶ୍ଚର୍ଯ୍ୟ ଯେବେ ଜଗନ୍ନାଥ ଆରାଧନା କଲେ କିଛି ଭଲ ନ ହୁଅଇ ତେବେ ପଣ୍ଡାମାନେ ସବୁଠାରେ ଯାଇ ଲୋକଙ୍କୁ ଡାକ ଅଣନ୍ତି କପାଁଇ ।

ବୃଦ୍ଧ । ତାହାର କାରଣ ଶୁଣ । ଏହି ଯେ ପିତୁଲୀ ଜଗନ୍ନାଥ ଦର୍ଶନ କଲେ ନାନା ପ୍ରକାର ଦାନ ଦକ୍ଷିଣା ନୈବେଦ୍ୟ ଇତ୍ୟାଦି କରିବାକୁ ହେବ ଏଥିରେ ପଣ୍ଡାମାନଙ୍କର ଅନେକ ଲାଭ ଅଛି । ସତ୍ୟ ଜଗନ୍ନାଥର ଆରାଧନା କଲେ ଏହି ପ୍ରକାର ନାହିଁ । ଏଣୁ କରି ଏହି ପିତୁଲୀକୁ ଯେବେ ଲୋକ ନ ମାନନ୍ତି ଏମାନଙ୍କର ଲାଭର ହାନି ହୋଇ ଭାତ ଭିକ୍ଷା ମାରି ଯାଏ ।

ଯୁବା । ଭଲା ଅବଧାନ ପୁଣି ଏହି ମତ୍ସ୍ୟ କୂର୍ମ ଇତ୍ୟାଦି ଦଶ ଅବତାରମାନଙ୍କୁ ଭଜନା କଲେ ଅବଶ ମୋଚନ ପାଇବା ।

ବୃଦ୍ଧ । ହେ ଭାଇ ତୁମ୍ଭେ ଏହି କଥା କହୁଅଛ ପ୍ରମାଣ । ଭଲ ବିଚାର କରି ଦେଖ ଏହି ସମସ୍ତ ଅବତାରରେ ଯେ ୨ କର୍ମ କରି ଯାଇ ଅଛନ୍ତି ତାହାର ମଧ୍ୟରେ ପାପର ପରିତ୍ରାଣ ହୁଅଇ ଏମନ୍ତ ବିଶେଷ କର୍ମ କି କରିଅଛନ୍ତି । ତେବେ ତାହାଠାରୁ ମୋଚନ କିରୂପେ ହୋଇ ପାରିବ ।

ଯୁବା । ଅବଧାନ ଯେବେ ତାହାଠାରୁ ନୋହିଲା ତେବେ କୌଣସି ଦେବତାର ଉପାସନା କଲେ କି ନିସ୍ତାର ନ ପାଇବା ।

ବୃଦ୍ଧ । ହେ ଭାଇ ସେହି ସବୁ ନିଷ୍ଫଳ ମାତ୍ର । ଭଗବଦ୍ଗୀତାରେ ଲେଖା ଅଛି ଯଥା ।

ଯୋ ମାଂ ସର୍ବେଷୁ ଭୂତେଷୁ ସନ୍ତମାତ୍ମାନ ମୀଶ୍ୱରଂ ।
ହିତ୍ୱାର୍ଚ୍ଚାଂ ଭଜତେ ମୌଢ୍ୟାତ୍ ଭସ୍ମନ୍ୟେବ ଜୁହୋତିସଃ ।

ଯେଉଁ ମୂଢ଼ଲୋକମାନେ ସର୍ବବ୍ୟାପି ପରମେଶ୍ୱରଙ୍କୁ ତ୍ୟାଗ କରି ପ୍ରତିମା ପୂଜା କରନ୍ତି ସେମାନେ କେବଳ ଭସ୍ମରେ ଘୃତ ଢାଳନ୍ତି ।

ଯୁବା । ଭଲ ଏହି ଯେ ପ୍ରମାଣ ଆପଣ କହିଲେ ତାହା ଦେବତା ପ୍ରତିମାର ଉପରେ ଖଟଇ ସତ୍ୟ ପୁଣି ଏହି କାଷ୍ଠ ପାଷାଣାଦି ପ୍ରତିମା ସବୁ ଯେଉଁମାନଙ୍କର ପ୍ରତିମୂର୍ତ୍ତି ସେମାନେତ ଶକ୍ତିମାନ ନିଶ୍ଚୟ ସେମାନେ ଉଦ୍ଧାର କରିବେ ।

ବୃଦ୍ଧ । ନା ଭାଇ ତାହା କେମନ୍ତ କରି ହେବ । ତୁମ୍ଭର ଶାସ୍ତ୍ରାନୁସାରେ ବିବେଚନା କରି ଦେଖ ଶିବ ଅତିଶୟ କାମୁକ ଦୁର୍ଗା କାଳୀ ଇତ୍ୟାଦି ବଡ଼ କଠିଣା ହୋଇ କେବଳ ଅସୁର ବଧ କରି ସେମାନଙ୍କର ରକ୍ତ ପାନ କଲେ । ବ୍ରହ୍ମା ଆପଣାର କନ୍ୟାରେ ଆସକ୍ତ ହୋଇ ଥିଲେ । ଇନ୍ଦ୍ର ଗୁରୁପତ୍ନୀ ହରଣ କରି ଥିଲା । କୃଷ୍ଣ ସେମନ୍ତ ଗୋପାଙ୍ଗନାମାନଙ୍କର ସହିତ କ୍ରୀଡ଼ା କରିଥିଲା । ପୁଣି ଆପଣାର ମିତ୍ର ଯୁଧିଷ୍ଠିରକୁ ମିଥ୍ୟା କହିବାକୁ ଅନୁମତି ଦେଇ ଥିଲା । ଏବମନ୍ତେ ସେମାନେ ସବୁ ସ୍ୱପାପୀ ହୋଇ ଆନ ଆନ ପାପୀକୁ କେଉଁପରେ ଉଦ୍ଧାର କରିବାକୁ ପାରନ୍ତି । ଦେଖ ବ୍ୟାକରଣ ଟୀକାକାର ଦୁର୍ଗାଦାସ ଗ୍ରନ୍ଥରେ ଏହି ପ୍ରମାଣ ଅଛି ଯଥା ।

ଯଃ ସ୍ୱୟମସିଦ୍ଧଃ ସ କଥଂ ପରାନ୍ ସାଧୟତି ।

ଅର୍ଥ ଯେ ଆପେ ଅସିଦ୍ଧ ସେ କି କେତେବେଳେ ପରକୁ ସିଦ୍ଧ କରି ବାକୁ ପାରଇ । ବିସ୍ତର କରି ଭାଇ ଏହି ଯେ ସମସ୍ତ କଥା ଆମ୍ଭେ କହିଲୁଁ ଏହି କିଛି ସେମାନଙ୍କୁ ଆମ୍ଭେ ନିନ୍ଦା କରି ନାହୁଁ ଏହି ସବୁ ବୃତ୍ତାନ୍ତ ହିନ୍ଦୁମାନଙ୍କର ଶାସ୍ତ୍ରରେ ଲେଖା ଅଛି ।

ଯୁବା । ହାଁ ଅବଧାନ ଏହି ସବୁ କଥା ଆମ୍ଭର ଶାସ୍ତ୍ରରେ ଲେଖା ଅଛି ପ୍ରମାଣ ଏହି ତୁମ୍ଭର କିଛି ଅନ୍ୟାୟ କଥା ନାହିଁ ।

ବୃଦ୍ଧ । ଭଲ ଏହି କଥା ଯେବେ ଯଥାର୍ଥ ଜାଣ ତେବେ ସେ ମାନଙ୍କର ଉପରେ ପରିତ୍ରାଣର ଭରସା କେମନ୍ତ କରି ରଖ । ଦେଖ ହିନ୍ଦୁର ଶାସ୍ତ୍ରରେ ଦେବତା ଏମନ୍ତ ହୋଇଲେ ଦେବତା ଓ ମନୁଷ୍ୟ ଏକ ମତ ପାପିଷ୍ଠ । ପୁଣି ମହା ବିଚାର ଦିନରେ ଯଥାର୍ଥିକ ପରମେଶ୍ୱର ଅଗରେ ଆପଣାମାନେ ନିଜେ ଠିଆ ହେବାକୁ ନ ପାରିବେ । ଆଉ ସ୍ୱଦୋଷର ଉତ୍ତର ଦେବାକୁ ନ ପାରିବେ । ତେଣୁ ସେମାନଙ୍କର କତରେ ଉଦ୍ଧାରର ଆଶ୍ରୟେ ବନ୍ଦ ହୋଇ ଯେଉଁ ମାନେ ନଷ୍ଟ ହୁଅନ୍ତି ସେ କାଳରେ ସେମାନଙ୍କର ରକ୍ଷକ ଦେବତା ମାନେ କେମନ୍ତ କରି ପାରିବେ । କଦାଚ ପାରିବେ ନାହିଁ । ଆଉ ଦେଖ ପାପର ଦୋଷ ଏହି ଯେ ପାପ ଥାଉଁ ଈଶ୍ୱରଙ୍କର ସାକ୍ଷାତରେ ଠିଆ ନ ହୁଅନ୍ତି । ଈଶ୍ୱର ପାପକୁ ଘୃଣା କରନ୍ତି ପୁଣି ଯଥାର୍ଥରୂପେ ତାହାଙ୍କର ଉପାସନା କରିବା ନିମନ୍ତେ ମନ ପବିତ୍ର ହୁଅଇ । ପୁଣି ଏତେକାଳ ପର୍ଯ୍ୟନ୍ତେ ଦେବତାର ଆରାଧନା କଲେ ତୁମ୍ଭର ମନ ପରିଷ୍କାର ହୋଇ ନାହିଁ । ବୁଝି କରି ଦେଖ ଦେବତା ପୂଜା କରିବା କେବଳ କୌତୁକର ନିମନ୍ତେ ଓ ମନସ୍କାମନା ପୂର୍ଣ କରିବାର ନିମନ୍ତେ । ତହିଁରେ ତୁମ୍ଭର ଯତ୍କିଞ୍ଚିତ ପାପର ମୋଚନ ହେବାର ବିଷୟ କି । ମାତ୍ର ଆଉ ଅଧିକ ପାପ ହେବ ।

ଯୁବା । ପ୍ରମାଣ ଅବଧାନ ଏହି କଥା ମାନି । ଆଉ ଏଥିରେ ବୋଧ ହୁଅଇ ଯେ ଆମ୍ଭେ ଯେ ଧର୍ମର ଆଶ୍ରୟ ନେଇଅଛୁଁ ସେହି

ସବୁ ମିଥ୍ୟା । ତହିଁରେ ପରିତ୍ରାଣ ନ ହେବ । ତେଣୁ ପରମେଶ୍ୱରଙ୍କର ନାମେ ଗୁଣାନୁବାଦ କରି ମୁକ୍ତି ଚେଷ୍ଟା କରିବ ।

ବୃଦ୍ଧ । ଭଲ ଭାଇ ତୁମ୍ଭର ଏହି ଜ୍ଞାନ ଅଛି ଯେ ଈଶ୍ୱରଙ୍କର ନାମରେ ନିସ୍ତାର ହୁଅଇ । ପୁଣି ଖାଲି ମୁଖରେ ଏହା କଲେ କିଛି ଫଳ ନ ହୁଅଇ । ଦେଖ ଭାଇ ତୁମ୍ଭର ନାମ କି ଏହା ଆମ୍ଭେ ପଚାରୁ ।

ଯୁବା । ମୋହର ନାମ ଗୁରୁଦାସ ।

ବୃଦ୍ଧ । ତୁମ୍ଭର ସନ୍ତାନ ଅଛି କି ନାହିଂ ।

ଯୁବା । ହାଁ ଅଛି ଅବଧାନ ଏହା ପଚାରିଲେ କାହିଁକି ।

ବୃଦ୍ଧ । ଭଲ ଦେଖ ତୁମ୍ଭର କୌଁଠାରୁ ଘରକୁ ଆସିବାର ସମୟେ ତୁମ୍ଭର ସନ୍ତାନ ଯେବେ ବାହାରକୁ ଦୌଡ଼ି ତୁମ୍ଭର ନିକଟେ ଆସି କେତେ ଥର ଡାକଇ ହେ ଗୁରୁଦାସ ପିତା ଗୁରୁଦାସ ପିତା ଗୁରୁଦାସ ପିତା ଗୁରୁଦାସ ପିତା । ତେବେ ତୁମ୍ଭର ସେହି ସନ୍ତାନକୁ କେମନ୍ତ କରି ବୋଧ ହୁଅଇ ।

ଯୁବା । ତାହାକୁ କେବଳ ବାଚ୍ୟ ଜାଣିବା ।

ବୃଦ୍ଧ । ସେରୂପେ ଈଶ୍ୱରଙ୍କୁ ଯେ ବାର ବାର ଡାକଇ ତାହାକୁ ସେ ସେହି ପ୍ରକାର ଜ୍ଞାନ କରନ୍ତି ।

ଯୁବା । ସତ୍ୟ ଅବଧାନ ପୂର୍ବରେ ମୋର ଏମନ୍ତ ବିଚାର ନ ଥିଲା । ଭଲା ଈଶ୍ୱରଙ୍କର ନାମରେ ଯେବେ ମୁକ୍ତ ନ ହୁଅଇ ତେବେ ପୁଣ୍ୟ କଲେ ପାପରୁ ଉଦ୍ଧାର ହେବାକୁ ପାରିବା ।

ବୃଦ୍ଧ । ନା ୨ ଭାଇ ସେ ଭରସା କଲେ ବ୍ୟର୍ଥ ।

ଯୁବା । ବ୍ୟର୍ଥ କିପାଁଇ ଅବଧାନ । ପ୍ରାୟ ସମସ୍ତେ କହନ୍ତି ଯେ ପୁଣ୍ୟରେ ପାପ ଖଣ୍ଡା ଯାଏ ।

ବୃଦ୍ଧ । ବ୍ୟର୍ଥ କିପାଁଇ ତାହାର କାରଣ ଶୁଣ । ଶାସ୍ତ୍ରଅନୁସାରେ ସୁରଥ ରାଜା ସହସ୍ର ୨ ପୁଣ୍ୟ କଲେହେଂ ଭଗବତି ତାହାର ଜାତ୍ୟବ୍ୟୁହ କରି ତାହାକୁ ପାପ ଭୋଗ କରାଇଲେ । ଆଉ ମହା

ଭାରତେ ଲେଖା ଯଥା । ପୁଣ୍ୟଂ କ୍ଷରତ କୀର୍ତ୍ତନାତ୍ । ଅର୍ଥାତ୍ । ପୁଣ୍ୟ କର୍ମ କର କହିଲେ ପୁଣ୍ୟ ନଷ୍ଟ ହୁଅଇ । ଏନିମନ୍ତେ ଯେଉଁ ଜନ ପୁଣ୍ୟ କର୍ମ କର ନ କହଇ ସେହି ଜନ କାହିଁ ।

ଯୁବା । ହେ ଅବଧାନ ଅମ୍ଭେ ଯେ କଥା କହି ସେହି କଥା ଖଣ୍ଡି ଦିଅନ୍ତୁ । ଭଲ ଏହିଥର କଥା ଗୋଟାଏ କହିବା ଶୁଣ ପ୍ରାୟଶ୍ଚିତ୍ତ ହୋମ ଯଜ୍ଞ ଇତ୍ୟାଦି କ୍ରିୟା କର ପାପ କ୍ଷୟ କରିବା ତହିଁରେ ବାଧା କି ।

ବୃଦ୍ଧ । ଭଲା ପୃଥିବୀରେ ଯେତେ ମନୁଷ୍ୟ ଅଛନ୍ତି ସେ ସମସ୍ତଙ୍କର ସ୍ୱଭାବ ପାପିଷ୍ଠ କି ନାହିଂ ।

ଯୁବା । ହାଁ ପାପିଷ୍ଠ ପ୍ରମାଣ ଯେହେତୁ ସମସ୍ତର ମଧ୍ୟରେ କାମ କ୍ରୋଧ ଲୋଭ ଇତ୍ୟାଦି ଅଛନ୍ତି ।

ବୃଦ୍ଧ । ତେବେ ଅଶୁଦ୍ଧ ମନରେ ଯେ୬ କର୍ମ କରଇ ସେ ସବୁ ବିଫଳ । ଏହାର ପ୍ରମାଣ ଭାଗବତରେ ଲେଖା ଅଛି ଯଥା ।

ଯଦି ହୃଦୟ ମଶୁଦ୍ଧଂ ତସ୍ୟ ସର୍ବଂ ବରୁଦ୍ଧଂ ।

ଯାହାର ଅନ୍ତଃକରଣ ଅଶୁଦ୍ଧ ହୁଅଇ ତାହାର ସବୁ କର୍ମଇ ବିପରୀତ ହୁଅଇ । ଆଉ ଦେଖ କ୍ରିୟା କରିବାର ପୂର୍ବେ ମନ ଯେମନ୍ତ ଅଶୁଦ୍ଧ ଥାଏ କ୍ରିୟା କଲେ ସେରୂପେ ଅଶୁଦ୍ଧ ଥାଏ କିଛି ବିଶେଷ ନୋହିବ । ଏଣୁ କର କ୍ରିୟାର ଉପରେ ଭାର ଦେଇ ନିଶ୍ଚିନ୍ତ ବସି ଥିବ ମିଥ୍ୟା । ଯେବେ ତୁମ୍ଭର ଶାସ୍ତ୍ରରେ ବିଶ୍ୱାସ ଥାଏ ତେବେ ଏହି ବଚନ ବୁଝ ଯେ ମନୁଷ୍ୟର କୃତ ପ୍ରାୟଶ୍ଚିତ୍ତ ଇତ୍ୟାଦି କର୍ମରେ ପାପ ନାଶ ହେବାକୁ ନ ପାରଇ ଏଥିରେ ଆଉ କଥା ଗୋଟାଏ ଶୁଣ । ସାତ୍ତ୍ୱିକ କର୍ମରେ ସାତ୍ତ୍ୱିକ ମନ ଗୃହି ଓ ଶୁଦ୍ଧ ଧନ ଗୃହି ଆଉ ସବୁ ଶୁଦ୍ଧ ସାମଗ୍ରୀ ଦେବାକୁ ହୁଅଇ । ତାହା କାହାର ଅଛି । କେ ଦେବାକୁ ପାରଇ ।

ଯୁବା । ଅବଧାନର କଥା ଶୁଣି ଅମ୍ଭର ଯେ ଭରସା ତାହା ପ୍ରାୟ ଉଡ଼ି ଗଲା । ଏବେ କି କରିବା ତାହା ଭାବୁଛୁଁ । ହେ ଅବଧାନ ଗୁରୁ ଯାହା କହନ୍ତି ତାହା ମାନିଲେ କୃତାର୍ଥ ହେବାକୁ ପାରିବା କି ନାହିଁ ।

ବୃଦ୍ଧ । ହେ ଭାଇ ଏହିତ ବଡ଼ ଭୁଲନା କଥା । ଦେଖ ସମସ୍ତେ ପାପୀ ହୋଇଲେ ଗୁରୁ କି ପାପିଠାରୁ ବାକି ଥିବେ । ଆଉ ଦେଖ ପାପରେ ମନ ଅନ୍ଧକାରମୟ ହୁଅଇ । ତେବେ ଜଣେ ଅନ୍ଧ ଆନ ଜଣେ ଅନ୍ଧକୁ କି ବାଟ ଦେଖାଇବାକୁ ପାରଇ । ଆବର ତନ୍ତ୍ରସାରରେ ଲେଖା ଅଛି ।

ଗୁରବୋ ବହବଃ ସନ୍ତି ଶିଷ୍ୟ ବିତ୍ତପହାରକାଃ ।
ଦୁର୍ଲଭଃ ସଦ୍‌ଗୁରୁ ର୍ଦେବି ଶିଷ୍ୟ ଚିନ୍ତାପହାରକଃ ।

ଶିଷ୍ୟମାନଙ୍କର ଧନ ହରଣ କରଇ ଏମତ ଗୁରୁ ଅନେକ ଅଛି । ପୁଣି ଶିଷ୍ୟଙ୍କୁ ଉଦ୍ଧାର କରନ୍ତି ଏମନ୍ତ ଗୁରୁ ପାଇବା ଭାର ।

ଯୁବା । ଅବଧାନ ଏହି ସମସ୍ତ ଯେବେ ବିଫଳ ହୋଇଲେ ତେବେ ବନରେ ଯାଇଁ ତପସ୍ୟା କରିବା ଉଚିତ ।

ବୃଦ୍ଧ । ଭଲା ତପସ୍ୟା କରି କି ପରିତ୍ରାଣ ପାଇବାକୁ ଇଚ୍ଛା କର ଦେଖ ଈଶ୍ୱର ମନୁଷ୍ୟଙ୍କୁ ଇହକାଳ ଓ ପରକାଳ ଦୁଇ ଦେଇ ଅଛନ୍ତି । ଏଣୁକରି ଇହକାଳର କର୍ମ ଯେବେ ନ କରି ବନରେ ଯାଇ ତେବେ ଈଶ୍ୱରଙ୍କୁ ଅବଜ୍ଞା କରିବା । ଯେମନ୍ତ ମୁନିବ ଚାକରକୁ ସୁଖ ଭୋଗ କରିବାର ପାଇଁ କେତେ ସମ୍ପତ୍ତି ଦେଇ କହନ୍ତି ଯେ ତୁମ୍ଭେ ସୁଖ ଭୋଗ କର ତହିଁରେ ସେ ଯେବେ ତାହା ନ କରି ସବୁ ଧନ ଜଳରେ ପକାଇ ଦିଅଇ ତହିଁରେ ମୁନିବ ତାହାକୁ ତୁଷ୍ଟ ହୁଅଇ କି ରୁଷ୍ଟ ହୁଅଇ । ଆଉ ସମସ୍ତ ପୃଥିବୀସ୍ଥ ଲୋକ ପାପୀ ତେଣୁ ଜଣେ ନ ଯାଇ ସମସ୍ତ ଲୋକ ବନରେ ଯିବାକୁ କି

ତ୍ରିବ୍ୟ ଏଥିରେ ଯେବେ ସମସ୍ତେ ବନକୁ ଯାନ୍ତୁ ତେବେ ବନ ଯାଇ ଶହର ହୁଅଇ । ଆଉ ଦେଖ ଲୋକ ସମସ୍ତ ଯଥା ଶକ୍ତି ପରସ୍ପର ଉପକାର କରିବେ ଏହି ଈଶ୍ୱରଙ୍କର ଆଜ୍ଞା । ପୁଣି ବନେ ଯାଇ ତାହା ନ କରିବାରେ ଈଶ୍ୱରାଜ୍ଞା ହେଲା କରିବ ଏନିମନ୍ତେ ତହିଁରେ ପାପ ନାଶ ନୋହି ପାପ ବଢ଼ିବାକୁ ପାରଇ ।

ଯୁବା । ସବୁ ଶାସ୍ତ୍ରରେ ବିରୋଧ ଲେଖଇ ପ୍ରମାଣ ଯେହେତୁ କେହି ବିଧି ଦିଅନ୍ତି ଆନ କେହି ନିଷେଧ କରନ୍ତି । ତେବେ କି ଏହାର କୌଣସି ଶାସ୍ତ୍ର କି କୌଣସି ମତେ ସତ୍ୟ ନ ହେବ ।

ବୃଦ୍ଧ । ଦେଖ ଭାଇ କୌଣସେ ଜନ ଯେବେ କାଶୀକୁ ଯିବା ବୋଲି ମନେ କରି କାହାକୁ ପଚାରଇ ଅମ୍ଭେ କେଉଁ ବାଟରେ କାଶୀକୁ ଯିବା । ତହିଁରେ ଜଣେ କହଇ ଦକ୍ଷିଣ ମୁଖେ ଯାଅ ସେହି କଥାରେ କେତେ ଦୂର ଦକ୍ଷିଣ ମୁଖେ ଯାଇ ଆର ଜଣଙ୍କୁ ପଚାରଇ ହେ ଭାଇ ଅମ୍ଭେ କାଶୀ ଯିବା କେଉଁ ଆଡେ । ସେ କହଇ ପୂର୍ବ ମୁଖେ ଗଲେ ବେଗେ ଯିବ । ତାହାର କଥାରେ କିଛି କାଳ ପୂର୍ବ ମୁଖରେ ଯାଇ ଆନ କୌଣସି ଜଣକୁ ପଚାରଇ ହେ ଭାଇ ଅନେକେ ଅନେକ ବାଟ କହନ୍ତି ତୁମ୍ଭେ ଠିକ କରି କହ ଅମ୍ଭେ କାଶୀ ଯିବା କେଉଁ ବାଟରେ । ସେ ବୋଲଇ ଉତ୍ତର ମୁଖରେ ଯାଅ ତହିଁରେ ଉତ୍ତର ମୁଖେ ଯାଇ ଫେର କାହାକୁ ପଚାରଇ ଯେ କି ଭାଇ ଅମ୍ଭେ କାଶୀ ଯିବା କେଉ ରାସ୍ତାରେ । ସେ କହଇ ତୁମ୍ଭେ ପଶ୍ଚିମ ମୁଖରେ ଗଲେ କାଶୀରେ ପହୁଞ୍ଚିବ । ସେ କଥାରେ ପଶ୍ଚିମ ଆଡେ ଗଲେ ସେ କାଶୀରେ ପହୁଞ୍ଚିବାକୁ ପାରଇ ନୋହିଲେ ତାହାର ସବୁ କର୍ମ ନିଷ୍ଫଳ । ଏହି କଥା ତୁମ୍ଭେ ମନ ମଧ୍ୟରେ ତୋଳି ପକାଅ ।

ଯୁବା । ଅବଧାନ ମୁଁହିଂ ଅତ୍ୟନ୍ତ ମୂର୍ଖ କି କହିବାକୁ ପାରଇଂ ତେବେ ମନେ ବିଚାର କରି ଦେଖି ଯେ ଏହି ସବୁ ସତ୍ୟ ହେବାକୁ ନ ପାରଇ ଯେହେତୁ କଥାର ଠିକ ନାହିଁ ସମସ୍ତେ ବିରୁଦ୍ଧ ।

ବୃଦ୍ଧ । ତୁମ୍ଭେ ଭଲ ବୁଝିଅଛ । ଯେମନ୍ତ ତୁମ୍ଭର ଶାସ୍ତ୍ରର କଥା ଜାଣିବ । ଦେଖ ପ୍ରତ୍ୟେକ ଶାସ୍ତ୍ର ଆପଣାକୁ ଶ୍ରେଷ୍ଠ କରି କହନ୍ତି । ଆଉ ଯଦ୍ୟପି ଶାସ୍ତ୍ର ସବୁ ସତ୍ୟ ହୁଅଇ ତଥାପି ତହିଁରେ କୌଣସି ମତେ ଉଦ୍ଧାରର ବାଟ ନାହିଁ ।

ଯୁବା । ତହିଁରେ ଉଦ୍ଧାର ନ ହୁଅଇ କପାଇଁ ଅବଧାନ ପାପ ନାଶ ହେଲେ କି ଉଦ୍ଧାର ନ ହୁଅଇ ।

ବୃଦ୍ଧ । ଶୁଣ ଭାଇ ପାପ ନାଶ ହେଲେ ଯଦ୍ୟପି ସେମାନଙ୍କର ସ୍ୱର୍ଗ ଭୋଗ ହୁଅଇ ତଥାପି ସେ ସ୍ୱର୍ଗ ଭୋଗର ଉତ୍ତାରେ ଆନ ଥର ଜଗତରେ ଅସିବାକୁ ହୁଅଇ ତେବେ କିରୂପେ ତାହାର ଉଦ୍ଧାର ହୋଇଲା । ଯେମନ୍ତ କୌଣସି ଜନ ଅତି ବଡ ନଈରେ ପଡି ନାନା ପରିଶ୍ରମେ ଥରେ ପ୍ରାୟ କୂଳର କଡରେ ଆସି ବିଶ୍ରାମ କରି କହଇ ଯେ ଅମ୍ଭେ ପାର ହେଲୁଂ ସେହି ସମୟରେ ବଡୀ ତେଉ ଅସି ପୁନରପି ତାହାକୁ ମଧ୍ୟରେ ନେଇ ଗଲା । ତହିଁରେ ସେ ଅତ୍ୟନ୍ତ ଦୁର୍ବଳ ହୋଇ ଫେର କୂଳର କଡରେ କେତେ କଷ୍ଟରେ ଅଇଲେ ଆନ ଥର ବଡ ଭଉଁର ତାହାଙ୍କୁ ମଧ୍ୟରେ ନେଇ ଯାଏ । ଏହିରୂପେ ଥରକୁଥର ହେବାରୁଂ ସେ କେବେ କୂଳ ପାଇବାକୁ ନ ପାରିବ । ପୁଣି ସେରୂପେ ସ୍ୱର୍ଗ ତାହା କେବଳ ପାଳିଜ୍ୱରର ମତେ ଦିନେ ହୁଅଇ ଆଉ ଦିନେ ଯାଏ । ତେବେ କିରୂପେ ତାହାକୁ ଉଦ୍ଧାର ଜାଣିବା ।

ଯୁବା । ଅବଧାନ ଏହି କଥା ଶୁଣି ଅମ୍ଭେ ବଡ ଭରସା ହୀନ ହୋଇଲୁଁ । ମନେ ଥିଲା ଯେ କୌଣସି ପ୍ରକାରେ ସ୍ୱର୍ଗ ଭୋଗ କରିବା ତାହା ତୁମ୍ଭେ ଗୋଟିଏ କଥାରେ ଖଣ୍ଡନ ଦେଇଅଛ ।

ବୃଦ୍ଧ । ଆଉ କଥା ଗୋଟିଏ ଶୁଣ । ନିର୍ବାଣ ମୁକ୍ତିର ଆଶା କରି ଯେଉଁମାନେ କର୍ମ କରନ୍ତି ସେମାନଙ୍କର ସେହି ନିର୍ବାଣ ମୁକ୍ତି ହୋଇଲେ କେବଳ ଏକ ପ୍ରକାରେ ସର୍ବନାଶ ହୁଅନ୍ତି । ଯେମନ୍ତ ଚିନି ନ ଖାଇ ଚିନି ହେବାର ଅବା ଜଳେ ମିଶି ଯିବାର ମାତ୍ର ।

ଯୁବା । ହେ ଅବଧାନ ତୁମ୍ଭର କଥାରେ ଅମ୍ଭେ ଏହ ବୁଝି ଯେ ପାପ ଭୋଗ ନୋହିଲେ ଆଉ ଖଲାସ ହୁଅଇ ନାହିଁ ।

ବୃଦ୍ଧ । ଏହି କଥା ପ୍ରମାଣ । ଦେଖ ଏକ ସ୍ଥାନେ କହନ୍ତି ଗଙ୍ଗା ସ୍ନାନ କଲେ ପାପ ଯାଏ । ଆନ ସ୍ଥାନେ କହନ୍ତି ଜଗନ୍ନାଥର ଦର୍ଶନ ସ୍ପର୍ଶନେ ପାପ ନଷ୍ଟ ହୁଅଇ । ପୁଣି ଅନ୍ୟ ନାନା ସ୍ଥାନରେ କହନ୍ତି ବ୍ରହ୍ମ ନାମ ଘେନଲେ ଗତି ହେବ । ଆଉ କହନ୍ତି ପ୍ରାୟଶ୍ଚିତ୍ତ କଲେ ମୋଚନ ପାଏ । ପୁଣି ଆନ କହନ୍ତି ପ୍ରତିମା ପୂଜା କଲେ ଅବା ଦେବତାର ସେବା କଲେ ସ୍ୱର୍ଗ ଭୋଗ ହୁଅଇ । ପୁଣି ଏ ହିତ ବଡ ଆଶ୍ଚର୍ଯ୍ୟ ଯେ କୌଣସି ସ୍ଥାନରେ ଲେଖା ଅଛି ଯେ ପାପଭୋଗ ନ କଲେ କୌଣସି ପ୍ରକାରେ ନିସ୍ତାର ନ ହୁଅଇ ଏହା ସ୍ମୃତି ଶାସ୍ତ୍ରରେ ପ୍ରମାଣ ଅଛି । ଯଥା ।

ଅବଶ୍ୟମେବ ଭୋକ୍ତବ୍ୟଂ କୃତଂକର୍ମ ଶୁଭାଶୁଭଂ ।
ମାଭୁକ୍ତ୍ୱା କ୍ଷୀୟତେ କର୍ମ କଳ୍ପକୋଟି ଶତୈରପି ।

ଅର୍ଥ ଲୋକମାନେ ଯେ ସମସ୍ତ ପାପ ପୁଣ୍ୟ କରନ୍ତି ତାହା ଅବଶ୍ୟ ଭୋଗ କରିବେ । କାରଣ ତାହା ଭୋଗ ନ କଲେ ଅନେକ କୋଟି କଳ୍ପରେ ତାହାର କ୍ଷୟ ହେବାକୁ ନ ପାରଇ । ଯେମନ୍ତ ସହଜ କଥାରେ କହନ୍ତି ଯେ ଅତଏବ ଦୋଷି ଜନର ସମୁଚିତ ଦଣ୍ଡ ନୋହିଲେ ଖଲାସ ନ ହୁଅଇ । ତହିଁରେ ରାଜା ଯେବେ ଅନ୍ୟାୟ କରି ଖଲାସ ଦିଅନ୍ତି ତେବେ ତାହାର ରାଜଧର୍ମ ଭ୍ରଷ୍ଟ ହୁଅଇ । ଯେହେତୁ ଦୁଷ୍ଟର ଦମନ ଓ ଶିଷ୍ଟର ପାଳଣ କରିବାର ରାଜଧର୍ମ ପୁଣି ଜଣେ ଦୁଷ୍ଟ ଖଲାସ ପାଇଲେ ଆନ ଦୁଷ୍ଟମାନେ ନିର୍ଭୟ ହୋଇ ଦୁଷ୍ଟାମୀ କରନ୍ତି । ଆଉ ଧନୀ ଲୋକମାନେ ସର୍ବଦା ଶଙ୍କିତ ହୁଅନ୍ତି ।

ଯୁବା । ଅବଧାନ ମୁହିଂ କଥା ଗୋଟିଏ ପଚାରିବାକୁ ଚାହି ।

ବୃଦ୍ଧ । କି କଥା କୁହ ଶୁଣି ।

ଯୁବା । ମୋର ମନରେ ଏହି କଥାର ଭାବ ଉଦୟ ହେଉଅଛି ଯେ ଏସମସ୍ତ ମତ ବିପରୀତ ଏଣୁ ଅନୁମାନ କରି ଯେ ଶାସ୍ତ୍ରର ପରସ୍ପର ବିବାଦ ହୁଅଇ ସେ ମନୁଷ୍ୟର ଲେଖା ମାତ୍ର । ସେ ଯେବେ ପରମେଶ୍ୱରଙ୍କର ଦତ୍ତ ହୁଅନ୍ତା ତେବେ ତହିଁ ମଧ୍ୟରେ ଏମନ୍ତ ବିବାଦ ନ ଥାନ୍ତା ହେତୁ କି ସର୍ବଙ୍କର ଭ୍ରାନ୍ତି ନାହିଁ । ଅମ୍ଭେ ଏହି ବୁଝି ଆପଣ କି କହନ୍ତି ।

ବୃଦ୍ଧ । ତୁମ୍ଭର ମନରେ ଯେ ଉଦୟ ହେଉଅଛି ସେତ ପ୍ରମାଣ । ଅନ୍ତର ଏଥିରେ ଦେଖା ଗଲା ଯେ ଆଜ ପର୍ଯ୍ୟନ୍ତେ ତୁମ୍ଭେ ତ୍ରାଣର ସତ୍ୟ ବାଟ ପାଇ ନାହିଁ ।

ଯୁବା । ହାହା ଅବଧାନ କୌଣସି କେହି ଉଦ୍ଧାର ପାନ୍ତି ନାହିଁ ଏତ ବଡ ଦୁର୍ଗତିର କଥା । ଲୋକେ ସମସ୍ତ ଏହି କାଳ ଦୁଃଖୀ ଓ ପରକାଳରେ ଦୁଃଖୀ ହେବେ । ଈଶ୍ୱର କି ମନୁଷ୍ୟଙ୍କୁ କେବଳ ଦୁଃଖ ଭୋଗର ନିମନ୍ତେ ସୃଷ୍ଟି କରିଛନ୍ତି । ପରିତ୍ରାଣର କୌଣସି ଶାସ୍ତ୍ର କି ଦେଖାଇ ନାହାନ୍ତି ।

ବୃଦ୍ଧ । ହେ ଭାଇ ଏହି ତୁମ୍ଭର ଯେ କଥା ସେତ ଯଥାର୍ଥ ନୋହେ ଏ ଦେଶ ଛଡା ଜଗତରେ ଅନ କେତେ ଦେଶ ଅଛି । ଅମ୍ଭର ଦେଶରେ ଯେବେ ତ୍ରାଣ ଶାସ୍ତ୍ର ନାହିଁ ହେବାକୁ ପାରି ଅନ କୌଣସି ଦେଶରେ ଖୋଜିଲେ ପାଇବ । ଯେରୂପେ ଘଣ୍ଟା ଛାପା ଦୂରବିନ ଇତ୍ୟାଦି ସୃଷ୍ଟି କରିବାର ବିଦ୍ୟା ପୂର୍ବରେ ଏହି ଦେଶରେ ନ ଥିଲା ଏବେ ଇଉରୋପୀୟ ଲୋକଙ୍କର ଅସିବାର ଏ ଦେଶୀୟ ଅନେକ ଲୋକେ ସେ ସବୁ ବିଦ୍ୟା ଶିଖି ଅଛନ୍ତି । ସେରୂପେ ଶାସ୍ତ୍ର ବିଷୟ ଅନୁସନ୍ଧାନ କଲେ ସମ୍ପୂର୍ଣ୍ଣରୂପେ ସୁସିଦ୍ଧ ହେବାକୁ ପାରଇ ।

ଯୁବା । ହେ ଅବଧାନ ଆମ୍ଭେ ଅଜ୍ଞାନ ଅକୃତୀ ଅଭାଜନ କେଉଁଠାରେ ଯାଇ ତଲ୍ଲାସ କରିବା ଅବା କେ ଆମ୍ଭକୁ ଦୟା

କର ଦେବ । ଆହୁର ପାଇଲେ ତାହା ସତ୍ୟ କି ନାହିଁ କିପରି ଜାଣିବା । ତେବେହେଁ ଉଦ୍ଧାରର ବାଟ ଜାଣିବାକୁ ଆମ୍ଭର ବଡ ମନ ଅଛି । ହେତୁ କି ଆମ୍ଭେ ଯେଉଁ ପାପ କରିଅଛୁଁ ତାହା ଏବେ ମନ ମଧ୍ୟରେ ଉଦୟ ହେଲେ ବଡ ଭୟ ପାଇ ।

ବୃଦ୍ଧ । ପାପର ଶାସ୍ତି ହେବ ବୋଲି ଭୟ କରିବା ଭଲ ଯେ ହେତୁ ଭୟ ନୋହିଲେ ପାପରୁ ନିସ୍ତାର ପାଇବାର ଚେଷ୍ଟା ନ ହେବ । ଯେ ଜନ ରୋଗରେ ତୁଚ୍ଛ ବୋଧ ହେଲେ ଔଷଧ ଖାଇବାର ଚେଷ୍ଟା ନ ଥିବ । ପୂର୍ବରେ ପାପ ବିଷୟରେ ଆମ୍ଭେ ତୁମ୍ଭର ପରି ଭାବନା କରୁଥିଲୁଁ ପୁଣି ଅନେକ ଖୋଜିଲେ କାଳକ୍ରମେ ସେ ପ୍ରକୃତ ଶାସ୍ତ୍ର ପାଇଲୁଁ ।

ଯୁବା । ସେ ଶାସ୍ତ୍ରର ନାମ କି ତହିଁରେ ମୁକ୍ତିର କି ବାଟ ଅଛି ଆଉ ସେ ଯେ ଈଶ୍ୱରଙ୍କର ଦତ୍ତଶାସ୍ତ୍ର ତାହା କିପରି ଜାଣିବା ।

ବୃଦ୍ଧ । ଶୁଣ ଭାଇ ପ୍ରକୃତ ଶାସ୍ତ୍ରର ଏହୀ ଲକ୍ଷଣ ଅର୍ଥ ଯାହାର ସମସ୍ତ ବାକ୍ୟର ମିଳଣ । ପୁଣି ଯହିଁରେ ଈଶ୍ୱରଙ୍କର ସତ୍ୟ ଗୁଣ ଓ ମହିମା ପ୍ରକାଶ ପାଆନ୍ତି । ପୁଣି ଯେ ଈଶ୍ୱରଙ୍କର ପ୍ରତି ମନୁଷ୍ୟର ମନକୁ ପ୍ରବୃତ୍ତ କରାନ୍ତି । ପୁଣି ପରିତ୍ରାଣାର୍ଥେ ଯାହା ଆବଶ୍ୟକ ତାହା ଜଣାନ୍ତି ଇତ୍ୟାଦି ବିଷୟ ଯହିଁରେ ଥାଏ ସେ ଈଶ୍ୱରଙ୍କର ଦତ୍ତ ଓ ପ୍ରକୃତ ଶାସ୍ତ୍ର ଜାଣିବ । ଏହି ପ୍ରକାର ଲକ୍ଷଣାକ୍ରାନ୍ତ କେବଳ ଖ୍ରୀଷ୍ଟିୟାନମାନଙ୍କର ଧର୍ମପୁସ୍ତକ । ତହିଁରେ ମୁକ୍ତିର ଯେ ବାଟ ଅଛି ତାହା ଶୁଣ କହିବା ।

ଯୁବା । ଅବଧାନ ଆପଣ ଯେବେ କହିବେ ଅବଶ୍ୟ ଶୁଣିବା ।

ବୃଦ୍ଧ । ଦେଖ ଅସଲରେ ଈଶ୍ୱରଙ୍କର ଆଜ୍ଞାରେ ପୃଥିବୀ ଚନ୍ଦ୍ର ସୂର୍ଯ୍ୟ ତାରା ସ୍ଥାବର ଜଙ୍ଗମାଦି ସମସ୍ତ ସୃଷ୍ଟି ହୋଇଲେ । ଅନନ୍ତରେ ଆମ୍ଭମାନଙ୍କର ଆଦମ ନାମେ ଆଦି ପିତାକୁ ଓ ହବା ନାମେ ଆଦି ମାତାକୁ ସୃଜନ କରି ଈଶ୍ୱର ସେମାନଙ୍କୁ ଗୋଟିଏ ନିୟମ ନିରୂପଣ

କରି ଦେଲେ । ଯାବତ୍ ସେମାନେ ସେହି ଆଜ୍ଞା ପାଳଣ କଲେ ତାବତ୍ ପର୍ଯ୍ୟନ୍ତେ ସେମାନେ ନିଷ୍ପାପ ଓ ଅରୋଗୀ ଥିଲେ । ପୁଣି ସେହି ଆଜ୍ଞା ନ ମାନିବାରୁଂ ସେମାନଙ୍କର ମନ ଶାପଗ୍ରସ୍ତ ହୋଇ କାମକ୍ରୋଧ ଲୋଭ ଅହଙ୍କାର ଇତ୍ୟାଦିରେ ପୂର୍ଣ୍ଣ ହୋଇଲେ । ସେ ସକାଶରୁ ସେମାନଙ୍କର ସନ୍ତାନମାନେ ସେ ସ୍ୱଭାବ ପାଇ ମନୁଷ୍ୟ ସମସ୍ତ ପାପିଷ୍ଠ ହୋଇ ଅଛନ୍ତି । ଯେମନ୍ତ ଧର୍ମପୁସ୍ତକରେ ଲେଖା ଯେ ଅମ୍ଭେମାନେ ଅଧର୍ମରେ ନିର୍ମିତ ଓ ପାପରେ ମାତା ଅମ୍ଭମାନଙ୍କୁ ଗର୍ଭରେ ଧାରଣ କଲା । ଏହି ହେତୁ ଅମ୍ଭେମାନେ ସମସ୍ତେ ପାପ ସ୍ୱଭାବରେ ଉତ୍ପନ୍ନ ହୋଇଅଛୁଁ ତେବେ କେମନ୍ତ କରି ପୁଣ୍ୟ ଉତ୍ପାଦନ କରିବାକୁ ପାରୁ । ଆଉ ଯେଉଂ କର୍ମରେ ଈଶ୍ୱର ସନ୍ତୁଷ୍ଟ ହୁଅନ୍ତି ଏମନ୍ତ କର୍ମ କିପ୍ରେ କରିବାକୁ ପାରୁ । ସ୍ୱଭାବ ମନ୍ଦ ହେଲେ ମନ୍ଦଠାରୁ ଯେ ଭଲ କର୍ମ ହୁଅଇ ଏମନ୍ତ କେଉଁଠାରେ ଦେଖିଛନ୍ତି । ଯେହେତୁ ଯେଉଁ ଗଛ ମନ୍ଦ ତାହାର ଫଳ କେବେହେଁ ଭଲ ହେବାକୁ ନ ପାରଇ ।

ଯୁବା । ସତ୍ୟ ଅବଧାନ ଆପଣ ଯେ କହୁଛନ୍ତି ସେ ପ୍ରମାଣ ଆଉ କିଛି କହିବାକୁ ଆଜ୍ଞା ହେଉ ।

ବୃଦ୍ଧ । ଏହି ପ୍ରମାଣ ଗୋଟିଏ ଅଛି ବିବେଚନା କରି ଦେଖ । ଅମ୍ଭେମାନେ ପାପିଷ୍ଠ ହୋଇ କାୟ ମନ ବାକ୍ୟରେ ଈଶ୍ୱରଙ୍କର ଆଜ୍ଞା ଭଙ୍ଗି ପକାଇ ଅଛୁଁ । ଈଶ୍ୱର ସମସ୍ତଙ୍କୁ ଯେ' ଆଜ୍ଞା କରି ଥିଲେ ତାହାର ସାର ଏହି । ସର୍ବ ଅନ୍ତଃକରଣରେ ସର୍ବ ପ୍ରକାରେ ତାହାଙ୍କୁ ପ୍ରେମ କରିବ ପୁଣି ସମସ୍ତ ଲୋକଙ୍କୁ ଆପଣା ତୁଲ୍ୟ ଭାବିବ । ଏହି ଆଜ୍ଞାରେ ବିଚାର କଲେ ତୁମ୍ଭେ ନିଶ୍ଚୟ ବୋଧ ପାଇବ ଯେ ସେ ଯେଉଁ ସମସ୍ତ ଆଜ୍ଞା କରିଛନ୍ତି ସେ ସତ୍ୟ ପ୍ରମାଣ ।

ଯୁବା । ହଁ ଅବଧାନ ସେ ସମସ୍ତ ଆଜ୍ଞା ଯଥାର୍ଥ ପ୍ରମାଣ ।

ବୃଦ୍ଧ । ଆଉ ଦେଖ ଅନ୍ୟ ଲୋକଙ୍କୁ କେମନ୍ତ କରି ପ୍ରେମ କ

ରବାକୁ ହେବ ତାହା କହବା । ଦେଖ ସହୋଦର ଭାଇକୁ ଯେ ମନ୍ତ ସ୍ନେହ କରବାକୁ ହୁଅଇ ଓ ତାହାର ମଙ୍ଗଳ ଚେଷ୍ଟା କର ବାକୁ କର୍ତ୍ତବ୍ୟ ତେମନ୍ତ ଅମ୍ଭେମାନେ ସମସ୍ତେ ପରମେଶ୍ୱରଙ୍କର ସନ୍ତାନ ହେବାରୁଂ ପରକୁ ପ୍ରେମ କରବାକୁ ଓ ମଙ୍ଗଳ କରବାକୁ ଉଚିତ କର୍ମ ।

ଯୁବା । ହେ ଅବଧାନ ଏହ ସମସ୍ତ ଠିକ ବଚନ ଅବଶ ଏହାକୁ ମାନବାକୁ ହେବ ।

ବୃଦ୍ଧ । ଭଲ ଦେଖ ସମ୍ପୂର୍ଣ୍ଣରୂପେ ଅମ୍ଭେମାନେ ଈଶ୍ୱରଙ୍କର ଅଜ୍ଞା ଲଙ୍ଘନ କରଅଛୁଁ । ଯେହେତୁ ଈଶ୍ୱରର ଅଜ୍ଞା ଦୁଇ ଭାଗ ଅଛନ୍ତ ତାହାର ମଧ୍ୟରେ ପ୍ରଥମ ଭାଗ ଈଶ୍ୱର ବିଷୟରେ । ତ ହିଁରେ ଅମ୍ଭେମାନେ ଅତ୍ୟନ୍ତ ପାପିଷ୍ଠ । ଈଶ୍ୱର ବିଷୟରେ ଯେବେ ଅମ୍ଭେମାନେ ଭୁଲ ଥାଉଂ ତେବେ କଷ୍ଟପ୍ର ତାହାଙ୍କୁ ଆମ୍ଭେମାନେ ପ୍ରେମ ନ କର । ଏଣୁ ତୁମ୍ଭେ ଆପେ ବୁଝି ଦେଖ ଯେ ଦନ ରାତ୍ରି ଈଶ୍ୱର ବିଷୟରେ ତୁମ୍ଭେ କଛୁ ଭାବନା କର କ ନାହିଁ ପୁଣି ଧନ ସଞ୍ଚୟ ଓ ଅନ୍ନ ବସ୍ତ୍ର ଇତ୍ୟାଦ ଐହକ ବିଷୟ କ୍ଷଣେ ମାତ୍ର ପା ସୋର ନାହ ପୁଣି ବିଷୟ ଚିନ୍ତାରେ ସର୍ବଦା ଚିତ୍ତ ନବିଷ୍ଟ । ଏହ ହେତୁରୁଂ ଯେ ପର୍ଯ୍ୟନ୍ତେ ଏହ ସବୁ ବସ୍ତୁର ଈଶ୍ୱରଙ୍କୁ ଅଧିକ ପ୍ରେମ ନ କର ସେ ପର୍ଯ୍ୟନ୍ତେ ତାହାଙ୍କର ଅଜ୍ଞା ପାଳଣ ନ କର । ଯେ ହେତୁ ତାହାଙ୍କର ଅଜ୍ଞା ଏହ ଯେ କାୟ ମନ ବାକ୍ୟରେ ସମ୍ପୂର୍ଣ୍ଣ ରୂପେ ଈଶ୍ୱରଙ୍କୁ ପ୍ରେମ କର ।

ଯୁବା । ହାଁ ଅବଧାନ ଈଶ୍ୱରଙ୍କର ଅଜ୍ଞାର ଯେ ପ୍ରଥମ ଭାଗ ତାହା ଅମ୍ଭେ ଲଙ୍ଘନ କରଅଛୁଁ ପ୍ରମାଣ ପୁଣି ଦ୍ୱିତୀୟ ଭାଗରେ ଯେ ଲେଖା ଅଛି ଅର୍ଥାତ ଆପଣାର ତୁଲ୍ୟ ଆନକୁ ପ୍ରେମ କର ଏଥିରେ ଆପଣାକୁ ନିଷ୍ପାପ ଜ୍ଞାନ କର ମାନବା ।

ବୃଦ୍ଧ । ଭଲ ତୁମ୍ଭେ ଆପଣାକୁ ନିର୍ଦୋଷୀ କର କହ ପୁଣି ପା

ଶିକ୍ଷା କଲେ ଜଣା ଯିବ ଯେହେତୁ ଆମ୍ଭର ବୋଧ ହୁଅଇ ଯେ ତୁମ୍ଭେ କ୍ରିୟା ବାକ୍ୟ ମନ ସମସ୍ତରେ ଏ ଆଜ୍ଞାର ଲଙ୍ଘନକାରୀ । ଦେଖ ଭାଇ ପରର କୌଣସି ବସ୍ତୁର ଉପରେ ଅବଶ୍ୟ ତୁମ୍ଭର ଲୋଭ ହୋଇ ଥିବ । ପୁଣି ଫାଙ୍କି ଦେଇ ନେବାର ପାଇଁ କୌଣସି ପ୍ରବଞ୍ଚନା କରି ଥିବ ଅବା ମିଥ୍ୟା କଥା କହି ଥିବ । ଆଉ ଯେବେ ରାଜାର ଭୟ ଅବା ଅମର୍ଯ୍ୟାଦାର ଭୟ ନ ଥାନ୍ତା ହେବାକୁ ପାରନ୍ତା ଯେ ତାହାକୁ ଉପଦ୍ରବ କରି ନଥାନ୍ତ । ଅନୁର କହୁଁ ଶୁଣ ତୁମ୍ଭର ଅନ୍ତରଙ୍ଗର ସଙ୍ଗରେ ଦେଖା ହେଲେ ମନରେ ପୁଲକିତ ହୋଇ ତୁମ୍ଭେ ଅବଶ୍ୟ ତାହାକୁ ଏମନ୍ତ ଶିଷ୍ଟାଚାର କରି ଥାଅ ଯେ ଭାଇ ତୁମ୍ଭେତ ପରମ ଧାର୍ମିକ ଦୟାଳୁ ଦାତା ପରୋପକାରୀ ସତ୍ୟବାଦୀ ଏ ପ୍ରକାରେ ନାନାଦି ମତେ ସ୍ତବ ବିନୟ କରି ଥାଅ । ପୁଣି ତାହାର ଅସାକ୍ଷାତରେ ଅଉ ତୁମ୍ଭର କତରେ ସେହି ଅନ୍ତରଙ୍ଗଙ୍କୁ କେହି ଯେବେ ପ୍ରଶଂସା କରଇ ତେବେ ତୁମ୍ଭେ ତାହାର ବିରୁଦ୍ଧ କହି କି ନାହି । ନିଶ୍ଚୟ ଏହି କଥା କହ ଯେ ସେ ଅତି ଦୁଷ୍ଟ ମିଥ୍ୟାବାଦୀ ପ୍ରବଞ୍ଚକ ଲୋଭୀ ପରଦ୍ରୋହୀ ଇତ୍ୟାଦି ଯେ୨ ଦୋଷ ତାହାର ନାହିଁ ତାହାଠାରୁ ଅଧିକ ଦୋଷୀ କହି ତାହାକୁ ନିନ୍ଦା କର ।

ଯୁବା । ଏହି କଥା ଠିକ ପ୍ରମାଣ ଏଥିରେ ଅମ୍ଭେ ଦେଖି ଯେ ଈଶ୍ୱରଙ୍କର ପ୍ରେମ ବିଷୟ କି ଅଉ ପରର ପ୍ରେମର ବିଷୟ କି ସବୁ ଆଜ୍ଞା ଲଙ୍ଘନ କରିଅଛୁଁ । ଏନିମନ୍ତେ ଅମ୍ଭେ ମହାପାପୀ ଏହାର ସନ୍ଦେହ କିଛୁ ନାହିଁ ।

ବୃଦ୍ଧ । କେବଳ ତୁମ୍ଭେ ନୋହେ ସମସ୍ତେଇ ପାପୀ । ଅଉ ଦେଖ ଯେ ଲୋଭ ଦମ୍ଭ ହିଂସା କ୍ରୋଧ ଇତ୍ୟାଦି ସର୍ବପ୍ରକାର ମାନସିକ ପାପ ସବୁ ମନୁଷ୍ୟର କତରେ ଥାଏ ପୁଣି ଚୋରି ଖୁଣି ପରଦାର ଠକାଇ ଇତ୍ୟାଦି ଶାରୀରିକ ପାପକୁ ଅନ୍ୟ ଲୋକରେ ଅ

ନୁଭବ ପାଇ ନାହିଁ କାରଣ ମନୁଷ୍ୟ ସର୍ବଜ୍ଞ ନୋହେ ପୁଣି ପର
ମେଶ୍ୱର ମନୁଷ୍ୟାଦ ସମସ୍ତର ସୃଷ୍ଟିକର୍ତ୍ତା ସେ ସମସ୍ତ ଦେଖନ୍ତି ଯେ
ହେତୁ ସେ ସର୍ବବ୍ୟାପୀ ତାହା ପାଇଁ ସମସ୍ତର ଗୋଚରରେ କିବା
ଅଗୋଚରରେ ଯେ ଯାହା କରଇ ସେ ତାହା ସମସ୍ତ ଦେଖନ୍ତି ।

ଯୁବା । ସେହି ସତ୍ୟ ପରମେଶ୍ୱର ସମସ୍ତ ଜାଣନ୍ତି ପ୍ରମାଣ ପୁଣି
ପାପର ବିଷୟରେ ବୁଝି ସେ ବଡ ମନଯୋଗ ନ କରନ୍ତି ।

ବୃଦ୍ଧ । ହେ ଭଇ ସେତ ବଡ ଅବୋଧର କଥା । ସେ ଏହି ସ
ମସ୍ତ ପାପ କେବଳ ଅବଲୋକନ କରନ୍ତି ତାହା ନୋହେ ପୁଣି ଯ
ଥାର୍ଥ ବିଗ୍ଭର କରିବା ପାଇଁ ଭଲ ମତେ ଦେଖନ୍ତି ଓ ମନେ ର
ଖନ୍ତି । ସେ କେବେହେଁ ଭୁଲ ନ କରନ୍ତି । ଆଉ ଇହକାଳରେ
ଯେ ଯେତେ ପାପ କରଇ ପରକାଳରେ ଯାଇ ତାହାକୁ ତାହାର
ଦଣ୍ଡ ଭୋଗ କରିବାକୁ ହୁଅଇ । ପ୍ରଭୁ ଅତି ଦୟାଳୁ ପ୍ରମାଣ ପୁଣି
ଦୟା ସକାଶରୁଂ ଯେ ତାହାଙ୍କର ଧର୍ମିନ୍ୟାୟ ଲୋପ ହୁଅଇ ଏମନ୍ତ
ନୋହେ ଯେଉଁପେ କୌଣସି ବିଗ୍ଭର କର୍ତ୍ତା ଦୋଷି ଜନକୁ ଦୟା
କରି ଦଣ୍ଡ ଛାଡିବାକୁ ନ ପାରନ୍ତି ଯେବେ ଛାଡନ୍ତି ତେବେ ସେ ଲୋ
କରେ ଅଖ୍ୟାତ ପାଆନ୍ତି ସେଉଁପେ ପରମେଶ୍ୱର ଆଜ୍ଞା ଲଙ୍ଘନ
କାରିମାନଙ୍କୁଂ ଉପଯୁକ୍ତ ଶାସ୍ତି ଭୋଗ କରାନ୍ତି କେବେହେଁ କ୍ଷମା
ନ କରିବେ ।

ଯୁବା । ଅବଧାନ ଈଶ୍ୱରଙ୍କର ଶାପ କେମନ୍ତ ଧାର୍ଯ୍ୟ ତାହା ଆ
ମ୍ଭେତ ଠିକ ଜାଣି ନାହୁଁ ଅନୁଗ୍ରହ କରି ମୋତେ ଜଣାଉନ୍ତୁ ।

ବୃଦ୍ଧ । ସେ କେମନ୍ତ ଧାର୍ଯ୍ୟ ତାହା କହି ଶୁଣ । ଯେତନୁ ସମସ୍ତ
ଲୋକ ଜନ୍ମାବଧି ନାନାଦ ପାପ କରି ତାହାର ଯଥାର୍ଥ ପ୍ରାୟଶ୍ଚିତ୍ତ
ନ କରି ମରନ୍ତି ମରିବା ମାତ୍ରେ ସେମାନଙ୍କର ପ୍ରାଣ ପୁରୁଷ ଅତ୍ୟନ୍ତ
ଦୁଃଖ ଭୋଗ ସ୍ଥାନରେ ମହାବିଗ୍ଭରର ଦିନ ପର୍ଯ୍ୟନ୍ତେ ରହିବେ । ସେ
ଦିନରେ ଈଶ୍ୱରର ପରାକ୍ରମରେ ସମସ୍ତ ମନୁଷ୍ୟ ନିଜ ଶରୀରର ସହିତ

ପୁନରୁତ୍ଥାନ କରିବେ ପୁଣି ମହା ବିଚାରକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟର ସମ୍ମୁଖରେ ସମସ୍ତ ଲୋକଙ୍କର ଠିଆ ହେବାକୁ ହେବ । ମହା ବିଚାରର ଉତ୍ତାରେ ସମସ୍ତ ଦୁଷ୍ଟମାନେ ଯେଉଁ ଜ୍ୱଳନ୍ତା ଅଗ୍ନି ଶୟତାନ ଓ ତାହାର ଦୂତଗଣର ପାଇଁ ପରମେଶ୍ୱର ପ୍ରସ୍ତୁତ କରିଅଛନ୍ତି ତହିଁରେ ଯାଇଁ ଅନନ୍ତ ଶାସ୍ତି ଭୋଗ କରିବେ । ସେଠାରେ ଘୋର ଅନ୍ଧକାର ଓ କ୍ରନ୍ଦନ ଧ୍ୱନି ଓ ଦନ୍ତର କଡମଡି ସଦା କାଳ ହେବ । ଆଉ ସେ ସ୍ଥାନରୁ ପଳାଇ ବଞ୍ଚିବାର କୌଣସି ଉପାୟ ନାହିଁ ।

ଯୁବା । ହାୟ ! ଅବଧାନ ମୋହୋର ପାପର ଯଥାର୍ଥ ଫଳ ଈଶ୍ୱରର କ୍ରୋଧ ପ୍ରମାଣ ଏହା ଅଙ୍ଗୀକାର କରି ପୁଣି ତାହାଙ୍କର କ୍ରୋଧାନଳ କିରୂପେ ଛଡାଇବା ଏହାର ଯେବେ କୌଣସି ଉପାୟ ଥାଏ ଅନୁଗ୍ରହ କରି କହନ୍ତୁ ।

ବୃଦ୍ଧ । ହେ ଭାଇ ପରମେଶ୍ୱର ପରମ ଦୟାଳୁ ଅଛନ୍ତି ଏଣୁକରି ସେହି ଘୋର ନରକରୁ ବଁଚାଇବାର ପାଇଁ ଆଶ୍ରୟ ଗୋଟିଏ ପ୍ରକାଶ କରିଅଛନ୍ତି ତାହାର ବିଷୟେ ଧର୍ମ ପୁସ୍ତକରେ ଏହି ଲେଖା ଅଛି ଯଥା । ଈଶ୍ୱର ଜଗତକୁ ଏମନ୍ତ ପ୍ରେମ କଲେ ଯେ ସେ ଆପଣା ଅଦ୍ୱିତୀୟଜାତ ପୁତ୍ରକୁ ଦେଲେ ତହିଁରେ ଯେଉଁଜନ ତାହାଙ୍କର ଉପରେ ବିଶ୍ୱାସ କରଇ ସେହି ନଷ୍ଟ ନ ହୋଇ ଅନନ୍ତ ଜୀବନ ପାଇବ । ଯେ ସ୍ୱର୍ଗରୁ ଆଇଲେ ଅର୍ଥାତ ପ୍ରଭୁ ଯୀଶୁଖ୍ରୀଷ୍ଟ ସେ ତେତିଶ ବରଷ ଏହି ସଂସାରରେ ଥାଇ ମନୁଷ୍ୟର ଅନେକ ଉପକାର କଲେ । ସେ ଅନ୍ଧକୁ ଚକ୍ଷୁ ଦେଲେ । ବଧିରକୁ କର୍ଣ୍ଣ ଦେଲେ । ରୋଗିକୁ ସୁସ୍ଥ କଲେ । ମୃତ ଲୋକଙ୍କୁ ଜୀୟାଇଲେ । ପୁଣି ସେ ଆପଣାର ସୁଖାର୍ଥେ କିଛି ଚେଷ୍ଟା ନ କରି ଦିନରାତ୍ରି ପରମେଶ୍ୱରଙ୍କର କର୍ମ କଲେ । ତାହା ପାଇଁ ମନୁଷ୍ୟମାନେ ତାହାଙ୍କୁ ଅନେକ ତାଡନା କଲେ ତେବେହେଁ ସେ ସମସ୍ତ ମନୁଷ୍ୟର ପରିତ୍ରାଣର ନିମନ୍ତେ ଆପଣାର ପ୍ରାଣ ଦେଲେ ।

ଯୁବା । ସେ କଉପରେ ଅପଣାର ପ୍ରାଣ ଦେଲେ ।

ବୃଦ୍ଧ । ସେ ଈଶ୍ୱରଙ୍କର ନିଶ୍ଚୟ ଆଦେଶରେ ଓ ପୂର୍ବ ଜ୍ଞାନରେ ସମର୍ପିତ ହୁଅନ୍ତେ ଦୁଷ୍ଟମାନେ ତାହାଙ୍କୁ ନେଇ ଗୋଟିଏ କାଷ୍ଠ ସ୍ତମ୍ଭ ଶୂଳ ଅର୍ଥାତ୍ ଯାହାକୁ କ୍ରୁଶ ବୋଲି ତହିଁ ଉପରେ ଟାଂଗାଇ ବଧ କଲେ । ଏହି ପ୍ରକାରେ ସେମାନେ ଆପଣାମାନଙ୍କର ହିଂସା ପ୍ରକାଶିଲେ ଆଉ ଯେ ଖ୍ରୀଷ୍ଟ ପାପର ପାଇଁ ମରିବେ ଈଶ୍ୱରଙ୍କର ଏହି ଭବିଷ୍ୟତ୍ ବାକ୍ୟ ସଫଳ କଲେ ।

ଯୁବା । ଏହି ବଡ ଆଶ୍ଚର୍ଯ୍ୟ କଥା ଅବଧାନ । ପୁଣି ସେ କି ମୃତ୍ୟୁ ଦଶାରେ ରହିଲେ ।

ବୃଦ୍ଧ । ନା ସେ ମୃତ୍ୟୁକୁ ଜୟ କରି ତୃତୀୟ ଦିନରେ ମୃତ୍ୟୁରୁ ସଜୀବ ହୋଇ ଉଠିଲେ ତହିଁ ଉତ୍ତାରେ ଶିଷ୍ୟ ସମସ୍ତର ସଙ୍ଗେ ସାକ୍ଷାତ୍ କରି ଚାଳିଶ ଦିନର ଉତ୍ତାରେ ସ୍ୱୟଂ ପରାକ୍ରମରେ ସ୍ୱର୍ଗକୁ ଗମନ କରି ଈଶ୍ୱରଙ୍କର ଦକ୍ଷିଣରେ ବିରାଜମାନ ଅଛନ୍ତି । ଆଉ ସବୁ ଜଗତର ଉପରେ ଶାସନକର୍ତ୍ତା ହୋଇ ଶେଷ ଦିନରେ ସବୁ ମନୁଷ୍ୟର ବିଚାର କରିବାକୁ ସେ ଐଶ୍ୱରିକ ପରାକ୍ରମରେ ଆସିବେ ତେତେବେଳେ ପ୍ରତ୍ୟେକ ଜନ ତାହାଙ୍କୁ ଦେଖିବାକୁ ପାଇବେ ।

ଯୁବା । ତେବେ କି ଯୀଶୁ ଖ୍ରୀଷ୍ଟ ବିନା ପାପର ମୋଚନ ନ ହୁଅଇ ।

ବୃଦ୍ଧ । ନା ଭାଇ କେବଳ ତାହାଙ୍କଠାରୁ ହେବାକୁ ପାରଇ ଆଉ କାହାଠାରୁ ହୁଅଇ ନାହି ଯେହେତୁ ସେ ନିଜେ ନିଷ୍ପାପୀ ହୋଇ ଆମ୍ଭମାନଙ୍କର ପାପର ଫଳ ଭୋଗ କଲେ । ଏନିମନ୍ତେ ତାଙ୍କର ସେହି ମହା ପ୍ରାୟଶ୍ଚିତ୍ତ ସକାଶରୁଂ ସତ୍ୟ ବିଶ୍ୱାସିମାନଙ୍କୁ ଈଶ୍ୱର କ୍ଷମା କରିବେ ।

ଯୁବା । ଏହି ଅତି ମଙ୍ଗଳ ସମାଚାର ପ୍ରମାଣ । ପୁଣି ସର୍ବ ଦେଶୀୟ ଲୋକଙ୍କର ପାଇଁ କି ସେହି ମହା ପ୍ରାୟଶ୍ଚିତ୍ତ ହୋଇ ଥିଲା । ଆଉ ତହିଁରେ କି ଅମ୍ଭେଇ ଉଦ୍ଧାର ପାଇବାକୁ ପାରି ।

ବୃଦ୍ଧ । ହଁ। ଭାଇ ଖ୍ରୀଷ୍ଟର ପ୍ରାୟଶ୍ଚିତ୍ତ କେବଳ ଗୋଟିଏ ଦେଶୀୟ ଲୋକଙ୍କର ନିମନ୍ତେ ନୋହେ ପୁଣି ସର୍ବ ଦେଶୀୟ ମନୁଷ୍ୟର ପରିତ୍ରାଣ ପାଇଁ । ଆଉ ଶାସ୍ତ୍ରରେ ଏହି ଲେଖା ଯେ ପରିତ୍ରାଣ କରିବାକୁ ଆନ କାହାର ସାଧ୍ୟ ନାହିଁ ଯେହେତୁ ଯହିଁରେ ମନୁଷ୍ୟର ପରିତ୍ରାଣ ହୁଅଇ ଏମନ୍ତ ସ୍ୱର୍ଗର ତଳେ ମନୁଷ୍ୟମାନଙ୍କୁ ଯୀଶୁଖ୍ରୀଷ୍ଟ ବିନା ଆଉ କୌଣସି ନାମ ଜଣା ଗଲା ନାହି । ପୁଣି ଯେଉଁଜନ ତାହାଙ୍କଠାରେ ଆଶ୍ରୟ ନିଅନ୍ତି ତାହାଙ୍କୁ ସେ କେବେ ଦୂର ନ କରିବେ ।

ଯୁବା । ହେ ଅବଧାନ ବିଶେଷ କରି କହନ୍ତୁ ଯେ ସେ ପାପ ମୋଚନ ନିମନ୍ତେ କୀ କର୍ମ କରି ଥିଲେ ।

ବୃଦ୍ଧ । ଦେଖ ଈଶ୍ୱର ତାହାଙ୍କୁ ମନୁଷ୍ୟର ପାପ ମୋଚନାର୍ଥେ ନିଯୁକ୍ତ କରିଥିଲେ ଏନିମନ୍ତେ ସେ ନିଜେ ମନୁଷ୍ୟର ପାପର ନାନା ଯନ୍ତ୍ରଣା ସହି ସେମାନଙ୍କର ପରିତ୍ରାଣ ପାଇଁ ଶେଷରେ ବଳିରୂପେ ଆପଣା ପ୍ରାଣ ଦେଲେ ।

ଯୁବା । ଯୀଶୁଖ୍ରୀଷ୍ଟ ଆପଣା ପ୍ରାଣ ଦେବାରେ ମନୁଷ୍ୟମାନଙ୍କର ପରିତ୍ରାଣର ପାଇଁ କି ଉପାୟ ହୋଇଲା ।

ବୃଦ୍ଧ । ତହିଁରେ ଏହି ହୋଇଲା ଯେ ଈଶ୍ୱର ମନୁଷ୍ୟମାନଙ୍କର ପରିବର୍ତ୍ତେ ତାଙ୍କର କୃତ ସେହି ପ୍ରାୟଶ୍ଚିତ୍ତ ଗ୍ରାହ୍ୟ କଲେ । ଆଉ ଏହି ପ୍ରତିଜ୍ଞା କଲେ ଯେ ଯେଉଁ ଜନ ପାପରୁ ମନ ଫେରାଇ ସେହି ପ୍ରାୟଶ୍ଚିତ୍ତରେ ସତ୍ୟ ବିଶ୍ୱାସ କରଇ ସେ ଜନ ନଷ୍ଟ ନ ହୋଇ ଅନନ୍ତ ପରମାୟୁ ପାଇବ ।

ଯୁବା । ହେ ଅବଧାନ ଆମ୍ଭେ ଯୀଶୁଖ୍ରୀଷ୍ଟଙ୍କଠାରେ କେମନ୍ତ କରି ଆଶ୍ରୟ ପାଇବା ।

ବୃଦ୍ଧ । ଯେବେ ତୁମ୍ଭେ ସତ୍ୟରୂପରେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କଠାରେ ଆଶ୍ରୟ କରିବାକୁ ଇଚ୍ଛା କର ତେବେ ନିଜ ପାପର ପାଇଁ ଖେଦ

ଓ ଈଶ୍ୱରଙ୍କଂ କଡ଼ରେ ପାପ ସ୍ୱୀକାର କରି ଓ ପାପର କ୍ଷମା ପ୍ରାର୍ଥନା କରି ଓ ଯୀଶୁଖ୍ରୀଷ୍ଟଙ୍କୁ ଆପଣା ତ୍ରାଣକର୍ତ୍ତା ଓ ପ୍ରଭୁ ବିଶ୍ୱାସ କରି ଗ୍ରହଣ କରିବ ଏହି ସବୁ ତୁମ୍ଭର ନିତାନ୍ତ କର୍ତ୍ତବ୍ୟ ।

ଯୁବା । ଅବଧାନ ପାପ ବିଷୟରେ ଖେଦ କରିବାର କି ।

ବୃଦ୍ଧ । ଦେଖ ଭାଇ ଈଶ୍ୱରଙ୍କର ବିରକ୍ତି ଜନ୍ମାଇବାରଂ ଅନ୍ତଃକରଣରେ ଦୁଃଖୀ ହେବାର ପୁଣି ତାହାଙ୍କର ବିରକ୍ତ ଜନକ କର୍ମ ସମସ୍ତଙ୍କୁ ଘୃଣା କରିବାର ପୁଣି ସେ ସମସ୍ତ କ୍ରିୟା ସାବଧାନରୂପେ ତ୍ୟାଗ କରିବାର ଏହି ସମସ୍ତ ପାପ ବିଷୟରେ ଖେଦ ।

ଯୁବା । ଯୀଶୁଖ୍ରୀଷ୍ଟଙ୍କୁଂ ବିଶ୍ୱାସ କରି ଗ୍ରହଣ କରିବାର କିରୂପେ ହୁଅଇ ।

ବୃଦ୍ଧ । ଯୀଶୁଖ୍ରୀଷ୍ଟ ଯେ ସେ ପାପିଷ୍ଠ ଲୋକଙ୍କର ତ୍ରାଣକର୍ତ୍ତା ପୁଣି ତାଙ୍କର ବିନୁ ଅନ ଆଶ୍ରୟ ନାହିଁ ଏହି ଦୃଢ଼ ବିଶ୍ୱାସ କରି ତାହାଙ୍କୁ ଆପଣାର ତ୍ରାଣକର୍ତ୍ତା ହେବାର ପାଁଇ ଗ୍ରହଣ କରିବାର ଆଉ ତାହାଙ୍କଠାରେ ଆତ୍ମ ସମର୍ପଣ କରିବାର ସତ୍ୟ ବିଶ୍ୱାସ ଏହି ।

ଯୁବା । ହେ ଅବଧାନ ମନୁଷ୍ୟର ଅନ୍ତଃକରଣ ପାପ ଅଭିଳାଷରେ ପରିପୂର୍ଣ୍ଣ ଏନିମନ୍ତେ ସେମାନେ ଈଶ୍ୱରଙ୍କର ଆଜ୍ଞା କିରୂପେ ପାଳଣ କରିବାକୁ ପାରିବେ ।

ବୃଦ୍ଧ । ତୁମ୍ଭେ ଉତ୍ତମ ପଚାରୁଛ ଭାଇ ତାହା କରିବାକୁ ମନୁଷ୍ୟର ନିଜ ସାଧ୍ୟ ନାହିଁ ପୁଣି ଈଶ୍ୱରଙ୍କର ପ୍ରତିଜ୍ଞା ଏହି ଯେ ଧର୍ମାତ୍ମା ପ୍ରାର୍ଥନା କଲେ ସେ ଧର୍ମାତ୍ମା ଆସି ମନୁଷ୍ୟର ଅନ୍ତଃକରଣଙ୍କୁ ନୂଆ ଓ ପୁଣ୍ୟମୟ କରି ଈଶ୍ୱରଙ୍କର ଆଜ୍ଞା ପାଳଣ କରିବାକୁ ସହାୟ ହୁଅନ୍ତି ।

ଯୁବା । ମୋର ପାପ ନାନା ପ୍ରକାର ପୁଣି ଅତି ଭାରି ତହିଁ ପାଁଇ ଯୀଶୁଖ୍ରୀଷ୍ଟରେ ଦୃଢ଼ ବିଶ୍ୱାସ କଲେ କି ଈଶ୍ୱରଙ୍କ ସ୍ଥାନେ ମୁହିଁ ଦୋଷୀ ନ ଥିବି ।

ବୃଦ୍ଧ । ନା ଭାଇ ତୁମ୍ଭେ ଯୀଶୁଖ୍ରୀଷ୍ଟର ମରଣାନ୍ତ ପ୍ରାୟଶ୍ଚିତ୍ତରେ ବିଶ୍ୱାସ ପୁଣି ଯଥାର୍ଥାଚରଣ କଲେ ଈଶ୍ୱରଙ୍କ ସ୍ଥାନେ ଅବଶ୍ୟ ନିର୍ଦ୍ଦୋଷୀ ହେବ । ଯେହେତୁ ପରମେଶ୍ୱର ତୁମ୍ଭର ପାପର କ୍ଷମା ପୁଣି ସମସ୍ତ ଶାସ୍ତିରୁ ମୁକ୍ତି କରିବେ । ଆଉ ଯେମନ୍ତ ତୁମ୍ଭେ ଜନ୍ମକାଳରୁ କେବେ ପାପ ନ କଲ ତୁମ୍ଭକୁ ନିର୍ଦ୍ଦୋଷୀ ଦେଖି ତୁମ୍ଭର ପ୍ରତି ଏମନ୍ତ ଦୟା ପ୍ରକାଶ କରିବେ ।

ଯୁବା । ଈଶ୍ୱରଙ୍କର ସ୍ଥାନେ ନିର୍ଦ୍ଦୋଷୀ ହୋଇ ଆମ୍ଭେ ଇହଲୋକେ କି କୌଣସି ଆଶୀର୍ବାଦ ପାଇବା ।

ବୃଦ୍ଧ । ହଁ ଭାଇ ଏଥିରେ ତୁମ୍ଭର ନାନା ମଙ୍ଗଳ ପ୍ରାପ୍ତ ହେବ ଯଥା । ମନର ସାନ୍ତ୍ୱନା । ଈଶ୍ୱରଙ୍କର ସହିତ ମିଳଣ । ତାହାଙ୍କର ପୋଷ୍ୟ ପୁତ୍ର ହେବାର । ଧର୍ମାତ୍ମା ପାଇବାର । ଯୀଶୁଖ୍ରୀଷ୍ଟର ବନ୍ଧୁତା । ଦୁଃଖରେ ପ୍ରବୋଧ ଓ ପରମାନନ୍ଦ । ସୁକ୍ରିୟା କରିବାର ଶକ୍ତି । ଅନନ୍ତ ଜୀବନ ହେତୁ ଆଶା ଇତ୍ୟାଦି ମଙ୍ଗଳ ତୁମ୍ଭକୁ ଘଟିବ । ପୁଣି ପ୍ରାର୍ଥନା ନ କଲେ ତୁମ୍ଭେ ଏସମସ୍ତ ଆଶୀର୍ବାଦ ପାତ୍ର ହେବାକୁ ନ ପାର ।

ଯୁବା । ହେ ଅବଧାନ ସତ୍ୟରୂପେ ପ୍ରାର୍ଥନା କରିବାର ମୋର ବଡ ଇଚ୍ଛା ଅଛି ତାହା ପାଇଁ କି କୌଣସି ନ୍ୟାସର ଅବା ଜପାଦର ପ୍ରୟୋଜନ ଅଛି ।

ବୃଦ୍ଧ । ନା ଭାଇ କେମନ୍ତ କରି ପ୍ରାର୍ଥନା ହୁଅଇ ତାହା ତୁମ୍ଭେ ଜାଣି ନାହିଁ ଦେଖ ମୁଖ ବାଦ୍ୟରେ କଣ୍ଠ୍ୟବାଦ୍ୟରେ ଅଙ୍ଗୁଳି ଧ୍ୱନିରେ ଭୂମି ପଦାଘାତରେ କରତାଳିରେ ବ୍ୟର୍ଥ ପୁନରୁକ୍ତିରେ ପରମେଶ୍ୱରଙ୍କର ଆରାଧନା ନ ହୁଅଇ । ଆଉ ସେ ଏହିସବୁ ନ ଗ୍ରହାନ୍ତି ଯେହେତୁ ତାହାଙ୍କର ଆରାଧନା ଶୁଦ୍ଧ ମନ ଓ ଭାବରେ ଓ ଆତ୍ମାରେ କରିବାକୁ ହୁଅଇ । ମନୁଷ୍ୟର କାୟିକ ଶ୍ରମେ ତାହାର କିଛି ପ୍ରୟୋଜନ ନାହିଁ ପୁଣି ତୁମ୍ଭେ ଯେବେ ସତ୍ୟରୂପେ ପ୍ରାର୍ଥନା

କରିବ ତେବେ କୌଣସି ନିର୍ଜନେ ଯାଇ ଈଶ୍ୱରଙ୍କଠାରେ ଯୀଶୁଖ୍ରୀଷ୍ଟର ନାମ କରି ଏମନ୍ତ ପ୍ରାର୍ଥନା କର ଯଥା ।

ହେ ସର୍ବଜ୍ଞାନୀ ସନାତନ ସଚ୍ଚିଦାନନ୍ଦ ପରମଦୟାଳୁ ପରମେଶ୍ୱର ଆମ୍ଭେ ଆପଣାକୁ ନିତାନ୍ତ ପାପିଷ୍ଠ ଜ୍ଞାନହୀନ ନରାଧମ ଜାଣି ତୁମ୍ଭର ଚରଣରେ ପଡ଼ି ଦଣ୍ଡବତ କରୁ । ତୁମ୍ଭେ ସର୍ବେଶ୍ୱର ଶୁଦ୍ଧସତ୍ୱ ଏଣୁ ପାପାତ୍ମ ଯେ ଆମ୍ଭେ ତୁମ୍ଭର ସମ୍ମୁଖରେ ଆସିବାକୁ କିଛି ଯୋଗ୍ୟ ନୋହୁ । ପୁଣି ତୁମ୍ଭର ଅତି ମଙ୍ଗଳ ସମାଚାର ବାକ୍ୟ ଶୁଣି ଆମ୍ଭେ ଯୀଶୁଖ୍ରୀଷ୍ଟର ପ୍ରିୟ ନାମ ନେଇ ତୁମ୍ଭର ସେବା କରିବା ନିମନ୍ତେ ଆସେ । ହେ ଦୟାମୟ ପ୍ରଭୁ ତାହାଙ୍କର ମରଣରୂପ ପ୍ରାୟଶ୍ଚିତ୍ତରେ ଓ ଅସୀମ କୃପାରେ ଭରସା ପାଇ ନିବେଦନ କରୁ । ହେ ପିତା ଆମ୍ଭେ ଜନ୍ମକାଳରୁ ବିପଥଗାମୀ ହୋଇ ତୁମ୍ଭର ସମସ୍ତ ଆଜ୍ଞା ଲଙ୍ଘନ କରି ନରକ ପଥରେ ଗଲୁଁ । ଏକ୍ଷଣେ ତୁମ୍ଭର ଅନୁଗ୍ରହରେ ଚେତନ ପାଇ ତୁମ୍ଭେ ଯେ ଆମ୍ଭର ପିତା ଓ ରାଜା ଓ ଈଶ୍ୱର ଏହା ଅଙ୍ଗୀକାର କରି ତୁମ୍ଭଠାରେ ଫେରି ତୁମ୍ଭର ସେବାରେ ଯେମନ୍ତ ସର୍ବଦା ନିଯୁକ୍ତ ଥାଉ ଏହି ଆମ୍ଭର ବାଞ୍ଛା । ଏନିମନ୍ତେ ମହା କୃପା କରି ଆମ୍ଭକୁ ଗ୍ରହଣ କର ପୁଣି ତୁମ୍ଭର ଇଚ୍ଛାନୁସାରେ ଆମ୍ଭର ପ୍ରତି ବ୍ୟବହାର କର ।

ହେ ସ୍ୱର୍ଗସ୍ଥ ପିତା ଆଜଠାରୁ ଆମ୍ଭେ ଆଉ ସବୁ ମିଥ୍ୟା ଦେବତା ଦେବୀ ତ୍ୟାଗ କରି କେବଳ ତୁମ୍ଭକୁ ପ୍ରଭୁ ମାନି ଏକାନ୍ତ ମନେ ଆପଣାକୁ ତୁମ୍ଭଠାରେ ସମର୍ପଣ କରୁ । ତହିଁରେ ସଦା ତୁମ୍ଭର ନିକଟରେ ଥାଇ ଯେମନ୍ତ ତୁମ୍ଭର ମହିମା ପ୍ରକାଶ ପୁଣି ସମସ୍ତ ଆଜ୍ଞା ପାଳଣ କରିବା ଏଥି ପାଇଁ ଅନୁଗ୍ରହ କରି ବଳ ବୁଦ୍ଧି କୃପା ଦେଉନ୍ତୁ ।

ହେ ପ୍ରଭୁ ତୁମ୍ଭର ପୁତ୍ର ଯୀଶୁଖ୍ରୀଷ୍ଟର ରକ୍ତରେ ଆମ୍ଭକୁ ଧୌତ କରି ସବୁ ପାପରୁ ପରିଷ୍କାର କର । ଧର୍ମାତ୍ମା ଦେଇ ଆମ୍ଭର ପୁରାଣା ସ୍ୱଭାବ ଘୁଞ୍ଚାଇ ନୂଆ ପବିତ୍ର ସ୍ୱଭାବ କର । ତୁମ୍ଭର ପ୍ରତି ପୁଣି ସ

ମସ୍ତ ଉତ୍ତମ କାର୍ଯ୍ୟର ପ୍ରତି ମୋର ମନରେ ସ୍ନେହ ଜନ୍ମାଅ । ପ୍ରଭୁ
ଯୀଶୁ ଯେରୂପେ ଥିଲେ ଆମ୍ଭେ ସେରୂପ ଲୋକ କ୍ରମଶୋ ହେଉଂ ।
ଆମ୍ଭର ବିଶ୍ୱାସ ଓ ଭରସା ଓ ଆନନ୍ଦ ପୂର୍ଣ୍ଣ କର । ପୁଣି ତୁମ୍ଭର
ସତ୍ୟ ସେବକମାନଙ୍କର ମଧ୍ୟରେ ଆମ୍ଭକୁ ସ୍ଥାନ ଦେଇ ମରଣ ପ
ର୍ଯ୍ୟନ୍ତେ ତୁମ୍ଭର ସତ୍ୟ ଧର୍ମ ମଣ୍ଡଳିରେ ରଖ ।

ଏହି ପ୍ରକାରେ ଅନ୍ତକାଳ ଉପସ୍ଥିତ ହୋଇ ପ୍ରାଣ ବିଯୋଗ ସ
ମୟରେ ଖ୍ରୀଷ୍ଟରେ ଆମ୍ଭର ଜୀବାତ୍ମାର ଦୃଢ ବିଶ୍ୱାସ ଜନ୍ମାଇ ସବୁ
ଭୟ ଦୂର କର । ହେ ପିତା ହେ ପରମ ପ୍ରଭୁ ତୁମ୍ଭର ଶିଶୁ ଯେ
ଆମ୍ଭେ ସେହି କାଳରେ ଯେତେବେଳେ ଅତିଦୁର୍ବଳ ହେବା ତେ
ତେବେଳେ ସନ୍ତାନ ସ୍ନେହରେ ସୁନୟନରେ ଦେଖି ଆମ୍ଭକୁ ତୋଳି
କୋଳରେ ନିଅ । ଆଉ ସମସ୍ତଙ୍କର ପୁନରୁତ୍ଥାନ ପର୍ଯ୍ୟନ୍ତେ ଆମ୍ଭର
ମୃତ ଦେହକୁ ରଖ ପୁଣି ଆମ୍ଭର ଆତ୍ମା ତୁମ୍ଭର ପୂର୍ଣ୍ଣକୃତ ପବିତ୍ର ଲୋ
କମାନଙ୍କର ମଧ୍ୟରେ ସ୍ଥାନ ଦିଅ । ତହିଁ ଉତ୍ତାରୁ ତୁମ୍ଭର ସତ୍ୟ ଅ
କ୍ଷୟ ସୁଖରେ ପ୍ରବେଶ କରାଅ ।

ହେ ଈଶ୍ୱର ଏମନ୍ତ ହୋଇଲେ ପିତା ପୁତ୍ର ଧର୍ମାତ୍ମା ତିନର ସ୍ୱ
ରୂପ ଯେ ତୁମ୍ଭେ ତୁମ୍ଭର ସ୍ତବ ପ୍ରଶଂସା ଧନ୍ୟବାଦ ନିରନ୍ତର କ
ରିବା । ଆମିନ ।

ହେ ଭାଇ ଏହିମତ ପ୍ରାର୍ଥନା କଲେ ଈଶ୍ୱର ତାହା ଶୁଣିବେ
ପୁଣି ତୁମ୍ଭର ଅନ୍ତଃକରଣରେ ଧର୍ମାତ୍ମାଙ୍କୁ ପ୍ରବେଶ କରାଇବେ ପୁଣି
ତୁମ୍ଭର ମନରେ ଯେଉଁ ଆନନ୍ଦ ଓ ଶାନ୍ତି କେବେ ନ ଥିଲା ଏମତ
ବିଷୟ ପାପ ମୋଚନ ଉତ୍ତାରେ ତୁମ୍ଭେ ପାଇବ । ହେ ଭାଇ ବିଳମ୍ବ
ନ କର । ମୃତ୍ୟୁ ଅତି ନିକଟ ହେବାକୁ ଯାଉଇ । ଦେଖ କୌଣସି
ଜନ ଯେବେ ସବୁ ଜଗତ ସଂସାର ପ୍ରାପ୍ତ ହୁଅଇ ପୁଣି ଆପଣା
ପ୍ରାଣ ହଜାଏ ତେବେ ସେହି ଲାଭରେ ଫଳ କି ।

ଯୁବା । ପ୍ରମାଣ ଅବଧାନ ଆମ୍ଭେ ଦେଖି ଯେ ଯୀଶୁ ଖ୍ରୀଷ୍ଟ ବିନୁ

କୌଣସି ଉପରେ ନିସ୍ତାର ନାହିଁ ଏନିମନ୍ତେ ତାହାଙ୍କୁ ପାପିମାନଙ୍କର ସତ୍ୟ ଆଶ୍ରୟ କରି ମାନିବାକୁ ଅବଶ୍ୟ କର୍ତ୍ତବ୍ୟ ।

ବୃଦ୍ଧ । ଭଲ ଭାଇ ଅମ୍ଭେ ଆପଣା ଘରରେ ପହୁଁଚିଲୁଁ ତେଣୁ ଏହି ସମୟରେ ତୁମ୍ଭେ ବିଦାୟ ହୁଅ । ଈଶ୍ୱର ତୁମ୍ଭର ମଙ୍ଗଳ କରନ୍ତୁ ।

ଇତି

No. 4.

# GOD IS A SPIRIT.

## ଈଶ୍ୱର ଆତ୍ମସ୍ୱରୂପ ।

ଈଶ୍ୱର ଆତ୍ମସ୍ୱରୂପ ଅଟନ୍ତି ପୁଣି ତାହାଙ୍କର ଭଜନା ଯେଉଁମାନେ କରନ୍ତି ସେମାନଙ୍କୁ ଆତ୍ମା ଦେଇ ସତ୍ୟରୂପେ ଭଜନା କରିବାକୁ ହୁଅଇ । ମଙ୍ଗଳ ସମାଚାର ଯୋହନ ଲେଖିତ ୪ ପର୍ବ ୨୪ ପଦ ।

କାଷ୍ଠ ଲୋଷ୍ଟ୍ରେଷୁ ମୂର୍ଖାଣାଂ ଯୁକ୍ତସ୍ୟାତ୍ମନ ଦେବତା ।

କାଷ୍ଠ ଲୋଷ୍ଟ୍ରରେ ଦେବବୁଦ୍ଧି ମୂର୍ଖମାନେ ପୁଣି ଜ୍ଞାନମାନେ ପରମାତ୍ମାଙ୍କୁ ଦେବତା ଜାଣନ୍ତି ।

ତମେବବିଦ୍ୱାନତିମୃତ୍ୟୁମେତି ନାନ୍ୟଃ ପନ୍ଥାବିଦ୍ୟତେ ଽମୃତାୟ ।

ସେହି ପରମାତ୍ମାଙ୍କୁ ଜାଣି କେବଳ ଜୀବ ମୁକ୍ତ ହୁଅଇ ମୁକ୍ତିର ନିମନ୍ତେ ଅନ୍ୟ ପଥ ଆଉ ନାହିଁ । ବେଦାନ୍ତରେ ଲେଖା ।

## ଉପଦେଶ ।

ଈଶ୍ୱର କେମନ୍ତ ଆଉ କି ପ୍ରକାରେ ତାହାଙ୍କର ଭଜନା କରିବାକୁ ହୁଅଇ ଏହି କଥା ଏମନ୍ତ କଠିଣ ଯେ ଏହାର ସତ୍ୟ ଉତ୍ତର

ଦେବାକୁ ପୃଥିବୀରେ ପ୍ରାୟ୍ ଜଣେ ନାହିଁ । ଏଣୁକରି ଈଶ୍ୱର ଅ ପଣା ଶାସ୍ତ୍ରରେ ତାହାର ଉତ୍ତର ଦେଇ ଅଛନ୍ତି ଯଥା ।

ଈଶ୍ୱର ଅଗ୍ମ୍ୟସ୍ୱରୂପ ଅଟନ୍ତି ଏନିମନ୍ତେ ଅଗ୍ମ୍ୟ ଦେଇ ସତ୍ୟରୂପରେ ତାହାଙ୍କର ଭଜନା କରିବାକୁ ହେବ ।

ଅଉ ଈଶ୍ୱର ଯେବେ ଅଗ୍ମ୍ୟ ତେବେ ନିତାନ୍ତ ଅଦୃଶ ଅର୍ଥାତ୍ ଚକ୍ଷୁର ଅଗୋଚର । ଧର୍ମପୁସ୍ତକରେ ଲେଖା ଅଛି ଯେ ସେ ମନୁ ଷ୍ୟର ଅଗମ୍ୟ ତେଜୋବାସୀ ଯାହାଙ୍କୁ କେହି ଦେଖି ନାହିଁ ଓ ଦେଖିବାକୁ ପାରଇ ନାହିଁ ଯାହାଙ୍କର ପ୍ରତି ସମ୍ଭ୍ରାନ୍ତ ଓ ଅନନ୍ତ ପ ରାକ୍ରମର ପ୍ରଶଂସା ହେଉ । ଏମନ୍ତ ଅଗ୍ମ୍ୟ ସ୍ୱରୂପ ପ୍ରଭୁଙ୍କୁ କେମନ୍ତ କରି ଚର୍ମ ଚକ୍ଷୁରେ ଦର୍ଶନ କରି ପାରିବା ।

ଅଉ ଈଶ୍ୱର ଅଛନ୍ତି ସର୍ବବ୍ୟାପୀ ଅଗ୍ମ୍ୟ ଅର୍ଥାତ୍ ସମସ୍ତ ସ୍ଥା ନରେ ଅଖଣ୍ଡନୀୟ ଅବସ୍ଥିତ କରନ୍ତି । ତାହାଙ୍କର ଶାସ୍ତ୍ରୀୟ ପ୍ରମାଣ ଏହି ଯଥା । ଅମ୍ଭେ ସ୍ୱର୍ଗ ଓ ପୃଥିବୀ ବ୍ୟାପୁଅଛୁଁ । ଏମନ୍ତେ ସ୍ୱର୍ଗ ପୃଥିବୀରେ ଈଶ୍ୱର ସର୍ବ ସମୟରେ ସର୍ବ ସ୍ଥାନରେ ସ୍ଥିତ କରନ୍ତି ପୁଣି ସେ କୌଣସି କାହିଁରେ ଲିପ୍ତ ନୁହନ୍ତି । ଯେରୂପେ ସୂର୍ଯ୍ୟ ଆ କାଶରେ ଥାଇ ତାହାର ତେଜ ସବୁଠାରେ ବ୍ୟାପୁଛନ୍ତି ସେରୂ ପରେ ପରମେଶ୍ୱର ସ୍ୱର୍ଗରେ ବିରାଜମାନ ହୋଇ ତାହାଙ୍କର ଗୁଣ ସର୍ବ ଭୂତରେ ବ୍ୟାପୁଛନ୍ତି ପୁଣି ସେ କୌଣସି ବସ୍ତୁରେ ଲିପ୍ତ ନୁ ହନ୍ତି ।

ଅଉ ଈଶ୍ୱର ଯେ ସେ ଦୀପ୍ତିର ନ୍ୟାୟ୍ ଅଗ୍ମ୍ୟ ଏନିମନ୍ତେ ନିର୍ମଳ ଓ ନିଷ୍ପାପୀ । ଶାସ୍ତ୍ରରେ ଯେମନ୍ତ ଲେଖା ଯଥା । ଈଶ୍ୱର ଯେ ସେ ଜ୍ୟୋତିଃସ୍ୱରୂପ ତାହାଙ୍କଠାରେ ଅନ୍ଧକାରର ଲେଶ ନାହିଁ । ପୁଣି ଅଉ ଏକ ସ୍ଥାନରେ ଲେଖା ଯଥା । ତୁମ୍ଭର ବିନୁ ଧର୍ମସ୍ୱରୂପ ଅଉ କେହି ନାହିଁ । ଏନିମନ୍ତେ ସୂର୍ଯ୍ୟ ଯେରୂପେ ଦୀପ୍ତିର ଘର ସେହି ରୂପେ ଧର୍ମର ଓ ପବିତ୍ରତାର ମୂଳ ଈଶ୍ୱର ।

ଆଉ ଈଶ୍ୱର ସର୍ବଜ୍ଞ ଅଟନ୍ତି । ସେହି ବର୍ତ୍ତମାନ ଭୂତ ଭବିଷ୍ୟତ୍ ସଦାକାଳ ସମୁଦାୟ ବିଷୟରେ ଜ୍ଞାତ ଛନ୍ତି । ଦେଖ ସେ ସର୍ବତ୍ର ହୋଇ ସମସ୍ତ ଦେଖୁଛନ୍ତି । ଯେରୂପେ ସୂର୍ଯ୍ୟର ରଶ୍ମିରେ ବସ୍ତୁ ମାତ୍ର ପ୍ରକାଶ ହୁଅଇ ସେରୂପେ ଦିନେ କଅବା ରାତ୍ରେ ଆମ୍ଭମାନଙ୍କର କାୟମନ ବାକ୍ୟର ସବୁ ବିଷୟରେ ତାହାଙ୍କର ସୁଗୋଚର ଏଣୁ ସେ ସମସ୍ତଙ୍କର ମନର ଭାବନା ଜାଣନ୍ତି ।

ଆଉ ଈଶ୍ୱର ପ୍ରେମମୟ ଅଟନ୍ତି ଅର୍ଥାତ୍ ସେ ସମସ୍ତଙ୍କର ମଙ୍ଗଳ ଚାହାନ୍ତି ପୁଣି ସମସ୍ତଙ୍କର ସୁଖ ଭୋଗ ନିମନ୍ତେ ନାନାଦି ପ୍ରକାର ଉତ୍ତମ ପଦାର୍ଥ ଦିଅନ୍ତି । ଶାସ୍ତ୍ରରେ ଏମନ୍ତ ପ୍ରମାଣ ଅଛି । ହେ ପ୍ରିୟ ଗଣ ସମସ୍ତେ ଅମ୍ଭେମାନେ ପ୍ରେମ କରୁଂ ଯେହେତୁ ପ୍ରେମ ଈଶ୍ୱର ଠାରୁ ହୁଅଇ । ଯେ କେହି ପ୍ରେମ କରଇ ସେ ଈଶ୍ୱରଠାରୁ ଜାତ ପୁଣି ଈଶ୍ୱରଙ୍କୁ ଜାଣଇ । ଯେ ଜନ ପ୍ରେମର ତତ୍ତ୍ୱ ନ ଜାଣଇ ସେ ଈଶ୍ୱରଙ୍କର ତତ୍ତ୍ୱ ନ ଜାଣଇ ଯେହେତୁ ଈଶ୍ୱର ପ୍ରେମ ସ୍ୱରୂପ । ଅତୁର ଈଶ୍ୱର କେବଳ ଇହଲୋକରେ ମନୁଷ୍ୟର ମଙ୍ଗଳ ଚାହାନ୍ତି ତାହା ନୋହେ ଯେହେତୁ ଈଶ୍ୱର ଜଗତକୁ ଏତେ ପ୍ରେମ କଲେ ଯେ ସେ ଆପଣାର ଅଦ୍ୱିତୀୟ ଜାତ ପୁତ୍ର ବଳି ହେବା ନିମନ୍ତେ ଦେଲେ ତେଣୁ ଯେ କେହି ତାହାଙ୍କଠାରେ ବିଶ୍ୱାସ କରଇ ସେ ଜନ ନଷ୍ଟ ନ ହୋଇ ଅନନ୍ତ ପରମାୟୁ ପାଇବ ।

ଆଉ ଈଶ୍ୱର ସମସ୍ତଙ୍କ ଅଟୁର ପିତା ଅଟନ୍ତି । ଅର୍ଥାତ୍ ସେ ସମସ୍ତ ଅଟୁକୁ ସୃଜନ ପ୍ରତିପାଳଣ ଶାସନ କରନ୍ତି । ସେ ସ୍ୱୟଂଜୀବୀ ପୁଣି ଅଉ ସମସ୍ତ ପ୍ରାଣୀ ତାହାଙ୍କଠାରୁ ଜୀବନ ପାନ୍ତି । ସେ ନିର ଧୀନ ଆଉ ସମସ୍ତ ଅଟୁ ତାହାଙ୍କର ଅଧୀନ ଥାଅନ୍ତି । ସେ ଦାତା ଅଟନ୍ତି ଅଉ ସମସ୍ତ ଅଟୁ ତାହାଙ୍କ କୃପା ପାତ୍ର । ସେ ପ୍ରଧାନ ଅଟନ୍ତି ଆଉ ସମସ୍ତ ଆଟୁ ତାହାଙ୍କ ବଶୀଭୂତ । ସେ ଅନାଦି କାରଣ ଅଟନ୍ତି ଅଉ ସମସ୍ତ ଅଟୁର ଜନ୍ମ ଅଟଇ । ଏଣୁ ଅମ୍ଭେମାନେ କ୍ଷୁଦ୍ର

ଆତ୍ମା ସେ ପରମାତ୍ମା ଅଟନ୍ତି । ଶାସ୍ତ୍ରରେ ଲେଖା ଯଥା ଅମ୍ଭେମାନେ ଯେବେ ଶାରୀରିକ ଶାସ୍ତିକାରି ପିତୃଗଣର ସନ୍ମାନ କଲୁଁ ତେବେ କି ତହିଁରୁ ଅଧିକ ଆମ୍ଭମାନଙ୍କର ଆତ୍ମାର ପିତାର ବଶୀଭୂତ ହୋଇ ବଞ୍ଚିବା ନାହିଁ ।

ଆଉ ମଧ୍ୟାହ୍ନ କାଳରେ ସୂର୍ଯ୍ୟର ପ୍ରତି ଯେମନ୍ତ ସ୍ଥିର ଦୃଷ୍ଟି କରିବାକୁ କେହି ପାରନ୍ତି ନାହିଁ ତେମନ୍ତ ପରମେଶ୍ୱରଙ୍କର ତତ୍ତ୍ୱ ଯେ ସଂପୂର୍ଣ୍ଣରୂପେ ଜାଣିବ ଏହା କାହାର ସାଧ୍ୟ ନୁହଇ । ତେବେହେଁ ସେ ସମସ୍ତର ସୃଷ୍ଟି ପ୍ରତିପାଳଣ ଓ ଶାସନକର୍ତ୍ତା ହେବାରୁଂ ତାହାଙ୍କର ଭଜନା ଓ ସେବା କରିବାକୁ ସମସ୍ତଙ୍କର ଉଚିତ କର୍ମ । ତାହାଙ୍କର ଏହି ଯେ ଭଜନା କି ପ୍ରକାରେ କରିବାକୁ ହୁଅଇ ତାହା ଉପରରେ ଲେଖିତ ବଚନର ପ୍ରତି ଦେଖିଲେ ଆତ୍ମା ଦେଇ ସତ୍ୟରୂପେ ତାହାଙ୍କର ଭଜନା କରିବାକୁ ହୁଅଇ ଏହା ଜଣା ଯାଏ ।

ଦେଖ ଯାହାର ଯେରୂପେ ସ୍ୱଭାବ ତାହାର ସେରୂପେ ସେବା କରିବାକୁ ହୁଅଇ । ଏଣୁକରି ପାଦାଦି ଅବୟବ ଓ ଇନ୍ଦ୍ରିୟ ଯୁକ୍ତ ଦେବତାମାନଙ୍କର ସେବା କରିବାକୁ ଗଲେ ଧୂପ ଦୀପ ନୈବେଦ୍ୟ ବସ୍ତ୍ର ଅଳଙ୍କାର ନାନା ଖାଦ୍ୟ ଓ ସୁଗନ୍ଧି ସାମଗ୍ରୀ ଦେଇ ଆଉ ନାଚ ରଙ୍ଗ ବାଜଣାଦି ମୌଖିକ ସ୍ତବ କଲେ ସେମାନଙ୍କର ପୂଜା ସିଦ୍ଧ ହୁଅଇ । ପୁଣି ଈଶ୍ୱର ଅବୟବ ଯୁକ୍ତ ନୁହନ୍ତି ସେହି ସତ୍ୟମୟ ଆତ୍ମା ଏହି ହେତୁ ମନ ଦେଇ ତାହାଙ୍କର ସେବା କରିବାକୁ ହୁଅଇ ଏହାର ବିଷୟରେ କିଛି ବିଶେଷ କରି ଉପଦେଶ ଲେଖା ଯାଏ ।

୧ । ଈଶ୍ୱରଙ୍କର ଭଜନା କରିବାକୁ ଇଚ୍ଛା କଲେ ସତ୍ୟ ସ୍ୱରୂପ ଏକ ଈଶ୍ୱର ଅଛନ୍ତି ଏହାକୁ ମନ ମଧ୍ୟରେ ବିଶ୍ୱାସ ହୁଅଇ ଯେମନ୍ତ ଶାସ୍ତ୍ରରେ ପ୍ରମାଣ ଲେଖା ଯଥା । ଈଶ୍ୱର ଯେ ବର୍ତ୍ତମାନ ଓ ଅପଣାର ଅନ୍ୱେଷଣକାରିଗଣର ପୁରସ୍କାର ଦାତା ଏହି ତାହାଙ୍କର ଭକ୍ତିର ବିଶ୍ୱାସ କରିବା କର୍ତ୍ତବ୍ୟ । ପୁଣି ଏକ ସତ୍ୟ ଈଶ୍ୱର ଯେ ଅ

ଛନ୍ତି ମନୁଷ୍ୟର ସ୍ୱାଭାବିକ ମନରେ ଏମନ୍ତ ବିଶ୍ୱାସ ନାହିଁ । ତାହାର ପ୍ରମାଣ ଏହି ଯେ ସବୁ ଲୋକ ସହଜରେ ଈଶ୍ୱରଙ୍କର ଆଜ୍ଞା ଲଙ୍ଘନ କରନ୍ତି । ଶୁଣ ସଦା ଆମ୍ଭର ପ୍ରତି ପ୍ରଭୁର ଦୃଷ୍ଟି ଅଛି ଏହା ନିଶ୍ଚୟ ହୋଇଲେ ଯେମନ୍ତ ଭୃତ୍ୟ ମୁନିବର ଅନିଷ୍ଟ କରିବାକୁ ନ ପାରଇ ତେମନ୍ତ ସତ୍ୟ ସ୍ୱରୂପ ସଦସତ୍ କ୍ରିୟା ପ୍ରତିଫଳ ଦାତା ଯେ ଈଶ୍ୱର ସେ ଆମ୍ଭର ସମସ୍ତ ଆଚରଣ ଦେଖୁ ଅଛନ୍ତି ଏହା ଯେବେ ଦୃଢ ବିଶ୍ୱାସ ହୁଅନ୍ତା ତେବେ କି ମନୁଷ୍ୟ ସବୁ ନିର୍ଭୟରୂପେ ପାପ କରନ୍ତେ । କେବେହେଁ କରିବାକୁ ନ ପାରନ୍ତେ ।

୨ ॥ ନମ୍ର ମନ ନ ହେଲେ ଈଶ୍ୱରଙ୍କର ଭଜନା କରିବାର ନ ହୁଅଇ । ଧର୍ମ ପୁସ୍ତକରେ ଲେଖା ଅଛି ଯେ ହେ ଈଶ୍ୱର ବଳିଦାନ କିଅବା ଆହୁତିରେ ତୁମ୍ଭର ତୁଷ୍ଟି ନୁହଇ ଈଶ୍ୱରଙ୍କର ଗ୍ରାହ୍ୟ ଯେ ନୈବେଦ୍ୟ ସେ ଭଗ୍ନ ଆତ୍ମା ହେ ଈଶ୍ୱର ଭଗ୍ନା ଚୂର୍ଣ୍ଣ ମନକୁ ତୁମ୍ଭେ ତୁଚ୍ଛ ନ କରିବ । ଏଣୁକରି ଈଶ୍ୱର ଆମ୍ଭଠାରୁ ବଳିଦାନ କି ଆହୁତି ନ ମାଗନ୍ତି ଯେହେତୁ ଜଗତ ଓ ତହିଂମଧ୍ୟରେ ଯେତେ ପଶୁ ପକ୍ଷି ଇତ୍ୟାଦି ସମୁଦାୟ ପଦାର୍ଥ ତାହାଙ୍କର । ଆମ୍ଭେମାନେ କି ଦେଇ ତାହାଙ୍କୁ ତୁଷ୍ଟ କରିବା । ତେବେ ସେହି ନମ୍ର ମନ ଚାହାନ୍ତି । ପୁଣି ଏହି ନମ୍ର ମନ କେତେ ଉଚିତ ତାହା ବିବେଚନା କରି ଦେଖ । ସର୍ବଶକ୍ତିମାନ ସର୍ବବ୍ୟାପୀ ସର୍ବକର୍ତ୍ତା ଯେ ପରମେଶ୍ୱର ତାହାଙ୍କଠାରେ ଆମ୍ଭେମାନେ କ୍ଷୁଦ୍ରାନୁକ୍ଷୁଦ୍ର ସିନା । ଆଉ ତାହାଙ୍କ ବିରୁଦ୍ଧରେ ଅସଂଖ୍ୟ ଦୋଷ କରିଅଛୁଁ ।

୩ ॥ ଖ୍ରୀଷ୍ଟରେ ବିଶ୍ୱାସ ରୂହ । ସୃଷ୍ଟିକାଳରୁ ଯେ ପର୍ଯ୍ୟନ୍ତେ ମନୁଷ୍ୟ କିଛି ପାପ ନ କରି ଥିଲେ ସେ ପର୍ଯ୍ୟନ୍ତେ ମନୁଷ୍ୟର ସହିତ ଈଶ୍ୱରଙ୍କର ପ୍ରଣୟ ଓ ପିତା ପୁତ୍ର ସମ୍ବନ୍ଧ ଥିଲା । ପୁଣି ଏ ସମୟରେ ପାପର ଭାର ମସ୍ତକରେ ଧାରଣ କରିବାରୁ ସେ ପ୍ରକାର ଭାବ ଆଉ ନାହି ଏବେ କେବଳ ଦଣ୍ଡ ଦାତା ଓ ଦଣ୍ଡପାତ୍ର ସ୍ୱରୂପ ସମ୍ବନ୍ଧ ହେଉ

ଛି

ଅଛି ପୁଣି ଖ୍ରୀଷ୍ଟର ମରଣରେ ଆମ୍ଭମାନଙ୍କର ସମୁଚିତ ଉପାୟ ଅଛି ଯେହେତୁ ସେ ଆମ୍ଭମାନଙ୍କ ପାପର ଭାର ସବୁ ଭୋଗ କଲେ ଅର୍ଥାତ ମନୁଷ୍ୟକୃତ ଯେ ସମସ୍ତ ପାପ ତାହା ଖଣ୍ଡାଇବାର ପାଇଁ ସେ ଆପଣା ଶରୀରକୁ ବଳି ଦେଲେ ଏନିମନ୍ତେ ଯେଉଁଜନ ଆପଣାର ପାପ ସ୍ୱୀକାର କରି ଖ୍ରୀଷ୍ଟର ମରଣରୂପ ପ୍ରାୟଶ୍ଚିତ୍ତରେ ବିଶ୍ୱାସ ରଖି ଈଶ୍ୱରଙ୍କର ଆରାଧନା କରନ୍ତି ତାହାର ଆରାଧନା ଗ୍ରାହ୍ୟ ।

୪ । ଆଉ ନିର୍ମଳ ମନ ଗୃହ । ଈଶ୍ୱର ନିର୍ମଳ ଶୁଦ୍ଧସତ୍ତ୍ୱ ଅଟନ୍ତି ଏନିମନ୍ତେ ମନ ଶୁଦ୍ଧ ନ ହେଲେ ଈଶ୍ୱରଙ୍କର ଆରାଧନା ନ ହୁଅଇ । ଏନିମନ୍ତେ ଦାଉଦ ରାଜା ଈଶ୍ୱରଙ୍କର ଜଣେ ସେବକ ଏହି ମତେ ପ୍ରାର୍ଥନା କଲେ ଯଥା । ହେ ଈଶ୍ୱର ପାପରେ ଜନ୍ମ ପ୍ରାପ୍ତ ହେବାରୁଂ ଅମ୍ଭେ ଅଶୁଚି ପୁଣି ତୁମ୍ଭେ ଶୁଚି ଏଥିପାଇଁ ଧର୍ମିତ୍ୱ ଦେଇ ଅମ୍ଭର ମନ ପବିତ୍ର କର । ଏବେ ଦେଖ ମନୁଷ୍ୟର ମନ ଅଶୁଚି ଓ ପାପରେ ପରିପୂର୍ଣ୍ଣ । ପୁଣି ଏମନ୍ତ ଅଶୁଚି ହୋଇଲେ ଶୁଦ୍ଧସତ୍ତ୍ୱ ପରମେଶ୍ୱରଙ୍କଠାରେ ଆମ୍ଭମାନଙ୍କର ଭଜନା କି ପ୍ରକାରେ ଗ୍ରାହ୍ୟ ହେବାକୁ ପାରଇ । ଯଥା ଭାଗବତରେ ଲେଖା ଅଛି । ଯଦି ହୃଦୟ ମଶୁଦ୍ଧଂ ତସ୍ୟ ସର୍ବଂ ବିରୁଦ୍ଧଂ । ଅର୍ଥାତ ଯାହାର ଅନ୍ତଃକରଣ ଅଶୁଦ୍ଧ ହୁଅଇ ତାହାର ସବୁ କର୍ମଇ ବିପରୀତ ହୁଅଇ ।

୫ । ଆଉ ମନର ମଧ୍ୟରେ ପ୍ରେମ ଗୃହ । ଈଶ୍ୱର ପ୍ରେମମୟ ଅଟନ୍ତି ପୁଣି ଆମ୍ଭମାନଙ୍କୁ ତାହାଙ୍କ ପ୍ରଧାନ ଆଜ୍ଞା ଏହି ଯଥା । ସବୁ ଅନ୍ତଃକରଣ ସବୁ ବୁଦ୍ଧି ସବୁ ବଳ ସବୁ ପ୍ରାଣ ଦେଇ ଈଶ୍ୱରଙ୍କୁ ପ୍ରେମ କର ଆଉ ଶତ୍ରୁ କି ମିତ୍ର ସମସ୍ତ ମନୁଷ୍ୟଙ୍କୁ ଆପଣା ତୁଲ୍ୟ ପ୍ରେମ କର । ଏଣୁକରି ପ୍ରେମି ମନ ନ ହେଲେ କିରୂପେ ତାହାଙ୍କଠାରେ ପ୍ରାର୍ଥନା କରିବାକୁ ପାରି । ଆହୁରି ଲେଖା ଅଛି ଯେ ପରର ସହିତ ଆମ୍ଭର ହିଂସା ଭାବ ଅଛି ଆରାଧନାର ସମୟରେ

ଯେବେ ଏମନ୍ତ ମନେ ପଡଇ ତେବେ ଆଗେ ଯାଇ ତାହାର ସହିତ ମିଲଣ କର ପଛେ ଆସି ଆରାଧନା କର । ଏହି ହେତୁ ଈଶ୍ୱରଙ୍କର ପ୍ରତି ଓ ମନୁଷ୍ୟର ପ୍ରତି ପ୍ରେମି ମନ ନ ହେଲେ ଅମ୍ଭମାନଙ୍କର ଆରାଧନା କେବେହେଁ ଗ୍ରାହ୍ୟ ନ ହେବ ।

ଈଶ୍ୱର କେମନ୍ତ ଓ ତାହାଙ୍କର ଭଜନା କେମନ୍ତ କରି ଗ୍ରାହ୍ୟ ହୁଅଇ ଏହି ଦୁଇର ବିଷୟରେ ଯତ୍କିଞ୍ଚିତ ଲେଖା ହେଲା ଏଥିରେ ସହିଜ ଯେ ଉପଦେଶ ଦେଖା ଯାଏ ତାହା ଲେଖି ।

ପ୍ରଥମରେ । ସମସ୍ତ ଆଦିକାରଣ ଯେ ଏକ ସତ୍ୟ ପରମେଶ୍ୱର ତାହାଙ୍କର ଉପାସନା କରିବା କର୍ତ୍ତବ୍ୟ ତାହା ବିନୁ ଆଉ କାହାରି ଆରାଧନା କରିବାର ଉଚିତ ନ ହୁଅଇ । ତେମନ୍ତ ହିଁ ଭଗବଦ୍ଗୀତାରେ ଲେଖା ଯଥା ।

ଯୋମାଂ ସର୍ବ୍ବେଷୁ ଭୂତେଷୁ ସନ୍ତମାତ୍ମନମୀଶ୍ୱରଂ ।
ହିତ୍ୱାର୍ଚ୍ଚାଂ ଭଜତେ ମୌଢ୍ୟାତ୍ ଭସ୍ମନ୍ୟେବ ଜୁହୋତି ସଃ ।

ଯେ ମୂଢ଼ ଲୋକମାନେ ସର୍ବ୍ବ ଭୂତବ୍ୟାପି ପରମେଶ୍ୱରଙ୍କୁ ତ୍ୟାଗ କରି ପ୍ରତିମା ପୂଜା କରନ୍ତି ସେମାନେ କେବଳ ଭସ୍ମରେ ଘୃତ ଢାଳନ୍ତି ।

ଦ୍ୱିତୀୟ । ସତ୍ୟ ଜୀବନ୍ତମାନ ପରମେଶ୍ୱରଙ୍କଠାରୁ ବିମୁଖ ହୋଇ କାଷ୍ଠ ପାଷାଣାଦି ମୂର୍ତ୍ତିମାନ ଦେବତାଙ୍କୁ ଭଜନା କଲେ ବଡ ପାତକ ହୁଅଇ । ଯେହେତୁ ଈଶ୍ୱର ଯେ ସେ ଆତ୍ମ ସ୍ୱରୂପ ନିରାକାର ସ୍ୱୟଂ ଜୀବୀ ଏନିମନ୍ତେ ନିରାକାର ପ୍ରଭୁର ମୂର୍ତ୍ତି କେମନ୍ତ କରି ନିର୍ମାଣ କରିବାକୁ ପାରନ୍ତି । ଯଥା ।

ମୃଚ୍ଛିଲାଧାତୁ ଦାର୍ବାଦି ମୂର୍ତ୍ତାବୀଶ୍ୱର ବୁଦ୍ଧୟଃ ।
କ୍ଲିଶ୍ୟନ୍ତି ତପସା ମୂଢାଃ ପରାଂ ଶାନ୍ତିଂ ନ ଯାନ୍ତିତେ ।

ଅର୍ଥ । ଯେଉଁ ସମସ୍ତ ମୂର୍ଖ ମାଟି ଧାତୁ ପାଷାଣ କାଷ୍ଠାଦି ର

ଚିତ୍ର ମୂର୍ତ୍ତିରେ ଈଶ୍ୱର ବୁଦ୍ଧି କରନ୍ତି ସେମାନେ କେବଳ କ୍ଳେଶ ପାନ୍ତି ମୁକ୍ତି ପ୍ରାପ୍ତ ନ ହୁଅନ୍ତି ।

ତୃତୀୟ । ଈଶ୍ୱରଙ୍କର ପୂଜା କରିବାକୁ ଗଲେ ଚାଉଳ ସନ୍ଦେଶ ଫଳ ଫୁଲ ମୂଳ ଇତ୍ୟାଦି ନାନା ଆୟୋଜନ ଯେ ଚାହି ଏମନ୍ତ ନୋହେ । ଯେହେତୁ ସେ କିଛୁ ଖାନ୍ତି ନାହିଁ ଆଉ ଏହି ସବୁ ସାମଗ୍ରୀ ତାହାଙ୍କର । ସେ ଅମ୍ଭମାନଙ୍କୁ ଏହି ସବୁ ଦିଅନ୍ତି । ଅଶେଷ ଜଗତ ତାହାଙ୍କର । ତେବେ ତାହାଙ୍କୁ ଦେଇ ଯେ ତୁଷ୍ଟ କରିବାକୁ ପାରୁ ଏମନ୍ତ ସାମଗ୍ରୀ ଅମ୍ଭମାନଙ୍କର କି ଅଛୁ । ସେ ଆତ୍ମସ୍ୱରୂପ ଅଛନ୍ତି ଏନିମନ୍ତେ ଆତ୍ମର ଅୟୋଜନ ଚାହାନ୍ତି ।

ଚତୁର୍ଥ । ଈଶ୍ୱର ଏହି ସ୍ଥାନ କି ସେହି ସ୍ଥାନରେ ଅଛନ୍ତି ଚାଲି ସେଠାରେ ତାହାଙ୍କ ଦର୍ଶନ କରିବାକୁ ଯାଇ ଏମନ୍ତ କଥା କୁହା ଅଣୁଚିତ ହୁଅଇ । ସେ ଅଗୁ ଅଟନ୍ତି ତାହାଙ୍କୁ କି ଦେଖା ଯାୟେ । ଆଉ ସେହି ସର୍ବତ୍ର ଅଛନ୍ତି ଏନିମନ୍ତେ ସେ ଯେ କୌଣସି ସ୍ଥାନରେ ବାସ କରନ୍ତି ଅବା କୌଣସି ମନ୍ଦିରରେ ବିଶେଷରୂପେ ପ୍ରକାଶ ହୁଅନ୍ତି ଏମନ୍ତ ନୋହେ । ଏହି ବିଷୟରେ ଧର୍ମ ପୁସ୍ତକରେ ପ୍ରମାଣ ଅଛୁ ଯଥା । ଜଗତ ଓ ଜଗତସ୍ଥ ସମୁଦାୟ ବସ୍ତୁର ସୃଷ୍ଟି କର୍ତ୍ତା ଯେ ପରମେଶ୍ୱର ସେ ସ୍ୱର୍ଗ ଓ ପୃଥିବୀର ଏକାଧିପତି ହୋଇ ହସ୍ତକୃତ ମନ୍ଦିରରେ ବାସ ନ କରନ୍ତି । ଆଉ ସେ ଅମ୍ଭମାନଙ୍କୁ ନିଶ୍ୱାସ ପ୍ରଶ୍ୱାସ ଓ ଭରଣ ପୋଷଣ ସର୍ବ ପ୍ରକାର ସାମଗ୍ରୀ ଦିଅନ୍ତି ଏନିମନ୍ତେ ସେ ଯେ କୌଣସି ସାମଗ୍ରୀର ଅଭାବ ସକାଶୁଁ ମନୁଷ୍ୟର ହସ୍ତରେ ସେବିତ ହୁଅନ୍ତି ଏମନ୍ତ ନୋହେ । ତାହାଙ୍କର ପ୍ରକୃତ ମନ୍ଦିର ତାହାଙ୍କ ସତ୍ୟ ସେବକମାନଙ୍କର ଅନ୍ତଃକରଣ ତହିଁରେ ସେ ବିରାଜମାନ ଅଟନ୍ତି ।

ପଞ୍ଚମ । ନୂଆ ମନ ପାଇବାର ପାଇଁ ପ୍ରାର୍ଥନା କରା ଉଚିତ । ଏହି କଥା ନିତାନ୍ତ ଯେହେତୁ ମନୁଷ୍ୟର ମନ ସ୍ୱଭାବିକ ପାପରେ

ଇତି ଏଥି ପାଇଁ ଈଶ୍ୱରଙ୍କୁ ସେବା କରିବାକୁ ଇଚ୍ଛା ନ କରନ୍ତି । ତାହାର ଉପାୟ ଈଶ୍ୱରଙ୍କଠାରେ ପ୍ରାର୍ଥନା କରିବାର । ଯେହେତୁ ଈଶ୍ୱର ଆପେ ପ୍ରତିଜ୍ଞା କରି କହିଅଛନ୍ତି ଯେ ସେ ଧର୍ମାତ୍ମା ପ୍ରଦାନ କରି ମନ ଶୁଦ୍ଧ କରିବେ ଯଥା । ଯହିଂରେ ଲୋକମାନେ ଆମ୍ଭଙ୍କୁ ଜାଣିବାକୁ ପାରନ୍ତି ପୁଣି ସତ୍ୟରୂପେ ଆମ୍ଭର ଭଜନା କରିବାକୁ ପାରନ୍ତି ଏମନ୍ତ ମନ ଆମ୍ଭେ ସେମାନଙ୍କୁ ଦେବା । ଏକମନ୍ତ୍ରେ ଈଶ୍ୱର ଏହି କୃପା କରନ୍ତୁ ଯେମନ୍ତ ଆମ୍ଭେମାନେ ସମସ୍ତେ ସେହି ପରି ମନ ପାଇବା ।

ଇତି

No. 5.

# DIVINE LAW.

## ଧର୍ମ ବ୍ୟବସ୍ଥା ।

ଧର୍ମାଧର୍ମ ଜଣାଇବା ନିମନ୍ତେ ପରମେଶ୍ୱର ଆପେ ବ୍ୟବସ୍ଥା ପ୍ରକାଶ କରିଅଛନ୍ତି । ଆଦ୍ୟରେ ସେ ବ୍ୟବସ୍ଥା ଅର୍ଥାତ୍ ଭଲମନ୍ଦ ଓ ଧର୍ମାଧର୍ମର ବୋଧ ମନୁଷ୍ୟର ମନରେ ସ୍ଥାପିତ ହୋଇଲା । ତହୁଁ ପାପରେ ସେ ଜ୍ଞାନ ପ୍ରାୟ ଲୋପ ହେବାରୁ ସେ ଆପଣା ଦତ୍ତ ଶାସ୍ତ୍ରରେ ଅର୍ଥାତ୍ ଧର୍ମପୁସ୍ତକରେ ତାହା ସୁସ୍ପଷ୍ଟରୂପେ ପ୍ରକାଶ କରି ଦେଇ ଅଛନ୍ତି । କର୍ତ୍ତବ୍ୟାକର୍ତ୍ତବ୍ୟ ଯେଉଁ କର୍ମ ତାହା ଦଶାଜ୍ଞାରେ ଲେଖାଅଛି ।

ପ୍ରଥମ ଆଜ୍ଞା । ଆମ୍ଭକୁ ଛାଡି ଆଉ କାହାକୁ ଈଶ୍ୱର ବୋଲି ନ ମାନ । ଏଥିରେ ଏହି ବୋଧ ହୁଅଇ ଯେ ଏକ ସଚ୍ଚିଦାନନ୍ଦ ସର୍ବଜ୍ଞ ପରମେଶ୍ୱର ଅଛନ୍ତି । ପୁଣି ତାହାଙ୍କୁ ଛାଡି ଆଉ କାହାକୁ ଈଶ୍ୱର ବୋଲି ମାନିବାର କିଅବା ଉପାସନା କରିବାର ଅକର୍ତ୍ତବ୍ୟ ।

ଦ୍ୱିତୀୟ ଆଜ୍ଞା । କୌଣସି ପ୍ରତିମାକୁ ପୂଜା ନ କର । ଏଥିରେ ଏହି ବୁଝି ଯେ ସର୍ବ ପ୍ରକାର ପ୍ରତିମାର ମୂର୍ତ୍ତି ବନାଇବାର ଓ ଭଜିବାର ନିଷେଧ ଅଛି ଆଉ ଅଗୁପ୍ତରୂପ ନିରାକାର ସକଳାନ୍ତର୍ଯାମୀ ଯେ ପରମେଶ୍ୱର ତାହାଙ୍କର ଉପାସନା ଆତ୍ମାରେ ଓ ସତ୍ୟରେ କରିବାକୁ ଉଚିତ ।

ତୃତୀୟ ଆଜ୍ଞା । ତୁମ୍ଭର ପ୍ରଭୁ ଈଶ୍ୱରଙ୍କର ନାମ ବ୍ୟର୍ଥ କର ନ ଯେନ । ଏଥିର ଅର୍ଥ ଏହି ଯେଉଁ ବସ୍ତୁ ଈଶ୍ୱର ନୋହେ ତାହାକୁ ଈଶ୍ୱର କହିଲେ ଅବା କୌଣସି ମିଥ୍ୟାରେ ଅବା କୌଣସି ସାମାନ୍ୟ ବିଷୟରେ ତାହାଙ୍କର ନାମ ଯେନଲେ ଏହି ସବୁ ପାପ । ଆଉ ଉଚିତ ଏହି ଯେ ସର୍ବକାଳେ ଈଶ୍ୱରଙ୍କର ନାମକୁ ସମାଦର କରି କହିବାର ।

ଚତୁର୍ଥ ଆଜ୍ଞା । ବିଶ୍ରାମବାରକୁ ବିଶେଷରୂପରେ ପବିତ୍ର କରିବା ପାଇଁ ମନରେ ରଖ । ଏହାର ଅଭିପ୍ରାୟ ଏହିଯେ ଛଅ ଦିବସରେ ସଂସାରିକ କାର୍ଯ୍ୟ ସମସ୍ତ କରିବାକୁ ହୁଅଇ ପୁଣି ରବିବାରରେ ସେ ସମସ୍ତରୁ ବିଶ୍ରାମ କରି ଈଶ୍ୱରଙ୍କର ଅର୍ଚ୍ଚନାରେ ନିଯୁକ୍ତ ହେବ ।

ପଞ୍ଚମ ଆଜ୍ଞା । ଆପଣା ପିତାମାତାଙ୍କୁ ସମ୍ଭ୍ରମ କର । ଭାବ ଏହି ଯେ ଈଶ୍ୱରଙ୍କର ଧର୍ମର ବିରୁଦ୍ଧ ଯେବେ ନ ହୁଅଇ ତେବେ ପିତାମାତା ଯାହା ଆଜ୍ଞା କରନ୍ତି ବାଳକମାନଙ୍କର ସେ ଆଜ୍ଞାକୁ ମାନିବାର କର୍ତ୍ତବ୍ୟ । ଆଉ ସେମାନେ ବୃଦ୍ଧ ହେଲେ ସର୍ବ ପ୍ରକାରରେ ସେମାନଙ୍କର ଆଦର ଓ ପ୍ରତିପୋଷଣ ଚେଷ୍ଟା କରିବାକୁ ଉଚିତ ।

ଷଷ୍ଠ ଆଜ୍ଞା । ବଧ ନ କର । ଅର୍ଥାତ୍ ଏହି ଯେ ମନୁଷ୍ୟର ପ୍ରାଣ ଅକାରଣରେ ନଷ୍ଟ କଲେ କିଅବା କାହାର ପ୍ରତି ହିଂସା କଲେ ମହାପାପ ହେବ । ପୁଣି ସମସ୍ତଙ୍କର ପ୍ରାଣ ଯହିଂରେ ରକ୍ଷା ହୁଅଇ ଏହାର ଚେଷ୍ଟା କରିବାକୁ ଉଚିତ ।

ସପ୍ତମ ଆଜ୍ଞା । ପରଦାର ନ କର । ଉପଦେଶ ଏହି ଯେ ପରସ୍ତ୍ରୀର ପ୍ରତି ଗମନ କଲେ ପାପ ହୁଅଇ । ଆଉ କାମଭାବରେ ଯେବେ କେହି ପରସ୍ତ୍ରୀର ପ୍ରତି ଚାହାନ୍ତି ଅବା କୁବାକ୍ୟ କହଇ ଅବା କଦର୍ଯ୍ୟ ଗୀତ ଗାଏ ତେବେ ସେହି ଜନ ସପ୍ତମ ଆଜ୍ଞାର ଲଙ୍ଘନକାରୀ ।

ଅଷ୍ଟମ ଆଜ୍ଞା । ଚୋର ନ କର । ଶିକ୍ଷା ଏହି ଯେ ପରଧନ ହ

ରଣ କଲେ ଅବା କୌଣସି ପ୍ରବଞ୍ଚନା ଦେଇ ଅନର ଷତି କଲେ ଅବା କାହାର ଉପଦ୍ରବ କଲେ ପାପ ହୁଅଇ ।

ନବମ ଅଜ୍ଞା । ପରର ବିଷୟରେ ମିଥ୍ୟା ସାକ୍ଷ୍ୟ ନ ଦିଅ । ଏଥିରେ ଏହି ବୋଧ ହୁଅଇ ଯେ ଅଦାଲତରେ ମିଥ୍ୟା ସାକ୍ଷ୍ୟ ଦେବାର ଅବା କୌଣସି ରୂପରେ ମିଥ୍ୟା କହିବାର ଅବା ଅନର ଗ୍ଲାନି କରିବାର ଏହି ସବୁ ନିଷେଧ ।

ଦଶମ ଅଜ୍ଞା । ଆପଣାର ପ୍ରତି ବାସୀର କୌଣସି ବସ୍ତୁରେ ଲୋଭ ନ କର । ଅଭିପ୍ରାୟ ଏହି ପରମେଶ୍ୱର ଯାହା ଦିଅନ୍ତି ତାହା ସନ୍ତୋଷରୂପେ ଭୋଗ କରି ଅନର ବସ୍ତୁରେ ଲୋଭ ନ କର ।

ଦ୍ୱିତୀୟ । ଈଶ୍ୱରଙ୍କ ପ୍ରତି ଓ ମନୁଷ୍ୟର ପ୍ରତି କେଉଂ ପ୍ରକାର ଭାବ ବହି ଅଚରଣ କରିବାକୁ ହୁଅଇ ଏହା ପ୍ରଭୁ ଯୀଶୁ ଖ୍ରୀଷ୍ଟ ଉପଦେଶ ଦିଅନ୍ତି । ଯଥା ସମସ୍ତ ଅନ୍ତଃକରଣ ସମସ୍ତ ମନ ସମସ୍ତ ଜୀବନ ସମସ୍ତ ବଳ ଦେଇ ପରମେଶ୍ୱରଙ୍କୁ ପ୍ରେମ କର ପୁଣି ଆପଣା ତୁଲ୍ୟ ସ୍ୱଜାତି ମନୁଷ୍ୟଙ୍କୁ ପ୍ରେମ କର । ଏହି ଦୁଇ ଅଜ୍ଞାରେ ସମସ୍ତ ଧର୍ମର ବ୍ୟବସ୍ଥା ଅନ୍ତର୍ଗତ ଯେହେତୁ ଯେବେ ପରମେଶ୍ୱରଙ୍କୁ ସମ୍ପୂର୍ଣ୍ଣରୂପେ ପ୍ରେମ କରି ଥାଇ ତେବେ ତାହାଙ୍କଠାରୁ ବିମୁଖ ହୋଇ ଅନ ଦେବ କି ଦେବୀକୁ ଇଷ୍ଟ ନ ଜାଣିମା କେବଳ ତାହାଙ୍କର ସେବା ଭଜନାଦିରେ ରତ ହେବା । ଆଉ ତାହାଙ୍କ ସବୁ ବିଷୟରେ ତୁଷ୍ଟ କରିବାକୁ ଯତ୍ନଶୀଳ ହେବା ପୁଣି ଯେଉଁ ବିଷୟରେ ସେ ଅତୁଷ୍ଟ ହେବେ ତାହା ଷୋଳଅଣା ମନ ଦେଇ ଘୃଣା କରି ତ୍ୟାଗ କରିବା । ଏଣୁ ଯେଉଁ ସେବା ଭଜନାଦି ପ୍ରେମରୁ ଉପୁଜଇ ସେ ସବୁ ଈଶ୍ୱରଙ୍କଠାରେ ଅତି ସୁଗ୍ରାହ୍ୟ । ତଦନୁରୂପ ଯେବେ ଆତ୍ମତୁଲ୍ୟ ସ୍ୱଜାତି ମନୁଷ୍ୟଗଣଙ୍କୁ ପ୍ରେମ କରି ଥାଇ ତେବେ କାହାର ଅନିଷ୍ଟ ଚିନ୍ତା ନ ହୋଇ କେବଳ ମଙ୍ଗଳ ବାଞ୍ଛା ହେବ । ଏଣୁ ପ୍ରେମରେ ସମସ୍ତ ଧର୍ମ ବ୍ୟବସ୍ଥା ସିଦ୍ଧ ହୁଅଇ ।

ଉପରେ ଲେଖିତ ଅଙ୍କା ସମସ୍ତଠାରୁ ଅମ୍ଭେମାନେ ଏହୀ ପ୍ରବୋଧ ପାଉଁ ଯଥା । ଈଶ୍ୱରଙ୍କ ଏହି ବ୍ୟବସ୍ଥାରେ ମନୁଷ୍ୟର କଛୁ ପରିତ୍ରାଣ ସଙ୍ଗତ ନାହିଁ ମାତ୍ର ଏଥିରେ ମନୁଷ୍ୟମାନେ ଯେ ଦଣ୍ଡଯୋଗ୍ୟ ଏହି କଥାନ୍ତ ବୋଧ ହେଉ ଅଛୁ ଯେହେତୁ ଏହି ଉତ୍ତମ ବ୍ୟବସ୍ଥା ପ୍ରତିପାଳଣ ନ କରି ଅମ୍ଭେମାନେ ଷୋଳ ଅଣାରେ ତାକୁ ମେଣ୍ଟାନ କରି ଅଛୁଁ । ଯେମନ୍ତ ଫଲଣା ଜନର ମୁଖ ଅତି କୁତ୍ସିତ ଅକାର ହେଲେ ସେ ଆପଣା ମୁଖ ନ ଦେଖି ଅମୃର ମୁଖ ଅତିସୁନ୍ଦର ଏହା ମନେ କହଇ ପୁଣି ଏଉତ୍ତାରୁ ଦର୍ପଣରେ ଦେଖିଲେ ତାହାର ମୁଖ କେମନ୍ତ ଅସୁନ୍ଦର ତାହା ବୋଧ ହୁଅଇ ତେମନ୍ତ ମନୁଷ୍ୟ ସବୁ ମନେ ବିଗୃର କରନ୍ତ ଆମ୍ଭେ ଧାର୍ମିକ ଲୋକ ଅମୃର ଆଚରଣ ଅତ୍ୟୁତ୍ତମ ପୁଣି ଉପର ଲେଖିତ ବ୍ୟବସ୍ଥାରେ ଦେଖିବା ବେଳେ ତାହାର ପୁଣ୍ୟ କିଛୁ ନାହିଂ କେବଳ ପଦେ ପଦେ ପାପ କରିଅଛୁ ଏହା ସେ ଜାଣନ୍ତ । ଯେମନ୍ତ ଶାସ୍ତ୍ରରେ ଲେଖା । ନିର୍ଦୋଷୀ କେହି ନାହିଁ ପୃଥିବୀରେ ଜଣେ ନାହିଁ ସବୁ ବିପଥଗାମୀ ହୋଇ ପାପ ଓ ଈଶ୍ୱରଙ୍କୁ ଅଣାଦର କରି ଅଛନ୍ତ ।

୨ । ଧର୍ମ ବ୍ୟବସ୍ଥା ମନୁଷ୍ୟର ମିଥ୍ୟା ଭରସା ଖଣ୍ଡନ କରଇ । ଦେଖ ମନୁଷ୍ୟମାନେ ନାନାଦି ସ୍ନାନ ଦାନ ପୂଜା ଦର୍ଶନ ଜପ ଗୁରୁସେବାଦି କରି ଏଥିରେ କୃତାର୍ଥ ହେବ ବୋଲି ଭରସା କରନ୍ତ । ସେ ସବୁ ଅସାର ଭରସା । ଯେହେତୁ ନିଜକୃତ କର୍ମରେ ପରିତ୍ରାଣ ନାହିଁ ।

ଯଭୁକର୍ମ କୃତଂ ତଭୁକର୍ମ ଭୁକ୍ତଂ ।

୩ । ବ୍ୟବସ୍ଥାର ଶାପରୁ ମୁକ୍ତିଦାତା ଯେ ଖ୍ରୀଷ୍ଟ ତାହାଙ୍କ ପାଖରେ ଘେନିବା ପାଁଇ ଈଶ୍ୱରଙ୍କ ବ୍ୟବସ୍ଥା ଶିକ୍ଷା ଗୁରୁ ସ୍ୱରୂପ ଅଟଇ । ଯେଉଂ ବ୍ୟବସ୍ଥା ଅମ୍ଭେମାନେ ଲଙ୍ଘନ କରିଅଛୁଁ ପ୍ରଭୁ ଯୀ

ଶୁଖ୍ରୀଷ୍ଟ ଅବତୀର୍ଣ ହୋଇ ଅମ୍ଭମାନଙ୍କର ଲଗା ହୋଇ ସେ ବ୍ୟବସ୍ଥା ସଂପୂର୍ଣରୂପେ ପ୍ରତିପାଳଣ କଲେ । ଆଉ ଯେଉଂ ଶାପ୍ୟ ଆମ୍ଭେମାନେ ସଞ୍ଚୟ କରିଅଛୁଁ ସେ ଶାପ୍ୟ ଦୟାଳୁ ପ୍ରଭୁ ଯୀଶୁଖ୍ରୀଷ୍ଟ ଆପଣାର ଦେହରେ ଭୋଗ କରିଅଛନ୍ତି ଏଣୁ ଯେଉଂମାନେ ତାହାଙ୍କୁ ବିଶ୍ୱାସ କରନ୍ତି ସେମାନଙ୍କୁ ଆଉ ଦଣ୍ଡ ନୋହି ବିଚାର ଦିନରେ ସେମାନେ ନିର୍ଦ୍ଦୋଷ ଗଣିତ ହେବେ ଯଥା ।

ଖ୍ରୀଷ୍ଟ ଅମ୍ଭମାନଙ୍କର ନିମନ୍ତେ ଆପେଁ ଶାପଗ୍ରସ୍ତ ହୋଇ ବ୍ୟବସ୍ଥାର ଶାପରୁ ଅମ୍ଭମାନଙ୍କୁ ମୁକ୍ତ କରି ଅଛନ୍ତି । ଯେଉଂଜନ ଏହି ତ୍ରାଣକର୍ତ୍ତାର ନିକଟରେ ଆଶ୍ରୟ କରଇ ତାହାର ସର୍ବନାଶ ନ ହୋଇ ଅନନ୍ତ ପରମାୟୁ ଭୋଗ ହେବ ।

ଇତି

No. 6.

# WHICH SHASTRE IS FROM GOD?

OR,

## CHRISTIANITY AND HINDUISM CONTRASTED.

### ଈଶ୍ୱରଙ୍କର ଦତ୍ତ ଶାସ୍ତ୍ର କି ।

ଜଗତର ସୃଷ୍ଟି ସ୍ଥିତି ପ୍ରତିପାଳଣ କର୍ତ୍ତା ଏମନ୍ତ ଏକ ଈଶ୍ୱର ଅଛନ୍ତି ନାସ୍ତିକ ବିନୁ ପ୍ରାୟ ସମସ୍ତେ ଏହା ଅଙ୍ଗୀକାର କରନ୍ତି । ତେବେହେଁ ସେ ଈଶ୍ୱର କେମନ୍ତ ଆଉ ତାହାଙ୍କର ଭଜନା ସେବାଦି କିରୂପେ ସିଦ୍ଧ ହୁଅଇ ଏହାର ବିଷୟରେ ଈଶ୍ୱର ଆପେ ଶାସ୍ତ୍ର ପ୍ରକାଶ ନ କଲେ ମନୁଷ୍ୟ ସିନା ନିଜ ବୁଦ୍ଧିରେ ନିର୍ଣ୍ଣୟ କରି ନ ପାରଇ । ଏଣୁ ଏମନ୍ତ ଏକ ଶାସ୍ତ୍ର ଈଶ୍ୱର ଦେଇଅଛନ୍ତି ତାହାର ନାମ ଧର୍ମପୁସ୍ତକ । ପୁଣି ଧର୍ମପୁସ୍ତକ ନ ପ୍ରାପ୍ତ ହେବାରୁଂ ଅବା ଧନମାନ ପରାକ୍ରମାଦି ଲାଭ ପାଇବା ହେତୁରୁଂ ନାନା ଦେଶର ବିଦ୍ୟାବନ୍ତ ଲୋକ ଅପାର ପ୍ରକାର ଶାସ୍ତ୍ର କଳ୍ପଣା କରି ଈଶ୍ୱରଙ୍କର ଦତ୍ତ ଶାସ୍ତ୍ର ବୋଲି ପ୍ରଚାର କରିଅଛନ୍ତି । ଯେମନ୍ତ କୋରାଣ ବେଦ ବେଦାନ୍ତ ପୁରାଣ ତନ୍ତ୍ର ଗୀତାଦି ଅଶେଷ ପ୍ରକାର ଏହି ଦେଶର ଶାସ୍ତ୍ରମାନ ଚଳିତ ଅଛନ୍ତି ।

ଏହି ସବୁ ଶାସ୍ତ୍ର ଏକଂ ମତ ନୋହେ ଭିନ୍ନ ଅଟଇ । ଆଉ ଯୁକ୍ତି

ବିରୁଦ୍ଧ ଓ ଅମିଳଣ ବାକ୍ୟରେ ପରିପୂର୍ଣ୍ଣ ଏଣୁ ସେ ସବୁ ଶାସ୍ତ୍ର ଈଶ୍ୱରଙ୍କ ଦତ୍ତ ନୋହେ ଏହି ପ୍ରତ୍ୟକ୍ଷ । ଯେହେତୁ ଈଶ୍ୱର ଏକ ବିନୁ ଦ୍ୱିତୀୟ ନାହିଁ । ଆଉ ସେ ଏକ ମନା ପୁଣି ମନୁଷ୍ୟର ହାତ ପାଦାଦି ଚନ୍ଦ୍ର ସୂର୍ଯ୍ୟାଦି ସବୁ କର୍ମର ଐକ୍ୟ ଦିଶୁ ଅଛି । ସେ ସମସ୍ତ ମନୁଷ୍ୟମାନଙ୍କର ପିତା ହୋଇ ସମସ୍ତଙ୍କୁ ଆପଣା ସନ୍ତାନ ବୋଲି ପ୍ରତିପାଳଣ କରନ୍ତି । ଏନିମନ୍ତେ ବୋଧ ହୁଅଇ ତାହାଙ୍କର ଦତ୍ତ ଶାସ୍ତ୍ର ଏକ ବିନୁ ଦୁଇ ନାହିଁ । ଆହୁରି ସୃଷ୍ଟି ବସ୍ତୁରେ ପ୍ରକାଶ ହୁଅଇ ଯେ ଈଶ୍ୱର ଜ୍ଞାନ ଦୟା ଧର୍ମ ଇତ୍ୟାଦି ଗୁଣଯୁକ୍ତ ଏଣୁ ଯେ ଶାସ୍ତ୍ର ଏହି ଗୁଣର ବିପରୀତ ବିଧି ଦିଅଇ ସେ ଶାସ୍ତ୍ର ଈଶ୍ୱରଙ୍କ ଦତ୍ତ ନୋହି କୌଣସି ଧୂର୍ତ୍ତ ଲୋକରେ କଳ୍ପିତ ।

ଏନିମନ୍ତେ କେଉଁ ଶାସ୍ତ୍ର ଈଶ୍ୱରଙ୍କ ଦତ୍ତ କେଉଁ ଶାସ୍ତ୍ର ଅବା ନୋହେ ଏହାର ବିଷୟ ପ୍ରମାଣ ସିଦ୍ଧ କରିବା ପାଇଁ ଏହି ପତ୍ର ଲେଖା ଯାଉଅଛି । ହେ ସମସ୍ତ ସତ୍ୟଧର୍ମଚେଷ୍ଟାକାରି ଅବଧାନ ମାନେ ସୁମନ ଦେଇ ଏହି ଏକାଦଶ ପ୍ରମାଣ ଯଥାର୍ଥିରୂପେ ବିବେଚନା କରି ପାଠ କରନ୍ତୁ ।

---

## ଅଥ ପ୍ରଥମ ପ୍ରମାଣ ।

ସତ୍ୟ ଏକ ଈଶ୍ୱର ଅଛନ୍ତି ପୁଣି ତାହାଙ୍କ ବିନୁ ଅନ୍ୟ କୌଣସି ଦେବତା ନାହିଁ ଏହି ଧର୍ମପୁସ୍ତକ ସ୍ଥିର କରି ଶିକ୍ଷା କରନ୍ତି । ଆଉ ସେ ଆତ୍ମ ସ୍ୱରୂପ ନିରାକାର ଧର୍ମମୟ ଦୟାଳୁ ସର୍ବଶକ୍ତିମାନ ସର୍ବଜ୍ଞ ସର୍ବବ୍ୟାପୀ ସଦାନନ୍ଦ ସକଳାନ୍ତର୍ଯାମୀ ଅନନ୍ତ ଅଟଳ ଜଗତର ସୃଷ୍ଟି ପ୍ରତିପାଳଣ ଓ ଶାସନକର୍ତ୍ତା ପୁଣି ସେ ଅଦୃଶ୍ୟ ତେଜୋମୟ ବାସୀ ଇତ୍ୟାଦି ନାନାଦି ଉତ୍ତମ ଗୁଣରେ ପରିପୂର୍ଣ୍ଣ । ଆଉ ମନୁଷ୍ୟର ସ୍ୱଭାବ କେମନ୍ତ ପୁଣି ଈଶ୍ୱରର ପ୍ରତି ଓ ସଜାତୀୟ ମନୁଷ୍ୟର ପ୍ରତି କି କର୍ମ କର୍ତ୍ତବ୍ୟ । ପୁଣି ଇହକାଳ ପରକାଳରେ ତାହାର

ସୁଖ ଦୁଃଖର ଗତି ପୁଣି ଈଶ୍ୱର କର୍ତ୍ତୃପେ ଜଗତର ବିଚାର କର୍ତ୍ତା ହୋଇ ପ୍ରତ୍ୟେକ ଜଣଙ୍କୁ ଅପଣାର କର୍ମାନୁସାରେ ଫଳ ଦେବେ । ଏହି ସମସ୍ତ ଜାଣିବା ବିଷୟରେ ଈଶ୍ୱରଙ୍କର ଗୁଣାନୁରୂପ ଲେଖା ଯାଇ ଅଛି ପୁଣି ତାହାଙ୍କ ଗୁଣ ବିପରୀତ ଏକ କଥା ମାତ୍ର ଧର୍ମ ପୁସ୍ତକରେ ନାହିଁ ।

ଜଗତରେ ଚଳିତ ଅନ୍ୟ ନାନା ପ୍ରକାର ଶାସ୍ତ୍ର ତେମନ୍ତ ନୋହେ ସେମାନଙ୍କ ଭିତରେ କେତେ ଅଶୁଚି ମନ୍ଦ ମିଥ୍ୟା କଥା ଅର୍ଥାତ ଈଶ୍ୱରଙ୍କର ଗୁଣ ବିରୁଦ୍ଧ ଲେଖା ଅଛି । ପୁନଶ୍ଚ ହିନ୍ଦୁ ଶାସ୍ତ୍ର କେବଳ ପରମେଶ୍ୱରର ଭଜନା କରିବାକୁ ବିଧି ନ ଦେଇ ନାନା ମନ୍ଦ କର୍ମକାରୀ ଦେବତାମାନଙ୍କର ଓ ପ୍ରତିମାଦିର ପୂଜା କରିବାକୁ ବିଧି ଦିଅନ୍ତି । ପୁଣି ସେ ଶାସ୍ତ୍ରରେ ଯାହାକୁ ଈଶ୍ୱର କରି କହିଅଛି ତାହାଙ୍କୁ ଅନ୍ୟ ସ୍ତ୍ରୀ ନେତ୍ରର ଲୋଭୀ ଲମ୍ପଟ ପାରଦାରିକ ଇତ୍ୟାଦି ରୂପେ ବର୍ଣ୍ଣନା କରି ତାହାର ଉପରେ ନାନା ଦୋଷାରୋପଣ କରା ଯାଏ । ପୁଣି ଈଶ୍ୱରଙ୍କର ଆରାଧନା ବିଷୟରେ ଅପାର ବିପରୀତ ଆଜ୍ଞା ସେ ଶାସ୍ତ୍ରରେ ଅଛି । ଏଥିରୁ ନିଶ୍ଚୟ ଜଣା ଯାଏ ଯେ ଏ ଶାସ୍ତ୍ର ସତ୍ୟ ଈଶ୍ୱରଙ୍କଠାରୁ ନିର୍ଗତ ହୋଇ ନାହିଁ ।

---

## ଅଥ ଦ୍ୱିତୀୟ ପ୍ରମାଣ ।

ଧର୍ମପୁସ୍ତକର ସବୁ ବାକ୍ୟର ମିଳଣ ଆଉ ଏକ ପ୍ରସିଦ୍ଧ ପ୍ରମାଣ ଅଛି । ଦେଖ ତାହାର ଲେଖକମାନେ ଭିନ୍ନ ସ୍ଥାନସ୍ଥ ଓ ଭିନ୍ନ କାଳଜାତ ପ୍ରାୟ ଚାଳିଶ ଜଣ ଥିଲେ । ଏନିମନ୍ତେ ଏକକୁ ଆରେକ ଦେଖା କି ଯୁକ୍ତି ନ ହେଲା । ଆଉ ସେମାନଙ୍କର ମଧ୍ୟରେ କେହି ରାଜା କେହି ଯାଜକ କେହି ରକ୍ଷକ କେହି ମାଛୁଆ ଇତ୍ୟାଦି ଭିନ୍ନ ଜାତୀୟ ଲୋକ ଥିଲେ ତଥାପି ସେମାନେ ଈଶ୍ୱରର ତତ୍ତ୍ୱ ଓ ଅସ୍ଥ

ଧନା ଓ ଆଜ୍ଞା ଓ ପାପର ଦଣ୍ଡ ଓ ପରିତ୍ରାଣର ଉପାୟ ଏହି ସମସ୍ତ ଏକ ପ୍ରକାର ଲେଖିଅଛନ୍ତି । ଏହି କି ଆଶ୍ଚର୍ଯ୍ୟ ନୋହେ । ଯେବେ ସେମାନେ ଈଶ୍ୱର ବିନୁ ଆପଣା ମନର କଳ୍ପନାରେ ତାହା କରନ୍ତେ ତେବେ କୌଣସି ସମୟରେ ସେମାନଙ୍କର ବାକ୍ୟର ଅମିଳଣ ହୁଅନ୍ତା । ପୁଣି ଏମନ୍ତ ଅମିଳଣ କଥା ତହିଁରେ କିଛି ନାହିଁ ଏନିମନ୍ତେ ଜଣା ଯାଏ ଯେ ସେମାନେ ଧର୍ମଆତ୍ମାରେ ପ୍ରବୃତ୍ତ ହୋଇ ତାହା ଲେଖିଲେ ।

ଆଉ ଦେଖ ହିନ୍ଦୁ ଶାସ୍ତ୍ରରେ ବହୁତ ଅମିଳଣ ଓ ବିରୁଦ୍ଧ ବଚନ ଅଛି । ତାହାର କୌଣସି ଋଷିକ କହନ୍ତି ଯେ ଈଶ୍ୱର ସାକାର କେହି କହନ୍ତି ସେହି ନିରାକାର । ଆଉ କେହି କହନ୍ତି ସମସ୍ତ ବସ୍ତୁର ବ୍ରହ୍ମ ଅନ କେହି କହନ୍ତି ସେ ପୃଥକ । କେହି କହନ୍ତି ବ୍ରହ୍ମ ଅଛନ୍ତି ସକଳ ଗତି କେହି କହନ୍ତି ବ୍ରହ୍ମ ନାହିଁ । କେହି କହନ୍ତି ପାଳନା ଆରାଧନା ଉଚିତ ଅନ କେହି କହନ୍ତି ତାହା ନିଷ୍ଫଳ ଓ ଅକର୍ତ୍ତବ୍ୟ । ଏମନ୍ତ ଅପାର ଗୋଳମାଳର କାରଣ ସେ ଶାସ୍ତ୍ରରେ ଅଛି ଯଥା । ପ୍ରତିମାୟାଂ ଶିଲାବୁଦ୍ଧିଂ କୁର୍ବାଣୋ ନରକଂ ବ୍ରଜେତ୍ । ଅର୍ଥ ଯେଉଁ ଜନ ପ୍ରତିମାରେ ପଥର ବୁଦ୍ଧି କରଇ ସେ ନରକକୁ ଯାଏ । ପୁଣି ଅଉ ସ୍ଥାନେ ଲେଖିତ ଯେ । ମୃଚ୍ଛିଲା ଧାତୁ ଦାର୍ବାଦି ମୂର୍ତ୍ତାବୀଶ୍ୱର ବୁଦ୍ଧୟଃ । କ୍ଲିଶ୍ୟନ୍ତି ତପସା ମୂଢାଃ ପରାଂ ଶାନ୍ତିଂ ନ ଯାନ୍ତି ତେ । ଅର୍ଥ । ଯେଉଂ ସମସ୍ତ ମୂର୍ଖମାନେ ମାଟି ଧାତୁ ପଥର କାଷ୍ଠାଦି ରଚିତ ମୂର୍ତ୍ତିରେ ଈଶ୍ୱର ବୁଦ୍ଧି କରନ୍ତି ସେମାନେ କେବଳ ଦେହର କ୍ଳେଶ ପାନ୍ତି ମୁକ୍ତି ପ୍ରାପ୍ତ ନ ହୁଅନ୍ତି । ଏମନ୍ତେ ବେଦା ଭିନ୍ନାଃ ସ୍ମୃତୟୋ ବିଭିନ୍ନା ନାସୌ ମୁନି ର୍ଯସ୍ୟ ମତଂ ନ ଭିନ୍ନଂ

## ଅଥ ତୃତୀୟ ପ୍ରମାଣ ।

ଥଉ ଏକ ପ୍ରମାଣ ଅଛୁ ଯେ ଧର୍ମପୁସ୍ତକରେ ଯେତେ ଉପଦେଶ ଓ ନମୂନା ସେ ସବୁ ଅତି ପବିତ୍ର ଓ ଈଶ୍ୱରଙ୍କର ପ୍ରତି ମନୁଷ୍ୟର ମନ ଆକର୍ଷିକ ପୁଣି ତାହାର ମଧ୍ୟରେ ଏକ ଅନ୍ୟାୟୀ ଆଜ୍ଞା କି ଅବା ଏକ ଅଶୁଚି ନମୁନା ନାହିଁ । ଆହୁର ଯେ କଛୁ ପାପ କେ ବେହେଁ ନ ଜାଣିଲେ ଓ ଯାହାଙ୍କ ମୁଖରେ ପ୍ରତାରଣା ପ୍ରାପ୍ତ ନୋ ହିଲା ଯେ ନନ୍ଦିତ ହୋଇ ପ୍ରତି ନନ୍ଦା ନ କଲେ ପୁଣି ଆପଣାର ଘା ତକର ପାଇଁ ପ୍ରାର୍ଥନା କଲେ ଏମନ୍ତ ଯେ ପ୍ରଭୁ ଯୀଶୁଖ୍ରୀଷ୍ଟ ସେ ଆ ମ୍ଭମାନଙ୍କର ପାଇଁ ଏକ ନମୁନା ଦେଖାଇଅଛନ୍ତି । ଆହୁର ଆପଣା ଶିଷ୍ୟମାନଙ୍କୁ ସେ ଆଜ୍ଞା କଲେ ଯେମନ୍ତ ତୁମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା ସମ୍ପୂର୍ଣ୍ଣ ଧାର୍ମିକ ତେମନ୍ତ ତୁମ୍ଭେମାନେ ସମ୍ପୂର୍ଣ୍ଣ ଧାର୍ମିକ ହୁଅ । ଏଣୁ କେହ ଖ୍ରୀଷ୍ଟରେ ଶରଣାଗତ ହୋଇଲେ ସେ ଜନ ନୂଆ ସୃଷ୍ଟି ହୁଅଇ ତାହାର ପୁରୁଣା ପାପିଷ୍ଠ ଆଚରଣ ଗତ ହୋଇ ସମସ୍ତ ନୂଆ ପୁଣ୍ୟମୟ ହୋଇ ଅଛନ୍ତି ।

ପୁଣି ଦେଖ ହିନ୍ଦୁଶାସ୍ତ୍ର ଅନୁସାରେ କୌଣସି ସମୟରେ ମିଥ୍ୟା କହିବାକୁ ହେବ । ପୁଣି ଦେବପୂଜା କରିବାକୁ ଗଲେ ନାନାଦ ଅ ଶୁଚି କ୍ରିୟା କୁତ୍ସିତ ଅଙ୍ଗ ଭଙ୍ଗାଦ କରିବାକୁ ହେବ । ପୁଣି ଅତ୍ୟନ୍ତ ନନ୍ଦିତ ଓ ଅଶ୍ରାବ୍ୟ ଗୀତ ଗାଇବାକୁ ହେବ । ଆହୁର ଦେଖ ସେ ଶାସ୍ତ୍ରରେ ଯୋ ଦେବତାର ଚରିତ୍ର ପ୍ରକାଶିତ ସେ ସବୁ କେମନ୍ତ ଅଶୁଚି ଓ ପାପେ ପ୍ରବର୍ତ୍ତକ । ଦେଖ ବ୍ରହ୍ମା କାମୁକ ହୋଇ ଆପଣା କନ୍ୟାର ପ୍ରତି ଧାଇଁ ଥିଲା । ଇନ୍ଦ୍ର ଯେ ସେ ଅପଣା ଗୁରୁର ସ୍ତ୍ରୀକୁ ଓ କୃଷ୍ଣ ଚନ୍ଦ୍ରଶେଖରର ସ୍ତ୍ରୀ ରାଧାକୁ ଭ୍ରଷ୍ଟକରି ଥିଲା ଇତ୍ୟାଦ ନାନା ଅଶୁଚି ଓ ନନ୍ଦିତ ବାକ୍ୟ ଅଛି ।

---

## ଅଥ ଚତୁର୍ଥ ପ୍ରମାଣ ।

ଦେଖ ଧର୍ମପୁସ୍ତକରେ ଯେଉଁ ସ୍ଥାନକୁ ସ୍ୱର୍ଗ କରି କହା ଯାଇ ଅଛି ତାହାକୁ ଏକ ନିଷ୍କଳଙ୍କ ଓ ନିର୍ମଳ ଓ ଅକ୍ଷୟ ଅନନ୍ତ ଅର୍ଥେ କାର ବର୍ଣ୍ଣନା କରନ୍ତି ସେଠାରେ କୌଣସି ଅଶୁଚି ଦ୍ରବ୍ୟ କିଅବା ଅପବିତ୍ର ଆତ୍ମା ପ୍ରବେଶ କରିବାକୁ ନ ପାରନ୍ତି । ସେଠାରେ ପାପ କି ଶାପ କି ଶୋକ କି ଅନ୍ଧକାର ନ ଥାଏ । ପୁଣି ଅଉ ଜନମ କି ଅବା ମରଣ ନୋହେ । କେବଳ ପାରମାର୍ଥିକ ସୁଖର ଭୋଗ ହୋଇବ । ସେଠାରେ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଅପଣା ତେଜସ୍ୱି ଶରୀର ନ୍ୟାୟ ଆମ୍ଭମାନଙ୍କର ସ୍ଥୂଳ ଶରୀରକୁ ଆନମୂର୍ତ୍ତି କରାଇବେ । ପୁଣି ସାଧୁ ଲୋକମାନଙ୍କର ଆତ୍ମା ଶୁଦ୍ଧୀକୃତ ହୋଇ ସମ୍ପୂର୍ଣ୍ଣ ଜ୍ଞାନ ପ୍ରେମ ଅନନ୍ଦ ପ୍ରାପ୍ତ ହେବେ । ଆହୁରି ସେମାନେ ଈଶ୍ୱରଙ୍କୁ ଦେଖିବେ ଓ ସେମାନଙ୍କର କପାଳ ତାହାଙ୍କ ନାମରେ ଅଙ୍କିତ ହୋଇ ତାହାଙ୍କୁ ସଦା ସର୍ବଦା ପ୍ରଶଂସା କରିବେ ।

ପୁଣି ବିବେଚନା କରି ଦେଖ ହିନ୍ଦୁ ଶାସ୍ତ୍ରରେ ଯେଉଁ ସ୍ଥାନକୁ ସ୍ୱର୍ଗ ବୋଲି ବର୍ଣ୍ଣନା କରିଅଛି ସେ ସ୍ଥାନ ଏମନ୍ତ ମନ୍ଦ ଓ ଅଶୁଚି ଯେ ତାହା ଭାବିଲେ ମନ ନିର୍ମଳ ନ ହୋଇ ଅଧିକ ମଳିଣ ହୁଅଇ । ଶାସ୍ତ୍ରେ କହନ୍ତି ଯେ ସ୍ୱର୍ଗବାସିମାନେ କେବଳ ଇନ୍ଦ୍ରିୟ ସୁଖରେ ମଗ୍ନ ହୁଅନ୍ତି । ସ୍ୱର୍ଗ ବେଶ୍ୟାଲି ସଙ୍ଗରେ ବାସ କରନ୍ତି ଇତ୍ୟାଦି ଦୁଷ୍ଟ କାମ ଯୁଦ୍ଧାଦି କ୍ରିୟାରେ ଅସକ୍ତ ହୋଇ ଅଛନ୍ତି । ଏହି ପ୍ରକାର ସ୍ୱର୍ଗ କୌଣସି ପୁଣ୍ୟବନ୍ତ ଲୋଡନ୍ତି ନାହିଁ । ମାତ୍ର ପ୍ରାପ୍ତ ହେଲେ କିଞ୍ଚିତ କାଳରେ ପୁଣି ଜଠର ଯନ୍ତ୍ରଣା ଭୋଗ ପାଇ ପୁନର୍ଜନ୍ମ ହେବ ତହିଁର କି ଜାଣି ପଡ଼ିଛି ନରକରେ ପଡ଼ିବେ । ଅଥବା ଯେବେ ବ୍ରହ୍ମଜ୍ଞାନୀ ହୋଇ ବ୍ରହ୍ମର ସହିତ ଲୀନ ପାଇବେ ଏଥିରେ କିଛି ସୁଖ

ବୋଧ ନାହିଁ । ଦେଖ ଚିନ୍ତା ହେବାଠାରୁ ଚିନ୍ତା ଖାଇବାର ଭଲ ପୁଣି ଏହି ଚିନ୍ତା ହେବାର ସ୍ୱରୂପ ମାତ୍ର ।

---

## ଅଥ ପଞ୍ଚମ ପ୍ରମାଣ ।

ମଧ୍ୟସ୍ଥ ଦ୍ୱାରା ଈଶ୍ୱରଙ୍କର ସହିତ ମିଳଣ ପ୍ରାପ୍ତ ଉପଦେଶ ଧର୍ମପୁସ୍ତକରେ ଜଣା ଯାଏ ଆନ କୌଣସି ଶାସ୍ତ୍ରରେ ଏମତ ଉପଦେଶ ନାହିଁ । ଯଥା ॥ ଏକ ଈଶ୍ୱର ଅଛନ୍ତି ପୁଣି ଈଶ୍ୱରର ଓ ମନୁଷ୍ୟମାନଙ୍କର ମଧ୍ୟରେ ଜଣେ ମଧ୍ୟସ୍ଥ ଅଛନ୍ତି ଅର୍ଥାତ୍ ସେ ମନୁଷ୍ୟ ଯୀଶୁଖ୍ରୀଷ୍ଟ । ସେ ସମସ୍ତର ମୋଚନର ମୂଲ୍ୟାର୍ଥରେ ଆପଣାକୁ ଦେଲେ । ପୁଣି ଆନ ଭାଗରେ ଲେଖିତ ଯେ ଆପଣାର ସହିତ ଜଗତର ମିଳଣ କରି ପୁଣି ମନୁଷ୍ୟର ପାପ ସେମାନଙ୍କର ପ୍ରତି ଦୃଷ୍ୟ ନ ଲେଖି ଖ୍ରୀଷ୍ଟରେ ଈଶ୍ୱର ଥିଲେ । ଏମନ୍ତେ ଖ୍ରୀଷ୍ଟ ଆମ୍ଭମାନଙ୍କର ଲଗା ହୋଇ ସମସ୍ତଙ୍କର ପାପର ଫଳ ଭୋଗ କଲେ । ତହିଁରେ ଯେଉଁମାନେ ତାଙ୍କର ଦ୍ୱାରା ଈଶ୍ୱରଙ୍କର କତରେ ଆସନ୍ତି ସେ ସେମାନଙ୍କୁ ସମ୍ପୂର୍ଣ୍ଣ ତ୍ରାଣ କରିବାକୁ ପାରନ୍ତି ଯେହେତୁ ସେମାନଙ୍କର ପାଇଁ ନିବେଦନ କରିବାକୁ ସେ ନିତ୍ୟ ଜୀବତ୍ ଅଛନ୍ତି ।

ଏମତ ମଧ୍ୟସ୍ଥ କିଅବା ପ୍ରାୟଶ୍ଚିତ୍ତ ହିନ୍ଦୁଶାସ୍ତ୍ରରେ ନାହାନ୍ତି ପୁଣି ସେ ଶାସ୍ତ୍ରରେ ଯେଉଂ ଅବତାର ଲେଖା ସେମାନେ ପାପ ବିମୋଚନାର୍ଥେ କୌଣସି ଉପାୟ କେବେହେଁ କରି ନ ଥିଲେ । ସେମାନେ ସମସ୍ତ ଅନ୍ୟ ଅନ୍ୟ ପ୍ରୟୋଜନ ପାଇଁ ଅବତୀର୍ଣ୍ଣ ହୋଇ କାମକ୍ରୋଧାଦିରେ ଆସକ୍ତ ହୋଇ ଥିଲେ ଏନିମନ୍ତେ ଏରୂପ ଅବତାରରେ ବିଶ୍ୱାସ ରଖିଲେ ତ୍ରାଣର କୌଣସି ଆଶ୍ୱାସ ନାହିଁ । ଆଉ ଯେଉଂ ପ୍ରାୟଶ୍ଚିତ୍ତ ସେ ଶାସ୍ତ୍ରରେ ପ୍ରବୃତ୍ତ ଅର୍ଥାତ୍ ଦୁବଘାସ ଫଳ ଫୁଲ ସୁନା ରୂପା ଇତ୍ୟାଦି ଯେଉଂବସ୍ତୁ ଦେବତାର ଅଗରେ ଉତ୍ସର୍ଗ

କରଯାଏ୍ ସେହମାନ ଉପହାସ୍ୟର ନ୍ୟାୟ । ଦେଖ ମନୁଷ୍ୟର ପାପ ଅସଂଖ୍ୟ ଏନମନ୍ତେ ଅମୂଲ୍ୟ ପ୍ରାୟଶ୍ଚିତ୍ତ ଉପଯୁକ୍ତ ସେ ପ୍ରାୟଶ୍ଚିତ୍ତ କେବଲ ଯୀଶୁ ଖ୍ରୀଷ୍ଟର ମରଣ ।

---

## ଅଥ ଷଷ୍ଠ ପ୍ରମାଣ ।

ମନଯୋଗ କର ଦେଖ ଧର୍ମପୁସ୍ତକ କେବଲ ଏକ ଦେଶୀୟ ଲୋକର ନିମନ୍ତେ ନ ହୁଅଇ ସର୍ବ ଦେଶୀୟ ଲୋକର ନିମନ୍ତେ । କାରଣ ପରମେଶ୍ୱର ସର୍ବ ଲୋକଙ୍କର ପିତା ହୋଇ ସବୁ ଜାତୀୟମାନଙ୍କର ହିତାର୍ଥେ କେବଲ ଏକ ଧର୍ମାଚରଣ ଓ ପରିତ୍ରାଣର ମାର୍ଗ ପ୍ରକାଶ କରିଅଛନ୍ତି ଯଥା । ସମସ୍ତ ଜଗତକୁ ଯାଅ ପୁଣି ସବୁଠାରେ ପ୍ରତ୍ୟେକ ସୃଷ୍ଟିର ଗୋଚରରେ ମଙ୍ଗଲ ସମାଚାର ଘୋଷଣା କର ଯେଉଁଜନ ବିଶ୍ୱାସ କରି ଡୁବିତ ହୁଅଇ ସେହ ପରିତ୍ରାଣ ପାଇବେ ପୁଣି ଯେଉଁଜନ ବିଶ୍ୱାସ ନ କରଇ ସେହ ଅଶେଷ ନରକରେ ଦଣ୍ଡିତ ହେବ । ଆଉ ଧର୍ମପୁସ୍ତକର ସର୍ବତ୍ର ବ୍ୟାପନ ବିଷୟରେ ଏହି କଥା ଲେଖିତ ଅଛି । ଯଥା । ଶେଷ କାଲରେ ଏମନ୍ତ ହେବ ଯେ ଈଶ୍ୱରର ଘରର ପର୍ବତ ଅର୍ଥାତ୍ ପରମେଶ୍ୱରର ମନ୍ଦିର ପର୍ବତମାନଙ୍କର ଶୃଙ୍ଗରେ ସ୍ଥାପିତ ହେବ ଓ ସମସ୍ତ ଦେଶୀୟମାନେ ସ୍ରୋତର ମତ ତାହାର କଡକୁ ଧାଁଇ ଯିବେ ପୁଣି ଅପାର ଦେଶୀୟମାନେ ଯାଇ କହିବେ ଆସ ହେ ଅମ୍ଭେମାନେ ଈଶ୍ୱରର ଘରକୁ ଯାଉଁ ସେ ଅପଣା ପଥ ଅମ୍ଭମାନଙ୍କୁ ଶିଖାଇବେ ପୁଣି ଅମ୍ଭେମାନେ ତାହାଙ୍କର ବାଟରେ ଗମନ କରିବା ।

ପୁଣି ଦେଖ ହିନ୍ଦୁମାନଙ୍କର ଶାସ୍ତ୍ର କେବଲ ଆପଣାମାନଙ୍କର ପାଁଇ ତହିଁରେ ଆନ ଦେଶୀୟମାନଙ୍କର ଅଧିକାର ନୋହେ । ଏଥିପାଁଇ ଏପ୍ରକାର ଶାସ୍ତ୍ର ସର୍ବ ଦେଶୀୟମାନଙ୍କର ପିତା ଓ ଈଶ୍ୱର

ଠାରୁ କେମନ୍ତ କରି ଦତ୍ତ ଅଟଇ। ନିଶ୍ଚୟ କୌଣସି କ୍ଷୁଦ୍ର ପ୍ରାଣୀ ତାହା ପ୍ରକାଶ କଲା।

ଦେଖ ଧର୍ମପୁସ୍ତକ ସୂର୍ଯ୍ୟର ତୁଲ୍ୟ ଦୀପ୍ତିମାନ ହୋଇ ସମସ୍ତ ମନୁଷ୍ୟର ମାନସ ଅନ୍ଧକାର ନାଶ କରି ଉତ୍ତମ ଜ୍ଞାନ କରନ୍ତି। ପୁଣି ହିନ୍ଦୁଶାସ୍ତ୍ର ପ୍ରଦୀପର ମତେ ଅଳ୍ପ ଲୋକଙ୍କୁ ଚଞ୍ଚଳ ଅଳ୍ପ ଅର୍ଥାତ୍ ଅନିଶ୍ଚୟ ଜ୍ଞାନ ଦେବାକୁ ଚେଷ୍ଟା କରଇ।

---

## ଅଥ ସପ୍ତମ ପ୍ରମାଣ।

ଧର୍ମପୁସ୍ତକର ମତ ସ୍ଥାପକ ଯେ ପ୍ରଭୁ ଯୀଶୁଖ୍ରୀଷ୍ଟ ଓ ତାହାଙ୍କର ଶିଷ୍ୟଗଣ ଓ ଭବିଷ୍ୟତବକ୍ତାଗଣ ଏମାନେ ନାନା ସମୟରେ ସ୍ୱପକ୍ଷ ଓ ବିପକ୍ଷ ଅନେକ ଲୋକର ସାକ୍ଷାତରେ ନାନାବିଧ ଆଶ୍ଚର୍ଯ୍ୟ କ୍ରିୟା କଲେ। ପୁଣି ଲୋକମାନଙ୍କୁ ଚମତ୍କାର ଜଣାଇବାର ପାଇଁ କିଅବା ଆପଣାର ପରାକ୍ରମ ପ୍ରକାଶାର୍ଥେ ଏହି ଅଦ୍ଭୁତ କ୍ରିୟା ନ କଲେ କେବଳ ଲୋକର ହିତ ଓ ସତ୍ୟ ଧର୍ମର ସ୍ଥାପନାର୍ଥେ ସେମାନେ ସମସ୍ତ କରି ଥିଲେ। ଦେଖ ଯୀଶୁଖ୍ରୀଷ୍ଟ ମୁସ୍ଥ ହୁଅ କହିବାମାତ୍ରେ ନାନାବିଧ ରୋଗିଙ୍କୁ ସୁସ୍ଥ କଲେ ପୁଣି ଅପାର ଜନ୍ମାନ୍ଧଙ୍କୁ ଓ ପଙ୍ଗୁଙ୍କୁ ଓ ମୁଙ୍ଗାଙ୍କୁ ଓ ବଧିରଙ୍କୁ ସେ ଭଲ କଲେ। ଆହୁରି ସେ ଆଜ୍ଞା ମାତ୍ରରେ ମୃତ ଲୋକଙ୍କୁ ଜୀଆଇଲେ। ଅଉ ପାଞ୍ଚ ରୋଟିରେ ପାଞ୍ଚ ହଜାର ଲୋକମାନଙ୍କର ତୃପ୍ତି ଜନ୍ମାଇଲେ। ଏହି ପ୍ରକାର ଅନେକ ଆଶ୍ଚର୍ଯ୍ୟ କ୍ରିୟା କରିବାରେ ଯୀଶୁ ଆପେ କହିଲେ ଯେଉଂ କ୍ରିୟା ଆମ୍ଭେ କରି ସେହି କ୍ରିୟାରେ ପ୍ରମାଣ ଅଛି ଯେ ଆମ୍ଭର ପିତା ଆମ୍ଭଙ୍କୁ ପଠାଇ ଅଛନ୍ତି। ପୁଣି ଯେମନ୍ତ ଯୀଶୁଖ୍ରୀଷ୍ଟ କରିଥିଲେ ସେମନ୍ତ ତାଙ୍କର ଶିଷ୍ୟମାନେ ଅପାର ଅଦ୍ଭୁତ ଲକ୍ଷଣାଦି ଓ ନାନା ଆଶ୍ଚର୍ଯ୍ୟ କର୍ମ ଦେଇ ଧର୍ମପୁସ୍ତକଙ୍କୁ ପ୍ରତିପନ୍ନ କଲେ ଏଥିରେ ଜଣାଯାଏ

ଯେ ଧର୍ମପୁସ୍ତକ ଈଶ୍ୱରର ଦତ୍ତ ଶାସ୍ତ୍ର ଯେହେତୁ ତାହାଙ୍କର ସହାୟ ନୋହିଲେ କେହି ଏମନ୍ତ ଆଶ୍ଚର୍ଯ୍ୟ କ୍ରିୟା କରି ନ ପାରନ୍ତି ।

ହିନ୍ଦୁଶାସ୍ତ୍ରରେ ଆଶ୍ଚର୍ଯ୍ୟ କ୍ରିୟା ଅଛି ପ୍ରମାଣ ଦେଖ ଲେଖିତ ଅଛି ଯେ ଫଲଣା ଦେବତା ଲାଙ୍ଗଲ ଦେଇ ଡଲ୍ଲୀକୁ ଓପାଡଲେ । ଆନ କେହି ଜଣ ସମୁଦ୍ର ମନ୍ଥନ କଲେ ପୁଣି କୌଣସି ଜଣେ ଗଙ୍ଗାର ଯେତେ ଜଲ ଓ ଆନ କେହି ସମୁଦ୍ରର ଯେତେ ଜଲ ଗଣ୍ଡୁଷ ମାଏରେ ପାନ କଲେ । ପୁଣି ଏଥିରେ କଛି ପ୍ରମାଣ ବଚନ ନାହି କେବଲ ବାଲକର ଖେଲାର ନ୍ୟାୟ । ଆଉ ଯୀଶୁଖ୍ରୀଷ୍ଟର କର୍ମର ନ୍ୟାୟ କାହାର ଉପକାରାର୍ଥେ ତାହା କଛି କରା ନ ଗଲା ଏନିମନ୍ତେ ଦେଖାଯାଏ ଯେ ଏସମସ୍ତ ବାକ୍ୟ କଳ୍ପିତ ଇତିହାସ ମାଏ ।

---

## ଅଥ ଅଷ୍ଟମ ପ୍ରମାଣ ।

ଧର୍ମପୁସ୍ତକରେ ଅନେକ ଆଶ୍ଚର୍ଯ୍ୟ କଥା ଅଛି ଅର୍ଥାତ୍ ଶଏ କି ହଜାର ବରସର ଉତ୍ତାରେ ଘଟଣା ହେବାର ବିଷୟ ଭବିଷ୍ୟଦ୍ବାକ୍ୟ ଅଛନ୍ତି ଆଉ ଭବିଷ୍ୟଦ୍ବାକ୍ୟ ଠିକ ନିରୂପିତ ସମୟରେ ପୂର୍ଣ୍ଣ ହୋଇ ଅଛନ୍ତି । ତାହାର ମଧ୍ୟରେ ଅତି ପ୍ରସିଦ୍ଧ ଯୀଶୁଖ୍ରୀଷ୍ଟର ଅବତୀର୍ଣ୍ଣ ଜନ୍ମ ଗୁଣ ନାନାଦି କ୍ରିୟା ଉପଦେଶ ମରଣ ଓ ମରଣରୁ ଉତ୍ଥାନ ଇତ୍ୟାଦି ହେବାର କଥା । ପୁଣି ମିଶର ଓ ଆଶୁରୀୟା ଦେଶ ଓ ଟିମାଦେଶ ଓ ଯିରୁଶାଲମ ନଗର ଓ ମନ୍ଦିରର ବିନାଶ ବିଷୟ । ଯିହୁଦୀ ଲୋକର ଶାସ୍ତି ଓ ଦେଶ ଦେଶାନ୍ତର ଛିନ୍ନଭିନ୍ନ । ପୁଣି ସମସ୍ତ ଦେଶରେ ସୁସମାଚାରର ବ୍ୟାପନ ବିଷୟରେ । ଏସମସ୍ତ ଭବିଷ୍ୟଦ୍ବାକ୍ୟର ମଧ୍ୟରେ ବହୁତ ବିଷୟ ପୂର୍ଣ୍ଣ ହୋଇ ଗଲା ଓ ହୋଇ ଯାଉଅଛି । ଏଥିରେ ନିଃସନ୍ଦେହରୂପେ ଜଣାଯାଏ ଯେ ଧର୍ମପୁସ୍ତକ ଈଶ୍ୱରର ପ୍ରକାଶିତ ଶାସ୍ତ୍ର । ଯେହେତୁ ସେହି ମାଏ ସ

ବାଙ୍କ ଓ ଭବିଷ୍ୟତ୍କାଳରେ କେତେବେଳେ କି ଘଟିବ ତାହା ନିଶ୍ଚ ଯ୍ରୂପରେ ଜାଣନ୍ତି । ଏନିମନ୍ତେ ଏହି ଧର୍ମପୁସ୍ତକ ରଞ୍ଚକମାନେ ଯେବେ ଈଶ୍ୱରରେ ଶିକ୍ଷିତ ନ ହୁଅନ୍ତେ ତେବେ ଏମନ୍ତ ଭବିଷ୍ୟତ ବିଷୟରେ ଲେଖିବାକୁ ନ ପାରନ୍ତେ ।

ଲୋକମାନେ ଯାହାକୁ ଭବିଷ୍ୟତ୍‌ବାକ୍ୟ କରି କହନ୍ତି ଏମନ୍ତ ହି ନ୍ଦୁଶାସ୍ତ୍ରରେ ଗୋଟାଏ ବାକ୍ୟ ଅଛି ପ୍ରମାଣ ଅର୍ଥାତ୍ କଳିକାଳରେ ଧର୍ମଲୋପ ହୋଇ ସମସ୍ତ ଏକ ବର୍ଣ ହେବ । ପୁଣି ଏହି କିଛି ଭବିଷ୍ୟତ୍‌ବାକ୍ୟ ନୋହେ । ଦେଖ ଯେ କୌଣସି ଜଣ ବାଲୁକାମୟ ସ୍ଥାନରେ ବୁନିୟାଦ ରହିତ ଗୋଟାଏ ଘର ନିର୍ମାଣ କରି କହିଲ ଯେ ଏହି ଘର ଦଶ ବରଷରେ ପଡିବ ଯେବେ ତେମନ୍ତ ଘଟନ୍ତା ତେବେ ତାହାଙ୍କୁ ଭବିଷ୍ୟତ୍‌ବକ୍ତା କୁହା ନ ଯାଏ । ତେମନ୍ତ ହି ନ୍ଦୁଶାସ୍ତ୍ରର ସତ୍ୟରୂପ ବୁନିୟାଦ ନ ହୋଇ ପରୀକ୍ଷା ସମୟରେ ପ ଡିବ ତାହାର ରଞ୍ଚକମାନେ ଏହା ଜାଣି ସେ କଥା ଲେଖିଲେ ।

---

## ଅଥ ନବମ ପ୍ରମାଣ ।

କି ଧର୍ମ ସତ୍ୟ କି ଧର୍ମ ମିଥ୍ୟା ଏଥିରେ ଯେବେ କୌଣସି ସନ୍ଦେ ହ ଥାଏ ତେବେ ବିବେଚନା କର କି ପାଇଁ ଲୋକମାନେ ସ୍ୱକ ଳ୍ପିତ ମିଥ୍ୟା ମତ ସ୍ଥାପନେଚ୍ଛୁକ ହୁଅନ୍ତି । ନିଶ୍ଚୟ କୌଣସି ଐହିକ ସୁଖ ଓ ଲାଭର ନିମନ୍ତେ । ପୁଣି ଦେଖ ଧର୍ମପୁସ୍ତକର ମତସ୍ଥାପକ ମାନେ ଅପମାନ ଓ ତାଡନା ଓ କ୍ଳେଶ ବିନା ଆଉ କିଛି ନ ପା ଇଲେ । ତାହାର ପ୍ରମାଣ ଏହି ପ୍ରଭୁ ଯୀଶୁଖ୍ରୀଷ୍ଟ ଆପଣାର ସ୍ୱର୍ଗୀୟ ମହିମା ଓ ସୁଖ ଛାଡି ଏହି ଜଗତରେ ଅତି ଦାସର ଆକାର ଧାରଣ କଲେ ପୁଣି ନାନାବିଧ ନିନ୍ଦା ଖେଦ ଦୁଃଖ ଯନ୍ତ୍ରଣା ଭୋଗ କରି ଶେ ଷରେ ଆପଣାର ଜୀବନକୁ ପ୍ରାୟଶ୍ଚିତ୍ତ କରି ଉତ୍ସର୍ଗ କଲେ । ଆଉ

ଯେମନ୍ତ ଯୀଶୁଖ୍ରୀଷ୍ଟ ଦୁଃଖ ଭୋଗ କଲେ ତେମନ୍ତ ସେ ଆପଣାର ଶିଷ୍ୟମାନଙ୍କୁ ଜଣାଇଲେ ଯେ ଆମ୍ଭର ନାମ ସକାଶେ ତୁମ୍ଭମାନଙ୍କୁ ସମସ୍ତ ଲୋକ ହେୟଜ୍ଞାନ କରିବେ । ତଥାପି ସେମାନେ ନାନାବିଧ ଦାରୁଣ ଦୁଃଖ ଓ ଯନ୍ତ୍ରଣା ସହି ଅଟଳ ରହିଲେ ପୁଣି ମୃତ୍ୟୁକୁ ତୁଚ୍ଛ ଜ୍ଞାନ କରି ସବୁଠାରେ ଧର୍ମପୁସ୍ତକର ମତ ପ୍ରକାଶ କଲେ । ବିଶ୍ୱର କରି ସମସ୍ତେ ଯହିଁରେ ଲାଭ କି ସମ୍ଭ୍ରମ ଚିରକାଳ ସୁଖହିଂନାହିଁ ପୁଣି ଚିରକାଳ ଦୁଃଖ ଐହିକ ନିନ୍ଦା ଓ ମରଣ ପର୍ଯ୍ୟନ୍ତେ ତାଡଣା ଘଟିଇ ଏତେ କ୍ଲେଶ ସହି କେ ମିଥ୍ୟା ପ୍ରତାରଣା ସ୍ଥାପନ କରନ୍ତି ।

ଆହୁରି ଦେଖ ହିନ୍ଦୁ ମତର ସ୍ଥାପକମାନେ ଅର୍ଥାତ୍ ବ୍ରାହ୍ମଣ ମାନେ ସର୍ବଦା ଆପଣାର ଲାଭ ଓ ସମ୍ଭ୍ରମ ଚେଷ୍ଟା କରନ୍ତି ଆପଣା ମାନଙ୍କୁଂ ଠାକୁର ଜାଣି ଅନ୍ୟ ସମସ୍ତ ଲୋକଙ୍କୁଂ ନୀଚ କରି ରଖନ୍ତି ପୁଣି ସେମାନେ ସର୍ବଲୋକଠାରୁ ଧନ ସମ୍ଭ୍ରମ ଓ ପୂଜା ମାଗନ୍ତି । ଆହୁରି ସେମାନେ କହନ୍ତି ଯେ ଆମ୍ଭମାନଙ୍କର ପଦତଳେ ଲୋଟିଲେ କିଅବା ପାଦୋଦକ ପାନ କଲେ ପୁଣ୍ୟ ହେବ । ଆପଣାମାନଙ୍କର ରକ୍ଷା ହେତୁ ସେମାନେ ଅନ୍ୟ ଲୋକଙ୍କୁ ମିଥ୍ୟା କହିବାକୁ ଅନୁମତି ଦିଅନ୍ତି । ସେମାନଙ୍କୁ ଭୋଜନ କି ଦକ୍ଷିଣା ଦେଲେ ସେମାନେ ଆଶୀର୍ବାଦ କରିବେ ନ ଦେଲେ ଶାପ ଦେବେ । ଏଥିରେ ନିଶ୍ଚୟ ପ୍ରସିଦ୍ଧ ହେଲେ କି ଧର୍ମ ସତ୍ୟ କି ଧର୍ମ ମିଥ୍ୟା ।

---

## ଅଥ ଦଶମ ପ୍ରମାଣ ।

ଦେଖ ଧର୍ମପୁସ୍ତକର ଗୁଣ ପରୀକ୍ଷା ଓ ବିବେଚନା କରିବାର ନିମନ୍ତେ ତାହା ସମସ୍ତଙ୍କର ଗୋଚରରେ ପ୍ରକାଶିତ ହୁଅଇ । ଏନିମନ୍ତେ ଏସମ୍ପ୍ରଦାୟ ଧର୍ମପୁସ୍ତକର ତେଶ ଲକ୍ଷ ଅଧିକ ପୁସ୍ତକ ବ୍ୟାପନ

କରା ଯାଇଅଛୁ ଆଉ ପ୍ରଧାନ ଭାଗର ବାଆନ ଲକ୍ଷ ଅଧିକ ଇଂରାଜୀ ଓ ଫ୍ରାଂସିସ ଓ ହଲନ୍ଦାଜ ଓ ବଙ୍ଗାଲି ଓ ସଂସ୍କୃତ ଓ ଫାରଶୀ ଓ ଆରବୀ ଓ ଚିନୀ ଇତ୍ୟାଦ ଏକ ଶ ଅଠାବନ ଭାଷାରେ ତର୍ଜ୍ଜମା ହୋଇ ଲୋକଙ୍କୁ ଦିଆ ଯାଇ ଅଛୁ । ଅତ୍ନବ ଧର୍ମ୍ମପୁସ୍ତକର ପ୍ରମାଣ ଓ ଗୁଣ ଅନେକ ପ୍ରକାର ପରୀକ୍ଷା କଲେ ଅପାର ପ୍ରଧାନ ଓ ବୁଦ୍ଧିମାନ ଦେଶସ୍ଥ ଲୋକ ଧର୍ମ୍ମପୁସ୍ତକକୁ ଗ୍ରହଣ କରି ଅଛନ୍ତି । ଯଥା । ଇଂଲଣ୍ଡ ଓ ଫ୍ରାନସିସ ଓ ଋଷ୍ୟ ଇତ୍ୟାଦ ଅନେକ ଅତି ପରାକ୍ରାନ୍ତ ସାମରାଜ୍ୟ ଆପଣାମାନଙ୍କର ଦେବପୂଜା ଓ ପୈତୃକ ବ୍ୟବହାର ତ୍ୟାଗ କରି ଧର୍ମ୍ମପୁସ୍ତକର ମତାବଲମ୍ବୀ ହୋଇ ଅଛନ୍ତି ।

ପୁଣି ହିନ୍ଦୁମାନଙ୍କର ଅସଲ ଶାସ୍ତ୍ର ଗୋପନ ରଖା ଯାଇଅଛୁ ତାହାର ଏକ ସ୍ଥାନେ ସମୁଦାୟ ପୁସ୍ତକ କେଉଂଠାରେ ଅଛନ୍ତି ପ୍ରାୟ କାହାର ଗୋଚର ନ ହୁଅଇ । ଆଉ ତାହାର ପାଠ କରିବାକୁ ଓ ବିଚାର କରିବାକୁ ପ୍ରାୟ ସମସ୍ତଙ୍କର ନିଷେଧ ହେଲା । କେବଳ ଉପାର୍ଜ୍ଜଣୀୟ ବ୍ରାହ୍ମଣମାନଙ୍କର ଅଧିକାର ହୁଅନ୍ତି ।

ଦେଖ ଭଲ ମୁଦ୍ରା ବଣିଆର ହାତରେ ଦେଲେ ଶଙ୍କା ନାହିଁ ପୁଣି ମେକି ଅଥବା ତମ୍ବା ଟଂକା ପରୀକ୍ଷା କରିବାକୁ ଦେଲେ ସଦା ଶଙ୍କା ହୁଅଇ । ଏହି ମତେ ବିବେଚନା କରି କେତେ ହିନ୍ଦୁ ଲୋକ ଆପଣାମାନଙ୍କର ଶାସ୍ତ୍ର ପରୀକ୍ଷା କଲେ ତାହାକୁ ପକାଇଅଛନ୍ତି ପୁଣି କିଞ୍ଚିତ୍ କାଳରେ ସମସ୍ତ ସୁବୁଦ୍ଧି ଲୋକ ସେପରି କରିବେ ।

---

## ଅଥ ଏକାଦଶ ପ୍ରମାଣ ।

ଧର୍ମ୍ମପୁସ୍ତକର ମତର ସଫଳ ସ୍ଥାପନ ଓ ବ୍ୟାପନ ଆଉ ଏକ ଦୃଢ ପ୍ରମାଣ ଅଛୁ । ଯେହେତୁ ତାହାର ବିପରୀତରେ ପଣ୍ଡିତ ଓ ରାଜା

ଓ ଯାଜକାଦିମାନେ ସମସ୍ତ ହିଂସା ଓ ତାଡଣା ପ୍ରକାଶ କରି ଯେ ତାହା କୌଣସି ପ୍ରକାରରେ ନ ଚଳଇ ଏମତ ହଜାରୀ ଚେଷ୍ଟା କଲେ । କାରଣ ଧର୍ମପୁସ୍ତକର ମତ ଅତି ପବିତ୍ର ଓ ମନୁଷ୍ୟର କୁ ଅଭିଲାଷର ବିରୁଦ୍ଧ ପୁଣି ତାହା ଚଳିଲେ ପଛେ ସେମାନଙ୍କର ମାନ ଓ ଲଭର ହାନି ହୋଇ ଭାତ ଭିକ୍ଷା ମାଗି ଯାଏ୍ ଏହା ଭାବି ସେମାନେ ସର୍ବଦା ତହିଁରେ ବାଧା ଦେବାକୁ ପ୍ରବୃତ୍ତ ହୁଅନ୍ତି । ଏମନ୍ତ ଯେଉଁ ଧାର୍ମିକ ପୁରୁଷମାନେ ଧର୍ମପୁସ୍ତକର ମତ ସ୍ଥାପନ କଲେ ସେମାନେ ନାନା ଦେଶରେ ବହୁକାଳ ପର୍ଯ୍ୟନ୍ତେ ଅକଥ୍ୟ ଦୁଃଖ ଭୋଗ କଲେ । ପ୍ରାଯ୍ ସର୍ବସ୍ଥାନେ ରାଜାମାନେ ଓ ଅନ୍ୟ ବଡ ଲୋକମାନେ ସେମାନଙ୍କର ପ୍ରତି ଦ୍ୱେଷ ଓ ହିଂସା ଓ ଅପ ମାନ କରି କହିଲେ ଯେ ଧର୍ମପୁସ୍ତକର ମତ ଯେବେ ଅଙ୍ଗୀକାର କରି ପରିତ୍ୟାଗ ନ କର ତେବେ ତୁମ୍ଭମାନଙ୍କୁ ଯଥା ସାଧ୍ୟରେ କ୍ଳେଶ ଦେଇ ବଧ କରିବା ।

ପୁଣି ଏମନ୍ତେ ଅତ୍ୟନ୍ତ ଦାରୁଣ ଯନ୍ତ୍ରଣା ଦେଇ ସେମାନେ ଲକ୍ଷ ଲକ୍ଷ ସାଧୁ ଲୋକଙ୍କୁ ବଧ କଲେ । ତଥାପି ପଣ୍ଡିତର ଜ୍ଞାନ ଓ ରାଜାର ଶାସନ ଓ ଯାଜକାଦିର ହିଂସା ଓ ଆନ୍ୟ ସମସ୍ତ ବାଧାକୁ ପରାଜଯ୍ କରି ଖ୍ରୀଷ୍ଟିଯ୍ାନ ଲୋକ ସବୁଠାରେ ଯେ ଧର୍ମପୁସ୍ତକ ସତ୍ୟ ଓ ଈଶ୍ୱରର ଦତ୍ତ ଏହା ପ୍ରକାଶ କଲେ ପୁଣି ବେଳକୁ ବେଳ ଏତେ ବୃଦ୍ଧି ପାଇଲେ ଯେ ଏବେ ପ୍ରାଯ୍ କୋଡିଏ କୋଟି ମନୁଷ୍ୟ ଖ୍ରୀଷ୍ଟିଯ୍ାନ ଅଛନ୍ତି । ଅନୁର ଈଶ୍ୱରର ଅଙ୍ଗୀକାରାନୁସାରେ ସ୍ଥିର ବୋଧ ହୁଅଇ ଯେ କିଞ୍ଚିତ୍ କାଳରେ ସମସ୍ତ ଦେଶର ରାଜା ଓ ପ୍ରଜା ଧର୍ମପୁସ୍ତକର ମତାବଲମ୍ବୀ ହୋଇ ଏକ ପ୍ରେମରେ ସତ୍ୟ ଈଶ୍ୱରର ଆରାଧନା କରିବେ । ବିବେଚନା କରି ଦେଖ ଏ ଧର୍ମପୁସ୍ତକର ପ୍ରକାଶକମାନଙ୍କର ସହିତ ଈଶ୍ୱର ଯେବେ ନ ହୁଅନ୍ତେ ତେବେ ହସ୍ତରେ ସୂର୍ଯ୍ୟ ଗ୍ରହଣେଚ୍ଛୁକ ବାଳକର ପ୍ରାଯ୍ ସେମାନଙ୍କର

ଚେଷ୍ଟା ଅବଶ୍ୟ ବିଫଳ ହୁଅନ୍ତା । ଦେଖ ଖଣ୍ଡେ ଶୁଷ୍କ ଗଛ ଭୂମିରେ ପୋତିଲେ ଈଶ୍ୱର ତାହା ଉପରେ ଅତିଶୟ ବିଶେଷ ଶକ୍ତି ପ୍ରକାଶ ନ କଲେ ତାହା ଯେମନ୍ତ ଅଙ୍କୁରିତ ଓ ପୁଷ୍ପିତ ଓ ଫଳିତ ନ ହୁଅଇ ତେମନ୍ତ ଏ ଧର୍ମର ଉପରେ ଏମନ୍ତ ମହା ବାଧା ଘଟିଲା ଯେ ଈଶ୍ୱର ଯେବେ ମହା ଉପକାର ଓ ଅନୁଗ୍ରହ ପ୍ରକାଶ ନ କରନ୍ତେ ତେବେ ତାହା ଚଳିତ ନ ହୋଇ ଅବଶ୍ୟ ଲୁପ୍ତ ହୋଇ ଯାନ୍ତା । ଏମନ୍ତ ଧର୍ମପୁସ୍ତକର ଆଉ ୨ ଅପାର ପ୍ରମାଣ ଅଛି ପୁଣି ଏହାର ମଧ୍ୟରେ କୌଣସି ପ୍ରମାଣ ଯେ ଲୋକମାନେ ସେ ଶାସ୍ତ୍ର ନ ମାନିଲେ ତାହା କଦାଚ ବୁଝିବାକୁ ନ ପାରନ୍ତି । ଯଥା ॥ ଯେଉଁ ଜନ ଈଶ୍ୱରର ପୁତ୍ରର ଉପରେ ବିଶ୍ୱାସ କରନ୍ତି ସେ ଜନ ଆପଣା ଅନ୍ତରେ ସାକ୍ଷୀ ରଖି ଅଛନ୍ତି ଅର୍ଥାତ ସେ ଜନ ଧର୍ମ ପୁସ୍ତକର ସତ୍ୟତା ବିଷୟରେ ସ୍ଥିର ଅନୁଭବ ପାଇ ତାହାର ଆଉ କିଛି ସନ୍ଦେହ ରହିବ ନାହିଁ ।

ଆଉ ଦେଖ ଏସମସ୍ତ ପ୍ରମାଣ କାଟିବାକୁ ଅନେକ ପଣ୍ଡିତ ଓ ଗୁଣବନ୍ତ ଲୋକେ କେତେ ଥର ଚେଷ୍ଟା କରି ଅଛନ୍ତି ପୁଣି ସେମାନଙ୍କର ଉଦ୍ୟୋଗ ସଫଳ ନ ହୋଇ ତାହା ଦ୍ୱାରା ଧର୍ମପୁସ୍ତକର ସତ୍ୟତା ଅଧିକ ପ୍ରସିଦ୍ଧ ପ୍ରକାଶିତ ହୋଇଲା । ଏନିମନ୍ତେ ତାହା ଈଶ୍ୱରଙ୍କ ଦତ୍ତ ଶାସ୍ତ୍ର ନ ହେଲେ କିଅବା କୌଣସି ଦୋଷ ତାହାର ମଧ୍ୟରେ ହୋଇଲେ ସେମାନେ ନିଶ୍ଚୟ ସେ ଦୋଷ ବାହାର କରି ଅନେକ ସମୟ ପୂର୍ବେ ଲୋକମାନଙ୍କୁ ତାହା ଅଗ୍ରାହ୍ୟ କରାନ୍ତେ । ଆହୁରି ଦେଖ ଯେ ହିନ୍ଦୁ ଶାସ୍ତ୍ର ଈଶ୍ୱରଙ୍କର ଦତ୍ତ ନ ଅଟଇ ଯେବେ ହୁଅନ୍ତା ତେବେ ତାହାର ରକ୍ଷକମାନେ ତଦନ୍ତଃପାତି ଧର୍ମ ଯେ ଲୁପ୍ତ ହେବ ଏମତ କଥା କେବେହେଁ ନ ଲେଖନ୍ତେ । ଦେଖ ଯେଉଁ ଧର୍ମ ଈଶ୍ୱରଙ୍କର ସଂସ୍ଥାପିତ ହୁଅନ୍ତି ତାହା ଲୁପ୍ତ ନ ହୋଇ ଚିରକାଳ ପର୍ଯ୍ୟନ୍ତେ ଥିବ । ଯୀଶୁଖ୍ରୀଷ୍ଟ ବିଷୟରେ ଧର୍ମପୁସ୍ତକରେ ଲେଖିଛି ଯେ ଯାବତ ପର୍ଯ୍ୟନ୍ତେ ସୂର୍ଯ୍ୟ ଥିବ

ତାବତ୍ ପର୍ଯ୍ୟନ୍ତେ ତାହାର ନାମ ସୁଖ୍ୟାତ ହେବ । ଅନ୍ୟ ଭାଗରେ ଲେଖିତ ଯେ ସ୍ୱର୍ଗ ଓ ପୃଥିବୀର ସୃଷ୍ଟି ନ କରନ୍ତି ଏମନ୍ତ ଯେଉଂ ଦେବତାମାନେ ସେମାନେ ଏହି ପୃଥିବୀରୁ ଓ ଏହି ସ୍ୱର୍ଗ ତଳରୁ କ୍ଷୟ ପ୍ରାପ୍ତ ହେବେ । ପୁଣି ଏକ ସମୁଦ୍ରଠାରୁ ଅନ୍ୟର ସମୁଦ୍ର ପର୍ଯ୍ୟନ୍ତେ ଓ ନଦୀଠାରୁ ପୃଥିବୀର ସୀମାର ପର୍ଯ୍ୟନ୍ତେ ଖ୍ରୀଷ୍ଟ ରାଜ୍ୟ କରିବେ ଆଉ ତହିଁରେ ସମସ୍ତ ଜାତୀୟମାନେ ଆଶୀର୍ବାଦ ପାଇବେ ଓ ସମସ୍ତ ଦେଶୀୟମାନେ ତାହାଙ୍କୁ ଧନ୍ୟ ଧନ୍ୟ କହିବେ ।

ଯେତେବେଳେ ସମସ୍ତ ଲୋକ ଧର୍ମପୁସ୍ତକର ମତ ମାନନ୍ତି ତେତେବେଳେ ଏ ପାପିଷ୍ଠ ଜଗତ ସ୍ୱର୍ଗର ତୁଲ୍ୟ ହୋଇବ । ତେବେ ଆପଣା ୀ ସମାନ ଅନ୍ୟ ଲୋକଙ୍କୁ ସମସ୍ତେ ପ୍ରେମ କରିବେ । ତେବେ ପରର ହିତରେ ସମସ୍ତେ ଆନନ୍ଦିତ ହୋଇ ପରର ମଙ୍ଗଳ ଚେଷ୍ଟା କରିବେ ତହିଁରେ ତରୁଆର ପିଟାଇ ଲାଙ୍ଗଳ ଫାଳ କରିବେ ପୁଣି ବର୍ଚ୍ଛାକୁ ଦା କରିବେ ଏକ ଦେଶୀୟ ଲୋକ ଅନ୍ୟ ଦେଶୀୟ ଲୋକର ବିପକ୍ଷତରେ ତରୁଆର ଉଠାଇବେ ନାହିଂ ପୁଣି ସେମାନେ ଯୁଦ୍ଧ ଆଉ ଶିଖିବେ ନାହିଂ କୌଣସି ସ୍ଥାନରେ କେହି ହିଂସା କଅବା ନାଶ କେବେହେଂ ନ କରିବେ । ତେବେ ପୃଥିବୀର ସମସ୍ତ ଜାତୀୟ ଲୋକ ଏକ କୁଳ ସ୍ୱରୂପ ହେବେ ଓ ପ୍ରତ୍ୟେକ ଜଣ ଖ୍ରୀଷ୍ଟରେ ଉଦ୍ଧାରିତ ହୋଇ ଆନନ୍ଦ ଜୟ୨ ଧ୍ୱନି କରି୨ ସ୍ୱର୍ଗରେ ଉଠିବେ । ପରମେଶ୍ୱର ଆମ୍ଭମାନଙ୍କ ପିତା ହେବେ ଓ ଆମ୍ଭେମାନେ ତାହାଙ୍କର ପୁତ୍ର କନ୍ୟା ହେବା । ବିଚାର କର ସମସ୍ତେ ଯେ ଏହି ଧର୍ମ ଈଶ୍ୱରଠାରୁ କଳିତ ହେଲା କି ନାହିଂ ।

---

## ପରାମର୍ଶର ପତ୍ର ।

ହେ ପ୍ରିୟ ହିନ୍ଦୁ ସମସ୍ତେ ଏବେ ଧର୍ମପୁସ୍ତକର ଦିବ୍ୟଜ୍ଞାନ ତୁମ୍ଭମାନଙ୍କର କତରେ ପ୍ରକାଶ କରା ଯାଉଅଛି । ଦନ ତୁମ୍ଭମାନଙ୍କର

ଉପରେ ଉଦୟ ହୋଇ ରାତ୍ରି ଦୂର ହେବାକୁ ଲାଗିଲା । ଅନ୍ଧାର ରାତ୍ରି କେମନ୍ତ ଦୁର୍ଗମ ଅନ୍ଧକାରରେ ବାଟ ଖୋଜିବାରେ କେତେ କଷ୍ଟ ହୁଅଇ ପୁଣି ଦିନର ପ୍ରକାଶ କେମନ୍ତ ସୁଖଦାୟକ । ଲୋକ ମାନେ ଯାବତ ଅଜ୍ଞାନ ଥାନ୍ତି ତାବତ ପ୍ରତିମା ପୂଜା କରନ୍ତି ତହିଁ ଉତ୍ତାରେ ଅଜ୍ଞାନ ଦୂର ହୋଇ ଜ୍ଞାନୋଦୟ ହୋଇଲେ ପ୍ରତିମା ପୂଜା ତ୍ୟାଗ କରନ୍ତି । ବାଳକ ପୁତୁଳି ଭଲ ପାନ୍ତି ପୁଣି ସେ ବା ଳକ ବଡ ହୋଇଲେ ପୁତୁଳିକୁ ତୁଚ୍ଛ କରନ୍ତି । ତେବେ ତୁମ୍ଭେ ମାନେ କପାଁଇ ଅନ୍ଧକାରରେ ଚିରକାଳ ରହିବାକୁ ଇଚ୍ଛା କର ବା ଳକ ପରି ଚିରକାଳ ରହିବାକୁ କପାଁଇ ଇଚ୍ଛା କର । ଧର୍ମପୁସ୍ତକରେ ଲେଖା ଯେ ପ୍ରତିମା ପୂଜା କରିବାରେ ଈଶ୍ୱର ନିନ୍ଦିତ ହୁଅନ୍ତି ଅଉ ଈଶ୍ୱରର ଓ ସ୍ୱର୍ଗର ରାଜ୍ୟରେ କୌଣସି ଦେବପୂଜକ ଲୋ କର କିଛି ଅଧିକାର ନାହିଁ । ମାଏ ତୁମ୍ଭମାନଙ୍କର ଏହି ଅଜ୍ଞାନ କାଳରେ ଈଶ୍ୱର ଦେଖି ନ ଦେଖାର ମତେ କଲେ ପୁଣି ଏବେ ସ ମସ୍ତ ସ୍ଥାନରେ ସମସ୍ତ ଲୋକଙ୍କୁ ମନ ଫେରାଇବାକୁ ଆଜ୍ଞା କରନ୍ତି । ଯେହେତୁ ଯହିଁରେ ସମସ୍ତ ଲୋକଙ୍କୁ ଯଥାର୍ଥ ରୂପେ ବିଚାର କ ରିବେ ଏମନ୍ତ ଏକ ଦିନ ସେ ନିରୂପଣ କରିଅଛନ୍ତି ।

ଦେଖ ଯେମନ୍ତ ସବୁ ମନୁଷ୍ୟମାନେ ତେମନ୍ତ ତୁମ୍ଭେମାନେ ପା ପରେ ମଜି ଯାଉଅଛ ପୁଣି ପାପ ଆତ୍ମାର ଜ୍ଞାନ ବିନାଶ କରଇ ଓ ଆତ୍ମାକୁ ଦୁଃଖରେ ଡୁବାଇ ପକାଏ । ପାପର ନିମନ୍ତେ ଈଶ୍ୱରର କୋପ ସମସ୍ତଙ୍କର ଉପରେ ପଡି ଅଛନ୍ତି ଅହୁର ପାପର ଫଳ ଯେବେ ସମସ୍ତର ଭୋଗ ହୁଅନ୍ତା ତେବେ ସବୁ ମନୁଷ୍ୟ ନରକରେ ଯାଆନ୍ତେ । ପୁଣି ବର୍ତ୍ତମାନ କାଳରେ ଯେବେ ପାପ ମୋଚନ ନ ପାଅ ତେବେ ଆତ୍ମା ଦେହ ସମ୍ବନ୍ଧ ହୋଇ ବିଚାର ଦିନରେ ନର କରେ ପଡିବ । ଏଣୁ ବିବେଚନା କର ସେ ମହା ଭୟଙ୍କର ବିଚାର ଦିନରେ ସ୍ଥିର ହେବାକୁ ପାରିବ କେ । ନିର୍ଦ୍ଦୋଷୀ ହେବାକୁ ପାରିବ

କେ । ପୁଣି ଯେତେବେଳେ ପରମେଶ୍ୱର ଦଣ୍ଡ ଆଜ୍ଞା କରନ୍ତି ତେ ତେବେଳେ ଉଦ୍ଧାର କରିବାକୁ ପାରିବ କେ ।

ଶୁଣ ଆପଣାମାନଙ୍କର କତରେ ମଙ୍ଗଳ ସମାଚାର ଜଣା ଯାଉ ଅଛି । ଯେ ସତ୍ୟ ଜଗତର ନାଥ ଅର୍ଥାତ୍ ପ୍ରଭୁ ଯୀଶୁଖ୍ରୀଷ୍ଟ ସେ ମ ନୁଷ୍ୟର ତ୍ରାଣର ପଥ କରିବାର ପାଇଁ ଅବତୀର୍ଣ୍ଣ ହୋଇ ମନୁଷ୍ୟର ଶରୀର ଧାରଣ କଲେ ଯେମନ୍ତ ମନୁଷ୍ୟର ପ୍ରତିନିଧି ହୋଇ ତେମନ୍ତ ସେମାନଙ୍କର ପାପ ସେହି ଶରୀରରେ ଭୋଗ କଲେ । ପୃଥିବୀର ସ ମସ୍ତ ପାପ ଖ୍ରୀଷ୍ଟର ଉପରେ ଈଶ୍ୱର ଥୋଇଲେ ଯେମନ୍ତ ଖ୍ରୀଷ୍ଟ ଆପେ ଏ ସମସ୍ତ ପାପର ପାପୀ ହୁଅନ୍ତି । ସେ ଏସମସ୍ତର ପାପର ଭରର ତଳେ ମଲେ ପ୍ରମାଣ ପୁଣି ମୃତ୍ୟୁ ଜୟ କରି ସଜୀବ ହୋଇ ଉଠି ତାହାର ସେହି ଅବତୀର୍ଣ୍ଣ ଶରୀର ଶୁଦ୍ଧ ସ୍ୱର୍ଗରେ ଅଛନ୍ତି । ସେ ଠାରେ ମନୁଷ୍ୟର ପାଇଁ ମଙ୍ଗଳ ପ୍ରାର୍ଥନା କରି ଅଛନ୍ତି । ସେ ଆମ୍ଭ ମାନଙ୍କର ଦେନା ନେଲେ ଓ ଲଗାଇ ପରି ଆପଣାର ରକ୍ତ ବ୍ୟୟ କରି ଶୋଧ ଦେଲେ । ଯେମନ୍ତ କୌଣସି ଦୟାବାନ ଲୋକ ଦୋ ଷିର ଦୋଷ ଭୋଗ କରି ସେହି ଦୋଷିକୁ ଖଲାସ ଦିଅନ୍ତି ତେମନ୍ତ ଉପକାରୀ ଖ୍ରୀଷ୍ଟ ଅଟନ୍ତି । ହେ ପ୍ରିୟ ବାନ୍ଧବମାନେ ଶ୍ରଦ୍ଧାଚିତ୍ତ ଦେଇ ଖ୍ରୀଷ୍ଟର ଶରଣାଗତ ହୋଇ ଆପଣାମାନଙ୍କର ମିଥ୍ୟାଚରଣ ତ୍ୟାଗ କରି ତାଙ୍କର ପବିତ୍ର ମାର୍ଗରେ ଗମନ କର । ତେଣୁ ମହା ବିଚାର ଦିନରେ ତୁମ୍ଭମାନଙ୍କର ଉପରେ କୌଣସି ଦୋଷ ନ ବର୍ତ୍ତିବ ପୁଣି ଜୟ ଜୟକାର କରି ସତ୍ୟ ସ୍ୱର୍ଗରେ ଯାଇ ପାରମାର୍ଥିକ ସୁଖ ଓ ଜ୍ଞାନ ଓ ପ୍ରେମରେ ଅନନ୍ତ ପର୍ଯ୍ୟନ୍ତେ ରହିବ ।

ଯେବେ ପଚାର ମିଥ୍ୟାଚରଣ ତ୍ୟାଗ କରି ଖ୍ରୀଷ୍ଟର ମତାବଲମ୍ବୀ କେମନ୍ତେ କରିବାକୁ ହୁଅଇ ତେବେ ଉତ୍ତର ଏହି ଯେ ଆପଣାର ପୂର୍ବ କୃତ ପାପରେ ଖେଦାନ୍ୱିତ ହୋଇ ଯୀଶୁର ନାମ ହୃଦ କରି ଈ ଶ୍ୱରଙ୍କୁ କ୍ଷମା ପ୍ରାର୍ଥନା କର । ତହିଁରେ ପରମେଶ୍ୱର ତୁମ୍ଭର ପାପ

ମୋଚନ କରିବେ । ପୁଣି ଆପଣାର ଅନୁଗ୍ରହ ଓ ଶକ୍ତି ପ୍ରଦାନ କଲେ ପାପାଚରଣ ତ୍ୟାଗ କରିବାକୁ ତୁମ୍ଭର ସୁସାଧ୍ୟ ହେବ ।

ଏଥିଉତ୍ତାରେ ପାଦ୍ରୀମାନଙ୍କର ଦ୍ୱାରା ପିତା ଓ ପୁତ୍ର ଓ ଧର୍ମାତ୍ମାର ନାମରେ ତୁମ୍ଭେ ଜଳରେ ଡୁବିତ ହେବ । ଏହି ଡୁବନ ଖ୍ରୀଷ୍ଟିୟାନ ହେବାର ଲକ୍ଷଣ । ତାହାର ଅର୍ଥାତ୍ ଏହି ଯେ ପିତାର ନାମରେ ଡୁବିତ ହୋଇ ପରମେଶ୍ୱରଙ୍କୁ ଅମ୍ଭମାନଙ୍କର ପିତା ଓ ଈଶ୍ୱର ଅଙ୍ଗୀକାର କରିବ ପୁଣି ତାହାଙ୍କର ଆଜ୍ଞାନୁସାରେ ଆଚରଣ କରିବାକୁ ଅଙ୍ଗୀକାର କରିବ । ପୁତ୍ର ନାମରେ ଡୁବିତ ହୋଇ ଯୀଶୁଖ୍ରୀଷ୍ଟଙ୍କୁ ଅମ୍ଭମାନଙ୍କର ତ୍ରାଣକର୍ତ୍ତା ବୋଧ କରି ତାହାଙ୍କୁ ଧର୍ମରାଜା ଓ ଯାଜକ ଓ ଗୁରୁ ସ୍ୱରୂପେ ମାନିବାକୁ ଅଙ୍ଗୀକାର କରିବ । ପୁଣି ଧର୍ମାତ୍ମାର ନାମରେ ଡୁବିତ ହୋଇ ତାହାଙ୍କୁ ପବିତ୍ର କର୍ତ୍ତା ଓ ସାନ୍ତ୍ୱନା ଦାତା ଜାଣି ତାହାଙ୍କଠାରୁ ଜ୍ଞାନ ପବିତ୍ର ମନ ପ୍ରାର୍ଥନା କରିବାକୁ ଅଙ୍ଗୀକାର କରିବ । ଏହା ସମସ୍ତ ମାନିଲେ ଖ୍ରୀଷ୍ଟିୟାନ ମଣ୍ଡଳୀରେ ପ୍ରବେଶ ହୋଇ ଖ୍ରୀଷ୍ଟଙ୍କର ଅଭୀପ୍ସା ଦ୍ୱାରା ତୁମ୍ଭକୁ ଶିକ୍ଷିତ ହେବ ।

---

## ଧର୍ମ ବ୍ୟବସ୍ଥାର ସାର ।

ଯୀଶୁ କହିଲେ । ସମସ୍ତ ଅନ୍ତଃକରଣ ସମସ୍ତ ବୁଦ୍ଧି ସମସ୍ତ ପ୍ରାଣ ସମସ୍ତ ଶକ୍ତି ଦେଇ ପିତା ପରମେଶ୍ୱରଙ୍କୁ ପ୍ରେମ କର ଆଉ ଆତ୍ମତୁଲ୍ୟ ପ୍ରତିବାସିକୁ ପ୍ରେମ କର ଏହି ଦୁଇ ଆଜ୍ଞାରେ ସମସ୍ତ ବ୍ୟବସ୍ଥା ଓ ଶାସ୍ତ୍ରର ଭାର ଅଛି ।

---

## ଦଶ ଆଜ୍ଞା ସଂକ୍ଷେପ ।

୧ ପରମେଶ୍ୱର ଆଜ୍ଞା କଲେ । ଆମ୍ଭକୁ ଛାଡି ଆଉ କାହାକୁ ଈଶ୍ୱର ବୋଲି ନ ମାନ ।
୨ କାହାର କୌଣସି ପ୍ରତିମା ପୂଜା ନ କର ।
୩ ଈଶ୍ୱରଙ୍କର ନାମ ବ୍ୟର୍ଥ କରି ନ ଘେନ ।
୪ ବିଶ୍ରାମ ଦିନ ଯେ ରବିବାରକୁ ପୁଣ୍ୟରୂପେ ପ୍ରତିପାଳଣ କର ।
୫ ପିତା ମାତାଙ୍କୁ ସମାଦର କର ।
୬ ମନୁଷ୍ୟର ପ୍ରାଣ ବଧ ନ କର ।
୭ ପରଦାର ନ କର ।
୮ ଚୋରି ନ କର ।
୯ ପଡ଼ୁଶୀର ବିଷୟରେ ମିଥ୍ୟା ସାକ୍ଷ୍ୟ ନ ଦିଅ ।
୧୦ ପଡ଼ୁଶୀର କୌଣସି ବସ୍ତୁକୁ ଲୋଭ ନ କର ।

## ଜଗତର ପ୍ରତି ଈଶ୍ୱରଙ୍କର ପ୍ରେମ ।

ଈଶ୍ୱର ଜଗତକୁ ଏମନ୍ତ ପ୍ରେମ କଲେ ଯେ ସେ ଆପଣା ଅଦ୍ୱିତୀୟ ଜାତ ପୁତ୍ର ଦେଲେ ତେଣୁ ଯେଉଁ ଜଣ ତାହାଙ୍କଠାରେ ବିଶ୍ୱାସ କରଇ ତାହାର ସର୍ବନାଶ ନ ହେବ ପୁଣି ତାହାର ଅନନ୍ତ ପରମାୟୁର ଭୋଗ ହେବ । ଯୋହନ ଲେଖିତ ମଙ୍ଗଳ ସମାଚାର ୩ ପର୍ବ ୧୬ ପଦରେ ଲେଖା ଅଛି ।

## ଈଶ୍ୱରଙ୍କର ଆରାଧନା ବିଷୟ ।

ଈଶ୍ୱର ଆତ୍ମସ୍ୱରୂପ ଆଉ ତାହାଙ୍କର ଭଜନା ଯେଉଁମାନେ କରନ୍ତି ସେମାନଙ୍କୁ ଆତ୍ମ ଦେଇ ସତ୍ୟରୂପେ ତାହାଙ୍କର ଭଜନା କରିବାକୁ ହୁଅଇ ।

ଏଣୁ ପ୍ରାର୍ଥନା କାଳରେ ଗୁପ୍ତସ୍ଥାନରେ ଯାଇ ଦ୍ୱାରବନ୍ଦ କରି ତୁମ୍ଭର ଗୁପ୍ତସ୍ଥାନସ୍ଥ ପିତାଠାରେ ପ୍ରାର୍ଥନା କର ତହିଁରେ ତୁମ୍ଭର

ପିତା ଯେ ଗୁପ୍ତରେ ଦେଖନ୍ତି ସେ ତୁମ୍ଭଙ୍କୁ ପ୍ରକାଶରୂପେ ଫଳ ଦେବେ । ମଙ୍ଗଳ ସମାଚାରେ ଲେଖା ।

## ମନ ଫେରଣ ବିଷୟ ।

ଯୀଶୁ ଉତ୍ତର ଦେଲେ ॥ ସତ୍ୟ ଆମ୍ଭେ କହୁ ମନୁଷ୍ୟର ନୂଆ ଜନମ ନୋହିଲେ ସେ ଈଶ୍ୱରଙ୍କର ରାଜ୍ୟରେ ପ୍ରବେଶ ହେବାକୁ ନ ପାରିବ । ଏଣୁ ତୁମ୍ଭର ମନର ବାଞ୍ଛାରେ ନୂତନକୃତ ହୁଅ ।

କେହୁ ଯେବେ ଖ୍ରୀଷ୍ଟରେ ଶରଣାଗତ ହେବେ ସେ ଜନ ନୂଆ ସୃଷ୍ଟି ଅଟନ୍ତି ପୁରୁଣା ଆଚରଣ ବହି ଯାଇଅଛନ୍ତି ସମସ୍ତ ବିଷୟରେ ନୂଆ ହୋଇଅଛନ୍ତି ।

ଏନିମନ୍ତେ ମନ ଫେରାଇ ମଙ୍ଗଳ ସମାଚାର ବିଶ୍ୱାସ କର ।

## ମହା ବିଚାର ଦିନ ।

ଈଶ୍ୱର ସର୍ବଠେ ସମସ୍ତଙ୍କୁ ମନ ଫେରାଇବାକୁ ଆଜ୍ଞା ଦେଇ ଅଛନ୍ତି ଯେହେତୁ ଯେଉଁ ଦିନରେ ଆପଣାର ନିଯୁକ୍ତ ପୁରୁଷ ଦ୍ୱାରା ଜଗତସ୍ଥ ଲୋକମାନଙ୍କୁ ନ୍ୟାୟରୂପେ ବିଚାର କରିବେ ଏମନ୍ତ ଏକ ଦିନ ସେ ନିରୂପଣ କରିଅଛନ୍ତି ॥ ତହିଁ ସାଧୁଲୋକେ ଅନନ୍ତ ପରମାୟୁ ଓ ଦୁଷ୍ଟ ଲୋକେ ଅନନ୍ତ ନରକ ଭୋଗିବେ ।

## ଶେଷ ବଚନ ।

ହେ ପ୍ରିୟ ଭ୍ରାତୃଗଣ କେହୁ ଯେବେ ସତ୍ୟ ଜ୍ଞାନ ଲୋଡନ୍ତି ତେବେ ବାହୁଲ୍ୟରୂପରେ ସମସ୍ତଙ୍କର ଦାତା ଯେ ପରମେଶ୍ୱର ତାହାଙ୍କ ସ୍ଥାନରେ ସେ ପ୍ରାର୍ଥନା କରି ତହିଁରେ ତାହା ତୁମ୍ଭଙ୍କୁ ଦିଆ ଯିବ ।

ଇତି

---

No. 7.

THE

# TRUE AND FALSE JAGARNATH.

## ସଦସତ୍ ଜଗନ୍ନାଥର ବୃତ୍ତାନ୍ତ ।

ହେ ପ୍ରିୟ ହିନ୍ଦୁ ସମସ୍ତେ ଯାହାଙ୍କୁ ତୁମ୍ଭେମାନେ ଜଗନ୍ନାଥ ବୋଲ ଏମନ୍ତ ତୁମ୍ଭମାନଙ୍କର ଖଣ୍ଡେ ଅତି ପ୍ରିୟତମ ପିତୁଳୀ ଅଟନ୍ତି । ତାହାଙ୍କୁ ଲକ୍ଷ ଲୋକେ ଶ୍ରଦ୍ଧାଚିତ୍ତ ଦେଇ ଭକ୍ତି କରି ପୂଜା କରୁ ଅଛନ୍ତି । ଏକ ସତ୍ୟ ଜଗନ୍ନାଥ ଅଛନ୍ତି ପ୍ରମାଣ ସେହି ଜଗତର ନାଥ ଅର୍ଥାତ୍ ଜଗତର ସୃଷ୍ଟି ଶାସନ କର୍ତ୍ତା । ପୁଣି ତୁମ୍ଭେ ସମସ୍ତେ ସେ ଅଗ୍ନି ସ୍ୱରୂପ ଜଗତର ନାଥରେ ସତ୍ୟ ଜ୍ଞାନ ହରାଇ ଅଛ ଏ ନିମନ୍ତେ ପିତୁଳୀର ପୂଜା କର । ଲୋକମାନେ ଯାବତ୍ ଅଜ୍ଞାନ ଥାନ୍ତି ତାବତ୍ ପ୍ରତିମା ପୂଜା କରନ୍ତି ତହିଂଉତ୍ତାରେ ଅଜ୍ଞାନ ତମିର ଦୂର ହୋଇ ଜ୍ଞାନୋଦୟ ହେଲେ ପ୍ରତିମା ପୂଜା ଆଉ ନ କରନ୍ତି । ସେହି ପ୍ରକାରେ ତୁମ୍ଭମାନଙ୍କର ମଧ୍ୟରେ ଯୋ ଜ୍ଞାନ ପୁରୁଷ ସେମାନେ ଅନ୍ତଃକରଣରେ ପିତୁଳୀ କିଛି ଆଦର ନ କରନ୍ତି । ଯଥା । ଶ୍ଲୋକ । କାଷ୍ଠ ଲୋଷ୍ଟ୍ରେଷୁ ମୂର୍ଖାଣାଂ ଯୁକ୍ତସ୍ୟାତ୍ମନଦେବତା । ଅର୍ଥାତ୍ କାଠ ମାଟିରେ ଦେବ ବୁଦ୍ଧି ମୂର୍ଖମାନେ କରନ୍ତି ପୁଣି ଜ୍ଞାନିମାନେ ପରମାତ୍ମାରେ ଦେବ ଜାଣନ୍ତି । ପୃଥିବୀର ଉପରେ ଯେତେ

ଲୋକ ପିଉଲୀର ପୂଜା କରୁ ଅଛନ୍ତି ସେମାନେ ଯେ ସମୟ୍ର ଅ ନ୍ଧାରରେ ମଗ୍ନ ହେଲେ ସେ ସମୟ୍ ପର୍ଯ୍ୟନ୍ତେ ପିଉଲୀର ସେବା କ ରନ୍ତି ପୁଣି ଜ୍ଞାନ ପାଇଲାଉତ୍ତରେ ପିଉଲୀର ପୂଜା ତ୍ୟାଗ କରନ୍ତି । ବାଳକଗଣ ପିଉଲୀକୁ ଭଲ ଜାଣନ୍ତି ସେହି ବାଳକମାନେ ବଡ ହେଲେ ପିଉଲୀକୁ ତୁଚ୍ଛ ଜ୍ଞାନ କରନ୍ତି । ତେବେ ହେ ଅବଧାନ ମାନେ ଅନ୍ଧକାରରେ ସଦାବେଳେ ରହିବାକୁ କପାଁଇ ଇଚ୍ଛା କର । ବାଳକଗଣର ପରି ସଦାବେଳେ ହେବାକୁ କପାଁ ଗ୍ରହି ।

ଏହି ସମୟ୍ରେ ଧର୍ମପୁସ୍ତକରେ ପରମେଶ୍ୱରଙ୍କର ବିଷୟ୍କ ସତ୍ୟ ଜ୍ଞାନ ତୁମ୍ଭମାନଙ୍କର ନିକଟରେ ପ୍ରକାଶ ହେଉଅଛି ଦିନର ଆଲୁଅ ଉଦୟ୍ ହେଲେ ରାତ୍ରି ଦୂର ହେବାକୁ ଲାଗୁ ଅଛି । ଅନ୍ଧାର ରାତ୍ରି କେମନ୍ତ ଦୁର୍ଗମ । ଅନ୍ଧାରରେ ବାଟ ଖୋଜିବାରେ କେତେ କଷ୍ଟ ହୁ ଅଇ । ପୁଣି ଦିନର ପ୍ରକାଶ ହେଲେ କେମନ୍ତ ସୁଖଦାୟ୍କ ।

ଧର୍ମପୁସ୍ତକରେ ଲେଖା ଅଛି ଯେ ପରମେଶ୍ୱର ଆତ୍ମସ୍ୱରୂପ । ସ ର୍ବଜ୍ଞ । ସର୍ବବ୍ୟାପୀ । ସର୍ବଶକ୍ତିମାନ । ସକଳାନ୍ତର୍ଯାମୀ । ପ୍ରେମ ମୟ୍ । ସଦାନନ୍ଦ । ନିଷ୍ପାପୀ । ଅନନ୍ତ । ଏକାଧିପତି । ଅତିଶୟ୍ । ତୋଜୋମୟ୍ ବାସୀ । ଇତ୍ୟାଦି ନାନାବିଧ ଗୁଣରେ ପରିପୂର୍ଣ୍ଣ । ଆ ହୁରି ଲେଖା ଅଛି ଯେ ପିଉଲୀର ପୂଜା କରିବାରେ ପରମେଶ୍ୱର ନି ନ୍ଦିତ ହୁଅନ୍ତି । ଯଥା । ଜଗତ ପୁଣି ଜଗତସ୍ଥ ସମୁଦାୟ୍ ବସ୍ତୁର ସୃଷ୍ଟି କର୍ତ୍ତା ଯେ ପରମେଶ୍ୱର ସେ ସ୍ୱର୍ଗ ପୃଥିବୀର ଏକାଧିପତି ହୋଇ ହସ୍ତ କୃତ ମନ୍ଦିରରେ ବାସ ନ କରନ୍ତି । ଅଉ ସେ ସମସ୍ତଙ୍କୁ ଜୀବନ ଓ ପ୍ରାଣବାୟୁ ଓ ସବୁ ସାମଗ୍ରୀ ଦିଅନ୍ତି ଏନିମନ୍ତେ ସେ କୌଣସି ପଦା ର୍ଥର ଅଭାବ ସକାଶେ ମନୁଷ୍ୟମାନଙ୍କର ହାତରେ ସେବିତ ହୁଅନ୍ତି ଏମନ୍ତ ନୋହେ । ଆଉ ସେ ଭୂମଣ୍ଡଳରେ ବାସ କରିବାର ପାଁଇ ଏକ ରକ୍ତରୁ ସବୁ ଜାତୀୟ୍ ମନୁଷ୍ୟଙ୍କୁ ସୃଷ୍ଟି କରି ପୂର୍ବକାଳରେ ସେ ମାନଙ୍କର ନିରୂପିତ ସମୟ୍ର ଓ ବସତିର ସୀମାର ନିଶ୍ଚୟ୍ କରି ଅ

ଛନ୍ତି । ତହିଂରେ ଲୋକମାନେ ଯେମନ୍ତ ଲୋଡ ପରମେଶ୍ୱରର ତ
ତ୍ତ୍ୱଜ୍ଞାନ ବୁଦ୍ଧି ତାହାଙ୍କୁ ପ୍ରାପ୍ତ ହୁଅନ୍ତି ଏଣୁ ସେ ଆମ୍ଭମାନଙ୍କର କାହାର
ଠାରୁ ଦୂର ଅଛନ୍ତି ତାହା ନୋହେ ଯେହେତୁ ତାହାଙ୍କଠାରୁ ନି
ଶ୍ୱାସ ପ୍ରଶ୍ୱାସ ତ୍ୟାଗ ଓ ଗମନାଗମନ ଓ ପ୍ରାଣ ଧାରଣ କରି
ଅଛୁଁ । ପୁଣି ତୁମ୍ଭମାନଙ୍କର ଜଣେ କବି ଏକ ପଦ୍ୟରେ କହି ଅଛନ୍ତି ।
ଯଥା । ଆମ୍ଭେମାନେ ତାହାଙ୍କର ବଂଶ । ଏନିମନ୍ତେ ଆମ୍ଭେମାନେ
ଯେବେ ଈଶ୍ୱରର ବଂଶ ହୋଇ ତେବେ ମନୁଷ୍ୟମାନଙ୍କର ବିଦ୍ୟାରେ
ଓ କୌଶଳରେ ଖୋଦିତ ଯେ ସ୍ୱର୍ଣ୍ଣ କି ରୂପ୍ୟ କି ପ୍ରସ୍ତର ଏମାନଙ୍କୁ
ଈଶ୍ୱର ଜ୍ଞାନ କରିବାର ଆମ୍ଭମାନଙ୍କର କର୍ତ୍ତବ୍ୟ ନୋହେ । ଆଉ ସେ
କାଳର ଲୋକମାନଙ୍କର ପ୍ରତି ଈଶ୍ୱର ଯଦ୍ୟପି ମନ ନିବେଶ ନ
କଲେ ତଥାପି ଏବେ ସେ ସର୍ବତ୍ର ସମସ୍ତଙ୍କୁ ମନ ଫେରାଇବାକୁ ଆଜ୍ଞା
ଦିଅନ୍ତି । ପ୍ରେରିତମାନଙ୍କର କ୍ରିୟାର ପୁସ୍ତକର ୧୭ ପର୍ବରେ ୨୪ ପ
ଦଠାରେ ପାଉଲର ଏହି ଉକ୍ତି ଲେଖା ଅଛି ।

ହେ ଅବଧାନମାନେ ଆମ୍ଭେମାନେ ସମସ୍ତ ଦେଖିବାକୁ ପାଉ ଯେ
ପିତୁଳୀକୁ ତୁମ୍ଭେମାନେ ଜଗନ୍ନାଥ ବୋଲି ଭଜୁଅଛ ସେହି ଏହି
ପ୍ରକାର ଏକ ମନୁଷ୍ୟର କୌଶଳରେ ହସ୍ତକୃତ କାଷ୍ଠର ମୂର୍ତ୍ତି ଅଛି ।
କାରିଗର ଲୋକ ନିମ୍ବ ଗଛ କାଟି ମୂର୍ତ୍ତି ବନାଇ ହିଙ୍ଗୁଳ ହରିତାଳ
ସବୁଜ ରଙ୍ଗ ଓ ଧଳା ଖଡିରେ ଚିତ୍ର ଛବିରୂପ ହାତରେ ପ୍ରସ୍ତୁତ କରି
ସ୍ଥାନେ୨ ସୁଗନ୍ଧି ଦ୍ରବ୍ୟ ଚନ୍ଦନ ଲେପି ନାନା ଜାତୀୟ ଫୁଲ ପତ୍ର
କଦଳୀ ପଟୁଆରେ ଗୁନ୍ଥି ମଣ୍ଡି ଅଛି । ଏହି ରୂପେ ଜଗନ୍ନାଥ ରୂପକୁ
ବ୍ରାହ୍ମଣମାନଙ୍କର ହାତରେ ବେଦ ଉକ୍ତି ପ୍ରମାଣେ ପ୍ରତିଷ୍ଠା କରନ୍ତି ।
ପୁଣି ସ୍ୱର୍ଗ ପୃଥିବୀ ପାତାଳରେ ଯାହାର ସାଦୃଶ୍ୟ ରୂପ ନାହିଂ ଏ
ମନ୍ତ ଏହି ଅତ୍ୟନ୍ତ କୁତ୍ସିତରୂପ ପିତୁଳାକୁ ଜଗନ୍ନାଥ ନାମ କରି କ
ହିଲେ କେବଳ ସତ୍ୟ ଜଗତର ନାଥର ନିନ୍ଦା କରିବା ହୁଅନ୍ତି ।

ଆଉ ମାଦଳା ପାଞ୍ଜିରେ କ୍ଷେତ୍ର ମହାତ୍ମ୍ୟ ଇତ୍ୟାଦି ପୋଥିରେ ଏ

ମନ୍ତ ଲେଖା ଯେ ପ୍ରାୟ ଛଅଶ ବର୍ଷ ଗଲା ଅନଙ୍ଗ ଭିମ ଦେବ ରା
ଜାର ଅଙ୍କରେ ତାହାଙ୍କ ମନ୍ତ୍ରୀ ପର୍ମହଂସ ବାଜ୍ପେଇ ଚାଳିଶ ଲାଖ
ଟଙ୍କା ଖରଚ କରି ବଡ ଦେଉଳ ତୋଳିଲା । ସେହି ଦିନଠାରୁ ଥ
ରକୁଥର ନିମ୍ବ ଗଛ କାଠ ହୋଇ ମୂର୍ତ୍ତି ବନା ଯାଇ ପୂଜା ହେଉ
ଅଛନ୍ତି । ମୂର୍ତ୍ତିର ଭିତରେ ଯେଉଁ ଶୀଳାକୁ ଶୀଳାବିଷ୍ଣୁ ବୋଲି କ
ହନ୍ତି ତାହାକୁ ଅତି ଗୁପ୍ତରେ ପୁରୁଣା କାଠରୁ କାଢ଼ି ନୂଆ କଲେ
ବରରେ ରଖନ୍ତି । ଆଉ ପଣ୍ଡାମାନେ ଯୁଦ୍ଧ ଭୟରେ ଥରକୁଥର
ସେହି ମୂର୍ତ୍ତି ନେଇ ଦୂରରେ ପଳାଇ ତାହାକୁ ପୋତି ପକାଇ ଅ
ଛନ୍ତି । ଆହୁରି ମାଦଳା ପାଞ୍ଜିରେ ଲେଖା ଯେ ୧୮୦ ବର୍ଷ ଗଲା ମ
କୁନ୍ଦ ଦେବ ରାଜାର ସମୟରେ କଲା ପାହାଡ ଓଡିଶା ଦେଶକୁ ଜ
ୟକରି ଜଗନ୍ନାଥର ମୂର୍ତ୍ତିଘେନ ଗଙ୍ଗା ନଦୀ ପାଖରେ ତାହାକୁ ପୋଡି
ପକାଇଲା । ଏହି ବର୍ତ୍ତମାନ କାଳରେ ଇଂରାଜ ଲୋକମାନଙ୍କର
ରାଜ ପରାକ୍ରମ ଅନେକ ଦେଶରେ ହୁଅନ୍ତେ ବହୁତ ଭୟ ନବାଇଣ
ହୁଅଇ ଏଥିପାଇଁ ପଣ୍ଡାମାନେ ଅନେକ ଦେଶକୁ ଯାଇ ଲୋକମା
ନଙ୍କୁ ଡାକନ୍ତି । ବୋଲନ୍ତି ଆଷାଢ ମାସରେ ଶ୍ରୀଗୁଣ୍ଡିଚ୍ଚା ବାହୁଡା ଯା
ତ୍ରାକୁ ଆସ ୨ ତୁମ୍ଭେ ପୁଣି ତୁମ୍ଭ ସାତ ପୁରୁଷ ଉଦ୍ଧାର ହୋଇବ ।
ଏହି ପ୍ରକାର ନାନାଦି କଳ୍ପିତ କଥା ଶୁଣାଯେ କହି ଲୋକମାନଙ୍କୁ
ଫୁସଲାଇ ନିଅନ୍ତି । ଆଉ ଅମ୍ଭେମାନେ ଦେଖିବାକୁ ପାଇ ଏହି ଯେ
ପିତ୍ତୁଳୀ ତୁମ୍ଭେ ସମସ୍ତ ଭୁଲ କରି ଜଗନ୍ନାଥ ବୋଲି ବୋଲୁ ଅଛ
ସେ ପିତ୍ତୁଳୀର ରଥ ଉପରେ କି ୨ ଦୁଷ୍ଟ ଲମ୍ପଟ ଅଙ୍ଗ ଭଙ୍ଗାଦି କ୍ରିୟା
ହେଉଅଛି ପୁଣି କି ୨ ଅଶୌଚ ଅଶ୍ରାବ୍ୟ ଗୀତ ଗାନ ହେଉଅଛି ।
ଆଉ ପୁରୁଷୋତ୍ତମ ଛାଡ ଅନ୍ୟ ନାନା ସ୍ଥାନରେ ଜଗନ୍ନାଥର ଦେଉଳ
ଉପରେ ଓ ରଥ ଉପରେ କେମନ୍ତ ଦୁଷ୍ଟ କ୍ରିୟାବନ୍ତ ମୂର୍ତ୍ତି ନିର୍ମାଣ
କରି ଅଛି । ଏମନ୍ତ ଭବରି ଛବି ଯେ ସେହି ଭିତର କଥା ଭଲ ମନୁ
ଷ୍ୟର ମଧ୍ୟରେ କୁହା ଯାଏ ନାହିଁ । ଏହି ପ୍ରକାର କ୍ରିୟା ଦେଖିଲେ

ପୁଣି ଏହି ପ୍ରକାର ଗୀତ ଶୁଣିଲେ କି ତୁମ୍ଭମାନଙ୍କର ସ୍ତ୍ରୀ ବାଳକ ଚରିତ୍ରର ମନ ଅଉ ମନ ନ ହୁଅଇ । ପୁଣି ସେମାନଙ୍କର କ୍ରିୟା କି ଅଉ କଦାଚିତ ନ ହୁଅଇ । ତୁମ୍ଭେମାନେ କି ବୁଝୁଅଛ ଯେ ଜଗତର ନାଥ ଏରୂପ କର୍ମକୁ ଭଲ ଜାଣନ୍ତି । ଯେବେ ଘୋର ଅ ନ୍ଧକାରରେ ମଗ୍ନ ନ ହୁଅନ୍ତି ତେବେ ଏମନ୍ତ ମନ୍ଦ କର୍ମ ଓ ଈଶ୍ୱର ଙ୍କର ଭଜନା କେବେହେଁ ଏକଠା ନ କରନ୍ତି ।

ପ୍ରତ୍ୟେକ ଗଛ ଆପଣା ଫଳରେ ଜଣା ଯାଏ । ଏହି ନିମନ୍ତେ ଜଗନ୍ନାଥ ସେବାର ଫଳ କି ପ୍ରକାର ତାହା ଭଲରୂପେ ବିବେ ଚନା କରି ଦେଖ । ବରସକୁ ବରସ ରଥ ଯାତ୍ରା ସକାଶର୍ କେତେ ହତ୍ୟା ଓ ଅତ୍ମହତ୍ୟା ହୁଅଇ । କେତେ ପରଦାର ଓ ବେଶ୍ୟା ଗ ମନ ହୁଅଇ । କେତେ ଜୁଆଖେଳା ଚୌର୍ଯ୍ୟ ଠଗାଦି କ୍ରିୟା ହୁଅଇ। ଅଉ ତାହା ସକାଶର୍ଂ କେତେ ସ୍ତ୍ରୀ ଲୋକ ଭ୍ରଷ୍ଟ ହୁଅନ୍ତି । କେତେ ମନୁଷ୍ୟର ମନ ବିକାର ହୁଅନ୍ତି । କେତେ ଶହ ଲୋକ ନାନାଦି ପ୍ର କାର ଭୋକରେ ଦୁଃଖରେ କଷ୍ଟରେ ମରି ଯାନ୍ତି । କେତେ ପିଲା ଲୋକ ପିତା ମାତା ହୀନ ହୁଅନ୍ତି । ପୁଣି ନାନାଦି ପାପ କରିବା ସ କାଶର୍ଂ ଇହଲୋକ ଓ ପରଲୋକରେ କେତେ ଦଣ୍ଡର ଭୋଗ ହୁ ଅଇ । ଜଗନ୍ନାଥର ସେବାର୍ ଏହି ସବୁ ଫଳ ପ୍ରତ୍ୟକ୍ଷ ହୁଅଇ । ଏହା ଛଡ଼ି ଜଗନ୍ନାଥର ନିଜ ଦେଶୀ ଲୋକ ଅର୍ଥାତ୍ ପୁରୁଷୋତ୍ତମ ନଗର ନିବାସିମାନଙ୍କର ଆଚରଣକୁ ବିଚାର କର । ସେମାନେ କି ଅଉ ହିନ୍ଦୁ ଲୋକର୍ ଧାର୍ମିକ କି ଅଧାର୍ମିକ ସେମାନେ କି ଆଉ ଲୋ କର୍ ଦୟାଳୁ କି ନିଷ୍ଠୁର । ସେମାନଙ୍କର ମୁଖର ଭାଷା କି ଅଉ ଲୋକର ଭାଷାର୍ ଉତ୍ତମ କି ଅଧମ ଅଉ ସେମାନଙ୍କର ସବୁ ଆଚ ରଣ ଅଉ ଲୋକଙ୍କଠାର୍ ଭଲ କି ମନ୍ଦ ଏହା ବିବେଚନା କର । ତୁମ୍ଭର୍ ନିଜ କବିର ଏହି କଥା ସତ୍ୟ କି ମିଥ୍ୟା ତାହା ତୁମ୍ଭେ ମାନେ ଜାଣ । ଯଥା । ଶ୍ଳୋକ ।

ବାଲୋପି ଖଣ୍ଡୋ ବୃଦ୍ଧୋପିଖଣ୍ଡୋ ଯତ୍ର ସତ୍ର ସର୍ବଜନୋପି ଖଣ୍ଡଃ ॥
ଖଣ୍ଡସ୍ୟ ପୁତ୍ର ଖଣ୍ଡସ୍ୟ ନଗରୀ ଖଣ୍ଡଂବିନା ନ ପ୍ରସବନ୍ତି ନାରୀ । ୧ ॥

ଯେଉଂ ଲୋକମାନେ ଜଗନ୍ନାଥର ମିଥ୍ୟା ଦର୍ଶନ ଭଜନା କରନ୍ତି ସେହି ସବୁ ଲୋକ ଯେବେ ଆଉ ହିନ୍ଦୁମାନଙ୍କଠାରୁ ଅଧିକ ପାପିଷ୍ଠ ହୁଅନ୍ତି ତେବେ ଏହି ପିଗୁଲୀର ସେବା କେମନ୍ତ କରି ଭଲ ଜାଣିବା । ଦେଖ ଯେମନ୍ତ ସମସ୍ତ ମନୁଷ୍ୟମାନେ ତେମନ୍ତ ତୁମ୍ଭେମାନେ ପାପରେ ମଗ୍ନ ଅଛ ପୁଣି ପାପ ଯେ ସେ ଜ୍ଞାନହତ କରଇ ଓ ଆତ୍ମାକୁ ଦୁଃଖରେ ବୁଡାଇ ପକାଏ । ପାପର ନିମନ୍ତେ ଈଶ୍ୱରଙ୍କର କୋପ ସମସ୍ତର ଉପରେ ପଡଅଛି ପୁଣି ପାପର ପ୍ରମାଣେ ଯେବେ ସମସ୍ତର ଭୋଗ କରାନ୍ତେ ତେବେ ସବୁ ମନୁଷ୍ୟ ନରକରେ ଯାଆନ୍ତେ । ଯେହେତୁ ଧର୍ମପୁସ୍ତକ ସତ୍ୟ ବୋଲନ୍ତି ପୁଣ୍ୟବନ୍ତ କେହି ନାହିଂ ଜଣେହିଂ ନାହିଂ ସୁକର୍ମକାରୀ କେହି ନାହିଂ ଏକ ଜଣେହି ନାହିଂ । ସମସ୍ତ ମନୁଷ୍ୟ ପାପରେ ପରିପୂର୍ଣ ପୁଣି ନିଷ୍ପାପ କ୍ରିୟା କରିବାକୁ କାହାରି ଇଚ୍ଛା ନାହିଂ ଓ ସାଧ୍ୟଇ ନାହିଂ । ଦେଖ ଧର୍ମପୁସ୍ତକର ଆଉ ଏକ ଭାଗରେ ବୋଲନ୍ତି ଈଶ୍ୱରର ରାଜ୍ୟରେ ଅଧାର୍ମିକ ଲୋକମାନଙ୍କର ଯେ ଅଧିକାର ନାହିଂ ଏହା କି ତୁମ୍ଭେମାନେ ନ ଜାଣ । ଏବିଷୟରେ ତୁମ୍ଭମାନଙ୍କର ଭ୍ରାନ୍ତି ନ ହେଉ । ଯେହେତୁ ଯେତମାନେ ବ୍ୟଭିଚାରୀ କିଅବା ଦେବପୂଜକ କିଅବା ପାରଦାରକ କିଅବା ସ୍ତ୍ରୀବତ୍ ବ୍ୟବହାରୀ କିଅବା ଛୋକରବାଜୀ କିଅବା ଚୋର କିଅବା ଲୋଭୀ କିଅବା ମତ୍ତ କିଅବା ନିନ୍ଦକ କିଅବା ଜୁଆଚୋର ଏମାନେ ଈଶ୍ୱର ରାଜ୍ୟରେ ସ୍ଥାନ ନ ପାଇବେ । ଆଉ ହିନ୍ଦୁମାନଙ୍କର ନିଜ ଶାସ୍ତ୍ରରେ ଲେଖା । ଯଥା ॥

ମୃଚ୍ଛିଲା ଧାତୁ ଦାର୍ବାଦ ମୂର୍ତ୍ତୌ ଈଶ୍ୱର ବୁଦ୍ଧୟଃ ।
କ୍ଲିଶ୍ୟନ୍ତି ତପସା ମୂଢାଃ ପରାଂଶାନ୍ତିଂ ନ ଯାନ୍ତି ତେ ॥

ଅର୍ଥାତ୍ ଯେ ସମସ୍ତ ମୂର୍ଖମାନେ ମାଟୀ ଧାତୁ ପଥର କାଷ୍ଠାଦି ର ଚିତ ମୂର୍ତ୍ତିରେ ଈଶ୍ୱର ବୁଦ୍ଧି କରନ୍ତି ସେମାନେ କେବଳ କ୍ଳେଶ ପାନ୍ତି ମୁକ୍ତି ନ ପାନ୍ତି ।

ପୁଣି ତୁମ୍ଭମାନଙ୍କର ନିକଟରେ ଆମ୍ଭେମାନେ ମଙ୍ଗଳ ସମାଚାର ଜଣାଉ । ଯେ ସତ୍ୟ ଜଗତର ନାଥ ସେ ମନୁଷ୍ୟର ତ୍ରାଣର ପଥ କରିବାର ନିମନ୍ତେ ଅବତୀର୍ଣ୍ଣ ହୋଇ ମନୁଷ୍ୟର ଶରୀର ଧାରଣ କଲେ ପୁଣି ମନୁଷ୍ୟର ପ୍ରତିନିଧି ହୋଇ ଅର୍ଥେ ସେମାନଙ୍କର ପାପ ସେହି ଶରୀରରେ ଭୋଗ କଲେ । ପୃଥିବୀର ଉପରେ ଯେତେ ଜାତି ଅଛନ୍ତି ସେହି ସମସ୍ତ ଲୋକମାନଙ୍କର ପାପ ଖ୍ରୀଷ୍ଟର ଉପରେ ଈଶ୍ୱର ଥୋଇଲେ ଯେଣୁ ଖ୍ରୀଷ୍ଟ ଅର୍ଥେ ଏ ସମସ୍ତ ପାପର ପାପି ହେଲେ ତେଣୁ ସମସ୍ତ ପାପର ଭାରର ତଳେ ମଲେ ପ୍ରମାଣ ପୁଣି ମୃତ୍ୟୁକୁ ଜୟ କରି ତାଙ୍କର ସେହି ଅବତୀର୍ଣ୍ଣ ଶରୀର ଶୁଦ୍ଧା ଯେନି ସ୍ୱର୍ଗରେ ଯାଇ ଆପଣା ଲୋକମାନଙ୍କର ଧାଁଇ ମଙ୍ଗଳ ପ୍ରାର୍ଥନା କ ରନ୍ତି । ସେ ଆମ୍ଭମାନଙ୍କର ଋଣ ଆଦରି ନେଇ ଜାମିନର ପ୍ରାୟେ ଆପଣାର ରକ୍ତ ବ୍ୟୟ କରି ଶୋଧ ଦେଲେ । ଯେମନ୍ତ କୌଣସି ଦୟାବନ୍ତ ଲୋକ ଦୋଷିର ଦୋଷ ଭୋଗ କରି ସେ ଦୋଷିକୁ ଖ ଲାସ ଦିଅଇ ତେମନ୍ତ ଉପକାରୀ ଖ୍ରୀଷ୍ଟ ହେଲେ । ଏକ ଦୃଷ୍ଟାନ୍ତ ଶୁଣି ବୁଝ ଏକ ଦିନ କରେ କୌଣସି ଜଣେ ଦୋଷଗ୍ରସ୍ତର ଉପରେ ରାଜା ଶହେ ବେତ ମାରିବାର ଆଜ୍ଞା ଦେଲେ । ପୁଣି ସେ ଦୋଷିର ଜଣେ ଅତି ଅତ୍ମୀୟ ଥିଲା ସେ ଲୋକ ତାହାକୁ ବୋଇଲା ହେ ଭାଇ ତୁମ୍ଭେ ଶହେ ବେତ କେବେ ଖାଇବାକୁ ନ ପାରିବ । ତୁ ମ୍ଭେତ ବୃଦ୍ଧ ଓ ଦୁର୍ବଳ ଏତେ ସଜାରେ ତୁମ୍ଭର ପ୍ରାଣ ଯିବ ପୁଣି ଆମ୍ଭେ ସହିବାକୁ ନ ପାରି ଯେ ତୁମ୍ଭେ ଏତେ ସଜା ଭୋଗ କରିବା । ଆମ୍ଭେ ଆଗେ ରାଜାଙ୍କଠାରେ ଯିବା । ଆମ୍ଭେ ଯୁବା ମନୁଷ୍ୟ ହୋଇ ଏସମସ୍ତ ସହିବାକୁ ପାରି ଏଣୁ ଅମ୍ଭେ ସହିବା ତୁମ୍ଭେ ଖଲାସ ପା

ଇବ । ଅନନ୍ତରେ ରାଜା ସମ୍ମତ ହୋଇ ଯେ ଯୁବା ପ୍ରତନଧି ସଜା ଭୋଗ କରିବାକୁ ଯାନ୍ତେ ପ୍ରତ୍ୟେକ ମାରଣ ବେଦନା ତାହାର ହୃଦୟ ପର୍ଯ୍ୟନ୍ତେ ଯାଇ ସମସ୍ତ ଲୋକର ଅନୁଭବ ଏମନ୍ତ ହୁଅଇ ଯେ ଏହାର ପ୍ରାଣ ସଂଶୟ । ତାହାର ପୃଷ୍ଠର୍ ରକ୍ତର ଅତଶୟ ସ୍ରୋତ ବହଇ । ତାହାର ବୋବାଳି ଅନେକ ଦୂରର୍ ଶୁଣା ଯାଏ । ପୁଣି ସେ ଏକ ଥରେ ଖେଦ ନ କରି ଶଯେ ବେତ ମାରିବାର ସମାପ୍ତ ପର୍ଯ୍ୟନ୍ତେ ତେମନ୍ତ ସହ୍ୟ କଲା । ତେଣୁ ସେ ଦୋଷୀ ଖଲାସ ପାଇଲା । ହେ ପ୍ରିୟ ହିନ୍ଦୁମାନେ ଯେ ସତ୍ୟ ଜଗତର ନାଥ ସେ ଏହି ପ୍ରକାର ଦୁଃଖ ମନୁଷ୍ୟର କାରଣ ଭୋଗ କଲେ । ଯେମନ୍ତ ଧର୍ମପୁସ୍ତକରେ ବୋଲନ୍ତ ତାଙ୍କର ମାରଣରେ ଆମ୍ଭେମାନେ ଆରାମ ପାଇ । ଏହି ମତେ ଜଗତର ନାଥର ମାରଣରେ ପରମେଶ୍ୱର ଶାସନ କର୍ତ୍ତା ହୋଇ ପାପର ବିପକ୍ଷତରେ ଆପଣାର କ୍ରୋଧ ଓ ପାପିର ପ୍ରତ ଆପଣାର ଦୟା ପ୍ରକାଶ କରନ୍ତ । ତ୍ରାଣର ଆଉ କୌଣସି ପଥ ନାହିଂ ଯେହେତୁ ଯେବେ ଈଶ୍ୱର୍ ପାପୀକୁ ଏମନ୍ତେ ଛାଡ ସେମାନଙ୍କଠାରେ ଆପଣାମାନଙ୍କର କ୍ରିୟାର ଫଳ ଭୋଗ ନ କରାନ୍ତେ ତେବେ ତାହାଙ୍କର ଧର୍ମଶାସନ ଲୋପ ହୋଇ ଯାଆନ୍ତା । ପୁଣି ସେ ଯେବେ ଆମ୍ଭମାନଙ୍କର ଉପରେ ଆପଣାମାନଙ୍କର ପାପର ଭୋଗ କରାନ୍ତେ ଅଥବା ଅମ୍ଭମାନଙ୍କର ସର୍ବ କ୍ରିୟାର ମଧ୍ୟରେ ଯେ କ୍ରିୟା ଅଉ ସବୁ କ୍ରିୟାର୍ ଉତ୍ତମ ସେହି କ୍ରିୟାର ଫଳ ଯେବେ ଭୋଗ କରାନ୍ତେ ତେବେ ଅମ୍ଭମାନଙ୍କର ରକ୍ଷା ନୁହନ୍ତା । ଯେହେତୁ ମନୁଷ୍ୟ କ୍ରିୟାରେ ପୁଣ୍ୟ ନାହିଂ ସମସ୍ତ ପାପମୟ ଅଥବା ପାପ ମିଶ୍ରିତ । ଏମନ୍ତେ ପରମେଶ୍ୱର ଅମ୍ଭମାନଙ୍କର ପାପ ଖ୍ରୀଷ୍ଟର ଉପରେ ଥୁଅନ୍ତ ପୁଣି ଖ୍ରୀଷ୍ଟର ବଳି ଅମ୍ଭମାନଙ୍କର ପାପ ଆଚ୍ଛାଦନ କରିବାକୁ ସୁନ୍ଦର ପୋଷାକର ମତେ ଦଅନ୍ତ । ଅମ୍ଭେମାନେ ପାପ କଲୁଁ ଖ୍ରୀଷ୍ଟ ସେହି ପାପର ଭୋଗ

କଲେ । ଆମ୍ଭମାନଙ୍କର ନିଜ ପୁଣ୍ୟ କିଛିଇ ନାହିଂ ମାତ୍ର ଯେବେ ଅମ୍ଭେମାନେ ଖ୍ରୀଷ୍ଟର ଉପରେ ବିଶ୍ୱାସ କରି ତେବେ ତାଙ୍କର ଅସୀମ ପ୍ରେମର ଫଳ ପାଇ ପୁଣି ପରମେଶ୍ୱର ଆମ୍ଭମାନଙ୍କୁ ପାପିର ମତେ ଆଉ ଗଣନା ନ କରିବେ । ଧାର୍ମିକ ଭବିଷ୍ୟଦ୍ବକ୍ତାର ଦ୍ୱାରା ସତ୍ୟ ଜଗତର ନାଥର ଅବତାର ହୋଇ ପୁରୁଷାନୁକ୍ରମରେ କୁହା ଯାଉଅଛି । ଏ ଭବିଷ୍ୟତ୍ କଥା ଧର୍ମପୁସ୍ତକର ମଧ୍ୟରେ ଅଛି । ପୁଣି ତୁମ୍ଭମାନଙ୍କର ଏକ ମୁନି ଏମନ୍ତ ଏକ ଶ୍ଳୋକ ଲେଖି ଅଛନ୍ତି ସେ ଏହି । ଶ୍ଳୋକ ॥

ବେଦାବିଭିନ୍ନାଃସ୍ମୃତୟୋବିଭିନ୍ନାଃନାସୌମୁନିର୍ଯସ୍ୟମତଂ ନ ଭିନ୍ନଂ ।
ଧର୍ମସ୍ୟ ତତ୍ତ୍ୱଂ ନିହିତଂ ଗୁହାୟାଂ ମହାଜନୋ ଯେନ ଗତଃ ସପନ୍ଥାଃ ॥

ସତ୍ୟ ମହାଜନ ଅର୍ଥାତ୍ ଯୀଶୁଖ୍ରୀଷ୍ଟ ଯାହୁଦୀୟମାନଙ୍କର ମଧ୍ୟରେ ଦାଉଦ ରାଜାର ବଂଶରେ ପ୍ରାୟ ଦୁଇ ହଜାର ବରସ ଗଲା ଅବତୀର୍ଣ୍ଣ ହୋଇ ଥିଲେ ପୁଣି ସେହି କାଳାବଧି ଆଜ ପର୍ଯ୍ୟନ୍ତେ ପ୍ରତ୍ୟେକ ବର୍ଷର ମଧ୍ୟରେ ଅସଂଖ୍ୟ ଲୋକ ଖ୍ରୀଷ୍ଟର ଚରଣରେ ଆଶ୍ରୟ କରି ନିସ୍ତାର ପାଇ ଅଛନ୍ତି ।

ହେ ପ୍ରିୟ ହିନ୍ଦୁ ଏବେ ତୁମ୍ଭେମାନେ ଏହି ମଙ୍ଗଳ ସମାଚାର ଶୁଣିବାକୁ ପାଉ ଅଛ । ଆପଣାମାନଙ୍କର ପାପ ଭୋଗ କରିବାକୁ କିଛି ପ୍ରୟୋଜନ ନାହିଂ ଯେବେ ଖ୍ରୀଷ୍ଟର ନାମରେ ପରମେଶ୍ୱରଙ୍କର କୃପା ମାଗ ତେବେ ସେ ତୁମ୍ଭମାନଙ୍କର ପ୍ରାର୍ଥନା ଶୁଣିବେ । ଖ୍ରୀଷ୍ଟ ହିନ୍ଦୁର କାରଣ ମଲେ ଯେବେ ତାଙ୍କର ପ୍ରେମର ଫଳ ପାଅ ତେବେ ତୁମ୍ଭମାନଙ୍କର ପାପ ଭୋଗ କରିବାକୁ ନୋହିବ ପୁଣି ମୃତ୍ୟୁକାଳରେ ଅନନ୍ତ ପରମାୟୁ ପ୍ରାପ୍ତ ହୋଇବ ।

ତୁମ୍ଭମାନଙ୍କର ବିଷୟରେ ଅମ୍ଭମାନଙ୍କର ଚେଷ୍ଟା ଲୁଚାଇ ରଖିବାକୁ ନ ଚାହି । କେବଳ ଖ୍ରୀଷ୍ଟ ନିସ୍ତାର କରିବାକୁ ପାରନ୍ତି ଏହି

ଙ୍କାକ କର ତୁମ୍ଭେମାନେ ଯେମନ୍ତ ଖ୍ରୀଷ୍ଟିୟାନ ହୁଅ ଏହି ଆମ୍ଭମାନଙ୍କର ଚେଷ୍ଟା । ପୁଣି ତୁମ୍ଭେମାନେ ଯେ ଫିରଙ୍ଗୀ ହୁଅ ଅବା ଅପଣାମାନଙ୍କର ଖାଦ୍ୟ କି ପୋଷାକ କି ନାମ ବଦଳ କର ଏମନ୍ତ ନୁହି । ତୁମ୍ଭେମାନେ ଯେ ହିନ୍ଦୁ ଥାଇ ଦେବପୂଜା ଇତ୍ୟାଦି ସମସ୍ତ ପାପ ତ୍ୟାଗ କରି ଖ୍ରୀଷ୍ଟରେ ବିଶ୍ୱାସ କର ଏହା ଆମ୍ଭେମାନେ ଗୃହି । ପୁଣି ଏମନ୍ତ ଚେଷ୍ଟା କରି କି କୌଣସି ସାଂସାରିକ ଲୋଭର ନିମନ୍ତେ ତାହା ନୋହେ ମାତ୍ର ତୁମ୍ଭମାନଙ୍କର ଆତ୍ମାର ତ୍ରାଣ ଗୃହି ଅର୍ଥାତ୍ ଯେମନ୍ତ ତୁମ୍ଭେମାନେ ନରକ ଭୋଗ ଛାଡ଼ି ଅନନ୍ତ କାଳରି ସୁଖ ଭୋଗ କରିବ ଏନିମନ୍ତେ ଆମ୍ଭେମାନେ ନାନା ଦେଶ ଦେଶାନ୍ତରେ ଭ୍ରମଣ କରି ଓ ଶ୍ରମ କରି ପୁଣି ପ୍ରତି ଦିନ ଭଜନାଳୟରେ ଓ ସପରିବାରରେ ଓ ଗୁପ୍ତସ୍ଥାନରେ ତୁମ୍ଭମାନଙ୍କର ନିସ୍ତାର ଯେମନ୍ତେ ହୁଅଇ ଏନିମନ୍ତେ ପ୍ରାର୍ଥନା କରି । ଯେହେତୁ ଅମ୍ଭେମାନେ ଜାଣି ଖ୍ରୀଷ୍ଟର ଆଶ୍ରୟ ଛଡ଼ା ଅଉ ଆଶ୍ରୟ ନାହିଂ । ଇତି ।

## ସତ୍ୟ ଖ୍ରୀଷ୍ଟିୟାନ କେ ।

ଯେମନ୍ତ ହିନ୍ଦୁର ପୁଅ ଆପଣାକୁ ହିନ୍ଦୁ କହନ୍ତି ଅବା ମୁଶଲମାନର ପୁତ୍ର ଅପଣାକୁ ମୁଶଲମାନ ବୋଲନ୍ତି ତେମନ୍ତ ଖ୍ରୀଷ୍ଟିୟାନର ସନ୍ତାନ ଆପଣାକୁ ଖ୍ରୀଷ୍ଟିୟାନ ଜାଣନ୍ତି ପୁଣି ଏହି ସତ୍ୟ ଖ୍ରୀଷ୍ଟିୟାନର ଚିହ୍ନ ନୋହେ ଯେହେତୁ ଜାତି ଅନୁସାରେ ଅବା ଦେଶାନୁସାରେ କି ବିଦ୍ୟାନୁସାରେ କେହିସ ତ୍ୟ ଖ୍ରୀଷ୍ଟିୟାନ ହେବାକୁ ନ ପାରଇ । ପୁଣି ସ୍ୱଇଚ୍ଛାରେ ସତ୍ୟ ଧର୍ମ ଗ୍ରହଣ କରି ନୂଆ ମନ ପ୍ରାପ୍ତ ହେବାରେ ପୁଣି ଖ୍ରୀଷ୍ଟର ଆଜ୍ଞା ମତେ ଆଚରଣ କରିବାରେ ସତ୍ୟ ଖ୍ରୀଷ୍ଟିୟାନ ହୁଅଇ । ଏନିମନ୍ତେ ନାମ ମାତ୍ରରେ ଖ୍ରୀଷ୍ଟିୟାନ ଅଉ ଅନ୍ତଃକରଣରେ ଖ୍ରୀଷ୍ଟିୟାନ ଏହି ଦୁଇର ମଧ୍ୟରେ ଅତିଶୟ ଦୂର ଜାଣିବ । ସଂକ୍ଷେପ କରି ସତ୍ୟ ଖ୍ରୀଷ୍ଟିୟାନର ଚିହ୍ନ ଲେଖି ।

୧ । ଧର୍ମପୁସ୍ତକ ଈଶ୍ୱରଙ୍କ ଦତ୍ତ ଶାସ୍ତ୍ର ପୁଣି ଆଉ ସବୁ ପୁସ୍ତକ ମନୁଷ୍ୟର ରଚିତ ମାତ୍ର ଏହା ସତ୍ୟ ଖ୍ରୀଷ୍ଟିୟାନ ବିଶ୍ୱାସ କରନ୍ତି ।

୨ । ଏକ ଈଶ୍ୱର ଅଟନ୍ତି ସେ ଈଶ୍ୱର ସ୍ୱୟଂଭୂ ସର୍ବଜ୍ଞ ସର୍ବ ଶକ୍ତିମାନ ସର୍ବବ୍ୟାପୀ ଅନନ୍ତ ପ୍ରେମସ୍ୱରୂପ । ଆଉ ସେ ଅଦ୍ୱିତୀୟ ଈଶ୍ୱର ଅଭେଦ ତ୍ରିବିଧସ୍ୱରୂପ ଅଟନ୍ତି ଅର୍ଥାତ୍ ପିତା ପୁତ୍ର ଧର୍ମାତ୍ମା ନାମ ବୋଲି ତିନ ଜଣରେ ପ୍ରକାଶ ହୁଅନ୍ତି । ପିତା ବୋଲି ସେ ଜଗତର ସୃଷ୍ଟି ପାଳଣ ଶାସନ କର୍ତ୍ତା । ପୁତ୍ର ବୋଲି ସେ ଅବତାର ହୋଇ ମନୁଷ୍ୟର ବଦଳେ ବୋଦାସ୍ୱରୂପ ହୋଇ ଆପଣା ପ୍ରାଣ ଦେଲେ ପୁଣି ମୃତ୍ୟୁକୁ ଜୟ କରି ସେ ଶରୀରରେ ସ୍ୱର୍ଗକୁ ଯାଇ ମ ଧ୍ୟସ୍ଥରୂପେ ମନୁଷ୍ୟମାନଙ୍କର ନିମନ୍ତେ ନିବେଦନ କରୁଅଛନ୍ତି ଆଉ ଶେଷ ଦିନରେ ଆସି ଜଗତସ୍ଥ ଲୋକଙ୍କୁ ବିଚାର କରି ସାଧୁଙ୍କୁ ସ୍ୱର୍ଗ ଦୁଷ୍ଟଙ୍କୁ ନରକ ଭୋଗ ଦେବେ । ଧର୍ମାତ୍ମା ଯେ ସେ ସାତ୍ତ୍ୱିକର ମୂଳ ତାହାଙ୍କଠାରୁ ପାରମାର୍ଥିକ ଜ୍ଞାନ ଓ ଗୁଣ ଓ ସୁଖ ଜନ୍ମଇ । ତାହା ଙ୍କର ଶିକ୍ଷାରେ ସାଧୁମାନେ ଧର୍ମପୁସ୍ତକ ରଚନା କଲେ । ସେ ମନୁ ଷ୍ୟର ମନରେ ଭଲ ମନ୍ଦ ଜ୍ଞାନ ଦିଅନ୍ତି । ପବିତ୍ର ନୂଆ ମନ ଦିଅନ୍ତି । ପୁଣି ମନରେ ଜ୍ଞାନ ପୁଣ୍ୟ ଆନନ୍ଦ ବୃଦ୍ଧି କରାଇ ଇହଲୋକରେ ଈ ଶ୍ୱରଙ୍କ ସେବା ନିମନ୍ତେ ପୁଣି ପରଲୋକରେ ତାହାଙ୍କ ସୁଖ ଭୋଗ କରିବାର ନିମନ୍ତେ ପ୍ରସ୍ତୁତ କରାନ୍ତି ।

୩ । ସତ୍ୟ ଖ୍ରୀଷ୍ଟିୟାନ ଆପଣାକୁ ମନରେ କଥାରେ କ୍ରିୟାରେ ପାପିଷ୍ଠ ଜାଣି କେବଳ ଇହଲୋକ ପରଲୋକରେ ଈଶ୍ୱରଙ୍କଠାରୁ ଆପଣାକୁ ଦଣ୍ଡ ଯୋଗ୍ୟ ବୋଧ କରଇ । ଏଣୁ ଆପଣା କ୍ରିୟାରେ ଅବା ପୁଣ୍ୟରେଇ ଭରସା ନ ରଖି କେବଳ ଯୀଶୁଖ୍ରୀଷ୍ଟ ଦ୍ୱାରା ଈ ଶ୍ୱରଙ୍କ ଦୟା ମାଗନ୍ତି ।

୪ । ସେ ଧର୍ମାତ୍ମାର ଶିକ୍ଷା ଓ ବଳରେ ନୂଆ ମନ ପାଇ ଯେ ସବୁ ପାପକୁ ଆଗେ ଭଲ ଜାଣି ଥିଲା ତାହାଙ୍କୁ ଘୃଣା କରନ୍ତି

ଥାଉ ଯେ ସବୁ ପୁଣ୍ୟରେ ଘୃଣା ବୋଧ ଥିଲା ତାହା ପ୍ରେମ କରନ୍ତି । ଏନିମନ୍ତେ ମନରେ କ୍ରିୟାରେ କର୍ମରେ ସେ ନୂଆ ମନୁଷ୍ୟ ଅଟଇ ଅର୍ଥାତ ସେ ଷୋଳ ଅଣା ମନରେ ଈଶ୍ୱରଙ୍କୁ ସ୍ନେହ କରି ଆପଣା ସମାନ ପରର ମଙ୍ଗଳ ବାଞ୍ଛା କରଇ । ଏଣୁ ସେ ସତ୍ୟବାଦୀ ଦୟାଶୀଳ ନମ୍ରମନ ଯଥାର୍ଥକାରୀ ନିଷ୍କପଟୀ ପ୍ରେମୀ ଓ ଧାର୍ମିକ ।

୫ । ସତ୍ୟ ଖ୍ରୀଷ୍ଟିୟାନ ଏହି ସଂସାରରେ ଆପଣାକୁ ବିଦେଶୀ ଓ ଯାତ୍ରୀସ୍ୱରୂପ ଜାଣି ପରଲୋକରେ ଆମ୍ଭର ଘର ଅଛି ବୋଲି ମୃତ୍ୟୁକୁ ସ୍ୱର୍ଗ ଦ୍ୱାର ଜାଣଇ । ସେ ସ୍ୱର୍ଗରେ ଈଶ୍ୱର ବିରାଜମାନ ହୋଇ ଧର୍ମ ଦୂତଗଣ ଓ ସାଧୁ ଆତ୍ମାମାନେ ସର୍ବଦା ତାହାଙ୍କର ସାକ୍ଷାତରେ ଥାଇ ପ୍ରଶଂସା କରନ୍ତି । ସେହି ଅକ୍ଷୟ ନିତ୍ୟସ୍ଥାୟୀ ସ୍ୱର୍ଗରେ ସତ୍ୟ ଖ୍ରୀଷ୍ଟିୟାନମାନେ ବାସ କରି ଅନନ୍ତ କାଳ ପର୍ଯ୍ୟନ୍ତେ ପ୍ରେମ ଜ୍ଞାନ ଧର୍ମ ସୁଖ ଆନନ୍ଦରେ ବୃଦ୍ଧି ପାଇବେ ।

## ଗୀତ ।

୧ ଅହେ ପାପି ମନ ବୋଲ କି ହେତୁ ବିଲମ୍ବନ ।
ଛାଡ ସବୁ ମିଥ୍ୟା କାର୍ଯ୍ୟ ବିଅର୍ଥ ବିଭ୍ରମଣ ।
ସମ୍ବାଦ ପାଇଲ ମୁହିଂ କେମନ୍ତେ ଜଗତ ନାଥ ।
ନର ଅବତାର ହୋଇ କଲେ ପାପ ଉତ୍ପାତ ।

୨ ପୂର୍ବକାଳେ ମୋର ପ୍ରାଣ ଥିଲା ଘୋର ଅନ୍ଧକାର ।
ଭୁଲି ଭ୍ରାନ୍ତି ସବୁ କଲି ଯେହ୍ନେ ସବୁ ପାପି ନର ।
ପାପର ସାଗରେ ବୁଡ଼ି ମୋର ପ୍ରାଣ ମଲା ପ୍ରାୟ ।
ଏଠା ସେଠା ତାକ ଛାଡ଼ି ନାହିଂ ଦେଖିଲି ଉପାୟ ।

୩ ବ୍ରହ୍ମା ବିଷ୍ଣୁ ଶିବ ସବୁ ଅସାଧ୍ୟ ମୋ ପରିତ୍ରାଣ ।
ଅବା ଦେବ ଅବା ଦେବୀ ଅବା ଗୁରୁ ପୁଣ୍ୟବାନ ।

ଅବା ଯଜ୍ଞ ଜପ ତପ ତନ୍ତ୍ର ମନ୍ତ୍ର ଦାନ ସ୍ନାନ ।
ଉଦ୍ଧାର କରେ ନ ପାଇ ମୋର ବନ୍ଦିଗତ ପ୍ରାଣ ।

୪ ଏସମସ୍ତ ନିରର୍ଥକ ମାଏ ମିଥ୍ୟା ଭୁଲନ ।
କେବଳ ଆଶ୍ରୟ କର ଯୀଶୁଖ୍ରୀଷ୍ଟ ମରଣ ।
ସ୍ୱର୍ଗ ପୃଥିବୀ ପାତାଳ ସବୁ ତାହାଙ୍କ ନିର୍ମାଣ ।
ସେ ସଦା ରକ୍ଷା କରନ୍ତ ସମସ୍ତର ଜୀବନ ।

୫ ମୋର ପୁଣ୍ୟ ମୋର ପାପ ମୋର ଆଶା କର ତ୍ୟାଗ ।
ମୋର ମାନ ମୋର କାମ ମୋର ଇଚ୍ଛା ମୋର ରାଗ ।
ସମସ୍ତ ପକାଇ ଦେଇ ଯୀଶୁଖ୍ରୀଷ୍ଟ ଚରଣେ ।
କର ମୋର ଦୃଢ ଆଶା ତାଙ୍କ ପ୍ରେମ ମରଣେ ।

୬ ଶୁଣ ହେ ପାପିଷ୍ଠ ସବୁ ମଙ୍ଗଳ ସୁସମାଚାର ।
ଏହି ଧର୍ମ ଏହି ପଥ ଏହି ପ୍ରଭୁ କର ସାର ।
ସବୁ ମିଥ୍ୟା ମାୟା ଛାଡ ବେଗେ କର ହେ ବିଶ୍ୱାସ ।
ଜୀବନ ମରଣ ହେଉ ହେବ ତୋର ପରିତ୍ରାଣ ।

ଇତି

---

No. 8.

# THE WONDERFUL ADVANTAGES

OF

# PILGRIMAGE TO JAGARNATH.

## ଶ୍ରୀଶ୍ରୀଗୁଣ୍ଡିଚ୍ଚ ଯାତ୍ରାର ମହାଶ୍ଚର୍ଯ୍ୟ ଫଳ ।

ହେ ପ୍ରିୟ ହିନ୍ଦୁ ଭାଇ ଏହି ସମୟରେ ଶ୍ରୀଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ସୌନ୍ଦର୍ଯ୍ୟ ଶ୍ରୀମୁଖ ଦର୍ଶନ କରିବା ପାଇଁ ଅପାର ଅପାର ଲୋକ ଶ୍ରୀପୁରୁଷୋତ୍ତମ କ୍ଷେତ୍ରକୁ ଯାତ୍ରା କରୁଅଛନ୍ତି । ଏନିମନ୍ତେ ଏହି ଶ୍ରୀଗୁଣ୍ଡିଚ୍ଚ ଯାତ୍ରା କରିବାରେ ଯେଉଁ ମହାଶ୍ଚର୍ଯ୍ୟ ଫଳ ଉତ୍ପନ୍ନ ହେଉଅଛି ତାହା ବିଷୟରେ ତୁମ୍ଭର ମନକୁ ପ୍ରବୋଧ କରାଇବା ପାଇଁ ପୁଣି ଯେଉଁ ଯେଉଁ ଯାତ୍ରିମାନେ ବଞ୍ଚି ଥାଇ ଆପଣା୨ ଘରକୁ ନେଉଟି ଯାଆନ୍ତି ସେମାନଙ୍କର କୁଟୁମ୍ବାଦି ଲୋକମାନଙ୍କୁ ଜଣାଇବା ପାଇଁ ଏହି ପତ୍ର ଲେଖା ଯାଉଅଛି । ଯେହେତୁ ଏ ଯାତ୍ରା କରିବାରେ ଯେବେ ଏତେ ମହାଶ୍ଚର୍ଯ୍ୟ ଫଳ ହୁଅଇ ତେବେ ଜଗତ ଜାକ ଅସିବାକୁ କିପାଇଁ ଉଚିତ ନ ହୁଅଇ ।

ପ୍ରଥମ ଫଳ । ଏହି ଗୁଣ୍ଡିଚ୍ଚ ଯାତ୍ରା କଲାରେ ଦେହର ଅନେକ କ୍ଲେଶ ଓ ମନର ଅତ୍ୟନ୍ତ ଦୁଃଖ ନଷ୍ଟ ହେବ । ଏହାର ପ୍ରମାଣ ଲେଖା ଅଛି । ଯଥା ।

ତୀର୍ଥ ଯାତ୍ରା ପଣ୍ଡଶ୍ରମ
ସବୁ କେବଳ ମନର ଭ୍ରମ ।

ଆଉ ଭଗବଦ୍ଗୀତାରେ ଲେଖା । ଯଥା ॥

ମୃଚ୍ଛିଲା ଧାଗୁ ଦାର୍ବାଦ ମୂର୍ତ୍ତୀଶ୍ୱର ବୁଦ୍ଧୟଃ ।
କ୍ଲିଶନ୍ତ ତପସା ମୂଢା ପରାଂ ଶାନ୍ତିଂ ନ ଯାନ୍ତି ତେ ।

ଅର୍ଥ । ଯେଉଂ ସମସ୍ତ ମୂର୍ଖମାନେ ମାଟୀ ଧାତୁ ପଥର କାଷ୍ଠାଦ ରଚିତ ମୂର୍ତ୍ତିରେ ଈଶ୍ୱର ବୁଦ୍ଧି କରନ୍ତି ସେମାନେ କେବଳ କ୍ଲେଶ ପାଅନ୍ତି ମୁକ୍ତି ପ୍ରାପ୍ତ ନ ହୁଅନ୍ତି ।

ଆଉ ଯେଉଂ ଯାତ୍ରିମାନେ ଦର୍ଶନ କରି ବାହୁଡ ଅସୁଛନ୍ତି ସେ ମାନଙ୍କୁ ପଚ୍ଚରିଲେ ସେମାନେ ଏହି ଶାସ୍ତ୍ରର ବଚନେ ନିଶ୍ଚୟ ପ୍ରମାଣ ଦେବ । ଯେଣୁ ସମସ୍ତେ ଅନାୟାସରେ ଦେଖୁଛନ୍ତି ଯେ ସେମାନେ ଯିବାବେଳେ ହୃଷ୍ଟଚିତ୍ତ ହୋଇ ଊର୍ଦ୍ଧ୍ୱ ମୁଖରେ ଜୟ ଜଗନ୍ନାଥ ସ୍ୱାମି ଙ୍କ ଜୟ ଏହା ବୋଲି ଧାଁଇ ଯାଉଛନ୍ତି । ପୁଣି ବାହୁଡବା ବେଳେ ଅଧୋମୁଖ ହୋଇ କାନ୍ଦି କାନ୍ଦି ମହା ଦୁଃଖ କଷ୍ଟରେ ଫେରି ଅସୁଛନ୍ତି । ଏହି ଗୁଣ୍ଡିଚ୍ଚ ଯାତ୍ରିର ପ୍ରଥମ ଫଳ ।

ଦ୍ୱିତୀୟ ଫଳ । ତୁମ୍ଭଠାରେ ଅଧିକ ଧନ ଥିବାରୁଂ ଯେବେ ସେ ଧନ ଉଡାଇବାର ମନ ଥାଏ ତେବେ ଗୁଣ୍ଡିଚ୍ଚର ଯାତ୍ରୀ ହୁଅ । ଦେଖ ବାଟରେ କେତେ ଖରଚ ହୁଅଇ ଅବା କେତେ ଲୋକର ଧନ ପ୍ରାଣ ସୁଧା ହରଣ ହୁଅଇ ମାତ୍ର ତାହା କିଛି ନ ଲେଖିବା । ଶ୍ରୀଶ୍ରୀପୁରୁଷୋତ୍ତମକୁ ପହୁଁଚିଲା ଉତ୍ତାରେ ନଗରରେ ପ୍ରବେଶ ହେବା ପାଁଇ କେତେ ଟଙ୍କା ଦେବାକୁ ହୁଅଇ । ଏଥିଉତ୍ତାରେ ଜଗନ୍ନାଥକୁ ପୁଣି ଇନ୍ଦ୍ରଦ୍ୟୁମ୍ନାଦ ପୋଖରିମାନଙ୍କୁ ଦର୍ଶାଇବା ପାଁଇ ପଣ୍ଡାମା ନଙ୍କୁ କେତେ ଟଙ୍କା ଦେବାକୁ ହୁଅଇ । ତହୁଁ ଜଗନ୍ନାଥକୁ ନୈ ବେଦ୍ୟ ଦକ୍ଷିଣା ଦେବାକୁ ହୁଅଇ । ଏଥିଉତ୍ତାରେ ଦେଉଳ ଭିତ

ଅନୁସାରେ ନାନା ସ୍ଥାନରେ ସ୍ନାନ ଦର୍ଶନାଦର କାରଣ ଟଙ୍କା ଦେବାକୁ ହୁଅଇ ! ଏଥୁଁ ମହାପ୍ରସାଦ ପୁଣି ନାନା ବହୁମୂଲ୍ୟ ଖାଦ୍ୟ କିଣିବାକୁ ହୁଅଇ । ଏପ୍ରକାର ନାନା ଗୃଲୁଣିରେ ଚଲଇଲେ ସ୍ୱରୂପ ଜାଣିମା । ଯେମନ୍ତ ଏକ ଗୃଲୁଣିର ରନ୍ଧ୍ରଠାରୁ ଗଳି ପଡବା ଚିଜ ଆଉ ଏକ ସାନ ଗୃଲୁଣିରେ ଧରା ଯାଏ ତେମନ୍ତ ଏକ ପଣ୍ଡା ଠକ ନେବା ଧନରୁ ଉଗୁଳି ଆସିବା ଶେଷ ଧନ ଆଉ ଏକ ପଣ୍ଡା ଠକ ନେଇଂ ଯାଏ । ଏଥେଉତ୍ତାରୁ କଛୁ ଧନ ସମ୍ପତ୍ତି ଯେବେ ବଞ୍ଚିବ ତେବେ ଆଉ କୌଣସି ଦୟାଳୁ ପଣ୍ଡା ବୋଲନ୍ତ ଯେ ତୁମ୍ଭର ଘୋଡା କଅବା ବଳଦ କ ଉତ୍ତମ ନୁଗା କ ଅଲଙ୍କାରଦ ଆଉ କୌଣସି ମାଲ ଯେ ଯାହା ବଞ୍ଚି ଥିବ ତାହା ଅମ୍ଭକୁ ଦେଇ ଯାଅ ଯେହେତୁ ତୁମ୍ଭର ସ୍ମରଣାର୍ଥେ ଅମ୍ଭର ଘରେ ଥୋଇ ଥିବା ! ଏପ୍ରକାର ତୁମ୍ଭର ସବୁ ସମ୍ପତ୍ତି ଠକ ନେଲାଉତ୍ତାରେ ଟୀପ ପତ୍ର ମାଗି ତୁମ୍ଭକୁ ଋଣଧାରୀ କରି ଖାଲି ହାତରେ ବଦାୟ କରବେ । ତେଣୁ ତୁମ୍ଭେ ବାଟରେ ଭିକ୍ଷା ମାଗି ଅତ କ୍ଲେଶରେ ଘରକୁ ଫେରଇ ଯାଅ । ଏହ ଦ୍ୱିତୀୟ ଫଳ ।

ତୃତୀୟ ଫଳ । ଯେବେ ତୁମ୍ଭର ସତୀ ଭାର୍ଯ୍ୟା ଅବା କନ୍ୟା ଥାଏ ଏମାନଙ୍କର ଉତ୍ତମ ଗୁଣ ରତ୍ନ ହରାଇବାକୁ ଚାହ ତେବେ ତୁମ୍ଭ ସଙ୍ଗରେ ଶ୍ରୀଗୁଣ୍ଡିଚା ଯାତ୍ରାକୁ ନେଇ ଯାଅ । ରଥ ଉପରେ ଯେ ଅତ୍ୟନ୍ତ ସୌନ୍ଦର୍ଯ୍ୟ କୋକିଳସ୍ୱର ମୃଦୁ ଗୀତ ପଣ୍ଡାମାନଙ୍କର ମୁଖରୁ ଶୁଣା ଯାଏ ସେ ମର୍ମ୍ମ ଭେଦ ଗାନ ସବୁ ଶୁଣିବାରେ ଓ ନାନା ଅଙ୍ଗ ଭଙ୍ଗାଦ କ୍ରିୟା ଦେଖିବାରେ କଅବା ବେଶ୍ୟାର ନୃତ୍ୟରେ କଅବା ମହାପ୍ରଭୁର ରଥ ଉପରେ ଚିତ୍ର ପ୍ରତମାମାନ ଦେଖିବାରେ ଆଉ ଶ୍ରୀମହାପ୍ରଭୁଙ୍କ ବଡ ଦେଉଳ ମଧ୍ୟରେ ସେବକମାନଙ୍କର ଧକାଧକ ସର୍ବାଙ୍ଗ ସ୍ପର୍ଶରେ କ ସେମାନଙ୍କର ଅଧିକ ସତ୍ୱ ଗୁଣ ପ୍ରକାଶ ନ ପାଇବ । ଏପ୍ରକାର ମହାପ୍ରଭୁଙ୍କର କୌଣସି

ଭକ୍ତିଠାରୁ ଅବଶ ସେମାନେ ଭ୍ରଷ୍ଟ ହେବାକୁ ପାରବେ । ଏହ ତୃତୀୟ ଫଳ ।

ଚତୁର୍ଥ ଫଳ । ତୁମ୍ଭର ଶ୍ରେଷ୍ଠ ଓ ଯୋଗ୍ୟବନ୍ତ ପୁତ୍ର ଥାଇ ଯେବେ ତାହାର ଉତ୍ତମ ଗୁଣ ନାଶ କରବାକୁ ଇଚ୍ଛା କର ତେବେ ଶ୍ରୀପୁରୁଷୋତ୍ତମ ସ୍ଥାନକୁ ପଠାଇ ଦଅ । ସେ ଶ୍ରୀକ୍ଷେତ୍ରରେ ନାନା ଅଫିମ କଅବା ଗଞ୍ଜାଇ ଭୋକ୍ତା କ ଲମ୍ପଟ ଲୋଚାଗିର ଯୁଆ ଚୌର୍ଯ୍ୟ ଅଲସୁଅ ଅଦ ଲୋକଙ୍କର ସଙ୍ଗରେ ମିଳଣ ହୋଇ ନୂଆ ମନ ପାଇ ସେହ ପ୍ରକାର ଲୋଚା ଲମ୍ପଟ ଅଲସୁଅ ଅଦ କର୍ମରେ ଧୂର୍ତ୍ତ ହେବାକୁ ପାରନ୍ତ । ଏହ ଚତୁର୍ଥ ଫଳ ।

ପଞ୍ଚମ ଫଳ । ଯେବେ ତୁମ୍ଭର ଅଧିକ ସନ୍ତାନ ଥାଏ ପୁଣି ସେମାନଙ୍କଠାରୁ କଅବା ଆପଣା ଭାର୍ଯ୍ୟାରୁ ମୁକ୍ତ ହେବାକୁ ବାଞ୍ଛା କର ତେବେ ଶ୍ରୀଗୁଣ୍ଡିଚ୍ଚା ଯାତ୍ରାରେ ଘେନ ଯାଅ । ତାହା କଲେ କୌଣସି ରୋଗ ସେମାନଙ୍କର ଉପରେ ଚଢ଼ନ୍ତେ ସମୁଦ୍ର କୂଳରେ କ ବାଟ ପାଖରେ ସେମାନଙ୍କୁ ଛାଡ ଶାଗୁଣା କ କୁକୁରମାନେ ସେମାନଙ୍କର ମାଂସ ଗ୍ରାସ କର୍‌ବାକୁ ପାରନ୍ତ । ଏହ ପଞ୍ଚମ ଫଳ ।

ଷଷ୍ଠ ଫଳ । ଯେବେ ଆପଣାର ଭାର୍ଯ୍ୟାକୁ ବଧବା ପୁଣି ସନ୍ତାନ ସବୁଙ୍କୁ ଅନାଥ କର ଛାଡବାକୁ ଇଚ୍ଛା କର ତେବେ ଶ୍ରୀଗୁଣ୍ଡିଚ୍ଚା ଯାତ୍ରୀ ହୁଅ । ଅପୂର୍ବ କଥା ନୋହିଲେ ଅବଶ କୌଣସି ରୋଗରେ କ କଷ୍ଟରେ କ କ୍ଳେଶରେ କ ଡକାଇତର ହାତରେ ଏହ ମହା ଫଳ ପ୍ରାପ୍ତ ହେବ ।

ସପ୍ତମ ଫଳ । ଯେବେ ଅପାର ମଡାକୁ ଅବା ଅଗଣ୍ୟ ଅନାଥ ଚଣ୍ଡ ଓ ପିଲାକୁ ଅବା ଅନେକ କଙ୍ଗାଳି ଦୁଃଖଗ୍ରସ୍ତ ଲୋକଙ୍କୁ ଦେଖିବାକୁ ଗୃହ ଅବା ନରକକୁ ନ ଯାଇ ନରକର ନ୍ୟାୟ ଅତ ଶୟ ଦୁଷ୍ଟ ଦୁଃଖିତ ସ୍ଥାନ ଦେଖିବାକୁ ଇଚ୍ଛା କର ତେବେ ଶ୍ରୀକ୍ଷେତ୍ରକୁ ଯାତ୍ରା କଲେ ତୁମ୍ଭର ମନର ଅତ ତୃପ୍ତି ହେବ ।

ଅଷ୍ଟମ ଫଳ । ଯେବେ ଆପଣାର ନିଜ ଉତ୍ତମ ଗୁଣ ବୁଦ୍ଧି ନାମାଦ ନାଶ କରିବାକୁ ବାଞ୍ଛା କର ତେବେ ଶ୍ରୀକ୍ଷେତ୍ରକୁ ଯାତ୍ରା କର ଶ୍ରୀ ସାଧୁ ନମ୍ର ପଣ୍ଡାମାନଙ୍କର ପାଦ ଧୋଇ ଜଳ ଅମୃତ ଜ୍ଞାନ କରି ପିଅ । ପାଦ ଧୂଳୀ ଦେହକୁ ଲେପନ କର । ସେମାନଙ୍କ ଦେହ ଅଙ୍ଗ ସମସ୍ତ ଘସ । ଇତ୍ୟାଦି କର୍ମ କଲେ ତୁମ୍ଭେ ବଡ ଆଦରଣୀୟ ଲୋକ ହେବ । ଆଉ ସେ ଶ୍ରୀକ୍ଷେତ୍ରର ଭାଷା ଶୁଣିଲେ ଅବା ସାଧୁ ଆଚରଣ ଦେଖିଲେ ନିଶ୍ଚୟ ତୁମ୍ଭର ମନର ଗୁଣ ଅତି ସୁନ୍ଦରରୂପେ ପ୍ରଫୁଲ୍ଲିତ ହୋଇ ପ୍ରକାଶ ହୋଇବ ।

ନବମ ଫଳ । ଯେବେ ସମସ୍ତ ଜ୍ଞାନିମାନଙ୍କଠାରେ ହାସ୍ୟାସ୍ପଦ ହେବାକୁ ଇଚ୍ଛା କର ତେବେ ଯାତ୍ରା କରି କାଠର ଜଗନ୍ନାଥକୁ ଭଜ ଯେମନ୍ତ ଶାସ୍ତ୍ର କହଇ । ଆମ୍ଭର ଦେଶରେ ଦେବତା ନାହିଁ ଏହା ବୋଲି ମୂର୍ଖମାନେ ଦେଶାନ୍ତରରେ ଭ୍ରମଣ କରି ଅଙ୍ଗକୁ କ୍ଲେଶ ଦେଇ ଟଙ୍କା ଉଡାଇ ନଷ୍ଟ ହୋଇ ନେଉଛି ଆସୁଅଛନ୍ତି । ଅନ୍ୟରି ଶାସ୍ତ୍ର କହନ୍ତି । ଯଥା ।

ତାମ୍ର ମୃନ୍ମୟ ଶିଳା ଧାତୁ ଦାରୁ ମୂର୍ତ୍ତି ।
ଅଜ୍ଞାନ ପାମର ଲୋକ ଅତି ଭକ୍ତି ଥାନ୍ତି ।

ଦଶମ ଫଳ । ଯେବେ ମାଡ ଖାଇବାକୁ ଅବା ଜଗନ୍ନାଥଙ୍କ ସ୍ତମ୍ଭରେ ଆପଣାର ପିତୃଚର୍ମ ଉତ୍ସର୍ଗ କରି ବାପରେ ବାପରେ ବୋଲି କାନ୍ଦୁ କାନ୍ଦୁ ଘରକୁ ଧାଁଇ ଅସିବାକୁ ଇଚ୍ଛା କର ତେବେ ସିଂହଦ୍ୱାର କବାଟରେ ଗଲେ ହେବାକୁ ପାରଇ କୌଣସି ପଣ୍ଡା ତୁମ୍ଭକୁ ଅନୁଗ୍ରହ କରି ଏହି ଫଳ ଭୋଗ କରାଇବେ ।

ଏକାଦଶ ଫଳ । ଯେବେ ବୈକୁଣ୍ଠର ଫଳ ପ୍ରାପ୍ତ ହୋଇବାକୁ ଇଚ୍ଛା କର ତେବେ ବଡ ଦେଉଳର ଶୃଙ୍ଗ ପାଖରେ ଅବା ଚନ୍ଦନ

ତଲଉର ଗୃହ ପାଖରେ ଅବା ସ୍ୱର୍ଗ ଦ୍ୱାର ବୋଲି ଇତ୍ୟାଦି ଶ୍ମଶାନକୁ ଯାଇ କି ସୁନ୍ଦର ସ୍ଥାନ ଦେଖିବ କି ସୁଗନ୍ଧ ଆମୋଦ ବାସନା ପାଇବ ଅବା ଯେ ଜଳରେ ଲକ୍ଷ ଲକ୍ଷ ମନୁଷ୍ୟ ଆପଣା ମୈଳା ରୋଗି ଦେହ ଧୋଇ ଅଛନ୍ତି ସେ ଜଳରେ ସ୍ନାନ କଲେ ମୁଖ ପ୍ରକ୍ଷାଳଣ କଲେ ଅବା ସେ ମିଷ୍ଟ ଅମୃତ ଜ୍ଞାନ କରି ଜଳ ପିଇଲେ ତହିଂରୁ କି ଆଉ ବୈକୁଣ୍ଠ ଫଳ ଅଛି ।

ଦ୍ୱାଦଶ ଫଳ । ଏହି ପ୍ରକାରେ ବହୁତ ବହୁତ କଥା ଲେଖିବାକୁ ପାରି ପୁଣି ସବୁ ଶେଷରେ ଆଉ ଏକ ମହା ଫଳ ଅଛି ଯଥା ଯେବେ ନଷ୍ଟପ୍ର ନରକରେ ଅନନ୍ତ ଯନ୍ତ୍ରଣା ଭୋଗିବାକୁ ଇଚ୍ଛା କରି ତେବେ ଜଗନ୍ନାଥକୁ ଭଜିବାକୁ ଯାଅ ଏଥିରୁ ନରକରେ ପ୍ରବେଶ ହେବାର ଆଉ ସଲଖ ମାର୍ଗ ନାହିଁ । ଧର୍ମପୁସ୍ତକରେ ଏହି ପ୍ରମାଣ ଲେଖା ଅଛି ଯଥା । ପରମେଶ୍ୱରଙ୍କଠାରେ ଘୃଣିତ କର୍ମକାରର ହସ୍ତରେ କୃତ କୌଣସି ଖୋଳା କି ଢଳା ପ୍ରତିମା ଯେ ନିର୍ମାଣ କରି ଗୁପ୍ତ ସ୍ଥାନରେ ରଖନ୍ତି ସେ ଶାପଗ୍ରସ୍ତ । ଆଉ ଭାଗରେ ଲେଖିତ ଯଥା ।

ଈଶ୍ୱରଙ୍କ ରାଜ୍ୟରେ ଅଧାର୍ମିକ ଲୋକମାନଙ୍କର ଯେ ଅଧିକାର ନାହିଂ ଏହା କି ତୁମ୍ଭେମାନେ ନ ଜାଣ । ଏବିଷୟରେ ତୁମ୍ଭେମାନେ ଭ୍ରାନ୍ତ ନ ହୁଅ । ଯେଉଂମାନେ ବ୍ୟଭିଚାରୀ କି ଦେବପୂଜକ କି ପାରଦାରିକ କି ସ୍ତ୍ରୀବତ୍ ବ୍ୟବହାରୀ କି ପୁଂ ମୈଥୁନକାରୀ କି ଚୋର କି ଲୋଭୀ କି ମତ୍ତ କି ଦୁର୍ମୁଖ କି ଦୁର୍ବୃତ୍ତ ଏମାନେ ଈଶ୍ୱରଙ୍କର ରାଜ୍ୟରେ ଅଧିକାର ନ ପାଇବେ । ପୁଣି ଯେଉଂମାନେ ଭୟାଳୁ ଓ ନରହତ୍ୟାକାରୀ ଓ ବେଶ୍ୟାଗାମୀ ଓ ମାୟାବୀ ଓ ଦେବପୂଜକ ଓ ତାବତ୍ ମିଥ୍ୟାବାଦୀ ଏମାନେ ଅଗ୍ନି ଓ ଗନ୍ଧକର ପ୍ରଜ୍ୱଳିତ ହ୍ରଦରେ ଅଧିକାର ପାଇବେ ଏହି ଦ୍ୱିତୀୟ ମୃତ୍ୟୁ । ହେ ପ୍ରିୟ ଭାଇ ସମସ୍ତ ଏ

ମନ୍ତ୍ର ମିଥ୍ୟା ଦେବପୂଜାଠାରୁ ବିମୁଖ ହୋଇ ସତ୍ୟ ପିତା ପରମେଶ୍ୱରଙ୍କୁ ଭଜ ପ୍ରଭୁ ଯୀଶୁଖ୍ରୀଷ୍ଟର ପ୍ରେମରୂପ ପ୍ରାୟଶ୍ଚିତ୍ତରେ ବିଶ୍ୱାସ କରି ସତ୍ୟଧର୍ମରେ ଆଚରଣ କର । ଇତି ।

ସୃଷ୍ଟି ରକ୍ଷା ଦଣ୍ଡ କର୍ତ୍ତା ଏକ ଜଗନ୍ନାଥ ।
ଆଉ ସବୁ ଦେବା ଦେବୀ ମନୁଷ୍ୟ କଳ୍ପିତ ।
ସେହି ଜ୍ୟୋତି ଆତ୍ମରୂପ ସକଳାନ୍ତର୍ଯ୍ୟାମୀ ।
ପ୍ରେମ ଜ୍ଞାନ ସତ୍ୟ ପୂର୍ଣ୍ଣ ଜଗତର ସ୍ୱାମୀ ।
ତାଙ୍କୁ ଭକ୍ତି କଲେ ହେବ ତାହାଙ୍କ ସନ୍ତାନ ।
ଭୁଞ୍ଜିବ ଅକ୍ଷୟ ସ୍ୱର୍ଗେ ଅନନ୍ତ ଜୀବନ ।
ତାହାଙ୍କୁ ବିମୁଖ ହୋଇ ଦେବତା ଭଜିଲେ ।
ଅନନ୍ତ ଯନ୍ତ୍ରଣା ହେବ ନରକ ଅନଳେ ।

ଇତି

No. 9.

# CHRIST'S INVITATION.

## ଯୀଶୁ ଖ୍ରୀଷ୍ଟର ନିମନ୍ତ୍ରଣ ବଚନ ।

ହେ ଶ୍ରାନ୍ତ ଭାରାକ୍ରାନ୍ତ ଲୋକ ସମସ୍ତେ ଆମ୍ଭର ନିକଟରେ ଆସ ଆମ୍ଭେ ତୁମ୍ଭମାନଙ୍କୁ ବିଶ୍ରାମ ଦେବା । ମଙ୍ଗଳ ସମାଚାର ମାଥିଉ ଲିଖିତ ୧୧ ପର୍ବ ୨୮ ପଦ ।

## ଉପଦେଶ ।

ମନୁଷ୍ୟ ମାତ୍ର ନାନା ଦୁଃଖରେ ଦୁଃଖିତ ହେଉ ଅଛନ୍ତି ଏହା ସମସ୍ତେ ଜାଣନ୍ତି । ଏଣୁ ଏହି ସବୁ ଦୁଃଖ ଖଣ୍ଡାଇବା ନିମନ୍ତେ ଅନେକ ପ୍ରକାର ଉପାୟ କଳ୍ପଣା କରି ଥାନ୍ତି ତେବେହେଁ ସେ ସବୁ ଉପାୟରେ କିଛି ଫଳ ଦିଶୁ ନାହିଁ କାରଣ ସେ ସବୁ ଲୌକିକ ମାତ୍ର ଈଶ୍ୱର ଦତ୍ତ କିଛି ନୋହେ । ଏହା ଦେଖି କରି ପରମେଶ୍ୱର ଜଗତକୁ ପ୍ରେମ କରି ପାପିମାନଙ୍କର ପାପ ହରଣ କରିବା ପାଇଁ ଆଉ ସତ୍ୟ ପରିତ୍ରାଣର ମାର୍ଗ ଦେଖାଇବା ପାଇଁ ଆପଣା ଅଦ୍ଭୁଜାତ ପୁତ୍ର ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ପଠାଇ ଦେଲେ । ସେ ଦୟାଳୁ ପ୍ରଭୁ ଅବତାର ହୋଇ ଉପର ଲିଖିତ ନିମନ୍ତ୍ରଣ ଆପଣା ଶ୍ରୀମୁଖରେ ଉଚ୍ଚାରଣ କଲେ ।

ଯେବେ ପଣ୍ଟର ପ୍ରଭୁ ଯୀଶୁଖ୍ରୀଷ୍ଟ କ ହେତୁର ମନୁଷ୍ୟଙ୍କୁ ଶ୍ରାନ୍ତ ଭାରାକ୍ରାନ୍ତ ବୋଲନ୍ତି ତେବେ ତାହାର ଉତ୍ତର ଦେଇ ଶୁଣ । ସମସ୍ତେ ପାପିଷ୍ଠ । ଆଉ ସେ ପାପର ଅଶେଷ ପ୍ରକାର ଦୁଃଖ କ୍ଳେଶ ପୀଡା ମୃତ୍ୟୁ ନରକ ଯନ୍ତ୍ରଣା ଇତ୍ୟାଦି ଜନ୍ମ ହୁଅଇ । ସେ ସବୁ ଦଣ୍ଡ ଭୋଗ ହେବାରେଂ ମନୁଷ୍ୟ ସମସ୍ତେ ଅଛି ଶ୍ରାନ୍ତ ଓ ଭାରାକ୍ରାନ୍ତ ହୁଅନ୍ତି । ଯେମନ୍ତ ଦାଉଦ ରାଜା ବୋଇଲେ ଯଥା । ଅମ୍ଭର ଅପରାଧର ବୋଝ ଅମ୍ଭେ ମୁଣ୍ଡରେ କରି ବହୁଅଛୁଁ ଆଉ ତାହା ଏମନ୍ତ ଭାରି ଯେ ଅମ୍ଭକୁ ଅସହ୍ୟ ବୋଧ ହୁଅଇ । ଅର୍ଥ ଯେମନ୍ତ କୌଣସି ମୁଟିଆ ଆପଣା ପ୍ରାଣ ପଣେ ବହି ନ ପାରଇ ଏତେ ଭାରି ବୋଝ ବାନ୍ଧି ନେଇ ଯାଏ୍ ତେମନ୍ତ ଦାଉଦକୁ ଆପଣା ପାପର ଭାର ଅତିଶୟ ଭାରି ବୋଝ ଥିଲା ।

ମନୁଷ୍ୟର ପାପର ଫଳ କି ପ୍ରକାର ଭାରି ତାହା ଖ୍ରୀଷ୍ଟର ସେ ଭାର ଭୋଗିବାରେଂ ଜଣାଯାଏ୍ । ସେ ଆପେ କହିଲେ ମରଣ କାଳର ନ୍ୟାଯ୍ ଅମ୍ଭର ପ୍ରାଣ ଅତ୍ୟନ୍ତ ଶୋକାକୁଳ ହେଉଅଛୁ । ଯେସନ କୌଣସି ଜଣର ମୁଣ୍ଡରେ ବଡା ବୋଝ ଦେଲେ ଗଲଦ୍ ଘର୍ମ ହୋଇ ଝାଳ ଝରୀ କରି ପଡୁଥାଏ୍ ତେମନ୍ତ ମନୁଷ୍ୟର ପାପର ଭାରରେ ଖ୍ରୀଷ୍ଟର ଶରୀରଠାରୁ ଝାଳର ମତେ ରକ୍ତର ଟୋପା ପଡିଲା ।

ଯେଉଂ କାଳେ ଭୋଗ କଲେ ଯନ୍ତ୍ରଣାର ଭାର ।
ତେବେ ତାହାଙ୍କର ଦୁଃଖ ହୋଇଲା ଅପାର ।
ପର୍ବତ ଉପରେ ପର୍ବତର ଭାର ଯେତେ ।
ଜଗତର ପାପ ଦଣ୍ଡ ହୋଇଲା ସେମତେ ।
ମହା ଭାର ତଳେ ସେହି ସ୍ୱେଦ କଲେ ରକ୍ତ ।
ହୋଇଲେ ମନର ବ୍ୟଗ୍ର ଅତି ଶଂକାଯୁକ୍ତ ।

ତାଙ୍କ ଯନ୍ତ୍ରଣାର ଭୋଗ ପାପିର ନିମନ୍ତେ ।
ଅକଥ୍ୟ ଅଭବ୍ୟ ମହାସମ୍ଭବ ହୁଅନ୍ତେ ।

ଅଉ ସେ ସବୁ ପାପରୁ ଉଦ୍ଧାର ପାଇବା ପାଁଇ ମନୁଷ୍ୟ ସମସ୍ତେ ନାନା ପ୍ରକାର ଭଜନା ପୂଜା ସ୍ନାନ ଦାନ ହୋମ ଯପ ତପସ୍ୟା ତୀର୍ଥ ଗମନ ଇତ୍ୟାଦି କରନ୍ତି । ଏମନ୍ତରେ କେତେ ଲୋକ ଅତି ଭାର ବୋଝ ଘେନି ଶ୍ରାନ୍ତ କ୍ଲାନ୍ତ ବୋଧ କରନ୍ତି । ଏହି ସବୁ ଦେଖି ଦୟାଳୁ ହୋଇ ପ୍ରଭୁ ଯୀଶୁଖ୍ରୀଷ୍ଟ ଆହ୍ୱାନ କରି ଡାକନ୍ତି ହେ ସମସ୍ତ ଶ୍ରାନ୍ତ ଭାରାକ୍ରାନ୍ତ ଆମ୍ଭର ନିକଟକୁ ଆସ ଅମ୍ଭେ ବିଶ୍ରାମ ଦେବା ।

ଖ୍ରୀଷ୍ଟର ଦତ୍ତ ବିଶ୍ରାମ କି ପ୍ରକାର ତାହା ଲେଖି ।

୧ ପାପର ପ୍ରତିଫଳରୁ ବିଶ୍ରାମ । ଯେମନ୍ତ ଭବିଷ୍ୟତ୍ ବାକ୍ୟରେ ଲେଖା । ଯଥା ॥ ଅବଶ୍ୟ ସେ ଆମ୍ଭମାନଙ୍କର କ୍ଲେଶ ଭୋଗ କଲେ ଆମ୍ଭମାନଙ୍କର ଦୁଃଖ ବହିଲେ ସେ ଆମ୍ଭମାନଙ୍କର ଦୋଷର ପାଁଇ କ୍ଷତ ଓ ଆମ୍ଭମାନଙ୍କର ଅପରାଧର ପାଁଇ ପ୍ରହାର ଖାଇଲେ ଯେଉଁ ଶାସ୍ତିରେ ଆମ୍ଭମାନଙ୍କର ମଙ୍ଗଳ ହୁଅଇ ସେ ଶାସ୍ତି ତାହାଙ୍କର ଉପରେ ବସାଇ ଦିଆଗଲା ପୁଣି ତାହାଙ୍କର ପ୍ରହାରରେ ଆମ୍ଭମାନଙ୍କର କ୍ଷତ ଭଲ ହେଲା । ଅର୍ଥାତ୍ ଖ୍ରୀଷ୍ଟ ଆମ୍ଭମାନଙ୍କର ପ୍ରତିନିଧି ହୋଇ ଆମ୍ଭମାନଙ୍କର ପାପର ଭାର ଆପେ ତୋଳି ନେଇ ତାହାର ପ୍ରତିଫଳ ଭୋଗ କଲେ । ଯେମନ୍ତ କୌଣସି ବଳବନ୍ତ ବାଟରେ ଯାଉଁ ଜଣେ ଦୁର୍ବଳ ଲୋକ ଅତି ଭାରି ବୋଝ ତଳେ ଅବସନ୍ନ ଦେଖି ଦୟା କରି ଆପେ ସେ ବୋଝ ମୁଣ୍ଡାଇ ସେ ଦୁର୍ବଳ ଜନକୁ ମୁକ୍ତ କରଇ ତେମନ୍ତ ଖ୍ରୀଷ୍ଟ ସର୍ବ ଶକ୍ତିମାନ ହୋଇ ଜଗତରେ ଅବତୀର୍ଣ ହୋଇ ପର୍ବତରୂପ ମନୁଷ୍ୟର ପାପର ଭାର ନିଜ ଦେହରେ ଘେନି

ଭୋଗ କଲେ । ଏନିମନ୍ତେ ଯେ କେହି ଖ୍ରୀଷ୍ଟଙ୍କୁ ଲଗା ମଣି ବିଶ୍ୱାସ କରଇ ସେ ଆପଣାର ପାପରୂପ ବୋଝରୁ ବିଶ୍ରାମ ପାଇବ ।

୨ । ନାନା ପ୍ରକାର ଭାବ ମିଥ୍ୟା ଉପାୟରୁ ବିଶ୍ରାମ ପାଇବ ।

ଦେଖ ପାପ ମୋଚନ ହେତୁରୁ ହିନ୍ଦୁମାନେ ଅଶେଷ କଳ୍ପିତ ଉପାୟ କରନ୍ତି ଯଥା ॥ ଦେବତାଦର୍ଶନ ପୂଜା ଜପ ତପ ଧ୍ୟାନ ସ୍ନାନ ହୋମ ଦାନ ବଳି ମନ୍ତ୍ର ତନ୍ତ୍ର ଜଜ୍ଞ ତୀର୍ଥ ବ୍ରତ ନ୍ୟାସ ଭଜନ ସେବା ସ୍ତୁତି ଯାତ୍ରା ଶ୍ରାଦ୍ଧ ଓଷା ବାର ଉପବାସ ଇତ୍ୟାଦି ଏମାନେ କଳ୍ପିତ ସିନା ତହିଂରେ ପରିତ୍ରାଣ ନାହିଁ । ମନୁଷ୍ୟର ଯେତେ ପୁଣ୍ୟ କଲେ ତହିଂରୁ ନିସ୍ତାର ନାହି ଯେହେତୁ ମନୁଷ୍ୟର ସ୍ୱଭାବ ମନ୍ଦ । ଯଥା ॥

ଯଦି ହୃଦୟ ମଶୁଦ୍ଧଂ ତସ୍ୟ ସର୍ବଂ ବିରୁଦ୍ଧଂ ।

ପୁଣି ଖ୍ରୀଷ୍ଟ ଯେ ସେ ନିଷ୍ପାପୀ ହୋଇ ଆପଣାକୁ ଆମ୍ଭମାନଙ୍କର ନିମନ୍ତେ ପ୍ରାୟଶ୍ଚିତ୍ତ ଦେଲେ ଯେମନ୍ତ ଲେଖା ଯଥା । ଅମ୍ଭେମାନେ ଯେମନ୍ତ ଖ୍ରୀଷ୍ଟରେ ଈଶ୍ୱର ଦତ୍ତ ପୁଣ୍ୟ ସ୍ୱରୂପ ହୋଇ ଏଥିପାଇଁ ଯାହାଙ୍କର ସଙ୍ଗରେ ପାପର ସମ୍ପର୍କ ନ ଥିଲା ତାହାଙ୍କୁ ପାପ ସ୍ୱରୂପ କରି ଅଛନ୍ତି । ଆଉ ଭାଗରେ ଲେଖା ଯେ ଈଶ୍ୱରଙ୍କ ସହିତ ଆମ୍ଭମାନଙ୍କର ମିଳଣ କରାଇବାର ପାଇଁ ଖ୍ରୀଷ୍ଟ ଅଟେ ନିର୍ଦ୍ଦୋଷ ହୋଇ ଦୋଷିମାନଙ୍କର ବଦଳେ ଥରେ ଦୁଃଖ ଭୋଗ କଲେ । ଏଣୁ ନିଜ କୃତ କର୍ମରେ ଭରସା ନ ରଖି କେବଳ ଯୀଶୁ ଖ୍ରୀଷ୍ଟରେ ଆଶ୍ରୟ ନେଇ ବିଶ୍ୱାସ ରଖ । ଏମନ୍ତ ସବୁ ବ୍ୟର୍ଥ ପରିଶ୍ରମ ଛାଡ ଖ୍ରୀଷ୍ଟରେ ସୁସ୍ଥିର ହେବାରୁଂ ଯେ ଆନନ୍ଦ ତୁମ୍ଭେ କେବେହେଁ ନ ଜାଣିଲ ସେ ଆନନ୍ଦ ତୁମ୍ଭ ମନରେ ପ୍ରବେଶ ହୋଇବ ।

୩ । ପାପ ଇଚ୍ଛାରୁଂ ମନରେ ଯେ ଯନ୍ତ୍ରଣା ଉପୁଯାଇ ସେ ଭାବ ଯନ୍ତ୍ରଣାରୁ ବିଶ୍ରାମ ପାଇବ । ସେ କହନ୍ତି ଆସ ଆମ୍ଭର ଯୁଆଳି

ଯେନ ଆମ୍ଭଠାରେ ଶିଖ ଯେହେତୁ ଆମ୍ଭେ ବିନତ ଓ ନମ୍ରଚିତ୍ତ ହୋଇ ତହିଁରେ ତୁମ୍ଭମାନଙ୍କର ଆତ୍ମା ଶାନ୍ତି ପାଇବ । ଆମ୍ଭର ଯୁଆଳି ସହଜ ଓ ଆମ୍ଭର ବୋଝ ଉଣ୍ଡାସ । ଦେଖ ଶୟତାନର ଯୁଆଳି ବହିବାର କଠିଣ ଓ ପାପର ବୋଝ ଭାରି । ପୁଣି ଖ୍ରୀଷ୍ଟର ଯେ ସତ୍ୟ ଧର୍ମ ତାହାର ମୂଳ ପ୍ରେମ ସତ୍ୟ ଶାନ୍ତି ଆନନ୍ଦ । ସେ ଧର୍ମଆତ୍ମା ଦେଇ ପାପରୁ ମନୁଷ୍ୟର ମନକୁ ପବିତ୍ର କରନ୍ତି ପୁଣି ଈଶ୍ୱରଙ୍କଠାରେ ଆକର୍ଷଣ କରି ଧର୍ମ ପଥରେ ଚଳାନ୍ତି । ଏମନ୍ତରେ ଇହକାଳରେ ସେ ପାପର କ୍ଷମା ଦେଇ ମନରୁ ଭୟ ଦୂର କରି ନୂଆ ପ୍ରେମି ମନ ଦିଅନ୍ତି । ପୁଣି ପରକାଳରେ ସବୁ ଦୁଃଖ ଦଣ୍ଡ ଜନ୍ମ ମରଣ ପାପ ଶାପରୁ ମୁକ୍ତ କରି ଅନନ୍ତ ପାରମାର୍ଥିକ ସୁଖ ଭୋଗ କରାନ୍ତି ।

ଯେବେ ପଚାର ଖ୍ରୀଷ୍ଟର କିଭଳି କି ପ୍ରକାରରେ ଆସିବାକୁ ହୁଅଇ ତେବେ ତାହାର ଉତ୍ତର ଶୁଣ । ପାଦ ଦେଇ ତାହାଙ୍କ ନିକଟରେ ଗମନ କରିବାକୁ ନ ହୁଅଇ ମନ ଦେଇ ଗମନ କର । ଆଉ ଚର୍ମ ଚକ୍ଷୁ ଦେଇ ଦର୍ଶନ ନ କରି ବିଶ୍ୱାସରେ ତାହାଙ୍କଠାରେ ଆଶ୍ରୟ ନେଇ ପ୍ରାର୍ଥନା ଧନ୍ୟବାଦ କର । ଯଥା ॥

୧ । ମନରେ ଖ୍ରୀଷ୍ଟର ନିକଟରେ ଅଇଲେ ଆପେ ଯେ ପାତକୀ ଓ ପାପର ଭାରରେ ଭାରାକ୍ରାନ୍ତ ଆଗେ ଏମନ୍ତ ବୋଧ ହୁଅଇ । ଏ ପ୍ରକାର ମନ ଧର୍ମଆତ୍ମାର ଶିକ୍ଷାରେ ଜନ୍ମଇ । ଯେହେତୁ ମନୁଷ୍ୟ ନିଜ ପାପିଷ୍ଠ ମନରେ ଓଜର କରି କହଇ ପାପକୁ ଏମନ୍ତ ଭାରି କରି କାହିଁ ଲେଖଇ ଅମ୍ଭେତ ଏଥିରେ କୌଣସି ଭାରି ବୋଧ କୋହୁଁ । ତାହାର ଏମନ୍ତ ବୋଲର କାରଣ ଏହି ଯେ ମନୁଷ୍ୟର ମନ ପଥରର ନ୍ୟାୟ କଠିଣ । ଯେମନ୍ତ ପଥରର ଉପରରେ ପର୍ବତ ପ୍ରମାଣ ଭାର ଚପାଇଲେ ତାହାର ବୋଧ ନ ହୁଅଇ ତେମନ୍ତ ହଜାର ହଜାର ପାପର ବୋଝ ହେଲେ ମନୁଷ୍ୟ ପାପ ବୋଧ

ନ କରଇ । ପୁଣି ପାପ କେମନ୍ତ ମନ୍ଦ ବସ୍ତୁ ଆଉ ଆପେ କେମନ୍ତ ଦୁଷ୍ଟ ଦୁରାଗ୍ରହ ଏହା ଧର୍ମଗ୍ରନ୍ଥର ଶିକ୍ଷାରେ କେହି ଜାଣିବାକୁ ପାଇଲେ ସେ ଜଣ ବେଗରେ ଏତେ ଭାରରୁ ମୁକ୍ତିଦାତା ପ୍ରାର୍ଥନା କରିବ । ନୋହିଲେ ଯେମନ୍ତ ନିରୋଗି ମନୁଷ୍ୟ ଔଷଧକୁ ତୁଚ୍ଛ ବୋଧ କରଇ ସେ ପ୍ରକାରେ ଆପଣାକୁ ପାପରେ ପତିତ ନଷ୍ଟ ବୋଧ ନ କଲେ କେହି ଖ୍ରୀଷ୍ଟର ନିକଟରେ ନ ଆସିବ ।

୨ । ପାପରୁ ମୁକ୍ତ କରିବା ଶକ୍ତି କେବଳ ଖ୍ରୀଷ୍ଟର ଅଛି ଏମନ୍ତ ବିଶ୍ୱାସ ଗ୍ରହି । ସେହି ବିଶ୍ୱାସ ଏକ ପ୍ରକାର ହସ୍ତ ସ୍ୱରୂପ । ଯେମନ୍ତ ମହା ଭାରର ତଳରେ ବାଟରେ ପଡ଼ିଲା ଲୋକକୁ ଦେଖି କୌଣସି ବଳବନ୍ତ ଅସି ହାତ ବଢ଼ାଇ ତାକୁ ଉଠ ବୋଲି ଉପକାର କରନ୍ତି ଆଉ ସେ ପଡ଼ିଲା ଜଣ ଯେବେନେ ଆପଣା ହାତ ବିସ୍ତାର କରି ତାହାର ହାତ ଧରି ରକ୍ଷା ପାଏ ଖ୍ରୀଷ୍ଟ ତେମନ୍ତ ହାତ ବିସ୍ତାର କରି ଡାକନ୍ତି ଆହେ ଭାରଗ୍ରସ୍ତ ଲୋକ ଆମ୍ଭର ନିକଟରେ ଆସ । ଏହି କଥାରେ ନିର୍ଭର ଦେଇ ପୁଣି ପାପର ବୋଝ ଉଠାଇ ନେବାକୁ କେବଳ ଖ୍ରୀଷ୍ଟ ଶକ୍ତିମନ୍ତ ଏହା ନିଶ୍ଚୟ ବୁଝି ଯେ କେହି ତାଙ୍କର ଆଶ୍ରୟ ନିଅଇ ସେ ଜନ ଉଦ୍ଧାର ପାଏ । ଏରୂପେ ଲକ୍ଷୀ ଲୋକ ସବୁ ଦେଶରେ ଖ୍ରୀଷ୍ଟରେ ଦୃଢ଼ ବିଶ୍ୱାସ କରି ଉଦ୍ଧାର ପାଇଛନ୍ତି ଓ ପାଉଛନ୍ତି ପୁଣି ଆହୁରି ପାଇବେ ।

## ଖ୍ରୀଷ୍ଟର ନିକଟରେ ଅସିବା ଲୋକର ପ୍ରାର୍ଥନା ।

ହେ ସ୍ୱର୍ଗସ୍ଥ ପରମେଶ୍ୱର । ତୁମ୍ଭର ଅତେ ଅମ୍ଭେ ପାପିଷ୍ଠ ଆଖିରେ ଅନାଇ ପ୍ରାର୍ଥନା କରୁ । ତୁମ୍ଭ ବିନୁ ଏମନ୍ତ ଦୁର୍ଗତ ଜନର ରକ୍ଷା କର୍ତ୍ତା ଆଉ ନାହିଁ । ଆମ୍ଭର ସୃଷ୍ଟି ପ୍ରତିପାଳଣ କର୍ତ୍ତା ଯେ ତୁମ୍ଭେ ତୁମ୍ଭକୁ ଭୁଲି ଅପାର ମିଥ୍ୟା ଦେବ ଦେବୀ ସେବା କଲୁଁ । ଏମନ୍ତରେ ଜନ୍ମକାଳରୁ ନାନାଦି ପ୍ରକାରେ ତୁମ୍ଭର ସମସ୍ତ ସତ୍ୟ

ଆଜ୍ଞା ଲଙ୍ଘନ କରି ପାପରେ ଭାରଗ୍ରସ୍ତ ହୋଇ ନରକ ଯୋଗ୍ୟ ହୋଇଲୁଁ । ଏମନ୍ତ ଦୀନହୀନ ପାପିଷ୍ଠର ମରଣରେ ତୁମ୍ଭର ତୁଷ୍ଟି ନାହିଁ ତାହାର ମନ ଫେରଣ ଓ ଅନନ୍ତ ପରିତ୍ରାଣ ପାଇବାରେ ତୁମ୍ଭର ତୁଷ୍ଟି ଅଟନ୍ତି । ଏନିମନ୍ତେ ତୁମ୍ଭେ ଦୟାଳୁ ହୋଇ ପାପିମାନଙ୍କୁ ଉଦ୍ଧାର କରିବା ପାଇଁ ଆପଣା ପ୍ରିୟ ପୁତ୍ର ଜଗତରେ ପଠାଇ ଦେଲ ।

ଧନ୍ୟ ୨ ପ୍ରଭୁ ଯୀଶୁ ଏମନ୍ତ ନରାଧମ ଦୁରାତ୍ମର ଲୋକର ପ୍ରତି କି ତୁମ୍ଭର ଏତେ ଦୟା ଯେ ଆମ୍ଭଙ୍କୁ ତ୍ରାଣ କରିବା ନିମନ୍ତେ ନିଜ ସ୍ୱର୍ଗ ପୁରୀ ଛାଡି ଏହି ପୃଥ୍ୱୀରେ ଅଇଲ । କେବଳ ତାହା ନୋହେ ଅପରାଧୀ ମନୁଷ୍ୟର ଆକାର ଧରି ବୋଦା ସ୍ୱରୂପ ହୋଇ ତାହାର ଅଗଣ୍ୟ ପାପର ପ୍ରତିଫଳ ନିମନ୍ତେ ଅସହ୍ୟ ଯନ୍ତ୍ରଣା ଭୋଗ କରି ଆପଣା ଅମୂଲ୍ୟ ରକ୍ତ ଢାଳିଲ । ହେ ଯୀଶୁ ଏହି ମହା ମଙ୍ଗଳ ସମାଚାର ଶୁଣି ମୋର ମନ ମହାନନ୍ଦରେ ଉଲ୍ଲାସ କରଇ । ହେ ପ୍ରଭୁ ଆମ୍ଭେ ଆସି ତୁମ୍ଭର ପ୍ରିୟ ପଦ୍ମଚରଣରେ ଆଶ୍ରୟ ନେଇ ତୁମ୍ଭର ନିଜ ରକ୍ତରେ ମୋର ଦୋଷି ମନ ପରିଷ୍କାର କର । ତୁମ୍ଭର ସତ୍ୟ ସେବକ ଲୋକର ମଧ୍ୟରେ ଆମ୍ଭଙ୍କୁ ଗ୍ରହଣ କର । ପୁଣି ଧର୍ମାତ୍ମା ଦେଇ ଆମ୍ଭର ମନକୁ ନୂଆ କରି ସତ୍ୟ ପଥରେ ଚଳାଅ ।

ହେ ପିତା ପରମେଶ୍ୱର ତୁମ୍ଭର ପ୍ରିୟ ପୁତ୍ର ନିମନ୍ତେ ଆମ୍ଭଙ୍କୁ ଏମନ୍ତ ଗତି ହୋଇ ଶେଷରେ ତୁମ୍ଭର ଅମର ପୁରରେ ପ୍ରବେଶ କରାଉନ୍ତୁ ।

ଇତି

---

No. 10.

# OBJECTIONS TO HINDUISM.

## ପନ୍ଦର ଆପତ୍ତି ।

ବେଦ ବେଦାନ୍ତ ପୁରାଣ ଇତ୍ୟାଦି ହିନ୍ଦୁମାନଙ୍କର ଅତ୍ୟନ୍ତ ଆଦରଣୀୟ ଶାସ୍ତ୍ରରେ ବିଶ୍ୱାସକାରୀ ଯେଉଂ ପଣ୍ଡିତମାନେ ସେମାନଙ୍କୁ ଅବର ସେମାନଙ୍କର ପ୍ରିୟଶିଷ୍ୟମାନଙ୍କୁ ଅତି ପ୍ରେମ ଭାବରେ ଏହି ପନ୍ଦର ଆପତ୍ତି ନିବେଦନ କରା ଯାଉଁ ଅଛି ।

୧ । ଏକ ବ୍ରହ୍ମ ଦ୍ୱିତୀୟୋ ନାସ୍ତି ଏହି କଥା ସମସ୍ତେ ଅଙ୍ଗୀକାର କରନ୍ତି । ଏ ଯେବେ ସତ୍ୟ ହୁଅଇ ତେବେ ସେ ଏକ ପରମେଶ୍ୱରଠାରୁ ବିମୁଖ ହୋଇ ତେତିଶ କୋଟି ଦେବ ପ୍ରତିମାର ଆରାଧନାରେ ଚିତ୍ତ ଆବିଷ୍ଟ ହୋଇ କେମନ୍ତ କରି କାଳ କାଟନ୍ତି ।

୨ । ଯେବେ ବୋଲ ଏହି ପ୍ରତିମା ସମସ୍ତଙ୍କୁ ସ୍ୱୟଂ ଈଶ୍ୱର ଜ୍ଞାନ ନ କରି ପରମେଶ୍ୱରଙ୍କର ପ୍ରତିମୂର୍ତ୍ତି ଜାଣି ଉପାସନା କରି ଥାଉଁ । ତେବେ ପୃଥ୍ୱୀର ରାଜା ଓ ତାହାଙ୍କ ପ୍ରତିମୂର୍ତ୍ତି ଏହି ଦୁହିଙ୍କର ସାକ୍ଷାତ ହେଲେ ରାଜାଠାରୁ ମୁଖ ଫେରାଇ କେବଳ ପ୍ରତିମୂର୍ତ୍ତିର ସମ୍ମୁଖରେ ନୈବେଦ୍ୟ ଆଦି ନମସ୍କାର କଲେ କର୍ତ୍ତବ୍ୟ ନୋହି ଅକର୍ତ୍ତବ୍ୟ ଜାଣିବା ତେମନ୍ତ ଈଶ୍ୱର ସର୍ବବ୍ୟାପୀ ହୋଇ ତାହାଙ୍କ ଭଜନା ନ କରି କେବଳ ପ୍ରତିମା ପୂଜା କରିବାର ଅତି ଅସଙ୍ଗତ କ୍ରିୟା ।

୩ । ଯେବେ ବୋଲ ଅଦୃଶ୍ୟ ପରମେଶ୍ୱରଙ୍କୁ ଭଜିବାର ଅତି ଦୁଷ୍କର ଏଣୁ ଆମ୍ଭମାନଙ୍କର ସାମର୍ଥ୍ୟ ନୋହେ ପୁଣି ପ୍ରତିମା ପୂଜା ସୁସାଧ୍ୟ । ତେବେ ନିବେଦନ କରି ଏ ସନ୍ଦେହ କି ପ୍ରକାର ଖଣ୍ଡନ ହୁଅଇ । ଯଥା । ଜଡ଼ ପିଣ୍ଡକୁ ସଚେତନରୂପ ପ୍ରଭୁ କି ପ୍ରକାର ଜ୍ଞାନ କରି ପାର । ହାତ ପାଦାଦିଯୁକ୍ତ ପୁତୁଲୀକୁ କି ପ୍ରକାର ଅରୂପ ଅନନ୍ତ ଈଶ୍ୱରଙ୍କୁ ଜ୍ଞାନ କରି ପାର । ଖାଇବା ଶକ୍ତି ହୀନ ପ୍ରତିମାକୁ କିରୂପେ ଅନ୍ନାଦି ପ୍ରଦାନ କରି ପାର । ଶ୍ରବଣ ହୀନକୁ କି ପ୍ରକାରେ ସ୍ତବ ପ୍ରାର୍ଥନା କରି ପାର । ଏମନ୍ତ ମନୁଷ୍ୟର ହସ୍ତକୃତ ବସ୍ତୁରେ ଏକ ବେଳେ ଈଶ୍ୱର ଜାଣିବା ଆଉ ବେଳେ ଅନୀଶ୍ୱର ଜାଣିବା କି ପ୍ରକାରରେ ହୁଅଇ ।

୪ । ପରମେଶ୍ୱର ସବୁଠାରେ ଅଛନ୍ତି ଏଣୁ ଅସ ଫଲଣା ସ୍ଥାନକୁ ଯାଇ ମହା ପ୍ରଭୁ ସେଠାରେ ଥାଅନ୍ତି ତାହାକୁ ଭଜିବା ଏମନ୍ତ କଥା କିରୂପେ କହି ପାର । ଏକ ସ୍ଥାନକୁ ଛାଡ଼ି ଅନ୍ୟ ସ୍ଥାନକୁ ଗଲେ କି ଈଶ୍ୱରଙ୍କର କିଛି ନିକଟ ହେବାକୁ ପାରଇ ।

୫ । ପରମେଶ୍ୱର ସର୍ବଜ୍ଞାନୀ ଏଣୁ ମାୟା ମୃଗ ନ ଚିହ୍ନି ତାହାର ପଛେ ଧାଇଲେ ଅବା କାନ୍ଦି ଆମ୍ଭର ସୀତା କେ ନେଇ ଗଲା ଏହି କଥା ବୋଇଲେ ଇତ୍ୟାଦି ରାମ କୃଷ୍ଣାଦିର ପରି ନାନାଦି କ୍ରିୟାକୁ ଈଶ୍ୱରଙ୍କର କ୍ରିୟା କେମନ୍ତ କରି ଜାଣିବ ।

୬ । ଈଶ୍ୱର ସତ୍ୟବାଦୀ ତେବେ ସେ ଯେ ଯୁଧିଷ୍ଠିରକୁ ମିଥ୍ୟା କୁହାଇଲେ ଏହି କଥା କେମନ୍ତେ ବିଶ୍ୱାସ କରି ପାର ।

୭ । ଈଶ୍ୱର ନ୍ୟାୟକାରୀ ଧର୍ମସ୍ୱରୂପ ଅଟନ୍ତି । ତେବେ ଏକ ଜଣର ଦୋଷ ନିମନ୍ତେ ସମସ୍ତେ ତାହାର ନିର୍ଦ୍ଦୋଷ ବଂଶକୁ ନାଶ କଲେ କି ପ୍ରକାର କହି ପାର । ଅବା ଦାତାଙ୍କ ପ୍ରତି ଉପକାର ଅମାନିୟା ହୋଇ ନରକରେ ପକାଇବାକୁ ପାରନ୍ତି ଏକଥା କେମନ୍ତ କରି ସତ୍ୟ ଜାଣିବ । ଯଥା ।

ପଞ୍ଚମେ ବାମନ ବଳୀ ପାତାଳେ ଚପିଲା ।
ଷଷ୍ଠେ ପ୍ରଶୁରାମ କ୍ଷତ୍ରି ବଂଶ ସଂହାରିଲା ।

ସେରୂପେ ମହାଦେବର ଅନେକ କୁକ୍ରିୟା ।

୮ । ଈଶ୍ୱର ନିଷ୍ପାପୀ ଓ ଅତି ପବିତ୍ର ଅଟନ୍ତି ତେବେ ଇନ୍ଦ୍ର ଯେ ସନ ଗୁରୁ ପତ୍ନୀକୁ ଭ୍ରଷ୍ଟ କଲା ଅବା କୃଷ୍ଣ ମହାଦେବାଦି ଯେରୂପ ଅତିଶୟ କାମ ଅଭିଳାଷରେ ମଗ୍ନ ଥିଲେ ତେମନ୍ତ କରି ଈଶ୍ୱରଙ୍କ ଯୋଗ୍ୟ କର୍ମ କି ପ୍ରକାର ଜାଣିବ ।

୯ । ଯେବେ ବୋଲ ଏହି ଦେବତାର ସମସ୍ତ କ୍ରିୟାକୁ ପାପ ନ ଜାଣି ମାତ୍ର ସେମାନଙ୍କ ଲୀଳା ଜ୍ଞାନ କରି ତେବେ ଉତ୍ତର ଏହି । ସୂର୍ଯ୍ୟ ଯେମନ୍ତ ନିର୍ମଳ ସୂର୍ଯ୍ୟର କିରଣ ତେମନ୍ତ ନିର୍ମଳ । ସେ ପ୍ରକାର ଏହି ଦେବତାମାନେ ଯେବେ ଈଶ୍ୱରଙ୍କ ଅଂଶ ଅବତାର ହୁଅନ୍ତେ ତେବେ ଈଶ୍ୱରଙ୍କର ସମାନ ନିଷ୍କାମୀ ନିଷ୍କ୍ରୋଧୀ ହୁଅନ୍ତେ । ଆଉ ଏହି ଦେବତାଗଣର ଯୁଦ୍ଧ ମିଥ୍ୟା କାମ ଭୟ ଜନ୍ମ ମରଣାଦି ଚରିତ୍ର ଦେଖିଲେ ଜ୍ଞାନ ହୁଅଇ ସେମାନେ ମନୁଷ୍ୟରୁ ଅଧମ । ସେ ପ୍ରକାର ଭୃଗୁଆଦି ଋଷିଗଣ ବିଚାର କଲେ ଯେ ହେତୁ ଶାସ୍ତ୍ରେ ଲେଖା ସେମାନେ କେବେ ଦେବତାଙ୍କୁ ଶାପ୍ୟ ଦେଲେ କେବେ ପାଦାଘାତ କଲେ କେବେ ସେମାନଙ୍କ ବଂଶ ସଂହାରିଲେ ଇତ୍ୟାଦି ।

୧୦ । ଈଶ୍ୱର ସର୍ବଶକ୍ତିମାନ୍ ତେବେ କପି ଭଲ୍ଲୁକାଦି ସଙ୍ଗତରେ ସହାୟ କରି ଉପକାର ମାଗନ୍ତି ଏକଥା କିରୂପରେ ସତ୍ୟ ମାନିବା ।

୧୧ । ଈଶ୍ୱର ଆତ୍ମସ୍ୱରୂପ ଏଣୁ ସକଳାନ୍ତର୍ଯ୍ୟାମୀ ଅଉ ମନ ମଧ୍ୟରେ ସତ୍ୟ ପ୍ରେମ ବିଶ୍ୱାସ ଭକ୍ତି ଗ୍ରହାନ୍ତି । ଏଥି ନିମନ୍ତେ ଜ୍ଞାନୀ ମନୁଷ୍ୟ କି ପ୍ରକାର ସର୍ବପ୍ରଧାନ ଗୌରବଯୁକ୍ତ ଈଶ୍ୱରଙ୍କ ମୂର୍ତ୍ତିକୁ

ଗୁଚ୍ଛ ବୋଧ କର ଅଙ୍ଗ ଭଙ୍ଗ ପଦାଘାତ ଅଙ୍ଗୁଳୀ ଧ୍ୱନି ଇତ୍ୟାଦ କୁତ୍ସିତ ବାଜନ ପୂଜନ କର ଈଶ୍ୱରଙ୍କର ଆରାଧନା ବୋଲିବାକୁ ପାରନ୍ତି ।

୧୨ । ଅଉ ଈଶ୍ୱର ଅତ୍ୟନ୍ତ ମହିମାଯୁକ୍ତ ଅଗମ୍ୟ ତେଜବାସୀ ଅଗ୍ନି ସ୍ୱରୂପ ଅଟନ୍ତି । ତେଣୁ ଅଭଶମୃ କୁତଶ୍ୟ କୁତ୍ସିତ ଭସ୍ମଙ୍କରରୂପ କାଠ ପଥର ଅଦ ପ୍ରତିମା ବନାଇ ଈଶ୍ୱରଙ୍କ ନାମ ଦେଇ କି ପ୍ରକାରେ ତାହାଙ୍କର ଗୌରବ ପ୍ରକାଶ ହୁଅଇ ।

୧୩ । ଈଶ୍ୱର ସମସ୍ତଙ୍କର ପିତା ଅଟନ୍ତି ତେଣୁ ଜଗତର ଅଉ ଅଉ ବଡ଼ ବଡ଼ ଦେଶର ସବୁ ଲୋକ ଛାଡ଼ି କେବଳ ହିନ୍ଦୁମାନଙ୍କର ନିମନ୍ତେ ସତ୍ୟ ଧର୍ମ ପ୍ରକାଶ କରନ୍ତି ଏକଥା କି ପ୍ରକାର ବିଶ୍ୱାସ ଯୋଗ୍ୟ । ଆଉ ଜନ୍ମରେ ହିନ୍ଦୁ ନୋହିଲେ କୃତାର୍ଥ ହେବାକୁ ପାରଇ ନାହିଁ କେବଳ ବିନାଶ ଅବଶ ଘଟଇ ଏକଥା ଅସଙ୍ଗତ ।

୧୪ । ଈଶ୍ୱର ସମସ୍ତ ମନୁଷ୍ୟର ଜନକ ହୁଅନ୍ତି ଏଣୁ ସମସ୍ତେ ତାହାଙ୍କର ବଂଶ । ତେବେ ଈଶ୍ୱରଙ୍କୁ ଅନାଦର କର ଏହି ବଡ଼ ଜାତି ସେ ନୀଚ ଜାତି ଏ ସଜାତି ସେ ଅଜାତି । ଏକଥା କେମନ୍ତ କର କହିବାକୁ ପାର । ଯେହେତୁ ।

ସମସ୍ତର ସୃଷ୍ଟିକର୍ତ୍ତା ଏକ ଭଗବାନ ।
ତାଙ୍କ ଅଜ୍ଞା କଲେ ହେବ ତାହାଙ୍କ ସନ୍ତାନ ।
ନାହିଁ ଯେବେ ଦୁରାତ୍ମର ମନ୍ଦ କର୍ମ କର ।
ଶୟତାନୀ ଜାତି ହେବ ଏହି ସାରୋଦ୍ଧାର ।

୧୫ । ଆଉ ଈଶ୍ୱର ସତ୍ୟ ଏକ ଈଶ୍ୱର ହୁଅନ୍ତି ତେବେହେଁ ଭିନ୍ନ ବିରୁଦ୍ଧ ଶାସ୍ତ୍ର ଅର୍ଥାତ୍ ହିନ୍ଦୁ ଶାସ୍ତ୍ର ସମସ୍ତ ସେ କି ପ୍ରକାର ହେବାକୁ ପାରନ୍ତି । ଯଥା ।

ବେଦା ବିଭିନ୍ନାଃ ସ୍ମୃତୟୋ ବିଭିନ୍ନା ।
ନାସୌ ମୁନିର୍ୟସ୍ୟ ମତଂ ନ ଭିନ୍ନଂ ।

ସେ ପ୍ରକାରରେ ଭାଗବତରେ ଲେଖା । ଯଥା ॥

ବେଦୁଂ ହୋଇଲା ନାନା ଗଛ ।
ତା ତତ୍ତ୍ୱ କେହି ନ ଜାଣନ୍ତି ।

ହେ ଅବଧାନମାନେ । ଜ୍ଞାନଦାତା ଯେ ପରମେଶ୍ୱର ତାହାଙ୍କ ଠାରେ ପ୍ରାର୍ଥନା କରି ଏହି ପନ୍ଦର କଥା ବିବେଚନା କରନ୍ତୁ । ଆଉ ପ୍ରତିମା ପୂଜା ପୁଣି ସମସ୍ତ ମିଥ୍ୟା ଶାସ୍ତ୍ର ଛାଡ଼ି ଈଶ୍ୱରଙ୍କ ଦତ୍ତଶାସ୍ତ୍ର ଯେ ଧର୍ମପୁସ୍ତକ ତାହା ଗ୍ରହଣ କରି ତଦନୁସାରେ ଆଚରଣ କରନ୍ତୁ ।

ଇତି

No. 11.

# ON BRAHMUNHOOD.

## ବ୍ରାହ୍ମଣତ୍ୱ ଯେ ସେ କି ।

## ବଜ୍ରସୂଚୀ ନାମ ଗ୍ରନ୍ଥର ଭାଷା ବିବରଣ ।

---

ଅଜ୍ଞାନର ନାଶ କରନ୍ତି ଏମନ୍ତ ବଜ୍ରସୂଚୀ ନାମେ ଶାସ୍ତ୍ର କହୁଛନ୍ତି ଯହିଁରେ ଅଜ୍ଞାନମାନଙ୍କର ଦୂଷଣ ଅଉ ଜ୍ଞାନମାନଙ୍କର ଭୂଷଣ ହୁଅନ୍ତି ସେ ଶାସ୍ତ୍ର ।

ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ ଶୂଦ୍ର ଏହି ଚାରି ପ୍ରକାର ବର୍ଣ୍ଣ ବ୍ୟବହାର ପ୍ରାପ୍ତ ହୋଇଛନ୍ତି ତାହାର ମଧ୍ୟରେ ବ୍ରାହ୍ମଣର ସ୍ୱରୂପ ଅର୍ଥାତ ବ୍ରାହ୍ମଣ କି ଏହାର ପ୍ରଥମରେ ବିଚାରଣୀୟ ହୁଅନ୍ତି । ଯେହେତୁ ବ୍ରାହ୍ମଣ ସମସ୍ତଙ୍କର ଗୁରୁ ଏହା ଶାସ୍ତ୍ରରେ କହନ୍ତି । ବ୍ରାହ୍ମଣ ଶବ୍ଦ କାହାକୁ କହି କି ଜୀବାତ୍ମା କି ଦେହ କି ଜାତି କି ବର୍ଣ୍ଣ କି ଧର୍ମ୍ମି କି ପାଣ୍ଡିତ୍ୟ କି କର୍ମ୍ମ କି ଜ୍ଞାନ । ଯେବେ ବୋଲ ଯେ ଜୀବାତ୍ମା ବ୍ରାହ୍ମଣ ହୁଅନ୍ତି ତହିଂରେ ସର୍ବ୍ବ ପ୍ରକାର ଦୋଷ ହୁଅଇ । ପ୍ରଥମ ସର୍ବ୍ବ ପ୍ରାଣିର ଜୀବକୁ ଏକସ୍ୱରୂପ ସ୍ୱୀକାର କଲେ ସର୍ବ୍ବ ପ୍ରାଣିର ବ୍ରାହ୍ମଣତ୍ୱ ସମ୍ଭବ ହୁଅଇ । ଦ୍ୱିତୀୟ ଶରୀର ଭେଦେ ଜୀବାତ୍ମା ଭିନ୍ନୀ ହୁଅନ୍ତି ଏହା ଅଙ୍ଗୀକାର କଲେ ଏହି ଜନ୍ମେ ଯେଉଂ ଜୀବ

ବ୍ରାହ୍ମଣ ଅଛନ୍ତି ସେହି କର୍ମାଧୀନ ଜନ୍ମାନ୍ତରେ ଶୂଦ୍ର ଦେହ ପ୍ରାପ୍ତ ହେଲେ ତାହାର ଶୂଦ୍ରତ୍ୱ ତେବେ ନ ହୁଅଇ । ତୃତୀୟ । ବ୍ରାହ୍ମଣ ରୂପେ ଯେଉଂ ଦେହକୁ ବ୍ୟବହାର କରା ଯାଇଛନ୍ତି ତହିଂରେ ଯେଉଂ ଜୀବ ଅଛନ୍ତି ସେହି ବ୍ରାହ୍ମଣ ହୁଅନ୍ତି ଏମତ କହିଲେ ବ୍ରାହ୍ମଣତ୍ୱ କେବଳ ବ୍ୟବହାର ମୂଳକ ହୋଇଲେ ପରମାର୍ଥିକ କିଛି ନୋହେ ଏହା ଅଙ୍ଗୀକାର କରିବାକୁ ହେବ । ଆଉ ବ୍ରାହ୍ମଣ ବେଶଧାରୀ କୌଣସି ଏକ ଶୂଦ୍ର ଯାହାର ଜାତି ଓ କୁଳ ଜ୍ଞାତସାର ନୋହେ ପୁଣି ବ୍ରାହ୍ମଣରୂପେ ଆପଣାକୁ ବ୍ୟବହାର କରାଉଛି ତାହାର ବ୍ରାହ୍ମଣତ୍ୱ କଦାଁଇ ନ ହୁଅଇ ପୁଣି ତାହାର ସହିତ ଏକ ପଂକ୍ତି ଭୋଜନ ଓ ଏକ ଶଯ୍ୟା ଶୟନ ଉପବେଶନାଦି ଯାହା ଶାସ୍ତ୍ରରେ ନିଷିଦ୍ଧ ହୋଇଅଛି ତାହା କଲେ ପାପୋତ୍ପତ୍ତିର ବାଧକ କି । ଏନିମନ୍ତେ ଜୀବାତ୍ମାର ବ୍ରାହ୍ମଣତ୍ୱ କଦାପି ସମ୍ଭବ ନ ହୁଅଇ ।

ଯେବେ ବୋଲ ଦେହ ବ୍ରାହ୍ମଣ ହୁଅନ୍ତି ତେବେ ଚଣ୍ଡାଲ ମନୁଷ୍ୟ ସମସ୍ତର ଦେହ ବ୍ରାହ୍ମଣ ହୋଇଲେ ଯେହେତୁ ମୂର୍ତ୍ତିରେ ଓ ଜରା ମରଣାଦି ଧର୍ମରେ ସମସ୍ତ ଦେହ ତୁଲ୍ୟ ହୁଅଇ ଆହୁରି ବ୍ରାହ୍ମଣ ଏକ ଶତ ବର୍ଷ ବଞ୍ଚନ୍ତି ତାହାର ଅର୍ଦ୍ଧେକ ଶୂଦ୍ର ଅର୍ଦ୍ଧେକ ବୈଶ୍ୟ ଅର୍ଦ୍ଧେକ କ୍ଷତ୍ରିୟ ବତନ୍ତି ଏମନ୍ତ ନିୟମ ନାହିଂ ଯାହାର ଦ୍ୱାରା ଆନ ଦେହରୁ ବ୍ରାହ୍ମଣ ଦେହ ବୈଲକ୍ଷଣ୍ୟ ଜଣାଯାଏ । ଆଉ ଦେହକୁ ବ୍ରାହ୍ମଣ କହିଲେ ପିତା ମାତାର ମୃତ ଦେହକୁ ଦାହ କଲେ ପୁତ୍ରର ବ୍ରହ୍ମହତ୍ୟା ପାପର ଉତ୍ପତ୍ତି ହୁଅଇ । ଏନିମନ୍ତେ ଦେହର ବ୍ରାହ୍ମଣତ୍ୱ କେବେହେଂ ସମ୍ଭବ ନୋହେ ।

ଯେବେ ଜାତିକୁ ବ୍ରାହ୍ମଣ କହ ତେବେ କ୍ଷତ୍ରିୟାଦି ବର୍ଣ ଓ ପଶୁ ଓ ପକ୍ଷି ସମସ୍ତ ଏକଈ ଜାତି ବିଶିଷ୍ଟ ହୁଅଇ ପୁଣି ସେମାନେ ବ୍ରାହ୍ମଣ ନୋହେ । ଯେବେ ଜାତି ଶବ୍ଦ ଜନ୍ମ କୁହ ଅର୍ଥାତ ଶାସ୍ତ୍ର ବିହିତ ବିବାହ ଦ୍ୱାରା ବ୍ରାହ୍ମଣ ବ୍ରାହ୍ମଣୀଠାରୁ ଜନ୍ମ ଯାହାର ହୁଅଇ ସେହି

ବ୍ରାହ୍ମଣ ତେବେ ଶ୍ରୁତିରେ ସ୍ମୃତିରେ ପ୍ରସିଦ୍ଧ ଅନେକ ମହର୍ଷିମାନଙ୍କର ବ୍ରାହ୍ମଣତ୍ୱ ବ୍ୟାଘାତ ହୁଅନ୍ତା ଯେହେତୁ ଋଷ୍ୟଶୃଙ୍ଗ ମୁନି ମୃଗୀର ଜନ୍ମର । ଓ ପୁଷ୍ପସ୍ତବକର କୌଶିକ ମୁନି । ଉଈଙ୍କପିର ବାଲ୍ମୀକି । ମାତଙ୍ଗୀର ମାତଙ୍ଗ ମୁନି । କଳସର ଅଗସ୍ତ୍ୟ । ଭେକର ଗର୍ଭେ ମାଣ୍ଡୁକ୍ୟ । ହସ୍ତି ଗର୍ଭେ ଅଚଳ ଋଷି । ଶୂଦ୍ରୀ ଗର୍ଭେ ଭାରଦ୍ୱାଜ ମୁନି । କୈବର୍ତ୍ତି କନ୍ୟାରେ ବେଦବ୍ୟାସ । କ୍ଷତ୍ରିୟର ଗର୍ଭରେ ବିଶ୍ୱାମିତ୍ର ଜନ୍ମନ୍ତି । ଏମାନଙ୍କର ତାଦୃଶ ଜନ୍ମ ବିନୁ ସମ୍ୟକ ପ୍ରକାର ଜ୍ଞାନ ଦ୍ୱାରା ବ୍ରାହ୍ମଣତ୍ୱ ଶାସ୍ତ୍ରେ ଶୁଣୁଛନ୍ତି ଏନିମନ୍ତେ ଜାତିର ବ୍ରାହ୍ମଣତ୍ୱ କେବେ ସମ୍ଭବ ନୋହେ ।

ଯେବେ ବର୍ଣ ବିଶେଷ ଦ୍ୱାରା ବ୍ରାହ୍ମଣ ହୁଅଇ ଏମନ୍ତ କହ ତେବେ ସତ୍ତ୍ୱଗୁଣତ୍ୱ ପ୍ରଯୁକ୍ତ ବ୍ରାହ୍ମଣର ଶୁକ୍ଳବର୍ଣ ହେବାର ଆଉ ସତ୍ତ୍ୱଗୁଣ ଓ ରଜଗୁଣ ସ୍ୱଭାବ ପ୍ରଯୁକ୍ତ କ୍ଷତ୍ରିୟର ରକ୍ତବର୍ଣ ଓ ରଜୋଗୁଣ ଓ ତମୋଗୁଣ ହେତୁରୁ ବୈଶ୍ୟର ପୀତବର୍ଣ ଆଉ ଶୂଦ୍ର ତମୋମୟ ଏହି ହେତୁ ତାହାର କୃଷ୍ଣବର୍ଣ ହେବାର ଉଚିତ ହୁଅଇ ଏବେ ପୁଣି ପୂର୍ବ୨ କାଳରେ ଶୁକ୍ଳାଦି ବର୍ଣର ସ୍ଥାନେ ସ୍ଥାନେ ବିପରୀତ ଦେଖା ଯାଏ ଏନିମନ୍ତେ ବର୍ଣ ବିଶେଷ କେବେ ବ୍ରାହ୍ମଣ ହେବାକୁ ପାରଇ ନାହିଂ ।

ଯେବେ ଧର୍ମର ଦ୍ୱାରା ବ୍ରାହ୍ମଣ କହ ତେବେ କ୍ଷତ୍ରିୟାଦି ଅନେକ ଇଷ୍ଟ ଅର୍ଥାତ୍ ଅଗ୍ନି ହୋତ୍ରାଦି ପୂର୍ତ୍ତ ଅର୍ଥାତ୍ ବାପି କୂପାଦି ପ୍ରତିଷ୍ଠା ଓ ଆନ ନିତ୍ୟ ନୈମିତ୍ତିକାଦି ଧର୍ମର ଅନୁଷ୍ଠାନ କରିବାର କ୍ଷମତା ରଖନ୍ତି ସେମାନେ କି ବ୍ରାହ୍ମଣ ହେବେ । ଏନିମନ୍ତେ ଧର୍ମରେ କେବେ ବ୍ରାହ୍ମଣ ହେବାକୁ ପାରନ୍ତି ନାହିଁ ।

ଯେବେ ପାଣ୍ଡିତ୍ୟର ଦ୍ୱାରା ବ୍ରାହ୍ମଣ ହୁଅନ୍ତି ଏମନ୍ତ କୁହ ତେବେ ଜନକାଦି କ୍ଷତ୍ରିୟ ପ୍ରଭୃତି ଅନେକର ମହା ପାଣ୍ଡିତ୍ୟ ଶାସ୍ତ୍ରେ ଦୃଷ୍ଟ ହେଉଛନ୍ତି ପୁଣି ଏ ସମୟରେ କାରଣ ସତ୍ୟ ଆନ ଜାତିମାନ

ଙ୍କର ପାଣ୍ଡିତ୍ୟ ହେବାର ସମ୍ଭାବନା ଅଛନ୍ତି ପୁଣି ସେମାନେ ବ୍ରାହ୍ମଣ ନ ହୁଅନ୍ତି । ଏନିମନ୍ତେ ପାଣ୍ଡିତ୍ୟ କେହେ ବ୍ରାହ୍ମଣ ହେବାକୁ ନ ପାରବ ।

କର୍ମର ଦ୍ୱାରା ବ୍ରାହ୍ମଣ ହୁଅନ୍ତି ଏମନ୍ତ କହିଲେ କ୍ଷତ୍ରିୟ ବୈଶ୍ୟ ଶୂଦ୍ରାଦି କନ୍ୟାଦାନ ହସ୍ତି ହିରଣ୍ୟ ଅଶ୍ୱ ଭୂମି ମହିଷୀ ଦାନାଦି କର୍ମ କରୁଛନ୍ତି ପୁଣି ସେମାନଙ୍କର ବ୍ରାହ୍ମଣତ୍ୱ ନାହିଁ ଏନିମନ୍ତେ କର୍ମ କଦାପି ବ୍ରାହ୍ମଣ ନୋହେ । ପୁଣି କରତଳସ୍ଥିତ ଆମଲକୀ ଫଳେ ଯେମନ୍ତ ନିଶ୍ଚୟ ହୁଅଇ ତାହାର ନ୍ୟାୟ ପରମାତ୍ମାର ସଦ୍ଭାବରେ ବିଶ୍ୱାସ ଦ୍ୱାରା କୃତାର୍ଥ ହୋଇ ଶମଦମାଦି ସାଧନେ ଯତ୍ନଶୀଳ ପୁଣି ଦୟା ଓ ସରଳତା କ୍ଷମା ସତ୍ୟ ସନ୍ତୋଷ ଇତ୍ୟାଦି ଗୁଣ ଯୁକ୍ତ ଓ ମାତ୍ସର୍ଯ୍ୟ ଦମ୍ଭ ମୋହ ଇତ୍ୟାଦିର ଦମନେ ଯତ୍ନବାନ ଯେଉଂ ଜନ ହୁଅଇ ତାହାଙ୍କୁ କେବଳ ବ୍ରାହ୍ମଣ ଶବ୍ଦ କୁହା ଯାଏ ଯେହେତୁ ଶାସ୍ତ୍ରରେ କହନ୍ତି । ଜନ୍ମ ପ୍ରାପ୍ତ ହେଲେ ସର୍ବ ସାଧାରଣ ଶୂଦ୍ର ହୁଅଇ । ଉପନୟନାଦି ସଂସ୍କାର ହେଲେ ଦ୍ୱିଜ ଶବ୍ଦ ବାଚ୍ୟ ହୁଅଇ । ବେଦା ଭ୍ୟାସ ଦ୍ୱାରା ବିପ୍ର ଆଉ ବ୍ରହ୍ମକୁ ଜାଣିଲେ ବ୍ରାହ୍ମଣ ହୁଅନ୍ତି । ଏନିମନ୍ତେ ବ୍ରହ୍ମ ନିଷ୍ଠ ଜନ କେବଳ ବ୍ରାହ୍ମଣ ଅନ୍ୟ ନୋହେ ଏହା ନିଶ୍ଚୟ ହୁଅଇ । ଯାହାଙ୍କଠାରୁ ଏହି ସର୍ବ ଭୂତର ଜନ୍ମ ହୁଅଇ ଜନ୍ମ ଯାହାର ଅଧିଷ୍ଠାନେ ସ୍ଥିତ କରଇ ପୁଣି ମ୍ରିୟମାନ ହୋଇ ଯହିଂରେ ପୁନର୍ଗମନ କରଇ ସେ ବ୍ରହ୍ମ ତାହାଙ୍କୁ ଜାଣିବାକୁ ଇଚ୍ଛା କର । ସକଳ ବେଦ ଯେ ବ୍ରହ୍ମ ପଦକୁ କହୁ ଅଛନ୍ତି । ବ୍ରହ୍ମ ଏକ ମାତ୍ର ଦ୍ୱିତୀୟ ରହିତ ହୁଅନ୍ତି । ନାମରୂପଠାରୁ ଯେ ଭିନ୍ନ ହୁଅନ୍ତି ସେ ବ୍ରହ୍ମ । ଇତ୍ୟାଦି ଶ୍ରୁତିରେ ପ୍ରସିଦ୍ଧ ସେହି ବ୍ରହ୍ମ ଯାହାଙ୍କୁ ଜାଣିଲେ ବ୍ରାହ୍ମଣ ହୁଅଇ । ସେ ଜ୍ଞାନର ନ୍ୟୁନାଧିକ୍ୟ ଦ୍ୱାରା କ୍ଷତ୍ରିୟ ବୈଶ୍ୟ ଅଉ ତାହାର ଅଭାବ ଦ୍ୱାରା ଶୂଦ୍ର ହୁ

ଅଇ ଏହି ସିଦ୍ଧାନ୍ତ । ଇତିଶ୍ରୀ ଭଗବତ୍ ପୂଜ୍ୟପାଦ ମୃତ୍ୟୁଞ୍ଜୟାଚାର୍ଯ୍ୟ କୃତ ବଜ୍ର ସୂଚୀ ଗ୍ରନ୍ଥର ପ୍ରଥମ କଣ୍ଡୀୟ ସମାପ୍ତ ହୋଇଲେ ।

ହେ ହିନ୍ଦୁଭାଇ ସମସ୍ତେ ଏହି ସବୁ ଭଣ୍ଡୁଲ ଶାସ୍ତ୍ର ମତାଦ ଛାଡ ଈଶ୍ୱରଙ୍କ ଦତ୍ତ ଧର୍ମପୁସ୍ତକ ଗ୍ରହଣ କର ଯେହେତୁ ତହିଁରେ ସଂସାରର କୁଅଭିଲାଷରୁ ଯେମନ୍ତ ଅମ୍ଭେମାନେ ତ୍ୟାଗ କରି ଈଶ୍ୱରୀୟ ସ୍ୱଭାବର ସହଭାଗୀ ହୋଇ ଏଥିପାଇଁ ଅତି ମୂଲ୍ୟବନ୍ତ ପ୍ରତିଜ୍ଞା ଦତ୍ତ ହୋଇଅଛି । ପିତରର ଦ୍ୱିତୀୟ ଚିଠାର ୧ ପର୍ବ ୪ ପଦ ।

ଇତି

No. 12.

# BRIEF HISTORY OF CHRIST.

## ଖ୍ରୀଷ୍ଟର ବବରଣ ସାର ।

ପୁରାଣାଦ ପାଠକର ନମନ୍ତେ ଯେମନ୍ତ ଘରକର୍ତ୍ତା ଉଠି ଝାଡୁ କରନ୍ତ ଓ ଗୃନ୍ଦୁଆ ଠାଙ୍ଗନ୍ତ ଓ ଟୁର ଯୋଗ୍ୟ ଆସନ ପାତ ଦଅନ୍ତ ଆଉ ଫୁଲମାଲ ଟାଙ୍ଗୁଥନ୍ତ ତେମନ୍ତ ତୁମ୍ଭେମାନେହଂ ଧର୍ମପୁସ୍ତକର ଉତ୍ତମ ଶିକ୍ଷା ଶୁଣିବା ନମନ୍ତେ ଆପଣା ମନକୁ ତପ୍ୟାର କର । ବ୍ୟର୍ଥ ସାଧନରେ ପରଶ୍ରାନ୍ତ ଓ ପାପାକ୍ରାନ୍ତ ଲୋକ ସମସ୍ତେ ଯୀଶୁ ଖ୍ରୀଷ୍ଟର କଥାରେ ମନୋଯୋଗ କର ମନର ବଶ୍ରାମ ପାଇବ ।

### ୧ ଯୀଶୁଖ୍ରୀଷ୍ଟର ଜନ୍ମ ବବରଣ ।

ଯୀଶୁଖ୍ରୀଷ୍ଟ କଣାନ୍ ଦେଶରେ ଜନ୍ମଥିଲେ ସେହ ଦେଶକୁ ଯିବାକୁ ଇଚ୍ଛା କଲେ ସିନ୍ଧୁ ନଦୀ ପାର ହୋଇ ପଶ୍ଚିମ ଅଡେ ପ୍ରତ ଦନ ୧୦ କୋଶ ଗଲେ ସମସ୍ତ ବପଦର ପାର ହୋଇ ୧୫୦ ଦନର ମଧ୍ୟରେ କଣାନ୍ ଦେଶରେ ପହୁଂଚିବ ।

୧୮୪୪ ବରସ ଗଲା ଯୀଶୁଖ୍ରୀଷ୍ଟ ଜନ୍ମ ପାଇଲେ । ସେ ଦେହ ଅନୁସାରେ ଦାଉଦ ରାଜାର ସନ୍ତାନ ପୁଣି ଅଗ୍ନୁନୁସାରେ

ଈଶ୍ୱରଙ୍କ ଅଦ୍ୱିତୀୟ ଆତ୍ମଜ । ସେ ଆପଣା ପିତାର ମହିମାର ତେଜ ଓ ସାରର ପ୍ରତିମୂର୍ତ୍ତି । ତାଙ୍କର ମାତାର ନାମ ମରିୟମ କୁମାରୀ । ସେ ମରିୟମ କୌଣସି ପୁରୁଷର ସଂଗରେ ସଂସର୍ଗ ନ ହୋଇ ପରମେଶ୍ୱରଙ୍କର ଧର୍ମାତ୍ମା ଦ୍ୱାରା ଗର୍ଭଧାରଣ କରି ଯୀଶୁ ନାମରେ ଆପଣା ପ୍ରଥମ ଜାତ ପୁତ୍ରକୁ ପ୍ରସବ କଲା । ମାତ୍ର ଯୀଶୁର ଅବତାର କାଳରେ ଦେଶ ପରାଧୀନ ଥିଲା ତହିଂରେ ରାଜକୁଟୁମ୍ବ ବଂଶେ ଜନ୍ମ ସେ ଦରିଦ୍ର ଦଶା ଅଙ୍ଗୀକାର କରି ୩୦ ବରସ ଯାଏଁ ଅଗୋଚରେ ସାମାନ୍ୟ ଲୋକର ପରି ପୋଷ୍ୟ ପିତାର ଘରେ କାଳ କାଟିଲେ ।

### ୧ ଯୀଶୁଖ୍ରୀଷ୍ଟର ଉପଦେଶ ।

ତିରିଶ ବରସ ବୟସ ହୋଇ ସେ ଲୋକମାନଙ୍କୁ ଉପଦେଶ ଦେବାକୁ ଆରମ୍ଭ କଲେ । ତାହାଙ୍କର ଉପଦେଶର ସାର ଏହି ଯେ ।

### ପ୍ରଭୁ ପରମେଶ୍ୱର ଏକ ।

ସେ ଅନାଦି ଅନନ୍ତ ସର୍ବଜ୍ଞ ସର୍ବଶକ୍ତିମାନ ବ୍ରହ୍ମାଣ୍ଡର ସୃଷ୍ଟି ଓ ପାଲଣକର୍ତ୍ତା ଓ ସମସ୍ତର ଏକାଧିପତି ।

### ଈଶ୍ୱର ଆତ୍ମସ୍ୱରୂପ ।

ସେ ଶରୀର ସଂଯୁକ୍ତ ନ ହୁଅନ୍ତି ତାହାଙ୍କର ମୂର୍ତ୍ତି ନାହିଂ ସେ ସବୁଠାରେ ବିରାଜମାନ ହୋଇଲେହେଂ କେହି କେତେବେଲେ ତାହାଙ୍କୁ ଦେଖି ନାହିଂ ଦେଖିବାକୁ ପାରଇ ନାହିଂ ।

### ଈଶ୍ୱର ଧର୍ମମୟ ।

ସେ ଜ୍ୟୋତିର୍ମୟ ଓ ପବିତ୍ରତାର ସ୍ଥାନ । ସୂର୍ଯ୍ୟ ମଧ୍ୟରେ ଯେ

ମନ୍ତ ଅନ୍ଧକାର ସ୍ଥାନ ନ ପାଏ ତେମନ୍ତ ତାହାଙ୍କର ମଧ୍ୟରେ ପାପର ଲେଶହିଂ ନାହିଂ ।

ସେହି ପ୍ରଭୁ ପରମେଶ୍ୱରଙ୍କୁ ସମସ୍ତ ଅନ୍ତଃକରଣ ଓ ସମସ୍ତ ପ୍ରାଣ ଓ ସମସ୍ତ ଚିତ୍ତ ଓ ସମସ୍ତ ଶକ୍ତି ଦେଇ ପ୍ରେମ କରିବାର ଉଚିତ ।

ଅନ୍ୟ ସମସ୍ତ ଆଶ୍ରୟ ତ୍ୟାଗ କରିବାକୁ ହୁଅଇ ଯେହେତୁ ସେହି ସର୍ବବ୍ୟାପୀ ଓ ସେ ସର୍ବଜ୍ଞ ତାହାଙ୍କ ବିନା କୌଣସି ଈଶ୍ୱର ନାହିଂ । ଅଉ ତାହାଙ୍କର ସେବା ନ କରି କୌଣସି ଦେବତା କି ଦେବୀର ସେବା କରିବାର ପାପଜନକ କର୍ମ ହୁଅଇ । ତାହାଙ୍କର ପ୍ରେମ ଛାଡିବାରେ ସଂସାରିକ ବିଷୟ ମଦରେ ମତ୍ତ ହେବାର ଓ ଈଶ୍ୱର ପ୍ରାପ୍ତିଠାରୁ ଧନ କି ସୁଖ ଇଚ୍ଛା କରିବାର ମହା ପାତକର କର୍ମ ।

ତାହାଙ୍କର ଭଜନା କରିବାକୁ ଗଲେ ଆତ୍ମା ଦେଇ ସତ୍ୟରୂପେ ଭଜନା କରିବାକୁ ହୁଅଇ ।

ମୁଖରେ ଈଶ୍ୱରଙ୍କ ନାମ ଘେନଲେ ହୁଅଇ କି ଗୁରୁଠାରୁ ପାଇଲାର ମନ୍ତ୍ର ଜପ କଲେ ହୁଅଇ କି କୌଣସି ପୁଣ୍ୟ ଜନକ ତୀର୍ଥ ସ୍ଥାନକୁ ଗଲେ ହୁଅଇ କି ମନୁଷ୍ୟ ହସ୍ତ କୃତ ଠାକୁରର ନିକଟରେ କଦଳି ସନ୍ଦେଶ ନିବେଦନ କଲେହେଂ ହୁଅଇ କିଅବା ଦରିଦ୍ର ଲୋକକୁ ଦାନ କଲେ ପୁଣ୍ୟରୂପ ଓ ଈଶ୍ୱରଙ୍କର ସନ୍ତୋଷକ କର୍ମ ହୁଅଇ ଯେଉଂଜନ ଏପରି କଥା କହଇ ସେ ଜନର ଭକ୍ତିକି ଭଣ୍ଡ ଭକ୍ତି ବୋଲିବାକୁ ହୁଅଇ । ଈଶ୍ୱର ଆମ୍ଭମାନଙ୍କର ମନ ଚାହାନ୍ତି ମନ ଦେଇ ମନ ମନ୍ଦିରରେ ଧ୍ୟାନ କରି ଈଶ୍ୱରଙ୍କର ଭଜନା କରିବାକୁ ହୁଅଇ ।

ଈଶ୍ୱର ଯେମନ୍ତ ଧର୍ମରେ ପୂର୍ଣ୍ଣ ଅଛନ୍ତି ମନୁଷ୍ୟମାନଙ୍କୁ ତେମନ୍ତ ହେବାକୁ ହୁଅଇ ।

ଈଶ୍ୱର ପବିତ୍ର ଏକାରଣେ ତାହାଙ୍କର ଦାସକୁହିଂ ପବିତ୍ର ହେ

ବାକୁ ହୁଅଇ । ଗୁରୁର ସଦୃଶ ହେବାକୁ ଶିଷ୍ୟର ଚେଷ୍ଟା କରି
ବାର କର୍ତ୍ତବ୍ୟ । ଯେମନ୍ତ ପାଣି କେତେବେଳେ ନିଆଁର ସଙ୍ଗରେ
ନ ମିଳଇ ସେହି ପ୍ରକାର କୁକର୍ମକାରୀ ଲୋକ ଈଶ୍ୱରଙ୍କର ନିକଟରେ
ସ୍ଥାନ ପାଏ ନାହିଂ ବାଙ୍ଗର ଲୋକ କି ଚନ୍ଦ୍ରକୁ ଧରିବାକୁ ପାରଇ
ତେମନ୍ତ ପାପରେ ଆବିଷ୍ଟ ଲୋକ ଈଶ୍ୱରଙ୍କୁ ପାଇବାକୁ ପାରଇ
ନାହିଂ । ସଂସାରିକ ବିଷୟରେ ମତ୍ତ ଓ ଲୋଭୀ ଓ ମିଥ୍ୟାବାଦୀ
ଓ ପ୍ରତାରକ ଓ ଖୁଣୀ ଓ ପରହିଂସାକାରୀ ଓ ପିତା ମାତାର ଆଜ୍ଞା
ଲଙ୍ଘନକାରୀ ଓ କାମାତୁର ଓ ବ୍ୟଭିଚାରୀ ଓ ପାରଦାରିକ ଓ ଉ
ନ୍ମତ୍ତ ଓ ଅହଙ୍କାରୀ ଓ ନିନ୍ଦକ ଓ କ୍ରୋଧୀ ଇତ୍ୟାଦି ସମସ୍ତ ପ୍ରକାର
ପାପିଲୋକ ହଜାର ବରଷ ଈଶ୍ୱରଙ୍କର ସେବା କଲେହେଂ କୌ
ଣସି ଫଳ ପାଇବାକୁ ନ ପାରିବେ । ନିର୍ମଳାନ୍ତଃକରଣ ଯେଉଂ
ମାନେ କେବଳ ସେମାନେ ସ୍ୱର୍ଗର ରାଜ୍ୟରେ ପ୍ରବେଶ ହୋଇବେ
ଏହି ନିକାଶୁଂ ଯୀଶୁ ଖ୍ରୀଷ୍ଟ ଧର୍ମ ପ୍ରଚାର କରି ସର୍ବଦା ସମସ୍ତ ଲୋକ
ମାନଙ୍କୁ କହନ୍ତି ଯେ ମନ ଫେରାଅ ଓ ମଙ୍ଗଳ ସମାଚାର ବିଶ୍ୱାସ
କର ।

ପାପକୁ ତ୍ୟାଗ କରି ଧର୍ମର ଆଡେ ମନ ଦିଅ । ସମସ୍ତ ଲୋକ
କୁପଥଗାମୀ ହୋଇ ଧର୍ମ ତ୍ୟାଗୀ ହୋଇ ଅଛନ୍ତି ଯେହେତୁ ପାପ
ପଥ ଧର୍ମ ପଥର ବିରୁଦ୍ଧ ଅଟଇ । ଯେମନ୍ତ ଯାତ୍ରିମାନେ ଗଙ୍ଗା ସା
ଗରକୁ ଯିବା ନିମନ୍ତେ ପଶ୍ଚିମ ଦିଗରେ ଗଲେ କେତେବେଳେ ସେ
ସ୍ଥାନରେ ପହୁଂଚିବାକୁ ନ ପାରିବେ ତେମନ୍ତ ପାପରେ ଆବିଷ୍ଟ
ଲୋକ କୌଣସି ପ୍ରକାରେ ତ୍ରାଣ ପାଇବେ ନାହିଂ ଏହି ନିମନ୍ତେ
ପାପ ପଥ ଛାଡି କରି ମନରୂପ ଚକ୍ଷୁକୁ ଧର୍ମ ଆଡେ ଫେରାଇବାକୁ ହୁ
ଅଇ । ଲୋକ ଘୋର ବଣ ଦେଇ ଯିବାବେଳେ ଯେବେ ଜାଣି
ପାରଇଁ ଯେ ଆମ୍ଭର ଦିଗ ଭ୍ରମଣ ହୋଇଅଛୁ ତେବେ ସେ ସେହି
କ୍ଷଣେ ଫେରି ସୁପଥ ଖୋଜନ୍ତି । ତେମନ୍ତ ମନୁଷ୍ୟ ସମସ୍ତେ ଘୋର

ସଂସାରରୂପ ବଣରେ ପାପର ଭ୍ରମଣରେ ପଥ ହଜାଇ କୁପଥରେ ଯାଇଅଛନ୍ତି ସେମାନେ ଯେବେ ଆପଣା ଭୁଲ ଜାଣି ଉଲଟି ସୁପଥର ଅନ୍ୱେଷଣ ନ କରନ୍ତି ତେବେ ଅବଶ୍ୟ ସେମାନଙ୍କର ସର୍ବନାଶ ହୋଇବ । ମାତ୍ର କଃପନ୍ଥା ଅର୍ଥାତ୍ ସୁପଥ କାହିଂ ଏମନ୍ତ କଥା ଯେବେ ପଚାରି ଯାଏ ତେବେ ଅମ୍ଭେ ଏହି ଉତ୍ତର ଦେଉ ଯଥା ।

ବେଦା ବିଭିନ୍ନାଃ ସ୍ମୃତୟୋ ବିଭିନ୍ନା ନାସୌ ମୁନିର୍ଯସ୍ୟ ମତଂ ନ ଭିନ୍ନଂ ।
ଧର୍ମସ୍ୟ ତତ୍ତ୍ୱଂ ନିହିତଂ ଗୁହାୟାଂ ମହାଜନୋ ଯେନ ଗତଃ ସ ପନ୍ଥା ।

ଏହାର ଅର୍ଥଃ ।

ବେଦ ଆଉ ସ୍ମୃତି ଶାସ୍ତ୍ର ଏକ ମତ ନୋହେ ।
ସ୍ୱେଚ୍ଛାମତ ନାନା ମୁନି ନାନା ମତ କହେ ।
କେ ଜାଣେ ନିଗୂଢ଼ ଧର୍ମ ତତ୍ତ୍ୱ ନିରୂପଣ ।
ସେ ପଥ ଗ୍ରାହ୍ୟ ଯହିଂରେ ଯାଏ ମହାଜନ ।

ଯୀଶୁ ଖ୍ରୀଷ୍ଟ ନାମରେ ମହାଜନ ଯେ ପଥରେ ଯାଇ ଅଛନ୍ତି ଆଉ ଯେଉଂ ପଥ ସେ ଅମ୍ଭମାନଙ୍କୁ ଦେଖାଇଅଛନ୍ତି ସେହି ପଥରେ ଯାଅ । ମନଦେଇ ଶୁଣ ସେ କହନ୍ତି ଯଥା ।

ଅମ୍ଭେ ପଥ ଆମ୍ଭ ଦେଇ ଗମନ କଲେ ସ୍ୱର୍ଗସ୍ଥ ପିତା ଈଶ୍ୱରଙ୍କର ନିକଟରେ ଯିବାକୁ ପାରବ । ( ଯୋହନ ୧୪ ପର୍ବ ୬ ପଦ । )

ଅମ୍ଭେ ଦ୍ୱାର ଆମ୍ଭ ଦେଇ ଯେ କେହି ପ୍ରବେଶ ହୁଅଇ ସେ ରକ୍ଷା ପାଇବେ ) ( ଯୋହନ ୧୦ ପର୍ବ ୯ ପଦ )

ଯେବେ କେହି ଧର୍ମରୂପ ତୃଷାରେ ଆକୁଳ ହୁଅଇ ତେବେ ସେ ଆମ୍ଭର ନିକଟରେ ଆସି ପାନ କରୁ । ( ଯୋହନ ୭ ପର୍ବ ୩୭ ପଦ )

ଅମ୍ଭେ ଜଗତରେ ଆଲୁଅ । ଯେଉଂଜନ ଅମ୍ଭର ପଶ୍ଚାତଗାମୀ ହୁଅଇ ସେ ଅନ୍ଧକାରରେ ଭ୍ରମଣ ନ କରି ଜୀବନରୂପ ଆଲୁଅ ପାଇବ । ( ଯୋହନ ୮ ପର୍ବ ୧୨ ପଦ )

ଅମ୍ଭେ ଜୀବନରୂପ ଆହାର ଏହି ଆହାର ଯେଉଂଜନ ଖାଅନ୍ତି ସେ ଚିରଜୀବୀ ହୋଇବ ( ଯୋହନ ୬ ପର୍ବ ୫୧ ପଦ )

ହେ ପରିଶ୍ରାନ୍ତ ଓ ଭାରାକ୍ରାନ୍ତ ଲୋକ ସମସ୍ତ ତୁମ୍ଭେମାନେ ଅମ୍ଭର କତିକୁ ଆସ ଅମ୍ଭେ ତୁମ୍ଭମାନଙ୍କୁ ବିଶ୍ରାମ ଦେବା । ( ମାଥିଉ ୧୧ ପର୍ବ ୨୮ ପଦ )

ଅମ୍ଭେ ଅନେକର ପରିତ୍ରାଣର ମୂଲ୍ୟରୂପ ଆପଣା ପ୍ରାଣ ଦେବାକୁ ଆସି ଅଛୁଁ । ( ମାର୍କ ୧୦ ପର୍ବ ୪୫ ପଦ )

ଅମ୍ଭେ ଜଗତ ଲୋକମାନଙ୍କର ଜୀବନରୂପ ତ୍ରାଣ ସମ୍ପୂର୍ଣ କରିବାର ନିମନ୍ତେ ଆପଣା ପ୍ରାଣ ଦାନ କରିବା । ( ଯୋହନ ୬ ପର୍ବ ୫୧ ପଦ )

ଯେ କେହି ଅମ୍ଭର କତିକୁ ଆସିବ ତାହାକୁ କୌଣସିରୂପେ ଦୂର କରିବା ନାହିଂ । ( ଯୋହନ ୬ ପର୍ବ ୩୭ ପଦ ।

## ୩ ଯୀଶୁଖ୍ରୀଷ୍ଟର ଉପଦେଶ ଗ୍ରହଣ ।

ଯେବେ କୌଣସି ସାଧାରଣ ଲୋକ ତୁମ୍ଭମାନଙ୍କର ନିକଟରେ ଆସି ଏହି କଥା କହନ୍ତି ଯେ ଅମ୍ଭେ ପାପ ମୋଚନ କରିବାକୁ ପାରି ତେବେ ତୁମ୍ଭେମାନେ ତାହାର କଥା ଅଙ୍ଗୀକାର ନ କରି ତୁମ୍ଭେ ଅହଙ୍କାରୀ ଓ ମିଥ୍ୟାବାଦୀ ତୁମ୍ଭେ ପାପରେ ଡୁବି ଅମ୍ଭମାନଙ୍କୁ ପାପଠାରୁ ଉଦ୍ଧାର କରିବାକୁ ବ୍ୟର୍ଥ ଗର୍ବ କରି ଏମନ୍ତ ବୋଲି ତାହାକୁ ଦୂର କରି ଦେବ । ମାତ୍ର ଯୀଶୁଖ୍ରୀଷ୍ଟ ସାଧାରଣ ମନୁଷ୍ୟରୂପ ଧରିଲେହେଂ ସାଧାରଣ ମନୁଷ୍ୟ ଥିଲେ ନାହିଂ । ସେ ଈଶ୍ୱରର ପରି ଯୋଗ୍ୟ ଶୁଦ୍ଧ ସତ୍ତ୍ୱ ହୋଇ କେତେବେଳେ କେ

ଣସି ପାପ କରନ୍ତି ନାହିଂ ଓ ମିଥ୍ୟାବାକ୍ୟ କେବେ ତାଙ୍କର ମୁଖରୁ ବାହାର ନ ହୁଅଇ । ତାହାର ପ୍ରମାଣ କହି ଶୁଣ ।

ଯେଉଂ ଦେଶରେ ଯୀଶୁ ଜନ୍ମ ହୋଇଲେ ସେ ଦେଶସ୍ଥ ଲୋକମାନଙ୍କର ମଧ୍ୟରେ ଯେଉଂମାନେ ଅଧ୍ୟାପକ ଓ ଯାଜକ ଥିଲେ ସେମାନେ ପାପୀ ହୋଇଲେହେଂ ଆପଣାମାନଙ୍କୁ ଧାର୍ମିକ ଓ ପବିତ୍ର ଜାଣି ଖ୍ରୀଷ୍ଟର ଉପଦେଶ ଗ୍ରହଣ କରନ୍ତି ନାହିଂ । ଆଉ ସେ ସେମାନଙ୍କର ପାପ ଓ ଅତ୍ୟାଚାର ନିମନ୍ତେ ଥରକୁଥର ସେମାନଙ୍କୁ ଭର୍ତ୍ସନା କରିବାରେ ସେମାନେ ତାହାଙ୍କୁ ଘୃଣା କରନ୍ତି ଆଉ ତାଙ୍କର ଛିଦ୍ର ଖୋଜିବାରେ ସଦା ଚେଷ୍ଟା କରନ୍ତେ ସେମାନେ ତାଙ୍କର କୌଣସି ଦୋଷ ପାଇଲେ ନାହିଂ ସେ ଅପେ ସେମାନଙ୍କର ନିକଟରେ ପ୍ରକାଶରୂପେ କହିଲେ ଯେ ଅମ୍ଭଠାରେ ପାପ ଅଛି ତୁମ୍ଭମାନଙ୍କର ମଧ୍ୟରେ କେ ଏମନ୍ତ ପ୍ରମାଣ ଦେବାକୁ ପାରନ୍ତି । ତାହାଙ୍କ ଶତ୍ରୁମାନେ ଏହି କଥା ଶୁଣି ଚୁପ ହୋଇ ରହିଲେ । ମାଏ ତହିଂଉତ୍ତାରେ ସେମାନେ ତାହାଙ୍କର ନାଶର ନିମନ୍ତେ ଅନେକ ବିଚାର କଲେ ଓ ଶେଷରେ ପ୍ରବଞ୍ଚନା ଦ୍ୱାରା ରାତ୍ରିକାଳରେ ତାହାଙ୍କୁ ଧରି ରାଜାର ନିକଟରେ ସମର୍ପଣ କରିବାରେ ତାହାଙ୍କୁ ଏହି ଅପବାଦ ଦେଲେ ଯେ ଏହି ଜଣ ରାଜାଙ୍କା ଲଙ୍ଘନକାରୀ ଓ ପ୍ରାଣ ଦଣ୍ଡର ଯୋଗ୍ୟ । ତେତେବେଳେ ବିଚାର କର୍ତ୍ତା ସାବଧାନ ହୋଇ ତାହାଙ୍କର ବିଚାର କରି ଯିହୁଦୀମାନଙ୍କୁ କହିଲେ ଅମ୍ଭେ ଏହି ଲୋକର କୌଣସି ଦୋଷ ପାଇ ନାହୁଁ । ଏହି ପ୍ରକାରେ ତାହାଙ୍କର ଶତ୍ରୁମାନଙ୍କଠାରେ ତାଙ୍କର ନିର୍ଦୋଷ ଗୁଣ ପ୍ରମାଣ ହେଲା ।

ଯୀଶୁଖ୍ରୀଷ୍ଟର ବ୍ୟବହାର ଜାଣିଲା ଉତ୍ତାରେ ତାହାଙ୍କର ଉତ୍ତମତା ଓ ଧାର୍ମିକତା ଆହୁରି ଭଲରୂପେ ଜଣା ଯାଏ । ଏହି ନିମନ୍ତେ ତାହାଙ୍କର ବୃତ୍ତାନ୍ତ ବର୍ଣନା କଥା ଶୁଣ ।

ତାହାଙ୍କର ଶରୀରରେ କାମ ରିପୁ ସ୍ଥାନ ପାଇଲା ନାହିଂ । ସେ

କେବେ କୌଣସି ସ୍ତ୍ରୀର ସଙ୍ଗେ କ୍ରୀଡା କୌତୁକାଦି କୌଣସି ଚେଷ୍ଟା କରନ୍ତି ନାହିଁ । ସେ ପୁଣି ଏହି କଥା କହନ୍ତି କେହି ଯେବେ କୌଣସି ସ୍ତ୍ରୀର ପ୍ରତି କାମଭାବରେ ଦୃଷ୍ଟିପାତ କରନ୍ତି ତେବେ ସେ ମନେ ସେହିକ୍ଷଣି ବ୍ୟଭିଚାର ପାପରେ ଦୋଷୀ ହୁଅଇ ।

ସେ ଧନ ଓ ସମ୍ପତ୍ତି ତୁଚ୍ଛ କରି ଆପଣା ଇଚ୍ଛାରେ ଦରିଦ୍ରତା ଅଙ୍ଗୀକାର କରି ସବୁ ପ୍ରକାରେ ଲୋଭରୂପ ଦୋଷରେ ମୁକ୍ତ ଥିଲେ । କୌଣସି ସମୟରେ ଏକ ଜଣ ତାହାଙ୍କର ଶିଷ୍ୟ ହେବାକୁ ଇଚ୍ଛା କରନ୍ତେ ସେ ତାହାକୁ କହିଲେ ବିଲୁଆର ଗାତ ଅଛି ପୁଣି ଶୂନ୍ୟର ପକ୍ଷିମାନଙ୍କର ବସା ଅଛି ମାତ୍ର ଆମ୍ଭର ମୁଣ୍ଡ ରଖିବାର ସ୍ଥାନ ନାହିଁ ।

ସେ ନମ୍ର ଥିଲେ ଓ ହଠାତ୍ କ୍ରୋଧ କରନ୍ତି ନାହିଁ ଓ ନିନ୍ଦିତ ହୋଇଲେ କାହାକୁ ନିନ୍ଦା କରନ୍ତି ନାହିଁ ପୁଣି ଦୁଃଖ ପାଇଲେହେଁ କାହାକୁ ଭର୍ତ୍ସନା କରନ୍ତି ନାହିଁ । କୌଣସି ସମୟରେ ସେ ଯିରୂଶାଲମ ନଗରକୁ ଯାତ୍ରା କରିବାରେ ସଂଜବେଳେ କୌଣସି ଏକ ଗାଁଅରେ ଆଇଲେ ମାତ୍ର ଗ୍ରାମର ଲୋକମାନେ ତାହାଙ୍କୁ ଗ୍ରହଣ ନ କଲେ ଓ ତାଙ୍କୁ ଅତିଥି ସେବା ନ କଲେ । ତେବେ ତାହାଙ୍କର ଦୁଇ ଜଣ ଶିଷ୍ୟ କ୍ରୋଧ ହୋଇ କହିଲେ ଆକାଶଠାରୁ ନିଆଁ ପଡି ଏମାନଙ୍କୁ ପାଉଂଶ କରିବାକୁ ଅମ୍ଭେମାନେ କି ଆଜ୍ଞା ଦେବା ଆପଣଙ୍କର ଇଚ୍ଛା କି । ଯୀଶୁ ସେହି ଗ୍ରାମର ଲୋକମାନଙ୍କର ପ୍ରତି ହିଂସା କରିବାକୁ ଆପଣା ଶିଷ୍ୟମାନଙ୍କୁ ନିଷେଧ କରି କହିଲେ ଅମ୍ଭେ ମନୁଷ୍ୟମାନଙ୍କର ପ୍ରାଣ ନାଶ କରିବାକୁ ଆସି ନାହୁଁ ମାତ୍ର ରକ୍ଷା କରିବାକୁହିଁ ଆସିଅଛୁଁ ଅନନ୍ତରେ ସେମାନେ ଅନ୍ୟ ଗ୍ରାମକୁ ଚାଲି ଗଲେ । ଆଉ ଯେଉଁ ରାତ୍ରିରେ ତାଙ୍କର ଶତ୍ରୁମାନେ ତାହାଙ୍କୁ ଧରିବାର ନିମନ୍ତେ ସୈନ୍ୟମାନଙ୍କୁ ପଠାଇଲେ ସେ ରାତ୍ରିରେ ଏକ ଜଣ ଶିଷ୍ୟ ତାଙ୍କର ରକ୍ଷା କରିବା ନିମନ୍ତେ ଖଣ୍ଡାରେ

ଏକ ସୈନ୍ୟର କାନ କାଟି ପକାଇଲା ସେତେବେଳେ ନିରସ୍ତ ହୁଅ ଏହି କଥା ବୋଲି ଯୀଶୁ ତାହାର କାନ ଛୁଇଁ ସୁସ୍ଥ କଲେ । ତାହାର ପରଦିନରେ ନିର୍ଦ୍ଦୋଷ ଯୀଶୁର ହସ୍ତ ପାଦରେ କଣ୍ଟା ମାରି ତାହାଙ୍କୁ ଶତ୍ରୁଗଣ କ୍ରୁଶ ନାମରେ ଏକ ବିଶେଷ କାଷ୍ଠ ଉପରେ ଟଙ୍ଗାଇ ଦେଲେ । ସେତେବେଳେ ଯୀଶୁ ଅକଥନୀୟ ଯନ୍ତ୍ରଣାଯୁକ୍ତ ହୁଅନ୍ତେ କହିଲେ ହେ ପିତା ପରମେଶ୍ୱର ଏମାନଙ୍କୁ କ୍ଷମା କର ଯେହେତୁ କି କର୍ମ କରୁଛନ୍ତି ତାହା ସେମାନେ ଜାଣନ୍ତି ନାହିଂ ।

ଆଉ ଯେଉଂ ମୋହ ହେତୁରୁ ଅନେକ ଲୋକ ଈଶ୍ୱରଙ୍କର ସେବାରୁ ଆପଣା ଭାଇ କି ସ୍ତ୍ରୀ କି ମାତା କି ପିତାର ସଙ୍ଗରେ ଆଳାପ କରିବାର ଭଲ ପାନ୍ତି ସେ ମୋହ ଯୀଶୁର ଶରୀରରେ ଥିଲା ନାହିଁ ଯେହେତୁ ଲେଖା ଅଛି ଯେ ଯୀଶୁ ବାର ବରଷ ବୟସ୍କ ହୋଇଲେ ସମସ୍ତର ମାୟା ବର୍ଜିତ ଏକ ସମୟରେ ଈଶ୍ୱରର ମନ୍ଦିରରେ ପଣ୍ଡିତମାନଙ୍କର ନିକଟରେ ଧର୍ମ ଉପଦେଶ ଶୁଣି ଥିଲେ । ସେତେବେଳେ ତାଙ୍କର ମାତା ପିତା ତିନ ଦିନ ଖୋଜି ତାହାଙ୍କୁ ମନ୍ଦିରର ମଧ୍ୟରେ ଉପବିଷ୍ଟ ଦେଖି ଚମତ୍କୃତ ହେଲେ । ଅନନ୍ତରେ ତାହାଙ୍କର ମାତା ତାହାଙ୍କୁ କହିଲା ହେ ପୁତ୍ର ଆମ୍ଭମାନଙ୍କର ପ୍ରତି ଏମନ୍ତ ବ୍ୟବହାର କପାଁଇ କଲ ଦେଖ ତୁମ୍ଭର ପିତା ପୁଣି ଆମ୍ଭେ ଶୋକାନ୍ୱିତ ହୋଇ ତୁମ୍ଭକୁ ଖୋଜିଲୁ । ତହିଁରେ ସେ କହିଲେ ଆମ୍ଭକୁ କିପାଁଇ ଖୋଜିଲ ପିତାର ଘରେ ଅର୍ଥାତ୍ ଈଶ୍ୱରଙ୍କର ମନ୍ଦିରରେ ଆମ୍ଭର ରହିବାର ଉଚିତ ଏହା କି ତୁମ୍ଭେମାନେ ଜାଣ ନାହିଂ ।

ଅନ୍ୟ କୌଣସି ସମୟରେ ଲୋକମାନଙ୍କୁ ଉପଦେଶ ଦେବାର ବେଳରେ ତାଙ୍କର ମାତା ଓ ଭାଇମାନେ ତାଙ୍କର ସଙ୍ଗେ କୌଣସି କଥା କହିବାକୁ ବାଞ୍ଛା କରି ବାହାରେ ଠିଆ ହେଲେ । ତହିଁରେ

କେହି ଲୋକ ତାହାଙ୍କୁ କହିଲା ଦେଖ ତୁମ୍ଭର ମାତା ଓ ଭାଇ ମାନେ କିଛି କଥା କହିବାର ସକାଶେ ବାହାରେ ଠିଆ ହୋଇ ଅଛନ୍ତି । ମାଏ ସେ ତାହାକୁ ଉତ୍ତର କରି କହିଲେ ଆମ୍ଭର ମାତା ଅବା କେ ଅଉ ଆମ୍ଭର ଭାଇମାନେହିଂ ଅବା କେ ଅନନ୍ତରେ ଶିଷ୍ୟମାନଙ୍କର ପ୍ରତି ହାତ ମେଲାଇ କହିଲେ ଏହି ଦେଖ ଆମ୍ଭର ମାତା ଓ ଆମ୍ଭର ଭାଇମାନେ କାରଣ ଯେ କେହି ଆମ୍ଭର ସ୍ୱର୍ଗିସ୍ଥ ପିତାର ଇଷ୍ଟ କର୍ମ କରନ୍ତି ସେହି ଆମ୍ଭର ଭାଇ ଓ ଭଉଣୀ ଓ ମାତା ।

ଯୀଶୁଖ୍ରୀଷ୍ଟର ମନ ଅସ୍ଥିର ଥିଲା ନାହିଁ ଅଉ ଯେଉଂ ଅଭିପ୍ରାୟରେ ସେ ଜଗତକୁ ଅହିଲେ ସେ ଅଭିପ୍ରାୟ କେତେବେଳେ ସୁଖ ଅଶାରେ କି ଦୁଃଖ ଭୟରେ ଅସ୍ଥିର ହୋଇଲେ ନାହିଂ ଯେହେତୁ କୌଣସି ସମୟରେ ଲୋକମାନେ ତାଙ୍କର ଉପଦେଶ ଶୁଣି ଓ ତାଙ୍କର ଆଶ୍ଚର୍ଯ୍ୟ କର୍ମ ଦେଖି ଅତିଶୟ ଚମତ୍କୃତ ହୋଇଲେ ପୁଣି ତାଙ୍କୁ ରାଜ ପଦରେ ନିରୂପଣ କରିବାକୁ ମନସ୍ଥ କଲେ ମାଏ ଯୀଶୁ ସେମାନଙ୍କର ମନ ଜାଣି ବେଗେ ସେମାନଙ୍କୁ ଛାଡି ନିର୍ଜନ ସ୍ଥାନକୁ ଗଲେ ଯେହେତୁ ସେ ଗର୍ବିତ ନ ହୋଇ ସଦା ସ୍ଥିରଚିତ୍ତ ହୋଇ ଜାଣିଲେ ଯେ ସଂସାରିକ ରାଜା ହୋଇଲେ ଆମ୍ଭର କର୍ମ ପୂର୍ଣ୍ଣ ହୋଇବ ନାହିଂ ।

ଆଉ ଯେଉଂ ଦିନରେ ମନୁଷ୍ୟମାନଙ୍କର ପାପ ନିମନ୍ତେ ଆପଣା ପ୍ରାଣ ଦେବାକୁ ଉଦ୍ୟୋଗୀ ଥିଲେ ସେ ଦିନରେ ଅତିଶୟ ଶୋକାକୁଳ ଓ ବ୍ୟଥିତ ହୋଇଲେହେଂ ମୃତ୍ୟୁ ଭୋଗ କରିବାକୁ ଅସ୍ୱୀକାର କଲେ ନାହିଂ କେବଳ ଏହି ପ୍ରାର୍ଥନା କରି କହିଲେ ଯେ ହେ ପରମେଶ୍ୱର ଆମ୍ଭର ଇଚ୍ଛାମତେ ନ ହୋଇ ତୁମ୍ଭର ଇଚ୍ଛାମତେ ହେଉ । ଯେହେତୁ ଆପଣା ପ୍ରାଣ ପାପିମାନଙ୍କର ବୋଦାସ୍ୱରୂପ ପ୍ରାୟଶ୍ଚିତ୍ତ କରିବାର ନିମନ୍ତେ ଦାନ କରିବାକୁ ଯେ ମନସ୍ଥ କରି ଥିଲେ ସେହି ମନସ୍ଥ ଏହି ଅପୂର୍ବ ଦୁଃଖର ସମୟରେ ବି ତ

ଲିତ ହେଲେ ନାହିଂ । ସେ ଶରୀର ଓ ପ୍ରାଣକୁ ବଶ କରି ସମ୍ପୂର୍ଣ୍ଣ ରୂପ ଜୟୀ ହୋଇଲେ ।

ଏଥୁ ଅଧିକାଁ କ କହିବା ସେ କାହାର ହିଂସା କ ଈର୍ଷା କରନ୍ତି ନାହିଂ ଓ ପରର ମଙ୍ଗଳରେ କାତର ନ ହୁଅନ୍ତି ପୁଣି ସମସ୍ତର ହିତ ଇଚ୍ଛା କରନ୍ତି ଓ ଶତ୍ରୁ ମିତ୍ର ସମସ୍ତର ମଙ୍ଗଳ ଚାହାନ୍ତି ଆଉ ଯେଉଂମାନେ ତାହାଙ୍କୁ ଅଣାଦର ଓ ତୁଚ୍ଛ କରନ୍ତି ସେମାନଙ୍କର ଦୁଃଖରେ ସେହି ଦୁଃଖିତ ହୁଅନ୍ତି । ଯେ ଯିରୂଶାଲମ ବାସି ଲୋକ ତାହାଙ୍କୁ ଗ୍ରହଣ ନ କରି ତାଡଣା କରି ଥିଲେ ସେମାନଙ୍କର ଭବିଷ୍ୟତ ଦୁଃଖ ଜାଣି ସେ ନୁହ ବୁହାଇ ବିଲାପ କଲେ । ଏହି ସମସ୍ତ ପଢିଲେ ଜଣା ଯାଏ୍ୟ ଯେ ଯୀଶୁଖ୍ରୀଷ୍ଟ ପରମ ଧାର୍ମିକ ଓ ନିର୍ଦ୍ଦୋଷ ଥିଲେ ଏହି ନିମନ୍ତେ ବୋଲି ଏମନ୍ତ ଶୁଦ୍ଧ ସତ୍ୟ ଲୋକର ଉପଦେଶ ତୁଚ୍ଛ କରିବାର ମହା ପାପ ।

୪ ଈଶ୍ୱର ଯୀଶୁର ବିଷୟରେ ସାକ୍ଷ୍ୟ ଦିଅନ୍ତି ।

ମାତ୍ର ଯୀଶୁଖ୍ରୀଷ୍ଟ ତ୍ରାଣକର୍ତ୍ତା ଏହି ବିଷୟରେ କେବଳ ସେ ଆପଣ ସାକ୍ଷ୍ୟ ଦିଅନ୍ତେ ଏମନ୍ତ ନୋହେ ସ୍ୱୟଂ ପରମେଶ୍ୱର ଯାହାଙ୍କୁ ଯୀଶୁ ପିତା ନାମରେ ଡାକନ୍ତି ସେହି ତାଙ୍କର ବିଷୟରେ ସାକ୍ଷ୍ୟ ଦେଇଛନ୍ତି । ଅର୍ଥାତ୍ ଯେ କର୍ମ କରିବାର ମନୁଷ୍ୟର ଅସାଧ୍ୟ ଏମନ୍ତ କର୍ମ କରିବାକୁ ଈଶ୍ୱର ଯୀଶୁକୁ ଯୋଗ୍ୟତା ଦେଇଛନ୍ତି । ଆଉ ତାଙ୍କର ହସ୍ତକୃତ ସମସ୍ତ କର୍ମ ତାଙ୍କର ବିଷୟରେ ପ୍ରମାଣ ଦେଉ ଅଛି ଯେ ସେ ଈଶ୍ୱରର ପ୍ରେରିତ ଜଗତର ତ୍ରାଣକର୍ତ୍ତା । ତାଙ୍କର କେତେକ କର୍ମର ବିବରଣ ବାକ୍ୟ ଶୁଣ ।

କୌଣସି ଦିନରେ ଥୋକାଏ୍ୟ ଲୋକ ଏକ ଜଣ ପକ୍ଷାଘାତୀକୁ ଯୀଶୁର ନିକଟରେ ଆଣିଲେ ଯୀଶୁ ତାହାର ବିଶ୍ୱାସ ଦେଖି ତାହାକୁ କହିଲେ ହେ ମନୁଷ୍ୟ ତୁମ୍ଭର ପାପ କ୍ଷମା ହେଲା । ତେତେ

ବେଳେ ନିକଟସ୍ଥ ଲୋକମାନେ ମନେ୨ ଏମନ୍ତ ଭାବିବାକୁ ଲାଗିଲେ ଏହି ଜଣ ଈଶ୍ୱରର ଅପମାନର କଥା କପାଁ କହୁଅଛି ଈଶ୍ୱର ବିନା ପାପ କ୍ଷମା କରିବାକୁ ଆଉ କାହାର ସାଧ୍ୟ ଅଛି । ମାଏ ପୃଥିବୀରେ ପାପ କ୍ଷମା କରିବାକୁ ତାଙ୍କର ଯୋଗ୍ୟତା ଅଛି ଏହାର ପ୍ରମାଣ ଦେବାର ନିମନ୍ତେ ସେ ସେହି ପକ୍ଷାଘାତିକୁ କହିଲେ ଉଠ ଆପଣା ଶଯ୍ୟା ନେଇ ଘରେ ଯାଅ ଏହି ଆଜ୍ଞା ଦେଇ । ତହିଁରେ ସେ ତୁରିତ ଉଠି ସମସ୍ତର ସାକ୍ଷାତରେ ଆପଣା ଶଯ୍ୟା ନେଇ ଈଶ୍ୱରଙ୍କର ଧନ୍ୟବାଦ କରି୨ ନିଜ ଘରେ ଚାଲି ଗଲା ।

ଆଉ କୌଣସି ସମୟରେ ଏକ ଜଣ ଅନ୍ଧ ଯୀଶୁର ଆସିବାର ସଂବାଦ ପାଇ ଉଚସ୍ୱରେ ବୋଲିବାକୁ ଲାଗିଲା ହେ ଯୀଶୁ ଆମ୍ଭର ପ୍ରତି ଦୟା କରନ୍ତୁ । ତେତେବେଳେ ଯୀଶୁ ଠିଆ ହୋଇ ତାହାକୁ ଡାକି ଆସିବାକୁ ଆଜ୍ଞା ଦେଲେ । ତହିଁରେ ସେ ତାହାର ନିକଟରେ ପହୁଁଚି ଆସନ୍ତେ ସେ ତାହାକୁ ପଚାରିଲେ ତୁମ୍ଭେ କି ମାଗ । ତୁମ୍ଭର ନିମନ୍ତେ ଆମ୍ଭେ କି କରିବା ସେ କହିଲା ହେ ପ୍ରଭୁ ଯେମନ୍ତ ଦେଖିବାକୁ ପାଇ ଏହି ଆମ୍ଭର ପ୍ରାର୍ଥନା । ତେତେବେଳେ ଯୀଶୁ କହିଲେ ଦେଖିବାକୁ ଶକ୍ତି ନିଅ ତୁମ୍ଭର ବିଶ୍ୱାସ ତୁମ୍ଭକୁ ସୁସ୍ଥ କଲା । ତହିଁରେ ସେହି କ୍ଷଣି ତାହାର ଚକ୍ଷୁ ନିର୍ମଳ ହେବାରେ ସେ ଈଶ୍ୱରଙ୍କର ସ୍ତବ କରି୨ ତାଙ୍କର ପଛେ୨ ଚାଲିଲା ।

ଅନନ୍ତରେ ଆଉ ଏକ ସମୟରେ ଯୀଶୁ ଶିଷ୍ୟମାନଙ୍କର ସହିତ ବଣରେ ରହିବାକୁ ତାଙ୍କର ଉପଦେଶ ଶୁଣିବାର ନିମନ୍ତେ କ୍ରମେ୨ ବହୁତ ଜନତା ତାଙ୍କର ନିକଟରେ ପ୍ରବେଶ ହୋଇଲେ ଆଉ ସେ ଧର୍ମର ବୃତ୍ତାନ୍ତ ଉତ୍ଥାପନ କରି ଅନେକ କାଳ ପର୍ଯ୍ୟନ୍ତେ ସେମାନଙ୍କୁ ଶିକ୍ଷା ଦେଲେ । ଅନନ୍ତରେ ଦିନ ଅସ୍ତ ହେବାରେ ଶିଷ୍ୟମାନେ ଯୀଶୁର ନିକଟରେ ଆସି କହିଲେ ଆମ୍ଭେମାନେ ଏଠାରେ ଅରଣ୍ୟ ସ୍ଥାନରେ ଅଛୁଁ ଏଣୁ ଲୋକମାନଙ୍କୁ ବିଦାୟ କରନ୍ତୁ ସେ

ମାନେ ନଗରେ୨ ଓ ଗ୍ରାମେ୨ ଯାଇ ବସା ଦେଖି ଖାଦ୍ୟ ଦ୍ରବ୍ୟ କି ଣନ୍ତୁ । ତେତେବେଳେ ସେ କହିଲେ ତୁମ୍ଭେମାନେହିଂ ସେମା ନଙ୍କୁ ଭୋଜନ କରାଅ । ତହିଂରେ ସେମାନେ କହିଲେ ଅମ୍ଭମାନ ଙ୍କର ନିକଟରେ କେବଳ ପାଞ୍ଚ ରୋଟୀ ଓ ଦୁଇ ମାଛ ଅଛି ମାତ୍ର ଏମାନେ ପ୍ରାୟ ପାଞ୍ଚ ହଜାର ଲୋକ ଏଣୁ ସ୍ଥାନାନ୍ତରେ ଯାଇ ଏହି ସମସ୍ତର ନିମନ୍ତେ ଖାଦ୍ୟଦ୍ରବ୍ୟ ନ କିଣିଲେ ହୁଅଇ ନାହିଂ । ତେ ତେବେଳେ ସେ ଶିଷ୍ୟମାନଙ୍କୁ କହିଲେ ପଚାଶ ଜଣ କରି ସେମା ନଙ୍କୁ ଧାଡ଼ି୨ ବସାଅ । ଅନନ୍ତରେ ସେମାନେ ସେହି ପରି ଲୋକ ସମସ୍ତଙ୍କୁ ବସାଇଲେ ସେ ସେହି ପାଞ୍ଚ ରୁଟୀ ଓ ଦୁଇ ମାଛ ନେଇ ସ୍ୱର୍ଗର ପ୍ରତି ଦୃଷ୍ଟି କରି ଈଶ୍ୱରଙ୍କର ଧନ୍ୟବାଦ କଲେ ପୁଣି ଭାଙ୍ଗି ଲୋକମାନଙ୍କୁ ପରଶିବାକୁ ଶିଷ୍ୟମାନଙ୍କୁ ଦେଲେ । ତହିଂରେ ସ ମସ୍ତେଇ ଖାଇ ତୃପ୍ତ ହୋଇଲେ ପୁଣି ଅଇଁଠା ବାର ଡାଲା ହୋଇଲା ।

ଅନନ୍ତରେ ଯୀଶୁ ଏକ ଦିନରେ ନାୟିନ ନାମ ନଗରରେ ଗଲେ ପୁଣି ତାଙ୍କର ଅନେକ ଶିଷ୍ୟ ଓ ଅନ୍ୟ୨ ଅନେକଇଂ ତା ଙ୍କର ସହିତ ଗଲେ । ଆଉ ସେହି ନଗର ଦ୍ୱାରର ନିକଟରେ ପ୍ର ବେଶ ହୋଇ କେତେକ ଲୋକ ଏକ ମୃତ ମନୁଷ୍ୟକୁ ବହି ନଗର ବାହାରେ ଯାଇ ଥିଲେ ସେହି ତାହାର ମାତାର ଏକ ପୁତ୍ର ମାତ୍ର ପୁଣି ତାହାର ମାତାହିଂ ବିଧବା ଅଉ ତାହାର ସଙ୍ଗରେ ସେହି ନଗରର ଅନେକ ଲୋକ ଥିଲେ । ପ୍ରଭୁ ତାହାକୁ ଦେଖି ସଦୟ ହୋଇ କହିଲେ ହେ ଯୁବା ମନୁଷ୍ୟ ଉଠ ଅମ୍ଭେ ତୁମ୍ଭକୁ ଆଜ୍ଞା ଦେଉଛୁଁ । ତହିଂରେ ସେହି ମୃତ ବ୍ୟକ୍ତି ସେହିକ୍ଷଣି ଉଠି କଥା କହିବାକୁ ଲାଗିଲା । ଯୀଶୁ ତାହାର ମାତାର ହାତରେ ତାହାକୁ ସମର୍ପଣ କରନ୍ତେ ଲୋକ ସମସ୍ତେ ଭୀତ ହୋଇଲେ ଆଉ ଈଶ୍ୱର ଙ୍କର ଧନ୍ୟବାଦ କଲେ ।

ପୁଣି ବୈଥନୀୟା ଗ୍ରାମରେ ଲାଜାର ନାମରେ ଏକ ଜଣର ମୃତ୍ୟୁ ହୋଇଲା । ସେ ଯୀଶୁର ବନ୍ଧୁ ଥିଲା ମାତ୍ର ତାହାର ମରଣ ସମୟରେ ଯୀଶୁ ସ୍ଥାନାନ୍ତରେ ଥିଲେ । ଅନନ୍ତରେ ସେ ସେହି ଠାରେ ପ୍ରବେଶ ହୋଇଲେ ଆଉ ଲାଜାର ଚାରି ଦିବସ ହେଲା କବରରେ ରଖା ଯାଇ ଅଛି ଏହି ସମାଚାର ଶୁଣିଲେ । ତେତେବେଳେ ସେ କହିଲେ ତାହାକୁ କେଉଂଠାରେ କବର ଦେଇ ଅଛ । ସେମାନେ କହିଲେ ହେ ପ୍ରଭୁ ଆସି ଦେଖନ୍ତୁ । ତହିଂରେ ଯୀଶୁ କବର ନିକଟରେ ଆଇଲେ ସେହି କବର ଗୋଟାଏ ଗାଡ ଆଉ ତାହାର ମୁଖରେ ଖଣ୍ଡେ ପଥର ଚପା ଥିଲା । ତେତେବେଳେ ଯୀଶୁ କହିଲେ ଏହି ପଥର ଘୁଂଚାଇ ଦିଅ । ତହିଂ ମୃତ ଲୋକର ଭଉଣୀ ମାର୍ଥା କହିଲା ହେ ପ୍ରଭୁ ଏତେବେଳେ ତହିଂରେ ଦୁର୍ଗନ୍ଧି ହୋଇ ଥିବ ଯେହେତୁ ଆଜକୁ ଚାରି ଦିନ ହେଲା କବରରେ ଅଛି । ମାତ୍ର ସେ କହିଲେ ଯେବେ ବିଶ୍ୱାସ କର ତେବେ ଈଶ୍ୱରର ମହିମା ପ୍ରକାଶ ଦେଖିବାକୁ ପାଇବ ଏକଥା କି ତୁମ୍ଭଙ୍କୁ କହି ନାହିଂ । ତେତେବେଳେ କବର ଠାରୁ ପଥର ଘୁଞ୍ଚାଇଲା ଉତ୍ତାରେ ଯୀଶୁ ଊର୍ଦ୍ଧ୍ୱ ଦୃଷ୍ଟି କରି କହିଲେ ହେ ପିତା ଆମ୍ଭର କଥା ଶୁଣି ଅଛ ଏହି ନିମନ୍ତେ ତୁମ୍ଭର ଧନ୍ୟବାଦ କରୁ ଆଉ ନିରନ୍ତର ଶୁଣୁ ଥାଅ ତାହାହିଂ ଆମ୍ଭେ ଜାଣି ମାତ୍ର ତୁମ୍ଭେ ଯେ ଆମ୍ଭଙ୍କୁ ପଠାଇ ଅଛ ଏହା ଯେମନ୍ତ ଏହି ସ୍ଥାନରେ ପ୍ରବେଶ ହେବା ଲୋକମାନେ ବିଶ୍ୱାସ କରନ୍ତି ସେହି ନିମନ୍ତେ ଏହି କଥା କହୁଅଛୁଁ । ତହିଂଉତ୍ତାରେ ସେ ଉଚ୍ଚଃସ୍ୱରେ ଡାକି କହିଲେ ହେ ଲାଜାର ବାହାରକୁ ଆସ ତହିଂରେ ସେ ମୃତ ଲୋକ କବର ବସ୍ତ୍ରରେ ହାତଗୋଡ ବନ୍ଧା ପୁଣି ଗାମୁଛାରେ ମୁଖ ବନ୍ଧା ହୋଇ ବାହାରେ ଆଇଲା । ତେତେବେଳେ ଯୀଶୁ କହିଲେ ବନ୍ଧନ ସମସ୍ତ ଫିଟାଇ ଏହାକୁ ଛାଡ ଦିଅ । ଉପସ୍ଥିତ ଲୋକମାନେ ଯେତେବେଳେ ଏହି

କର୍ମ ଦେଖିଲେ ସେତେବେଳେ ଅନେକ ବିଶ୍ୱାସ କଲେ ଯେ ସେ ଜଗତର ତ୍ରାଣକର୍ତ୍ତା ସତ୍ୟ ।

ଏହି ପ୍ରକାର ନାନା ଆଶ୍ଚର୍ଯ୍ୟ କର୍ମ କରିବାରେ ଯୀଶୁଖ୍ରୀଷ୍ଟ ଦୃଢ ପ୍ରମାଣ ଦେଲେ ଯେ ଆମ୍ଭେ ଈଶ୍ୱରର ପେଶିତ ଜଗତର ତ୍ରାଣ କର୍ତ୍ତା ଯେହେତୁ ପରମେଶ୍ୱରଙ୍କର ସହାଯ୍ୟତା ବିନୁ କେହି ମନୁଷ୍ୟ ଏମନ୍ତ କର୍ମ କରିବାକୁ ନ ପାରିବ । ଏହା ଛଡା ପରମେଶ୍ୱର ଅପେ ସ୍ୱର୍ଗରୁ ସମ୍ବୋଧନ କରି ଦୁଇ ଥର କହିଲେ ଏହି ଆମ୍ଭର ପ୍ରିୟତମ ପୁତ୍ର ଏହାଙ୍କଠାରେ ଆମ୍ଭେ ପରମ ସନ୍ତୁଷ୍ଟ ତୁମ୍ଭେ ସମସ୍ତେ ଏହାଙ୍କର ବାକ୍ୟ ଶୁଣ ।

ସେହି ଯୀଶୁ ଆମ୍ଭମାନଙ୍କର ପାପର ପ୍ରାୟଶ୍ଚିତ୍ତ କରିବା ନିମନ୍ତେ ଅପଣା ରକ୍ତପାତ କରି ପ୍ରାଣ ତ୍ୟାଗ କଲେ ଯେହେତୁ ରକ୍ତପାତ ନ ହୋଇଲେ ପ୍ରାୟଶ୍ଚିତ୍ତ କରା ନ ଯାଏ ।

ସେ ଅଳ୍ପ କାଳମାତ୍ର କବରରେ ରହିଲେ ତିନ ଦିନରେ ମୃତ୍ୟୁଞ୍ଜୟ ହୋଇ ଶିଷ୍ୟମାନଙ୍କୁ ଚାଳିଶ ଦିନ ଯାଏ ଥରକୁ ଥର ଦର୍ଶନ ଦେଇ ପ୍ରାୟ ୫୦୦ ଲୋକର ଅଗ୍ରତେ ସ୍ୱର୍ଗକୁ ଆରୋହଣ କଲେ । ଆଉ ପରମେଶ୍ୱର ତାହାଙ୍କୁ ସ୍ୱର୍ଗ ପୃଥ୍ୱୀ ଲୋକଙ୍କର ଉପରେ ରାଜା ଆଉ ମଧ୍ୟସ୍ଥିତ ପଦରେ ନିଯୁକ୍ତ କଲେ । ଏହି ନିମନ୍ତେ ଯେଉଂଜନ ତାହାକୁ ତୁଚ୍ଛ କରନ୍ତି ସେ ତାହାକୁ ତୁଚ୍ଛ କରନ୍ତି ତାହା କେବଳ ନୋହେ ତାହାଙ୍କର ପଠାଇବା କର୍ତ୍ତା ଈଶ୍ୱରଙ୍କୁହିଂ ତୁଚ୍ଛ କରନ୍ତି ।

## ୭ ଧର୍ମ ବିଷୟର ଅନ୍ତରିକ ପ୍ରମାଣ ।

ଯୀଶୁଖ୍ରୀଷ୍ଟର ଉପଦେଶ ତାହାଙ୍କର ନିଜର ନୋହେ ମାତ୍ର ଯେ ତାହାଙ୍କୁ ପଠାଇଲେ ସେହି ପରମେଶ୍ୱରଙ୍କର ଅଉ ଯେଉଂଜନ ତାହାଙ୍କର ଆଜ୍ଞା ପାଳିବାକୁ ମନ କରନ୍ତି ଯୀଶୁଖ୍ରୀଷ୍ଟର ଉପଦେଶ

ଯେ ଈଶ୍ୱରଠାରୁ ତାହା ସେ ଆପଣା ମନର ମଧ୍ୟରେ ଜାଣିବାକୁ ପାଇବ । ଦେବାଶ୍ରିତ ଲୋକ ସଦା ଅସ୍ଥିର ତ୍ରାଣ ପାଇବାର ଆଶାରେ ନାନା ଉପାୟ ନାନା ଶ୍ରମ ଓ ଅନେକ ପ୍ରକାର ଖରଚ କରନ୍ତି ତେବେ ସେମାନଙ୍କର ମନର ଅନ୍ଧକାର ଘୁଞ୍ଚି ଯାଇ ନାହିଂ ଓ ଜ୍ଞାନ ଜନ୍ମଇ ନାହିଂ ମାତ୍ର ଯେଉଂଜନ ଖ୍ରୀଷ୍ଟର ଆଶ୍ରିତ ହୁଅଇ ସେ ମନେ୨ ଦୃଢ ପ୍ରମାଣ ଦ୍ୱାରା ଜାଣିବାକୁ ପାରଇ ଯେ ସେ ପମୃର ତ୍ରାଣ କରିବାକୁ ପାରନ୍ତି । ଯେ କୌଣସି ଏକ ବଣିକ ଉତ୍ତମ ମୁକ୍ତା ଖୋଜିଲେ ବହୁମୂଲ୍ୟ ମୁକ୍ତା ଦେଖି ଆପଣାର ସର୍ବସ୍ୱ ବିକ୍ରୟ କରି ତାହା କିଣଇ ତାହାର ପରି ଖ୍ରୀଷ୍ଟାଶ୍ରିତ ଲୋକ । ସେମାନେ ଖ୍ରୀଷ୍ଟରୂପ ଧନ ପାଇ ପରମ ସନ୍ତୋଷ ହୋଇ ଅନ୍ୟ ସମସ୍ତ ଆଶା ଓ ସମସ୍ତ ଆଶ୍ରୟ ଓ ଚେଷ୍ଟା ଛାଡି ତହିଂରେ ରତ ଥାନ୍ତି ଓ ସେହି ଉତ୍ତମ ଧନ ମନର ମଧ୍ୟରେ ଭୋଗ କରି ତୃପ୍ତ ହୁଅନ୍ତି । ଏମନ୍ତ ଲୋକକୁ ଯେବେ କେହି କହଇ ଯେ ଯୀଶୁଖ୍ରୀଷ୍ଟର ଆଶ୍ରୟ ମିଥ୍ୟା ତେବେ ସେ ଉତ୍ତର କରିବ ଯେ ଅନ୍ନ ଆମ୍ଭେ ଆପଣା ଜିଭରେ ଚାଖି ଭଲ ବୁଝି ଖାଇଅଛୁଂ ପୁଣି ସନ୍ତୋଷ ହୋଇ ଅଛୁଂ ସେ ଅନ୍ନ କି ଅମ୍ଭେ ତୁମ୍ଭର କଥାରେ ମନ୍ଦ ବୋଲିବା ପୁଣି ଯେଉଂ ଔଷଧ ଖାଇ ଆମ୍ଭେ ସୁସ୍ଥ ହୋଇଲୁ ସେ ଔଷଧକୁ ଜଗତର ସମସ୍ତ ଲୋକମାନେ ଅଶୁପକାର ବୋଇଲେହେଂ ଅମ୍ଭେ ପରମ ହିତ ଦାୟକ ବୋଲିବା । ତେମନ୍ତ ଖ୍ରୀଷ୍ଟର ଆଶ୍ରୟ ନେଲେ ପମୃର ଦୁଃଖ ଘୁଞ୍ଚିବ ଓ ମନରେ ଜ୍ଞାନ ଜନ୍ମିବ ଓ ପରମେଶ୍ୱରରେ ଦୃଢ ଭରସା ଓ ତ୍ରାଣର ଆଶା ଜନ୍ମିଲା ପ୍ରାଣର ସଂଶୟ ହୋଇଲେହେଂ ସେହି ଧର୍ମ କେତେବେଳେ ଛାଡିବ ନାହିଂ ।

### ଖ୍ରୀଷ୍ଟର ଉବାଚ ।

ଅଭିମାନ ଶୂନ୍ୟ ଲୋକମାନେ ଧନ୍ୟ ଯେହେତୁ ସ୍ୱର୍ଗ ରାଜ୍ୟ

ସେମାନଙ୍କର ଅଧିକାର । ଖେଦଯୁକ୍ତ ଲୋକମାନେ ଧନ୍ୟ ଯେହେତୁ ସେମାନେ ସାନ୍ତ୍ୱନା ପାଇବେ । ନମ୍ରଶୀଳ ଲୋକମାନେ ଧନ୍ୟ ଯେହେତୁ ସେମାନେ ପୃଥିବୀରେ ଅଧିକାର କରିବେ । ଧର୍ମ ବିଷୟରେ କ୍ଷୁଧିତ ଓ ତୃଷିତ ଲୋକମାନେ ଧନ୍ୟ ଯେହେତୁ ସେମାନେ ପରିତୃପ୍ତ ହେବେ । ଦୟାଳୁ ଲୋକମାନେ ଧନ୍ୟ ଯେହେତୁ ସେମାନେ ଦୟା ପାଇବେ । ନିର୍ମଳାନ୍ତଃକରଣ ଲୋକମାନେ ଧନ୍ୟ ଯେହେତୁ ସେମାନେ ଈଶ୍ୱରର ଦର୍ଶନ ପାଇବେ । ମିଳଣକାରି ମାନେ ଧନ୍ୟ ଯେହେତୁ ସେମାନେ ଈଶ୍ୱରର ସନ୍ତାନ ବିଖ୍ୟାତ ହେବେ । ଧର୍ମର ନିମନ୍ତେ ତାଡିତ ଲୋକମାନେ ଧନ୍ୟ ଯେହେତୁ ସ୍ୱର୍ଗରାଜ୍ୟ ସେମାନଙ୍କର ଅଧିକାର । ଆମ୍ଭର ନିମନ୍ତେ ମନୁଷ୍ୟମାନେ ଯେବେ ତୁମ୍ଭମାନଙ୍କୁ ନିନ୍ଦା ଓ ତାଡଣା କରନ୍ତି ପୁଣି ମିଥ୍ୟା କରି ନାନାବିଧ ମନ୍ଦ କଥା ବୋଲନ୍ତି ତେବେହେଁ ତୁମ୍ଭେମାନେ ଧନ୍ୟ ସେହି ସମୟରେ ଉଲ୍ଲାସ କର ପୁଣି ଅତିଶୟ ଆନନ୍ଦିତ ହୁଅ ଯେହେତୁ ସ୍ୱର୍ଗରେ ତୁମ୍ଭେମାନେ ମହାଫଳ ପାଇବ ।

ଇତି

No. 13.

# STRICTURES ON HINDUISM.

## ଶାସ୍ତ୍ର ପରିଶୋଧାକ୍ଷେପଣ ।

### ତାହାର ପ୍ରଥମ ଭାଗ ଅର୍ଥାତ୍ ତିନି ଦେବର ପରୀକ୍ଷା ।

ଋଗ୍‌ବେଦ ଭାଗବତ ଭାରତ ରାମାୟଣ ଆଦିକରି ହିନ୍ଦୁ ଶାସ୍ତ୍ରକୁ ବିବେଚନା କଲେ ବ୍ରହ୍ମା ସୃଷ୍ଟିକର୍ତ୍ତା ବିଷ୍ଣୁ ପାଳନ କର୍ତ୍ତା ମହାଦେବ ପ୍ରଳୟ କର୍ତ୍ତା ଅଟନ୍ତି ବୋଲି ପ୍ରତ୍ୟକ୍ଷ ଜଣା ଯାଏ । ଏତିନି ଦେବତା ରୂପବନ୍ତ ହୋଇ ନାନାଦି କର୍ମ କଲେ ଶାସ୍ତ୍ର କହନ୍ତି । କେହି୨ ଲୋକ ଶାକ୍ତ ମତାବଲମ୍ବୀ କହଇ ଆଦିଶକ୍ତିଠାରୁ ବ୍ରହ୍ମା ବିଷ୍ଣୁ ମହାଦେବ ଏତିନି ଦେବତା ଉତ୍ପନ୍ନ ହେଲେ । ଆଉ କେହି ଲୋକ କହଇ ବ୍ରହ୍ମା ବିଷ୍ଣୁ ମହାଦେବଙ୍କୁ ଆଦିଶକ୍ତି ବରିଲେ । ଆଉ କେହି୨ ଲୋକ ଏଶ୍ଲୋକର ମତ ଶିକ୍ଷା କରନ୍ତି । ଯଥା ।

ଆଦିଶକ୍ତି ମୟଂ ବୀଜଂ ।
ବୀଜଶକ୍ତି ମୟଂ ଶିବଃ ।
ଶିବଶକ୍ତି ମୟଂ ବିଷ୍ଣୁଃ ।
ସର୍ବ ବିଷ୍ଣୁ ମୟଂ ଜଗତ୍ ।

ଏ ଶ୍ଳୋକ ଅନୁସାରେ ଅଦି ଶକ୍ତିର ଏକ ବୀଜ ଜନ୍ମ ହୋଇଥିଲା ସେ ବୀଜରୁ ମହାଦେବ ଜନ୍ମ ହେଲା ସେ ମହାଦେବଠାରୁ ବିଷ୍ଣୁ ଜନ୍ମିଲା ବିଷ୍ଣୁଠାରୁ ସମସ୍ତ ଜଗତ୍ ଜନ୍ମିଲେ ଏହି ମାର୍ଗରେ ବ୍ରହ୍ମା ନାହାନ୍ତି ଶୁଧା ତହିଁ ପାଇଁ ସେ କରୂପେ ସୃଷ୍ଟିକର୍ତ୍ତା ହୋଇଲା ।

ଆଉ କୌଣସି ଶାସ୍ତ୍ରରେ ଏମନ୍ତ ଲେଖା ଅଛି ଯେ ବିଷ୍ଣୁର ନାଭିକମଳରୁ ବ୍ରହ୍ମା ଜନ୍ମିଲା । ପୁନର୍ବାର ଅଦ ଶକ୍ତିରୁ ତିନଗୋଟା ଡିମ୍ବ ଜନ୍ମିଲେ ସେ ତିନ ଡିମ୍ବରୁ ବ୍ରହ୍ମା ବିଷ୍ଣୁ ମହାଦେବ ଏତିନ ମୂର୍ତ୍ତି ଜନ୍ମିଲେ ବୋଲି ଆଉ କେହି କହଇ । ଏହି ଉପରେ ହିନ୍ଦୁ ଶାସ୍ତ୍ର ପାଠ କରିବାବେଳେ ଏକହି ଦେବତା ଅଛି କି ନାହିଁ ଏ ନିଶ୍ଚୟ କରି ଜଣା ଯାଏ୍ନ ନାହିଁ ଏମନ୍ତ ଏକ ମୂଳହିଂ ଦିଶୁ ନାହିଁ ଏ ଭିନ୍ନୀ ବିଧି ଗୁଡିଏ କଳ୍ପିଣା ପରି ବୋଧ ହୁଅଇ । ଏ ପ୍ରକାର ଅନ୍ୟ କଥା ପରମେଶ୍ୱରଠାରୁ ହେଲା ବୋଲି ଈଶ୍ୱରର ପ୍ରତିକୂଳରେ ନିନ୍ଦା ହୁଅଇ ଯେହେତୁ ସେ ଶାସ୍ତ୍ର ଯେବେ ଈଶ୍ୱରର ଦତ୍ତ ହୁଅନ୍ତା ତେବେ ଈଶ୍ୱରର ସତ୍ୟତା ନିର୍ମଳତା ଜ୍ଞାନ ଉତ୍ତମତା ଏହି ତାହାଙ୍କର ସ୍ୱଭାବ ଲକ୍ଷଣର ବିରୁଦ୍ଧରେ ଏମନ୍ତ ଅଯୋଗ୍ୟ କଥା ତହିଂରେ କହା ଯାଇ ନ ଥାନ୍ତା ।

ଧର୍ମପୁସ୍ତକ ନିଶ୍ଚୟ ପରମେଶ୍ୱରର ଦତ୍ତ ଶାସ୍ତ୍ର ଅଟନ୍ତି ଯେହେତୁ ତାହାର ସମସ୍ତ ଶିକ୍ଷା ନିର୍ମଳ ଆଉ ଯେତଂମାନେ ତାହା ଗ୍ରହଣ କରନ୍ତି ତହିଁରେ ସେମାନଙ୍କର ମନ ନିର୍ମଳ ହେଉଛନ୍ତି ଈଶ୍ୱର ଆତ୍ମସ୍ୱରୂପୀ ସ୍ୱୟଂଭୁବ ନିଷ୍କଳଙ୍କ ସର୍ବଜ୍ଞ ସର୍ବବ୍ୟାପୀ ସର୍ବ ଶକ୍ତିମାନ ଅଚଳ ନିତ୍ୟ ଅପରମିତ ଧର୍ମପୁସ୍ତକରେ ପରମେଶ୍ୱର ଏହି ପ୍ରକାରରେ ବର୍ଣ୍ଣନା ହୋଇଅଛନ୍ତି ସେ ପରମେଶ୍ୱର ଏକା ହୋଇ ସୃଷ୍ଟି ସ୍ଥିତି ପ୍ରଳୟକର୍ତ୍ତା ହୋଇଅଛନ୍ତି ।

---

## ବ୍ରହ୍ମାର ପରୀକ୍ଷା ।

ବ୍ରହ୍ମାର ପାଞ୍ଚ ମୁଣ୍ଡ ଥିଲା ବୋଲି ହିନ୍ଦୁ ଶାସ୍ତ୍ରରେ ଲେଖା ଅଛି ସେ ବ୍ରହ୍ମା ସାବିତ୍ରୀ କୁମାରୀକି ହରଣ କରିବାବେଳେ ମହାଦେବ ଆସି ତାର ଏକ ମୁଣ୍ଡ ଛେଦନ କଲା ଏମନ୍ତ ଲେଖା ଅଛି । ସୁଜନମାନଙ୍କୁ ପଚାରିବାକୁ ହୁଅଇ ଯେ ବ୍ରହ୍ମା ଯେବେ ନିଶ୍ଚୟ ସୃଷ୍ଟିକର୍ତ୍ତା ହୋଇଥାନ୍ତେ ତେବେ ସେ ଅପଣାର ଛେଦନ ମୁଣ୍ଡକୁ ପୁନର୍ବାର ନ ଜନ୍ମାଇଲା କାହିଁକି ।

ପୁନଃ ବ୍ରହ୍ମା ଅପଣାର ଦୋହିତା ସରସ୍ୱତୀକୁ ହରଣ କରିବାକୁ ଇଚ୍ଛା କରି ତହିଁ ଧାବମାନ ହୋଇ ଅପୂଜ୍ୟ ହୁଅ ବୋଲି ମରୀଚି ଋଷି ତାଙ୍କୁ ଶାପ ଦେଲେ । ହିନ୍ଦୁ ଶାସ୍ତ୍ରରେ ଏ ପ୍ରକାର ଏକ କଥା ଲେଖା ଅଛି । ସେ ବିବରଣକୁ ବିବେଚନା କଲେ ମନରେ ଏମନ୍ତ ଏକ ସନ୍ଦେହ ଅଛି ଯେ ବ୍ରହ୍ମା ଯେବେ ସୃଷ୍ଟିକର୍ତ୍ତା ହୋଇଥାନ୍ତେ ସବୁ ଲଲାଟ କର୍ମ ଲେଖିବାକର୍ତ୍ତା ହୋଇଥାନ୍ତେ ତେବେ ସେ ଋଷିର ଶାପକୁ ଜାଣି ତାହା ଅନ୍ୟଥା ନ କଲେ କି ହେତୁରୁ । ଏ କଳଙ୍କ କଥାରୁ ବୋଧ ହୁଅଇ ଯେ ବ୍ରହ୍ମା କିଛି ସୃଷ୍ଟିକର୍ତ୍ତା ନାହାନ୍ତି ଯେହେତୁ ସର୍ବଶକ୍ତିତା ସର୍ବଜ୍ଞତା ଏସୃଷ୍ଟି କରିବାର ଗୁଣ ତାଙ୍କଠାରେ ନାହିଁ ।

ଧର୍ମପୁସ୍ତକ ଈଶ୍ୱରଙ୍କୁ ଏକା କରି ସୃଷ୍ଟିକର୍ତ୍ତା କହନ୍ତି ସେ ଈଶ୍ୱର କାହାକୁ ସହାୟ ନ ଘେନି କିଛିହେଁ ବସ୍ତୁ ନ ନେଇ କେବଳ ଆପଣାର ବାକ୍ୟର ବଳ ଅପରିମିତ ବୁଦ୍ଧିରୁ ସମସ୍ତ ସୃଷ୍ଟିକୁ ନିର୍ମାଣ କଲେ ଏହିପାଇଁ ସେ ଈଶ୍ୱର ଅଛନ୍ତି ବୋଲି କହା ଯାଉଅଛି ।

ଆଉ ଈଶ୍ୱର ଯେବେ ଅନ୍ୟ କାହାର ଦ୍ୱାରା ସୃଷ୍ଟିକୁ ନିର୍ମାଣ କରି ଥାନ୍ତେ ତେବେ ସୃଷ୍ଟି କରିବା ପାଇଁ ତାହାଙ୍କୁ ପରାକ୍ରମ ବୁଦ୍ଧି ଦେବାକୁ ଅବଶ୍ୟକ ହୁଅନ୍ତେ ତାହା ହେଲେ ଅମିତ ଲୋକକୁଂ ଅସୀମା ଗୁଣ ଦେବାରେ ଦ୍ୱିତୀୟ ପରିଅଉ ଏକ ଈଶ୍ୱର ହୁଅନ୍ତା ।

ଏପ୍ରକାର ବୋଧ କରିବାରେ ପରମେଶ୍ୱରର ବଡ ନିନ୍ଦା ହୁଅଇ ଯେହେତୁ ସୃଷ୍ଟି ବସ୍ତୁକୁ ସୃଷ୍ଟିକର୍ତ୍ତା କହିଲେ ନିଶ୍ଚୟ ଈଶ୍ୱରର ବିରୁଦ୍ଧ ହୁଅଇ । ଲୋକମାନେ ଏହାର ଭେଦ ନ ଜାଣନ୍ତି ତହିଂସକାଶୁଂ ସେମାନେ ସୃଷ୍ଟିକର୍ତ୍ତା ଛାଡି ସୃଷ୍ଟ ବସ୍ତୁକୁ ଈଶ୍ୱର ବୋଲି ସେବା କରି ଅଛନ୍ତି ।

---

## ବିଷ୍ଣୁର ପରୀକ୍ଷା ।

ବିଷ୍ଣୁର ଦଶ ଅବତାର ହେଲା ବୋଲି ହିନ୍ଦୁ ଶାସ୍ତ୍ରରେ କହା ଯାଉଅଛି ଅଦ୍ୟରେ ଜଳ ପ୍ରଳୟ ବେଳର ପୂର୍ବରେ ବ୍ରହ୍ମା ବେଦ ପୁସ୍ତକ ରଖି ତପସ୍ୟା କରିଥାନ୍ତି ଏହାର ମଧ୍ୟେ ଶଂଖାସୁର ସେ ବେଦ ପୋଥିକୁ ଚୋରି କରି ନେଲା । ତହୁଁ ବିଷ୍ଣୁ ମୀନ ଅବତାର ଧରି ଶଂଖାସୁରକୁ ମାରି ସେ ବେଦ ବ୍ରହ୍ମାଙ୍କୁ ଆଣି ଦେଲା । ଏବିବରଣ ବିବେଚନା କରି ପଚାରିବାକୁ ହୁଅଇ ଯେ ସେ କାଳରେ ସୃଷ୍ଟି ସମେତ ଜଳ ପ୍ରଳୟରେ ନିର୍ମୂଳ ହୋଇ ସେ ଶଂଖାସୁର ସେ ଜଳରୁ କିପରି ବାହାରି ହେଲା ସେ କେଉଁଠାରେ ଥିଲା ସେ କେଉଂଠାରୁ ଅଇଲା ।

ଏଉତ୍ତାରୁ ଅମୃତ ନିମନ୍ତେ ଦେବତାମାନେ ସମୁଦ୍ରକୁ ମନ୍ଥନ କରିବା ପାଇଁ ମନ୍ଦର ପର୍ବତକୁ ଖୁଆ କଲେ ସେ ପର୍ବତ ବୁଡିଯିବାରୁ ବିଷ୍ଣୁ ତାହା ଟେକିବା ନିମନ୍ତେ କୂର୍ମ ଅବତାର ହେଲା । ଦେଖ ସୁଜନେ ସେ ପର୍ବତର ପଛେ ଖୁଅସ୍ତମ୍ଭ ନ ଥିବାରୁ ସେ କେମନ୍ତେ ବୁଲିଲା ଦେବତା ଅସୁରମାନେ କିପ୍ରକାରେ ମନ୍ଥନ କଲେ ସେ ସର୍ପରାଜ କିପରେ ବଞ୍ଚିଲା ସେ ପାଣିରୁ ଅପସରାମାନେ ଲକ୍ଷ୍ମୀ ଐରାବତଗଜ ଉଚ୍ଚୈଃଶ୍ରବା ଅଶ୍ୱ ଏମାନେ କେମନ୍ତେ ଜନ୍ମିଲେ ।

ପୁନଶ୍ଚ । ହିରଣ୍ୟାକ୍ଷ ବଧ କରିବାକୁ ପୃଥିବୀ ଟେକିବାକୁ ବିଷ୍ଣୁ

ବରାହ ଅବତାର ହେଲେ ଶାସ୍ତ୍ରରେ ଲେଖାଅଛି । ଦେଖ ସୁଜନମାନେ ସେ କାଳରେ ଭୂମି ଯେ ନ ଥିଲା ସେ ହିରଣ୍ୟାକ୍ଷ କେମନ୍ତ ହୋଇଥିଲା କେଉଁଠାରେ ରହିଲା କାହା ଉପରେ ରହି ଯୁଦ୍ଧ କଲା ।

ଏଥିଉତ୍ତରେ ହିରଣ୍ୟକଶ୍ୟପୁ ବଦାଇବା ପାଇଁ ବିଷ୍ଣୁ ନରସିଂହ ଅବତାର ହେଲା ଶାସ୍ତ୍ରରେ ଲେଖିତ ଅଛି । ଦେଖ ସେ କେଉଂ ପ୍ରକାର ଦୁର୍ଜୟ ରୂପ ହୋଇଥିଲା ତାହା ବିବେଚନା କଲେ ସେ ଧର୍ମସ୍ୱରୂପ ନାହାନ୍ତି ବୋଲି ଜଣା ଯାଏ ଯେହେତୁ ଈଶ୍ୱର ଦୟାଳୁ କୃପାବାନ ସହିଷ୍ଣୁତାରୂପ ହୋଇ ଦୀର୍ଘକାଳ ପାପିର ଭୁଲଣା ସହନ୍ତି ମାତ୍ର ଏହି ତୁମ୍ଭ ନରସିଂହ କ୍ରୋଧ କରି ଅଳପ ଦୋଷ ପାଇଁ ପ୍ରାଣକୁ ବଧ କଲା ଏଥିରୁ ମନେ କର ସେ କୌଣସି ଶୟତାନ କି ଭୂତର ଆକାର ।

ପୁନର୍ବାର ବଳିରାଜା ତିନ ଲୋକରେ ଅଧିକାର କରିଥିଲା ସେ ଅଧିକାର ତାହାଠାରୁ ଛଡାଇ ଇନ୍ଦ୍ରକୁ ଦେବା ନିମନ୍ତେ ବିଷ୍ଣୁ ବାମନ ଅବତାର ହୋଇ ବଳିଙ୍କି ତିନ ପାଦ ଭୂମି ମାଗି ତିନ ଲୋକ ଆକ୍ରମଣ କରି ଏଥିଉତ୍ତାରୁ ତାର ଦ୍ୱାରରେ ଦ୍ୱାରି ହେଲା ଶାସ୍ତ୍ର କହନ୍ତି । ଆକାଶରେ ଏକପାଦ ଭୂମିରେ ଏକପାଦ ପୂର୍ଣ୍ଣ ହେଲା ବେଳେ ସେ ବଳି କେଉଠାରେ ରହିଲା ତୃତୀୟ ପାଦ କେଉଂଠାରେ ରଖିଲା ସବୁ ମନୁଷ୍ୟ କେଉଂଠାରେ ଥିଲେ ।

ପୁନଶ୍ଚ । ଜମଦଗ୍ନି ନାମରେ ଜଣେ ବ୍ରାହ୍ମଣ ଥିଲା ତାହାଠାରୁ ପ୍ରଶୁରାମ ଜନ୍ମ ହେଲା । ସହସ୍ରାର୍ଜୁନ ନାମରେ ଜଣେ ରାଜା ଜମଦଗ୍ନିର ଗାବକୁ ଚୋରାଇ ନେବା ସକାଶେ ପ୍ରଶୁରାମ ସେ ରାଜାଙ୍କୁ ତାର ପୁତ୍ରମାନଙ୍କୁ ପୃଥିବୀର ସମସ୍ତ ରାଜାମାନଙ୍କୁ ଏକବିଂଶ ଥର ଯୁଦ୍ଧ କରି ସଂହାର କରି ପକାଇଲା । ଏପ୍ରକାର ବିବରଣ ହିନ୍ଦୁ ଶାସ୍ତ୍ରରେ ଲେଖା ଅଛି ସେ ବିବରଣ ବିଚାର କରିବା ବେଳେ

ବଡ ଅନ୍ୟାୟ ଦଶିଲା ଯେହେତୁ ଜଣେ ଗୋଟିଏ ଦୋଷ କଲେ ସେ ଦୋଷ ନିମନ୍ତେ ସେ ପ୍ରଶୁରାମ ସହସ୍ର ମନୁଷ୍ୟଙ୍କୁ ବଧ କଲା ।

ପୁନର୍ବାର ଦଶରଥ ରାଜାଠାରୁ ରାମଚନ୍ଦ୍ର ଜନ୍ମ ହେଲା ହିନ୍ଦୁ ଶାସ୍ତ୍ରରେ ଲେଖା ଅଛି ସେ ରାମଚନ୍ଦ୍ର ଚୌଦ ବର୍ଷ ବନବାସ କଲା ତହିଁ ଆପଣା ଭାର୍ଯ୍ୟା ସୀତାଙ୍କୁ ହଜାଇ ବହୁତ ଦୁଃଖରେ ପଡଲା ଉତ୍ତାରୁ କପି ଋକ୍ଷଗଣ ସେନା ସଙ୍ଗରେ ଘେନି ରାବଣ କୁମ୍ଭକର୍ଣ୍ଣ ଇନ୍ଦ୍ରଜିତ ଆଦି କରି ବହୁତ ଅସୁରମାନଙ୍କର ସଙ୍ଗେ ଯୁଦ୍ଧ କରି ସେମାନଙ୍କୁ ହାଣି ପକାଇଲା । ତହିଂଉତ୍ତାରେ ଆପଣାର ରାଜ୍ୟରେ କେତେ ଦିନ ରାଜ୍ୟ କରି ମୃତ୍ୟୁ ହେଲା ।

ଏହି ବିବରଣ ବିବେଚନା କରିବା ବେଳେ ମନରେ ବହୁତ ସନ୍ଦେହ ଜାତ ହୁଅଇ । ରାମଚନ୍ଦ୍ର ଯେବେ ପରଂପୁରୁଷ ହୋଇ ଥାନ୍ତେ ତେବେ ସେ ମାୟା ମୃଗକୁ କାହିଂକି ଚିହ୍ନି ନ ପାରିଲା । ଆଉ ରାବଣ ସୀତାଙ୍କୁ ଚୋରାଇ ଘେନି ଗଲା ବୋଲି କାହିଂକି ଏହା ନ ଜାଣିଲା ଏହା ନ କରି କାନ୍ଦି ବୋବାଇ ଗଛ ପକ୍ଷି ପଶୁ ଇତ୍ୟାଦିମାନଙ୍କୁ ମୋର ସୀତାଙ୍କୁ ଦେଖିଲରେ ପଚାରିଥାନ୍ତି ।

ପୁନଶ୍ଚ । କଂସରାଜା ଆଦି କେତେ ଦୁଷ୍ଟମାନଙ୍କୁ ମାରିବା ନିମନ୍ତେ ବିଷ୍ଣୁ କୃଷ୍ଣ ଅବତାର ଧରି ଦାରଚୋରି ଗୁଣ ପ୍ରଭୃତି ଷୋଳ ସହସ୍ର ଗୋପ କନ୍ୟାଙ୍କୁ ହରଣ କରି ଅଠଜଣଙ୍କୁ ନିଜ ଭାର୍ଯ୍ୟା କରି ବିବାହ ହୋଇ ଆପଣାର ବଂଶ ସଂହାରି ଯାରାଶବର ହାତରେ ମଲା ଏମନ୍ତ ଶାସ୍ତ୍ରରେ ଲେଖିତ ଅଛି ।

କୃଷ୍ଣର ବିବରଣ ବିଚାର କରିବା ବେଳେ ମନରେ ବହୁତ ସଂଦେହ ଲାଗୁଛି ଯେହେତୁ ମାଳି କାଚରା ଶଂଖାରୀ ଭୂତ କୈବର୍ତ୍ତ କଟୁଆଳ ଆଦିକରି ନାନା ଅନ୍ୟରୂପ ଧରି କପଟ ସ୍ୱଭାବ ଦେଖାଇ ପରମ ପୁରୁଷ ନାହି ଏକଭୂତ ପରି ଦିଶୁଛି । ଆଉ ବସ୍ତ୍ର ହରଣ କରି ଆପଣାର ମାଇଂକୁ ହରଣ କରି ନାନା ମତରେ ଅଶୁଚି ବାକ୍ୟ

ବୋଲି ଲୋକମାନଙ୍କର ମଧ୍ୟରେ କାମ ସ୍ୱଭାବ ପ୍ରବର୍ତ୍ତି ଅନେକ ଲୋକମାନଙ୍କର ଧର୍ମ ଭ୍ରଷ୍ଟ କଲା । ଆଉ ନାନା ଚୌର୍ଯ୍ୟ କର୍ମ କରି ମିଥ୍ୟା କଥା କହି ବଧ କରି ଏ ଆଦି ବ୍ୟବହାରରେ ଆପଣାର ଦୁଷ୍ଟ ସ୍ୱଭାବ ପ୍ରକାଶ କଲା ।

ସେ କୃଷ୍ଣ ଏମନ୍ତ ଲୋକ ଥିଲା ଯେ ଯେବେ ସେ ଏବେବେଳେ ଥାନ୍ତା ଅବଶ୍ୟ ତାହାର କୌଣସି ଦୋଷ ସକାଶେ ଧରା ହୋଇ ରାଜାଙ୍କର ହୁକୁମରୁ ଖୁଣି ହୋନ୍ତା ।

ପୁନର୍ବାର ପୁରୁଷୋତ୍ତମ କ୍ଷେତ୍ରରେ ଦାରୁବ୍ରହ୍ମ ରୂପ ହୋଇ ତିନି ମୂର୍ତ୍ତି ଧାରଣ କରି ବଉଦ୍ଧ ଅବତାର ହେଲା ବୋଲି ଲୋକମାନେ କହନ୍ତି । ଏଦାରୁ ବ୍ରହ୍ମର ବିବରଣ ବିବେଚନା ପୂର୍ବକ ପାଠ କଲେ ବୋଧ ହୁଅଇ ଯେ ସମସ୍ତ ଭଣ୍ଡଲ ମାତ୍ର ଯେହେତୁ ପ୍ରାୟ ଛଅ ଶଅ ପଞ୍ଚସ୍ତରିଶ ବର୍ଷ ହେଲେ ବ୍ରାହ୍ମଣମାନେ ଆପଣାମାନଙ୍କର ଘାଇଁ ଧନ ପ୍ରତିପୋଷଣାର୍ଥେ ଇନ୍ଦ୍ରଦ୍ୟୁମ୍ନ ନାମେ ଏକ ରାଜାଙ୍କୁ ଶିଖାଇ ଦେଉଳ ବନାଇଲେ ପୁଣି ସେ ବ୍ରାହ୍ମଣମାନେ ମନ୍ତ୍ରଣା କରି ଦାରୁବ୍ରହ୍ମର ଏକ ବିବରଣ ଭିଆଇ ଏକ ନିମ୍ବକାଠ ଘେନି ତିନିମୂର୍ତ୍ତି କରି ସ୍ଥାପନ କଲେ ଏଉତ୍ତାରୁ ଜୀବନ୍ୟାସ ମନ୍ତ୍ର କହି ଜଗନ୍ନାଥଙ୍କର ନାମ ଦେଇ ସେ ନିମ୍ବକାଠକୁ ଲୋକମାନଙ୍କୁ ଭଜନା କରାଇଲେ । ତାହା କଲେ ପଣ୍ଡାମାନେ ଗୃହଦିଗ ଭ୍ରମଣ କରି ଜଗନ୍ନାଥର ନାମ ଲୋକମାନଙ୍କ ମଧ୍ୟରେ ପ୍ରବର୍ତ୍ତାଇ ସେମାନଙ୍କଠାରୁ ବହୁତ ଧନ ସଞ୍ଚୟ କରି ଯାତ୍ରିମାନଙ୍କୁ ପୁରୁଷୋତ୍ତମ କ୍ଷେତ୍ରକୁ ଘେନି ଆସିଲେ । ହେ ସୁଜନମାନେ ଜଗନ୍ନାଥଠାରେ ବ୍ରହ୍ମ ବିଦ୍ୟମାନ ଅଛନ୍ତି ବୋଲି କେମନ୍ତ ଅଲକ୍ଷଣ । ସେହି ସ୍ଥାନରେ ଅନ୍ଧକାର ରୋଗ ବଧ ଚୋରି ପରଦାର ବ୍ୟଭିଚାର ହିଂସା କୁବଚନ ମିଥ୍ୟା କଥା ନାନା ପ୍ରକାର ଠକ ଏ ଆଦିକରି ବହୁତ ପାପ ବ୍ୟାପୁଛନ୍ତି । କି ଏ ସମସ୍ତ ପାପ ବ୍ରହ୍ମର ଥିବାର ଲକ୍ଷଣ । ତୁମ୍ଭେମାନେ ଏହା ବିବେ

ଚନା କର । ଆଉ ଦେଖ ବେଶ୍ୟା ନୃତ୍ୟ ନାନାଦ ଅଙ୍ଗ ଭଙ୍ଗ ଅ ଶୁଚି ଗୀତଆଦ ପୂଜାର ଅଙ୍ଗ ହୁଅଇ । ବୋଧ ହୁଅଇ ସେହ ସ୍ଥାନରେ ବ୍ରହ୍ମ ଯେବେ ବଦ୍ୟମାନ ଥାନ୍ତେ ତେବେ ଏହ ସମସ୍ତ ଅ ଶୁଚି କର୍ମ ଦୂର ହୋଇ ରହନ୍ତା ଏନମନ୍ତେ ନଶ୍ଚୟ କର ଜାଣି ଯେ ସେ ସ୍ଥାନରେ ବ୍ରହ୍ମର କୌଣସି ଅବତାର ନାହିଂ ସବୁ କେବଲ ଅଜ୍ଞାନମାନଙ୍କୁ ଭଣ୍ଡଲ କରବା ନମନ୍ତେ ବ୍ରାହ୍ମଣ ପଣ୍ଡାମାନଙ୍କର କଳ୍ପଣା ମାତ୍ର ଉତ୍ପତ୍ତି ।

ଶେଷେ । କଲିଯୁଗ ଅନ୍ତରେ କଲ୍କୀ ଅବତାର ହେବ ବୋଲି ହିନ୍ଦୁ ଶାସ୍ତ୍ରରେ ଲେଖା ଅଛୁ । ଏ କଲ୍କୀର ଆଗମନର ବଷୟ ପାଠ କର ବବେଚନା କଲେ ଏ ବୋଧ ହୁଅଇ ଯେ ପ୍ରଥମରୁ ଏ ମନ୍ତ୍ର ଏକ ଭବଷ୍ୟଦ୍ଧ କଥା ଲେଖା ହୋଇ ଆସିଅଛୁ ମାତ୍ର ଏତେ ବେଲ ପର୍ଯ୍ୟନ୍ତେ କଲିଯୁଗ ଅନ୍ତ କଅବା କଲ୍କୀ ଅବତାର ଘଟି ନାହାନ୍ତି ଓ କେବେହେଁ ଘଟିବ ନାହିଁ ।

ଏଦଶ ଅବତାରର କଥା ଶୋଧନ କରବା ବେଲେ ଦେଖା ଯାଏ ଯେ ସେମାନେ କେବଲ ମନୁଷ୍ୟର ପ୍ରବଞ୍ଚନା ମାତ୍ର ଈଶ୍ବରର ଲକ୍ଷଣ ସେମାନଙ୍କଠାରେ ନାହାନ୍ତି । ସେମାନଙ୍କର କେହି୨ ପୂର୍ବକାଲର ରାଜା ଯେ ଥିଲେ ଏନଶ୍ଚୟ ଜଣା ଯାଏ ଯେହେତୁ ସେମାନେ ରାଜାର ମତେ ଯୁଦ୍ଧକର ଶତ୍ରୁମାନଙ୍କୁ ହରାଇଲେ କଅବା ଆପେ ହାରଲେ ।

ଆଉ ସେମାନେ ମନୁଷ୍ୟ ମାତ୍ର ଯେହେତୁ ସେମାନେ ବବାହ ହୋଇ ଗୃହ କର୍ମକଲେ ଭାର୍ଯ୍ୟାକର ପୁତ୍ର ଦୋହତା ଜାତ କଲେ ବନ୍ଧୁ ବାନ୍ଧବ ସମ୍ବନ୍ଧ କର ଦାରା ଚୋର ନରହତ୍ୟା ଇତ୍ୟାଦ ବ୍ୟବସାୟ କର ମନୁଷ୍ୟର ଗୁଣ ସ୍ୱଭାବ ଦେଖାଇଲେ । ଆଉ ବଲ ଜ୍ଞାନ ବୁଦ୍ଧି ଧର୍ମ ହୀନ ହୋଇ ମନୁଷ୍ୟର ସମାନ ହୋଇଥିଲେ । ସେ ଦଶଅବତାର ଜଗତର ପାପ ପରହରଣ କରବା ପାଇଁ କଛୁହ ଉ

ଯାଯୃ ନ କଲେ କେବଳ ନାନା ସଂସାରିକ ପାପ ବ୍ୟବସ୍ଥା କରି ଆପଣମାନଙ୍କର ମନର କୁଅଭିଲାଷ ପୂର୍ଣ୍ଣ କରି ଆପଣା ଦୋଷରେ ମଲେ । ସେମାନଙ୍କଠାରୁ ମନୁଷ୍ୟମାନଙ୍କର କି ଫଳ ହେବାକୁ ପାରେ ।

ଧର୍ମପୁସ୍ତକରେ ଯୀଶୁଖ୍ରୀଷ୍ଟ ଅବତାର ସେ ପ୍ରକାରେ ନ ହୁଅନ୍ତି ସେ ଯୀଶୁଖ୍ରୀଷ୍ଟ ଜଗତର ପାପ ପରିହରଣ କରି ତହିଁରୁ ମନୁଷ୍ୟମାନଙ୍କୁ ରକ୍ଷା କରିବା ନିମନ୍ତେ ଧର୍ମାତ୍ମା ଦ୍ୱାରା ଏକ କୁମାରୀର ଗର୍ଭରେ ନିଷ୍ପାପି ନର ଶରୀର ଧାରଣ କରି ପ୍ରାୟ ସନ ୧୮ ୪୪ ବରଷ ତଳେ ଅବତାର ହେଲେ । ତାହାର ଅଗମନର ପୂର୍ବେ ଅନେକ ଦୀର୍ଘଦର୍ଶୀମାନେ ଭବିଷ୍ୟତ୍ ବାକ୍ୟରେ ତାହାର ଅଗମନର କଥା ଉକ୍ତ କରି ଥିଲେ ପୁଣି ତାହାର ଆସିବାବେଳେ ଅପାର ଆଶ୍ଚର୍ଯ୍ୟ କର୍ମ କରି ଈଶ୍ୱରଙ୍କ ଦାଣ ମାର୍ଗ ବହୁଜ୍ଞାନରେ ଉପଦେଶ ଦେଇ ଭୂତକୁ ଛୁଡାଇ ଅନ୍ଧକୁ ଚକ୍ଷୁ ଦେଇ ମୃତ୍ୟୁକୁ ଜୀବଦାନ କରି ସବୁ ପ୍ରକାର ରୋଗିକୁ ଆରୋଗ୍ୟ କରି ଇତ୍ୟାଦି ବହୁତ କର୍ମ କରି ଆପଣାର ଈଶ୍ୱରୀୟ ଗୁଣ ପ୍ରକାଶ କଲେ । ଏ ଉତ୍ତାରୁ ଯାହା ନିମନ୍ତେ ସେ ଅବତୀର୍ଣ୍ଣ ହେଲେ ଏମନ୍ତ ଯେ ଈଶ୍ୱରର ମହିମା ଦୟା ଉତ୍ତମତା ଲୋକମାନଙ୍କ ପ୍ରକାଶ କରିବାକୁ ତାହା ସେ କଲେ । ଆହୁରି ମନୁଷ୍ୟର ଆକାର ଧରି ମରଣ ପ୍ରୟାଶରେ ଈଶ୍ୱରଠାରେ ବଳିରୂପ ହୋଇ ଆପଣଙ୍କୁ ସମର୍ପଣ କଲେ ଆପଣାର ରକ୍ତର ଦ୍ୱାରା ପାପିମାନଙ୍କୁ ଈଶ୍ୱରଠାରେ ସମାଧାନ ସଂପାଦନ କଲେ । ଏଥିଉତ୍ତାରେ ମୃତ୍ୟୁରୁ ଉଠି ନିଜ ରାଜ୍ୟକୁ ଯାଇ ଈଶ୍ୱର ଆଉ ପାପିଷ୍ଠ ମନୁଷ୍ୟମାନଙ୍କର ମଧ୍ୟରେ ମଧ୍ୟବର୍ତ୍ତୀ ହୋଇ ଆପଣାର ଶିଷ୍ୟମାନଙ୍କର ପାପ ଯେମନ୍ତ ହରଣ ହେବ ପୁଣି ସେମାନଙ୍କର ଯେମନ୍ତ ଅନନ୍ତ ମୋକ୍ଷର ଭୋଗ ହେବ ଏହାର ନିବେଦନ ନିତ୍ୟ କରୁଥାନ୍ତି ।

## ମହାଦେବର ପରୀକ୍ଷା ।

ବହୁତ ହିନ୍ଦୁମାନେ ମହାଦେବଙ୍କୁ ଦେବତା ମାନି ଭଜୁଅଛନ୍ତି । ସେ ମହାଦେବର ବିବରଣ ଏତେବେଳେ ବୁଝିବା । ପ୍ରଥମେ ବ୍ର ହ୍ମାର ମୁଣ୍ଡ ଛେଦନ କରି ବ୍ରହ୍ମ ହତ୍ୟା ଦୋଷ ନିମନ୍ତେ ଜଙ୍ଗମ ବେ ଶରେ ସେ ମୁଣ୍ଡ ଖପରା ହାତରେ ଧରି ଭିକ୍ଷା ମାଗି ବୁଲନ୍ତି ।

ବାଣାସୁରର ତପସ୍ୟାରେ ସନ୍ତୁଷ୍ଟ ହୋଇ ମହାଦେବ ତାହାର ଦ୍ୱାରରେ ଦ୍ୱାରପାଳ ହେଲେ ଶାସ୍ତ୍ରରେ ଲେଖାଅଛି । ଭସ୍ମାସୁର ତପସ୍ୟାକରି ଯାହାର ମୁଣ୍ଡରେ ହାତ ଦେଲେ ସେ ଭସ୍ମ ହେବ ବୋଲି ମହାଦେବଠାରେ ଏ ବର ମାଗିଲା । ଶିବ ତାର କଳ୍ପଣା ନ ଜାଣି ସେ ବର ଦେଲା ଉତ୍ତାରେ ପାର୍ବତୀଙ୍କୁ ନେବା ପାଇଁ ମ ହାଦେବଙ୍କୁ ମାରିବା ବୋଲି ତାର ମୁଣ୍ଡରେ ହାତ ବଢ଼ାଇଲେ ମ ହାଦେବ ତାହା ଦେଖି ମନରେ ମୃତ୍ୟୁକୁ ଭୟ କରି ସ୍ୱର୍ଗଙ୍କୁ ଦଶ ଦିଗ ପାଳଙ୍କୁ ବହୁତ ବିକଳରେ ଧାଇଗଲା ତହିଁରେ ରକ୍ଷା ନ ପାଇ ବୈକୁଣ୍ଠ ଭୁବନରେ ପଶିଲା ସେଠାରେ ବିଷ୍ଣୁ ଏକ କପଟ ବାକ୍ୟ କହି ଭସ୍ମାସୁର ହାତରୁ ରଖିଲା ବୋଲି ଶାସ୍ତ୍ରରେ ଲେଖାଅଛି । ବିଷ୍ଣୁ ମୋହିନୀ ରୂପ ଧରି ମହାଦେବଙ୍କୁ ପରୀକ୍ଷା କଲା ବୋଲି ଲେଖିତ ଅଛି ଶିବ ସେ ମୋହିନୀର ବେଶ ନ ଚିହ୍ନି କାମାତୁର ହୋଇ ସେରୂପକୁ ହରଣ କରିବା ନିମନ୍ତେ ଧାଇ ଗଲା । ଲିଙ୍ଗ ପୁରାଣରେ ଲେଖିଅଛି ଯେ ଶିବ କାମାତୁର ହୋଇ କେତେ ଋ ଷିର ସ୍ତ୍ରୀମାନଙ୍କୁ ମନମଥ ବିକାର କ୍ରୀଡ଼ା କରିଛି ତହିଁ ନିମନ୍ତେ ସେ ଋଷିମାନେ କ୍ରୋଧାନ୍ୱିତ ହୋଇ ତୋର ପୁରୁଷ ଶିଶ୍ନ ଛିଡି ଯାଉ ବୋଲି ଶାପ ଦେଲେ ଏମନ୍ତ ଶାପ ପାଇ ମହାଦେବ ବଡ ବିଷାଦିତ ହୋଇ ସେ ଋଷିମାନଙ୍କୁ ବିନତି କଲେ ତହିଁରୁ ସେମାନେ କହିଲେ ତୋର ପୁରୁଷର ଲିଙ୍ଗ ପୂଜା ହେଉ ଏସ କାଶେ ଶିବର ଭକ୍ତମାନେ ସେ ଅବଲକ୍ଷଣ ଲିଙ୍ଗଙ୍କୁ ପୂଜା କରୁଅ

ଛନ୍ତି । ପୁନର୍ବାର ମହାଦେବ ଚର୍ମ ଘୋଡ ହୋଇ ସର୍ପକୁ ଗଳା ରେ ମାଳାକର ବଭୂତ ଦେହରେ ଲଗାଇ ଅନ୍ଧାର ବେଳରେ ଶ୍ମ ଶାନରେ ବାସ କରୁଅଛନ୍ତି ଶାସ୍ତ୍ରରେ ଲେଖାଅଛି ।

ଏବିବରଣ ପଢ଼ି ମହାଦେବର ଏହି ସମସ୍ତ ଲକ୍ଷଣ ଦେଖି ବ୍ରହ୍ମା ବିଷ୍ଣୁ ଯେମନ୍ତ ତେମନ୍ତ ମହାଦେବ ବଳବୁଦ୍ଧି ଧର୍ମ ହୀନ ହୋଇ କଛି ଈଶ୍ୱର ନାହାନ୍ତି । ମହାଦେବର କ୍ରିୟା ଈଶ୍ୱରର ନାମରେ ବହୁତ ବଢ଼ିବ ପୁଣି ସେ ଏକ ଦେବତା ଅଛନ୍ତି ବୋଲି ତାହାଇ ନ ହୁଅଇ ତାହାର କର୍ମ ମନୁଷ୍ୟର କର୍ମରୁ ହୀନ ହୋଇଅଛି ତା ହାର କ୍ରିୟାରେ ପରଦାର ଭିକ୍ଷା ମାଗିବାର ଦ୍ୱାର ଜାଗିବାର ସେ ବକପଣ କରିବାର ମୃତ୍ୟୁକୁ ଭୟ କରିବାର କାମ ସ୍ୱଭାବ ହେବାର ଯୁକ୍ତ ଅଛି ଏହି ପାଇଁ ତାହାଙ୍କୁ ଈଶ୍ୱର ବୋଲି କହିବାର ଅତି ମନ୍ଦ । ପୁଣି ଏମନ୍ତ ଦୁଷ୍ଟ ଅଶୌଚ କଥା ପିଲମାନଙ୍କୁ ପଢାଇଲେ ସେମାନଙ୍କର ବୁଦ୍ଧି ମନ ନଷ୍ଟପ୍ରାୟ ନଷ୍ଟ ହେବ ।

---

## କ୍ଷୁଦ୍ର ଦେବତାମାନଙ୍କର ପରୀକ୍ଷା ।

ଏତନ ଦେବତା ଛଡ ହିନ୍ଦୁମାନଙ୍କର ଶାସ୍ତ୍ରରେ ବହୁତ ଦେବତା ଦେବୀ ଅଛି ବୋଲି ଲେଖିତ ଅଛି ସଂକ୍ଷେପ କରି ସେମାନଙ୍କର କାହାରି ବିବରଣ ବିବେଚନା କରିବା । ଇନ୍ଦ୍ର ନାମରେ ଦେବତା ମାନଙ୍କର ରାଜା ସ୍ୱର୍ଗର ଅଧିକାରୀ ବୋଲି ଏମନ୍ତ ଦେବତା ଅଛି ସେ ଇନ୍ଦ୍ର ଆପଣାର ଗୁରୁପତ୍ନୀକୁ ହରିବା ସକାଶେ ତୋର ଦେହ ଯୋନ ହୋଇ ଯାଉ ବୋଲି ତାର ଗୁରୁ ଗୌତମ ତାଙ୍କୁ ଶାପ୍ୟ ଦେଲା । ସେ ଶାପ୍ୟ ଦେହରେ ପାଇ ଇନ୍ଦ୍ର ଲଜ୍ଜିତ ହୋଇ ଲୁଚି ରହିଲା ତହୁଂ ଦେବତାମାନେ ସେ ଋଷିକୁ ନିବେଦନ କଲେ ଏହି

ପାଁଇ ସେ ଋଷି ସେ ଶାପ୍ୟକୁ ଅନ୍ୟଥା କରି ସେ ଯୋନିକୁ ଅକ୍ଷି କଲେ ତହୁଂ ଇନ୍ଦ୍ର ସହସ୍ର ଅକ୍ଷି ନାମ ଧଇଲା ।

ପୁନର୍ବାର ସୂର୍ଯ୍ୟ ନାମରେ ହିନ୍ଦୁମାନଙ୍କର ଧର୍ମ ଦେବତା ବୋଲି ଏକ ଦେବତା ଅଛି । ସେ ଧର୍ମ ଦେବତା ଇନ୍ଦ୍ର ସଙ୍ଗେ ମିଶି ଗୌତମର ଭାର୍ଯ୍ୟା ଅହଲ୍ୟାକୁ ହରଣ କଲା । ପୁଣି କୁନ୍ତୀ ବୋଲି ଏକ ବାଡୋଈ କନ୍ୟାକୁ ହରଣ କରି କାନ ବାଟେ ପୁତ୍ରକୁ ପ୍ରସବ କରାଇଲା । ଏମନ୍ତ ଏ ଦୁଇ ଦେବତା ଆଉ ଦେବତାମାନଙ୍କର ବିବରଣରେ କେତେ ଅଶୁଚି ଦୁର୍ବଳ ଓ ନିର୍ବୁଦ୍ଧି ବିଷୟ ଲେଖାଅଛି । ହିନ୍ଦୁଗ୍ରନ୍ଥରେ ଗଣପତି ବୋଲି ଏକ ଦେବତା ଅଛି ସେ ପାର୍ବତୀର ଶରୀର ମଳକୁ ଠିରୁ ଜନ୍ମ ପାଇଲା ଲେଖିଛି । ସେ ଗଣପତି ଦକ୍ଷପ୍ରଜାପତିର ଯଜ୍ଞଠାରେ ଯାଇ ବିରଭଦ୍ର ତାର ମୁଣ୍ଡ ଛେଦନ କଲା ଉତ୍ତାରୁ ତାର ମୁଣ୍ଡ ନ ଥିଲା ଦେବତାମାନେ ଏହା ଦେଖି ଏକ ହାତିର ମୁଣ୍ଡ ଲଗାଇ ତାଙ୍କୁ ଜୀଆଇଲେ । ପାର୍ବତୀ ସେ ଦକ୍ଷ ପ୍ରଜାପତିର ଯଜ୍ଞକୁ ଯାଇ ସେଠାରେ ଭସ୍ମ ହେଲେ ମହାଦେବ ତାହା ଜାଣି ମହା କ୍ରୋଧ ହୋଇ ଆପଣାର ଜଟା ଉପାଡି ତହିଁରୁ ଆଉ ଏକ ବିରଭଦ୍ରକୁ ଜନ୍ମାଇ ସେ ଦକ୍ଷ ପ୍ରଜାପତିର ଯଜ୍ଞ ଭାଙ୍ଗି ଦେଇ ସେ ଦକ୍ଷକୁ ଆଉ ସେଠାର ସମସ୍ତ ଲୋକଙ୍କୁ ମାରି ପକାଇଲା ।

କାର୍ତ୍ତିକେଶ୍ୱର ଛଅ କୃତ୍ତିକାଠାରୁ ଅଗ୍ନିହୋତ୍ରରୁ ଛଅରୂପରେ ଜନ୍ମିଲା ସେ କୃତ୍ତିକା ତାହାଙ୍କୁ ଏକ ଦେହରେ ଛଅରୂପ ଦେଖି ତାହାଙ୍କୁ ପକାଇ ଦେଲା ତହୁଂ ପାର୍ବତୀ ତାଙ୍କୁ ଘାସରେ ଦେଖି ଘେନି ଯାଇ ପ୍ରତିପୋଷଣ କଲା ଶାସ୍ତ୍ରରେ ଲେଖିତ ।

ପାର୍ବତୀ ମହାଦେବ ବାନର ରୂପରେ ଆକାଶରେ ବିହାର କରୁଥିଲେ ଏକାଳରେ ପବନ ତାହାର ସ୍ଖଳନ ବୀଜ ଅଞ୍ଜନାର ହାତରେ ଦେଲେ ସେ କନ୍ୟା ତାହା ଖାଇ ତହିଁରୁ ହନୁମନ୍ତକୁ ଜନ୍ମ ଦେଲା ବୋଲି ଶାସ୍ତ୍ରରେ ଲେଖା ଅଛି । ଏହି ତିନି ଦେବ

ତାକୁ ଶିବର ପୁତ୍ର ବୋଲି କହା ଯାଉଅଛନ୍ତି ପୁଣି ଏମାନଙ୍କର ଜନ୍ମ କେମନ୍ତ ବିଲକ୍ଷଣ ବିକଟ ପ୍ରକାରରେ ହୁଅଇ ଏଦେଶସ୍ଥ ଲୋକମାନେ ମନରେ ବିବେଚନା ନ କରି ଏପ୍ରକାର କଳ୍ପଣା ଜାତ ବିରୂପ ବସ୍ତୁକୁ ଦେବତା ବୋଲି ଭଜନା କରିଅଛନ୍ତି । ଦେଖା ଯାଇଅଛି ଯେ ମହାଦେବ କିଛି ଦେବତା ନ ହୁଅଇ ତେବେ ଏମାନେ କେମନ୍ତ ଦେବତା ହେବାକୁ ପାରନ୍ତି ।

ଏହା ଛଡ଼ା ହିନ୍ଦୁମାନେ ଛେଳି କୁକୁଡ଼ା ମଇଂଷି ମଦ ଆଦ ବଳି ଦାନ ନୈବେଦ୍ୟ ନାନା ଦେବୀମାନଙ୍କୁ ଦେଇ ପୂଜା କରିଅଛନ୍ତି ଦେବତାମାନେ ମନୁଷ୍ୟମାନଙ୍କୁ ଉଦ୍ଧାର ଦେବାକୁ ସାମର୍ଥ ନ ଥିଲେ ଏତେବେଳେ ସାମର୍ଥ ନ ହୁଅନ୍ତି ତେବେ ସେ ଦେବୀମାନେ କି ଉଦ୍ଧାର ଦେବାକୁ ପାଇବେ ଏମାନଙ୍କୁ ଭଜିବାର କି ଫଳ ।

ହିନ୍ଦୁମାନେ ସର୍ପ ଔଶସ୍ତ୍ର ବୃକ୍ଷ ଗାଈ ନଦୀ ପକ୍ଷି ନକ୍ଷତ୍ର ମନୁଷକୁ ଅବିବେକ ମତରେ ପୂଜା ଭଜନା କରିଅଛନ୍ତି ।

ମନୁଷ୍ୟର ଜ୍ଞାନ ବୁଦ୍ଧିର ଦ୍ୱାରା ଖୋଳା ସୁନା ରୂପା ପଥରକୁ ଈଶ୍ୱର ବୋଲି କହିବାକୁ ଉଚିତ ନ ହୁଅଇ ଏମନ୍ତ ଧର୍ମପୁସ୍ତକରେ ଲେଖିତ ଅଛି । ଆଉ ଈଶ୍ୱର ଏ ଅଜ୍ଞାନ କାଳକୁ ଦେଖି ନ ଦେଖିଲା ମତ କଲେ ମାତ୍ର ଏବେ ସବୁଠାରେ ସମସ୍ତ ଲୋକଙ୍କୁ ସକଳ ପାପ ପୁଣି ସକଳ ଅନ୍ୟ ଅନ୍ୟ ଭଜନରୁ ମନ ଫେରାଇବାକୁ ପୁଣି ଏକ ଈଶ୍ୱରଙ୍କୁଂ ପୂଜିବାକୁ ଅଜ୍ଞା·ଦେଉ ଅଛନ୍ତି । ଆହୁରି ଧର୍ମ ଗ୍ରନ୍ଥରେ ଲେଖା ଅଛି କ୍ଷୟଣୀୟ ମନୁଷ୍ୟ ପକ୍ଷି ଚତୁଷ୍ପଦ ଉରୋଗ ଜନ୍ତୁମାନଙ୍କର ରୂପ ପ୍ରତିମାରେ ଅକ୍ଷୟଣୀୟ ଈଶ୍ୱରର ମହିମାକୁ ଆରୋପଣ କଲେ । ଈଶ୍ୱର ବାକ୍ୟର ସତ୍ୟତାକୁ ଦୂର କରି ତାହାର ସ୍ଥାନରେ ମିଥ୍ୟା ବାକ୍ୟ ଗ୍ରହଣ କରି ସଚ୍ଚିଦାନନ୍ଦ ସୃଷ୍ଟିକର୍ତ୍ତାର ଭଜନ ସେବା ଛଡ଼ି ସୃଷ୍ଟି ବସ୍ତୁର ସେବା ଭଜନ କଲେ । ଏମନ୍ତ ପ୍ରମାଣ ମଣ୍ଡଳିର ପ୍ରତି ଧର୍ମଗୁରୁ ଶିକ୍ଷାରୁ ପ୍ରେରିତ ପାଉଲ୍

ଲେଖି ଅଛୁ । ଆଉ କରନ୍ତ ମଣ୍ଡଳିର ପ୍ରତ ସେ ପାଉଲ ପ୍ରେରତ ଏମନ୍ତ ଲେଖିଲେ ଯେ ଦେବତା ଜଗତରେ କଛୁ ନ ହୁଅଇ ଏକ ପରମେଶ୍ୱର ବନୁ ଆଉ କେହ ନାହାନ୍ତ । ଅପାର ଈଶ୍ୱର ଅ ପାର ପ୍ରଭୁ ଅଛନ୍ତ ବୋଲ ଲୋକମାନେ କହନ୍ତ ପ୍ରମାଣ ମାଏ ସ୍ୱ ର୍ଗରେ କଅବା ପୃଥ୍ୱୀରେ ହେଉ ଯାହାକୁ ପରମେଶ୍ୱର ବୋଲ ଏ ମନ୍ତ ଯେଉଂ ପ୍ରଭୁ ତାହାର ବନୁ କେହ ନାହାନ୍ତ । ସବୁ ଯାହାର ପୁଣି ଯାହାର ମଧ୍ୟରେ ଅମ୍ଭେମାନେହଂ ଅଛୁଁ ଏମନ୍ତ ଯେ ଏକ ପରମେଶ୍ୱର ପୁଣି ଯାହାର ଦ୍ୱାରା ସମସ୍ତ ଅଛୁ ଯାହାର ଦ୍ୱାରା ଅ ମ୍ଭେମାନେହଂ ଅଛୁଁ ଏମନ୍ତ ଯେ ଏକ ପ୍ରଭୁ ଯୀଶୁଖ୍ରୀଷ୍ଟ ତାହାଙ୍କ ବନୁ ଅମ୍ଭମାନଙ୍କର କେହ ନାହାନ୍ତ ।

---

## ଦ୍ୱିତୀୟ ଭଗ ଅର୍ଥାତ ଗୁରୁର ପରୀକ୍ଷା ।

ହନ୍ଦୁମାନଙ୍କର ମଧ୍ୟରେ ଯେଉଂ ଗୁରୁ ବୈଷ୍ଣବ ଅବ ଶିକ୍ଷାକାର ଏମାନଙ୍କୁ ବବେଚନା କଲେ ସେମାନେ ସଦାବେଳେ ଦେଶ ସଂ ଚରଣ କର ଧନବାନମାନଙ୍କର କତରେ ପ୍ରବେଶ ହୋଇ ଅଣ ହେତୁରେ ଦକ୍ଷିଣା ଦେ ବୋଲ କହନ୍ତ ସେମାନେ ଦକ୍ଷିଣା ନ ଦେଲେ କପଟରେ ବାଧା କରନ୍ତ ଶାପ୍ୟ ଗାଳି ଦେଇ ସେମାନଙ୍କୁ ବ୍ୟାକୁଳ କରନ୍ତ । ମେଣ୍ଢାର ମଧ୍ୟରେ କେନ୍ଦୁଆ ଯେମନ୍ତ ଲୋକ ମାନଙ୍କର ମଧ୍ୟରେ ଏ ଗୁରୁ ତେମନ୍ତ ବନା କଉଡ ପଇଶା ଟଙ୍କା ଚାଉଳ ବସ୍ତ ଅବ ଏମନ୍ତ ଧନ ଦ୍ରବ୍ୟ ନ ପାଇଲେ ଏଗୁରୁମାନେ ବୋଧ ହେଉ ନାହାନ୍ତ । ତହଂ ସକାଶେ ଏଗୁରୁମାନେ ବାଧା ଗୁରୁ ବୋଧଗୁରୁ ନ ହୁଅନ୍ତ ଏପ୍ରତ୍ୟକ୍ଷ ଜଣା ଯାଏ୍ । ଯଥା ॥

ଅଜ୍ଞାନ ପାଷାଣ୍ଡ ମୂର୍ଖଜାତ । ଗୁରୁ ହେବେ ଲୋଭ ମୋହରେ ମାତ ॥

ପାଞ୍ଚ କାହାଣ ପାଞ୍ଚ ପଣ ପାଇଁ । ଶିଷ୍ୟ କରିବେ ଗ୍ରାମେ ଗ୍ରାମେ ରହି ।
ଜ୍ଞାନ ନ ଥିବ ଆପଣାର ଗାଏ । ପରକୁ ଧରି ଦେବେ ତନ୍ତ୍ର ମନ୍ତ୍ର ।

ମନୁଷ୍ୟମାନଙ୍କର ମଙ୍ଗଳ ପାଇଁ ନ ହୁଅଇ କେବଳ ଅନ୍ନର ପାଇଁ ଗୁରୁ । ସେମାନଙ୍କର ବିଷୟରେ ଯୀଶୁଖ୍ରୀଷ୍ଟ ଚେତାଇ କରି କହିଲେ ମେଣ୍ଢାର ବେଶରେ ଆଚ୍ଛାଦିତ ଏମନ୍ତ କେନ୍ଦୁଆମାନଙ୍କର ବିଷୟରେ ତୁମ୍ଭେମାନେ ସାବଧାନ ହୁଅ । ଲୋକମାନେ ଏପ୍ରକାର ଗୁରୁକୁ ଦେବତା ବୋଲି ଅବିବେକ ହୋଇ ଅଛନ୍ତି ଯେହେତୁ ଏ ମଞ୍ଚପୁରେ ଈଶ୍ୱର ମନୁଷ୍ୟର ଗୁଣ ଏକ ଦେହରେ ଧରି ଯୀଶୁ ଖ୍ରୀଷ୍ଟ ବିନା ଆଉ କାହାକୁ ଈଶ୍ୱର ବୋଲି କହିବାକୁ ଉଚିତ ନାହିଁ ।। ଲୋକମାନଙ୍କର ମଧ୍ୟରେ ଉପଦେଶ ପ୍ରକଟନା ନ କରି ଗୁରୁ ଶିଷ୍ୟ ଏକାନ୍ତ ହେବାରେ ସେ ଉପଦେଶ ସନ୍ଦେହ ହୋଇ ବିନାଶ ହୋଇ ଅଛି ଯୀଶୁଖ୍ରୀଷ୍ଟ ଏମଞ୍ଚରେ ଯେତେବେଳେ ଥିଲେ ସେ ବହିରଙ୍ଗରେ ସର୍ବ ଲୋକଙ୍କୁ ଉପଦେଶ ଦେଲେ ତାହାଙ୍କର ଲୋକମାନେ ତାହା ଉପଦେଶକୁ ବିବେଚନା କରି ନାନା ସୁଶିକ୍ଷାରେ ଜ୍ଞାନବାନ ହୋଇ ଈଶ୍ୱରର ମାର୍ଗରେ ସ୍ଥିର ହେଲେ । ଧର୍ମପୁସ୍ତକରେ ସତ୍ୟ ଗୁରୁର ଲକ୍ଷଣ ବର୍ଣ୍ଣନା ହୋଇ ଅଛି ଯଥା ଯେବେ କେହି ନିର୍ଦ୍ଦୋଷୀ ହୁଅଇ ଏକ ସ୍ତ୍ରୀର ସ୍ୱାମୀ ଯାହାର ବାଳକମାନେ ବିଶ୍ୱସ୍ତ ପୁଣି ଅପବ୍ୟୟରେ ଅପବାଦିତ ଅଶିଷ୍ଟ ନ ହୁଅନ୍ତି ଏପ୍ରକାର ଲୋକଙ୍କୁ ପ୍ରତ୍ୟେକ ସହରରେ ପ୍ରାଚୀନ ପଦରେ ନିଯୁକ୍ତ କର ଯେହେତୁ ଈଶ୍ୱର ବେବର୍ତ୍ତ ମତ ନିର୍ଦ୍ଦୋଷୀ ସ୍ୱଇଚ୍ଛାଚାରି ନ ହୁଅଇ ହଠାତ୍ କୁପିତ ନ ହୁଅଇ ମଦ୍ୟପାନଶୀଲ ନ ହୁଅଇ ମାରକ ନ ହୁଅଇ ସମଲ ଲଭ୍ୟ ଲୋଭି ନ ହୁଅଇ ଅତିଥିପ୍ରିୟ ସାଧୁ ପ୍ରେମକାରୀ ସଞ୍ଜମନା ନ୍ୟାୟକାରୀ ସାଧୁ ମିତାଚାରୀ ଉପଦେଶ ଅନୁସାରେ ବିଶ୍ୱସ୍ତ ବାକ୍ୟଧାରୀ ଯେଉଁ ଶିକ୍ଷାରେ ବିପ

ଖାତ କାରକୁ ଉପଦଷ୍ଟା ପୁଣି ସନ୍ମତ କରବାକୁ ପାରଇ । ଗୁରୁ ଏ ମନ୍ତ୍ର ହେବାକୁ ଅବଶ୍ୟକ । ଯେହେତୁ ଯେଉଁମାନଙ୍କର ମୁଖ ଅ ବଶ ବଦି ତର୍ବ୍ୟ ହୁଅଇ ଯେଉଂମାନେ ସମଲ ଲାଭର ପାଁଇ ଅଶି ଖିତବ୍ୟ କଥା ଶିକ୍ଷାକାର ହୋଇ ସମ୍ପଦାୟ ପରଜନମାନଙ୍କୁ ଉ ଲଟାଇ ପକାନ୍ତି ଏମନ୍ତ ଅପାର ଅଶିଷ୍ଟ ନରର୍ଥକ ଗୁରୁମାନେ ଭ୍ରାନ୍ତି ଜନକ ଲୋକ ସଂସାରରେ ଅଛନ୍ତି ।

---

## ତୃତୀୟ ଭଗ ଜାତର ପରୀକ୍ଷା ।

ଲୋକମାନଙ୍କର ମଧ୍ୟରେ ବ୍ରାହ୍ମଣ କ୍ଷେତ୍ରିୟ ବୈଶ ଶୂଦ୍ର ଏମନ୍ତ ଚ୍ୟାର ଜାତ ଅଛୁ କହା ଯାଉଅଛୁ । ବ୍ରହ୍ମାର ମୁଖରୁ ବ୍ରାହ୍ମଣ ଭୁ ଜରୁ କ୍ଷେତ୍ରିୟ ଉରରୁ ବୈଶ ପାଦରୁ ଶୂଦ୍ର ଜନ୍ମଲେ ବୋଲି କହା ଯାୟ । ଏଚ୍ୟାର ଜାତର କଥା ବବେଚନା କର ସୁଜନମାନଙ୍କୁ ପଚ୍ୟରବାକୁ ହୁଅଇ ପୂର୍ବ କାଳରେ ଏଚ୍ୟାର ଜାତ ଏରୂପରେ ଯେବେ ଜନ୍ମ ହୋଇ ଥିଲେ ତେବେ ଏକାଳରେ ସେ ପ୍ରକାର ଜନ୍ମ ହେଉ ନାହାନ୍ତି କହେତୁରୁ । ବ୍ରାହ୍ମଣମାନଙ୍କର ପିତା ମାତା କେ ତାଙ୍କର କ କୁଳ । ବ୍ରହ୍ମା ଯେବେ ଏକଜାତ ହୋଇଥିଲେ ତେବେ ତାର ପୁତ୍ରମାନେ କେମନ୍ତ କର ଚ୍ୟାର ଜାତ ହେଲେ ଯେଉଂ ପ୍ରକାର ବୀଜ ବୁଣା ଯାୟ ସେହି ଜାତର ଗଛ ହେବ କ ଅନ ଜାତ ହେବ । ତଦ୍ରୂପ୍ରାୟ ପିତା ଏକ ଜାତ ହେଲେ ପୁତ୍ର ମାନେ କେମନ୍ତ କର ଅଉ ଜାତ ହେଉଅଛନ୍ତି ଏହାର ସନ୍ଦେହ କେମନ୍ତେ ଫେଇବା । ମୁଖ ବିଦ୍ୟାସ୍ଥାନ ହେବାରୁ ମୁଖରୁ ବ୍ରାହ୍ମଣ ଜନ୍ମଲେ ଭୁଜ ପରାକ୍ରମ ସ୍ଥାନ ହେବାରୁ ଭୁଜରୁ କ୍ଷେତ୍ରିୟ ଜ ନ୍ମଲେ ବୈଶମାନେ ବସି ବ୍ୟବହାର କରବାରୁ ସେମାନେ ଉରରୁ ଜନ୍ମ ହେଲେ ଶୂଦ୍ର ସେବକ କଷ୍ଟପଣ କରବାରୁ ପାଦରୁ ସେ

ମାନେ ଜନ୍ମଲେ ଏକଥା କହା ଯାଉଅଛୁ । ଏ ଜାତମାନେ ବ୍ୟବହାର ଅନୁସାରେହିଂ ଭିନ୍ନ ହୋଇଅଛନ୍ତି ବୁଝିବା ବେଳେ ଏମାନେ କୁଳ ଅନୁସାରେ ଭିନ୍ନ ନାହାନ୍ତି ଏହେତୁରୁ କୁଳ ଭେଦ ଅଛି ଏମନ୍ତ କହିଲେ ଅଶୁଚିତ । ପୁଣି ଏତେବେଳେ ଏ ଦେଶର ଲୋକମାନେ ଆଜକୁଲ ଭେଦ କରୁଛନ୍ତି ଏପ୍ରକାର ଆଦ୍ୟରୁ ନ ଥିଅଇ ପୁଣି ବେଲକୁବେଲ ସଂସାର ବିରୁଦ୍ଧରେ ବ୍ୟଭିଚାର ଦୋଷରେ ବର୍ଣସଙ୍କର ହୋଇ ଅଛି ଏହି ନିଶ୍ଚୟ ଜଣା ଯାଏ । ବଣ ବିଲରେ ନାନା ପ୍ରକାର ମୃଗ ପକ୍ଷି ପଶୁ ଇତ୍ୟାଦି ଜନ୍ତୁମାନେ ଅଛନ୍ତି ଏମାନେ ଯେଉଂଠାରେ ରହନ୍ତି ସେଠାରେ ସେମାନଙ୍କର କୁଳ ପ୍ରତ୍ୟକ୍ଷ ହୋଇଅଛି ଯେହେତୁ ସେମାନଙ୍କର ରୂପ ଅନୁସାରେ ସେମାନେ ନାମ ଭିନ୍ନ ଧରୁଅଛନ୍ତି ତହୁପର ସକଳ ମନୁଷ୍ୟମାନେ ଏକରୂପ ହେବାରୁ ଏକକୁଳ ହେଉଅଛି ବୋଲି ନିଶ୍ଚୟ ଜଣା ଯାଏ । ଆହୁରୁ ଏ ଦେଶର ଲୋକ କାହାକୁ ହୀନ କୁଳ ବୋଲି ଘୃଣା କରନ୍ତି ଯେହେତୁ ଶାସ୍ତ୍ରରେ ଲେଖିତ ଅଛି ବାଲ୍ମୀକ ଋଷି କେଲା ଜାତରେ ଜନ୍ମ ହେଲେ ନାରଦ ମହା ମୁନି ଦାସୀ ପୁତ୍ର ଥିଲେ ବଶିଷ୍ଠ ଋଷି ଉର୍ବସୀ ବେଶ୍ୟାର ପୁତ୍ର ପୁଣି ତାହାର ଭାର୍ଯ୍ୟା ଚଣ୍ଡାଳୁଣୀ । ଭାରଦ୍ୱାଜ ଋଷି ମୋଚି ଥିଲେ ଏ ଋଷିମାନେ କୁଳ ଅନୁସାରେ ନୀଚ ଗୁଣ ଅନୁସାରେ ଉତ୍ତମ ହୋଇଅଛନ୍ତି । ଏଥିପାଇଁ ଈଶ୍ୱର ଯେତେବେଳେ ଜଗତକୁ ସୃଜନ କଲେ ତେତେବେଳେ ଆଦମ ନାମରେ ପୁରୁଷକୁ ହବା ନାମରେ ତିରୀକୁ ଆଦ୍ୟକରି ସୃଜନ କଲେ ଏ ଦୁଇଠାରୁ ସମସ୍ତ ମନୁଷ୍ୟ ଜାତି ଝରୁଅଛନ୍ତି ବୋଲି ଧର୍ମପୁସ୍ତକରେ ଲେଖିତ ଅଛି ତହିଁପାଇଁ ସକଳ ମନୁଷ୍ୟମାନେ ଯେଉଂ ଦଗରେ କି ଯେଉଂ ଦେଶରେ ହେଉ ଏକୀ କୁଳ ଏକ ଜାତିରେ ଅଛନ୍ତି ।

---

ଚତୁର୍ଥ ଭଗ ଅଶୃର ପରୀକ୍ଷା ।

ଜନ୍ମନା ଯାୟତେ ଶୂଦ୍ରଃ ।
କର୍ମଣା ଯାୟତେ ଦ୍ୱିଜଃ ।
ବେଦାଭ୍ୟାସୀ ଭବେତ୍ ବିପ୍ରୋ ।
ବ୍ରହ୍ମ ଜାନାତି ବ୍ରାହ୍ମଣଃ ।

ଏ ଶ୍ଳୋକର ଅର୍ଥ ବୁଝିଲେ ଏ ବୋଧ ହୁଅଇ ଯେ ଉତ୍ପନ୍ନ ହେବାବେଳେ ସମସ୍ତ ମନୁଷ୍ୟ ଶୂଦ୍ର ଅଛନ୍ତି ଉପନୟନାଦ କ୍ରିୟାରେ ଦ୍ୱିଜ ହୋଇଅଛନ୍ତି ବେଦକୁ ଅଭ୍ୟାସ କଲେ ବିପ୍ର ହୁଅଇ ବ୍ରହ୍ମକୁ ଚିହ୍ନିଲେ ବ୍ରାହ୍ମଣ ହୁଅଇ ଏମନ୍ତ ଜ୍ଞାନ ବୁଝିଲେ କର୍ମ କଲେ ସବୁ ଲୋକ ବ୍ରାହ୍ମଣ ହେବାକୁ ପାରନ୍ତି । ବ୍ରାହ୍ମଣ ସ୍ତ୍ରୀମାନେ ବେଦ କ୍ରିୟା ନ କରିବାରୁ ଶୂଦ୍ର ହୁଅନ୍ତି ତେବେଇ ବ୍ରାହ୍ମଣମାନେ କ୍ଷେତ୍ରିୟ ବୈଶ ଶୂଦ୍ରସ୍ତ୍ରୀମାନଙ୍କର ହାତରୁ ଭୋଜନାଦ କ୍ରିୟା ନ କରନ୍ତି କି କାରଣ ।

କର୍ମରେ ମୋକ୍ଷ ନାହିଁ ଜ୍ଞାନରେ ମୋକ୍ଷ ପାଇବା ବୋଲି ଲୋକେ କହୁଅଛନ୍ତି ତେବେ କର୍ମ ଛାଡ ଜ୍ଞାନ ଅଭ୍ୟାସ କରୁ ନାହାନ୍ତି କାହିଁକି । ପୁଣି ଜନ୍ମଠାରୁ ସମସ୍ତ ଲୋକ ପାପି ହୋଇ ଅଛି ଧର୍ମପୁସ୍ତକରେ ଲେଖିତ ଅଛି ତେବେ ବ୍ରାହ୍ମଣ ବିନୁ ଆନ ଲୋକରୁ ଉପଦେଶ ପାଇବାର ଅଶୁଚିତ ବୋଲି ନ୍ୟାୟ ନ ହୁଅଇ ଯେହେତୁ ଈଶ୍ୱରର ମହିମା ସମସ୍ତ ଲୋକ ଜାଣି ମୋକ୍ଷପାଇବାର ଉଚିତ ହୁଅଇ ମାତ୍ର ଏଦେଶରେ ମନୁଷ୍ୟମାନେ ଈଶ୍ୱରର ସେବାର ବାଟ ନ ଜାଣି ଦେବତା ପିତୁଳି ଆରାଧନା କରିବାର ଜ୍ଞାନ ବରିଦ୍ଧ ହୁଅଇ ଯେହେତୁ ସେ ପିତୁଳି ମନୁଷ୍ୟର ହସ୍ତକୃତ ମାତ୍ର ତହିଁପାଇଁ ତାହାଙ୍କୁ ନମସ୍କାର ପୂଜା କରିବାର ବହୁତ ନ

ର୍ବୁଦ୍ଧି କର୍ମ ବୋଲି ଜଣା ଯାଏ ସେ ପ୍ରତିମାମାନଙ୍କୁ ବ୍ୟର୍ଥରେ ଅ ଭିଷେକ ଧୂପ ଦୀପ ନୈବେଦ୍ୟ ଆଦି ସମର୍ପଣ କରି ତାଙ୍କୁ ଅଳ ଙ୍କାର ପିନ୍ଧାଇ ଯାତ୍ରା ପର୍ବରେ ବେଶ୍ୟାମାନଙ୍କୁ ତାର ଆଗେ ନ ଚାଇ ତାଲି ମାରି ବାଜା ବଜାଇ ଏସବୁ ଗୁଡ଼ିଏ କର୍ମ ଜ୍ଞାନବନ୍ତର କର୍ମ ନ ହୁଅଇ ପୁଣି ଏଥିରେ ମନୁଷ୍ୟମାନେ କେବେହେଂ ଜ୍ଞାନ ଚେତନା ନ ପାଇବେ ।

ପୁନର୍ବାର ଶିଳା ତାମ୍ରାଦି ପ୍ରତିମାଙ୍କୁ ଜୀବନ୍ୟାସ ମନ୍ତ୍ର ପଢ଼ି ପ୍ରାଣ ପ୍ରତିଷ୍ଠା କରନ୍ତି ବୋଲି ବ୍ରାହ୍ମଣମାନେ କହନ୍ତି ସେ ବ୍ରାହ୍ମଣମାନେ ସେ ମନ୍ତ୍ର ପଢ଼ି ଏକ ମୃତ୍ୟୁ ଶବକୁ ଜୀଆଇବେ କି ତେବେ ସେ ପ୍ରାଣ ପ୍ରତିଷ୍ଠାକୁ ସତ୍ୟ ଜାଣିବା ନ ହୋଇଲେ ସେ ସବୁ ମିଛ ।

ହିନ୍ଦୁମାନଙ୍କର ମଧ୍ୟରେ ବ୍ରାହ୍ମଣମାନଙ୍କର ଯଜ୍ଞ କର୍ମ ବିଷୟର କଲେ ରମ୍ଭା ବେଶ୍ୟାଆଦି ସଂଭୋଗ କରିବା ନିମନ୍ତେ ତାହା ହୁ ଅଇ ଏମନ୍ତ ଲେଖା ଅଛି । ଉତ୍ତମ ଶାସ୍ତ୍ର ପଢ଼ିବା ବେଳେ ପର ଦାର ବେଶ୍ୟା ଗମନ ଏ ଆଦି କର୍ମ କଲେ ବଡ଼ ଦୋଷ ହୁଅଇ ଲେଖା ଯାଇଅଛି ଏନିମନ୍ତେ ସେ କର୍ମ କରିବାକୁ ଇଚ୍ଛା କଲେ ଅବା ସେ କର୍ମ କରିବା ହେତୁ ଯଜ୍ଞ ତପସ୍ୟା ଆଦି ଅତି ଅଶୁଚିତ ।

ହିନ୍ଦୁମାନେ ମୃତ୍ୟୁ ମନୁଷ୍ୟମାନଙ୍କର ଗତି ନିମନ୍ତେ ସାମ୍ବତ୍ସରିକ ପିତୃକାର୍ଯ୍ୟ ବ୍ରାହ୍ମଣ ଭୋଜନ ତର୍ପଣାଦି ଦାନ କରିଅଛନ୍ତି । ମଲା ଲୋ କମାନଙ୍କର ଗତି କି ଏତେ ସହଜରେ ହୁଅଇ ତାହା କେବେହେଂ ନାହିଂ ଦେଖ ପରମେଶ୍ୱର ଯେ ପାପ ପୁଣ୍ୟର ବିଷୟର କର୍ତ୍ତା ଅଛନ୍ତି ସେ ସେମାନଙ୍କର କ୍ରିୟା ଅନୁସାରେ ନିର୍ଣ୍ଣୟ କରି ଫଳ ଦେବେ ।

ପୁନର୍ବାର ହିନ୍ଦୁମାନଙ୍କର ସନ୍ଧ୍ୟା ଜପ ତପ ଦାନ ଧର୍ମ ବ୍ରତ ସ ମାରାଧନା କରି ପୁଣି ତୀର୍ଥପତି ଶ୍ରୀରଙ୍ଗ କାଞ୍ଚି କାଳହସ୍ତି ଜଗନ୍ନାଥ କାଶୀ ରାମେଶ୍ୱର ଗଙ୍ଗାସାଗର ଆଦିକରି ଏସ୍ଥାନମାନଙ୍କୁ ଯାତ୍ରା କରି ପୁଣି କୃଷ୍ଣା କାବେରୀ ନର୍ମଦା ତୁଙ୍ଗଭଦ୍ରା ଗୋଦାବରୀ ଗଙ୍ଗାଆଦି ଏ

ନଦୀରେ ସ୍ନାନ କରି ପୁଣି ଦେବାଳୟ କୂପ ଉପବନ ତଡାଗ ଅନ୍ନ ଛତ୍ର ଜଳ ଛତ୍ର ଏଆଦି ନିର୍ମାଣ କରି ପୁଣି ଗୋଦାନ ଭୂଦାନ ଷୋଡଶଦାନ ଷୋଡଶ କର୍ମ କରି ଏପ୍ରକାର ସମସ୍ତ କର୍ମରେ ତୁମ୍ଭମାନଙ୍କର ପାପ ହରଣ ହୋଇ ପୁଣ୍ୟ ସଞ୍ଚୟ ହୋଇବେ ବୋଲି ଭରସା କରିଅଛ ଏକର୍ମରେ ତୁମ୍ଭମାନଙ୍କର ପାପ ପରିହରଣ ହେବାକୁ ନ ପାରିବେ ଏ ନିଶ୍ଚୟ ଜଣା ଯାଏ ଯେହେତୁ ଏ ସମସ୍ତ କର୍ମ ମନୁଷ୍ୟର ଉପାୟ ମାତ୍ର ମନୁଷ୍ୟର କଳ୍ପଣାରେ ତାହାର ଜନ୍ମ । ଦେଖ ଋଣ ଶୋଧିବାର ଯେମନ୍ତ ତେମନ୍ତ ତ୍ରାଣ ପାଇବାକୁ ନ ହୁଅଇ ଯେ ମନୁଷ୍ୟମାନେ ଈଶ୍ୱରଙ୍କୁ କିଛି ବସ୍ତୁ ଦେଇ କିଅବା କିଛି କର୍ମ କରି ମୂଲ୍ୟରେ ଯେମନ୍ତ ତେମନ୍ତ ଈଶ୍ୱରଠାରୁ ତ୍ରାଣ କିଣି ନେବେ । ଆଉ ଏ ଜଗତରେ ଯେଉଂ ବସ୍ତୁ ଅଛି ସେ ଅମ୍ଭମାନଙ୍କର ନିଜର ନ ହୁଅଇ ତାହା ସମସ୍ତ ଈଶ୍ୱରର ତହିଁପାଇଁ ତାହାର ନିଜ ଧନ ତାଙ୍କୁ ଦେଇ ସ୍ୱର୍ଗରାଜ୍ୟ ତହିଁରେ କିଣିବା ଏମନ୍ତ ବିଚାର କଲେ ଅମ୍ଭମାନଙ୍କର ଗତି ପାଇବାର ଭରସା ବ୍ୟର୍ଥ ହୋଇବ ।

ଏ ହିନ୍ଦୁ ଦେଶରେ ନାନା ପ୍ରକାର ମତ ଅଛି ସେ ମତାବଲମ୍ବିମାନେ ଏକକୁ ଆରେକ ବିରୁଦ୍ଧ ହୋଇ ଈଶ୍ୱରଙ୍କୁ ଆଉ ତାହାର ସତ୍ୟ ମାର୍ଗକୁ ହଜାଇ ପକାଇଲେ ପୁନର୍ବାର ଯେଉଂ ମାର୍ଗରେ ତୁମ୍ଭର ଗତି ନିଶ୍ଚୟ ହେବାକୁ ପାରିବ ତାହା ବିଷୟରେ ଏତେବେଳେ ତୁମ୍ଭଙ୍କୁ ଅଳ୍ପ କରି ଜଣାଇବା । ହିନ୍ଦୁ ମାର୍ଗରେ ଯେତେ କର୍ମ ସେ ସମସ୍ତ ବାହ୍ୟାଚାର ହୋଇ ହୃଦୟକୁ ପରିଷ୍କାର କରିବାକୁ ନ ପାରନ୍ତି । ଧର୍ମଗ୍ରନ୍ଥରେ ଲେଖିତ ଅଛି ଈଶ୍ୱରର ରାଜ୍ୟ ଖିଆ ପିଆ ନ ହୁଅଇ ବରଂ ଧର୍ମ କ୍ରିୟା କୁଶଳ ଧର୍ମାତ୍ମାରେ ଆନନ୍ଦ ପୁଣି ହୃଦୟରେ ଈଶ୍ୱରଙ୍କୁ ପ୍ରେମ କରିବାକୁ ଆତ୍ମାରେ ସତ୍ୟତାରେ ତାହାଙ୍କର ସେବା କରିବାକୁ । ଯୀଶୁଖ୍ରୀଷ୍ଟ ବିଷୟକ ଜ୍ଞାତବ୍ୟ ହେ

ବାର ସେ ଈଶ୍ୱରର ପ୍ରିୟ ଅତ୍ମଜ ହୋଇ ଆପଣାରେ ଈଶ୍ୱରୀୟ ସ୍ୱଭାବ ମାନବ ସ୍ୱଭାବ ଏ ଦୁଇ ଐକ୍ୟ କରି ଇହଲୋକରେ ଧର୍ମମୟ ଅବତାର ହୋଇ ସମୁଦାୟ ମନୁଷ୍ୟମାନଙ୍କର ପାପ ନାଶ କରିବା ଅର୍ଥେ ମରଣ ଦୁଃଖ ସହି ଆପଣାର ରକ୍ତ ବଳିଦାନ କରି ଈଶ୍ୱରର କ୍ରୋଧକୁ ଶାନ୍ତ କଲେ । ଏହି ଉପରେ ଆମ୍ଭମାନଙ୍କୁ ରକ୍ଷା ସମ୍ବାଦ କରି ଅଛନ୍ତି ପୁଣି ତାହାର ମରଣ ଉତ୍ତାରେ ତୃତୀୟ ଦିନରେ କବରରୁ ଉଠି ଆପଣାର ଶିଷ୍ୟମାନଙ୍କୁ ପ୍ରତ୍ୟକ୍ଷ ଦର୍ଶନ ଦେଇ ଚାଳିଶ ଦିନ ଉତ୍ତାରୁ ସେମାନଙ୍କର ସାକ୍ଷାତରେ ଶୂନ୍ୟ ମାର୍ଗ ଦେଇ ନିଜ ରାଜ୍ୟକୁ ଗଲେ ଏବେ ଆମ୍ଭମାନଙ୍କର ନିମନ୍ତେ ଈଶ୍ୱର ସନ୍ନିଧ୍ୟରେ ହୋଇ ନିବେଦନ କରୁଅଛନ୍ତି । ସେହି ଯୀଶୁଖ୍ରୀଷ୍ଟ ସ୍ୱରାଜ୍ୟରେ ଯିବା ବେଳେ ଆପଣା ଶିଷ୍ୟମାନଙ୍କୁ ଏ ଆଜ୍ଞା ଦେଲେ ତୁମ୍ଭେମାନେ ସବୁଠାରେ ଯାଇ ସମସ୍ତ ଲୋକର କର୍ଣ୍ଣ ଗୋଚରରେ ମଙ୍ଗଳସମାଚାର ଘୋଷଣା କର ତହିଁ ଯେ କେହି ବିଶ୍ୱାସ କରି ଉପବିତ ହୁଅନ୍ତି ସେମାନେ ପରିତ୍ରାଣ ପାଇବେ ଯେଉଂମାନେ ବିଶ୍ୱାସ ନ କରନ୍ତି ସେମାନେ ନରକରେ ଦଣ୍ଡିତ ହେବ । ଏଥିପାଇଁ ହେ ପାଠକ ଆପଣାର ପାପକୁ ଦେଖି ତାହା ଈଶ୍ୱରଠାରେ ସ୍ୱୀକାର କର ତାହା କ୍ଷମା ହେବା ନିମନ୍ତେ ନରକରୁ ରକ୍ଷା ପାଇବା ନିମନ୍ତେ ସ୍ୱର୍ଗରେ ଅନନ୍ତ ସୁଖଭୋଗ ନିମନ୍ତେ ପ୍ରଭୁ ଯୀଶୁଖ୍ରୀଷ୍ଟର ନାମରେ ବିଶ୍ୱାସ କର ।

ଇତି

No. 14.

# REFUTATION OF IDOLATRY.

## ବିବାଦ ଭଞ୍ଜନ ।

ତେତିଶ କୋଟି ଦେବତାର ଉପାସନାରେ ଯେଉଂମାନେ ସର୍ବଦା ପ୍ରବୃତ୍ତ ହୁଅନ୍ତି ସେମାନେ କିଅବା ସେମାନଙ୍କର ପ୍ରିୟ ପାତ୍ରମାନେ ଯେବେ ଭିଲଣ କରି ପଚାରନ୍ତି ଯେ ଏଥିରେ ଆମ୍ଭମାନଙ୍କର କି ଦୋଷ ଜାଣ ତେବେ ଆମ୍ଭେମାନେ ସତ୍ୟରେ ଉତ୍ତର କରିବା ଯେ ଧର୍ମପୁସ୍ତକ ପୁଣି ଆଉ ସମସ୍ତ ପ୍ରାମାଣ୍ୟ ଶାସ୍ତ୍ର ଅନୁସାରେ ତୁମ୍ଭମାନଙ୍କର ଏହି ତିନ ପ୍ରକାର ଭୂଲ ଥାଏ । ଯଥା ।

ପ୍ରଥମ । ଯାହାକୁ ତୁମ୍ଭେମାନେ ପୂଜନୀୟ ଜାଣ ତହିଂରେ ଭୂଲ କରି ଥାଅ ଦେଖ କେବଳ ଏକ ସ୍ୱୟମ୍ଭୂ ପରମେଶ୍ୱର ଜଗତାଦିର ସୃଷ୍ଟି ପ୍ରତିପାଳନ ଓ ଶାସନ କର୍ତ୍ତା ଅଟନ୍ତି ତାହାଙ୍କ ଛଡା ଆଉ କେହି ପୂଜନୀୟ ନାହିଂ ପୁଣି ତୁମ୍ଭେମାନେ ତାହାଙ୍କର ଉପାସନାରୁ ବିମୁଖ ହୋଇ ନାନାଦି କୁଦେବତା ଓ କୁମୂର୍ତ୍ତିର ପୂଜନାଦିରେ ରତ ହୁଅ । ଆଉ ଦେଖ ଯାହାକୁ ଏକବେଳେ ପୂଜନୀୟ ଜାଣ ତାହାକୁ ଅନ୍ୟ ସମୟରେ ଚୋର ଲୋଭୀ ଲମ୍ପଟ ପାରଦାରିକ ଇତ୍ୟାଦିରୂପେ ବର୍ଣ୍ଣନା କରି ତାହାର ଉପରେ ନାନା ଦୋଷାରୋପଣ କରି ଥାଅ । ପୁଣି ଯାହାକୁ ତୁମ୍ଭେମାନେ କୌଣସି ସ

ମୟୁରେ ଅତ୍ୟନ୍ତ ପ୍ରଶଂସା କର ତାହାଙ୍କୁ ଆଉ କୌଣସି ସମୟୁରେ ଅନେକ ଦୁର୍ନାମ ଓ ନନ୍ଦା ବଚନ କୁହ ।

ଦ୍ୱିତୀୟୁ । ଯେଉଂ ଉପାସନାରେ ତୁମ୍ଭେମାନେ ସର୍ବଦା ପ୍ରବୃତ୍ତ ଥାଅ ତହିଂରେ ଭୁଲ ଯୁକ୍ତ ହୁଅ । ଦେଖ ପରମେଶ୍ୱର ଅନ୍ତସ୍ଥ ରୂପ ସକଳାନ୍ତର୍ଯାମୀ ଅଛନ୍ତ ଏନମନ୍ତେ ଅନ୍ତଃକରଣରେ ପ୍ରେମ ସତ୍ୟତା ଦୟୁା ଅଜ୍ଞାପାଳନ ଓ ସର୍ବ ଅନ୍ତସ୍ଥ ପବିତ୍ରତା ସେ ଗ୍ରାହ୍ୟାନ୍ତ ପୁଣି ଦେଖ ଦେବତା ପୂଜା କରିବାକୁ ଗଲେ ନାନାବିଧ ନାଟକାଦ ଗାନ ବାଦ୍ୟ କୁତ୍ସିତ ଅଙ୍ଗ ଭଙ୍ଗିକୁ ପରମାର୍ଥ ସାଧନ ଜାଣି ପାପରେ ପ୍ରାବର୍ତ୍ତକ କ୍ରିୟୁାରେ ଥାଅ । ଅଉ ଈଶ୍ୱରର ପ୍ରେମରେ ଏହି ସମସ୍ତ ପୂଜାଦ କରି ନାହିଂ କେବଳ ଆପଣାର କୌଣସି ସଂସାର ଲାଭ ସକାଶେ କଅବା ଦେବତାର ଭୟୁ ସକାଶେ ସମସ୍ତ କରି ଥାଅ । ପୁଣି ଯେ ଅନ୍ତସ୍ଥ ପବିତ୍ରତା ଓ ସତ୍ୟ ଭକ୍ତି ଈଶ୍ୱର ଗ୍ରାହ୍ୟାନ୍ତ ତହିଂରେ ତୁମ୍ଭେମାନେ କଛି ନ ମଣି କେବଳ ନାନାଦ ଲୌକିକ କ୍ରିୟୁା କର୍ମ କର ଓ ସ୍ନାନ ଧ୍ୟାନ ତପ ଦାନ ଇତ୍ୟାଦ କର୍ମ କର । ପୁଣି ମୁଣ୍ଡରେ ନାନା ପ୍ରକାର ବଙ୍କା ଓ ସିଧା ତଳକ ମୁଦ୍ରା ଓ ଶରୀରରେ ଛାପା ମୁଦ୍ରା ଓ ଗଳାରେ କାଷ୍ଠ ଭର ଏ ସବୁ ଯମର ଶାସନରୁ ତୁମ୍ଭମାନଙ୍କୁ ନସ୍ତାର କରିବେ ଏହି ବିଶ୍ୱାସ କରି ଥାଅ ।

ତୃତୀୟୁ । ଯେଯେ ବର ପ୍ରାପ୍ତବ୍ୟ ତୁମ୍ଭେମାନେ ଜାଣ ତହିଂରେ ଭୁଲଯୁକ୍ତ ହେଉଅଛ । ଦେଖ ପରମେଶ୍ୱର ଅଜ୍ଞା କରନ୍ତ ଯେ ଅମ୍ଭେମାନେ ଅମ୍ଭମାନଙ୍କର ଶତ୍ରୁକୁ ପ୍ରେମ କରି ଓ ଯେଉଂ ଜନ ଅମ୍ଭମାନଙ୍କ ହିଂସା ଓ ତାଡଣା କରଇ ତାହାର ପାଇଁ ପ୍ରାର୍ଥନା କରି । ଅଉ ଯେ ଅମ୍ଭେମାନେ ପାପର କ୍ଷମା ଓ ମନର ଶୁଦ୍ଧତା ଇତ୍ୟାଦ ପାରମାର୍ଥିକ ଅଶିଷ୍ୟ ପ୍ରାର୍ଥନା କରିବା । ପୁଣି ଦେବତାର ଅଗେ ତୁମ୍ଭେମାନେ ଶତ୍ରୁର ହାନ ଓ ନାନା କୁଶୀଳତାର

ତୁଷ୍ଟି ଓ ଗୈର କରିବା ବେଳେ ରକ୍ଷା ଓ ପାରଦାରିକ ଧୂର୍ତ୍ତରେ ଇଷ୍ଟ ସିଦ୍ଧି ଓ ଅଧିକ୍ୟ ଧନ ଇତ୍ୟାଦି ବହୁବିଧ କାମନା କରି ।

ଏନିମନ୍ତେ ପ୍ରତ୍ୟକ୍ଷ ହେଉଅଛି ଯେ ଦେବପୂଜା ଅତ୍ୟନ୍ତ ମୂର୍ଖ ଓ ଦୁରାଗ୍ରହ କର୍ମ ଅଟଇ ।

୧ । ଯେବେ ବୋଲ ଏହି ପ୍ରତିମାର ଆରାଧନାର ବିଷୟରେ ଶାସ୍ତ୍ର ପ୍ରମାଣ ଅଛି ଏନିମନ୍ତେ ସେ ପ୍ରମାଣରେ କରି ଥାଇ ଏହା ଶାସ୍ତ୍ରରେ ଲେଖନ ଯେ ଯଥା ॥

ପ୍ରତିମାସୁ ଶିଳାବୁଦ୍ଧିଂ କୁର୍ବାଣୋ ନରକଂ ବ୍ରଜେତ୍

ଯେଉଂ ଜନ ଦେବତାର ପ୍ରତିମାରେ ପଥର ବୁଦ୍ଧି କରଇ ସେ ନରକକୁ ଯାଏ । ଅଉ ।

ଅଭିରୂପ୍ୟାତ ବିମ୍ବାନାଂ ଦେବଃ ସାନ୍ନିଧ୍ୟ ମୃଛତି । ଅର୍ଥ ପ୍ରତିମା ଉତ୍ତମରୂପେ ନିର୍ମିତା ହୋଇଲେ ଦେବତାର ସନ୍ନିଧାନ ହୁଅଇ ।

ଉ । ଯେମନ୍ତ ପୁରାଣରେ ପ୍ରତିମା ପୂଜାର ଅନୁମତି ଦେଖାଇଲେ ସେମନ୍ତ ଏହି ପୁରାଣାଦିରେ ପ୍ରତିମା ପୂଜାର ନିନ୍ଦା ପ୍ରତ୍ୟକ୍ଷ ଦେଖା ଯାଉ ଅଛି ଯଥା ॥

ମୃଚ୍ଛିଲା ଧାତୁ ଦାର୍ବାଦି ମୂର୍ତ୍ତାବୀଶ୍ୱର ବୁଦ୍ଧୟଃ ।
କ୍ଲିଶ୍ୟନ୍ତି ତପସା ମୂଢାଃ ପରାଂଶାନ୍ତିଂ ନ ଯାନ୍ତି ତେ ।

ଯେଉଂ ସମସ୍ତ ମୂର୍ଖମାନେ ମାଟୀ ଧାତୁ ପ୍ରସ୍ତର କାଷ୍ଠାଦିର ଚିତ ମୂର୍ତ୍ତିରେ ଈଶ୍ୱରବୁଦ୍ଧି କରନ୍ତି ସେମାନେ କେବଳ କ୍ଲେଶ ପାନ୍ତି ମୁକ୍ତି ପ୍ରାପ୍ତ ନ ହୁଅନ୍ତି । ଅଉ ।

ଯୋ ମାଂ ସର୍ବେଷୁ ଭୂତେଷୁ ସନ୍ତ ମାତ୍ମନ ମୀଶ୍ୱରଂ ।
ହିତ୍ୱା ର୍ଚାଂ ଭଜତେ ମୌଢ୍ୟାତ୍ ଭସ୍ମନ୍ୟେବ ଜୁହୋତି ସଃ ।

ଯେଉଂ ଜନ ମୂର୍ଖହେବାରୁଂ ସର୍ବଭୂତବ୍ୟାପୀ ଆତ୍ମା ଯେ ଅମ୍ଭେ

ଆମ୍ଭଙ୍କୁ ପରିତ୍ୟାଗ କରି ପ୍ରତିମା ଭଜନା କରଇ ସେ କେବଳ ଭ ସ୍ମରେ ହୋମ କରଇ । ଏଥିରେ ଦେଖା ଯାଏ଼ ଯେ ପୁରାଣାଦିର ପ୍ରମାଣ ଅପ୍ରମାଣ ହୁଅଇ ।

୨ । ଏହି ସମସ୍ତର ବିବାଦ ଦେଖିଲେ ଯେବେ କହ ଯେ ଅ ମ୍ଭେମାନେ ସର୍ବବ୍ୟାପୀ ଅଦୃଶ୍ୟ ପରମେଶ୍ୱରଙ୍କଠାରେ ଚିତ୍ତ ରଖି ବାକୁ ଅସମର୍ଥ ହୋଇ ଏନିମନ୍ତେ ପ୍ରତିମାଦିରେ ଈଶ୍ୱର ବୁଦ୍ଧି କରି ଉପାସନା କରି ପୁଣି ଏମନ୍ତ ଅଧିକାର ପ୍ରମାଣ ଆମ୍ଭମାନଙ୍କର ଅଛି ଯଥା । କାଷ୍ଠଲୋଷ୍ଟ୍ରେଷୁ ମୂର୍ଖାଣାଂ ଯୁକ୍ତସ୍ୟାତ୍ମନି ଦେବତା । କା ଷ୍ଠଲୋଷ୍ଟ୍ରରେ ଦେବ ବୁଦ୍ଧି ମୂର୍ଖମାନେ କରନ୍ତି ପୁଣି ଜ୍ଞାନମାନେ ପରମା ତ୍ମାରେ ଦେବ ବୁଦ୍ଧି କରନ୍ତି ।

୬ । ଆମ୍ଭେମାନେ ଉତ୍ତର ଦେଉ ଯେ ପୁତ୍ତଲୀ ତୁମ୍ଭମାନଙ୍କର ଅତିଶୟ ପ୍ରିୟ ତାହା ଯଥାର୍ଥ ପ୍ରମାଣ ନୋହିଲେ ଆପଣାଙ୍କୁ ମୂର୍ଖ ଅଙ୍ଗୀକାର କରି ପୁତ୍ତଲୀର ଆରାଧନା ସଂସ୍ଥାପନ କରିବାକୁ ପ୍ରବୃତ୍ତ ନ ହୁଅନ୍ତି । ପୁଣି ମୂର୍ଖର ଶାସ୍ତ୍ରରେ କି ମତ ନିନ୍ଦା ଲେଖା ଅଛି ତାହା ବୁଝି ଶୁଣ ଯଥା । କ୍ରିୟାହୀନସ୍ୟ ମୂର୍ଖସ୍ୟ ମହାରୋଗିଣ ଏ ବଚ । ଯଥେଷ୍ଟାଚରଣସ୍ୟାହୁର୍ମରଣାନ୍ତ ମଶୌଚକଂ । ବେଦୋକ୍ତ କ୍ରିୟା ହୀନ ଓ ମୂର୍ଖ ପୁଣି ମହା ରୋଗଗ୍ରସ୍ତ ଆଉ ଆପଣା ଇଚ୍ଛା ମ ତାଚାର ଯେଉଁଜନ କରଇ ଏସବୁ ଯାବଜ୍ଜୀବନ ଅଶୌଚୀ କହି ଅଛନ୍ତି । ବିଶେଷ ଆଶ୍ଚର୍ଯ୍ୟ ଏହି ଯେ ଆଉ ଆଉ କୌଣସି ବିଷ ୟରେ ତୁମ୍ଭମାନଙ୍କୁ ଯେବେ କେହି ମୂର୍ଖ କହଇ ତେବେ ତାହାର ପ୍ରାଣ ହରଣେ ପ୍ରାୟେ଼ ଉଦ୍ୟତ ହେବ ଯେହେତୁ ଆପଣାକୁ ଆଉ ସବୁ ଲୋକଠାରୁ ସର୍ବ ବିଷୟରେ ବୁଦ୍ଧିମାନ ଜାଣ । ପୁଣି ପର ମେଶ୍ୱରର ଉପାସନା ବିଷୟରେ ପ୍ରବୃତ୍ତ ହେଲେ କହିବ ଯେ ଅ ମ୍ଭେମାନେ ଅଳ୍ପ ବୁଦ୍ଧି ଅଧିକାରୀ ହୋଇ । ହାୟ ଏରୂପ ଆତ୍ମ ବଞ୍ଚନା ଦେଖିଲେ କାହାର ଦୟା ନ ଜନ୍ମଇ ।

ଶ । ଯେବେ ବୋଲ ଯେ ପରମାଣୁର ଉପାସନା ଅତି ଦୁସ୍କର ହୁଅଇ ଏସକାଶେ ଆମ୍ଭମାନଙ୍କର ସାମର୍ଥି ନ ହୁଅଇ ପୁଣି ପ୍ରତିମାର ସେବା ଆମ୍ଭମାନଙ୍କର ସୁସାଧ୍ୟ ।

ଉ । ତେବେ ତାହାର ଉତ୍ତର ଏହି ପ୍ରତିମାର ସେବା ଯାହା ତୁମ୍ଭେମାନେ ସୁସାଧ୍ୟ ଜାଣ ତାହାଠାରୁ ଅଧିକ ଦୁସ୍କର ଆନ କୌଣସି କର୍ମ ନାହି ଯେହେତୁ ଜଡ ପିଣ୍ଡକୁ ସଚେତନରୂପେ ଜ୍ଞାନ କର । ଆଉ ଯାହାର ଖାଇବାର ଶକ୍ତି ନାହିଂ ଖାଇବାର ନିମନ୍ତେ ତାହାର କଣ୍ଠରେ ଅନ୍ନାଦି ପ୍ରଦାନ କର । ଯାହାର ଅଘ୍ରାଣ ଶକ୍ତି ନାହିଂ ତାହାର ନିକଟେ ନାନା ପ୍ରକାର ସୁଗନ୍ଧି ପୁଷ୍ପାଦି ଦିଅ ଆଉ ସେହି ମାଟୀ କାଷ୍ଠ ପାଷାଣ ପିଣ୍ଡରେ ଈଶ୍ବର ବୋଧ କରି ଥାଅ । ଅନନ୍ତର ଶୀତ କାଳରେ କି ଜାଣି ଶୀତରେ ଦୁଃଖ ପାଏ୍ ଏନିମନ୍ତେ ତାହାକୁ ଶୀତ ବସ୍ତ୍ର ଦେଇ ଘୋଡାଅ ଗ୍ରିଷ୍ମକାଳରେ ବାୟୁ ବିଞ୍ଚି ଓ ମଶାର ଭୟରେ ତାହାକୁ ରାତିରେ ମଶାଖିରି ମଧ୍ୟରେ ରଖ । ଏନିମନ୍ତେ ଏକ ବସ୍ତୁରେ ଏକ କାଳରେ ଈଶ୍ବର ଜ୍ଞାନ କରିବା ଓ ଅନୀଶ୍ବର ଜ୍ଞାନ କରିବା ଏହାର ଠାରୁ ସଂସାରେ ଆଉ କୌଣସି ବିଷୟରେ କଠିଣ ଓ ଦୁସ୍କର ନାହିଂ । ଆଉ କୌଣସି ପ୍ରତିମା ଯାହାର ନାନା ଶକ୍ତି ବର୍ଣ୍ଣନା କର ପୁଣି ଯାହାର ଆଗମନର ଦ୍ଵାରା ଗୃହସ୍ଥର ଐଶ୍ବର୍ଯ୍ୟ ହେଉ ଅଛି ଓ ନାନା ଆପଦରୁ ଏହି ଭକ୍ତ ଗୃହସ୍ଥ ରକ୍ଷା ପାଉ ଅଛି ଏମନ୍ତ ଜନରବ ଅଛି ତାହାକୁ ଚୋରଗଣ ଅପହରଣ କରି କେବେ ବିକ୍ରି ପକାଏ୍ । କେବେ ଅବା ସେହି ମୂର୍ତ୍ତି ଧାତୁମୟ ହେଲେ ତାହାକୁ ତରଲାଇ ସ୍ବର୍ଣ୍ଣ ରୂପ୍ୟାଦି ଗ୍ରହଣ କର । ପୁଣି ଏହି ପ୍ରତିମାର ଭକ୍ତ ଯାହାର ଈଶ୍ବର ଚୋରିତ ଅଥବା ତରଲା ଯାଇ ଅଛୁ ଏହା ପ୍ରକାଶ ହେଲେ ଅତିଶୟ ଲଜ୍ଜିତ ହୁଅଇ । ପୁଣି ଯେ ଆପଣାକୁ

ରକ୍ଷା କରି ନ ପାରଇ ସେ ଯେ ଅନ୍ୟଙ୍କୁ ଉଦ୍ଧାର କରିବ ଏହାଠାରୁ ବିଶ୍ୱାସର ଅଧିକ କଠିଣ କି ।

୪ । ଯେବେ ବୋଲ ପ୍ରାଣ ପ୍ରତିଷ୍ଠାର ଉତ୍ତାରେ ପ୍ରତିମାରେ ଦେବତାର ଅଧିଷ୍ଠାନ ପ୍ରତ୍ୟକ୍ଷ ସିଦ୍ଧ ଏନିମନ୍ତେ ପ୍ରତ୍ୟକ୍ଷ ବସ୍ତୁ ଅମାନ୍ୟ ହେବାକୁ ପାରନ୍ତି ନାହିଁ ।

ଉ । ତୁମ୍ଭେମାନେ ପୁଣି ଅମ୍ଭେମାନେ ଦୁଇ ପ୍ରତ୍ୟକ୍ଷ ଦେଖୁଛୁଁ ଯେ ପ୍ରାଣ ପ୍ରତିଷ୍ଠାର ପୂର୍ବେ ପୁତ୍ତଲୀର ଯେ ପାଷାଣତ୍ୱ କିଅବା କାଷ୍ଠତ୍ୱ ଥିଲା ଉତ୍ତାରେଇ ସେମନ୍ତ ଅଛି । ମାଟି ମଶାଦି ମୂର୍ତ୍ତିର ପ୍ରତିଷ୍ଠାର ପୂର୍ବେ ସର୍ବାଙ୍ଗରେ ଯେରୂପ ବେହାର କରନ୍ତି ପ୍ରତିଷ୍ଠା ଉତ୍ତାରେ ସେହିରୂପେ ବିଳାସ କରନ୍ତି ପୂର୍ବେ ଯେରୂପେ ହସ୍ତାଘାତେକି ଭୂମ୍ୟାଦିରେ ପଡିଲେ ଖଣ୍ଡୀ ହୁଅଇ କିଅବା ଅଗ୍ନିଦାହେ ଦଗ୍ଧ ହୁଅଇ ଉତ୍ତାରେହିଂ ସେହିରୂପ ହୁଅଇ । ଗମନାଗମନ ଶକ୍ତି ପୂର୍ବେ ଯେମନ୍ତ ନ ଥିଲା ଉତ୍ତାରେହିଂ ସେମନ୍ତ କିଛି ନାହିଂ ତେବେ ଦେବତାର ଅବିର୍ଭାବ ହେଉ ଅଛନ୍ତି ଏହା କିରୂପେ ନିଶ୍ଚୟ ହୁଅଇ । ଦେଖ ବାଲ୍ୟ କାଳାବଧି ଏହି ନାନା ପ୍ରକାର ଜନଶ୍ରୁତି ଦ୍ୱାରା ଏରୂପ ମଗ୍ନ ହୋଇ ଯେ କୌଣସି ସମୟରେ ଏହି ପୁତ୍ତଲୀକୁ ହାସ୍ୟ ବଦନ ଦେଖି କେତେବେଳେ ମଳିଣ ବଦନ ଜ୍ଞାନ କରି ଯେମନ୍ତ ଗାରୋ ଏକ ପର୍ବତୀୟ ଜାତି ସେମାନେ ବାଲ୍ୟ କାଳାବଧି ବଲଇକୁ ଜନଶ୍ରୁତିର ଦ୍ୱାରା ଦେବତା କରି ଜାଣନ୍ତି ସେମାନେ ନାନା ପ୍ରକାର ଚମତ୍କାର ବଲଇରେ ଦେଖିବାକୁ ପାନ୍ତି ସତ୍ୟ ଜନଶ୍ରୁତି ଦ୍ୱାରା ବୁଦ୍ଧି ମଳିଣ ହୋଇଲେ ଏରୂପ ଭ୍ରମ ଜ୍ଞାନ ମନୁଷ୍ୟର ହୁଅଇ । ଆଶ୍ଚର୍ଯ୍ୟ ଏହି ଯେ ଅନ୍ୟୀ ସବୁ ବସ୍ତୁର ପ୍ରତ୍ୟକ୍ଷରେ ଅମ୍ଭମାନଙ୍କର ଐକ୍ୟ ହୁଅଇ ପୁଣି ପ୍ରତିମାର ହାସ୍ୟ ପ୍ରତ୍ୟକ୍ଷରେ ଅନୈକ୍ୟ ବଦନ ହୁଅଇ । ଆଉ ଦେଖ ଯାହାର ଅବଲୋକନ ଶକ୍ତି ଚଳିତ ଶକ୍ତି ଓ ଚେତନାଦି କିଛି ନାହିଂ ତାହାର

ସ୍ଥାନେ ମନୁଷ୍ୟ ଯାହାର ହିତାହିତ ଜ୍ଞାନ ଅଛି ସେ କିରୂପେ ପୁ
ଏର ପ୍ରାର୍ଥନା ଓ ଧନର ଓ ଆରୋଗ୍ୟର ଯାଚଞ୍ଚା କରଇ ଆଉ ଏହି
ସମସ୍ତର ପ୍ରାପ୍ତିର ନିମନ୍ତେ ସେହି ଅଚେତନ ବସ୍ତୁକୁ ଲାଞ୍ଚ ଦିଅନ୍ତି
ଏହାଠାରୁ ଅଧିକ ଆଉ ଲଜ୍ଜାର କାରଣ କି ଅଛି ।

୫ । ଯେବେ ବୋଲ ଏହିରୂପେ ପ୍ରାର୍ଥନା ଯେ ସମସ୍ତ ଲୋକ
ପିଁଗୁଲୀର ନିକଟରେ କରନ୍ତି ସେମାନଙ୍କର ମଧ୍ୟରେ ଅନେକର
କାର୍ଯ୍ୟ ସିଦ୍ଧ ହୁଅଇ ପୁଣି ଯେଉଂମାନେ ପ୍ରଧାନ୨ ନାମ ଲବ୍ଧ ପିଗୁ
ଲୀର ଗୁଚ୍ଛିତା କରିଛନ୍ତି ସେମାନଙ୍କର ସମୁଚିତ ଦମନ ହୋଇଅଛି ।

ଉ । ଯେମନ୍ତ କାହାରୀ ପିଗୁଲୀର ଆରାଧନାରେ କାର୍ଯ୍ୟ ସିଦ୍ଧି
ହୁଅଇ ତେମନ୍ତ ଅନେକ ଯେଉଂମାନେ ପିଗୁଲୀର ନିକଟ କେ
ବେହିଂ ପ୍ରାର୍ଥନା ନ କରନ୍ତି ସେମାନଙ୍କର ମନୋଭିଲାଷ ମଧ୍ୟରେ
ପରିପୂର୍ଣ୍ଣ ହୁଅଇ ଏନିମନ୍ତେ ମନୋଭିଲାଷ ପୂର୍ଣ୍ଣ ହେବାର କି ନ
ହେବାର ଏହି ଈଶ୍ୱରାଧୀନ ଲୋକଙ୍କ କାରଣ ଥିଲେ ହୁଅଇ କା
ରଣର ଅଭାବରେ ହୁଅଇ ନାହିଂ ଏହାର ସହିତ ପିଗୁଲୀର କି
ସମ୍ବନ୍ଧ ଅଛି । ଆଉ ଅନ୍ୟଙ୍କୁ ଦମନ କରିବାରେ ପ୍ରଧାନ୨ ପିଗୁ
ଲୀର ଶକ୍ତି ଅଛି ଯାହା କହିଲ ଯେବେ ମୂଷା ଓ ଅସରଯା ଇ
ତ୍ୟାଦି ପିଗୁଲୀର ଚିହ୍ନବିଚିହ୍ନତା ନଷ୍ଟ କରିବାକୁ ଓ ତାହାର ଶରୀ
ରରେ ଘାଉ କରିବାକୁ ଉଦ୍ୟତ ହୋଇଲେ ତାହାକୁ ପିଗୁଲୀର
ମୁଣ୍ଡରେ ଯେତେବେଳେ ବସନ୍ତି ତେତେବେଳେ ତାହାର ମନା
ଓ ଶାସ୍ତି କରନ୍ତେ ତେବେ ଅମ୍ଭେମାନେ ତହିଂରେ ବିଶ୍ୱାସ
କରନ୍ତୁ ।

୬ । ଯେବେ ବୋଲ । ପ୍ରଥମାର ଦେବତ୍ୱ ପୁଣି କୌଣସି ପ
ରାକ୍ରମ ଯେବେ ନ ହୁଅଇ ତେବେ ଶାସ୍ତ୍ରରେ ଅଜ୍ଞାନର ପ୍ରତି ଈର୍ଷା
ଏହାର ଆରାଧନାର ଅନୁମତି କରିବାର କି ପ୍ରୟୋଜନ ଥିଲା ।

ଉ । ଯେଉଂ ସମସ୍ତ ଅଜ୍ଞାନ ଲୋକ ବିଶ୍ୱର ଅଦ୍ଭୁତ ଓ ନିଯୁ

ମିତ ରଂଚନା ଓ ଶରୀର ବିଚିତ୍ର ନିର୍ମାଣ ଏହାର ଅବଲୋକନ ଦ୍ୱାରା ବିଶ୍ୱର କାରଣ ଓ ଜଗତର ନିୟମ କର୍ତ୍ତା ସେ ସର୍ବଜ୍ଞ ଓ ସର୍ବବ୍ୟାପୀ ପରମେଶ୍ୱର ତହିଂରେ ନିଷ୍ଠପୂ କରି ଧର୍ମ ଓ ବ୍ୟବହାର ନିର୍ବାହ କରିବାକୁ ସମର୍ଥ ନ ହୁଅଇ ସେମାନେ ନାସ୍ତିକ ଭବେ କାଳ ହରଣ କରି ଲୋକର ଉତ୍ପାତ ଜନକ ହେବେ ଏହି ଅଶଙ୍କାରେ ଏ ସମସ୍ତ ଅବୋଧକୁ ସେମାନଙ୍କର ଭିନ୍ନ ରୁଚିର ଅନୁସାରେ ବାଳକର ତୁଲ୍ୟ ମଗ୍ନ ରଖିବାର ନିମନ୍ତେ ନାନା ବିଧ ପ୍ରତିମା ଓ ପଶୁ ପକ୍ଷୀ ବୃକ୍ଷ ନଦୀ ଇତ୍ୟାଦି ଯାହା ପ୍ରତ୍ୟକ୍ଷ ପୁଣି ଅନାୟାସେ ପ୍ରାପ୍ତ ହୁଅଇ ତାହାର ଅରାଧନାରେ ଫଳର ଲୋଭ ଦେଖାଇ ଅନୁମତି କରି ଅଛନ୍ତି ଯଥା ।

ମୂଢାନାଂ ଭୋଗଦୃଷ୍ଟୀନା ମାତ୍ମାନା ତ୍ମାବିବେକିନାଂ ।
ଋଚୟେ ଗୃଧିକାରାୟ ବିଦଧାତି ଫଳଶ୍ରୁତିଂ ।

ଅର୍ଥ । ଫଳାଶକ୍ତ ଯେ ସମସ୍ତ ମୂର୍ଖ ଯେଉଂମାନଙ୍କର ଅତ୍ମାର ଓ ଅନାତ୍ମାର ବିବେଚନା ଶକ୍ତି ନାହିଂ ସେମାନଙ୍କର ପ୍ରବୃତ୍ତିର ଓ ଅଧିକାରର ନିମନ୍ତେ ଶାସ୍ତ୍ର ଫଳର କଥନ କରି ଅଛନ୍ତି ।

୭ । ଯେତେବ ବୋଲ ଏକ ପରମେଶ୍ୱର ସମସ୍ତଙ୍କର ପ୍ରାପ୍ତବ୍ୟ ହୋଇଛନ୍ତି ତହିଂରେ କେହି ଜ୍ଞାନର ଦ୍ୱାରା କେହି ଅବା କର୍ମର ଦ୍ୱାରା କେହି ଅବା ଦେବତାର ଉପାସନା ଦ୍ୱାରା ତାହାକୁ ପ୍ରାପ୍ତ ହୁଅନ୍ତି ଯେମନ୍ତ ଏକ ରାଜଧାନୀ ହୋଇଂ ତହିଂ ନାନା ପଥ ଦ୍ୱାରା ଲୋକ ପହୁଂଚୁ ଥାନ୍ତି ।

ଉ । ଏସର୍ବଥା ଅଶାସ୍ତ୍ର ଯେ ନାନା ବାଟର ଦ୍ୱାରା ପରମେଶ୍ୱର ପ୍ରାପ୍ତବ୍ୟ ହୁଅନ୍ତି ଯେହେତୁ ଜ୍ଞାନ ବିନା ପରମେଶ୍ୱର କୌଣସି ମତେ ପ୍ରାପ୍ତବ୍ୟ ନ ହୁଅନ୍ତି ଏହି ବେଦେ ଓ ବେଦାନ୍ତାଦି ଶାସ୍ତ୍ରେ ସର୍ବଦା ଦୃଢ କରି କହିଛନ୍ତି । ଶ୍ରୁତି ।

ତମେବ ବିଦିତ୍ୱାତି ମୃତ୍ୟୁ ମେତି ନାନ୍ୟଃ ପନ୍ଥା ବିଦ୍ୟତେ ଗ୍ୟନାୟ

ଅର୍ଥ ସେ ପରମାତ୍ମାକୁ ଜାଣି କେବଳ ମୁକ୍ତ ହୁଅଇ ମୁକ୍ତିର ନିମନ୍ତେ ଆନ କୌଣସି ପଥ ନ ହୁଅଇ । ଆଉ ଚିତ୍ତ ଶୁଦ୍ଧତା ବିନା ପରମେଶ୍ୱରଙ୍କର ସାକ୍ଷାତ୍ ନ ହୁଅଇ ଏହି ପ୍ରାୟ ସମସ୍ତେ କହନ୍ତି ପୁଣି ତୁମ୍ଭେମାନେ ଯେରୂପ ଉପାସନା କରି ଥାଅ ତହିଂରେ ଚିତ୍ତ ଶୁଦ୍ଧ ହେବାର ବିଷୟ କିଅବା ଚିତ୍ତକୁ ମଳିଣ କରଇ ନିଶ୍ଚୟ ତାହା ପରମେଶ୍ୱରଙ୍କର ପ୍ରାପ୍ତିରେ ପ୍ରତିବନ୍ଧକ ହୁଅଇ ଯେମନ୍ତ କେବଳ ଦକ୍ଷିଣ ଦଗେ ଯେବେ ରାଜଘର ଥାୟେ ତେବେ କେବଳ ପୂର୍ବ ମୁଖ ହୋଇ ଗମନ କଲେ କୋଟି ବରଷରେ ତାହାର ପ୍ରାପ୍ତି ନ ହୁଅଇ ।

୮ । ଯେବେ ବୋଲ ଏକ ଅଦୃଶ୍ୟ ପରମେଶ୍ୱର ଯେ ଅଛନ୍ତି ତାହା ଆମ୍ଭେମାନେ ସ୍ୱୀକାର କରି ପୁଣି ଯାହାର ଅଦୃଶ୍ୟ ଅଛି ତାହାର ଉପାସନା ହେବାକୁ ପାରଇ ନାହିଂ ଏନିମନ୍ତେ ଆମ୍ଭେମାନେ ସାକାର ଦେବତାକୁ ଈଶ୍ୱର ବୋଧ କରି ଉପାସନା କରି ।

ଉ । ଯେବେ ଜଣେ ଅତି ବାଳକ କାଳରେ କୌଣସି ଭିନ୍ନ ଦେଶରେ ତକାଇତ ହସ୍ତରେ ପଡି ଗମନ କରଇ ସେହି ଜଣ ଆପଣା ପିତାର ନିର୍ଣ୍ଣୟ କରିବାକୁ ନ ପାରି ପିତାର ଉଦ୍ଦେଶରେ କୌଣସି ଶ୍ରାଦ୍ଧାଦି କରିବାର ବେଳେ ପଶୁ ପକ୍ଷୀକୁ ପିତୃ ସମ୍ବୋଧନ କରି ଶ୍ରାଦ୍ଧ କେବେ କରିବ ନାହିଂ ପୁଣି ଅପଣା ଜନ୍ମଦାତା ଏହି ଶବ୍ଦ ପ୍ରୟୋଗ କରି କ୍ରିୟା ସମ୍ପୂର୍ଣ୍ଣ କରିବ । ସେରୂପେ ଏସ୍ଥଳେ ଜାଣିବ ଯେ ପରମେଶ୍ୱର କି ପ୍ରକାର ହୁଅନ୍ତି ତାହାର ଉଦ୍ଦେଶ ନ ମିଳଇ ପୁଣି ତାହାଙ୍କୁ ଜଗତର କାରଣ ପୁଣି ସମସ୍ତର ପ୍ରତି ଭର୍ତ୍ତା ଓ ରକ୍ଷାକର୍ତ୍ତା ଆଉ ଯେ ସେଇ ସର୍ବବ୍ୟାପୀ ସର୍ବଦର୍ଶୀ ସକଲାନ୍ତର୍ଯାମୀ ଧର୍ମମୟ ଇତ୍ୟାଦି ଦୃଢରୂପେ ଭଜନା କରି ଉପା

ସନା କର୍ତ୍ତବ୍ୟ ହୁଅଇ ଅବଶ୍ୟ ଏତ୍ରୂପେ ମନନକୁ ତାହାର ଉପାସନା ଜାଣିବା । ପୁଣି ଆସ ବସ ତୁମ୍ଭେ ନୁଗା ଓ ଅଙ୍ଗୁଷ୍ଠି ଇତ୍ୟାଦି ଗ୍ରହଣ କର ପୁଷ୍ପର ଆଘ୍ରାଣ ନିଅ ଆହାର କର ପଶ୍ଚାତ୍ ବିଦାୟ ହେଉ ଏତ୍ରୂପେ ଖେଳା ଯାହାକୁ ତୁମ୍ଭେମାନେ ଉପାସନା କହ ସେ ପ୍ରତିମାର ସେବା ପ୍ରମାଣ ପୁଣି ପରମେଶ୍ୱରଙ୍କ ଉପାସନା ନ ହୁଅଇ । ଭ୍ରାନ୍ତ ହୁଅ ନାହିଂ ଈଶ୍ୱର ଭଣ୍ଡା ନ ଯାନ୍ତି ଯେଉଂଜଣ ଯାହା ବୁଣଇ ତାହାର ଫଳ ପାଇବ । ସେଇ ଆତ୍ମସ୍ୱରୂପ ପୁଣି ଅତ୍ମରେ ଓ ସତ୍ୟତାରେ ତାହାଙ୍କର ଉପାସନା କରି ସମସ୍ତଙ୍କର କର୍ତ୍ତବ୍ୟ ।

ଇତି

No. 15.

WHAT FELLOWSHIP HATH

# LIGHT WITH DARKNESS?

## ଅନ୍ଧାରର ସହିତ ଅଲୁଅର କି ମିଳଣ ।

ପରମେଶ୍ୱରଙ୍କର ଉପାସନାରୁ ବିମୁଖ ହୋଇ ଦେବତାର ଢି ଗୁଳୀର ଆରାଧନାରେ ଆବଦ୍ଧ ହୁଅନ୍ତି ଯେଉଂ ସମସ୍ତ ପଣ୍ଡିତମାନେ ସେମାନେ କଅବା ସେମାନଙ୍କର ପ୍ରିୟ ପାତ୍ରମାନେ ଅମ୍ଭମାନଙ୍କୁ ଯେବେ ପଚାରନ୍ତି ପୌତ୍ତଳିକର ସହିତ ତୁମ୍ଭ ଏତେ ଅନ୍ତଃକରଣର ଅନୈକ୍ୟ କିପାଇଁ । ତାହାର ଉତ୍ତର ଆମ୍ଭେମାନେ ସତ୍ୟସ୍ୱରୂପ ଏହି ଦେବା ଯେ ଯାହାର ସହିତ ପରମାର୍ଥେ ପୁଣି ଲୌକିକ ବ୍ୟବହାରରେ ଉଦୟାଚଳ ଅସ୍ତାଚଳର ନ୍ୟାୟ ପରସ୍ପର ଅନ୍ତର ହୁଅଇ ତାହାର ସହିତ ଅନ୍ତଃକରଣର ଐକ୍ୟ ହେବାର କୌଣସି ସମ୍ଭାବନା ହୁଅଇ ନାହିଂ । ତାହାର ବିଷୟରେ ଏହି । ଆମ୍ଭେମାନେ ଯାହାଙ୍କୁ ବିଶୁଦ୍ଧ ସର୍ବବ୍ୟାପକ ଅବିନାଶି ପରମେଶ୍ୱର ଜାଣି ତାହାଙ୍କୁ ତୁମ୍ଭେମାନେ କେତେବେଳେ ଜନ୍ମର ଅପବାଦ କେତେବେଳେ ମରଣର ଅପବାଦ କେତେବେଳେ ବ୍ୟଭିଚାରର ଅପବାଦ କେତେବେଳେ ଚୋରର ଅପବାଦ କେତେବେଳେ ଯୁଦ୍ଧ ଓ କାମ କ୍ରୋଧାଦିର ଅପବାଦ ଦେଇ ଥାଅ ଏଥିରେ ତୁମ୍ଭ

ମାନଙ୍କର ସହିତ କପଟେ ଅନ୍ତଃକରଣର ପ୍ରୀତ ଜନ୍ମିବାକୁ ପାରଇ ଏହି ଋଷି ବାକ୍ୟରେ ପୂର୍ବରୁ ପ୍ରକାଶ ଅଛି । ଯଥା ।

ଜନାପବାଦଂ ଚଦ୍ରୋହଂ ଚୌର୍ଯ୍ୟଂଦାରଭି ମର୍ଷଣଂ ।
ବୀଭତ୍ସଂ ମରଣଂ କ୍ଷୋଭଂ କୁକ୍ରିୟା ବିବିଧାଃକଲୌ ।
ପାଷାଣ୍ଡିନୋ ଭିଧାସ୍ୟନ୍ତି ବିଶୁଦ୍ଧେ ପରମାତ୍ମନି ।

କଳିକାଳରେ ବିଶୁଦ୍ଧ ସ୍ୱରୂପ ପରମାତ୍ମାରେ ପାଷଣ୍ଡି ବ୍ୟକ୍ତି ସମସ୍ତ ଜନ୍ମ ଓ ଦ୍ରୋହ ଓ ମିଥ୍ୟା କେବୋ ଓ କାମ କ୍ରୋଧ ଚୈର୍ଯ୍ୟ ପରଦାରାଦିଗମନ ଓ ମରଣ ଓ କ୍ଷୋଭ ଇତ୍ୟାଦି ନାନା ପ୍ରକାର କୁକ୍ରିୟା ସମସ୍ତର ଉଲ୍ଲେଖ କରିବେ ।

ତୁମ୍ଭମାନଙ୍କର ନାନା ବିଧ ଦୁଃଖ ଦେଖି ଦୟା ଅବଶ୍ୟ ହୁଅଇ ଅର୍ଥାତ ଆହାରର ସାମଗ୍ରୀ ଥିଲେହେଂ ଓ ଆହାର ନ କଲେ ଈଶ୍ୱରଙ୍କର ତୁଷ୍ଟି ହୋଇବ ଏହା କହି ଆହାର ନ କର । ସମୟ ହୋଇଲେ ବାରବେଳା ଓ କାଲବେଳା ଇତ୍ୟାଦି ବିଡମ୍ବନା କର୍ମେ ନିବୃତ୍ତ ହୋଇ ବ୍ୟର୍ଥ କାଲ ଯାପନ କର । ଦାନର ପାତ୍ର ଯେ ସେ ସତ୍କ୍ରିୟାନ୍ୱିତ ଦରିଦ୍ର ତାହାଙ୍କୁ ନ ଦେଇ ଅତ୍ୟନ୍ତ ଅଭିମାନଯୁକ୍ତ ଧନବାନ ପ୍ରତାରକମାନଙ୍କୁ ଦିଅ । ସୁଗନ୍ଧି ପୁଷ୍ପାଦି ବସ୍ତୁ ସମସ୍ତ ଯାହାର ଆଘ୍ରାଣ ଶକ୍ତି ଅଛନ୍ତି ତାହାକୁ ନ ଦେଇ କେତେ ବେଳେ ତାମ୍ରକୁଣ୍ଡେ କି ନଦୀରେ କି ଅଚେତନ ବସ୍ତୁରେ ପକାଇ ବିନଷ୍ଟ କର । ଶୀତକାଳରେ ଜଳ ଘଟିତ ଦୁଃଖ ଗ୍ରୀଷ୍ମକାଳରେ ଅଗ୍ନି ଦ୍ୱାରା ଦୁଃଖ ଇଚ୍ଛାରେ ଗ୍ରହଣ କର । ଯେଉଂ ମୂର୍ତ୍ତିକୁ ତୁମ୍ଭେମାନେ ଈଶ୍ୱର ବୋଲି ବୁଝ ତାହାକୁ ଶୀତକାଳରେ କେଜାଣି ଶୀତରେ ଦୁଃଖ ପାଏ ଏନିମନ୍ତେ ତାହାକୁ ଶୀତବସ୍ତ୍ର ଦେଇ ଘୋଡାଅ ଗ୍ରୀଷ୍ମକାଳରେ ପଁଖା କର ଓ ମଶାଦିର ଭୟରେ ତାହାକୁ ରାତ୍ରି କାଳରେ ମଶୁରିର ଭିତରେ ରଖ । ଈଶ୍ୱର ଏସ୍ଥାନରେ ନା

ହାନ୍ତି ଅମୁକ ସ୍ଥାନରେ ଅଛନ୍ତି ଏହି ଭୁଲନାରେ କେତେବେଳେ ନାନା ଦେଶରେ ଭ୍ରମଣ ଦ୍ୱାରା ଅତି କ୍ଲେଶ ପାଅ କାହାର ତ ହିଂରେ ମୃତ୍ୟୁ ହୁଅଇ । ଦିନ ରାତି ମନର କଳ୍ପିତ ଭୟରେ ଅର୍ଥାତ ଭୂତାଦିର ଭୟରେ ଭୀତ ହୁଅ । ଉତ୍ତମ ଜଳ ହୋଇଲେ ପଙ୍କ ଓ ମଳ ସହିତ କ୍ଷାର ଯୁକ୍ତ ପାଣି ପାନ କରି ଓ ତହିଂରେ ନାନାଦି ରୋଗ ଜନ୍ମଇ । କୌଣସି୨ ସମୟରେ ତୁମ୍ଭମାନଙ୍କର ଏକ୨ ଜଣ ଅନେକ ବିଭା ହୋଇ ସେ ସମସ୍ତ ସ୍ତ୍ରୀଙ୍କୁ କେବଳ ଦୁଃଖରେ ଓ ଅଧର୍ମର ଓ କଲଙ୍କର ପାତ୍ର କରଇ ପୁଣି ଅପଣମାନେ ମନ ସ୍ତାପ ପାଅ । କୋଡିଏ ଅବା ପଚିଶି ଟଙ୍କା ଯାହା ଗୋଟିଏ ଘୋଡାର ମୂଲ୍ୟ ନୋହେ ତାହାର ଦ୍ୱାରା ପଥରର କି ଅବା ମୃତ୍ତିକାର ଦିଣ୍ଡ କିଣି ଆପଣାର ଈଶ୍ୱର ବୋଲ । ଆଉ ଯେ ଅହଙ୍କାରଠାରୁ ନିନ୍ଦିତ କୌଣସି ବସ୍ତୁ ନାହିଂ ତହିଂରେ ମିଥ୍ୟା ଓ ପ୍ରତାରଣାରେ ପରିପୂର୍ଣ୍ଣ ଯେଉଂ ଦାମ୍ଭିକ ଜନ ସମସ୍ତ ତାହାକୁ ଗୁରୁ କରି ଜାଣ । ଆଉ ପୁଣି ସୂର୍ଯ୍ୟସିଦ୍ଧାନ୍ତ ଇତ୍ୟାଦି ଜ୍ୟୋତିଷ ଶାସ୍ତ୍ର ଯହିଂରେ ପୃଥିବୀକୁ ଗୋଲ ଓ ଶୂନ୍ୟ ସ୍ଥାୟି ଓ ପୃଥିବୀର ଛାୟା ଦ୍ୱାରା ଚନ୍ଦ୍ରର ଗ୍ରହଣ ହୁଅଇ କହି ଅଛନ୍ତି ପୁଣି ସୂର୍ଯ୍ୟର ଉତ୍ତାପରେ ଜଳ ଆକର୍ଷଣ ହୋଇ ବୃଷ୍ଟିଆଦି ହୁଅଇ ଏହା ବର୍ଣ୍ଣନା ଅଛି ସେ ସବୁ ଗ୍ରନ୍ଥର ଉପଦେଶ ନ ଦେଇ ପୁରାଣାଦି ଯହିଂରେ ଇତିହାସ ଛଳେ ଧର୍ମ ଓ ନୀତିର କଥନ ତାତ୍ପର୍ଯ୍ୟ ହୋଇ ଅଛି ତାହାର ଇତିହାସକୁ ଧରି ଉପଦେଶ ଦିଅ ଅର୍ଥାତ କହ ଯେ ପୃଥିବୀ ତ୍ରିକୋଣ ଓ ସର୍ପର ମୁଣ୍ଡରେ ଅଛି ଚନ୍ଦ୍ର ସୂର୍ଯ୍ୟର ଶତ୍ରୁ ହୋଇ ରାହୁ ତାହାଙ୍କୁ ଗ୍ରାସ କରନ୍ତି ମେଘ ଓ ମେଘର ସ୍ତ୍ରୀ ଏମାନେ ସମସ୍ତେ ବୃଷ୍ଟି କରନ୍ତି ପୁଣି ମେଘର ଯେ ଗର୍ଜନ ଦ୍ୱାରା ଶବ୍ଦ ହେଲେ କହ ଯେ ଦେବତାମାନେ ଗର୍ଜନ କରୁଛନ୍ତି ହଠାତ୍ ଛିଙ୍କିଲେ ଓ ଟିକ୍ଟିକି ଶବ୍ଦ କଲେ କହ ଯେ ଏ ସମୟରେ ପ୍ରବୃତ୍ତ ହୋଇଲେ ଅ

ମଙ୍ଗଳ ହୋଇବ । ଏହିରୂପେ ହଜାର ପ୍ରକାର ଅଜ୍ଞାନତାର ବ୍ୟବହାର କରିବାକୁ ପୁଣି ତାହାର ପରସ୍ପର ଉପଦେଶ କରିବାକୁ ତୁମ୍ଭମାନଙ୍କୁ ସର୍ବଦା ଦେଖି କଷ୍ଟପୃ ମନୁଷ୍ୟାକାର ଜଣକୁ ଏରୂପ ଜଗତର ବ୍ୟବହାର କରିବାକୁ ଦେଖିଲେ ମନସ୍ତାପ ହୁଅଇ ।

ଆଉ ତୁମ୍ଭମାନଙ୍କର ସହିତ ଅନ୍ତଃକରଣର ଅନୈକ୍ୟର କାରଣ ଏହି ଯେ ତୁମ୍ଭେମାନେ ଯାହାକୁ କର୍ତ୍ତବ୍ୟ ଧର୍ମ ଜାଣ ଓ ତୁମ୍ଭମାନଙ୍କର ଆରାଧନାରେ ଯେ ସମସ୍ତ କ୍ରିୟା ତାହାକୁ ଆମ୍ଭେମାନେ ନିତାନ୍ତ ଅଧର୍ମ କରି ଜାଣି । ତାହାର ବିବରଣ ଏହି ଯେ ତୁମ୍ଭେମାନେ ମୃତ୍ତିକା ପାଷାଣ ବୃକ୍ଷ ପଶୁ ପକ୍ଷିମାନଙ୍କୁ ଈଶ୍ୱର ଜ୍ଞାନ କର ଆମ୍ଭେମାନେ ତାହା ନ କରି । ତୁମ୍ଭେମାନେ ହସ୍ତ ପାଦାଦି ଭଙ୍ଗିମାକୁ ଓ ନାଚ ଓ ଖେଳାକୁ ପୁଣି ଗଳାରେ କାଷ୍ଠାଦି ଧାରଣକୁ ଓ ଚନ୍ଦନାଦିର ଅଳକା ତିଳକକୁ ପୁଣ୍ୟର ହେତୁ ଜାଣ ଆମ୍ଭେମାନେ ତାହା ନ ଜାଣି ।

ତୁମ୍ଭେମାନେ ସ୍ଥାନ ବିଶେଷର ଜଳକୁ ଓ ଧୂଳିକୁ ଓ ପଙ୍କକୁ ପାନ ଓ ଦେହରେ ଧାରଣ କଲେ ପୁଣ୍ୟ ହୁଅଇ ବୋଲି କହ ଆମ୍ଭେମାନେ ତାହା କହୁ ନା ।

ତୁମ୍ଭେମାନେ ସ୍ଥାନ ବିଶେଷରେ ଅନ୍ନକୁ ଅପରିଷ୍କାର ସ୍ଥାନରେ ଓ ଅପରିଷ୍କାର ହସ୍ତରେ ଅତିପବିତ୍ର ଓ ପୁଣ୍ୟଜନକ ଜାଣି ଖାଅ ଆମ୍ଭେମାନେ ତାହା ସ୍ୱୀକାର କରୁ ନା । ଆଉ ତୁମ୍ଭମାନଙ୍କର କୌଣସି ମତାବଲମ୍ବିମାନେ କେବଳ ମାଦକ ସାମଗ୍ରୀର ଭୋଜନ ଓ ଜୀବ ହିଂସାକୁ ଓ ରକ୍ତ ଉତ୍ସବକୁ ପରମାର୍ଥ ସାଧନ ଜାଣନ୍ତି ଆମ୍ଭେମାନେ ତାହା ଜାଣି ନା । ତୁମ୍ଭମାନଙ୍କର କୌଣସି ମତାବଲମ୍ବିମାନେ ଶରୀର ବାହ୍ୟ ଅପବିତ୍ର ଭୋଜନକୁ ପୁଣ୍ୟରୂପ କହନ୍ତି ତାହା ଆମ୍ଭେମାନେ ଧର୍ମରୂପରେ କହୁ ନା । ପୁଣି ସ୍ତ୍ରୀ ଲୋକଙ୍କୁ ଅଗ୍ନି ଦ୍ୱାରା ହତ୍ୟା କରିବାର ଓ ବୃଦ୍ଧ ମାତା ଓ ପିତାକୁ ଜଳରେ ବୁ

ତାର ପଥର ଇତ୍ୟାଦିରେ ଘଷି ଘର୍ଷଣ କରି ବଧ କରିବାର ତୁମ୍ଭେମାନେ ତାହାକୁ ଧର୍ମ ବୋଲି କହ ଆମ୍ଭେମାନେ ତାହାକୁ ଘୋର ବଧ କହୁ । ଅନେକ ଲୋକଙ୍କୁ ଗଦା କରି ଦାନ କରିବାର ଯାହାକୁ ତୁମ୍ଭେମାନେ ଧର୍ମ ବୋଲି କହ ଅମ୍ଭେମାନେ ତାହା ନ ବୋଲୁ । ଶଂଖ ଘଣ୍ଟାର ବାଦ୍ୟ ଓ ନୃତ୍ୟ ଫୁଟୁକି ଇତ୍ୟାଦିକୁ ତୁମ୍ଭେମାନେ ଧର୍ମ କହ ତାହା ଅମ୍ଭେମାନେ ନ ମାନୁ । ଉପାସନାଦି ବିଶେଷେ ନାନା ବିଧ ବ୍ୟଭିଚାରକୁ ତୁମ୍ଭେମାନେ ଧର୍ମ କହ ତାହା ଆମ୍ଭେମାନେ ଅଧର୍ମ କହୁ । ଏନିମନ୍ତେ ହେ ଭାଇମାନେ ସମସ୍ତେ ଚେତନ ରହିତ ଅତ୍ୟନ୍ତ ଜଡ ପିତୁଳା ଖେଳା ତ୍ୟାଗ କରି ପରମେଶ୍ୱରଙ୍କୁ ସର୍ବବ୍ୟାପୀ ସମସ୍ତ କାୟମନୋବାକ୍ୟର ସାକ୍ଷୀରୂପରେ ବିଶ୍ୱାସ କରି ପୁଣି ତାହାର ଯେ ନିୟମ ତଦନୁସାରେ ଆଚରଣ କର ।

ଦେଖ ଧର୍ମପୁସ୍ତକରେ ଲେଖା ଯେ ଏ ଜଗତ ଓ ତାହାର ମଧ୍ୟସ୍ଥିତ ସମସ୍ତ ଦ୍ରବ୍ୟକୁ ସୃଷ୍ଟି କଲେ ଯେ ଈଶ୍ୱର ସେ ସ୍ୱର୍ଗ ଓ ପୃଥିବୀର ପ୍ରଭୁ ହୋଇ ହସ୍ତକୃତ ମନ୍ଦିରରେ ବସତି କରନ୍ତି ନାହିଁ ପୁଣି ଜୀବନ ନିଶ୍ୱାସ ଓ ପ୍ରଶ୍ୱାସ ଓ ସମସ୍ତ ଦ୍ରବ୍ୟ ସମସ୍ତଙ୍କୁ ଦିଅନ୍ତି ଏନିମନ୍ତେ ସେ ଯେ କୌଣସି ଦ୍ରବ୍ୟର ଅଭାବ ସକାଶେ ମନୁଷ୍ୟର ହସ୍ତଦତ୍ତ ଦ୍ରବ୍ୟରେ ସେବିତ ହୁଅନ୍ତି ଏମନ୍ତ ନୋହେ ଅର୍ଥାତ୍ ଦୁବଘାସ ଓ ଫଳ ଫୁଲ ସୁନା ରୂପା ଇତ୍ୟାଦି ବସ୍ତୁ ତାହାଙ୍କ ନିକଟରେ ଉତ୍ସର୍ଗ କଲେ ତାହାଙ୍କର କିଛି ତୁଷ୍ଟି ହୁଅଇ ନାହିଁ ।

ଈଶ୍ୱର ଆତ୍ମସ୍ୱରୂପ ଅଛନ୍ତି ଏନିମନ୍ତେ ତାହାଙ୍କୁ ଭଜନ କରିବାକୁ ଗଲେ ସତ୍ୟରେ ଓ ଆତ୍ମରେ ତାହାଙ୍କର ଭଜନା କରିବାର ଅମ୍ଭମାନଙ୍କର ଉଚିତ ।

ଆଉ ମନୁଷ୍ୟ ସ୍ୱଭାବତ ପାପୀ ଓ ମନୁଷ୍ୟର କ୍ରିୟା ପାପରେ ପୂର୍ଣ୍ଣ ଏନିମନ୍ତେ ନିଜ କ୍ରିୟାରେ ପରିତ୍ରାଣ ନାହିଁ ପୁଣି ସ୍ୱପାପ ଦେଖି ଖେଦାନ୍ୱିତ ହୋଇ ଖ୍ରୀଷ୍ଟର ନାମରେ କ୍ଷମା ପ୍ରାର୍ଥନା କଲେ ହେବ

ଅଉ ଈଶ୍ୱର ଏହି ସ୍ଥାନରେ ନାହାନ୍ତି ଅମୁକ ସ୍ଥାନରେ ଅଛନ୍ତି ଏହି ମାତ୍ର ଭୁଲନ କଥା ଯେହେତୁ ଈଶ୍ୱର ଆମ୍ଭମାନଙ୍କର କୌଣସି କାହାରଠାରୁ ଦୂର ନ ହୁଅନ୍ତି ପୁଣି ତାହାଙ୍କ ମଧ୍ୟରେ ଆମ୍ଭେମାନେ ଯାଆସ କରୁ ଓ ଥାଉ ଓ ବଂଚୁ । ସେ ସ୍ୱର୍ଗ ଓ ପୃଥିବୀ ପରିପୂର୍ଣ୍ଣ କରନ୍ତି ।

ପୁନଶ୍ଚ ଏକ ଦେଶସ୍ଥ ଲୋକଙ୍କୁ ଆଦର କରିବାକୁ ଓ ଅନ୍ୟ ଦେଶସ୍ଥ ଲୋକଙ୍କୁ ଅନାଦର କରିବାକୁ ଏହି ଅଧର୍ମର କାରଣ ଯେହେତୁ ପୃଥିବୀର ଉପରେ ବାସ କରିବାର ପାଇଁ ସେ ଏକରକ୍ତ ଦେଇ ସମସ୍ତ ଜାତୀୟମାନଙ୍କୁ ସୃଷ୍ଟି କରିଅଛନ୍ତି ଓ ପ୍ରତି ଜନର ବସତିର ସୀମା ନିରୂପଣ କରିଅଛନ୍ତି ।

ଅଉ ତୁମ୍ଭମାନଙ୍କର କୌଣସି କବି କହିଅଛି ଯେ ଅମ୍ଭେମାନେ ତାହାଙ୍କର ବଂଶ ଅଟୁଁ, ଏନିମନ୍ତେ ଅମ୍ଭେମାନେ ଈଶ୍ୱରଙ୍କର ବଂଶ ଯେବେ ହୋଇ ତେବେ ମନୁଷ୍ୟର କୌଶଲ ଓ ଜ୍ଞାନ ଦ୍ୱାରା ଖୋଲା ସୁନା କି ରୂପା କି ପଥରର ପରି ଯେ ଈଶ୍ୱର ହୁଅନ୍ତି ଏ ଭାବନା ଆମ୍ଭମାନଙ୍କର କର୍ତ୍ତବ୍ୟ ନ ହୁଅଇ । ଈଶ୍ୱର ଏ ଅଜ୍ଞାନ କାଳରେ ଦେଖି ନ ଦେଖାର ମତି କଲେ ପୁଣି ଏବେ ସମସ୍ତ ସ୍ଥାନରେ ସମସ୍ତ ଲୋକଙ୍କ ମନ ଫେରାଇବାକୁ ଆଜ୍ଞା ଦିଅନ୍ତି ।

ପରମେଶ୍ୱର ସମସ୍ତଙ୍କର ପିତା ହୁଅନ୍ତେ ମନୁଷ୍ୟ ସମସ୍ତ ତାହାଙ୍କର ସନ୍ତାନ । ମାତ୍ର ଅତ୍ୟନ୍ତ ଖେଦର ବିଷୟ ଏହି ଯେ ମନୁଷ୍ୟ ସବୁ ଏହି ସତ୍ୟ ପରମ ଦୟାଳୁ ପିତାକୁ ଛାଡି ନାନାଦି ମିଥ୍ୟା କଳ୍ପିତ ପିତା ଅର୍ଥାତ୍ ଦେବତାକୁ ନିର୍ମାଣ କରିଅଛନ୍ତି । ଏଣୁ ଈଶ୍ୱର ଆପେ କହନ୍ତି ହେ ସ୍ୱର୍ଗ ଶୁଣ ହେ ପୃଥିବୀ ଅବଧାନ କର ଅମ୍ଭେ ପିଲ୍ଲମାନଙ୍କୁ ପ୍ରତିପାଳଣ ଓ ପ୍ରତିପୋଷଣ କରିଅଛୁଁ ପୁଣି ସେମାନେ ଅମ୍ଭର ବିରୁଦ୍ଧରେ ଦ୍ରୋହ କରିଛନ୍ତି । ଗୋରୁ ଆପଣା ସ୍ୱାମିକୁ ଓ ଗଧ ଆପଣା ପ୍ରଭୁର ଦାନାଡଙ୍ଗା ଚିହ୍ନଇ ମାତ୍ର ଅମ୍ଭର ଲୋକ

ଅମ୍ଭୃକୁ ନ ଜାଣନ୍ତି ସେମାନେ କିଛି ବିବେଚନା ନ କରନ୍ତି । ତେବେ ହେଁ ପରମେଶ୍ୱର ପାପିମାନଙ୍କର ପ୍ରତି ସର୍ବଦା ଦୟା ଦେଖାଇ ନାନାଦି ଉତ୍ତମ ପଦାର୍ଥ ଦିଅନ୍ତି । ସେ ଆହୁରି କହନ୍ତି ଆମ୍ଭର ଥିବାର ପ୍ରମାଣେ ବୋଲି ଦୁରାତ୍ମର ମରଣରେ ଅମ୍ଭର କିଛି ସନ୍ତୋଷ ନାହିଁ ମାତ୍ର ଦୁରାତ୍ମର ଆପଣା କୁମାର୍ଗ ଛାଡି ବଞ୍ଚଇ ଏଥିରେ ସନ୍ତୋଷ ଅଛୁଁ, ଏଣୁ ତୁମ୍ଭେମାନେ ଫେରି ଆପଣା୨ କୁମାର୍ଗରୁ ଫେରି କିହେତୁ ମରିବ । ପୁନର୍ବାର ସେ କହନ୍ତି ଆସ ଆମ୍ଭେମାନେ ଉତ୍ତର ପ୍ରତ୍ୟୁତ୍ତର କରିବା ତହିଁରେ ତୁମ୍ଭର ପାପ ରକ୍ତବର୍ଣ୍ଣ ହେଲେ ହିମର ପରି ଧଳା ହେବ ଅବା ସିନ୍ଦୁର ପ୍ରାୟେ ରଙ୍ଗ ହେଲେହେଁ ତାହା ତୁଳାର ସମାନ ଶୁକ୍ଳବର୍ଣ୍ଣ ହୋଇବ । ଆଉ ପ୍ରଭୁ ଯୀଶୁଖ୍ରୀଷ୍ଟ ଆପଣା ଶ୍ରୀମୁଖରୁ କହିଲେ ଈଶ୍ୱର ଜଗତକୁ ଅତି ଦୟା କରି ଆପଣା ଅଦ୍ୱିତୀୟ ଜାତ ପୁତ୍ରକୁ ଦେଲେ ତେଣୁ ତାହାଙ୍କଠାରେ ଯେଉଁ ଜନ ବିଶ୍ୱାସ କରଇ ତାହାର ସର୍ବନାଶ ନ ହୋଇ ଅନନ୍ତ ପରମାୟୁର ଭୋଗ ହେବ । ସାର କଥା ଏହି । ଯେଉଁଜନ ଆପଣା ଦେବପୂଜା ଇତ୍ୟାଦି ପାପ ଦେଖି ତାହା ଲାଗି ଖେଦଯୁକ୍ତ ମନରେ ପ୍ରଭୁ ଯୀଶୁଖ୍ରୀଷ୍ଟର ନାମ ଘେନି ପିତା ପରମେଶ୍ୱରଙ୍କଠାରେ ପରିତ୍ରାଣ ମାଗଇ ସେ ଜନର ପାପ ମୋଚନ ଓ ଶାନ୍ତ ମନ ହୋଇବ । ସେ କ୍ରମଶେ୨ ପାପର ବଳରୁ ମୁକ୍ତ ପାଇ ନୂଆ ଧର୍ମ ଆଚରଣରେ ପ୍ରବୃତ୍ତି ହୋଇବ ପୁଣି ମରଣ ସମୟରେ ଈଶ୍ୱରଙ୍କ ରାଜଧାନୀରେ ଯାଇ ଅନନ୍ତ ପରମାୟୁ ଭୋଗ ପାଇବ ।

ଏଣୁ ହେ ସବୁ ସୁଜନମାନେ ଧର୍ମପୁସ୍ତକର ଏହି ନିମନ୍ତ୍ରଣ ବାକ୍ୟ ଶୁଣ ଯଥା । ଅପ୍ରତ୍ୟୟୀମାନଙ୍କର ସହିତ ଅଶୁଦ୍ଧଯୁକ୍ତ ବନ୍ଧନରେ ବନ୍ଧା ନ ହୁଅ ଯେହେତୁ ଧର୍ମ ପୁଣି ଅଧର୍ମ ଏଦୁଇରେ କି ମିଳଣ । ଅନ୍ଧକାରର ସହିତ ଦୀପ୍ତିର ଅବା କି ସମ୍ପର୍କ ଅଛି । ପୁଣି ଦେବତାର ସହିତ ଖ୍ରୀଷ୍ଟର କି ବନ୍ଧୁତା । ଓ ଅବିଶ୍ୱାସିର ସହିତ ବିଶ୍ୱାସି ଲୋ

କର କି ବାଣ୍ଟ । ପୁଣି ଈଶ୍ୱରର ମନ୍ଦିରରେଇ ଅବା ପ୍ରତିମାର କି ସମ୍ପର୍କ । ତୁମ୍ଭେମାନେ ଅମର ଈଶ୍ୱରଙ୍କର ମନ୍ଦିର ସ୍ୱରୂପ ହୋଇ ଅଛ ଯେମନ୍ତ ଈଶ୍ୱରଇ ବୋଲି ଅଛନ୍ତି ଆମ୍ଭେ ସେମାନଙ୍କର ଅନ୍ତରରେ ବାସ କରି ସେମାନଙ୍କର ସଙ୍ଗତରେ ଆଳାପ କରିବା ଅମ୍ଭେ ସେମାନଙ୍କର ଈଶ୍ୱର ହୋଇବା ଓ ସେମାନେ ଆମ୍ଭର ଲୋକ ହୋଇବେ । ଅଉ ପରମେଶ୍ୱର ବୋଲୁ ଅଛନ୍ତି ତୁମ୍ଭେମାନେ ସେମାନଙ୍କର ମଧ୍ୟରୁ ଆସି ପୃଥକ ହୁଅ ପୁଣି କୌଣସି ଅଶୁଚି ବସ୍ତୁ ନ ଅଛୁଁ ତହିଁରେ ସର୍ବ ଶକ୍ତିମାନ୍ ପରମେଶ୍ୱର ବୋଲୁ ଅଛନ୍ତି ଅମ୍ଭେ ତୁମ୍ଭମାନଙ୍କୁ ଗ୍ରାହ୍ୟ କରିବା ଓ ତୁମ୍ଭମାନଙ୍କର ପିତା ହେବା ପୁଣି ତୁମ୍ଭେମାନେ ଆମ୍ଭର ପୁତ୍ର କନ୍ୟା ହୋଇବ ।

ଇତି

No. 16.

# MEMOIR OF PI'TA'MBAR SINGH.

## ପୀତାମ୍ବର ସିଂହର ଚରିତ୍ର ।

ବଙ୍ଗଲା ଦେଶର ଜାଗୁଲି ଗ୍ରାମରେ ନିଧିରାମ ସିଂହ ନାମେ ଜଣେ ଯୋଗ୍ୟବନ୍ତ ଲୋକ ଥିଲେ ତାହାର ତିନି ପୁତ୍ର ଓ ଏକ ଦୁହିତା । ଜ୍ୟେଷ୍ଠ ପୁତ୍ରର ନାମ ପୀତାମ୍ବର ସିଂହ । ତାହାର ବୃତ୍ତାନ୍ତ ଏହି ।

ପୀତାମ୍ବର ସିଂହର ଷୋଳ ବରଷ ବୟସରେ ବିବାହ ହେଲା ତହିଁଉତ୍ତାରେ ତାହାର ଗୋଟିଏ କନ୍ୟା ଜନ୍ମିଲା । ସେହି କୋଡିଏ ବରଷ ବୟସ ସମୟରେ ଲେଖା ପଢ଼ା ବିଦ୍ୟାରେ ଉପଯୁକ୍ତ ହୋଇ କୌଣସି କର୍ମରେ ପ୍ରବୃତ୍ତ ହୋଇଲା । ଆଉ ଦାରୋଗାଗିରି କର୍ମ ପର୍ଯ୍ୟନ୍ତେ କଲା । କିଛି ଦିନ ଉତ୍ତାରେ ଜଣେ ଗୋସ୍ୱାମିର ସନ୍ନିକଟରେ ଥାଇ ରାମାୟଣ ଓ ମହାଭାରତ ପଢ଼ିଲା ପୁଣି ତହିଁରେ ଉତ୍ତମରୂପେ ନାନା ବିବେଚନା କରି ବୁଝିଲା ଯେ ଦେବତାମାନେ ଅହଂକାରୀ ଓ ହତ୍ୟାକାରୀ ଓ ଦୁଷ୍କର୍ମକାରୀ ଓ ବିରୋଧୀ । ଆଉ ଗୁରୁମାନଙ୍କର ମଧ୍ୟରେ ଅନେକେ ଧନ ଲୋଭୀ ଓ ଦୁଶ୍ଚରିତ୍ର ଓ ସର୍ବଦା ବିରୁଦ୍ଧ ପଥଗାମୀ ଇତ୍ୟାଦି ନାନା ପ୍ରକାର ବିବେଚନା କରି ସାର ବୁଝିଲା ଯେ ଏହି ପଥ ଅତି ମନ୍ଦ ଓ ମିଥ୍ୟା । ଏନିମନ୍ତେ ଏହାକୁ ଛାଡିବାର କର୍ତ୍ତବ୍ୟ ।

ଏହି ପ୍ରକାର ଆଉ ଅନେକ ଲୋକ ବୁଝନ୍ତି ପୁଣି ସେମାନେ ଦେବପୂଜକମାନଙ୍କର ଉପୃରେ ପୂଜା ଆରାଧନାଦି କରନ୍ତି ଏହା ପ୍ରତ୍ୟକ୍ଷ ଦେଖା ଯାଏ । ତେବେହେଁ ସେମାନେ ଜାଣନ୍ତି ଯେ ଏହି ପଥେ ରହିଲେ କେତେବେଲେ ପରିତ୍ରାଣ ପ୍ରାପ୍ତ ନ ହୁଅନ୍ତି ।

ପୀତାମ୍ବର ସିଂହ ଏହିରୂପେ ବିବେଚନା କରି ବିଦ୍ୟାରେ ଜ୍ଞାନରେ ଅନେକ ଲୋକର କତରେ ମାନ୍ୟ ହୋଇଲେ । ଏଥିମଧ୍ୟରେ ବିରିଇ ଗ୍ରାମରେ ଯାଇ ଅପାର ଲୋକମାନଙ୍କୁ ଶିକ୍ଷା ଦେଉଁ ସମ୍ମାନ୍ତ ହେଲେ । ଆଉ ଅନେକେ ତାହାଙ୍କୁ ମାନ୍ୟ କରନ୍ତେ ।

ସନ ୧୨୦୫ ଶାଲେ ଇଂରାଜୀ ୧୭୯୯ ଶାଲେ ଶ୍ରୀଯୁକ୍ତ ଓଅର୍ଡି ସାହେବ ବଙ୍ଗ ଭାଷାର ଲେଖିତ କେତେ ଧର୍ମପୁସ୍ତକ ସଙ୍ଗରେ ଘେନି ସ୍ଥାନେ ଈଶ୍ବରଙ୍କର କଥା ପ୍ରକାଶ କରି ନାଅରେ ସୁନ୍ଦରବନ ଦେଇ ଯାନ୍ତେ ତାହାଙ୍କଠାରୁ ଜଣେ ମନୁଷ୍ୟ ଧର୍ମପୁସ୍ତକର ଖଣ୍ଡେ ପାଇ ପୀତାମ୍ବରଙ୍କୁ ଦେଇ ସବୁ ବୃତ୍ତାନ୍ତ କହିଲା ତାହା ଶୁଣି ପୀତାମ୍ବର ତାହାଙ୍କୁ ଅନୁଯୋଗ କରି କହିଲା ଯେ ଏ ପୁସ୍ତକ ପକାଇ ଦିଅ । ଦେଖ ଇଂଗ୍ଲଣ୍ଡୀୟ ଲୋକଠାରୁ ଧର୍ମ ବିଷୟରେ ଜ୍ଞାନୋଦୟ କେବେହେଁ ହେବାକୁ ନ ପାରଇ । ଅନନ୍ତରେ ପୀତାମ୍ବର ସିଂହ ରାତ୍ରି କାଲରେ ମନେ ବିଚାର କଲା ସେହି ପୁସ୍ତକର ଭାବ ନ ଜାଣି ଆମ୍ଭେ ଅନୁଯୋଗ କରିଅଛୁଁ ଏହି ଅନୁଚିତ ତାହା ପଢ଼ିବାକୁ କର୍ତ୍ତବ୍ୟ ହେବ । ଏହିରୂପେ ଚିନ୍ତା କରି ପ୍ରଭାତ ହୋଇବା ମାତ୍ରରେ ସେହି ମନୁଷ୍ୟର କତକ ଜଣେକକୁ ପଠାଇ ପୁସ୍ତକ ଘେନାଇ ଅଣିଲା । ପୁଣି ତାହା ପଢ଼ିଁ ବିବେଚନା କରି ଦେଖିଲା ଯେ ଏହି ଅତି ଉତ୍ତମ ଏଥିରେ ସତ୍ୟ ପରିତ୍ରାଣ ବିଷୟରେ ଅଛି । ତହୁଁରେ ପୀତାମ୍ବର ଭାବିଲା ଯେ ଏହି ପୁସ୍ତକ ଦାତା ସାହେବର ସଙ୍ଗରେ ସାକ୍ଷାତ କରିବାର ଅବଶ୍ୟକ ଅଛି ପୁଣି ଦେଖା ନ ପାଇ

ଉତ୍କଣ୍ଠିତ ହୋଇ ପୁସ୍ତକ ଦେଖୁ ଦେଖନ୍ତେ ଯେ ପୁସ୍ତକର ଶେଷରେ ଲେଖା ଅଛି ଯେ ଶ୍ରୀରାମପୁରରେ ଛପା ହୋଇଅଛି ।

ଏନିମନ୍ତେ ସେ ପ୍ରଥମରେ ଶ୍ରୀରାମପୁରରେ ଆସି ସେହି ପୁସ୍ତକ ହାତରେ କରି ପଚାରିବାକୁ ଲାଗିଲା ଯେ ଏହି ପୁସ୍ତକ କେଉଂ ସାହେବ ଦେଇଛନ୍ତି । ଏଥିରେ ଖ୍ରୀଷ୍ଟିୟାନ ଲୋକମାନଙ୍କର ସଙ୍ଗରେ ସାକ୍ଷାତ୍ ହୋଇଲେ ସେମାନେ ତାହାଙ୍କୁ ପୁସ୍ତକର ବିଷୟ ଅର୍ଥ କରି ଇଶ୍ୱରଙ୍କର ପ୍ରସଙ୍ଗ ନାନା ଧର୍ମ ବାକ୍ୟ କହିଲେ । ତାହା ଶୁଣି ପୀତାମ୍ବର ମହା ହୃଷ୍ଟଚିତ୍ତ ହୋଇଲା । ପୁଣି କଛି ଦିନ ରହି ଖ୍ରୀଷ୍ଟିୟାନମାନଙ୍କର ପଥ ଅତି ଉତ୍ତମ ଏହା ଏମନ୍ତ ଦୃଢ଼ ବୁଝିଲା ଯେ ସେ ଜାତି କୁଳର ବିଷୟରେ ଧର୍ତ୍ତବ୍ୟ ନ କରି କୃଷ୍ଣ ନାମେ ଜଣେ ଖ୍ରୀଷ୍ଟିୟାନ ଭାଇଙ୍କର ଘରରେ ଭୋଜନ ପାନାଦି କଲା । ଆଉ ସେ ଏମନ୍ତ ସାହସିକ ଯେ ସେ କହିଲା ଆମ୍ଭେ ଯେବେ ସମସ୍ତ ବିଷୟ ହରାଇ ତେବେହେଂ ମଙ୍ଗଲ ସମାଚାର ଗ୍ରହଣ କରି ଖ୍ରୀଷ୍ଟିୟାନ ହେବା । ଏଥିଉତ୍ତାରେ ସେ ନିଜ ଘରକୁ ଯାଇ ଯାହା ଦେଖିଥିଲା ଓ ଶୁଣି ଥିଲା ସେ ସବୁ କଥା ଆପଣା ସ୍ତ୍ରୀକୁ ଓ ବନ୍ଧୁମାନଙ୍କୁ ସମସ୍ତ କହିଲା । ଅନନ୍ତରେ ଶ୍ରୀରାମପୁରରେ ପୁନରପି ଆସି ପ୍ରକାଶ ରୂପେ ସତ୍ୟ ଧର୍ମ ଗ୍ରହଣ କଲା ।

କଛି ଦିନ ଉତ୍ତାରେ ପୀତାମ୍ବର ସିଂହ ଧର୍ମ ଶିକ୍ଷାରେ ନିପୁଣ ହୋଇ ଶ୍ରୀରାମପୁରରେ ବଙ୍ଗଲା ପାଠଶାଳାରେ ଥାଇ ଶିକ୍ଷା କରାଇବାକୁ ଲାଗିଲା ପୁଣି ଖ୍ରୀଷ୍ଟର ମଙ୍ଗଲ ସମାଚାର ପ୍ରଚାରିବା ପାଇଁ ଅତ୍ୟନ୍ତ ଚିନ୍ତିତ ହୋଇଲା । ଆଉ ସେ ଆପଣା ଶକ୍ତି ଅନୁସାରେ ଖ୍ରୀଷ୍ଟ ବିଷୟକ ଖଣ୍ଡେ ପୁସ୍ତକ ରଚନ କରି ତାହାର ନାମ ସତ୍ୟାଶ୍ରୟ ଦେଲା ।

ପୀତାମ୍ବର ସିଂହ ଧର୍ମପୁସ୍ତକରେ ବିବେଚନା କରି ବୁଝିଲେ ଯେ ମୃତ୍ୟୁର ଉତ୍ତାରେ ମହା ବିଚାର ଦିନ ହେବ ପୁଣି ଦେବତାମାନଙ୍କର

ଓ ଗୁରୁମାନଙ୍କର ଓ ବ୍ରାହ୍ମଣମାନଙ୍କର ସେବାରେ କିଅବା ଶ୍ରାଦ୍ଧ ତୀର୍ଥଯାତ୍ରା ଗଙ୍ଗାସ୍ନାନ ଇତ୍ୟାଦି କର୍ମରେ ପରିତ୍ରାଣ ହେବାକୁ ନ ପାରିଇ ଯେହେତୁ ଏହି ଗୁଡ଼ାକ କର୍ମ ବିଫଳ । ଓ ଅଜ୍ଞାନତା ସେହି କର୍ମର ମୂଳ ହୁଅଇ । ତହିଂରେ ପ୍ରମାଣ ଧର୍ମପୁସ୍ତକରେ ଖ୍ରୀଷ୍ଟର ବଚନ ଯଥା । ହେ ସମସ୍ତ ପାତକି ଲୋକ ତୁମ୍ଭେମାନେ ଅସ ଅମ୍ଭେ ତୁମ୍ଭମାନଙ୍କର ପାପ କ୍ଷମା କରିବା ଓ ଧର୍ମୀଗୁ ଦେବା ଓ ଅମ୍ଭେ ଯେ ପାପିମାନଙ୍କର ପାଇଁ ପ୍ରାଣ ଦେଲୁଁ ତହିଂରେ ବିଶ୍ୱାସ କରି ତେବେ ତୁମ୍ଭେମାନେ ପରିତ୍ରାଣ ପାଇବ । ପୁଣି ଯୀଶୁ ଖ୍ରୀଷ୍ଟ ଯେ ସତ୍ୟାଶ୍ରୟ ଏହା ଜାଣିବ ।

ସମସ୍ତ ଖ୍ରୀଷ୍ଟିୟାନ ଭାଇ ଲୋକ ଦେଖିଲେ ଯେ ପୀତାମ୍ବର ସିଂହ ଜ୍ଞାନବନ୍ତ ଓ କଡ଼ାନ୍ତ ସତ୍ୟ ଖ୍ରୀଷ୍ଟିୟାନ ଅଟଇ । ଏଥିପାଇଁ ସେମାନଙ୍କର ଇଚ୍ଛା ହୋଇଲା ଯେ ସେ ସୁଖସାଗର ଗ୍ରାମରେ ଯାଇ ଈଶ୍ୱରଙ୍କର ମଙ୍ଗଳ ସମାଚାର ପ୍ରଚାର କରନ୍ତୁ । ତେଣୁ ପୀତାମ୍ବର ଆନନ୍ଦିତ ହୋଇ ସୁଖସାଗରେ ଗଲା । ପୁଣି ତାହାର ଇଚ୍ଛା ଏହିରୂପ ଥିଲା ଯେ ସବୁ ଲୋକ ଖ୍ରୀଷ୍ଟିୟାନ ହୁଅନ୍ତୁ । ଏହିପ୍ରକାର ଲୋକମାନଙ୍କୁ କହିଲା । ପୁଣି ସେମାନେ କେହି ମଙ୍ଗଳ ସମାଚାର ଗ୍ରହଣ ନ କରି ତାହାକୁ ନାନାଦି ଥଟ୍ଟା ବିଦ୍ରୂପ କରିବାକୁ ଲାଗିଲେ । ଅନନ୍ତରେ ପୀତାମ୍ବର ସିଂହ ସେଠାରେ ଖଣ୍ଡେ ଘର କରି ରହିଲା ଓ ଯେ କେହି ତାହାର ନିକଟକୁ ଆସନ୍ତେ ତାହାଙ୍କୁ ଈଶ୍ୱରଙ୍କର ପ୍ରସଙ୍ଗ ଶୁଣାଇଲେ । କିଛି ଦିନ ଉତ୍ତାରେ ପୀତାମ୍ବର ସିଂହ ସୁଖସାଗର ଅଞ୍ଚଳେ ପ୍ରସିଦ୍ଧ ଲୋକ ହୋଇଲା ଓ ତାହାର ସୁଖ୍ୟାତି ପ୍ରକାଶ ହୋଇଲା । ଯେବେ ସେ କୌଣସି ଦୋକାନରେ ଯାଇ କହନ୍ତେ ଅମ୍ଭକୁ ଦୁଇ ମହଣ ଚାଉଳ ଦିଅ ତେବେ ଦୋକାନିମାନେ ମୂଲ୍ୟର ଅପେକ୍ଷା ନ କରି ତତକ୍ଷଣେ ଦିଅନ୍ତେ ।

ପରେ ସେଠାରେ ଥାଇ ସେ ଦୁଇ ପୁସ୍ତକ କଲା ତାହାର ଏ

ଙ୍କର ନାମ ହିତୋପଦେଶ ଆନର ନାମ ଆଶ୍ରୟ ନିର୍ଣ୍ଣୟ । ପୁଣି ସେ ପୁସ୍ତକର ମଧ୍ୟରେ ଏହି ପ୍ରକାର ଲେଖା ଅଛି ଯେ ଦେବପୂଜା ସମସ୍ତ ମିଥ୍ୟା ତହିଂରେ ପରିତ୍ରାଣ ହେବାକୁ ନ ପାରଇ । ପୁଣି ଈଶ୍ୱରଙ୍କର ଅଗ୍ନିଜାତ ଯେ ପ୍ରଭୁ ଯୀଶୁଖ୍ରୀଷ୍ଟ ସେହି ଧର୍ମଆଗୁରେ ପରିପୂର୍ଣ୍ଣ ଓ ଯେଉଂ ଜନ ତାହାଙ୍କ ଆଶ୍ରୟ ନିଅନ୍ତି ସେହି ଧର୍ମଆଗୁ ପାଇବେ । ଏଥିଅନନ୍ତରେ ପୀତାମ୍ବର କାଷ ରୋଗରେ ଅତ୍ୟନ୍ତ ପୀଡିତ ହୋଇଲା ଆଉ ତେତେବେଳେ କେହି ଖ୍ରୀଷ୍ଟିୟାନ ଲୋକ ତାହାର ନିକଟରେ ନ ଥାଏ ସେ ଶ୍ରୀରାମପୁରରେ ଅସିବାକୁ ଇଚ୍ଛାକଲା ।

ଶକ ୧୨୧୪ ଶାଲର ମାଘ ମାସେ ପୀତାମ୍ବର ସିଂହ ଶ୍ରୀରାମପୁରେ ଅସି ପୁନର୍ବାର ପାଠଶାଳା କଲା ପୁଣି ଶରୀର ଦୁର୍ବଳ ସକାଶୁଂ ଅତି ଶ୍ରମ କରିବାକୁ ନ ପାରନ୍ତେ । ତେବେହେଂ ଈଶ୍ୱରଙ୍କର କଥା ସର୍ବଦା କହନ୍ତେ । ତାହାର କଥାରେ ଓ ବଣ୍ଣାସରେ ଓ ଶିକ୍ଷାରେ ଅନେକେ ଶିକ୍ଷିତ ହୋଇଲେ । ତାହାର ପୀଡା ଅଠର ମାସ ପର୍ଯ୍ୟନ୍ତେ ଥିଲା ତେବେହେଁ ସେ ମନ ମଧ୍ୟରେ ଆନନ୍ଦିତ ଥିଲା କାରଣ ସେ ସଦା ଧର୍ମପୁସ୍ତକ ପାଠ କରି ଦେଖନ୍ତେ ଯେ ସଂସାର ସୁଖ ଦୁଃଖ ମିଥ୍ୟା ପୁଣି ମରଣାନ୍ତେ ଯେ ଅନନ୍ତ ସୁଖ ଓ ଦୁଃଖ ତାହାଇ ସତ୍ୟ । ଏହି ହେତୁରୁ ସେ ସତ୍ୟାଶ୍ରୟ ଯେ ଯୀଶୁଖ୍ରୀଷ୍ଟ ତହିଂରେ ବିଶ୍ୱାସ କରି ଅନନ୍ତ ପରିତ୍ରାଣର ଭରସାରେ ନିଶ୍ଚିନ୍ତ ଥିଲା ।

ଶକ ୧୨୧୬ ଶାଲର ୧୮ ଜ୍ୟେଷ୍ଠ ଓଆର୍ଡ ସାହେବ ତାହାର ବିଛଣାର ନିକଟରେ ଯାଇ ତାହାଙ୍କୁ ଅସ୍ଥି ଚର୍ମଯୁକ୍ତ ଅତ୍ୟନ୍ତ ପୀଡିତ ଦେଖିଲା । ତେତେବେଳେ ପୀତାମ୍ବର ସିଂହ ତାହାଙ୍କୁ କହିଲା ଯେ ଆମ୍ଭେ ଆପଣା ବୁଦ୍ଧିରେ ଆପଣା ଜ୍ଞାନରେ ଖ୍ରୀଷ୍ଟିୟାନ ହେବାକୁ ପାରି ନାହିଂ ପୁଣି ଈଶ୍ୱରଙ୍କର ଅନୁଗ୍ରହରେ ସମସ୍ତ ହୁଅଇ । ଆମ୍ଭର ଏବେ କେବଳ ଈଶ୍ୱରରେ ଭରସା । ଜୀବନ ବିଷୟରେ କ

ମୃତ୍ୟୁ ବିଷୟରେ ଆମ୍ଭର ବ୍ୟସ୍ତ ନାହିଂ ପୁଣି ପାପରୁ ମୁକ୍ତ ହେବାକୁ ଏହି ଆମ୍ଭର ଇଚ୍ଛା । ପୁଣି ସେ କହିଲା କୃଷ୍ଣପ୍ରସାଦ ଆମ୍ଭର ଅତି ପ୍ରିୟ ପାତ୍ର ଯେହେତୁ ସେ ସୁନ୍ଦରରୂପେ ମଙ୍ଗଳ ସମାଚାର ଘୋଷଣା କରଇ । ସେ ଅତି ନମ୍ରଶୀଳ ଓ ଗୁପ୍ତ ସ୍ଥାନରେ ନିଜ ପରିବାରର ସଙ୍ଗେ ନିତ୍ୟ ପ୍ରାର୍ଥନା କରନ୍ତି ଆଉ ଈଶ୍ୱରଙ୍କର ଗୁଣ୍ଣିଜନକ କ୍ରିୟା କରିବାକୁ ଇଚ୍ଛା କରନ୍ତି ।

ପୁଣି ସେହି ଓଆର୍ଡ ସାହେବକୁ ବୋଇଲା ଯେ ଅମ୍ଭେ ପୀଡା ସକାଶୁଁ ଦୁଃଖିତ ନୋହି ପୁଣି ଆମ୍ଭର ଆତ୍ମା ସର୍ବଦା ସୁଖୀ । ଅଉ ଆମ୍ଭର ଯେବେ ସରଳତା ଥାଏ୍ ତେବେ ସେ ଅମ୍ଭର ଈଶ୍ୱର ଅମ୍ଭେଇ ତାହାଙ୍କର ପୁତ୍ର । ସେ ଆମ୍ଭକୁ ତ୍ୟାଗ କରିବେ ନାହିଁ ସେହି ସଦା ବର୍ତ୍ତମାନ । ପୀତାମ୍ବର ସିଂହକୁ ଓଆର୍ଡ ସାହେବ ଧର୍ମପୁସ୍ତକର ଏହି କଥା ସ୍ମରଣ କରାଇଲା ଯେ ଈଶ୍ୱର ଅମ୍ଭମାନଙ୍କର ପିତା ଓ ପ୍ରଭୁ ଯୀଶୁଖ୍ରୀଷ୍ଟଠାରୁ ତୁମ୍ଭର ପ୍ରତି ଅନୁଗ୍ରହ ଓ ଶାନ୍ତି ହେଉନ୍ତୁ । ସେ ତାହା ଶୁଣି କହିଲା ଶାନ୍ତି ଶାନ୍ତି ଅମ୍ଭର ଅନ୍ତଃକରଣରେ ଏହି ଶାନ୍ତି ଅଛୁ । ଅଉ ମରଣର କିଛୁ କାଳ ପୂର୍ବରେ ସେ ଜ୍ଞାତସାର ହେଲା ଯେ ମରଣ ହୋଇଲେ ଭଲ ପୁଣି ସେହି ଉତ୍କଣ୍ଠିତ ହୋଇ ନ ଥିଲା । ପୁଣି ସେ ସ୍ୱର୍ଗ ବିଷୟ ଓ ସ୍ୱର୍ଗସ୍ଥ ଲୋକଙ୍କର ବିଷୟରେ ଉତ୍ତମରୂପେ ବୁଝିଲା ଏନିମନ୍ତେ ଆପେ ସେହି ସ୍ଥାନରେ ଯିବେ ଏହା ବୁଝି ଆନନ୍ଦିତ ଥିଲା । ଦେଖ କୌଣସି ଜନ ବିଦେଶରେ ଗଲେ ଯେତେବେଳେ ତାହାର ନିଜ ଘରକୁ ଅସିବାର ସମୟ ଉପସ୍ଥିତ ହୁଅଇ ତେତେବେଳେ ତାହାର କେତେ ସୁଖ ଜନ୍ମଇ ସେରୂପେ ପୀତାମ୍ବର ଜାଣିଲା ଯେ ଅମ୍ଭେ ଅପଣା ସ୍ୱର୍ଗସ୍ଥ ପିତା ଓ ଧର୍ମ ଭାଇମାନଙ୍କର କତିକୁ ଅନନ୍ତ ପରମାୟୁରେ ଯାଉ ଅଛୁଁ । ସେହି ସେ ସମୟରେ ନିଜ ପରିବାର ସମସ୍ତଙ୍କୁ ଓ ଆପଣାର କନ୍ୟାକୁ ଦେଖିବାକୁ ଇଚ୍ଛା କଲା ପୁଣି ସେମାନେ ଦୂରସ୍ଥ

ହେବାରୁ ସେମାନଙ୍କର ମଙ୍ଗଳ ପ୍ରାର୍ଥନା ବିନୁ ଆଉ କିଛି କରିବାକୁ ନ ପାରିଲା ।

ଏଥି ଅନନ୍ତରେ ସେ ଆପଣା ଧର୍ମି ଭାଇମାନଙ୍କୁ ପ୍ରାର୍ଥନା କରିବାର ଓ ଗୀତ ଗାଇବାର ପାଇଁ ଡାକି କହିଲା ଯେ ଆମ୍ଭର ମରିବାର ସମୟ ଉପସ୍ଥିତ ହେଲା । ତତ୍କାଳେ ପୀତାମ୍ବର ସିଂହର ଚକ୍ଷୁରୁ ଜଳ ନିର୍ଗତ ହୋଇଲା କାରଣ ଈଶ୍ୱର ବିଷୟରେ ତାହାର ଅତିଶୟ ପ୍ରେମ ଥିଲା । ଏନିମନ୍ତେ ତାହାର ଯେ ସମୟରେ ଆନନ୍ଦ ଅଶ୍ରୁପାତ ହୋଇଲା ସେହି ଆନନ୍ଦମୟ ସମୟରେ ସଜ୍ଞାନେ ଆମ୍ଭମାନଙ୍କର ପ୍ରିୟଭାଇ ପୀତାମ୍ବର ସିଂହର ପ୍ରାଣ ତ୍ୟାଗ ହୋଇଲା । ପୁଣି ତତ୍କାଳରେ ତାହାର ହାସ୍ୟବଦନ ଥିଲା ।

ପୀତାମ୍ବର ସିଂହର ଷାଠିଏ ବରଷ ବୟଃକ୍ରମରେ ମୃତ୍ୟୁ ହେଲା ପୁଣି ଯେଉଂ ଭାଇମାନେ ଓ ଭଉଣୀମାନେ ଏହି ପ୍ରକାର ମରଣ ଦେଖିଲେ ସେମାନେ ସମସ୍ତେ ଆନନ୍ଦ ପ୍ରାର୍ଥନା କରି କହିଲେ ଯେ ଆମ୍ଭର ମରଣ ଏହି ମତେ ହେଉ ।

ଅନନ୍ତରେ ଦିନ ପ୍ରଭାତେ ଭାଇ ସମସ୍ତ ତାହାର ଘରରେ ଯାଇ ତାହାର ମୃତ ଶରୀରର ଚୈଡ଼ି ଆଡେ ଠିଆ ହୋଇ ଗାନ କରିବାକୁ ଲାଗିଲେ । ପୁଣି ଖ୍ରୀଷ୍ଟିୟାନର ଗୋର ସ୍ଥାନରେ ଯିବାର ସମୟରେ ତିନ ଜଣ ଇଉରୋପୀୟ ଭାଇ ଓ ତିନ ଜଣ ହିନ୍ଦୁ ଭାଇ ଏହି ଛଅ ଜଣରେ ତାହାର ଶରୀର ବହି ନେଇ ଗୋରର ସ୍ଥାନରେ ଗଲେ । ପୁଣି ଆଉ ଅନେକ ଲୋକ ତାହାର ଶରୀରର ସଙ୍ଗେ ଗଲେ । ସେ ସ୍ଥାନରେ ପହୁଁଚି ଇଉରୋପୀୟ ଦୁଇ ଜଣ ଭାଇ ସବୁ ଲୋକଙ୍କର ସାକ୍ଷାତରେ ଧର୍ମ କଥା କହିଲେ ଓ ଜଣେ ହିନ୍ଦୁ ଖ୍ରୀଷ୍ଟିୟାନ ଭାଇ ପ୍ରାର୍ଥନା କଲା । ତହିଂଉତ୍ତରେ ଗୋଲୋକ ଖ୍ରୀଷ୍ଟିୟାନ ଭାଇର ଗୋରର ପାର୍ଶ୍ୱରେ ତାହାର ଗୋର ଦିୟାଗଲା । ଏହି ପ୍ରକାରେ ପୀତାମ୍ବର ସିଂହର ଜନ୍ମ ଓ ମୃତ୍ୟୁ ହୋଇଲା ।

ହେ ହିନ୍ଦୁ ଭାଇମାନେ ସମସ୍ତେ ଶୁଣ ଅନ୍ତଃକରଣରେ ବିବେଚନା କର । ଯେବେ ଏହି ପଥ ଭଲ ନ ହୁଅଇ ତେବେ କାହାର ଠାରୁ ଆମ୍ଭେମାନେ ଈଶ୍ୱରଙ୍କର ଅନୁଗ୍ରହ ଓ ସତ୍ୟ ଆନନ୍ଦ ପାଇବାକୁ ପାରୁ ଆମ୍ଭେମାନେ ସମସ୍ତେ ପାପିଷ୍ଠ ଲୋକ ପୁଣି ଈଶ୍ୱର ପାପିର ପ୍ରତି କ୍ରୁଦ୍ଧ ଅଛନ୍ତି । ଆଉ ପାପ ମୋଚନ ନ ପାଇଲେ ଆମ୍ଭମାନଙ୍କର ଅନନ୍ତ ନରକ ଯନ୍ତ୍ରଣାର ଦଣ୍ଡ ଭୋଗିବାକୁ ହେବ । ଏନିମନ୍ତେ ଆଉ ସମସ୍ତ ମିଥ୍ୟା ଆଶ୍ରୟଠାରୁ ବିମୁଖ ହୋଇ ପ୍ରଭୁ ଯୀଶୁଖ୍ରୀଷ୍ଟଠାରେ ଶରଣାଗତ ହେଉ । ଯେମନ୍ତ ପୀତାମ୍ବର ସିଂହ ଆଚରଣ କଲେ ତେମନ୍ତ ତୁମ୍ଭେ ସମସ୍ତ କର ତେଣୁ ମରଣ ଉତ୍ତାରେ ସ୍ୱର୍ଗପୁରରେ ତାହାର ସାକ୍ଷାତ ପାଇ ତୁମ୍ଭମାନଙ୍କର ଅନନ୍ତ ପରମାୟୁର ଭୋଗ ଅବଶ୍ୟ ହେବ ।

ଇତି

No. 17.

# THE GATE THROWN OPEN.

## ଘାଟ ଛାଡ ହେଲା ।

ସର୍କାର ହୁକୁମରୁ ଅଠର ନଳା ଘାଟରେ ଯେଉଂ କର ତହ
ସୀଲ ହେଉ ଥିଲା ସେ କର ଉଠି ଗଲା ଏବେ ବିନା କୌଡିରେ
ସମସ୍ତେ ନଗର ଭିତରକୁ ଯିବାକୁ ପାରନ୍ତି ଏଣୁଁ ଯାତ୍ରିମାନଙ୍କଠାରୁ
କିଛି ନେବାକୁ ହେବ ନାହିଂ । ଏହା ଶୁଣି ତୁମ୍ଭମାନଙ୍କର କେହୀ
କହିବେ ହାଁ୨ ଏତ ଭଲ ଖଂବର ଧନ୍ୟ କମ୍ପାନୀ । କେହୀ ଅବା ପ
ଚାରିଥିବେ ଯେ ପ୍ରୟାଗ ଗୟା ପୁରୁଷୋତ୍ତମର ଏତ୍ପେ ତିନି ଘାଟ
ରେ କମ୍ପାନୀ ଏତେ ଟଙ୍କା କି ନିମନ୍ତେ ଛାଡ ଦେଲେ । ତାହାର କା
ରଣ ଏହି ଯେ କମ୍ପାନୀ ଜାଣନ୍ତି ଯେ ଜଗନ୍ନାଥ କାଷ୍ଠ ପିତୁଳି ମାତ୍ର
ଭଲ କି ଅବା ମନ୍ଦ କିଛି କରିବାକୁ ନ ପାରନ୍ତି ଏଣୁ ତାଙ୍କ ଦର୍ଶନ ଭ
ଜନ କରିବା ପାଁଇ ଲୋକମାନଙ୍କଠାରୁ ଟଙ୍କା ନେଲେ ବଡ ପାପ
ହୁଅଇ ଓ ନରକ ପଥକୁ ପ୍ରାଣିମାନଙ୍କୁ ଭଣ୍ଡାଇଲ ବିଷୟ । ଏହେତୁ ସେ
କମ୍ପାନୀ ତୁମ୍ଭମାନଙ୍କୁ ଭଣ୍ଡାଇବାକୁ କି ଅବା ତୁମ୍ଭର ଆତ୍ମାର ନାଶ ମୂଳ
କରସାଲରେ ରଖିବାକୁ ଭୟ କରନ୍ତି ଏହିପାଁଇ ସର୍କାର ଘାଟ ଛାଡ
ଦେଲେ । କେହି ଯେବେ ଆଉ ପ୍ରକାରରେ କହିବେ ତେବେ ତୁ
ମ୍ଭେମାନେ ତହିଂରେ ବିଶ୍ୱାସ ନ ଯାଅ ।

ପୁନଶ୍ଚ ॥ ହିନ୍ଦୁ ଦେଶରେ ବହୁତ ମତ ଅଛନ୍ତି ଏହିପାଁଇ ଏକ
ମତକୁ ଉପକାରି ହୋଇ ଅଉ ଏକ ମତକୁ ଅନୁପକାରି ହୋଇ କି
ଅବା ଏକ ମତକୁ ଦବାଇ ଏକ ମତକୁ ଉଠାଇବାକୁ ଉଚିତ ନ ମଣି

ଦ

ପ୍ରତ୍ୟେକ ଧର୍ମର ଅଣ୍ଟର ଆପଣାର ମତ ପାଳିବାକୁ ଛଡ଼ ଦେଅନ୍ତି । ହିନ୍ଦୁ କି ଅଥବା ମୁସଲମାନ କି ଅଥବା ଖ୍ରୀଷ୍ଟିୟାନ ଯେ ଯାହାର ଇଚ୍ଛା ସେ ସେହି ଇଚ୍ଛାନୁସାରେ ଚଳିବାକୁ ପାରନ୍ତି । ଏନିମନ୍ତେ ସର୍କାର ଘାଟ ଛଡ଼ିଲେ ପ୍ରମାଣ ନାହିଁ ଜଗନ୍ନାଥଙ୍କ ଭକ୍ତ ଆପଣାମାନଙ୍କର ଇଚ୍ଛାମତେ ତାଙ୍କୁ ଭଜନ ଓ ପ୍ରତିପାଳଣ କରିବାକୁ ପାରନ୍ତି । ତୁମ୍ଭମାନଙ୍କର କେହିଂ ପୁରୁଷୋତ୍ତମକୁ ସ୍ୱର୍ଗ କରି ମାନୁଅଛନ୍ତି ମାତ୍ର ଦେଖିବାବେଳେ ସ୍ୱର୍ଗ ନାହିଁ କେବଳ ନରକ ପରି ଦିଶୁଛି । ଯେହେତୁ ପୁରୁଷୋତ୍ତମ ଶହରରେ ଯେଉଂ ପ୍ରକାର ଧର୍ମ ଦ୍ରୋହ ମିଥ୍ୟା ଠକ ବ୍ୟଭିଚାର ପରଦାର ଓ ଅଶୁଚି ବାକ୍ୟ ଅଦିକରି ଯେଉଂ ପାପ ସେ ପାପ ଆଉ କେଉଂ ଠାରେ ନ ପାଇବ । ଏହି ସବୁ ସ୍ୱର୍ଗର ନାହିଁ ନରକର କଥା । ସୁନ୍ଦରଦାସ ବୋଲି ତୁମ୍ଭମାନଙ୍କର ଏକ ସାଧୁ ଥିଲା ସେ ଭଲ କରି ପୁରୁଷୋତ୍ତମ ଶହରକୁ ବର୍ଣ୍ଣନା କରିଅଛନ୍ତି । ଯଥା ପୁରୁଷୋତ୍ତମ ଶହର ହିନ୍ଦୁମାନଙ୍କର ସ୍ୱର୍ଗ ଅଟନ୍ତି ବୋଲି ଲୋକେ କହନ୍ତି ସେଠାରେ ପରଦାର ଚୋର ନିର୍ଦ୍ଦୋଷିମାନଙ୍କର ବଧ କରିବାବାଯି ପିତୃ ମାତୃଦ୍ରୋହ ଅଶୌଚ ବଚନ ଦ୍ରୋହିତା ଭଉଣୀ ମାତୃ ହରଣ ଇତ୍ୟାଦି କର୍ମମାନ ଲୋକମାନେ କରିଅଛନ୍ତି । ଏକର୍ମ ଦୋଷ ସକାଶେ ବାତ ରୋଗ ଗୋଡ଼ ଗୋଦିଡ଼ା କୁଷ୍ଠି ଅମ୍ଳି ପିତ୍ତ ନାନାଦି ପ୍ରକାର ଘୋର ବେଦନା ଅନ୍ଧ ନୁଲା ଶ୍ଳେଷ୍ଠା ଓ ପିନସ୍ ରୋଗଅଦି କରି ଏମନ୍ତ ବେଦନା ଅଛନ୍ତି । ଜଗନ୍ନାଥର ଭକ୍ତ ଏମନ୍ତ । ଏବେହେଁ ହିନ୍ଦୁମାନଙ୍କର ଠାକୁର ନାମ ଶୁଣ ସନା ଠାକୁର ରୂପା ଠାକୁର ପିତ୍ତଳ ଠାକୁର ଲୋହା ଠାକୁର ପଥର ଠାକୁର କାଷ୍ଠ ଠାକୁର ମାଟି ଠାକୁର ବୃକ୍ଷ ନିଆଁ ପାଣି ଠାକୁର । ଏହି ନିର୍ଜୀବି ଠାକୁର ସେବାରେ ଲୋକମାନେ ବହୁତ ଧନ ଖର୍ଚ୍ଚ କରି ଦେହକୁ ବହୁତ କଷ୍ଟ ଦେଇ ଦୂରଯାତ୍ରା କରି ଅଉ ପ୍ରକାର ଦୁଃଖ ସହି ପ୍ରାଣି ଫୁଟି ମରିଅଛନ୍ତି । ବ୍ରାହ୍ମଣମାନେ ବେଦ ନ ଜାଣନ୍ତି ସାଧୁମାନେ ଦୟା ନ ପାଳନ୍ତି ଜ୍ଞାନମାନେ ଜ୍ଞାନ ବାଟ ଭୁଲ କଷ୍ଟ କର୍ମରେ ପଡ଼ନ୍ତି

ହୁଅନ୍ତ । ସତ୍ୟଜ୍ଞାନ ପଥ ଛାଡ ଦେଉଳରେ ଆପଣାର ଗୃହରେ ଯାତ୍ରିମାନଙ୍କର ତଣ୍ଟି ଭ୍ରଷ୍ଟ କରନ୍ତ । ଦେଖ ଏହ ପୁରୁଷୋତ୍ତମ ଶହ ରର ମହମା ଏଶହରକୁ ବୈକୁଣ୍ଠ ବୋଲ କେମନ୍ତ କହନ୍ତ ।

ପୁନଶ୍ଚ । ସେ ସ୍ଥାନରେ ଝାଡାକଇ ରୋଗରେ କୁଡୀ ମୁର୍ଦାର ଅଉ ମଲ ଯାତ୍ରିମାନଙ୍କର ହାଡ ବୁଣା ହେଲା ପ୍ରାପ୍ତେ ଓ ମନୁଷ୍ୟମାନେ ମଲ କରବାରେ ଅତ ଦୁର୍ଗନ୍ଧ ହେବାରୁଂ ଭୋଜନ ପାନ କରବାକୁ ଭଲ ନ ପାଇ । ଦେଖ ଏମନ୍ତ ସ୍ଥାନକୁ ସ୍ୱର୍ଗ ବୋଲ ପଣ୍ଡାମାନେ କେମନ୍ତ କର କହନ୍ତ । ଏତ୍ତପେ ଜାଣିବାକୁ ପାଇ ଯେ ପୁରୁଷୋତ୍ତମ ଲୋକ ବଡ ଦୁଷ୍ଟ ସ୍ଥାନଇଂ ବଡ ମନ୍ଦ ତହିଁରେ ଯିବାକୁ କାହାର ମ ଙ୍ଗଲ ନାହିଁ ।

ଏବେ ଅଳ୍ପକର ସତ୍ୟ ସ୍ୱର୍ଗର ବର୍ଣନା କରବା । ଦେଖ ସ୍ୱର୍ଗରେ ମ ହାତେଜ ସିଂହାସନୋପବିଷ୍ଟ ମହାପ୍ରଭୁ ପରମେଶ୍ୱର ଅଛନ୍ତ ଯଥା ।

ଶୂନ୍ୟ ଶୂନ୍ୟ ମହାଶୂନ୍ୟ ଶୂନ୍ୟ ମଧ୍ୟ ନିରାମୟଂ ।
ନିରାମୟଂ ମଧ୍ୟ ଜ୍ୟୋତିଃ ସଂଜ୍ୟୋତିଃ ଭଗବାନୟଃ ॥

ଏମହା ଜ୍ୟୋତିରେ ପରମେଶ୍ୱର ବାସ କରନ୍ତ ପୁଣି ତାହାଙ୍କର ସିଂହାସନ ଗୃହ ପାଖେ ଧର୍ମଦୂତ ଓ ସାଧୁ ଅଗ୍ନ ଧନ୍ୟ ଧନ୍ୟ ଧନ୍ୟ ବୋଲ ନିତ୍ୟେ ତାଙ୍କୁ ସେବା କରୁଥାନ୍ତ । ସେହ ସ୍ୱର୍ଗପୁରରେ ଜନ୍ମ ମରଣ ଆଉ ନାହିଁ କୌଣସି ପ୍ରକାର ପାପ ଅଉ ନାହିଁ କୌଣସି ରୋଗ ବ୍ୟଥା ଶ୍ରମ କ୍ଷୁଧା ତୃଷା ଖରା ଶୀତ ଅଉ ନାହିଁ ସେଠାରେ ଈଶ୍ୱର ଭକ୍ତ ଅଜରାମର ହୋଇ ଯଥେଷ୍ଟ ସୁଖ ଭୋଗ କରନ୍ତ । ଯଥା ଧର୍ମପୁସ୍ତକରେ ଲେଖା ଈଶ୍ୱର ସେମାନଙ୍କର ମଧ୍ୟରେ ହୋଇ ସେମାନଙ୍କର ଈଶ୍ୱର ହେବେ ପ୍ରଭୁ ସେମାନଙ୍କର ଚକ୍ଷୁରୁ ଜଲ ପୋଛି ପକାଇବେ ପୁଣି ଅଉ ମୃତ୍ୟୁ କଅବା ଶୋକ କଅବା କ୍ରନ୍ଦନ କଅବା ଆଉ କୌଣସି ବ୍ୟଥା ସେମାନଙ୍କର ହେବ ନା । ଏହ ଯେଉଂ ସ୍ୱର୍ଗ ନିତ୍ୟ ଅକ୍ଷୟ ଅଟନ୍ତ ବ୍ରହ୍ମଲୋକ ଶିବଲୋକ ଦେବଲୋକ ଏଅଦକର

ସପ୍ତ ସ୍ୱର୍ଗ ଯେ ଶାସ୍ତ୍ରରେ ଲେଖାଅଛି ସେ ସ୍ୱର୍ଗ ସବୁ କ୍ଷୟ ହୋଇ ପ୍ରଳୟ ହେବାକୁ ପାରନ୍ତି ମାତ୍ର ସତ୍ୟ ଯେ ଈଶ୍ୱରର ସ୍ୱର୍ଗ ସେ ଅକ୍ଷୟ ତେଣୁ ପ୍ରଳୟ କେବେ ନ ଯାଏ । ଏହି ସ୍ୱର୍ଗରେ କି ସୁଖ ଭୋଗ ଅଛି ତାହା ଅଳ୍ପ କରି ଶୁଣ । ଈଶ୍ୱରର ଦର୍ଶନ ସେଠାରେ ହୁଅଇ ଈଶ୍ୱର କରୁଣା କଟାକ୍ଷରେ ସଦା ବିଶ୍ରାମ କରିବାକୁ ହୁଅଇ ଈଶ୍ୱର ପ୍ରେମ ପ୍ରସନ୍ନ ଭୋଗ ହୁଅଇ ଆଉ ସତ୍ୟ ପ୍ରେମି ଯତ୍ନମାନଙ୍କ ସଙ୍ଗ ସମ୍ଭାଷଣ ନିତ୍ୟ ହୁଅନ୍ତି ମନର ଯତଶ୍ରଦ୍ଧା ସମ୍ପୂର୍ଣ୍ଣ ହୋଇ ସୁଖ ସାଗରରେ ନିତ୍ୟ ଭାସଇ ॥ ଶୁଣ ୨ ସବଲୋକ ତୁମ୍ଭମାନଙ୍କୁ ମଙ୍ଗଳ ବାରତା ଦେଇ ଏହି ଯେ ଅକ୍ଷୟ ସ୍ୱର୍ଗ ପୁର ଏହି ଯେ ଅନନ୍ତ ଜୀବ ନଦାଦି ଅକ୍ଷୟ ଗୌରବ ଅଧିକାର ଏମନ୍ତ ଯେଉଂ ସ୍ୱର୍ଗ ତାହାର ଦ୍ୱାର ଏତେବେଳେ ମୁକୁଳା ହେଉଅଛନ୍ତି ସେହି ଦ୍ୱାରରେ ଯେତେ ଲୋକ ଇଚ୍ଛା କରନ୍ତି ବିନା କୌଡରେ ପ୍ରବେଶ ହୋଇ ଅନନ୍ତ ପର ମାତ୍ମର ଭୋଗ ପାଇବାକୁ ପାରନ୍ତି ।

ହେ ଶ୍ରୋତାମାନେ ଏହି ସାନ ପୁସ୍ତକ ଯେବେ ପାଠ କରିବ ତେବେ ସ୍ୱର୍ଗର ଦ୍ୱାର କେତେବେଳେ ମୁକୁଳା ହେଲା କେମନ୍ତେ ତହିଁରେ ପ୍ରବେଶ ହେବାକୁ ପାରିବ ପ୍ରବେଶ ହେଲାଠାରୁ ଅନନ୍ତ କାଲ ପର୍ଯ୍ୟନ୍ତେ କି ୨ ଉପଭୋଗ ପାଇବ ଏହି ଗୂଢ ବିଷୟ ଜାଣି ବାକୁ ପାଇବ ।

ଏନିମନ୍ତେ ଯେ ଯାଏ ତୁମ୍ଭେ ଏହାକୁ ନ ବୁଝ ସେ ଯାଏ ପୁନଃ ୨ କରି ପଢ ।

ପ୍ରଥମ ॥ ଯେବେ ପଚାରିବ କି କେତେବେଳେ ଓ କେମନ୍ତେ ସ୍ୱର୍ଗର ଦ୍ୱାର ଫିଟିଗଲା ତେବେ ତାହାର ଉତ୍ତର ଏହି । କୌଣସି ପାପକାରୀ ଈଶ୍ୱରଙ୍କୁ ଦେଖିବାକୁ ପାରନ୍ତି ନାହିଁ କିଅବା ତାଙ୍କର ସନ୍ନିଧାନରେ ପ୍ରବେଶ ହେବାକୁ ପାରନ୍ତି ନାହିଁ ଯେହେତୁ ସମସ୍ତ ପାପକାରିଙ୍କ ପ୍ରତିକୂଳେ ସ୍ୱର୍ଗଦ୍ୱାର ପାପ ସକାଶେ ବନ୍ଦ ହେଲା ଓ ଈଶ୍ୱରର

ନ୍ୟାୟୃ ଯେଉଂଭାବ ସେ ଭାବ ସେ ଦ୍ୱାରରେ କଲଣୀ ଦେଇ ସେମାନଙ୍କୁ ଭିତରେ ଯିବାକୁ ନାସ୍ତି କରନ୍ତୁ ।

ସର୍ବ ମନୁଷ୍ୟ ପାପୀ ଅଟନ୍ତି ଇଥିପାଁଇ କେହ ସ୍ୱର୍ଗରେ ପ୍ରବେଶ ହେବାକୁ ଯୋଗ୍ୟ ନାହାନ୍ତି ସମସ୍ତେ ନରକ ଯୋଗ୍ୟ ।

ଅହ୍ମର କୌଣସି ପାପୀ ପ୍ରାର୍ଥନା କଅବା ପାପର ପାଁଇ କ୍ରନ୍ଦନ କଅବା ବଲିଦାନ ଆଦ ଯେତେ ପୁଣ୍ୟ କ୍ରିୟା ଏହ କ୍ରିୟାରେ ଅପଣାର ପାପ ମୋଚନ କରବାକୁ ପାରନ୍ତୁ କଅବା ସ୍ୱର୍ଗର ଦ୍ୱାରକୁ ମୁକୁଲା କରବାର ପାଁଇ ଈଶ୍ୱରଙ୍କୁ ଭେଟି ଦେଇ ଏହ ହେବାକୁ ପାରଇ ନାହିଁ । ଯଥା ॥

ଗୁଅବା ବୋଲୁ ପ୍ରାୟଶ୍ଚିତ୍ତ । କଲେ ପାତକ ହୋୟେ ହତ ॥
କେବେହେଂ ହତ ସେ ନୁହଇ । ଯୋକାଏ ଦନ ନବର୍ତ୍ତଇ ॥

ଆହ୍ମର ଧର୍ମଶାସ୍ତ୍ରରେ ଲେଖା ଅଛି ଯେ ଆମ୍ଭମାନଙ୍କର କୃତ ପୁଣ୍ୟ କ୍ରିୟାରେ ନାହିଂ ପୁଣି ଈଶ୍ୱର ଅନୁଗ୍ରହରୁ ଅମ୍ଭେମାନେ ପରିତ୍ରାଣ ପାଇ । ଏହାର କାରଣ କ ଏମନ୍ତ ଯେବେ ପଗ୍ନର ଡେବେ ଉତ୍ତର କର ଯେ ଈଶ୍ୱର ନ୍ୟାୟର ବଧି ଅଥବା ଈଶ୍ୱର ଧର୍ମ ଅଜ୍ଞା ଭ୍ରଷ୍ଟ ହେଲା ପୁଣି ଯେ ଯାଙ୍କୁ ସେ ଧର୍ମ ବଧିର ଭ୍ରଷ୍ଟ କରବାର ଅପରାଧର ଭୋଗ ଖଣ୍ଡଣ ନ ହେଲେ ଈଶ୍ୱରର ସ୍ୱଧର୍ମ ଅଜ୍ଞାର ଲୁପ୍ତ ମାନ୍ୟ ସଂସ୍ଥାପନ ନ ହୋଇଲେ ସେଯାଙ୍କୁ ସ୍ୱର୍ଗଦ୍ୱାର ମୁକୁଲା ହେବାକୁ ନ ପାରନ୍ତୁ । ସକଲ ଦେବତା ଓ ସକଲ ମନୁଷ୍ୟ ଈଶ୍ୱରର ଆଜ୍ଞା ଭ୍ରଷ୍ଟ କରଅଛନ୍ତି ଓ ସ୍ୱର୍ଗଦ୍ୱାର ଫିଟାଇବାକୁ ନ ପାରନ୍ତୁ ଏନମନ୍ତେ କୌଣସି ଜଣ ତ୍ରାଣକର୍ତ୍ତା ନ ହେଲେ ସେମାନେ ସମସ୍ତେ ଈଶ୍ୱରର ଭ୍ରଷ୍ଟ ବଧିର ଶାପଂ ଅର୍ଥାତ୍ ଅନନ୍ତ ନରକର ଯନ୍ତ୍ରଣା ଭୋଗ କରବାକୁ ହେବା ।

ଏନମନ୍ତେ ସୃଷ୍ଟି ପ୍ରଥମାବଧି ଯେ ମନୁଷ୍ୟର ପାପ ପାଁଇ ପ୍ରାୟଶ୍ଚିତ୍ତ ହୋଇ ସମସ୍ତ ବିଶ୍ୱାସିମାନଙ୍କର ପ୍ରତ ସ୍ୱର୍ଗରାଜ୍ୟ ଫିଟାଇବେ ଏମନ୍ତ

ଜଣେ ତ୍ରାଣକର୍ତ୍ତାର ଅଗମନ ବିଷୟରେ ମନୁଷ୍ୟମାନଙ୍କର ମନ ଜାଗ୍ରତ କରଣାର୍ଥେ ପ୍ରାୟ ସକଲ ଜଗତରେ ବଳିଦାନ ବ୍ୟବସ୍ଥା ସ୍ଥାପନ ହୋଇ ଥିଲା ।

ଏହି ବଳିଦାନ ସଦୃଶ ଶ୍ଥପ୍ସା ମାଏ ପ୍ରମାଣ ଯେହେତୁ ଛେଳି ମେଣ୍ଢା ଅବ ଯେଜଂରକ୍ତ ସେ ରକ୍ତ ମନୁଷ୍ୟ ଅଗ୍ଧର ପ୍ରାୟଶ୍ଚିତ୍ତ ହେବାକୁ ନ ପାରନ୍ତ । ସତ୍ୟ ପ୍ରାୟଶ୍ଚିତ୍ତ ବିଷୟରେ ମନୁଷ୍ୟମାନେ ଯେମନ୍ତ ଭାବବେ ଏହି କାରଣ ଅନ ପ୍ରାୟଶ୍ଚିତ୍ତ ସ୍ଥାପନ ହେଲେ ।

ଅଠର ଶୟ ଚଉଗ୍ରଲିଶ ବର୍ଷ ଗଲା ପିହୁଦା ଦେଶରେ ଦାଉଦ ନଗରେ ବୋଲ ଈଶ୍ୱରର ଆଗୁଜ ଅବତୀର୍ଣ୍ଣ ହୋଇ ଆସିଲେ । ଧର୍ମ ଅଗ୍ଧ ବଳର୍ ଏକ ପବିଏ କନ୍ୟାର ଗର୍ଭରେ ଜନ୍ମ ହେଲେ ଈଶ୍ୱରର ସକଲ ବିଧି ମାନ ସବୁ ପ୍ରକାର କୃପାମୟ କର୍ମ କର୍ ସୁନ୍ଦର ଶିକ୍ଷା ଦେଇ ପଶ୍ଚାତେ ପାପ ଖଣ୍ଡନ ଲାଗେ ନ୍ୟାୟରେ ବଳିଦାନ ହୋଇ ଅଉକାଠରେ ମୃତ୍ୟୁ ଲଭିଲେ । ଯଥା । ଯିଶାଇୟ୍ ୫୩ ପର୍ବ ୪ ୫ ପଦ । ସେ ଅମ୍ଭମାନଙ୍କର ଦୋଷର ପାଇଁ ତାଡିତ ଓ ଅଯଥାର୍ଥର ପାଇଁ ପ୍ରହାରିତ ଥିଲେ ଯେଉଂ ଶାସ୍ତିରେ ଅମ୍ଭମାନଙ୍କର ମଙ୍ଗଳ ହୁଅଇ ସେ ଶାସ୍ତି ତାହାର ଉପରେ ଦିଆଗଲା । ଅମ୍ଭେମାନେ ସମସ୍ତେ ମେଷର ମତ ଭ୍ରମଣ କରିଥିଲୁଁ ଅମ୍ଭେମାନେ ପ୍ରତି ଜଣ ବିପଥ ହୋଇ ଅପଣା ବାଟରେ ଗମନ କଲୁଁ ସମସ୍ତ ଅମ୍ଭମାନଙ୍କର ଅଯଥାର୍ଥର ଭୋଗ ତାହାର ଉପରେ ଦିଆ ଗଲା । ଯେଉଂ ପଦରେ ଅମ୍ଭେମାନେ ଋଣୀ ଥିଲୁଁ ତହିଂରେ ଅମ୍ଭମାନଙ୍କର ଏକ ନମୁନା ହେଲେ । ଏଉପେ ଖ୍ରୀଷ୍ଟ ଈଶ୍ୱରଙ୍କ ଧର୍ମ ଅଜ୍ଞାକୁ ମହତ କଲେ ଈଶ୍ୱରର ପ୍ରତି ଅଧୀନ ଅମ୍ଭମାନଙ୍କର ବଦଳି ହୋଇ ଅଉକାଠରେ ମଲେ ପୁଣି ତିନ ଦିନ ଉତ୍ତାରୁ ମୃତ୍ୟୁରୁ ଉଠି ବହୁତ ସାକ୍ଷିମାନଙ୍କର ଅଗେ ସ୍ୱର୍ଗକୁ ଗଲେ । ଖ୍ରୀଷ୍ଟ ସଦା ଜୀବିତ ହୋଇ ବିଶ୍ୱାସିମାନଙ୍କର ଖାଲିଶପଣ କରି ସବୁ କଥାରେ ମଣ୍ଡଳୀର ପ୍ରଧାନ ଅଟନ୍ତି । ପୁନ

ବାର ଜଗତ ଶେଷରେ ଆସି ବଗୃର କ୍ରିୟ୍ା କର ସେ ଯଥାର୍ଥି ଲୋକଙ୍କୁ ସ୍ୱର୍ଗରେ ଯେନ ଦୁଷ୍ଟ ଲୋକଙ୍କୁ ନରକରେ ପକାଇ ଜଗତକୁ ପୋଡ ପକାଇବେ ।

ଏହିଋପେ ଖ୍ରୀଷ୍ଟ ଆପଣାର ପ୍ରାୟ୍ଶ୍ଚିତ୍ତ କର୍ମରେ ସ୍ୱର୍ଗର ଦ୍ୱାର ଫିଟାଇ ତହିଂରେ ପ୍ରବେଶ କର ତ୍ରାଣ ପାଇବାକୁ ସମସ୍ତଙ୍କୁ ସାଧ୍ୟ କରଅଛନ୍ତି । ଇଥିପାଁଇ ସେ ଅପେ କହିଲେ ଯେ ଅମ୍ଭେ ଦ୍ୱାର ଅମ୍ଭ ଦେଇ ଯେବେ କେହି ପ୍ରବେଶ ହୁଅଇ ସେ ତ୍ରାଣ ପାଇବ । ପୁଣି ଅମ୍ଭେ ପଥ ଅମ୍ଭେ ସତ୍ୟତା ଅମ୍ଭେ ଜୀବନ ଅମ୍ଭ ନ ଦେଇ କେହି ପିତାର କତକୁ ଯିବାକୁ ପାରନ୍ତି ନାହିଂ ।

ଦ୍ୱିତୀୟ । କଋପ କର ଏଦ୍ୱାରରେ ପ୍ରବେଶ କରବାକୁ ହୁଅଇ କଅବା କେମନ୍ତ ତ୍ରାଣ ପାଇବ ଏକଥା ଯେବେ କେହି ପଗୃରନ୍ତି ତେବେ ଏମନ୍ତ କହ ଯୀଶୁ ଖ୍ରୀଷ୍ଟରେ ବଶ୍ୱାସ କଲେ ପ୍ରବେଶ ହୁଅଇ । ଏବେ ଏ ବଶ୍ୱାସକୁ ଅଳ୍ପ କର ନିର୍ଣ୍ଣୟ କରବା ।

ପ୍ରଥମ । ଯେଉଂ ଲୋକ ଏଦ୍ୱାରରେ ପ୍ରବେଶ ହେବାକୁ ଇଚ୍ଛା କରନ୍ତି ସେ ଅପଣାର ପାପ ବଷୟ୍ରେ ପର୍ଯ୍ୟାଲୋଚନ କରବେ ଅର୍ଥାତ୍ ସେ ଅପଣାର ପାପକୁ ମନରେ କରବେ ସେ ପାପ ହେତୁରେ ବଡ ଖେଦ ଚିତ୍ତ କରବେ ସେ ପାପ ଈଶ୍ୱରଙ୍କଠାରେ ସ୍ୱୀକାର କରବେ । ପୁଣି ସମସ୍ତ ସେ ପାପକୁ ପରତ୍ୟାଗ କରବେ । ସ୍ୱର୍ଗଦ୍ୱାର ଅତ କ୍ଷୁଦ୍ର ପୁଣି କେହି ପାପର ବୋଝ ଯେନ ତହିଁରେ ପଶିବାକୁ ପାରବେ ନାହିଁ । ଅପଣାର ବଳରେ କେହି ଏହା କରବାକୁ ସାମର୍ଥ ନାହାନ୍ତି ପ୍ରମାଣ ପୁଣି ଈଶ୍ୱରର ଧର୍ମଆତ୍ମା ତାହାକୁ ବଳ ଦେବେ ତହିଁପାଁଇ ଧର୍ମଆତ୍ମା ପ୍ରାର୍ଥନା କରବାକୁ ହେବ । ଏହି ହେତୁରେ ଜାଣି ଯେ ମନୁଷ୍ୟ ଅପଣାକୁ ନମ୍ର କର ପାପିଷ୍ଠ ମନକୁ ନଷ୍ଟ କରି ସ୍ୱର୍ଗଦ୍ୱାରରେ ପଶିବେ ଅର୍ଥାତ୍ ଅହଂକାର ଚିତ୍ତକୁ ଚୂର୍ଣ୍ଣ କର ନମ୍ର ଓ ଖେଦଯୁକ୍ତ ହେବ ।

ପୁନଶ୍ଚ । ମଙ୍ଗଳସମାଗୃର ବିଶ୍ୱାସ କରିବାକୁ ହେବ ଯଥା । ଅପ

ଣାର ସୁକ୍ରିୟାର ଦ୍ୱାରା ପରିତ୍ରାଣ ପାଇବାକୁ ପାରି ବୋଲି ଯେଉଁ ଭରସା ତାହା ଖ୍ରୀଷ୍ଟ ଖ୍ରୀଷ୍ଟର ଲାଗେ ପରିତ୍ରାଣର ଭରସା କରିବ । ଖ୍ରୀଷ୍ଟର ବିଷୟ ଯେଉଂ କଥା ତାହା ମଙ୍ଗଳସମାଗ୍ଭର ବୋଲି ଯେହେତୁ ବିଶ୍ୱାସକାରିମାନଙ୍କୁ ବିନା ମୂଲ୍ୟରେ ତହିଂରେ ପାପ ମୋଚନ ଦାନ ହେଉଅଛନ୍ତ । ତହିଂପାଁଇ ଯୀଶୁଖ୍ରୀଷ୍ଟ କହନ୍ତ ଆହେ ଶ୍ରାନ୍ତ ଭାରାକ୍ରାନ୍ତ ଲୋକ ତୁମ୍ଭେମାନେ ଆମ୍ଭର କତକୁ ଆସ ଅମ୍ଭେ ତୁମ୍ଭମାନଙ୍କୁ ବିଶ୍ରାମ ଦେବା ।

ପୁନଶ୍ଚ । ପ୍ରଭୁ ଅପଣା ସେବକମାନଙ୍କୁ ପଠାଇ କହିଲେ ସମସ୍ତ ଜଗତରେ ଯାଇ ସକଳ ପ୍ରାଣିର ଗୋଚରରେ ମଙ୍ଗଳସମାଗ୍ଭର ଘୋଷଣା କର ତହିଂରେ ଯେ କେହ ବିଶ୍ୱାସ କରି ଉବିତ ହୁଅଇ ସେ ପରିତ୍ରାଣ ପାଇବେ ପୁଣି ଯେ କେହ ବିଶ୍ୱାସ ନ କରିବେ ସେ ଦଣ୍ଡିତ ହେବ ।

ପୁନଶ୍ଚ । ପ୍ରଭୁ ଅପେ କହିଲେ ଈଶ୍ୱର ଜଗତକୁ ଏତେ ପ୍ରେମ କଲେ ଯେ ସେ ଅପଣାର ଅଦ୍ୱିତୀୟ ଜାତ ପୁତ୍ରକୁ ଦେଲେ ଯେ ତହିଂରେ ଯେ କେହ ବିଶ୍ୱାସ କରନ୍ତ ସେ ପ୍ରତଜଣ ବିନାଶ ନ ହୋଇ ଅନନ୍ତ ପରମାୟୁ ପାଇବେ ।

ହେ ପାଠକ ସ୍ୱର୍ଗର ଦ୍ୱାର ଏହ ପୁଣି ମନ ଫେରଣ ଓ ବିଶ୍ୱାସ ଏରୂପ ଦୁଇ ପାବଚ୍ଛ ଚଢିବାକୁ ପାରବ କ ତେବେ ସ୍ୱର୍ଗର ଦାଣ୍ଡରେ ଗ୍ଭଲିବାକୁ ସୁନ୍ଦର ହୋଇବେ ।

ତୃତୀୟ । ଯେବେ ପଗ୍ଭର କ ଏମନ୍ତ ମନ ଫେରଣ ଓ ମଙ୍ଗଳସମାଗ୍ଭର ବିଶ୍ୱାସ କଲେ ସେ ସ୍ୱର୍ଗରେ ଆମ୍ଭମାନଙ୍କ କ'ଣ ସୁଖଭୋଗ ହେବ । ତେବେ ତାହାର ଉତ୍ତର ଏହ । ପ୍ରଥମେ ପାପର ମୋଚନ । ସମସ୍ତ ତୁମ୍ଭର ପାପ ମୋଚନ ହେଲାଠାରୁ ଆଉ ପାପ କର୍ମ ସଙ୍କାଶେ କେତେବେଲେ ଦୁଃଖ ନ ହେବେ ପାପ ମୂଳ ନାଶ ହେଲେ ପାପ ଫଳ ଆଉ ଉତ୍ପନ୍ନ ନାହିଂ । ଏଣୁ ପାପରୁ ମୁକ୍ତ ହୋଇବ । ପାପରୁ ଯେଉଂ

ଭୟ ଓ ରୋଗ ବ୍ୟଥା କ୍ରନ୍ଦନ ମୃତ୍ୟୁ ନରକ ଏହି ଆଦ କର ସମସ୍ତ ପାପର ଫଳରୁ ମୁକ୍ତ ହୁଅୟ । ଅହେ ପାଠକ ଏହି ସମସ୍ତ ଯନ୍ତ୍ରଣା ଯହିଂରେ ନାହିଂ ସେ କେମନ୍ତ ସୁଖଦାୟି ସ୍ଥାନ ।

ଦ୍ୱିତୀୟ । ତୁମ୍ଭର ମନ ନୂତନ ହେବାରେ ବହୁତ ଫଳ ପ୍ରାପ୍ତ । ଦେଖ ମନୁଷ୍ୟର ମନ ପାପରେ ପତିତ ହେବାରୁଂ ନାନା ଅଗୁଣ ଧର ନିଷେଧ ବିଷୟ ଅନୁସାର ହୋଇ ଈଶ୍ୱରଙ୍କ ବିଧି ବିଷୟ ବିମୁଖ ହେଉଂଅଛନ୍ତି ଏଣୁକର ଆପଣାଠାରୁ କିଅବା ଈଶ୍ୱରଠାରୁ ସୁଖ ଉଦୟ ନାହିଂ ମାଏ ତରଙ୍ଗ ଯୁକ୍ତ ସମୁଦ୍ର ପର ନାନା କାମନା ଅଭିଲାଷରେ ଏଣେତେଣେ ନିକ୍ଷିପ୍ତ ହୋଇ ଶାନ୍ତ କିଅବା ବିଶ୍ରାମ କେବେ ନ ଜାଣେ । ସ୍ୱର୍ଗ ରାଜ୍ୟରେ ଏହି ଭୂଲଣା ପାପିଷ୍ଠ ମନ ନୂଆ ହେବାରୁଂ ତାହାର ସକଳ ବିଷୟ ସିଦ୍ଧି ହେବ । ବୁଦ୍ଧି ଯେ ଈଶ୍ୱର ଜ୍ଞାନରେ ପୂର୍ଣ ସକଳ କାମନା ଈଶ୍ୱର ବାକ୍ୟରେ ଅଧୀନ ଅନ୍ତଃକରଣ ନିର୍ମଳ କାମନାଦ ଈଶ୍ୱର ଗୁଣ ଓ ପ୍ରେମରେ ତୃପ୍ତ ହୋଇ ଈଶ୍ୱର ମନରେ ବିରାଜମାନ ହୋଇ ବାସ କରିବାରୁଂ ଏହିରୂପ ହେଲାଠାରୁ ମନର ଅତୁଆ ବିଷୟ ହରଣ ହୋଇ ପରମ ସାନ୍ତ୍ୱନା ଉଦୟ ହେବ । ଏହିରୂପେ ହେଲେ ମନୁଷ୍ୟ ଅଖଣ୍ଡମୟ ସୁଖ ଭୋଗ କରିବାକୁ ସାମର୍ଥ ।

ତୃତୀୟ । ଶେଷଦିନରେ ଶରୀର ପୁନରୁତ୍ଥାନ । ଦେଖ ଦେହ ଅତ୍ମା ଦୁଇସଙ୍ଗ ଇଥିପାଁଇ ଦେହ ବିହୁନେ ଆତ୍ମାର ସୁଖ ପୂର୍ଣ ହେବାକୁ ପାରଇ ନାହିଂ । ପାପ ସକାଶେ ସିନା ମୃତ୍ୟୁର ବଳରେ ଦେହ ଅତ୍ମା ଦୁଇ ଭାଗ ହେଉଅଛନ୍ତି ପାପ ନ ଥିବାବେଳେ ଦେହ ଅମର ହୋଇ ଆତ୍ମାରେ ଯୁକ୍ତ ହୋଇ ସଦାବେଳେ ରହିବାକୁ ଈଶ୍ୱର ନିୟମ କରି ଥିଲେ । ପାପର ଶାପ୍ୟରେ ମନୁଷ୍ୟର ଦେହ ମୃତ୍ୟୁ ଲଭୁଛନ୍ତି ସେହି ପ୍ରମାଣ ପୁଣି ଶେଷ ଦିନରେ ମହା ତୂରୀ ବଜାଇ ଯୀଶୁଖ୍ରୀଷ୍ଟ ମୃତ୍ୟୁର ବଳ ଚୂର୍ଣ କରି ଆପଣାର ଭକ୍ତମାନଙ୍କର ଶରୀର ପୁନର୍ବାର ଉଠାଇ

ଆତ୍ମରେ ସଂଯୁକ୍ତ କରି ଅଜରାମର କରାଇବେ ଏଥିପେ ସେମାନେ ଆତ୍ମ ଦେହ ପ୍ରାପ୍ତ ହୋଇ ତଦ୍‌ଯୁକ୍ତ ଇଚ୍ଛା ଯେତେକ ହୋଇବେ ତାହା ସକଳ ପୂର୍ଣ କରାଇ ଆପଣାର ସନ୍ମୁଖେ ଅନନ୍ତ ପର୍ଯ୍ୟନ୍ତେ ରଖିବେ ।

ଚତୁର୍ଥ । ମହାବିଚାରର ଦିନରେ ନିର୍ଦ୍ଦୋଷି କରଣ । ପାପ କରି ବାରଂ ପ୍ରାଣିମାନେ ଦୋଷଗ୍ରସ୍ତ ହେଉଅଛନ୍ତି ପୁଣି ଯହିଂରେ ସମସ୍ତଙ୍କର ଦୋଷ ତଜବୀଜ ହୋଇ ଦୋଷିମାନଙ୍କୁ ସଜା ଦେବାକୁ ହେବ ଏଥିପେ ମହା ବିଚାରର ଦିନ ଆସୁଅଛି । ଅହେ ସେ ଦିନେ କେସେ ଠିଆ ହେବାକୁ ପାରିବ କେସେ ଅସି ତୁମ୍ଭର ଏକ ପାପ ପାଁଇ ଜବାବ ଦେବାକୁ ପାରିବ । ସର୍ବେ ଆପଣା ୨ ପାପ ଦେଖି ଲଜ୍ଜା ପାଇବେ । ମାତ୍ର ଯୀଶୁଖ୍ରୀଷ୍ଟର ଭକ୍ତ ଯେବେ ହେବ ତେତେବେଳେ ସେ ପ୍ରଭୁ ତୁମ୍ଭଙ୍କୁ ନିର୍ଦ୍ଦୋଷୀ ମାନି ଉଦ୍ଧାର କରିବେ ।

ପଞ୍ଚମ । ଯେଉଂଠାରେ ଈଶ୍ୱର ଅପେ ନିବାସ କରିଅଛନ୍ତି ସେ ସ୍ଥାନରେ ପ୍ରବେଶ । ତୁମ୍ଭ ଶାସ୍ତ୍ର କହେ ଯଥା ।

ଯେଉଂଠାରେ ରାତ୍ର ଦିବସ ନାସ୍ତି
ଅଣାକାର ବ୍ରହ୍ମ ଅଖଣ୍ଡ ଜ୍ୟୋତି ।

ଦେଖ ଏହି ପ୍ରଭୁ ଠାରେ ଦର୍ଶନ ତାହାର ସନ୍ନିଧାନରେ ନିବାସ କରଣ ତାହାର କରୁଣା କଟାକ୍ଷର ଭୋଗ ତାହାର ପ୍ରେମ ଅମୃତ ରସ ଭୋଗ ଏମନ୍ତେ ତାହାର ବନ୍ଧୁତା ଉପଭୋଗ କରିବାକୁ କେମନ୍ତ ମିଷ୍ଟ ।

ପୁନର୍ବାର ତାହାର ସନ୍ମୁଖସ୍ଥ ଯେଉଂଲୋକ ଅର୍ଥାତ୍ ଧର୍ମଦୂତ ଓ ସାଧୁଆତ୍ମମାନେ ଏମାନେ ପ୍ରେମ ଅଦି କରି ସକଳ ଗୁଣରେ ପୂର୍ଣ ଏମାନଙ୍କର ସଙ୍ଗରେ ଅନନ୍ତ କାଳ ବ୍ୟୟ କରି କେମନ୍ତ ସୁଖଦାୟୀ ।

ଷଷ୍ଠ । ଏହି ଉପରେ ଲେଖିତ ଯେଉଂ ସୁଖ ସେ ଅନନ୍ତ ।

ଏ ପୃଥିବୀସ୍ଥିତ ଯେଉଂ ଭୋଗ କ୍ଷୟ ଅଟନ୍ତ ସ୍ୱର୍ଗରାଜ୍ୟର ଯେଉଂ ଭୋଗ ଅକ୍ଷୟ ଅନନ୍ତ । ଯେଉଁମାନେ ତହିଁରେ ପ୍ରବେଶ ହୁଅନ୍ତ ସେମାନେ ସଦାବେଳେ ରହନ୍ତ । ସେ ସ୍ୱର୍ଗରେ ପାପ କଅବା କ୍ଲେଶ ଅସୁସ୍ଥତା ବୃଦ୍ଧାବସ୍ଥା କଅବା ମୃତ୍ୟୁ କଅବା କୌଣସି ପୀଡା କେବେ ପ୍ରବେଶ ହେବାକୁ ପାରବେ ନା । ଯେମନ୍ତେ ସିନ୍ଧୁର ବାଲି କଅବା ବରଷାର ଧାରା କଅବା ଅକାଶର ତାରା ଅଗଣନ ସେହିରୂପେ ସ୍ୱର୍ଗ ରାଜ୍ୟର ଭୋଗ ତାହାର ଦନ ଅଗଣନୀୟ ।

---

## ପରାମର୍ଶ ।

ଯେମନ୍ତ ଉତ୍ତମ ଜ୍ଞାନବନ୍ତ ମନୁଷ୍ୟ ପରମେଶ୍ୱରଙ୍କୁ ଭଜନା କରନ୍ତ ପୁଣି ମୂର୍ଖ ଅଜ୍ଞାନ ଲୋକ ପିତୁଳି ପୂଜା କରନ୍ତ ତେମନ୍ତ ହେ ପାଠକ ତୁମ୍ଭଙ୍କୁ ବନତ କରି କହି ଯେ କାଷ୍ଠମୟ ପିତୁଳା ତ୍ୟାଗ କରି ସତ୍ୟ ଜଗନ୍ନାଥରେ ଆଶ୍ରୟ କର । ସେହି ଜଗତର ନାଥ ରକ୍ଷା ଓ ନାଶ ଦୁଇ କରବାକୁ ପାରନ୍ତ ସେହି ଜଗତର ନାଥ ତୁମ୍ଭର ପ୍ରେମ ବଶ୍ୱାସ ଯୋଗ୍ୟ ଅଟନ୍ତ । ପାଠ ଶ୍ଚତବାରେ ଅଉ ଲୋକମାନଙ୍କୁ ନ ଭଣ୍ଡାଇବାର ସର୍କାର ବଡ ଅନୁଗ୍ରହ କଲେ ପ୍ରମାଣ ପୁଣି ଯେଉଂ ପ୍ରଭୁ ସମସ୍ତ ବଶ୍ୱାସିମାନଙ୍କର ପ୍ରତ ସ୍ୱର୍ଗ ଦ୍ୱାର ଫିଟାଇବା ପାଇଁ ସ୍ୱର୍ଗ ସୁଖ ଛାଡ ନାନା ଦୁଃଖ ସହି ଆପଣା ପ୍ରାଣତ୍ୟାଗ କଲେ ତାହାଙ୍କର ଅନୁଗ୍ରହ ତହିଁର କେତେ ବଡ । ହେ ପ୍ରିୟ ଲୋକ ଯେମନ୍ତ ଅଲାର ଯାତ୍ରା କରବାକୁ ବ୍ୟଗ୍ରଚିତ୍ତ ହେଉଅଛ ସେମନ୍ତ ସତ୍ୟ ସ୍ୱର୍ଗ ଦ୍ୱାରରେ ତୀର୍ଥ କରବାକୁ ଉଦ୍ଯୋଗୀ ହୁଅ । ସେହି ଦ୍ୱାର ଏତେବେଳେ ମୁକୁଳା ଅଛି । ଖୋଲା ଥାଉଂ ଏତେବେଳେ ପଣ ଯେହେତୁ ଧର୍ମପୁସ୍ତକରେ ଲେଖା ଅଛି ଯେ ଏହି ସୁଗ୍ରାହ୍ୟ କାଳ ଅଟଇ ଏବେ ମୁକ୍ତ ଦନ ଅଜ ଯେମନ୍ତ ତାହାଙ୍କର ରବ ଶୁଣିବ ଏଥିପାଇ ଅନ୍ତଃକରଣକୁ କଠିଣ ନ କର ।

ଗୀତ ।

୧ ଅହ୍ମେ ପାପି ମନ ବୋଲ କି ହେତୁ ବଳମ୍ପଣ ।
ଛାଡ ସବୁ ମିଥ୍ୟା କାର୍ଯ୍ୟ ବ୍ୟର୍ଥ ବଡମ୍ପଣ ।
ସମ୍ବାଦ ପାଇଲ ମୁହିଂ କେମନ୍ତେ ଜଗତ ନାଥ ।
ନର ଅବତାର ହୋଇ କଲେ ପାପ ଉତ୍ପାତ ।

୨ ପୂର୍ବକାଳେ ମୋର ପ୍ରାଣ ଥିଲା ଘୋର ଅନ୍ଧକାର ।
ଭୁଲ ଭ୍ରାନ୍ତ ସବୁ କଲୁଁ ଯେହ୍ନେ ସବୁ ପାପି ନର ।
ପାପର ସାଗରେ ଡୁବି ମୋର ପ୍ରାଣ ମଲା ପ୍ରାୟ ।
ଏଠା ସେଠା ତାକି ଛାଡ ନାହିଂ ଦେଖିଲୁଁ ଉପାୟ ।

୩ ବ୍ରହ୍ମା ବିଷ୍ଣୁ ଶିବ ସବୁ ଅସାଧ୍ୟ ମୋ ପରିତ୍ରାଣ ।
ଅବା ଦେବ ଅବା ଦେବୀ ଅବା ଗୁରୁ ପୁଣ୍ୟବାନ ।
ଅବା ଯଜ୍ଞ ଜପ ତପ ତନ୍ତ୍ର ମନ୍ତ୍ର ଦାନ ସ୍ନାନ ।
ଉଦ୍ଧାର କରେ ନ ପାରେ ମୋର ବନ୍ଧଗତ ପ୍ରାଣ ।

୪ ଏସମସ୍ତ ନିରର୍ଥକ ମାତ୍ର ମିଥ୍ୟା ଭୁଲନ ।
କେବଳ ଆଶ୍ରୟ କର ଯୀଶୁଖ୍ରୀଷ୍ଟ ମରଣ ।
ସ୍ୱର୍ଗ ପୃଥିବୀ ପାତାଳ ସବୁ ତାହାଙ୍କ ନିର୍ମାଣ ।
ସେହି ସଦା ରକ୍ଷା କରେ ସମସ୍ତର ଜୀବନ ।

୫ ମୋର ପୁଣ୍ୟ ମୋର ପାପ ମୋର ଆଶା କର ତ୍ୟାଗ ।
ମୋର ମାନ ମୋର ନାମ ମୋର ଇଚ୍ଛା ମୋର ରାଗ ।
ସମସ୍ତ ପକାଇ ଦେଇ ଯୀଶୁଖ୍ରୀଷ୍ଟ ଚରଣେ ।
କର ମୋର ଦୃଢ ଆଶା ତାଙ୍କ ପ୍ରେମ ମରଣେ ।

ଇତି

No. 17.

# INSTRUCTION TO RELIGIOUS INQUIRERS.

## ପରିତ୍ରାଣ ପାଇବାର ନିମନ୍ତେ ଆମ୍ଭକୁ କି କରିବାକୁ ହେବ ଏହା ପଚାରିବାର କଥାର ଉତ୍ତର ଲେଖାଅଛି ।

ପରିତ୍ରାଣ ପାଇବାର ନିମନ୍ତେ ଆମ୍ଭକୁ କି କରିବାକୁ ହେବ ଲୋକମାନେ ନାନା କାରଣରୁଂ ଏକଥା ପଚାରୁଛନ୍ତି । ଥୋକାଏ ନରକକୁ ଭୟ କରି ସ୍ୱର୍ଗକୁ ଇଚ୍ଛା କରି ପଚାରୁଛନ୍ତି । ଥୋକାଏ ଏହି ଜଗତରେ କେବଳ ଦୁଃଖ ପାଇ ପରଲୋକରେ ସୁଖ ପାଇବାକୁ ବାଞ୍ଛା କରି ପଚାରୁଛନ୍ତି । ଥୋକାଏ ନାନା ପ୍ରକାର ଉପାୟ କରି ସାରି ସେ ସବୁକୁ ଅସାର ଓ ମିଥ୍ୟା ମଣନ୍ତି ଏଣୁ କରି ଯେଉଂ ଉପାୟ ସତ୍ୟ ତାହା ଜାଣିବାର ନିମନ୍ତେ ଏହି କଥା ପଚାରୁଛନ୍ତି । ଥୋକାଏ ମାନିବାକୁ ନାହିଂ କେବଳ ଜାଣିବାକୁ ପଚାରୁଛନ୍ତି । ଏମନ୍ତରେ କେହି କପଟରେ କେହି ନିଷ୍କପଟରେ କେହି ମିଥ୍ୟାରେ କେହି ସତ୍ୟରେ ପରିତ୍ରାଣର ବିଷୟରେ ପଚାରୁଛନ୍ତି । ଏଣୁ ଯେଉଂମାନେ ଯଥାର୍ଥ ସତ୍ୟରୂପରେ ପଚାରୁଛନ୍ତି ସେମାନଙ୍କର ଏହି ତିନି ଚିହ୍ନ ପ୍ରଥମରେ ବିବେଚନା କରି ମନରେ ବୁଝନ୍ତୁ ।

୧ ଚିହ୍ନ । ସେମାନେ ଆପଣାକୁ ପାପିଷ୍ଠ ଜାଣନ୍ତି । ପ୍ରାୟେ ସମସ୍ତ ଲୋକ ଆପଣାକୁ ପାପୀ କରି କହନ୍ତି ତେବେହେଂ ପାପ ବିଷୟରେ ସେମାନେ ଭଲ ମତେ ନ ବୁଝନ୍ତି ଓ ପାପକୁ ଘୃଣା ନ କରନ୍ତି ।

ଯାହ ଯେ ସେ ଈଶ୍ୱରଙ୍କ ଅଜ୍ଞା ଭଙ୍ଗିବାର ଓ ଈଶ୍ୱରଙ୍କୁ ପାସୋର ବାର ଓ ଈଶ୍ୱରଙ୍କ ପ୍ରତି ପ୍ରେମ ନ କରିବାର ଓ ଈଶ୍ୱରଙ୍କଠାରେ ମନ ନ ଦେବାର ଓ ପ୍ରାର୍ଥନା ଧନ୍ୟବାଦ ଆଦ ନ ସାଧିବାର । ଅବା ମନୁଷ୍ୟଠାରେ ମିଥ୍ୟା କହିବାର କି ଅନ୍ୟାୟ ଚୋର ଅଦ କରିବାର ଅବା ପରଦାର ଅଦ ଅଶୁଚିକର୍ମ କରିବାର । ଏହି ପାପ କର୍ମ ସବୁ ପାପି ମନରୁ ଜନ୍ମ ହୁଅନ୍ତି । ଏଣୁକରି ମନୁଷ ମାଏ ମନରେ କଥାରେ କର୍ମରେ ପାପିଷ୍ଠ ଏହାର ପ୍ରମାଣ ଧର୍ମପୁସ୍ତକରେ ଲେଖା ଅଛି ଯଥା ।

ପୃଥିବୀରେ ମନୁଷମାନଙ୍କର କୁକ୍ରିୟା ଅତିଶୟ ଅଉ ସେମାନଙ୍କର ମନର ପ୍ରତ୍ୟେକ କଲପଣା ଓ ଭାବନା ଅବିରତ ମନ୍ଦମାଏ ଈଶ୍ୱର ଏହା ଦେଖିଲେ । ଆଦପୁସ୍ତକରେ ୬ ପର୍ବ । ଅମ୍ଭେ ସମସ୍ତେ ମେଣ୍ଢାଗଣର ପ୍ରାୟେ ଭ୍ରମଣକାରୀ ପ୍ରତ୍ୟେକ ଜଣ ବାଟ ହୁଡି ଅପଣା ବାଟରେ ଯାଇଅଛୁଁ । ଯିଶଇୟା ୫୩ ପର୍ବ ୬ ପଦରେ ଲେଖାଅଛି ।

୧ ଯୋହନରେ ୧ ପର୍ବ ୮ ପଦରେ ଲେଖା ଯଦ୍ୟପି ବୋଲି ଆମ୍ଭମାନଙ୍କର କୌଣସି ପାପ ନାହିଂ ତେବେ ଆପଣାମାନଙ୍କୁ ବଞ୍ଚନା କରି ପୁଣି ଅମ୍ଭମାନଙ୍କର ଅନ୍ତରେ ସତ୍ୟଧର୍ମ ନାହିଁ ।

ଯିରମିୟାର ୧୭ ପର୍ବ ୯ ପଦରେ ଲେଖା ଅଛି ଯେ ଅନ୍ତଃକରଣ ସବୁବସ୍ତୁରୁ କପଟୀ ଓ ଅତିଶୟ ଦୁଷ୍ଟ ତାହା ଜାଣିବାକୁ ପାରିବ କେ ।

ଦାଉଦର ୪୦ ଗୀତରେ ୧୨ ପଦରେ ଲେଖା ଯେ ମୁଣ୍ଡର ବାଳରୁ ଆମ୍ଭମାନଙ୍କର ପାପ ଅଧିକ ଅଛି ।

ଅଉ ପ୍ରଭୁ ଯୀଶୁ ଅପେ କହିଲେ ଅନ୍ତଃକରଣରୁ କୁଚିନ୍ତା ବଧ ପରଦାର ବେଶ୍ୟାଗମନ ଚୋର ମିଥ୍ୟାସାକ୍ଷ୍ୟ ଈଶ୍ୱରଙ୍କନନ୍ଦା ଏସମସ୍ତ ବାହାର ହୁଅନ୍ତି । ମାଥିଉ ୧୫ ପର୍ବ ୧୯ ପଦ ।

ଏହି ପ୍ରକାରେ ମନୁଷ ସମସ୍ତେ ଜ୍ଞାନ ଓ ଅଜ୍ଞାନରେ ପାପ କରି

ଛନ୍ତି ଈଶ୍ୱରଙ୍କ ଆଜ୍ଞା ହେଲା ଓ ଲଙ୍ଘନ କରି ଅଛନ୍ତି ଈଶ୍ୱରଙ୍କ ଦୟା ଓ ନ୍ୟାୟ ଦୁଇର ବିରୁଦ୍ଧରେ ପାପ କରିଛନ୍ତି ସେମାନେ ଈଶ୍ୱରଙ୍କ ପକ୍ଷ ଛାଡ଼ି ଶୟତାନର ପକ୍ଷରେ ପ୍ରବେଶ ହୋଇଛନ୍ତି ଏଣୁ ସ୍ୱର୍ଗାଧିକାରୀ ନ ହୋଇ ନରକାଧିକାରେ ସମସ୍ତେ ହୋଇଛନ୍ତି ଏହା ନ ଜାଣିଲେ କେହି ଯଥାର୍ଥରୂପେ ପରିତ୍ରାଣର ବିଷୟରେ କେବେହେଂ ପଚାରିବାକୁ ନ ପାରନ୍ତି ଯେହେତୁ ନିରୋଗୀ ଯେ ସେ ବୈଦ୍ୟ ନ ମାଗନ୍ତି ରୋଗୀ ଲୋକ ମାଗନ୍ତି ।

୨ ଚିହ୍ନ ॥ ଆପଣାକୁ ପାପିଷ୍ଠ ଜାଣି ଈଶ୍ୱରଙ୍କ ଭୟ ପାଇବାର ।

ପାପାଚରଣ ଯେ ଅତ୍ୟନ୍ତ ଅଧମ ଓ ଅଯୋଗ୍ୟ କେବଳ ତାହା ନୋହେ ପୁଣି ତହିଁର ଇହଲୋକର ପରଲୋକର ମହାଦୁଃଖ ଦଣ୍ଡ ଭୋଗ ହୁଅଇ । ଜଗତର କର୍ତ୍ତା ଯେ ପରମେଶ୍ୱର ସେ ପାପିମାନଙ୍କୁ ଦଣ୍ଡ ଦେବାକୁ ସ୍ଥିର କରିଛନ୍ତି ତାହା ଧର୍ମପୁସ୍ତକର ଆଦ୍ୟରୁ ଅନ୍ତ ପର୍ଯ୍ୟନ୍ତେ ପ୍ରକାଶ ହୋଇଅଛି । ପ୍ରତିହିଂସା କରିବା ପାଇଁ ଅବା ଆପଣା କ୍ରୋଧକୁ ସନ୍ତୋଷ କରିବା ପାଇଁ ସେ ଦଣ୍ଡ ଦିଅନ୍ତି ତାହା ନୋହେ ପୁଣି ସମ୍ପୂର୍ଣ୍ଣ ନ୍ୟାୟରେ ଓ ଆପଣା ଶାସନପଦକୁ ଆଦର କରିବାରେ ଓ ସ୍ୱର୍ଗ ସିଂହାସନକୁ ନିଷ୍କଳଙ୍କ ରଖିବାରେ ସେ ତାହା କରନ୍ତି । ମହା ବିଚାରର ଦିନରେ ଯେତେ ଲୋକେ ନରକକୁ ଯାଇ ଅନନ୍ତ ଦଣ୍ଡ ପାନ୍ତି ସେ ସମସ୍ତେ କହିବେ ଆମ୍ଭର ଦଣ୍ଡ ଉଚିତ । ଈଶ୍ୱରଙ୍କର ସିଂହାସନର ଚାରି ଅତେ ଯେତେ ପବିତ୍ରଆତ୍ମା ଓ ଧର୍ମଦୂତ ମାନେ ଥୋଇନ୍ତି ସମସ୍ତେ ଦିନରାତ୍ର ବୋଲନ୍ତି ହେ ସର୍ବଶକ୍ତିମାନ୍ ପ୍ରଭୁ ପରମେଶ୍ୱର ତୁମ୍ଭର କର୍ମ ଅତି ମହତ୍ ଓ ଆଶ୍ଚର୍ଯ୍ୟ ହେ ସାଧୁମାନଙ୍କର ରାଜା ତୁମ୍ଭର ବାଟ ସରଳ ଓ ଯଥାର୍ଥ ଏକମନ୍ତେ ହେ ପ୍ରଭୁ କେ ତୁମ୍ଭକୁ ଭୟ ନ କରିବ । ପୁଣି ସେମାନେ ଦିବାରାତ୍ରରେ ନିବୃତ୍ତି ନୋହି ଧର୍ମ ଧର୍ମ ଧର୍ମ ବର୍ତ୍ତମାନ ଭୂତ ଭବିଷ୍ୟତ୍ ସର୍ବଶକ୍ତିମାନ୍ ପ୍ରଭୁ ପରମେଶ୍ୱର ଏହି କଥା କହନ୍ତି ।

ଈଶ୍ୱର ଆପେ ସମ୍ପୂର୍ଣ୍ଣ ପବିତ୍ର ଅଟନ୍ତି ଏଣୁ ପାପିମାନଙ୍କୁ ଅବଶ୍ୟ ଘୃଣା କରନ୍ତି ଈଶ୍ୱର ଯଦ୍ୟପି ଦୟାବନ୍ତ ତେବେ ସେ ଜଗତର ରାଜା ଏଣୁ ଅବଶ୍ୟ ଆଜ୍ଞା ଲଙ୍ଘନକାରମାନଙ୍କୁ ସଜା ଦେବେ ତାହା ନ ଦେଲେ ତାହାଙ୍କ ଶାସକପଣ ଅନାଦରକୃତ ହୁଅନ୍ତା ଓ ସ୍ୱର୍ଗ ପୃଥିବୀରେ ତାହାଙ୍କର ସବୁ ରାଜ୍ୟରେ କେବଳ ଗୋଳମାଳ ହୁଅନ୍ତା ।

ଆଉ ପାପ ଲାଗି ଯେବେ ନରକର ଭୟ ନ ହୁଅଇ ତେବେ ପରିତ୍ରାଣ କେହି ନ ଖୋଜଇ ଯେଉଂମାନେ ଦାୟଗ୍ରସ୍ତ ସେମାନେ ତ୍ରାହି କରି ଡାକନ୍ତି ଆଉ ଯେଉଂମାନେ ଆପଣାମାନଙ୍କୁ ରୋଗୀ ଜାଣନ୍ତି ସେମାନେ ବୈଦ୍ୟ ଖୋଜନ୍ତି ।

ପାପ ଲାଗି ପରମେଶ୍ୱର କୀ ଦଣ୍ଡ ଦେବେ ତାହା ଧର୍ମପୁସ୍ତକର କେହି ପ୍ରମାଣ ବାକ୍ୟ ବିବେଚନା କଲେ ଜଣା ହୁଅଇ ଯଥା ॥

ପାପର ବର୍ତ୍ତନ ମୃତ୍ୟୁ ॥ ରୋମୀୟ ମଣ୍ଡଳୀର ପ୍ରତି ୬ ପର୍ବ ୨୩ ପଦ ॥

ଯେ ପାପ କରଇ ସେ ମରିବ ॥ ଯିହିଜକଲ ୧୮ ପର୍ବ ୪ ପଦ ॥

ପରମେଶ୍ୱର ପାପିମାନଙ୍କର ଉପରେ ଅଙ୍ଗାର ଓ ଅଗ୍ନି ଓ ଗନ୍ଧକ ବର୍ଷାଇବେ ଓ ପ୍ରଚଣ୍ଡ ଝାଞ୍ଜିପବନ ସେମାନଙ୍କର ପାନ ପାତ୍ରର ଭାଗ ହେବ । ଦାଉଦର ୯ ଗୀତ ୬ ପଦ । ପାପିଗଣ ଓ ଯେଉଂ ଦେଶିମାନେ ଈଶ୍ୱରଙ୍କୁ ହେଳା କରନ୍ତି ସେ ସମସ୍ତଙ୍କୁ ନରକରେ ପକାଇ ବାକ୍ସ ହେବ । ଦାଉଦର ୯ ଗୀତ ୧୭ ପଦ ।

ନରକରେ ସେମାନଙ୍କ ପୋକ ନ ମରଇ ଓ ସେମାନଙ୍କ ନିଂଆ ନିଭି ନ ଯାଏ । ମାର୍କ ମଙ୍ଗଳସମାଚାର ୯ ପର୍ବ ୪୪ ପଦ ।

ମହାବିଚାର ଦିନରେ ପ୍ରଭୁ କହିବେ ଆରେ ଶାପଗ୍ରସ୍ତ ସମସ୍ତେ ଶୟତାନ ଓ ତାହାର ଦୂତଗଣର ନିମନ୍ତେ ଯେ ଅନନ୍ତ ଅଗ୍ନି ପ୍ରସ୍ତୁତ ଅଛି ମୋର ନିକଟରୁ ସେଠାରେ ଯାଅ ।

ପୁଣି ଯେଠାରେ ପଶୁ ଓ ଭଣ୍ଡ ଭବିଷ୍ୟଦ୍‌ବକ୍ତା ଅଛନ୍ତି ସେହି ଅଗ୍ନି ଓ ଗନ୍ଧକ ହ୍ରଦରେ ଦୁଷ୍ଟମାନଙ୍କୁ ଓ ସେମାନଙ୍କର ଭ୍ରାନ୍ତିଜନକ

ଶାସ୍ତିସ୍ଥାନକୁ ପକାଇ ଦସ୍ଯ୍ । ଥିବେ ସେ ସ୍ଥାନରେ ସେମାନେ ଅନନ୍ତ କାଲର ଦବା ଗୁହି ଯନ୍ତ୍ରଣା ଭୋଗ ପାଇବେ ।

ଏମନ୍ତ ପାତକମାନେ ଅନନ୍ତ ମୃତ୍ୟୁ ଓ ଧାର୍ମିକମାନେ ଅନନ୍ତ ଜୀବନ ଭୋଗିବେ ।

୩ ଚିହ୍ନ । ଯେଉଂମାନେ ପରିତ୍ରାଣର ବିଷୟରେ ସତ୍ୟଚେଷ୍ଟେ ପରିଶ୍ରମନ୍ତି ସେମାନେ ପରିତ୍ରାଣର କୌଣସି ବାଟ ପାଇବାକୁ ଇଚ୍ଛା ଓ ଭରସା କରନ୍ତି ।

ଅପାର ଅପାର ପାପିଗଣ ପରିତ୍ରାଣ ବିଷୟରେ କିଛି ଭାବନା କରନ୍ତି ନାହିଁ କିଛି ଇଚ୍ଛା କରନ୍ତି ନାହିଁ ସେମାନେ କେବଳ ଏହି ସଂସାରରେ ମଗ୍ନ ହୋଇ ଇହଲୋକର ସୁଖ ଲୋଡନ୍ତି ପରଲୋକର ଅନନ୍ତ ସୁଖ ଦୁଃଖ କିହାଡ ତୁଚ୍ଛ କରନ୍ତି । ମାତ୍ର ଯେଉଂମାନେ ଆପଣା୨ ପାପ ଜାଣି ତାହା ପାଇଁ ଖେଦ କରନ୍ତି ଓ ନରକର ଭୟଙ୍କର ବିଷୟ ବୁଝି ତାହା ଡରନ୍ତି ସେମାନେ ବ୍ୟାକୁଳ ହୋଇ କେମନ୍ତ ମୁଂ ପରିତ୍ରାଣ ପାଇବି ଏହା ଡାକନ୍ତି । ସମସ୍ତ ମନୁଷମାନେ ଜାଣନ୍ତି ଯେ ସେମାନେ ପାପିଷ୍ଠ ଯେହେତୁ ସବିଙ୍କଠାରେ ଯେଉଂ ବିବେକ ଅର୍ଥାତ୍ ଭଲ ମନ୍ଦ ବିଶେଷ ଜ୍ଞାନ ଥାଏ ସେ ବିବେକ ସେମାନଙ୍କୁ ଦୋଷୀ କରଇ ଏଣୁ ବେଳକୁବେଳ ସେମାନଙ୍କର ମନରେ ଡର ଜନ୍ମଇ । ଥୋକାଏ ଲୋକ ଏହି ବିବେକ ମନର ଭର୍ତ୍ସନା ନମାନି କ୍ରମଶୋ ମନକୁ ପଥର ପ୍ରମାଣ କଠିଣ କରନ୍ତି ଏହି ଜାତିଲୋକ ପ୍ରାୟେ ସମସ୍ତେ ନରକରେ ପଡନ୍ତି ପୁଣି ଆଉ ଥୋକାଏ ଲୋକ ମନରେ ଆପଣା୨ ପାପ ଦୋଷ ଦେଖି ଜାଣି ନାନାଦ ପ୍ରକାରେ ଉପାୟେ ଲୋଡନ୍ତି । କେହି୨ ଅବା ତୀର୍ଥ ଯାତ୍ରା କରନ୍ତି କେହି୨ ଅବା ଯଜ୍ଞ କରନ୍ତି କେହି୨ ଅବା ହୋମାଦ କରନ୍ତି କେହି୨ ଅବା ଗୁରୁଠାରେ ଭରସା କରି ସେବା କରନ୍ତି କେହି୨ ଅବା ତପସ୍ୟା କରନ୍ତି କେହି୨ ଦରିଦ୍ର ଲୋକଙ୍କୁ ଦାନ କରନ୍ତି କେହି୨ ଅବା

ମୌନ ହୋଇ ଧ୍ୟାନ କରନ୍ତି କେହି ଅବା ଲମ୍ବା କରି ପ୍ରାର୍ଥନା କରନ୍ତି କେହି ନାନା ପ୍ରକାର ଧର୍ମ ପୁଣ୍ୟ କରନ୍ତି କେହି ଅବା କେବଳ ଖେଦଯୁକ୍ତ ଚିତ୍ତ ହୋଇ ନାନା ସ୍ଥାନରେ ଭ୍ରମଣ କରି ପରିତ୍ରାଣ ବାଟ ଖୋଜନ୍ତି । ମାତ୍ର କୌଣସି ପ୍ରକାରେ ଯେ ପରିତ୍ରାଣ ବାଟ ପାଇବେ ସମସ୍ତଙ୍କର ମନରେ ଏହି ଭରସା ଅଛି । ତାହା ନୋହିଲେ ସେମାନେ ନିଭରସା ହୋଇ ମହା ଦୁଃଖ ସକାଶେ ଆପଣାକୁ ନାଶ କରନ୍ତି । ଭଲ ଏହି ପ୍ରକାରେ ପରିତ୍ରାଣ ବିଷୟରେ ଅତ୍ୟନ୍ତ ଇଚ୍ଛୁକ ହେବାର ଓ ସଚେଷ୍ଟ ହେବାର ଉଚିତ । ପରମେଶ୍ୱର ଏହା ବିଷୟରେ ଧର୍ମ ପୁସ୍ତକରେ ବହୁତ ଉପଦେଶ ଓ ଆଜ୍ଞା ଦିଅନ୍ତି ଯଥା । ଉଦ୍ଦେଶ ପାଇବାବେଳେ ପରମେଶ୍ୱରଙ୍କୁ ଖୋଜ ସମୀପରେ ତାହାଙ୍କର ଥିବାର ବେଳେ ତାହାଙ୍କଠାରେ ପ୍ରାର୍ଥନା କର ଦୁଷ୍ଟ ଆପଣା ଆଚରଣ ଓ ଅଧାର୍ମିକ ଆପଣା ମତ ଛାଡୁ ପୁଣି ସେ ପ୍ରଭୁଙ୍କଠାରେ ଫେରୁ ଯେଣୁ ସେ ତାହାକୁ ଦୟା କରିବେ ଆମ୍ଭମାନଙ୍କ ଈଶ୍ୱରଙ୍କଠାରେ ଫେରୁ ଯେହେତୁ ସେ ଅତିଶୟ କ୍ଷମାବାନ ଅଟନ୍ତି । ଯିଶାଇୟା ୫୫ ପର୍ବ ୬ ୭ ପଦ ।

ପୁନର୍ବାର ଈଶ୍ୱର ଏହା କହନ୍ତି ଆମ୍ଭର ଥିବାର ପ୍ରମାଣେ ବୋଲି ପାପିମାନଙ୍କର ମରଣରେ ଆମ୍ଭର କିଛି ସନ୍ତୋଷ ନାହିଁ ପୁଣି ପାପିଗଣ ଆପଣା ବାଟ ଛାଡି ବଞ୍ଚନ୍ତି ଏଥିରେ ଆମ୍ଭର ସନ୍ତୋଷ ଅଛି ଏନିମନ୍ତେ ତୁମ୍ଭେମାନେ ଫେର ଆପଣା କୁପଥରୁ ଫେର କିନିମନ୍ତେ ମରିବ । ଯିହିଜ୍କିଲ ୩୩ ପର୍ବ ୧୧ ପଦ ।

ପରମେଶ୍ୱର ଯେ ପାପିମାନଙ୍କର ମରଣରେ ସନ୍ତୋଷ ନ ପାଇ ସେମାନଙ୍କର ଅନନ୍ତ ମଙ୍ଗଳ ଇଚ୍ଛା କରନ୍ତି ଏହାର ବିଷୟରେ ନାନା ଦୃଢ ପ୍ରମାଣ ଅଛି ଏହାର ମଧ୍ୟରୁ ପାଞ୍ଚ ପ୍ରମାଣ ସଂକ୍ଷେପ ରୂପେ ଲେଖା ଯାଏ ଯଥା ।

୧ । ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆପଣା ଶ୍ରୀମୁଖରେ କହିଲେ ଈଶ୍ୱର ଜଗ

ତକୁ ଅତି ଦୟା କରି ଆପଣା ଅଦ୍ୱିତୀୟ ଆତ୍ମଜଙ୍କୁ ଦାନ କଲେ ତେଣୁ ଯେ କେହି ତାହାଙ୍କଠାରେ ବିଶ୍ୱାସ କରଇ ସେ ଜଣର ବିନାଶ ନ ହୋଇ ଅନନ୍ତ ପରମାୟୁର ଭୋଗ ହେବ ଯେହେତୁ ଈଶ୍ୱର ଜଗତର ଦଣ୍ଡ ଦେବାର ନିମନ୍ତେ ନୋହେ ପୁଣି ତାହାଙ୍କ ଦ୍ୱାରା ଜଗତର ପରିତ୍ରାଣ ଯେମନ୍ତ ହୁଅଇ ଏଥିପାଇଁ ସେ ଆପଣା ପୁତ୍ରକୁ ପଠାଇଲେ । ଯୋହନର ୩ ପର୍ବ ୧୬ ୧୭ ପଦ ।

୨ । ପରିତ୍ରାଣ ବାଟ ଜଣାଇବାର ନିମନ୍ତେ ପରମେଶ୍ୱର ଆପଣା ଧର୍ମବାକ୍ୟ ଦେଇଛନ୍ତି । ଧର୍ମପୁସ୍ତକ ଯେ ସେ ମହାମୂଲ୍ୟ ଦାନ ତହିଁରେ ଈଶ୍ୱରଙ୍କ ତତ୍ତ୍ୱ ଓ ଇଚ୍ଛା ସୁସ୍ପଷ୍ଟ ପ୍ରକାଶ ହୋଇଅଛି । ତହିଁରେ ତ୍ରାଣକର୍ତ୍ତା ଓ ତ୍ରାଣର ପଥ ଜଣା ଯାଇଅଛି । ତହିଁରେ ମନୁଷ୍ୟର କର୍ତ୍ତବ୍ୟାକର୍ତ୍ତବ୍ୟ ଲେଖା ଅଛି । ତହିଁରେ ସ୍ୱର୍ଗର ସୁଖ ଓ ନରକର ଦୁଃଖ ନିଶ୍ଚୟରୂପେ ଜାଣିବାକୁ ପାଇ । ତହିଁରେ ଏମନ୍ତ ମନୁଷ୍ୟର ହିତାହିତ ବିଷୟରେ ମିଥ୍ୟାଛଡ଼ା କେବଳ ସତ୍ୟ ଉପଦେଶ ଦିଆଗଲା । ଏହି ଧର୍ମର ଆଲୁଅ ବିନା ଅନ୍ଧାର ଜଗତର କି ଦୁର୍ଗତି ହୁଅଇ । ଏହି ସତ୍ୟ ମିଥ୍ୟାର ଅନନ୍ତ ବିଧାନ ବିନୁ ମନୁଷ ମାନେ ନିରନ୍ତରେ ବନସ୍ୱରୂପ ଭୁଲନରେ ଭ୍ରମଣ କରି ଥାନ୍ତି । ଏଣୁ ଯେ ପର୍ଯ୍ୟନ୍ତେ ତୁମ୍ଭ ମନରେ ପ୍ରଭାତି ନକ୍ଷତ୍ର ଓ ଅରୁଣର ଉଦୟ ନୁହଇ ସେ ଯାଏ ଘୋରତର ଅନ୍ଧକାର ସ୍ଥାନରେ ପ୍ରଜ୍ୱଳିତ ଦୀପ୍ତିର ପ୍ରାୟେ ଯେ ଭବିଷ୍ୟଦ୍ବାକ୍ୟ ଅଛି ତାଠାରେ ମନୋଯୋଗ କରିବାର ଉଚିତ ୨ ପିତର ୧ ପର୍ବ ୧୯ ପଦ ।

୩ । ପରମେଶ୍ୱର ଏହି ପାପିଷ୍ଠ ଜଗତରେ ଆପଣା ମଣ୍ଡଳୀ ସ୍ଥାପନ କରିଛନ୍ତି । ଈଶ୍ୱରଙ୍କର ଲୋକ ଶୟତାନର ଲୋକଠାରୁ ଭିନ୍ନ କରି ରଖିବାର ନିମନ୍ତେ ପୁଣି ଆପଣା ଲୋକଙ୍କର ଗୃହ ହେବାର ନିମିନ୍ତେ ପରମେଶ୍ୱର ଏହି ଜଗତରେ ଆପଣା ମଣ୍ଡଳୀ ସ୍ଥାପନ କରିଛନ୍ତି ଓ ପୂର୍ବାବଧି ରକ୍ଷା କରିଛନ୍ତି । ସବୁ ଯୁଗରେ ଓ ସର୍ବ ଦେଶରେ

ପାପିମାନେ ଏହି ମଣ୍ଡଳୀକି ହିଂସା କରି ନାଶ କରିବାକୁ ଉଦ୍ୟମ କରିଛନ୍ତି ଓ କରୁଛନ୍ତି ମାତ୍ର ତାହାର ନାଶ ହୋଇ ନ ପାରି ଅଦ୍ୟ ସକଳ ତାହା ବଞ୍ଚି ଅଛିଛନ୍ତି ପୁଣି ସବୁ ଦେଶରେ ଏତେବେଳେ ବଢି ଯାଉଛନ୍ତି । ଏହି ମଣ୍ଡଳୀ ଈଶ୍ୱରଙ୍କ ପାଇଁ ଏକ ସାକ୍ଷୀ ଅଟନ୍ତି ପୁଣି ମନୁଷ୍ୟମାନଙ୍କର ପ୍ରତି ତାହାଙ୍କର ପ୍ରେମର ପ୍ରମାଣ ।

୪ । ପରମେଶ୍ୱର ମନୁଷ୍ୟମାନଙ୍କର ପରିତ୍ରାଣ ଇଚ୍ଛା କରନ୍ତି ଏଣୁ ସେ ଆପଣାର ଧର୍ମୋପଦେଶକମାନଙ୍କୁ ଦେଇଛନ୍ତି । ପୂର୍ବ କାଳରେ ଭବିଷ୍ୟଦ୍ବକ୍ତାଗଣର ଦ୍ୱାରା ନାନା ସମୟରେ ଓ ନାନା ପ୍ରକାରେ ପରମେଶ୍ୱର ପୂର୍ବ ପୁରୁଷମାନଙ୍କୁ ବୋଲିଥିଲେ ପୁଣି ଏହି ଶେଷ କାଳେ ଆପଣା ପୁତ୍ର ଦ୍ୱାରା ଆମ୍ଭମାନଙ୍କୁ ବୋଲିଛନ୍ତି । ଏବ୍ରୀ ୧ ପର୍ବ ୧ ପଦ । ଆଉର ପ୍ରଭୁ ଯୀଶୁ ଖ୍ରୀଷ୍ଟ ସ୍ୱର୍ଗକୁ ଯିବାବେଳେ ଆପଣା ଶିଷ୍ୟମାନଙ୍କୁ ଆଜ୍ଞା ଦେଲେ ତୁମ୍ଭେମାନେ ସମସ୍ତ ଜଗତରେ ଯାଇ ପ୍ରତ୍ୟେକ ଲୋକର କତିରେ ମଙ୍ଗଳ ସମାଚାର ଘୋଷଣା କର ଏଥିରେ ଯେଉଂ ଜନ ବିଶ୍ୱାସ କରି ଜ୍ଞାନବନ୍ତ ହୁଅଇ ସେ ପରିତ୍ରାଣ ପାଇବ ଯେ ବିଶ୍ୱାସ ନ କରଇ ତାହାର ଦଣ୍ଡ ହେବ । ମାର୍କ ୧୬ ପର୍ବ ୧୫ ପଦ ।

୫ । ପରମେଶ୍ୱର ମନୁଷ୍ୟମାନଙ୍କର ମନକୁ ଦୀପ୍ତିମାନ ଓ ପ୍ରବୋଧ କରିବାର ଓ ନୂତନ କରିବାର ନିମନ୍ତେ ଆପଣା ଧର୍ମାତ୍ମା ଦାନ କରନ୍ତି ଧର୍ମାତ୍ମାର ଶିକ୍ଷା ଓ ସହାୟତା ବିନୁ କାହାର ଅନ୍ଧାର ଘୁଞ୍ଚି ନ ଯାଏ ଓ କାହାର ପବିତ୍ର ମନ ନ ହୁଅଇ ଓ କାହାର ଧର୍ମଜ୍ଞାନ ଓ ଆତ୍ମାର ପରିତ୍ରାଣ ନ ହୁଅଇ । ଏହି ଧର୍ମାତ୍ମା ସବୁ ପାପି ଜଣଙ୍କର ମନରେ କର୍ମ କରନ୍ତି ପାଠ କରିବାବେଳେ ଶୁଣିବାବେଳେ ଧ୍ୟାନ କରିବାବେଳେ ସେ ମନରେ ଆସି ଧର୍ମାତେ ମନକୁ ପ୍ରବର୍ତ୍ତାଇ ଦିଅନ୍ତି ପ୍ରଭୁ ଯୀଶୁ ଖ୍ରୀଷ୍ଟରେ ବିଶ୍ୱାସ କରିବାକୁ ସେ ଆମ୍ଭମାନଙ୍କୁ ମଣାନ୍ତି । ଏହି ଈଶ୍ୱରଙ୍କର ପ୍ରେମ ଲକ୍ଷଣ । ଲୂକ ୧୧ ପର୍ବ ୧୩ ପଦ ।

୬ । ପରମେଶ୍ୱର ମନୁଷ୍ୟମାନଙ୍କର ବିନାଶ ନ ଚାହିଁ ସେମାନ

ଙ୍କର ପରିତ୍ରାଣ ଇଚ୍ଛା କରନ୍ତି ଏଥିପାଁଇ ବଞ୍ଚାଇ ରଖନ୍ତି ଏହା ନୋ ହିଲେ ସେ ହଠାତ୍ ସବୁ ପାପିମାନଙ୍କୁ ଉଚ୍ଛିନ୍ନ କରି ପକାନ୍ତେ ମାତ୍ର ସେ ଦିନକୁଦିନ ବରଷକୁ ବରଷ ପାପିମାନଙ୍କୁ କ୍ଷମା କରି ନାନା ଆଶୀର୍ବାଦ ଦେଇ ସେମାନଙ୍କର ଅନନ୍ତ ମଙ୍ଗଳ ଲୋଡନ୍ତି । ଏଥି ନିମନ୍ତେ ସେ ଉପରି ଲେଖିଛ ଆପଣା ପୁତ୍ର ଆପଣା ବାକ୍ୟ ଆପଣା ମଣ୍ଡଳୀ ଆପଣା ଉପଦେଶକଗଣ ଓ ଆପଣା ଧର୍ମଆତ୍ମା ଦିଅନ୍ତି ପୁଣି ଏହି ସମସ୍ତ ଦାନର ଫଳ ଯେମନ୍ତ ତୁମ୍ଭମାନଙ୍କ ପ୍ରାପ୍ତ ହୁଅଇ ଏଥିପାଁଇ ସେ ତୁମ୍ଭମାନଙ୍କୁ ସମୟ ଦିଅନ୍ତି ଏହି ବାକ୍ୟ ତୁଡାନ୍ତ ।

---

## ଦ୍ୱିତୀୟ ଭାଗ ।

ପରିତ୍ରାଣର ନିମନ୍ତେ ଆମ୍ଭେ କି କରିବା ଯେଉଂମାନେ ଯଥାର୍ଥ ସତ୍ୟରୂପେ ଏହା ପଚାରନ୍ତି ସେ ଲୋକଙ୍କୁ ଧର୍ମପୁସ୍ତକରେ ଏହି ଉତ୍ତର ଦିଯାନ୍ତି ଯଥା ପ୍ରଭୁ ଯୀଶୁଖ୍ରୀଷ୍ଟରେ ବିଶ୍ୱାସ କର ତେଣୁ ତୁମ୍ଭେ ପରିତ୍ରାଣ ପାଇବ ।— ପାପିମାନଙ୍କୁ ତ୍ରାଣ କରିବା ପାଁଇ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଜଗତରେ ଅଇଲେ । ତଦ୍ଭିନ୍ନ ଆଉ କାହିଁରେ ପରିତ୍ରାଣ ନାହିଁ ଯେହେତୁ ଯାହାଠାରୁ ତ୍ରାଣ ହେବାକୁ ପାରଇ ଭୂମଣ୍ଡଳସ୍ଥ ଲୋକମାନଙ୍କଠାରେ ଏମନ୍ତ ଆଉ କୌଣସି ନାମ ଦିଯା ଯାଇ ନାହିଁ । ପ୍ରେରିତମାନଙ୍କର କ୍ରିୟା ୪ ପର୍ବ୍ବ ୧୨ ପଦ । ଖ୍ରୀଷ୍ଟ ତ୍ରାଣ କରିବାକୁ ସମ୍ପୂର୍ଣ୍ଣ ଯୋଗ୍ୟବନ୍ତ ଅଟନ୍ତି ଏଥିରେ ନାନା ପ୍ରମାଣ ଅଛି ।

୧ ପ୍ରମାଣ । ପାପିମାନଙ୍କୁ ତ୍ରାଣ କରିବାକୁ ସେ ଈଶ୍ୱରଙ୍କ ଦ୍ୱାରା ନିଯୁକ୍ତ ଥିଲେ । ଯଥା । ଈଶ୍ୱର ଜଗତକୁ ଅତି ପ୍ରେମକରି ଆପଣା ଅଦ୍ୱିତୀୟ ଆତ୍ମଜ ଦେଲେ ତେଣୁ ଯେଉଂ ଜନ ତାଙ୍କଠାରେ ବିଶ୍ୱାସ କରଇ ସେ ଜନର ବିନାଶ ନୋହି ଅନନ୍ତ ପରମାୟୁ ଭୋଗ

ହେବ । ଯୋହନ ଲେଖିତ ମଙ୍ଗଲ ସମାଚ୍ୟର ୩ ପର୍ବ ୧୪ ପଦ ।

ଈଶ୍ବର ଯୀଶୁକୁ ଉଠାଇ ଇଶ୍ରାୟେଲ ବଂଶମାନଙ୍କୁ ମନ ଫେରଣ ଓ ପାପକ୍ଷମା ଦେବାକୁ ରାଜା ଓ ତ୍ରାଣକର୍ତ୍ତା କରି ଆପଣା ଦକ୍ଷିଣ ପାର୍ଶ୍ବରେ ଉଚ୍ଚପଦସ୍ଥ କରିଅଛନ୍ତି ଏହାର ବିଷୟରେ ଅମ୍ଭେମାନେ ସାକ୍ଷୀ ଆଉ କେବଳ ଆମ୍ଭେମାନେ ନୋହୁଁ ଈଶ୍ବର ଆପଣା ଆଜ୍ଞା କାରିମାନଙ୍କୁ ଯେଉଂ ଧର୍ମଆତ୍ମା ଦେଇଅଛନ୍ତି ସେହି ସାକ୍ଷୀ ଅଛନ୍ତି । ପ୍ରେରିତମାନଙ୍କର କ୍ରିୟା ୫ ପର୍ବ ୩୧ ୩୨ ପଦ ।

୨ ପ୍ରମାଣ । ତାହାଙ୍କର ମହତ୍ତ୍ବ ପ୍ରକାଶେ ସେ ପାପିମାନଙ୍କୁ ଉଦ୍ଧାର କରିବାକୁ ଉର୍ଜ୍ଜନା ଯଥା । ସେ ପିତା ପରମେଶ୍ବରଙ୍କ ଅଦ୍ବିତୀୟ ଆତ୍ମଜ । ଯୋହନର ପ୍ରଥମ ପର୍ବ । ଯେ ଈଶ୍ବରଙ୍କ ମହିମାର ତେଜ ଓ ସାରର ପ୍ରତିମୂର୍ତ୍ତି ସେ ପୁତ୍ରଙ୍କ ଈଶ୍ବର ସର୍ବାଧିକାରୀ କରିଛନ୍ତି ଓ ତାହାଙ୍କ ଦ୍ବାରା ସକଳ ଜଗତର ସୃଷ୍ଟି କରିଛନ୍ତି । ଏବ୍ରୀମାନଙ୍କର ପ୍ରତି ଚିଠାଉ ୧ ପର୍ବ ।

ସେ ଅଦୃଶ୍ୟ ଈଶ୍ବରଙ୍କ ପ୍ରତିମୂର୍ତ୍ତିସ୍ବରୂପ ଓ ସମସ୍ତ ସୃଷ୍ଟିର ଆଦିକର୍ତ୍ତା ପୁଣି ସିଂହାସନ କି ରାଜାପଦ କି କର୍ତ୍ତାପଣ କି ପରାକ୍ରମ ସ୍ବର୍ଗରେ କି ପୃଥିବୀରେ ଦୃଶ୍ୟ ଅବା ଅଦୃଶ୍ୟ ହେଉ ଯେତେହେଂ ବସ୍ତୁ ଥାଏ ସମସ୍ତ ତାହାଙ୍କ ଦ୍ବାରା ଓ ତାହାଙ୍କର ପାଇଁ ସୃଷ୍ଟ ହୋଇ ଅଛି । କଲସୀୟ ପ୍ରତି ୧ ପର୍ବ ୧୪ ପଦ ।

ଖ୍ରୀଷ୍ଟରେ ସମ୍ପୂର୍ଣ୍ଣ ଈଶ୍ବରତ୍ବ ବିରାଜମାନଅଛନ୍ତି ଆଉ ସେ ସକଳ ରାଜ୍ୟର ଓ ପରାକ୍ରମର ମୁଣ୍ଡସ୍ବରୂପ ତାହାଙ୍କଠାରେ ତୁମ୍ଭେମାନେ ସିଦ୍ଧ ହେଉଅଛ । ୨ ପର୍ବ ।

ସେହି ଯୀଶୁଖ୍ରୀଷ୍ଟ ଶରୀର ଅନୁସାରେ ଦାଉଦର ବଂଶରେ ଉତ୍ପନ୍ନ ପୁଣି ଧର୍ମଆତ୍ମାନୁସାରେ ଦୃଢ଼ ପ୍ରମାଣରେ ଈଶ୍ବରଙ୍କ ପୁତ୍ର ଏହା ତାହାଙ୍କ ମୃତ୍ୟୁରୁ ଉତ୍ଥାନରେ ପ୍ରତିପନ୍ନ ହେଲା । ରୋମାନର ପ୍ରତି ୧ ପର୍ବ ୪ ପଦ ।

ଏନିମନ୍ତେ ଖ୍ରୀଷ୍ଟ ଈଶ୍ୱର ହୋଇ ମନୁଷ୍ୟମାନଙ୍କୁ ତ୍ରାଣ କରିବାକୁ ଭାଜନ ଅଟନ୍ତି ।

୩ ପ୍ରମାଣ । ପାପିମାନଙ୍କୁ ତ୍ରାଣ କରିବାକୁ ଯେ ଯାହା ପ୍ରୟୋଜନ ହୁଅଇ ତାହା ଖ୍ରୀଷ୍ଟ ସମ୍ପୂର୍ଣ୍ଣରୂପେ ସାଧନ କରିଛନ୍ତି ଏନିମନ୍ତେ ସେ ଯୋଗ୍ୟବନ୍ତ ତ୍ରାଣକର୍ତ୍ତା ।

ପ୍ରଥମ । ଯେଉ ଆଜ୍ଞାର ଲଙ୍ଘନ କରିବାର ସକାଶୁଁ ଅମ୍ଭେମାନେ ଦୋଷୀଅଛୁଁ ସେ ଆଜ୍ଞା ଯୀଶୁଖ୍ରୀଷ୍ଟ ସମ୍ପୂର୍ଣ୍ଣରୂପେ ପାଳିଛନ୍ତି ଏଣୁ ସେ ନିଷ୍ପାପୀ ପୁଣି ଏମନ୍ତ ଆଜ୍ଞା ପାଳଣ ଦ୍ୱାରା ଶାସନକର୍ତ୍ତା ଯେ ପରମେଶ୍ୱର ତାହାଙ୍କର ଶାସ୍ତ୍ରର ଆଦର ହୁଅଇ ଓ ତାହାଙ୍କ ଧର୍ମ ଆଜ୍ଞାର ତେଜ ଜଣାଯାଏ ।

ସେ କୌଣସି ପାପ କରି ନାହାନ୍ତି ପୁଣି ତାହାଙ୍କ ମୁଖର କୌଣସି ଛଳର କଥା ନ ଥିଲା ପୁଣି ନିନ୍ଦିତ ହୋଇଲେ ଫେର ନିନ୍ଦା କରି ନାହାନ୍ତି ଅବା ଦୁଃଖ ପାଇଲେହେଁ କାହାକୁ ଭର୍ତ୍ସନା କରି ନାହାନ୍ତି । ୧ ପିତର ୨ ପର୍ବ ୨୩ ପଦ ।

ପବିତ୍ର ଓ ଅହିଂସକ ଓ ନିର୍ମଳ ଓ ପାପିଗଣଠାରୁ ଭିନ୍ନ ଓ ସ୍ୱର୍ଗରୁ ଉଚ୍ଚୀକୃତ ଏମନ୍ତ ଏକ ମହା ଯାଜକ ଅମ୍ଭମାନଙ୍କର ଅବଶ୍ୟକ ଥିଲା । ଏବ୍ରୀୟ ୭ ପର୍ବ ୨୬ ପଦ ।

ସେ ଆପଣା ବ୍ୟବସ୍ଥା ସମ୍ଭ୍ରାନ୍ତ କରି ମର୍ଯ୍ୟାଦା କରିବେ ଯିଶାଇୟ ୪୨ ପର୍ବ ୨୧ ପଦ । ଯେହେତୁ ଅମ୍ଭେମାନେ ଯେମନ୍ତ ଖ୍ରୀଷ୍ଟରେ ଈଶ୍ୱରଙ୍କ ପୁଣ୍ୟସ୍ୱରୂପ ହୋଇ ଏଥିପାଇଁ ଯାହାଙ୍କର ପାପର ଲେଶ ନ ଥିଲା ତାହାଙ୍କୁ ସେ ପାପସ୍ୱରୂପ କରିଛନ୍ତି ୨ କରିନ୍ଥୀୟ ୫ ପର୍ବ ୨୧ ପଦ ।

ଦ୍ୱିତୀୟ । ଯେଉଂ ପାପର ଫଳ ଆମ୍ଭମାନଙ୍କୁ ଭୋଗିବାକୁ ଉଚିତ ସେ ପାପର ଫଳର ନିମନ୍ତେ ଖ୍ରୀଷ୍ଟ ଅମ୍ଭମାନଙ୍କର ବଦଳୀ ହୋଇ ପ୍ରାୟଶ୍ଚିତ୍ତ କରିଛନ୍ତି । ଯଥା ।

ଈଶ୍ୱରଙ୍କର ସହିତ ଅମ୍ଭମାନଙ୍କର ମିଳଣ କରାଇବାର ପାଇଁ ଆପେ ଧାର୍ମିକ ହୋଇ ଅଧାର୍ମିକମାନଙ୍କର ପରିବର୍ତ୍ତେ ଦୁଃଖ ଭୋଗ କଲେ ସେ ଦେହରେ ହତ ହୋଇ ଆତ୍ମାରେ ସଜୀବ ହେଲେ । ୧ ପିତର ୩ ପର୍ବ ୧୮ ପଦ ।

ସେ ସମସ୍ତଙ୍କର ନିମନ୍ତେ ମଲା । ୨ କରନ୍ଥୀୟ ୫ ପର୍ବ ୧୪ ପଦ ।

ଖ୍ରୀଷ୍ଟ ଅମ୍ଭମାନଙ୍କର ନିମନ୍ତେ ଆପେ ଶାପଗ୍ରସ୍ତ ହୋଇ ବ୍ୟବସ୍ଥାର ଶାପରୁ ଅମ୍ଭମାନଙ୍କୁ ମୁକ୍ତ କରିଛନ୍ତି । ଗାଲାତୀୟ ୩ ପର୍ବ ୧୪ ପଦ ।

ସେ ଆମ୍ଭମାନଙ୍କର ଆଜ୍ଞା ଲଙ୍ଘନର ନିମନ୍ତେ ଘାଉଆ ଓ ଅମ୍ଭମାନଙ୍କର ଅପରାଧର ନିମନ୍ତେ କ୍ଷତଯୁକ୍ତ ଅମ୍ଭମାନଙ୍କର ମଙ୍ଗଳ ଜନକ ଶାସ୍ତି ତାହାଙ୍କ ଉପରେ ବର୍ତ୍ତିଲା ପୁଣି ତାହାଙ୍କ ମାଡ ଖାଇବାରେ ଅମ୍ଭମାନଙ୍କର ସ୍ୱାସ୍ଥ୍ୟ ହୁଅଇ । ଯିଶାଇୟ ୫୩ ପର୍ବ ୫୬ ପଦ ।

ଭୃତୀୟ । ଖ୍ରୀଷ୍ଟ ମୃତ୍ୟୁରୁ ଉତ୍ଥାନ କରି ସ୍ୱର୍ଗରେ ଆରୋହି ଅମ୍ଭମାନଙ୍କର ମଧ୍ୟସ୍ଥ ହୋଇ ସର୍ବଦା ଈଶ୍ୱରଙ୍କ ଦକ୍ଷିଣରେ ନିବେଦନ କରୁଛନ୍ତି ପୁଣି ଆପଣାର ମଣ୍ଡଳୀର ରାଜା ଓ ଶାସନକର୍ତ୍ତା ଅଟନ୍ତି ।

ଯେମନ୍ତ କାହାର ଋଣ ଶୁଝିଲେ ସେ ବନ୍ଦିଘରରୁ ମୁକ୍ତି ପାଏ ତେମନ୍ତ ଖ୍ରୀଷ୍ଟ ଅମ୍ଭମାନଙ୍କର ପ୍ରତିନିଧି ହୋଇ ମୃତ୍ୟୁ ପର୍ଯ୍ୟନ୍ତେ ଅମ୍ଭମାନଙ୍କ ଋଣ ସବୁ ଶୋଧ କଲା ଉତ୍ତାରେ ସେ ମୃତ୍ୟୁରୁ ମୁକ୍ତ ହୋଇ ଅପେ ଉଠି ସ୍ୱର୍ଗକୁ ଗଲେ । ପୁଣି ସ୍ୱର୍ଗରେ ଥାଇ ସେ ସର୍ବଦା ଅମ୍ଭମାନଙ୍କ ପାପର କ୍ଷମା ଆପଣା ନିଜ ରକ୍ତପାତ ସକାଶେ ମାଗନ୍ତି । ଯଥା । କେହି ଯେବେ ପାପ କରଇ ତେବେ ଧାର୍ମିକ ଯୀଶୁଖ୍ରୀଷ୍ଟ ଈଶ୍ୱରଙ୍କର ଛାମୁରେ ଅମ୍ଭମାନଙ୍କର ପକ୍ଷବାଦୀ ଅଛନ୍ତି ପୁଣି ସେ ଅମ୍ଭମାନଙ୍କର ପାପର ନିମନ୍ତେ ଓ କେବଳ ତାହା ନୋହେ ସମସ୍ତ ଜଗତର ପାପର ନିମନ୍ତେ ପ୍ରାୟଶ୍ଚିତ୍ତ ଅଟନ୍ତି । ୧ ଯୋହନ ୨ ପର୍ବ ୨ ପଦ ।

ଏହେତୁ ଯେଉଂମାନେ ତାହାଙ୍କ ଦ୍ୱାରା ଈଶ୍ୱରଙ୍କ ଶରଣାଗତ

ହୁଅନ୍ତି ସେ ସେମାନଙ୍କର ନିମନ୍ତେ ନିବେଦନ କରିବାକୁ ନିତ୍ୟ ଜୀବିତ ଥିବାରୁଂ ସର୍ବତୋଭାବରେ ସେମାନଙ୍କୁ ତ୍ରାଣ କରିବାକୁ ପାରନ୍ତି । ଏବ୍ରୀୟ୍ମାନଙ୍କ ୭ ପର୍ବ ୨୫ ପଦ ।

ଏହି ପ୍ରକାରରେ ଖ୍ରୀଷ୍ଟ ପାପିମାନଙ୍କର ପାପର ପାଇଁ ପ୍ରାୟଶ୍ଚିତ୍ତ କଲେ ଓ ସେମାନଙ୍କର ପାଇଁ ପୁଣ୍ୟ ସଞ୍ଚୟ କଲେ ସେମାନଙ୍କର ମଙ୍ଗଳ ନିମନ୍ତେ ସର୍ବଦା ସ୍ୱର୍ଗରେ ଥାଇ ନିବେଦନ କରୁଛନ୍ତି ଏଣୁ ସେ ସମ୍ପୂର୍ଣ୍ଣ ତ୍ରାଣଦାତା ଅଟନ୍ତି । ଅତଏବ ସେ ସମସ୍ତ ପାପିମାନଙ୍କୁ ନିମନ୍ତ୍ରଣ କରି ପ୍ରତ୍ୟେକ ଜଣକୁ ଉଦ୍ଧାର କରିବାକୁ ପ୍ରସ୍ତୁତ ଅଛନ୍ତି ॥ ଯଥା । ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ ଆମ୍ଭ ନିକଟକୁ ଆସ ଅମ୍ଭେ ତୁମ୍ଭମାନଙ୍କୁ ବିଶ୍ରାମ ଦେବା । ମାଥିଉ ୧୧ ପର୍ବ ୨୮ ପଦ ।

ଅମ୍ଭେ ଦ୍ୱାରସ୍ୱରୂପ ଆମ୍ଭ ଦେଇ ଯେ କେହି ପ୍ରବେଶଇ ସେ ରକ୍ଷା ପାଇବ । ଯୋହନ ୧୦ ପର୍ବ ୯ ପଦ ।

ଯେ କେହି ଅମ୍ଭଠାରେ ଆସଇ ଅମ୍ଭେ କୌଣସି ପ୍ରକାରେ ତା ହାକୁ ଦୂର ନ କରିବା । ଯୋହନର ୬ ପର୍ବ ୩୭ ପଦ ।

ହେ ପାପିଷ୍ଠ ଭାଇମାନେ ଏଥିରେ ଦେଖାଯାଏ ଯେ ପ୍ରଭୁ ଯୀଶୁ ଖ୍ରୀଷ୍ଟ ସତ୍ୟ ତ୍ରାଣକର୍ତ୍ତା ଅଛନ୍ତି ଏଣୁ ଏହି ଯୋଗ୍ୟବନ୍ତ ମହତ୍ ପର୍ଯ୍ୟାପ୍ତ ଦୟାଳୁ ବିନତକାରୀ ତ୍ରାଣକର୍ତ୍ତାର ନିକଟକୁ ଆସ । ହେ ଦୋଷିକୃତ ସବୁ ଏହି ପାପିମାନଙ୍କର ବନ୍ଧୁ ଓ ପ୍ରତିନିଧୀ ପାଖକୁ ଆସ ସେ ତୁମ୍ଭର ପାପ ସବୁ ଆପଣା ରକ୍ତରେ ଶୋଧ କରିଛନ୍ତି । ହେ ଇଶ୍ୱରଙ୍କ ଅପରାଧିମାନେ ସବୁ ଏହି ମଧ୍ୟସ୍ଥ ଏ ଭଲଲୋକ ପାଖକୁ ଆସ ତେଣୁ ତୁମ୍ଭେ ଇଶ୍ୱରଙ୍କ ସଙ୍ଗରେ ମିଳଣ ପାଇବ ଓ ଶାନ୍ତି ମନ ହୋଇ ଧର୍ମଆଶାରେ ଆନନ୍ଦ କରିବ । ହେ ଭାରଗ୍ରସ୍ତ ପାପି ସ୍ୱଭାବୀ ଲୋକ ସବୁ ତୁମ୍ଭେମାନେ ଆସ ସେ ତୁମ୍ଭମାନଙ୍କର ମନକୁ ବିଶ୍ରାମ ଦେବେ ସେ ତୁମ୍ଭର ପାପିଷ୍ଠ କଠିଣ ମନ ନେଇ ଯାଇ ନୂଆ ପବିତ୍ର ନମ୍ର ମନ ଦେବେ । ହେ ଦରିଦ୍ର ଦୁଃଖିତ ଲୋକ ସବୁ ତୁମ୍ଭେମାନେ

ନି

ଆସ ସେ ତୁମ୍ଭପ୍ରତି ପ୍ରସନ୍ନ ହୋଇ ଅନନ୍ତ ଧନ ଦେଇ ସର୍ବଦା ତୁମ୍ଭ ମାନଙ୍କୁ ହୃଷ୍ଟଚିତ୍ତ କରିବେ । ହେ ନରକର ଅଧିକାରୀ ଶାପଗ୍ରସ୍ତ ସମସ୍ତେ ତୁମ୍ଭେମାନେ ଆସ ସେ ତୁମ୍ଭ ଦଣ୍ଡ ଘୁଞ୍ଚାଇ ତୁମ୍ଭମାନଙ୍କୁ ସ୍ବର୍ଗାଧିକାରୀ ଓ ଅନନ୍ତ ସୁଖ ଭଗୀ କରିବେ । ଆସ ଆସ ତାହାଙ୍କ ପ୍ରେମ ଦେଖି ତାହାଙ୍କ ପରିତ୍ରାଣ ଯେନ ସେ ଉଦ୍ଧାର କରି ପାରିବେ କି ନାହିଁ ତାହା ପରୀକ୍ଷା କରି ଆପଣମାନେ ବୁଝ । ଅବିଶ୍ବାସୀ ନ ହୋଇ ବିଶ୍ବାସୀ ହୁଅ । ଈଶ୍ବରଙ୍କର ବାକ୍ୟରେ ଅବଧାନ କର । ପିତାର ସାକ୍ଷ୍ୟ ଘେନ । ବିଶ୍ବାସ କରି ଆସ ତେଣୁ ତୁମ୍ଭ ମନର ବେଡି ଖସିଯିବ ସତ୍ୟ ବାକ୍ୟରେ ତୁମ୍ଭ ମନ ମୁକ୍ତ ପାଇବ ତୁମ୍ଭ ଆ ତ୍ମାର ପରିତ୍ରାଣ ହେବ । ଆସ ଉଚ୍ଛୁର ନ କର । ଆସ ତୁମ୍ଭେମାନେ ଈଶ୍ବରଙ୍କ ପୁତ୍ର କନ୍ୟାଗଣ ହୋଇ ଖ୍ରୀଷ୍ଟର ସଙ୍ଗରେ ଅନନ୍ତ ସ୍ବର୍ଗ ସୁଖର ଅଧିକାରୀ ହୋଇବ ଏହା ଈଶ୍ବର ଧର୍ମଆତ୍ମା ଦେଇ ତୁମ୍ଭମା ନଙ୍କ ମନର ସଙ୍ଗରେ ସାକ୍ଷ୍ୟ ଦେବେ ।

---

## ତୃତୀୟ ଭାଗ ।

କେମନ୍ତ କରି ଖ୍ରୀଷ୍ଟଙ୍କଠାରେ ଅନୁସରଣ କରିବାକୁ ହେବ ।

ଆପଣା ସ୍ବର୍ଗସ୍ଥ ପିତା ଓ ଈଶ୍ବର ଓ ସୃଷ୍ଟି ପ୍ରତିପାଳଣ ଶାସନାଦି କର୍ତ୍ତାଠାରେ ଯେତେବେଳେ କୌଣସି ପାପିଜଣ ନେଉଟି ଆସଇ ତେତେବେଳେ ସେ ଅବଶ୍ୟ ମନରେ ଖେଦ କରି କହିବ ଆହା ଆମ୍ଭେତ ମହା ଦୋଷୀ ଯେଉଂ ଈଶ୍ବର ଆମ୍ଭକୁ ସୃଜିଲେ ଯେଉଂ ପିତା ଆମ୍ଭକୁ ଦୟାକରି ଏତେ ଦିନ ଯାଏ ବଞ୍ଚାଇଲେ ଏମନ୍ତ ଆ ମ୍ଭର ଯଥାର୍ଥ ପ୍ରଭୁ ଓ ଖାଉନ୍ଦ ତାହାଙ୍କୁ ଆମ୍ଭେ ଛାଡି ନାନାଦି ମିଥ୍ୟା ପ୍ରଭୁ ସେବା କଲୁଁ । ତାହାଙ୍କ ସତ୍ୟ ଆଜ୍ଞା ଭଙ୍ଗି ଆମ୍ଭେ ଶୟତାନର ଆଜ୍ଞା ପାଳିଲୁଁ ଏଣୁକରି ଆମ୍ଭ ଓଜର ବାଟ ନାହିଁ ଈଶ୍ବର ଯେବେ

ଅମ୍ଭକୁ ଦୂର କରି ନରକରେ ପଠାଇ ଦିଅନ୍ତେ ତେବେ ସେ ନ୍ୟାୟ୍ୟବନ୍ତ କେବଳ ଅମ୍ଭ ପାପର ଫଲ ଦେଉ ଥାନ୍ତେ । ଏମନ୍ତ ଭାବନା କରି ସେ ଜଣ ଖେଦଯୁକ୍ତ ନମ୍ର ମନରେ ଆସିବ । ସେ କୌଣସି ନିର୍ଜ୍ଜନ ସ୍ଥାନେ ଯାଇ ଅଣ୍ଠୁ ପୋଡି ହାତ ଯୋଡି ଅଦୃଶ୍ୟ ଈଶ୍ୱରଙ୍କ ଅତି ବିଶ୍ୱାସ ଆଖିରେ ଅନାଇ ଯୀଶୁଖ୍ରୀଷ୍ଟର ନାମରେ କ୍ଷମା ମାଗିବ । ଯଥା ॥

ଅହେ ପ୍ରଭୁ ତୁମ୍ଭ ଗୋଡ ତଳେ ମୁହିଂ ପଡି
ଲଜ୍ଜା ଭରେ ମୁହଁ ପୋତି କରି ହାତ ଯୋଡି ॥
ମୋର ତ୍ରାଣ କର୍ତ୍ତାଙ୍କ ଯେ କ୍ରୁଶରେ ମରଣ
ଅହେ ପ୍ରଭୁ ତାହା ସବୁ କର ହେ ସ୍ମରଣ ॥
ସେହି ରକ୍ତେ ମୋର ଦୋଷ ସମସ୍ତ କଟାଅ ॥
ସେହି ରକ୍ତେ ମୋର ପାପ କ୍ଷମା କରି ଯାଅ
ଧର୍ମ୍ମଆତ୍ମା ଗୁଣେ ଦିଅ ମୋର ନୂଆ ମନ
ଯେସନେ ମୁଁ ଧର୍ମ୍ମ ବାଟେ କରିବ ଗମନ ॥

ଏମନ୍ତ ଆସିବାରେ ତିନି ଗୁଟିକ କଥା ବିଷୟରେ ତଦନ୍ତ କରିବାକୁ ଉଚିତ । ଯଥା ॥

୧ ॥ ଓଜର ଓ ଉଚ୍ଛୁର କରିବାର ବିଷୟରେ ତଦନ୍ତ ହୋଇ ଥାଅ ॥ ଯେତେବେଳେ ଈଶ୍ୱର ତୁମ୍ଭକୁ ଡାକନ୍ତି ସେହିକ୍ଷଣେ ଆସ ସେ ଏତେବେଳେ ତୁମ୍ଭର ପରିତ୍ରାଣ କରିବାକୁ ଇଚ୍ଛା କରନ୍ତି ସେ ଏବେହେଁ ତୁମ୍ଭକୁ ଗ୍ରହଣ କରି ତୁମ୍ଭର ପାପ ସବୁ କ୍ଷମା କରିବାକୁ ପ୍ରସ୍ତୁତ ଅଛନ୍ତି ଏନିମନ୍ତେ ବିଲମ୍ବ ନ କରି ଉଠି ଅସ । ଏମନ୍ତେ ନ କରି ଅନେକ ଲୋକ ନାନା ଓଜର କରି କହନ୍ତି ଅମ୍ଭେ ଅଜ୍ଞାନ ଅଟେ କିଛି ଜ୍ଞାନ ପାଇ ପଛେ ଯିବା । ଥୋକାଏ କହନ୍ତି ଅମ୍ଭେ ମହାତ ପାପିଷ୍ଠ କିଛି ପୁଣ୍ୟ ସଞ୍ଚୟ କଲେ ଯିବା । ଥୋକାଏ କହନ୍ତି ଅମ୍ଭେ ଯୁବା ଲୋକ ଆଉ ଅଳ୍ପ ବୟସ ହେଲେ ମାନିବା । ଥୋ

କାହେଁ କହନ୍ତି ମୁ ବିବାହ ହେଲେ ଯିବି । ଥୋକାଏଁ କହନ୍ତି ମୋ ପୁଅ କ ଝିଅ ବିବାହ ହେଲେ ଏଧର୍ମ ମାନବା । ଥୋକାଏଁ କହନ୍ତି ଅଗେ ବନ୍ଧୁମିଏ ଆଦ ବୁଝାଇ ପଛେ ଅସିବା । ଏମନ୍ତରେ କେହି ସଂସାର ଭୟରେ କେହି ସଂସାର ଲୋଭରେ କେହି ଜାତି ଭ୍ରଷ୍ଟ ଭୟରେ କେହି ପାପ ସ୍ନେହ କରିବାରେ କେହି ଅହଙ୍କାରରେ କେହି ଦୁର୍ବଳ ମନରେ ନାନା ପ୍ରକାର ଓଜର ବାନ୍ଧି ଉତ୍ତର କରନ୍ତି । ଏମନ୍ତ କଲେ କଜାଣି ଈଶ୍ୱର ଆଉ ଥର ତୁମ୍ଭଙ୍କୁ ନ ଡାକବେ ଅବା ଧର୍ମଆତ୍ମା ତୁମ୍ଭର ମନକୁ ପ୍ରବୋଧ ନ ଦେବେ ପୁଣି ପଛନ୍ତେ ତୁମ୍ଭ ମନ କଠିଣ ହୋଇ ଯାଇ ଶେଷରେ ବିନା ତ୍ରାଣକର୍ତ୍ତା ତୁମ୍ଭେ ଅନନ୍ତ ନରକରେ ପଡିବ । ଯଥା ଅମ୍ଭେ ଡାକଲୁଁ ପୁଣି ତୁମ୍ଭେମାନେ ଅବଧାନ ନ କଲ ଅମ୍ଭେ ଅପଣା ହାତ ବଢାଇଲୁଁ ପୁଣି ତୁମ୍ଭେମାନେ ଆମ୍ଭର ସବୁ ପରାମର୍ଶ ତୁଚ୍ଛ କଲ ଓ ଅମ୍ଭର ଅନୁଯୋଗ କଛି ଭଲ ନ ମଣିଲ ଏଣୁ ତୁମ୍ଭମାନଙ୍କ ବିପଦରେ ଆମ୍ଭେ ହସିବା ପୁଣି ତୁମ୍ଭମାନଙ୍କର ଭୟର ବିଷୟ ଅସିବାବେଳେ ଆମ୍ଭେ ପରିହାସ କରିବା ପ୍ରଭୁ ଏହା କହନ୍ତି । ହିତୋପଦେଶ ୧ ପର୍ବ ୨୪ ପଦ ॥

୨ ॥ ମିଥ୍ୟା ଭରସା ବିଷୟରେ ତରକ ହୋଇ ଥାଅ ।

ଯୀଶୁଖ୍ରୀଷ୍ଟରେ ଯେଉଂ ପରିତ୍ରାଣ ତାହା ଅମ୍ଭେମାନେ ବିନା କର୍ମରେ ଓ ବିନା ନିଜ ପୁଣ୍ୟରେ ପ୍ରାପ୍ତ ହୋଇ । ଯେମନ୍ତ ଲେଖା ଅଛି ଏଫିଶୀୟ ପ୍ରତି ୨ ପର୍ବ ୮ ପଦ ॥ ତୁମ୍ଭେମାନେ ବିଶ୍ୱାସ ଦ୍ୱାରା ଅନୁଗ୍ରହରେ ପରିତ୍ରାଣ ପାଉଅଛ ତୁମ୍ଭମାନଙ୍କ ନିଜଠାରୁ ହୋଇ ଅଛି ଏମନ୍ତ ନୋହେ ପୁଣି ତାହା ଈଶ୍ୱରଙ୍କ ଦାନ ହେଉଅଛି ପୁଣି କୌଣସି କେହି ଯେମନ୍ତ ଦର୍ପ ନ କରଇ ଏଣୁକରି ତାହା କ୍ରିୟାରୁ ନ ହୁଅଇ । ଏଣୁକରି ତୁମ୍ଭ ନିଜ କ୍ରିୟାରେ ଅବା ଜ୍ଞାନରେ ଅବା ପୁଣ୍ୟରେ ଲେଶ ମାତ୍ର ଭରସା ନ କର । ଅଥବା ଆମ୍ଭେ ପାପୀ ଅଛୁଁ ଅମ୍ଭେ କିଛି ଦାନ ପୁଣ୍ୟାଦି ଧର୍ମ କର୍ମ କଲୁ ଉତ୍ତାରୁ ଖ୍ରୀଷ୍ଟର

ଶରଣ ନେବୁଁ ଏମନ୍ତ କଥା କେବେହେଁ ନ କୁହ । ଯେମନ୍ତ ଅଛ ତେମନ୍ତ ଆସ ଦରିଦ୍ର ହେଲ ସତ୍ୟ ଧନ ପାଁଇ ପ୍ରଭୁ ପାଖକୁ ଆସ ଦୋଷୀ ହେଲ ନିର୍ଦ୍ଦୋଷ ହେବା ପାଁଇ ପ୍ରଭୁ ପାଖକୁ ଆସ ଅଶୁଚି ହେଲ ପବିତ୍ରୀକୃତ ହେବା ପାଁଇ ପ୍ରଭୁ ପାଖକୁ ଆସ ନଙ୍ଗଳା ହେଲ ଧର୍ମ ବସନ ପାଁଇ ପ୍ରଭୁ ପାଖକୁ ଆସ । ତୁମ୍ଭର ପରିତ୍ରାଣ କରିବାର ନିମନ୍ତେ ତୁମ୍ଭେ ପ୍ରଭୁଙ୍କୁ କିଛି ଦେଇ ନ ପାରିବ ପୁଣି ଆପଣାକୁ କିଛି ଭଲ କରିବାର ନିମନ୍ତେ କିଛି କରି ନ ପାରିବ । ସେ ଆପେ ପୂର୍ଣ୍ଣ ତ୍ରାଣକର୍ତ୍ତା ଅଟନ୍ତି ଏଣୁ ବିନା ମୂଲ୍ୟରେ ତାହାଙ୍କଠାରେ ପରିତ୍ରାଣ ମାଗି ନିଅ । ଯେ ଯାବତେ ଆଉ ସବୁ ଭରସା ତ୍ୟାଗ ନ କର ସେ ଯାବତେ ଖ୍ରୀଷ୍ଟରେ ପରିତ୍ରାଣ ପାଇବାକୁ ତୁମ୍ଭେମାନେ ଯୋଗ୍ୟ ନୋହ । ତୁମ୍ଭେ ସବୁ ନିଆତ ଦରିଦ୍ର ରୋଗୀ ନିର୍ବଳ ପାପିଅଛ ଏଣୁ ତେମନ୍ତ ଆପଣାକୁ ଜାଣି ଖ୍ରୀଷ୍ଟଚରଣକୁ ଆସ ତେଣୁ ସେ ତୁମ୍ଭମାନଙ୍କୁ ଗ୍ରହଣ କରି ଉଦ୍ଧାର କରିବେ ।

୩ । ଏକଚିତ୍ତ ହୋଇ ଆସି ପ୍ରଭୁଙ୍କୁ ଜୀବନ ଯାବତେ ସେବା କର ।

ଦୋମନା ଲୋକଙ୍କୁ ପ୍ରଭୁ ଭଲ ନ ଜାଣନ୍ତି ଏକାନ୍ତ ଚିତ୍ତରେ ଓ ସରଳ ଅନ୍ତଃକରଣରେ ପ୍ରଭୁଠାରେ ଅନୁସରଣ କଲେ ସେ ସନ୍ତୋଷ ହୋଇବେ । ତୁମ୍ଭଠାରୁ ସେ କିଛି ଦାନ ପୁଣ୍ୟ ନ ମାଗନ୍ତି ସେ ତୁମ୍ଭର ସମୁଦାୟ ମନ ଓ ପ୍ରେମ ଓ ଭକ୍ତି ମାଗନ୍ତି । ଯେବେ ଟଳ ଟଳ ମନରେ ଅବା କପଟ ଚିତ୍ତରେ ଆସ ସେ ତୁମ୍ଭମାନଙ୍କୁ ଆଶୀର୍ବାଦ ନ ଦେବେ ଏଣୁ ଷୋଳଅଣାତ୍ତ୍ୱପେ ମରଣ ଯାବତେ ତାହାଙ୍କଠାରେ ଆପଣାକୁ ସମର୍ପି ଦିଅ । ଏହାର ବିଷୟରେ ଧର୍ମପୁସ୍ତକରେ ବହୁତ ଉପଦେଶ ଅଛି ଯଥା ।

ତୁମ୍ଭର ସବୁ ଅନ୍ତଃକରଣ ସବୁ ମନ ସବୁ ବଳ ସବୁ ଜୀବନ ଦେଇ ପ୍ରଭୁ ପରମେଶ୍ୱରଙ୍କୁ ପ୍ରେମ କର ଏହି ପ୍ରଥମ ଓ ପ୍ରଧାନ ଆଜ୍ଞା ।

ଈଶ୍ୱର ଅଗ୍ରସ୍ୱରୂପ ପୁଣି ଯେଉଂମାନେ ତାହାଙ୍କର ଭଜନା କରନ୍ତି ସେମାନଙ୍କୁ ଆତ୍ମା ଦେଇ ସତ୍ୟରୂପେ ତାହାଙ୍କର ଭଜନା କରିବାକୁ ହୁଅନ୍ତି ।

ପାଉଲ କହନ୍ତି ଅମ୍ଭମାନଙ୍କର କେହି ଲୋକ ଯେ ଆପଣା ଅର୍ଥ ରେ ବଞ୍ଚଇ କି ମରଇ ତାହା ନୋହେ ଯେହେତୁ ଯେବେ ବଞ୍ଚି ତେବେ ପ୍ରଭୁର ଅର୍ଥରେ ବଞ୍ଚି ଅଛ। ଯେବେ ମରି ତେବେ ପ୍ରଭୁର ଅର୍ଥରେ ମରି ଏମନ୍ତରେ ଜୀବନରେ କି ମରଣରେ ଅମ୍ଭେମାନେ ପ୍ରଭୁର ଅଟୁଁ ।

ପ୍ରଭୁ କହନ୍ତି ଲାଓଦକେୟା ମଣ୍ଡଳୀକୁ ତୁମ୍ଭର କ୍ରିୟା ଅମ୍ଭେ ଜାଣି ତୁମ୍ଭେ ଶୀତଳ ନୁହ ଉଷ୍ଣଇ ନୁହ ପୁଣି ତୁମ୍ଭେ ଯେ ଶୀତଳ କଅବା ଉଷ୍ଣ ହୁଅ ଏହା ଅମ୍ଭର ଇଚ୍ଛା ଏନିମନ୍ତେ ଶୀତଳ କି ଉଷ୍ଣ ନୁହ ଈଷଦ୍ ଉଷ୍ଣ ହେବାରୁଂ ଅମ୍ଭେ ଆପଣା ମୁଖରୁ ତୁମ୍ଭମାନଙ୍କୁ ଉଦ୍‌ଗାର କରିବା ॥ ପ୍ରକାଶ ପୁସ୍ତକ ୩ ପର୍ବ ୧୬ ପଦ ।

ଏନିମନ୍ତେ ପ୍ରଭୁଠାରୁ ସ୍ୱର୍ଗାଧିକାର ଫଳସ୍ୱରୂପ ପାଇବ ଏହା ଜାଣି ତୁମ୍ଭେମାନେ ଯେଉଂ କର୍ମ କର ତାହା ମନୁଷ୍ୟର ଉଦ୍ଦେଶ ରେ ନ କରି ପ୍ରଭୁର ଉଦ୍ଦେଶରେ ପ୍ରଫୁଲ୍ଲ ମନରେ କର ।

୪ ॥ ସଂସାରିକ ଶତ୍ରୁମାନଙ୍କର ବିଷୟରେ ସାବଧାନ ହେଉ ।

ପରମେଶ୍ୱର ଯେତେବେଳେ ଏହି ଜଗତକୁ ସୃଷ୍ଟି କଲେ ତେ ତେବେଳେ ସେ ଆପଣା ସର୍ବ ସୃଷ୍ଟି ବସ୍ତୁଠାରେ ଦୃଷ୍ଟି କରି ସମସ୍ତକୁ ଅତ୍ୟୁତ୍ତମ ଦେଖିଲେ ମାତ୍ର ପାପ ପ୍ରବେଶିଲା ଉତ୍ତାରେ ଏହି ଜଗତ ସଂସାର ଶାପଗ୍ରସ୍ତ ହୋଇଲା ଏନିମନ୍ତେ ଏହି ଜଗତରେ ଅମ୍ଭମାନ ଙ୍କର ସ୍ଥିର ଅଧିକାର ନୁହଇ ଏଠାରେ ଅମ୍ଭେମାନେ ପ୍ରବାସୀ ଅଛୁଁ । ଯେବେ ଅମ୍ଭେମାନେ ସତ୍ୟ ଖ୍ରୀଷ୍ଟିୟାନ ତେବେ ଆମ୍ଭମାନଙ୍କର ପିତା ଓ ଅମ୍ଭମାନଙ୍କ ପିତାର ଘର ସ୍ୱର୍ଗରେ ଅଛନ୍ତି ସେଠାରେ ଅମ୍ଭମା ନଙ୍କର ପରମ ବନ୍ଧୁ ଥାନ୍ତି ସେଠାରେ ଅମ୍ଭମାନଙ୍କର ଅନନ୍ତ ଅଧି

କାରଣ ଏଣୁ ଅମ୍ଭେମାନେ ସବୁ ଯାତ୍ରୀସ୍ୱରୂପ । ପୁଣି ଯେଉଂମାନେ ଏହି ସଂସାରରେ ଆପଣାମାନଙ୍କର ସୁଖ ଖୋଜନ୍ତି ସେମାନେ ଅମ୍ଭ ମାନଙ୍କର ଉପକାରୀ ନୋହିବେ ସ୍ୱର୍ଗ ବାଟରେ ଚାଲିବାର ପାଇଁ ସହାୟକାରୀ ନୋହିବେ ମାତ୍ର ଅମ୍ଭମାନଙ୍କର ବାଟରେ ନାନା ବାଧା ଓ ଝୁଣ୍ଟିବାର ପଥର ପକାଇ ଦେବେ । ଆଉ ଏହି ଜଗତର ରାଜା ଯେ ଶୟତାନ ସେ ଓ ତାହାର ସେବକ ସମସ୍ତ ଆମ୍ଭମାନଙ୍କୁ ପରୀକ୍ଷା କରିବେ ପୁଣି ପାପରେ ଆମ୍ଭମାନଙ୍କୁ ନାଶିବାକୁ ନାନାଦି ପ୍ରକାର ଫାନ୍ଦ ପକାଇ ଉଦ୍ୟମ କରିବେ । ଏଥିପାଇଁ ଯେବେ ତୁମ୍ଭେ ଖ୍ରୀଷ୍ଟଙ୍କ ଅନୁସରଣ କର ତେବେ ଏହି ସଂସାରର ସହିତ କିଛି ମିତ୍ର ପଣ ନ କର । ପ୍ରଭୁ ଆପେ ତୁମ୍ଭକୁ କହନ୍ତି ଅମ୍ଭର ପଶ୍ଚାଦ୍‌ଗମନ କର ଅମ୍ଭେ ଯେମନ୍ତ ସଂସାରରେ ଥିଲୁଁ ପୁଣି ସଂସାରିକ ନୋହିଲୁଁ ତୁମ୍ଭେ ସେ ପ୍ରକାରେ ହୁଅ । ଅପଣାକୁ ଦମନ କର ଓ ଅପଣା କ୍ରୁଶ କାନ୍ଧେ ଘେନ ଅମ୍ଭର ପଛେ ଚାଲି ଆସ । ଏରୂପେ ଖ୍ରୀଷ୍ଟ ତୁମ୍ଭର ଦୃଷ୍ଟିରେ ସବୁବେଳେ ରଖି ତାହାଙ୍କ ଦୃଷ୍ଟାନ୍ତ ଓ ନମୁନା ପ୍ରମାଣେ ଆଚରଣ କର ।

୫ । ପ୍ରଭୁଙ୍କୁ ତୁମ୍ଭର ରାଜା ଓ ଅନୁଗ୍ରହ ଓ ବଳଦାତା ଜାଣ ।

ଅମ୍ଭମାନଙ୍କର ଶତ୍ରୁ ଅନେକ ଓ ଅତ୍ୟନ୍ତ ବଳିଆର ହେବାରୁଂ ଅମ୍ଭେମାନେ ନିଜ ବଳରେ କି ବୁଦ୍ଧିରେ ସେମାନଙ୍କ ସଙ୍ଗରେ ପାରିବା ନାହିଁ ପୁଣି ପାଉଲ କହନ୍ତି [ରୋମୀୟ ମଣ୍ଡଳୀ ପ୍ରତି ୮ ପର୍ବ ୩୪ ପଦ] ଖ୍ରୀଷ୍ଟଙ୍କ ପ୍ରେମର ସଙ୍ଗତରୁ ଅମ୍ଭମାନଙ୍କୁ ବିଚ୍ଛେଦ କରିବ କିସ କି କ୍ଳେଶ କି ଶୋକ କି ତାଡଣା କି ଦୁର୍ଭିକ୍ଷ କି ଉଲଙ୍ଗତା କି ବିପଦ କି ଖଡ଼ ଏହା ନ ହୁଅଇ ଅବର ଯେ ଅମ୍ଭମାନଙ୍କୁ ପ୍ରେମ କରନ୍ତି ତାହାଙ୍କ ଦ୍ୱାରା ଏହି ସମସ୍ତ ବିଷୟରେ ଅମ୍ଭେମାନେ ଜୟୀ ଉପରେ ଜୟୀ ହୋଇ । ଏମନ୍ତରେ ପ୍ରଭୁ ଯୀଶୁ ଦ୍ୱାରା ଯେବେ ଅମ୍ଭେମାନେ ଜୟୀ ହୋଇ ତେବେ ଉଚିତ ଅଛି ଯେ ଦିନକୁଦିନ

ପ୍ରଭୁଠାରେ ପ୍ରାର୍ଥନା କର ବଲ ବୁଦ୍ଧି ଇତ୍ୟାଦ ଉପକାର ମାଗି
ତାହା କଲେ ପ୍ରଭୁର ଜ୍ଞାନରେ ଜ୍ଞାନବନ୍ତ ହେବ ଓ ପ୍ରଭୁର ପ୍ରେ
ରେ ସ୍ନେହବନ୍ତ ହେବ ଓ ପ୍ରଭୁର ବଲରେ ବଲବନ୍ତ ହେବ ପୁ
ଶେଷରେ ପାପ ମୃତ୍ୟୁ ନରକକୁ ଜୟ କର ଅନନ୍ତ ଅମର ସ୍ୱର୍ଗ
ପ୍ରବେଶ ହୋଇ ଜୟକାରର ମୁକୁଟ ପାଇବ । ଏନିମନ୍ତେ ପ୍ର
ଯୀଶୁକୁ ତୁମ୍ଭର ରାଜା ଓ ଗୁରୁ ଓ ଉପକାର କର୍ତ୍ତା ଜାଣି ସ
ବେଳେ ତାହାଙ୍କର ଧର୍ମ ବାକ୍ୟ ପାଠ କର ଓ ତାହାଙ୍କର ନିକଟ
ଧର୍ମଆତ୍ମାର ଉପକାର ଶିକ୍ଷାଦ ପ୍ରାର୍ଥନା କର । ଅମ୍ଭମାନଙ୍କ
ଦୟାଳୁ ପିତା ପରମେଶ୍ୱର ପ୍ରଭୁ ଯୀଶୁଖ୍ରୀଷ୍ଟଠାରେ ସବୁ ପ୍ରକା
ପାରମାର୍ଥିକ ଆଶୀର୍ବାଦ ସଞ୍ଚୟ କର ଦେଇଛନ୍ତି । ମାଗ ତେ
ପାଇବ ଖୋଜ ତେବେ ମିଳିବ ଦ୍ୱାରକୁ ମାର ତେବେ ତାହା ଫି
ଯିବ ।

୭ । ଖ୍ରୀଷ୍ଟଙ୍କର ଚିହ୍ନ ଯେନି ମଣ୍ଡଳୀରେ ପ୍ରବେଶ ହୋଇ ତାହା
ନମୁନା ମତେ ଚଲ ।

ଏହି ପ୍ରକାରେ ମଣ୍ଡଳୀ ତୁମ୍ଭର ଘର ହେବ ଓ ଖ୍ରୀଷ୍ଟର
ବକ ଲୋକ ତୁମ୍ଭର ବନ୍ଧୁଗଣ ହୋଇବେ । ଏହାର ବିଷୟ
ଈଶ୍ୱରଙ୍କ ନିମନ୍ତ୍ରଣ ବାକ୍ୟରେ ମନ ଦଅ ଯଥା । ତୁମ୍ଭେମାନେ ପା
ମାନଙ୍କର ମଧ୍ୟରୁ ଆସି ପୃଥକ ହୋଇ କୌଣସି ଅଶୁଚି ବସ୍ତୁ
ଛୁଁଅ ତହିଁରେ ସର୍ବ ଶକ୍ତିମାନ ପରମେଶ୍ୱର କହୋଲୁଛନ୍ତି ଅ
ତୁମ୍ଭମାନଙ୍କୁ ଗ୍ରାହ୍ୟ କରିବା ଓ ତୁମ୍ଭମାନଙ୍କର ପିତା ହେବା ପୁ
ତୁମ୍ଭେମାନେ ଆମ୍ଭର କନ୍ୟା ପୁତ୍ର ହୋଇବ । ୨ କରନ୍ଥୀୟ
ପତ୍ର । ୧୭ ।୮ ପଦ ।

ସମାପ୍ତ ॥

*Printed at the Orissa Mission Press.*

B D-୪୪ 1

THE LIBRARY OF CONGRESS

DOBBS BROS. INC.
MAR 83
ST. AUGUSTINE
FLA.
32084

LC FT. MEADE
0 019 223 833 A